

ରାଜ୍‌ଙ୍କ ସହ ସାମନ୍ଥାଙ୍କ ଫଟୋ ଭାଇରାଲ

▶ପୃଷ୍ଠା ୧୦ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-321 ◆BHUBANESWAR ◆TUESDAY ◆20 MAY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୨୧ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୦ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଏସିଆରେ ଦ୍ରୁତଗତିରେ ବ୍ୟାପୁଛି କରୋନାର ଜେଏନ୧ ପ୍ରଜାତି | ସିଙ୍ଗାପୁରରୁ ୧୪ ହଜାର ନୂଆ ରୋଗୀ ଚିହ୍ନଟ

■ **ସିଙ୍ଗାପୁର, ୧୯।୫ (ଏଜେନ୍ସି):** କରୋନା ଭୂତାଣୁ ପୁଣି କାୟା ବିସ୍ତାର କରିବାରେ ଲାଗିଛି। ଏସିଆର ଅନେକ ଦେଶରେ ଏହି ସଂକ୍ରମଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ସିଙ୍ଗାପୁର, ହଂକଂ, ଚୀନ୍ ଏବଂ ଥାଇଲାଣ୍ଡ ଭଳି ଦେଶରେ ଏହା ଚିନ୍ତା ବଢ଼ାଇଲାଣି । ଏବେ ଓମିକ୍ରନର ନୂଆ ପ୍ରଜାତି ଜେଏନ୍୧ ଏବଂ ଏହାର ଉପ-ପ୍ରଜାତି ଏଲଏଫ୭, ଏନବି୧.୮ ଯୋଗୁଁ ସଂକ୍ରମଣ ବୃଦ୍ଧି ପାଉଥିବା କୁହାଯାଉଛି। ଏହି ଭୂତାଣୁ ସିଙ୍ଗାପୁରରେ ଅଣାୟତ୍ତ ପରିସ୍ଥିତି ସୃଷ୍ଟି କରିଛି। କେବଳ ମେ' ମାସ ପ୍ରାରମ୍ଭରେ ୧୪ ହଜାରରୁ ଅଧିକ ମାମଲା ସାମ୍ନାକୁ ଆସିଛି। ଏପ୍ରିଲ ଶେଷରେ ଏହି ସଂଖ୍ୟା ୧୧,୧୦୦ ଥିଲା। ଏବେ ମାମଲା ୨୮ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ହସ୍ପିଟାଲରେ ଭର୍ତ୍ତି ହେବା ସଂଖ୍ୟା ୩୦ ପ୍ରତିଶତ ବୃଦ୍ଧି ପାଇଛି। କିନ୍ତୁ ଆଇସିୟୁ ରୋଗୀସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ତେବେ ଏହି ପ୍ରଜାତି ପୂର୍ବାପେକ୍ଷା ଅଧିକ ବିପଜ୍ଜନକ ବୋଲି ଏ ପର୍ଯ୍ୟନ୍ତ କୌଣସି ପ୍ରମାଣ ନାହିଁ। କିନ୍ତୁ ଏହି ଲହରରେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ, ସେମାନେ ବେଶି ଆକ୍ରାନ୍ତ ହୋଇଛନ୍ତି ବୋଲି



ଜଣେ ଅଧିକାରୀ କହିଛନ୍ତି।

ସିଙ୍ଗାପୁରକୁ ଦେଖି ଚୀନ୍ ଏବଂ ଥାଇଲାଣ୍ଡ ସତର୍କ ହୋଇଯାଇଛନ୍ତି। ଚୀନ୍‌ରେ ରୋଗୀସଂଖ୍ୟା ଦ୍ୱିଗୁଣିତ ହୋଇଯାଇଛି। ଲୋକଙ୍କୁ ବୁଷ୍ଟର ଡୋଜ ନେବାକୁ ପରାମର୍ଶ ଦିଆଯାଇଛି। କରୋନା ଲହର ଦ୍ରୁତଗତିରେ ବ୍ୟାପିପାରେ ବୋଲି ଚୀନ୍ ପକ୍ଷରୁ କୁହାଯାଇଛି। ଥାଇଲାଣ୍ଡରେ ଦୁଇଟି ଅଲଗା ଅଲଗା ପ୍ରଜାତିର ମାମଲା ବୃଦ୍ଧି ପାଉଛି। ଭାରତରେ ୧୬୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ୬୨୦୦ କୋଟିର ଠକେଇ | ଇଡି ପଞ୍ଝାରେ ୟୁକୋ ବ୍ୟାଙ୍କ ପୂର୍ବତନ ଅଧ୍ୟକ୍ଷ

■ **ନୂଆଦିଲ୍ଲୀ,୧୯।୫(ଏଜେନ୍ସି):** ୟୁକୋ ବ୍ୟାଙ୍କର ପୂର୍ବତନ ସିଏମ୍‌ଡି ସୁବୋଧ କୁମାର ଗୋଏଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। କୋଲକାତାର ଏକ କମ୍ପାନୀ ସହିତ ଜଡିତ ୬୨୦୦ କୋଟିରୁ ଅଧିକ ଟଙ୍କାର ବ୍ୟାଙ୍କ ଋଣ ଠକେଇ ସହ ସଂପୃକ୍ତ ମନି ଲଣ୍ଡରିଂ ଅଭିଯୋଗରେ ତାଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ସିଏସ୍‌ପିଏଲ୍) ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ ତଦନ୍ତ ସହ ଜଡିତ ଗୋୟଲଙ୍କୁ ମେ ୧୬ରେ ତାଙ୍କ ବାସଭବନରୁ ଗିରଫ କରାଯାଇଥିଲା। ତାଙ୍କୁ ଚଳିତମାସ ୧୭ରେ କୋଲକାତାର ଏକ ସ୍ୱତନ୍ତ୍ର



ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) କୋର୍ଟରେ ହାଜର କରାଯାଇଥିଲା। ଏହାପରେ ତାଙ୍କୁ ମେ' ୨୧ ପର୍ଯ୍ୟନ୍ତ ଇଡି ହେପାଜତକୁ ପଠାଇ ଦେଇଥିବା ଇଡି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏହି ତଦନ୍ତର ଅଂଶ ସ୍ୱରୂପ, ଇଡି ଏପ୍ରିଲ ମାସରେ ଗୋଏଲ ଏବଂ ଅନ୍ୟ କିଛି ଲୋକଙ୍କ ଘର ଉପରେ ଚଢ଼ାଉ କରିଥିଲା। ସିଏସ୍‌ପିଏଲ୍‌କୁ ଋଣ ସୁବିଧା ମଞ୍ଜୁର କରିବା ଏବଂ ପରବର୍ତ୍ତୀ ସମୟରେ ୬୨୧୦.୭୨ କୋଟି ଟଙ୍କା (ସୁଧ ବିନା ମୂଳ ପରିମାଣ) ଋଣର ବଡ଼ ଧରଣର ଅର୍ଥ ହେରାଫେରିରୁ ସିବିଆଇ ଏଥିରେ ମନି ଲଣ୍ଡରିଂ ହୋଇଥିବା ଜାଣିବାକୁ ପାଇଥିଲା। ଇଡି ଦାବି କରିଛି ଯେ ୟୁକୋ ବ୍ୟାଙ୍କର ସିଏମଡି ଭାବରେ ଗୋୟଲଙ୍କ କାର୍ଯ୍ୟକାଳ ସମୟରେ ସିଏସପିଏଲକୁ ବିପୁଳ ଋଣ ସୁବିଧା ମଞ୍ଜୁର କରାଯାଇଥିଲା।

# କେନ୍ଦ୍ରୀୟ ଅନୁଦାନ କମିଲା ୧୮%

## ଉତ୍ସବମନସ୍କ ସରକାର; ଆର୍ଥିକ ସ୍ୱାସ୍ଥ୍ୟକୁ ନିଘା ନାହିଁ

■ **ଭୁବନେଶ୍ୱର,୧୯।୫(ସମିସ):** ତିନି ସପ୍ତାହ ପରେ କ୍ଷମତା ଦଖଲର ବର୍ଷପୂର୍ତ୍ତି ପାଳନ କରିବ ଡବଲ ଇଞ୍ଜିନ୍ ସରକାର। ଏହାକୁ ସ୍ମରଣୀୟ କରିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି । ଏହି ସମୟରେ ରାଜ୍ୟରେ ଆର୍ଥିକ ପରିଚାଳନା, କେନ୍ଦ୍ରୀୟ ଅନୁଦାନ ସର୍ବୋପରି ଟିକସ ସଂଗ୍ରହକୁ ନେଇ ଯେଉଁ ଚିତ୍ର ଆସିଛି, ତାହା ଅର୍ଥନୈତିକ ବିଶେଷଜ୍ଞଙ୍କ ନିଦ ହଜାଇ ଦେଇଛି। ମାତ୍ର ବର୍ଷଟିଏ ମଧ୍ୟରେ ରାଜ୍ୟର ବିତ୍ତୀୟ ପରିଚାଳନା ଲଗାମହୀନ ହୋଇ ପଡ଼ିଛି। ନିଜସ୍ୱ ରାଜସ୍ୱ, ଅଣ ରାଜସ୍ୱ, କେନ୍ଦ୍ରୀୟ ଅନୁଦାନ ସବୁ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଆୟ କମିଛି। ଏପରିକି ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରିବାରେ ଅସମର୍ଥ ହେବାରୁ କେନ୍ଦ୍ର ସରକାର ଅନୁଦାନ ହ୍ରାସ କରିଥିବା ମଧ୍ୟ କୁହାଯାଉଛି। ବିଡ଼ମ୍ବନା ହେଉଛି ୨୦୨୩-୨୪ ଆର୍ଥିକ ବର୍ଷର ଅନ୍ତିମ ମାସ ଅର୍ଥାତ୍ ମାର୍ଚ୍ଚ ୨୦୨୪ରେ ରାଜ୍ୟ ସରକାର କେନ୍ଦ୍ରଠାରୁ ଯେତିକି ଅନୁଦାନ ପାଇଥିଲେ, ୨୦୨୪-୨୫ ଆର୍ଥିକ ବର୍ଷର ଅନ୍ତିମ ମାସ ଅର୍ଥାତ୍ ମାର୍ଚ୍ଚ



**ରାଜ୍ୟର ନିଜସ୍ୱ ଟିକସ, ଅଣଟିକସ ଆଦାୟ ନୈରାଶ୍ୟଜନକ**

୨୦୨୫ରେ ପୂର୍ବବର୍ଷଠାରୁ କମ୍ ଅନୁଦାନ ପାଇଛନ୍ତି। ଅନ୍ୟପକ୍ଷରେ ଋଣ ବାବଦରେ କେନ୍ଦ୍ର ସରକାରଙ୍କଠାରୁ ଅଧିକ ଅର୍ଥ ଆଣିଛନ୍ତି। ବିତ୍ତୀୟ ପରିଚାଳନାରେ ଏପରି ବିଲକ୍ଷଣ ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟକୁ ରୁଗ୍ଣ କରିଥିଲେ ହେଁ ସରକାର ଏହାକୁ ନଜରଅନ୍ଦାଜ କରି ଚାଲିଛନ୍ତି।

ସୂଚନା ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷ ଅର୍ଥାତ୍ ବିଜେଡି ଶାସନର ଶେଷ ସମୟରେ କେନ୍ଦ୍ରୀୟ ଅନୁଦାନ ବାବଦରେ ଓଡ଼ିଶା ପାଇଥିଲା ୨୧୦୧୧ କୋଟି ଟଙ୍କା। ଯାହା ପୂର୍ବବର୍ଷର ୨୦୨୨-୨୩ର ଅନୁଦାନ ତୁଳନାରେ ୧୫.୪୫ ପ୍ରତିଶତ ଅଧିକ ରହିଥିଲା। ମାତ୍ର ୨୦୨୪ରେ ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ୍ ସରକାର ଓଡ଼ିଶାରେ କ୍ଷମତାସୀନ ହେବା ପରେ କେନ୍ଦ୍ରୀୟ ଅନୁଦାନ ଦ୍ୱିଗୁଣିତ ହେବା ଆଶା କରାଯାଉଥିଲା। ମାତ୍ର ବିଡ଼ମ୍ବନା ହେଉଛି ଡବଲ ଇଞ୍ଜିନ୍ ସରକାର କେନ୍ଦ୍ରରୁ ଅଧିକ ଋଣ ଆଣିବାରେ ତ ସଫଳ ହେଲା, ମାତ୍ର ଅଧିକ ଅନୁଦାନ ଆଣିବାରେ ସଫଳ ହୋଇ ପାରିଲା ନାହିଁ । ୨୦୨୪-୨୫ ଅର୍ଥାତ୍ ବିଜେପି ଶାସନର ପ୍ରଥମ ବର୍ଷରେ ଓଡ଼ିଶାକୁ ମାତ୍ର ୧୭୧୮୯ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ମିଳିଛି। ଯାହା ବିଜେଡିର ଶେଷ ବର୍ଷର ଶାସନ ସମୟରେ ମିଳିଥିବା କେନ୍ଦ୍ରୀୟ ଅନୁଦାନରୁ ୧୮.୧୯ ପ୍ରତିଶତ କମ୍ ।

ତେବେ ଅନୁଦାନ ହ୍ରାସକୁ ନେଇ ଅର୍ଥନୈତିକ ବିଶେଷଜ୍ଞମାନେ ଯେଉଁ କାରଣଟି ଦର୍ଶାଇଛନ୍ତି ତାହା ଅତ୍ୟନ୍ତ ସାଂଘାତିକ। କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରିବାରେ ରାଜ୍ୟ ସରକାରଙ୍କ ବିଫଳତା ଯୋଗୁଁ ଓଡ଼ିଶାକୁ ଅନୁଦାନ ହ୍ରାସ ପାଇଥିବା କୁହାଯାଉଛି। ସାଧାରଣତଃ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟକୁ ପର୍ଯ୍ୟାୟକ୍ରମେ କେନ୍ଦ୍ରୀୟ ଅନୁଦାନ ପ୍ରଦାନ କରିଥାଆନ୍ତି। ପ୍ରତ୍ୟେକ ପର୍ଯ୍ୟାୟରେ ଅନୁଦାନ ବ୍ୟୟ ପରେ କେନ୍ଦ୍ରକୁ ଖର୍ଚ୍ଚ ବିବରଣୀ ପଠାଯିବା ପରେ ପରବର୍ତ୍ତୀ କିସ୍ତି ମିଳିଥାଏ। ମାତ୍ର ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନ ବ୍ୟୟ କରିବାରେ ଅସମର୍ଥ ହୋଇଥିବାରୁ ପରବର୍ତ୍ତୀ କିସ୍ତି ଅର୍ଥ ଓଡ଼ିଶାକୁ ମିଳିଲା ନାହିଁ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ବିଭିନ୍ନ ବିଭାଗର ବଜେଟ ବରାଦ ବ୍ୟୟ ନ ହେବା ବିଭିନ୍ନ ବିଭାଗ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ଯାହା କେନ୍ଦ୍ରୀୟ ଅନୁଦାନ ▶ପୃଷ୍ଠା-୭

## ଭାରତ ଧର୍ମଶାଳା ନୁହେଁ: ସୁପ୍ରିମକୋର୍ଟ

■ **ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି):** ଭାରତ ଧର୍ମଶାଳା ନୁହେଁ। ସବୁଆଡୁ ଆସୁଥିବା ଶରଣାର୍ଥୀଙ୍କୁ ଦେଶରେ କାହିଁକି ଶରଣ ଦିଆଯିବ? ଆମେ ୧୪୦ କୋଟି ଲୋକଙ୍କ କଥା ବୁଝିବା ଲାଗି ସଂଘର୍ଷ କରୁଛୁ।

ଏଲ୍‌ଟିଟିଇରେ ସାମିଲ ଥିବା ସନ୍ଦେହରେ ଏହି ଶ୍ରୀଲଙ୍କା ନାଗରିକଙ୍କୁ ୨୦୧୫ରେ ଗିରଫ କରାଯାଇଥିଲା। ୟୁଏପିଏ ମାମଲାରେ ୭ ବର୍ଷର ଦଣ୍ଡାଦେଶ ଭୋଗିସାରିବା ପରେ ତାଙ୍କୁ

**ସବୁଆଡୁ ଆସୁଥିବା ଶରଣାର୍ଥୀଙ୍କୁ ଦେଶରେ ଆଶ୍ରୟ ଦେଇହେବନି**

**ଶ୍ରୀଲଙ୍କା ନାଗରିକଙ୍କ ଆବେଦନ ଖାରଜ କଲେ ଅଦାଲତ**



ଚାରିଆଡୁ ଆସିଥିବା ଶରଣାର୍ଥୀଙ୍କୁ ଦେଶରେ ଶରଣ ଦେଇହେବ ନାହିଁ। ଦେଶାନ୍ତର ଉପରେ ରୋକ୍ ଲଗାଇବା ଲାଗି ଶ୍ରୀଲଙ୍କା ନାଗରିକ (ତାମିଲ)ଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ଏହି ଟିପ୍ପଣୀ ଦେଇଛନ୍ତି। ଶରଣ ଦେବା ପାଇଁ ସେ କରିଥିବା ଆବେଦନକୁ ଜଷ୍ଟିସ ଦୀପାଙ୍କର ଦତ୍ତା ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ତୁରନ୍ତ ଭାରତ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ବିରୋଧରେ ସେ ସୁପ୍ରିମକୋର୍ଟ ଯାଇଥିଲେ। ମାମଲାରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। ସେ ଭିସା ନେଇ ପତ୍ନୀଙ୍କ ସହ ଭାରତ ଆସିଥିବା କହିଥିଲେ। କାରଣ ଶ୍ରୀଲଙ୍କାରେ ପତ୍ନୀଙ୍କ ଜୀବନ ପ୍ରତି ବିପଦ ଥିଲା ବୋଲି ସେ ଦର୍ଶାଇଥିଲେ। ଏବେ ପତ୍ନୀ ଏବଂ ପିଲାଛୁଆ ଭାରତରେ ରହୁଛନ୍ତି। କିନ୍ତୁ ତାଙ୍କୁ ▶ପୃଷ୍ଠା-୭

## ଶ୍ୱାସରୁଦ୍ଧ ହୋଇ ୪ ଶିଶୁ ମୃତ

■ **ମାଲକାନଗିରି, ୧୯।୫ (ସମିସ):** ଖେଳ ଖେଳରେ କାର୍ ମଧ୍ୟରେ ପଶି ଡୋର୍ ଦେଇଦେଲେ। କିନ୍ତୁ ଏହି ଖେଳ ଯେ ସେମାନଙ୍କ ପାଇଁ କାଳ ପାଲଟିଯିବ, ଭାବି ନଥିଲେ। ଡୋର୍ ଖୋଲି ନ ପାରିବାରୁ କିଛି ସମୟ ମଧ୍ୟରେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଲେ। ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଜିଲ୍ଲା ଦ୍ୱାରପୁଡି ଗାଁରେ ଏପରି ଏକ ହୃଦୟବିଦାରକ ଘଟଣା ଘଟିଛି।

**କାଳ ହେଲା କାର୍‌ରେ ଖେଳ**

ଏହି ୪ ଶିଶୁ ଆଜି ଘର ନିକଟରେ ଖେଳୁଥିଲେ। ସେଠାରେ ପାର୍କିଂ ହୋଇଥିବା ଏକ କାର୍‌ର ଡୋର୍ ଖୋଲାଥିବା ଦେଖି ତା' ଭିତରେ ପଶି ଯାଇଥିଲେ ଏବଂ ଡୋର୍‌ଟିକୁ ଭିତରୁ ବନ୍ଦ କରିଦେଇଥିଲେ। କାର୍‌ର ସବୁତକ ଡୋର୍ ବନ୍ଦ ହୋଇଯିବା ପରେ ଧୀରେଧୀରେ ଭିତରେ ଥିବା ଅମ୍ଳଜାନ ସରିଯାଇଥିଲା। ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ହେବାରୁ ସମସ୍ତେ ଛଟପଟ ହୋଇଥିଲେ ଏବଂ କାର୍ ଭିତରୁ ବାହାରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଡୋର୍ ଖୋଲିବା କୌଶଳ ସେମାନଙ୍କୁ ଜଣାନଥିଲା। କିଛି ସମୟ ମଧ୍ୟରେ ଜଣଙ୍କ ପରେ ଜଣେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ। ପରିବାରଲୋକ ବହୁ ଖୋଜାଖୋଜି କରି ସେମାନଙ୍କୁ କାର୍ ଭିତରୁ ନିଶ୍ଚଳ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଡାକ୍ତର ସେଠାରେ ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ।

## ଯୁବତୀଙ୍କୁ ୬ ଦିନ ଗଣଦୁଷ୍କର୍ମ

■ **ବାଲିଗୁଡ଼ା, ୧୯।୫ (ସମିସ):** ଔଷଧ ପାଇଁ ବଜାରକୁ ଆସିଥିବା ବାପା-ମା' ଛେଉଣ୍ଡ ଜଣେ ଯୁବତୀଙ୍କୁ ସହାୟତା ଆଳରେ ଅପହରଣ କରିବା ଏବଂ ଏକ ଭଡ଼ାଘରେ ଅଟକ ରଖି ୬ ଦିନ ଧରି ଗଣଦୁଷ୍କର୍ମ କରିବା ଘଟଣା କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ପୁଲିସ୍ ଜଣେ ଅଟୋ ଚାଳକ ସମେତ ତା'ର ୨ ସହଯୋଗୀଙ୍କୁ ଆଜି ଗିରଫ କରିଛି।



ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।।ଯେ ଗତ ୧୧ ତାରିଖରେ ପୀଡ଼ିତା କିଛି ଔଷଧ କିଣିବାକୁ ମୁଖ୍ୟ ବଜାରକୁ ଆସିଥିଲେ। ବାଲିଗୁଡ଼ା ପାର୍କ ନିକଟରେ ବସିଥିବା ବେ ।।ଳେ ଏକ ଅଟୋ ଆସି ତାଙ୍କୁ ତାଙ୍କ ଘରେ ଛାଡ଼ିଦେବାକୁ କହି ଚାଳକ ଅଟୋରେ ବସାଇଥିଲା। କିନ୍ତୁ ତାଙ୍କୁ ତାଙ୍କ ଘରେ ଛାଡ଼ିବା ପରିବର୍ତ୍ତେ ଜୋର୍‌ଜବରଦସ୍ତ ବାଲିଗୁଡ଼ାସ୍ଥିତ ଏକ ଭଡ଼ା ଘରକୁ ନେଇ ବନ୍ଦୀ କରି ରଖିଥିଲା। ଅଟୋ ଚାଳକ ଓ ତା'ର ୨ ସହଯୋଗୀ ୬ଦିନ କାଳ ସେଠାରେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିଲେ। ପୀଡ଼ିତାଙ୍କ ବାପା-ମା'ଙ୍କ ମୃତ୍ୟୁ ହୋଇଥିବା ବେଳେ ସେ ତାଙ୍କ ସମ୍ପର୍କୀୟଙ୍କ ପାଖରେ ରହୁଥିଲେ। ସେ ମଝିରେ ମଝିରେ ଗୀତ ଶିଖିବାକୁ ଆସି ବାଲିଗୁଡ଼ାରେ ଏପରି କିଛି ଦିନ ରହି ଫେରୁଥିବାରୁ ସମ୍ପର୍କୀୟ ଆଉ ଖୋଜିନଥିଲେ। ତେବେ ପୁଲିସ କୌଣସି ସୂତ୍ରରୁ ଏହି ଖବର ପାଇ ଭଡ଼ା ଘରୁ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ପୀଡ଼ିତାଙ୍କ ଅବସ୍ଥା ଗୁରୁତର ଥିବାରୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ପୁଲିସ ଅଭିଯୁକ୍ତ ୩ ଜଣଙ୍କୁ ଗିରଫ କରିବା ପରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି। ତେବେ ତଦନ୍ତରେ ବାଧା ଉପୁଜିବା ଏବଂ ଟିଆଇ ପରେଡ୍ ହୋଇନଥିବାରୁ ଅଭିଯୁକ୍ତଙ୍କ ପରିଚୟ ଗଣମାଧ୍ୟମକୁ ଦେବାକୁ ମନା କରିଦେଇଛନ୍ତି ଏସ୍‌ଡିପିଓ।

## ୨୮ ରେ ପ୍ରଧାନମନ୍ତ୍ରୀଙ୍କ ପୋଲାଭରମ୍ ବୈଠକ

**ଯୋଗଦେବେ ଓଡ଼ିଶା, ଆନ୍ଧ୍ର, ତେଲଙ୍ଗାନା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ**

■ **ଭୁବନେଶ୍ୱର,୧୯।୫(ସମିସ):** ପୋଲାଭରମ ପ୍ରକଳ୍ପରେ ଓଡ଼ିଶାର ସ୍ୱାର୍ଥ ଏବଂ ଦାବି ଦିନକୁ ଦିନ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଉଛି। ଓଡ଼ିଶାର ସବୁ ପ୍ରକାରର ବିରୋଧ ଏବଂ



ଉଦ୍‌ବେଗ ସତ୍ତ୍ୱେ ଏହି ପ୍ରକଳ୍ପ ଶୀଘ୍ର ସାରିବାକୁ ଆନ୍ଧ୍ରକୁ କେନ୍ଦ୍ର ସରକାର ସବୁ ପ୍ରକାର ସହାୟତା ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ଏହି ପ୍ରସଙ୍ଗରେ ରହସ୍ୟମୟ ନିରବତା ଅବଲମ୍ବନ କରିବା ରାଜ୍ୟବାସୀଙ୍କୁ ନିରାଶ କରିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୮ ତାରିଖରେ ପ୍ରଧାନମନ୍ତ୍ରୀ ପୋଲାଭରମ୍ ପ୍ରକଳ୍ପ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆହ୍ୱାନ କରିବା ଓଡ଼ିଶାବାସୀଙ୍କ ପାଇଁ ଆଶା ସଞ୍ଚାର କରିଛି। ଏହି ବୈଠକରେ ଓଡ଼ିଶା ସହ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଓ ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ।

## ବାଟବଣା ସ୍ୱାସ୍ଥ୍ୟସେବା | ଟ୍ୟୁମର୍ ରୋଗୀଙ୍କୁ ଗର୍ଭବତୀ ଚିକିତ୍ସା

■ **କୋରାପୁଟ, ୧୯।୫ (ସମିସ):** ପେଟରେ ବଢୁଛି ଟ୍ୟୁମର୍; କିନ୍ତୁ ତାଙ୍କୁ ଗର୍ଭବତୀ ଦର୍ଶାଇ ଚାଲିଛି ଚିକିତ୍ସା। ଦିନେ କି ଦୁଇ ଦିନ ନୁହେଁ, ମାସ ମାସ ଧରି ଦିଆଯାଉଛି ଆଇରନ୍, କ୍ୟାଲସିୟମ୍, ଭିଟାମିନ୍ ବଟିକା ସାଙ୍ଗକୁ ଟିକା। ଆଉ ଏପଟେ ପେଟରେ ବଢୁଥିବା ଟ୍ୟୁମର୍ ତା'ର କାୟା ବିସ୍ତାର କରିଚାଲିଛି। ଦିନକୁ ଦିନ ତାହା ଅଧିକରୁ ଅଧିକ ମାରାତ୍ମକ, ପ୍ରାଣଘାତୀ ହେବାରେ ଲାଗିଛି। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଅଞ୍ଚଳରେ ଜଣେ ମହିଳାଙ୍କ ଜୀବନ ସହ ସ୍ୱାସ୍ଥ୍ୟ ବିଭାଗର ଏପରି ଖେଳ ଏବେ ତାଙ୍କ ପାଇଁ କାଳ ସାଜିଛି। ମହିଳାଜଣଙ୍କ ହେଲେ, ଖୁରାଗାଁ ଗ୍ରାମର କବିଚନ୍ଦ୍ର ଝୋଡ଼ିଆ ପରଜାଙ୍କ ସ୍ତ୍ରୀ ରୁନି ଝୋଡ଼ିଆ ପରଜା। ଏହି ଘଟଣା ପଦାକୁ ଆସିବା ପରେ ଏବେ ତାଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ଉଦ୍‌ବେଗଜନକ ରହିଛି। ଏହି ଘଟଣା ଯୋଗୁଁ ରୁନିଙ୍କ ପରିବାରଲୋକ ଭୀଷଣ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି।

ସୂଚନାନୁଯାୟୀ, ୬ ମାସ ତଳେ ରୁନିଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ସେ ସ୍ଥାନୀୟ ଆଶାଦିଦିଙ୍କ ସହ ଯୋଗାଯୋଗ କରିଥିଲେ। ଆଶାଦିଦି ତାଙ୍କୁ ପଚରାଉଚରା କରି

**ମାନସିକ ଯନ୍ତ୍ରଣାରେ ଦମ୍ପତି**

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ଗର୍ଭ ପରୀକ୍ଷା କିଟ୍ ସହାୟତାରେ ତାଙ୍କର ପରୀକ୍ଷା କରାଇଥିଲେ। ସେଥିରେ ରୁନି ଗର୍ଭବତୀ ଥିବା ଜଣାପଡ଼ିଥିଲା। ତେଣୁ ଗତ ୨୦୨୪ ଡିସେମ୍ବର ୨୭ ତାରିଖରେ ଆଶାଦିଦିଜଣଙ୍କ ରୁନିଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ତାଙ୍କ ନାମରେ ମମତା କାର୍ଡ, ସ୍ୱାସ୍ଥ୍ୟକାର୍ଡ କରାଇ ଦେଇଥିଲେ। ଏପରିକି, ଗର୍ଭବତୀଙ୍କୁ ଦିଆଯାଉଥିବା ଇଞ୍ଜେକସନ୍, ଟିକା ଓ ଅନ୍ୟାନ୍ୟ ଔଷଧ ଦେବାର ବ୍ୟବସ୍ଥା ମଧ୍ୟ କରିଥିଲେ। ଏହା ପରଠାରୁ ତାଙ୍କୁ ଗର୍ଭବତୀ ମହିଳାଙ୍କ ଭଳି ନିୟମିତ ସମସ୍ତ ଚିକିତ୍ସା କରାଯାଉଥିଲା। ନିୟମିତ ବ୍ୟବଧାନରେ ଆଶା ଓ ଅଙ୍ଗନବାଡ଼ି ଦିଦିଙ୍କ ସହଯୋଗରେ ରୁନିଙ୍କୁ ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ସହାୟତା ଯୋଗାଇ ଦେଉଥିଲେ। ତାଙ୍କୁ ଦିଆଯାଇଥିବା ଚିକିତ୍ସାର ବିସ୍ତୃତ ବିବରଣୀ ତାଙ୍କ ପାଖରେ ଥିବା କାର୍ଡରେ ମଧ୍ୟ ଉଲ୍ଲେଖ ରହିଛି। ଚଳିତ ବର୍ଷ ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚରେ ମଧ୍ୟ ରୁନି ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ସ୍ୱାସ୍ଥ୍ୟ ଯାଞ୍ଚ କରିଥିବା ସେଥିରେ ଉଲ୍ଲେଖ ରହିଛି। ପରବର୍ତ୍ତୀ ସମୟରେ ରୁନିଙ୍କ ପେଟ ଯନ୍ତ୍ରଣା ସହ ଅନ୍ୟାନ୍ୟ ସମସ୍ୟା ବାହାରିଥିଲା। ଯନ୍ତ୍ରଣା ଅସହ୍ୟ ▶ପୃଷ୍ଠା-୭

## ୟୁଟ୍ୟୁବର୍ ଜ୍ୟୋତି ମାଲହୋତ୍ରାଙ୍କ ଓଡ଼ିଶା ଲିଙ୍କ୍

# ପ୍ରିୟଙ୍କାଙ୍କ ଅଡୁଆ ବଢୁଛି, ଜେରା କରିବ ଏନ୍‌ଆଇଏ

■ **ଭୁବନେଶ୍ୱର, ୧୯।୫ (ସମିସ):** ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ଗିରଫ ହୋଇଥିବା ହରିୟାଣା ହିସାର୍‌ର ୟୁଟ୍ୟୁବର୍ ଜ୍ୟୋତି ମଲହୋତ୍ରାଙ୍କ ଓଡ଼ିଶା ଲିଙ୍କ୍‌ର ଖୋଳତାଡ଼ ଆରମ୍ଭ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)। ଜ୍ୟୋତିଙ୍କ ସହ ପୁରୀର

**ପୁରୀ ପୁଲିସ୍‌ଠାରୁ ତଥ୍ୟ ସଂଗ୍ରହ କଲା ଏନ୍‌ଆଇଏ**

ପ୍ରିୟଙ୍କା ସେନାପତିଙ୍କ ସଂପର୍କ ଥିବା ଓ ଉଭୟ ପାକିସ୍ତାନ କରତାରପୁର ଯାଇଥିବାରୁ ଏନ୍‌ଆଇଏ ପୁରୀ ଏବଂ ହରିୟାଣା ପୁଲିସ୍‌ଠାରୁ ଦୁହିଁଙ୍କ ବାବଦରେ ବିଭିନ୍ନ ତଥ୍ୟ ସଂଗ୍ରହ କରିଛି। ଫଳରେ ପ୍ରିୟଙ୍କାଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଏନ୍‌ଆଇଏର ଏକ ଟିମ୍ ଖବ୍‌ଶୀଘ୍ର ପ୍ରିୟଙ୍କାଙ୍କୁ ପଚରାଉଚରା କରିବ ବୋଲି ଜଣାପଡ଼ିଛି। ଆବଶ୍ୟକ ପଡ଼ିଲେ, ତାଙ୍କୁ ହେପାଜତକୁ ମଧ୍ୟ ନେଇପାରେ ବୋଲି କୁହାଯାଉଛି।



ପ୍ରିୟଙ୍କାଙ୍କ ସହ ଜ୍ୟୋତି

ଜ୍ୟୋତି-ପ୍ରିୟଙ୍କାଙ୍କୁ ନେଇ ଜାତୀୟ ସ୍ତରରେ ଘଣ୍ଟାଚକଟା ଆରମ୍ଭ ହୋଇଥିଲା ବେଳେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ (ଏମ୍‌ଏଚ୍‌ଏ) ନିର୍ଦ୍ଦେଶକୁ ଅପେକ୍ଷା ରହିଛି। ଜ୍ୟୋତି ପୁରୀରେ ପହଞ୍ଚିବା ପରେ କୁଆଡ଼େ ଯାଇଥିଲେ? କେଉଁଠି ରହିଥିଲେ? କାହାକାହା ସହ ମିଶିଥିଲେ? ଶ୍ରୀମନ୍ଦିରକୁ କେତେଥର ଯାଇଥିଲେ? ପୁରୀ ।।ରେ ଥାଇ କାହା କାହା ସହ ଯୋଗାଯୋଗରେ ଥିଲେ? ପୁରୀ ପରେ ଅନ୍ୟ କେଉଁ ଜିଲ୍ଲାକୁ ଯାଇଥିଲେ? ଆଦି ସଂପର୍କରେ ଭିତିରିଆ ଖୋଳତାଡ଼ ଆରମ୍ଭ କରିଛି ଏନ୍‌ଆଇଏ। ସେହିପରି ପ୍ରିୟଙ୍କାଙ୍କ ଆକାଉଣ୍ଟକୁ ପାକିସ୍ତାନ କିମ୍ବା ଅନ୍ୟ କେଉଁ ସହରରୁ ଟଙ୍କା ଆସିଛି କି ନାହିଁ ତାହାର ମଧ୍ୟ ଯାଞ୍ଚ କରାଯାଉଛି। ଭାରତୀୟ ଗୁଇନ୍ଦା ସଂସ୍ଥା ଗତ କିଛି ମାସ ହେବ, ଜ୍ୟୋତିଙ୍କ ସହିତ ପ୍ରିୟଙ୍କାଙ୍କ ଗତିବିଧି ଉପରେ ମଧ୍ୟ ନଜର ରଖିଥିଲା।

## ୯ ଜଣଙ୍କୁ 'ଅନ୍‌ଫଲୋ' କଲେ ପ୍ରିୟଙ୍କା

■ **ପୁରୀ,୧୯।୫(ସମିସ):** ଜ୍ୟୋତିଙ୍କ ସହିତ ପ୍ରିୟଙ୍କାଙ୍କ ସମ୍ପର୍କକୁ ନେଇ ଦୁଇଦିନ ହେବ ଖୋଳତାଡ଼ ଚାଲିଛି। ଯଦିଓ ପ୍ରିୟଙ୍କାଙ୍କ ଭୂମିକା କ'ଣ ରହିଛି, ତାହା ସ୍ପଷ୍ଟ ହୋଇନାହିଁ, କିନ୍ତୁ ଅଡୁଆ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ଦୁଇ ଦିନ ଭିତରେ ୯ ଜଣଙ୍କୁ ଅନ୍‌ଫଲୋ କରିସାରିଲେଣି ପ୍ରିୟଙ୍କା। ପୂର୍ବରୁ ତାଙ୍କ ଇନ୍‌ଷ୍ଟା ଆଇଡିରେ ୨୨୫ ଜଣଙ୍କୁ ଫଲୋ କରୁଥିଲେ। ଦୁଇଦିନ ଧରି ଚର୍ଚ୍ଚାରେ ଥିବା ପ୍ରିୟଙ୍କା ଫଲୋ କରୁଥିବା ସଂଖ୍ୟା ୨୧୬କୁ ଖସି ଆସିଛି। ଏହି ଦୁଇ ତିନି ଦିନ ମଧ୍ୟରେ ପ୍ରିୟଙ୍କା କାହାକୁ ଅନ୍‌ଫଲୋ କରିଛନ୍ତି, ତାକୁ ନେଇ ଉଠିଛି ପ୍ରଶ୍ନ। ପୂର୍ବରୁ ପ୍ରିୟଙ୍କା ନିଜ ପାକିସ୍ତାନ ଗସ୍ତର ରିଲ୍‌ସ ଓ ଭିଡିଓକୁ ଉଭୟ ୟୁଟ୍ୟୁବ୍ ଆକାଉଣ୍ଟ ଏବଂ ଇନ୍‌ଷ୍ଟାରୁ ଡିଲିଟ୍ ▶ପୃଷ୍ଠା-୭







# ନିଖୋଜ ଇଞ୍ଜିନିୟରଙ୍କ ମୃତଦେହ ଉଦ୍ଧାର

**କଟକ, ୧୯।୫(ସମିସ):** କାଠଯୋଡି ନଦୀରେ ବୁଡି ନିଖୋଜ ଥିବା ଯୁବ ଇଞ୍ଜିନିୟରଙ୍କ ମୃତଦେହ ଆଜି ଉଦ୍ଧାର ହୋଇଛି। ମୃତକ ଜଣକ ହେଉଛନ୍ତି ମହାରାଷ୍ଟ୍ରର ରତିକ ବ୍ରିଜିନୀ(୨୮)। ଗତକାଲି ନଦୀରେ ଗାଧୋଉଥିଲା ବେଳେ ରତିକଙ୍କ ସହିତ ସହକର୍ମୀ ଇଞ୍ଜିନିୟର ରୁତିକେଶ ମଟଲ(୨୫) ମଧ ବୁଡି ଯାଇଥିଲେ। ଘଟଣାର କିଛି ସମୟ ପରେ ରୁତିକେଶଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମାତ୍ର ବିଳମ୍ବିତ ରାତି ସୁଦ୍ଧା ରତିକଙ୍କ ସନ୍ଧାନ ମିଳିନଥିଲା। ଫଳରେ ଉଦ୍ଧାରକାର୍ଯ୍ୟକୁ ସ୍ଥଗିତ ରଖାଯାଇଥିଲା। ଆଜି ସକାଳେ ଅଗ୍ନିଶମ ଟିମ ପୁନଃ ଘଟଣାସ୍ଥଳକୁ ଯାଇଥିଲା। ତଲାସି ଅଭିଯାନ ଆରମ୍ଭ ବେଳେ ଘଟଣାସ୍ଥଳ ଠାରୁ ଅଳ୍ପ ଦୂରରୁ ଭାସମାନ ଅବସ୍ଥାରେ ରତିକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏସ୍‌ସିବି ମେଡିକାଲରେ ଶବ ବ୍ୟବଚ୍ଛେଦ କରାଯାଇଛି। ଏନେଇ ଫେଜ-୨ ଥାନା ପୁଲିସ ୨ଟି ଅପମୃତ୍ୟୁ ମାମଲା ରୁଜୁ କରିଛି।

ଏଠାରେ ସୂଚନାଯୋଗ୍ୟ, ମହାରାଷ୍ଟ୍ରର ରୁତିକେଶ ଓ ରତିକ ପେସାରେ ଉଭୟ ଇଞ୍ଜିନିୟର। ଏସସିବି ମେଡିକାଲର ନବନିର୍ମିତ କୋଠାର ନିର୍ମାଣ ଦାୟିତ୍ୱରେ ଥିବା ଏଲ୍‌ଆଣ୍ଡଟି କମ୍ପାନୀରେ ଦୁଇ ଜଣ ନିଯୁକ୍ତ ଥିଲେ। ମର୍କତନଗର ସେକ୍ଟର ୧୦ ସ୍ଥିତ ମେସରେ ରହୁଥିଲେ। ରବିବାର ଛୁଟି ଥିବାରୁ ରୁତିକେଶ, ରତିକଙ୍କ ସହିତ ଆଉ ଦୁଇ କର୍ମଚାରୀ ଭୋଜିଭାତ କରିଥିଲେ। ଖାଇ ସାରିବା ପରେ ସମସ୍ତେ ଗାଧୋଇବା ନିମନ୍ତେ କାଠଯୋଡି ନଦୀକୂଳକୁ ଆସିଥିଲେ। ସେଠାରେ ପହଞ୍ଚି ନିଜ ନିଜ ଭିତରେ ସନ୍ତରଣ ପ୍ରତିଯୋଗୀତା କରିଥିଲେ। ତେବେ ୪ ଜଣଙ୍କ ମଧ୍ୟରୁ କାହାରିକୁ ପହଁରା ଜଣାନଥିଲା। ପ୍ରଥମେ ରୁତିକେଶ ନଦୀ ମଧ୍ୟକୁ ଡେଇଁ କୂଳ ଯାଏ ପହଁରି ଆସିବାକୁ ଚେଷ୍ଟା କରିଥିଲେ। ଏହା ଦେଖି ରତିକ ମଧ ନଦୀକୁ ଡେଇଁପଡ଼ିଥିଲେ। କିଛି ସମୟ ମଧ୍ୟରେ ଦୁଇ ବନ୍ଧୁ କୂଳରୁ ନଦୀ ମଝିକୁ ଚାଲି ଯାଇଥିଲେ। ପହଁରିବା ଜଣାନଥିବାରୁ ରତିକ ପାଣିରେ ବୁଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ରୁତିକେଶ ମଧ ନଦୀ ମଝିକୁ ଚାଲିଯାଇ ବୁଡି ଯାଇଥିଲେ। ଅସାବଧାନତାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିଲା।

# ବିଜେଡି ନେତାଙ୍କ ବିୟୋଗରେ ସ୍ମୃତିଚାରଣ ସଭା



**କଟକ, ୧୯।୫(ସମିସ):** ମହାନଦୀ ବିହାରସ୍ଥିତ ସେଲିବ୍ରେସନ ମଣ୍ଡପଠାରେ କଟକ ଚୌଦ୍ୱାର ବିଜେଡି ପକ୍ଷରୁ ବିଧାୟକ ସୌଭିକ ବିଶ୍ୱାଳଙ୍କ ସଭାପତିତ୍ୱରେ ବିଜୁ ଜନତା ଦଳ, କଟକ ନଗର କମିଟିର ସମ୍ପାଦକ ସର୍ଗତଃ ଚିତ୍ତରଞ୍ଜନ ସାହୁଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ ଓ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରଯାଇଥିଲା। ସର୍ଗତଃ ସାହୁ ଗତ ୧୬ ତାରିଖରେ କଟକ ରେଲ୍‌ୱେ ଷ୍ଟେସନ ନୂଆ ଗେଟ ନିକଟରେ ଆକସ୍ମିକ ସଡକ ଦୁର୍ଘଟଣାରେ ବିୟୋଗ ହୋଇଥିଲା। ସେ ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରି ବିଜୁ ଜନତା ଦଳ କଟକ ନଗର କମିଟିର ସମ୍ପାଦକ ଭାବେ ଦୀର୍ଘଦିନ ହେବା କାର୍ଯ୍ୟ କରି ଆସୁଥିଲେ ସେ ଜଣେ ଦୃଢ ସଂଗଠକ ଥିଲେ। ଏହି ସ୍ମୃତିସଭାରେ କଟକ ମହାନଗର ନିଗମର ଡେପୁଟୀ ମେୟର ଦମୟନ୍ତୀ ମାଝୀ, ବରିଷ୍ଠ ନେତୃତ୍ୱ ତଥା ପବର୍ବତନ କର୍ପୋରେଟର ବିଜୟ ସାହୁ, ଇଂ ସୁବ୍ରତ ଘଡାଇ, ରାଜେନ୍ଦ୍ର ରଣା, ତାପସ ମହାନ୍ତି, ସଞ୍ଜୟ ଜେନା, ବିଭୁତି ସ୍ୱାଇଁ, ପ୍ରଶାନ୍ତ ମହାନ୍ତି, ହିମାଂଶୁ ଷଡଙ୍ଗୀ, ଯୁଧିଷ୍ଠିର ବିଶ୍ୱାଳ, ସୁକାନ୍ତ ସାହୁ, ପ୍ରଭାକର ନନ୍ଦ, କର୍ପୋରେଟର ପଦ୍ମିନୀ ସାହୁ, ପ୍ରଜ୍ଞା ବେଉରା, ସୌଭାଗିନୀ ଜେନା, ଝିଲ୍ଲୀ ବିହାରୀ, ପ୍ରଦୀପ ସାହୁ, ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କା, ଦିଲ୍ଲୀପ ସାହୁ, ପ୍ରଫୁଲ ବେହେରା, ଇଂ ଆଶିଷ ସ୍ୱାଇଁ, ଦେବେନ୍ଦ୍ର କାହାଳୀଙ୍କ ସହ ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।

# ଗଣଦୁଷ୍କର୍ମ ପୀଡିତାଙ୍କୁ ୧ ଲକ୍ଷ ଠକେଇ ଘଟଣା

# ଡିଇଓ, କ୍ରୀଡ଼ା ଶିକ୍ଷୟିତ୍ରୀ ଗିରଫ

**କଟକ, ୧୯।୫(ସମିସ)**

ଜଣେ ଗଣଦୁଷ୍କର୍ମ ପୀଡିତାଙ୍କର ଅନୁକମ୍ପା ରାଶି ଦେବା ନାଁରେ ୧ ଲକ୍ଷ ଟଙ୍କା ଠକିନେବା ଘଟଣାରେ ଲାଲବାଗ ଥାନା ପୁଲିସ ୨ ଜଣ ସରକାରୀ କର୍ମଚାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଭୁବନେଶ୍ୱର ବାଲିଅନ୍ତା ଥାନା ସତ୍ୟଭାମାପୁରରେ ରହୁଥିବା ଜଗତସିଂହପୁର ଜିଲ୍ଲା ନାଉଗାଁର ଅମୀୟ କୁମାର ସାହୁ(୪୫) ଓ ବାଙ୍କୀ ଥାନା ରଣପୁରର ସଙ୍ଗୀତା ସିଂହ(୩୮)। ଅଭିଯୁକ୍ତ ଅମୀୟ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଡାଟା ଏଣ୍ଟ୍ରି ଅପରେଟର(ଡିଇଓ) ଏବଂ ସଙ୍ଗୀତା ବେଗୁନିଆ ବ୍ଲକ ଅନ୍ତର୍ଗତ ଜନତା ନୋଡାଲ ବିଦ୍ୟାପୀଠର ଖେଳ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ଉଭୟଙ୍କ ଠାରୁ ୪ଟି ମୋବାଇଲ, ଟଙ୍କା ଦେଣନେଣର କିଛି ମୋବାଇଲ ସ୍କ୍ରିନସଟ ପୁଲିସ ଜବତ କରିଛି। ଆଜି ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ଏଡିସିପି ଅମରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

ପୁଲିସ ସୂଚନା ଅନୁସାରେ, କଟକ ଜିଲ୍ଲା ନରସିଂହପୁର ଥାନା ଅଞ୍ଚଳର ଜଣେ ନାବାଳିକା(ବର୍ତ୍ତମାନ ସେ ସାବାଳିକା) ୨୦୨୦ ମସିହାରେ ଗଣଦୁଷ୍କର୍ମର ଶିକାର ହୋଇଥିଲେ। ଏହା ବିରୋଧରେ ପୀଡିତା ଜଣକ ଆଇନସେବା ପ୍ରାଧିକରଣର ଦ୍ୱାରସ୍ଥ ହୋଇଥିଲେ। ଏହି ଆଧାରରେ ପ୍ରାଧିକରଣ ପକ୍ଷରୁ ତାଙ୍କୁ ମୋଟ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ଆର୍ଥିକ ଅନୁକମ୍ପା ପ୍ରଦାନ କରିବାକୁ ମଞ୍ଜୁରୀ ମିଳିଥିଲା। ପୀଡିତାଙ୍କୁ ୩ ଲକ୍ଷ ୭୫ ହଜାର ଟଙ୍କା ଅନୁକମ୍ପା ରାଶି ମିଳିଛି। ତେବେ ଗତ ୧୭ତାରିଖରେ ପୀଡିତା ଆସି ଲାଲବାଗ ଥାନାରେ ଅଭିଯୋଗ କଲେ ଯେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାମ କରୁଥିବା କିଛି କର୍ମଚାରୀ ତାଙ୍କୁ ଡରାଇ ଧମକାଇ ଉକ୍ତ ଅନୁକମ୍ପା ରାଶିରୁ ୧ ଲକ୍ଷ ୧ ହଜାର ଟଙ୍କା ନେଇଯାଇଛନ୍ତି।

## ୪ଟି ମୋବାଇଲ୍ ଫୋନ୍ ଓ ସ୍କ୍ରିନ୍‌ସଟ୍ ଜବତ

ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା ଏକ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। ପୀଡିତା ଦେଇଥିବା ବ୍ୟାଙ୍କ ତଥ୍ୟ ଆଧାରରେ ପୁଲିସ ୨ ଜଣଙ୍କୁ ପଚରାଉଚରା କରିବାରୁ ଟଙ୍କା ନେଣଦେଣ ପଛର ରହସ୍ୟ ଖୋଲିଥିଲା। ଟଙ୍କା ହଡପ ତଥା ଠକେଇ ପଛର ମୁଖ୍ୟ କାର୍ପଟଦାର ହେଉଛି ଅମୀୟ ସାହୁ। ପୂର୍ବରୁ ଅମୀୟ କଟକର ବାଙ୍କୀ ବ୍ଲକ ଅଫିସରେ ଡିଇଓ ଭାବେ କାମ କରୁଥିଲା। ଶିକ୍ଷୟିତ୍ରୀ ହୋଇଥିବାରୁ ବହୁ ସମୟରେ ସଙ୍ଗୀତା ବାଙ୍କୀ ବ୍ଲକ ଅଫିସ ଯାଇଥାନ୍ତି। ସେହି ଯାଆସ



ବେଳେ ଶିକ୍ଷୟିତ୍ରୀ ସଙ୍ଗୀତା ସିଂହ ସହିତ ତାର ପରିଚୟ ହୋଇଥିଲା। ତେବେ ଅମୀୟ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆସି କାମ କରିବା ପରେ ମଧ ସଙ୍ଗୀତାଙ୍କ ସହିତ ଯୋଗାଯୋଗରେ ଥିଲେ। ବର୍ତ୍ତମାନ ନୟାଗଡ଼ରେ ବିବାହ କରିଥିବା ପୀଡିତାଙ୍କ ଅନୁକମ୍ପା ରାଶି ଗତ ମାର୍ଚ୍ଚ ମାସରେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଦ୍ୱାରା ପାସ ହୋଇଛି। ଏ ସମ୍ପର୍କିତ କାଗଜପତ୍ର ପ୍ରସ୍ତୁତିରେ ଡାଟା ଏଣ୍ଟ୍ରି ଅପରେଟର ତଥା କିରାଣୀ ଅମୀୟ ସହଯୋଗ କରିଥିଲା। ତେଣୁ ଅମୀୟ ଉକ୍ତ ଅନୁକମ୍ପା ରାଶିରୁ ୧ ଲକ୍ଷ ଟଙ୍କା ହଡପ କିରବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ଏଥିରେ ସେ ସଙ୍ଗୀତାଙ୍କୁ ସାମିଲ କରିଥିଲା। ଯେହେତୁ ବାଙ୍କୀରେ ରହୁଥିବା ସଙ୍ଗୀତା ହେଉଛନ୍ତି ନରସିଂହପୁରର ମୂଳ ବାସିନ୍ଦା, ତେଣୁ ଦୁଷ୍କର୍ମ ପୀଡିତାଙ୍କ ବିଷୟରେ ସଙ୍ଗୀତାଙ୍କୁ ଅଧିକ କିଛି ଜଣାଥିଲା। ସଙ୍ଗୀତା ନିଜକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ପରିଚୟ ଦେଇ ପୀଡିତାଙ୍କୁ ଫୋନ କରି ଲକ୍ଷେ ଟଙ୍କା ମାଗିଥିଲେ। ବାରମ୍ବାର ଫୋନ କରି ଧମକ ଦେବାରୁ ପୀଡିତା ଭୟରେ ୧ ଲକ୍ଷ ୧ ହଜାର ଟଙ୍କା ୩ଟି କିସ୍ତିରେ ୨ଟି ଫୋନ ପେ' ନମ୍ବରରେ ପଠାଇ ଦେଇଥିଲେ। ସଙ୍ଗୀତା ନିଜର ୨ ସମ୍ପର୍କୀୟଙ୍କ ଫୋନ ପେ' ଆକାଉଣ୍ଟରେ ଟଙ୍କା ନେବା ପରେ ତୁରନ୍ତ ନିଜ ବ୍ୟାଙ୍କ ଖାତାକୁ ଟ୍ରାନ୍ସଫର କରିନେଇଥିଲେ। ଆଉ ସେହି ଟଙ୍କାକୁ ମୁଖ୍ୟ ଅଭିଯୁକ୍ତ ଅମୀୟ ସହିତ ବାଣ୍ଟି ନେଇଥିଲେ। ତେବେ ଟଙ୍କା ଦେବାର କିଛି ଦିନ ପରେ ପୀଡିତାଙ୍କ ମନରେ ସନ୍ଦେହ ହୋଇଥିଲା। ତେଣୁ ପୀଡିତା ପୁନର୍ବାର ସଙ୍ଗୀତାଙ୍କୁ ଫୋନ କରି ଟଙ୍କା ବିଷୟ ପଚାରିବାରୁ ସେ ଫୋନ ବ୍ଲକ କରିଦେଇଥିଲେ। ଏହାପରେ ପୀଡିତା ଥାନାରେ ଏତଲା ଦେବାରୁ ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

# ୮ ଟି ଅଭିଯୋଗର ତ୍ୱରିତ ସମାଧାନ



**କଟକ, ୧୯।୫(ସମିସ):** କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ କଟକ ଡିସିପି ଖିଲାରି ରଷିକେଷ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଜିର ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୬୫ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୫୬ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୯ଟି ସାମୁହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୮ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବିଭାଗର ଅଧିକାରୀମାନେ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇଥିଲେ। ଜିଲ୍ଲାପାଳଙ୍କ ପରବର୍ତ୍ତୀ ଜନଶୁଣାଣି ଆସନ୍ତା ୨୬ ତାରିଖରେ ନିଆଳି ବ୍ଲକ ଠାରେ ସକାଳ ୭ ଘଟିକା ସମୟରେ ଅନୁଷ୍ଠିତ ହେବ।

# ଡ. ପ୍ରଫୁଲ୍ଲ ପୃଷ୍ଟି ଆୟକର ତଦନ୍ତ ଓ ଅପରାଧୀ ଗୁଇନ୍ଦାର ନୂତନ ପ୍ରଧାନ ମହାନିର୍ଦ୍ଦେଶକ

**କଟକ, ୧୯।୫(ସମିସ):** ୧୯୯୦ ବ୍ୟାଚର ଭାରତୀୟ ରାଜସ୍ୱ ସେବା (ଆଇଆରଏସ) ଅଧିକାରୀ ଡକ୍ଟର ପ୍ରଫୁଲ୍ଲ କୁମାର ପୃଷ୍ଟି ଆୟକର (ତଦନ୍ତ ଓ ଅପରାଧୀୟ ଗୁଇନ୍ଦା) ର ପ୍ରଧାନ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡକ୍ଟର ପୃଷ୍ଟି ତିନି ଦଶନ୍ଧିରୁ ଅଧିକ ସମୟ ଧରି ପ୍ରତ୍ୟକ୍ଷ କର ପ୍ରଶାସନ, ଅପରାଧିକ ତଦନ୍ତ ଓ ଅର୍ଥନୈତିକ ଗୁଇନ୍ଦା



କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦତ କରିଛନ୍ତି। ତାଙ୍କର ପ୍ରାରମ୍ଭିକ ପଦବୀରେ ସେ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ହରିୟାଣାରେ ସହାୟକ ଆୟକର ଆୟୁକ୍ତ ଏବଂ ତଦନ୍ତ ଶାଖାରେ ସହକାରୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲ। ସେ ଆୟକର ଆୟୁକ୍ତ, ଏସଏଏଫଇଏମ(ଏଫଓପି) ଆଇନ ଓ ଏନଡିପିଏସ ଆଇନ ଅଧୀନରେ ପ୍ରାଧିକୃତ କର୍ତ୍ତୃପକ୍ଷ, ଆୟକର ଆୟୁକ୍ତ ଏବଂ ଦିଲ୍ଲୀରେ ମୁଖ୍ୟ ଆୟକର ଆୟୁକ୍ତ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି। ଜେଏନୟୁରୁ ଅର୍ଥନୀତିରେ ପିଏଚଡି ଡିଗ୍ରୀ ପ୍ରାପ୍ତ ଡକ୍ଟର ପୃଷ୍ଟିଙ୍କର ଅନୁପାଳନ ଓ କଳା ଅର୍ଥନୀତି ଉପରେ ବ୍ୟାପକ ଗବେଷଣା କରିଛନ୍ତି ଏବଂ ଦିଲ୍ଲୀ ପୁଲିସ, ଏନସିବି ଓ ଡିଆରଆଇର ଅଧିକାରୀମାନଙ୍କୁ ଆର୍ଥିକ ଅପରାଧ ଓ ଜବତ ଆଇନ ଉପରେ ତାଲିମ ପ୍ରଦାନ କରିଛନ୍ତି। ତାଙ୍କର ଏହି ନିଯୁକ୍ତି ଭାରତର କର ଅପରାଧ ଓ ଆର୍ଥିକ ଅବୈଧ ପ୍ରବାହ ବିରୁଦ୍ଧରେ ଲଢେଇକୁ ଏକା କୌଶଳଗତ ବୃଦ୍ଧି ଭାବେ ଦେଖାଯାଉଛି।

# ହାଇକୋର୍ଟ ଲିଗାଲ ଆସିଷ୍ଟାଣ୍ଟ ସଂଘ ପକ୍ଷରୁ ନାଟକ ମଞ୍ଚସ୍ଥ



**କଟକ, ୧୯।୫(ସମିସ):** ଓଡ଼ିଶା ହାଇକୋର୍ଟ ଲିଗାଲ ଆସିଷ୍ଟାଣ୍ଟ ସଂଘର ୪୦ ତମ ଦୁଇଦିନିଆ ବାର୍ଷିକୋତ୍ସବ ଅବସରରେ ଅନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ନାଟକ 'କଳଙ୍କ ମୋ ପାଇଁ ଚନ୍ଦନ ଟୋପା' ଓ 'ହାଃ କୃଷ୍ଣ ବୋଲି ଜୀବନ ଯାଉ' ମଞ୍ଚସ୍ଥ ହୋଇଯାଇଛି। ସ୍ଥାନୀୟ ଜୁଡିସିଆଲ ଛକ ଠାରେ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବର ଉଦଘାଟନୀ ସଭାରେ ହାଇକୋର୍ଟର ବିଚାରପତି ସଙ୍ଗମ କୁମାର ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଜଷ୍ଟିସ ସାହୁ ଉଦବୋଧନ ଦେଇ କହିଥିଲେ ଯେ ବିଚାରାଧୀନ ମାମଲାର ତ୍ୱରିତ ଫଏସଲାରେ ଆଇନଜୀବୀଙ୍କ ପରି ଲିଗାଲ ଆସିଷ୍ଟାଣ୍ଟ ମାନଙ୍କର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ଅନୁଷ୍ଠାନର ସଭାପତି ବସନ୍ତ କୁମାର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ କେନ୍ଦ୍ର ସରକାରଙ୍କ ଡେପୁଟି ସଲିସିଏଟର ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ମୁଖ୍ୟବକ୍ତା ଭାବେ ହାଇକୋର୍ଟ ବାର ଆସୋସିଏସନ୍ ଉପସଭାପତି ସିଦ୍ଧାର୍ଥ ଦାସ ଓ ସମ୍ମାନିତ ବକ୍ତା ରୂପେ ଭାସ୍କର ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଦିଲ୍ଲୀପ ମହାନ୍ତି ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ସେହିପରି ଉଦଯାପନ କାର୍ଯ୍ୟକ୍ରମରେ ହାଇକୋର୍ଟର ବିଚାରପତି ବିଭୁ ପ୍ରସାଦ ରାଉତରାୟ ମୁଖ୍ୟଅତିଥି, ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ସମ୍ମାନିତ ଅତିଥି, ଆଇନଜୀବୀ ସୁକାନ୍ତ କୁମାର ଦଳାଇ ପ୍ରମୁଖ ଯୋଗଦେଇଥିଲେ। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ରଞ୍ଜନ କରଙ୍କ ନିର୍ଦ୍ଦେଶନାରେ ହୋଇଥିବା ନାଟକ ଦ୍ୱୟରେ ରଶ୍ମି, ଅରୁଣ, ସନ୍ତୋଷ, ପ୍ରକାଶ, ଗଣେଶ, ସୁଦ୍ଧା, ବାଟା, ମୋହନ, ସୁଶାନ୍ତ, ବିଜୟ, ନାଗେସ୍, ପ୍ରଦୀପ, ହେମନ୍ତ, ମାମା, ମାମୁନୀ, ଶୀଲା, ପୂଜା, ବର୍ଷା, ଶିଶୁ କଳାକାର ରୁଦ୍ର ଓ ବବଲୀର ଅଭିନୟ ବେଶ ଚିତାକର୍ଷକ ହୋଇଥିଲା।

ସାତସାହି କଟକ ନୃତ୍ୟୋତ୍ସବ

# ପୁଲକିତ କଲା ଭାରତନାଟ୍ୟମ

**କଟକ, ୧୯।୫(ସମିସ):** କଟକ ନୃତ୍ୟ ଉତ୍ସବ କମିଟି, ଜିଲ୍ଲା ପ୍ରଶାସନ, ସିଏମସି ଓ ସିଡିଏର ମିଳିତ ଆନୁକୂଲ୍ୟରେ ଉପର ବାଲିଯାତ୍ରା ପଡ଼ିଆରେ ଆୟୋଜିତ ୧୬ ତମ ସାତସାହି କଟକ ନୃତ୍ୟ ଉତ୍ସବର ଚତୁର୍ଥ ସନ୍ଧ୍ୟାକୁ ପୂର୍ବତନ ମୁଖ୍ୟ ଆୟକର ଆୟୁକ୍ତ ଶରତ କୁମାର ଦାଶ ଉଦଘାଟନ କରିଥିଲେ। ଏହି ଉତ୍ସବ ତାର ସାଂସ୍କୃତିକ ଓ ସାମାଜିକ ଉଦ୍ଦେଶ୍ୟରେ ଆଗେଇ ଚାଲିଥିବା ବେଳେ ଆଗାମୀ ଦିନରେ ଏହା ଜାତୀୟରୁ ଅନ୍ତର୍ଜାତୀୟ ଉତ୍ସବରେ ପରିଣତ ହେବ ବୋଲି ମୁଖ୍ୟ ଅତିଥି ଶ୍ରୀ ଦାଶ ମତବ୍ୟକ୍ତ କରିଥିଲେ। ଜିଲ୍ଲା ପରିଷଦ ଉପସଭାପତି ସୁଭଦ୍ରା ଦାସ, ଡେପୁଟି ମେୟର ଦମୟନ୍ତୀ ମାଝୀ, ୧୭ନମ୍ବର ୱାର୍ଡ କର୍ପୋରେଟର ତଥା ଲାଇସେନ୍ସ କମିଟି ଅଧକ୍ଷ ଏ ଶ୍ରୀଦେବୀ, ସେଣ୍ଟ୍ରାଲ ରେଡକ୍ରସ ସଚେତନତା କମିଟି ଅଧକ୍ଷ ଡଃ ରଞ୍ଜନ କୁମାର ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ କୃଷ୍ଣ ପ୍ରସାଦ ଦାସ, ଏସିପି କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡାକ୍ତର ବିରଞ୍ଚି ନାରାୟଣ ମହାପାତ୍ରଙ୍କୁ ଜାତୀୟ ସେବା ରତ୍ନ, ଆଇନଜୀବୀ ଶୈଳେନ କୁମାର ଧଳଙ୍କୁ ଓଡ଼ିଶା ଆଇନ ରତ୍ନ, ଡାକ୍ତର ସମ୍ପିତ ସାମଲ, ଡାକ୍ତର ତନୁଶ୍ରୀ ମିଶ୍ର, ଯୁବ ସମାଜସେବୀ ବିଶାଲ ଶର୍ମାଙ୍କୁ ଓଡ଼ିଶା ସେବା ରତ୍ନ, ବିଶିଷ୍ଟ ଶିଳ୍ପଦ୍ୟୋଗୀ ପ୍ରଶାନ୍ତ ମହାପାତ୍ରଙ୍କୁ ଓଡ଼ିଶା ଶିଳ୍ପ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ଉପସଭାପତି ଶୁଚିସ୍ମିତା ପୃଷ୍ଟି ଅଧକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଦିପେଶ ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ନୃତ୍ୟ ଜ୍ୟୋତି ଅନୁଷ୍ଠାନର ପଶ୍ଚିମବଙ୍ଗରୁ ଆସିଥିବା ଗୁରୁ ଅସୀମା ଦାସ ଓ ଗ୍ରୁପ ଭାରତନାଟ୍ୟମ ନୃତ୍ୟ ପରିବେଷଣ କରିଥିଲେ। ପରେ ବୁଲବୁଲ ଡ୍ୟାନ୍ସ ଷ୍ଟୁଡ଼ିଓ, ମମତା ଡ୍ୟାନ୍ସ ଗ୍ରୁପ, ରୂପାୟନ, ପାଞ୍ଚ ପୁଷ୍ପ କଳା ସଂସଦର କଳାକାର ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଅନେକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପଦ୍ମଲୋଚନ ମିଶ୍ର, ଉଲ୍ଲାସ ସେନ, ସବିତା ମହାନ୍ତି, ବବିତା ସ୍ୱାଇଁ, ପଦ୍ମାଳୟା ବ୍ରହ୍ମଚାରୀ, ରଶ୍ମୀରଞ୍ଜନ ତ୍ରିପାଠୀ, ବିଶ୍ୱଜିତ ସେନାପତି, ସୁବାଶିଷ ଦାସ ସୁନୀଲ ଦାସ, ଶକ୍ତି ପ୍ରସାଦ ସାମଲ, ତନ୍ମୟ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହସମ୍ପାଦକ ସ୍ନେହାଶିଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଏସ୍‌ସିବି ଡାକ୍ତରଙ୍କ ସଫଳ ଗବେଷଣା

# ମେଟାବଲିଜିମ୍ ମାପରୁ ସୁସ୍ଥ ହେବେ 'ସିଜୋଫ୍ରେନିଆ' ରୋଗୀ

**କଟକ, ୧୯।୫(ସମିସ)**

ମାନସିକ ରୋଗ ଗୁଡିକ ମଧ୍ୟରେ 'ସିଜୋଫ୍ରେନିଆ' ଏକ ଜଟିଳ ବ୍ୟାଧି ବୋଲି ବିବେଚନା କରାଯାଏ। ଏହା ଆରୋଗ୍ୟସାଧ୍ୟ, ମାତ୍ର ଏହାର ଚିକିତ୍ସା ପଦ୍ଧତି ସମୟସାପେକ୍ଷ। ତେବେ ସିଜୋଫ୍ରେନିଆ ରୋଗୀଙ୍କୁ କିପରି ସଠିକ ସମୟରେ ସୁସ୍ଥ କରାଯାଇ ପାରିବ ସେ ଦିଗରେ ଗବେଷଣା କରି ଏହାର ନୂତନ ପଦ୍ଧତି ନିରୂପଣ କରିଛନ୍ତି ଏସସିବି ମେଡିକାଲର ବରିଷ୍ଠ ପ୍ରଫେସର ଡାକ୍ତର ଅଜୟ ମିଶ୍ର। 'ଫାର୍ମାକୋଜେନୋମିକ୍ ଅଫ ଆଣ୍ଟି ସାଇକାଟିକ୍ ମେଡିସିନ୍ସ ଇନ୍ ସିଜୋଫ୍ରେନିଆ' ବିଷୟରେ ଡାକ୍ତର ମିଶ୍ରଙ୍କ ଗବେଷଣା ସଫଳ ହୋଇଛି। ଦେଢ଼ ବର୍ଷର ପରିଶ୍ରମ ଓ ୨୪ଜଣ ରୋଗୀଙ୍କ ନମୁନାକୁ ନେଇ ହୋଇଥିବା ପରୀକ୍ଷଣ ପରେ ସିଜୋଫ୍ରେନିଆ ରୋଗୀଙ୍କ ଆରୋଗ୍ୟ ନିମନ୍ତେ ନୂତନ ପନ୍ଥା ବାହାରିଛି। ଫାର୍ମାକୋଜେନୋମିକ୍ ପଦ୍ଧତି ଦ୍ୱାରା ରୋଗୀର ମେଟାବଲିଜିମ୍ ମାପ ଜଣାପଡ଼ିବ। ରୋଗୀ ଶରୀରରେ କେଉଁ ଔଷଧ କିଭଳି ପ୍ରତିକ୍ରିୟା ସୃଷ୍ଟି କରୁଛି ତାହା ସହଜରେ ଚିହ୍ନଟ ହୋଇ ପାରିବ। ଯଦ୍ୱାରା ରୋଗୀ ସଠିକ ସମୟରେ ମାରାତ୍ମକ ମାନସିକ ରୋଗରୁ ମୁକ୍ତ ହେବ। ଏହି ନୂତନ ଚିକିତ୍ସା ପଦ୍ଧତି ମାନସିକ ଚିକିତ୍ସା ଜଗତରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି କୁହାଯାଉଛି।

ବିଶ୍ୱର ସମୁଦାୟ ଜନସଂଖ୍ୟା ଭିତରୁ ଏକ ପ୍ରତିଶତ ଲୋକ ସିଜୋଫ୍ରେନିଆ ରୋଗରେ ଆକ୍ରାନ୍ତ ବୋଲି ସର୍ଭେ ରିପୋର୍ଟରୁ ଜଣାପଡେ। ଦିନକୁ ଦିନ ଏହି ମାନସିକ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ଚାଲିଛି। ଡାକ୍ତରଙ୍କ କହିବା ଅନୁସାରେ, ମାନସିକ ରୋଗକୁ ଚିହ୍ନଟ କରିବା ସହଜ ପ୍ରକ୍ରିୟା ନୁହେଁ। ଡାକ୍ତରୀ ବିଜ୍ଞାନରେ କେତେକ ଥିଓରି(ସିଦ୍ଧାନ୍ତ) ଏବଂ ହାଇପୋଥେଟିକାଲ(କାଳ୍ପନିକ) ପ୍ରକ୍ରିୟା ଦ୍ୱାରା ହିଁ ମାନସିକ ରୋଗ ଚିହ୍ନଟ କରାଯାଏ। ରୋଗୀର ହାବଭାବରୁ ସେ ସିଜୋଫ୍ରେନିଆରେ ଆକ୍ରାନ୍ତ କି ନାହିଁ ତାହା ଜଣାପଡେ।

ତେବେ ଚିକିତ୍ସା ଆରମ୍ଭ ପରେ ଅନେକ ରୋଗୀ ସଠିକ ସମୟରେ ଆରୋଗ୍ୟ ଲାଭ କରନ୍ତି ନାହିଁ।

## ଔଷଧର ପ୍ରତିକ୍ରିୟା ସୂଚାଇବ ଫାର୍ମାକୋଜେନୋମିକ୍ ପଦ୍ଧତି

## ମାନସିକ ଚିକିତ୍ସା କ୍ଷେତ୍ରରେ ଆସିବ ବୈପ୍ଳବିକ ପରିବର୍ତ୍ତନ

ଚିକିତ୍ସା ପଦ୍ଧତିରେ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଅଧୀକ୍ଷକ ପ୍ରଫେସର ଡାକ୍ତର ଅଜୟ ମିଶ୍ର ଏକ ଗବେଷଣା କରି ଏଥିରେ ସଫଳ ହୋଇଛନ୍ତି। ଡାକ୍ତର ମିଶ୍ର କହିଛନ୍ତି ଯେ, ମଣିଷ ଶରୀରର ମେଟାବଲିଜିମ ପ୍ରକ୍ରିୟା ହିଁ ତା'ର ଆରୋଗ୍ୟ ହେବାର ସମୟ ସୂଚାଇଥାଏ। ଔଷଧ ସେବନ ପରେ ଏହା କେତେ ଫଳପ୍ରଦ ହେଉଛି ତାହା ମଣିଷର ମେଟାବଲିଜିମ ପ୍ରକ୍ରିୟା ଉପରେ ନିର୍ଭରଶୀଳ। ସିଜୋଫ୍ରେନିଆ ଆକ୍ରାନ୍ତ ସମସ୍ତ ରୋଗୀ ନିରାମୟରୁ ଗୋଟିଏ ପ୍ରକାର ଔଷଧ ସେବନ କରୁଛନ୍ତି। ଏମାନଙ୍କ ଭିତରୁ କିଛି ସୁସ୍ଥ ହେଉଥିବା ବେଳେ ଅନେକଙ୍କୁ ଦୀର୍ଘଦିନ ଧରି ଚିକିତ୍ସିତ ହେବାକୁ ପଡୁଛି। କେତେକ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନ୍ନତି ମଧ ଦେଖିବାକୁ ମିଳୁଛି। ଏଣୁ ଫାର୍ମାକୋଜେନୋମିକ୍ ପରୀକ୍ଷା ଦ୍ୱାରା ରୋଗୀ ଶରୀରରେ ଔଷଧର ସମସ୍ତ ପ୍ରତିକ୍ରିୟା ଜଣାପଡ଼ିବ। ୨୪ଜଣ ରୋଗୀଙ୍କ ନମୁନା ସଂଗ୍ରହ କରାଯାଇ ଗବେଷଣା ହୋଇଥିଲା। ଏହି ଗବେଷଣା ସଫଳ ରୂପାୟନ ହୋଇଥିବା ଡାକ୍ତର ମିଶ୍ର ଜଣାଇଛନ୍ତି।

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ କେବଳ ରୋଗୀ ସେବା ନୁହେଁ ଡାକ୍ତରୀ ବିଜ୍ଞାନର ଅନେକ ଗବେଷଣା ମଧ ଜାରି ରହିଛି। ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ହୋଇଥିବା ଏହି ଗବେଷଣା ସିଜୋଫ୍ରେନିଆ ରୋଗୀଙ୍କ ଆରୋଗ୍ୟ ନିମନ୍ତେ ଏକ ନୂତନ ଦିଗ ପ୍ରଦାନ କରିଛି। ତେବେ ରାଜ୍ୟର କୌଣସି ସରକାରୀ ହସ୍ପିଟାଲରେ ଫାର୍ମାକୋଜେନୋମିକ୍ ପରୀକ୍ଷଣ ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା ଉପଲବ୍ଧ ନାହିଁ। ଏଥି ନିମନ୍ତେ ଏକ ସ୍ୱତନ୍ତ୍ର ୟୁନିଟ ଆବଶ୍ୟକ। ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନଏଚ୍‌ଏମ) ପକ୍ଷରୁ ଗବେଷଣାତ୍ମକ କାର୍ଯ୍ୟକ୍ରମ ନିମନ୍ତେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ୨୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ଫାର୍ମାକୋଜେନୋମିକ୍ ପରୀକ୍ଷଣ ୟୁନିଟ ସ୍ଥାପନ କରାଗଲେ ବଡ ମେଡିକାଲରେ ସ୍ୱାସ୍ଥ୍ୟସେବା ତ୍ୱରାନ୍ୱିତ ହୋଇପାରନ୍ତା।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ବାବାଜୀ ଚରଣ ପରିଡା
ଅର୍ଖିଆ-କୃଷ୍ଣନପୁର, ପୋ.ଅ - ସିଂହପୁର, ଯାଜପୁର
ଆବିର୍ଭାବ -୨୫. ୦୧. ୧୯୪୯
ତିରୋଧାନ -୧୦. ୦୫. ୨୦୨୫
ତମେ ଚାଲିଗଲ ଅଫେରା ରାଇଜକୁ ଆଉ ଫେରିବ ନାହିଁ କେବେ। ତୁମ ସ୍ନେହ, ମମତା, ନୀତି ଓ ଆଦର୍ଶ ଆମ ପାଇଁ ପାଥେୟ ହେଉ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ଏତିକି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ସହଧର୍ମିଣୀ -ସନ୍ଧ୍ୟାରାଣୀ ପରିଡା, ପୁଅବୋହୂ - ସମିତ - ଗାୟତ୍ରୀ, ସନ୍ଦୀପ - ଶର୍ବାଣି, ଝିଅଜ୍ୱାଇଁ - ସ୍ୱାତିକା - ଆନନ୍ଦ, ନାତି ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ସକାଳ THE SAKALA



www.sakalaepaper.com

# ମନ୍ଦିରକୁ ନେଇ ଦୁଇ ଗାଁ ମୁହାଁମୁହିଁ: ୩ ଆହତ

**● ଉଭୟ ଗ୍ରାମବାସୀ ପାପଡ଼ାହାଣ୍ଡି ଥାନାର ଦ୍ୱାରସ୍ଥ**

ପାପଡ଼ାହାଣ୍ଡି,୧୯।୫(ସମିସ): ପାପଡ଼ାହାଣ୍ଡି ବ୍ଲକ କରଟିଆଗୁଡ଼ାର ନୂତନ ତେଲଗୁନି ମାତା ମନ୍ଦିରକୁ ନେଇ ଦୁଇ ଗାଁ ମୁହାଁମୁହିଁ ହୋଇଛନ୍ତି। କରଟିଆଗୁଡ଼ା ସହିତ ଚେରଚେଟା ଗ୍ରାମବାସୀଙ୍କ ଗଣ୍ଡଗୋଳ ହେବାରୁ ଉଭୟ ଗ୍ରାମର ୩ ଜଣ ଆହତ ହୋଇଛନ୍ତି। ପଥର ଫିଙ୍ଗାଫିଙ୍ଗି ହେବାରୁ କରଟିଆଗୁଡ଼ାର ସୁଦ ଭତରା ଓ ଗୋବର୍ଦ୍ଧନ ଭତରାଙ୍କ ମୁଣ୍ଡ ଫାଟିବାରୁ ଉଭୟ ଗୁରୁତର ହୋଇଛନ୍ତି। ଏହି ଗଣ୍ଡଗୋଳରେ ଚେରଚେଟାର ବଳି ବିଶୋଇ ମଧ୍ୟ ଗୁରୁତର ହୋଇଛନ୍ତି। ଏହି ଘଟଣାରେ ଉଭୟ ଗ୍ରାମବାସୀ ପାପଡ଼ାହାଣ୍ଡି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନାନୁଯାୟୀ, କରଟିଆଗୁଡ଼ାରେ ନୂତନ ତେଲଗୁନି ମାତା ମନ୍ଦିର ହୋଇଛି। ଦୁଇ ବର୍ଷ ହେଲା କରଟିଆଗୁଡ଼ା ଗ୍ରାମବାସୀ ନିଜର ପରିଶ୍ରମ ସହ ଟଙ୍କା ଖର୍ଚ୍ଚ କରିଥିବା କହୁଛନ୍ତି। ପୂର୍ବରୁ ମନ୍ଦିର ନିର୍ମାଣ ଲାଗି ଦୁଇ ଗ୍ରାମ ମଧ୍ୟରେ ବୈଠକ ହୋଇଥିଲା। ସମସ୍ତେ ଶ୍ରମଦାନ କରି କାମ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ କରଟିଆଗୁଡ଼ା ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଚେରଚେଟା ଗ୍ରାମବାସୀ ପରେ ଆଉ ମନ୍ଦିର ନିର୍ମାଣ କାମ ପାଇଁ ଗୁରୁତ୍ୱ ଦେଇନଥିଲେ। ଆସନ୍ତା ୭ ତାରିଖ ଦିନ ମନ୍ଦିର ପ୍ରତିଷ୍ଠା ନେଇ ପ୍ରସ୍ତୁତି ଚାଲିଥିବା ବେଳେ କରଟିଆଗୁଡ଼ାରେ ଉଭୟ ଗ୍ରାମର ବାସିନ୍ଦା ବସି ବୈଠକ କରିଥିଲେ। ମନ୍ଦିର ଖର୍ଚ୍ଚ ବାବଦକୁ କିଛି ଟଙ୍କା ଦେବା ଲାଗି କଥା ହେଉଥିଲେ। ଏହାକୁ କରଟିଆଗୁଡ଼ାବାସୀ ବିରୋଧ କରିଥିଲେ। ଯାହାକୁ ନେଇ ପାଟିତୁଣ୍ଡ ହୋଇଥିଲା ଏବଂ ପଥର ଫିଙ୍ଗା ଫିଙ୍ଗି ହୋଇ ସୁଦ ଭତରା ଓ ଗୋବର୍ଦ୍ଧନ ଭତରାଙ୍କ ମୁଣ୍ଡଫାଟିବାରୁ ଉଭୟ ଗୁରୁତର ହୋଇଥିଲେ। ଉଭୟ ଗ୍ରାମବାସୀ ପାପଡ଼ାହାଣ୍ଡି ଥାନାର ଦ୍ୱାରସ୍ତ ହୋଇଛନ୍ତି। ପରିସ୍ଥିତି ଉତ୍ତେଜନାମୟ ଥିବାରୁ ପୁଲିସ ଘଟଣାର ତଦନ୍ତ କରୁଛି।

# ଅବକାରୀ ବିଭାଗ ପକ୍ଷରୁ ଦେଶୀ ମଦ ଜବତ



କୋଷାଗୁମୁଡ଼ା,୧୯।୫(ସମିସ): ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରତାପ ଦାସଙ୍କ ନିର୍ଦ୍ଦେଶ କ୍ରମେ ସୋମବାର କୋଡ଼ିଙ୍ଗା ଅବକାରୀ ଦଳ ୨ଟି ଗ୍ରାମରେ ଚଢ଼ଉ କରି ଦେଶୀ ମଦ ଜବତ କରି ନଷ୍ଟ କରିଛନ୍ତି। ଚଢ଼ଉରେ କୋଷାଗୁମୁଡା ପୁଲିସ ଏଏସ୍ଆଇ-ଏଲ ଡି ରାଓ ଏବଂ ତାଙ୍କ ଟିମ୍‌ସହ କୋଡ଼ିଙ୍ଗା ଅବକାରୀ ଓଆଇସି ଦେଶରାଜ ସୁନା, ଏଏସ୍ଆଇ ହାଲଦାର ଜାନି, ରମେଶ ପ୍ରଧାନ, ପ୍ରମୋଦ କୁମାର ବାଘ ଓ ଗୁଣମଣୀ ମିଳିତ ଭାବେ ମିର୍ମିଣ୍ଡା ଓ ସିକଡ଼ାଗୁଡ଼ା ଗ୍ରାମରେ ଚଢ଼ଉ କରି ଦୁଇଟି ସ୍ଥାନରୁ ୨୫ ଲିଟର ଦେଶୀ ମଦ ଜବତ କରିନଷ୍ଟ କରାଯାଇଛି। ଦୁଇ ଗ୍ରାମର ୨ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରାଯାଇଛି ବୋଲି କୋଡ଼ିଙ୍ଗା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ପ୍ରତିଶ୍ରୁତି ପରେ କାର୍ଯ୍ୟବନ୍ଦରୁ ଓହରିଲେ ସୁରକ୍ଷା ଓ ସଫେଇ କର୍ମଚାରୀ



କୋରାପୁଟ,୧୯।୫(ସମିସ):କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟରତ ସୁରକ୍ଷା ଓ ସଫେଇ କର୍ମଚାରୀ ଏବଂ ସହାୟକମାନେ ମାସିକ ଦରମା ନ ପାଇବାରୁ ସୋମବାର ସକାଳେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ତଥା ଅଧିକ୍ଷକ ଡା. ସୁଶାନ୍ତ କୁମାର ସାହୁ ଏବଂ ହସ୍ପିଟାଲ ମ୍ୟାନେଜର ଶୁଭେନ୍ଦୁ ପଣ୍ଡା ଘଟଣାସ୍ଥଳକୁ ଆସି ବୁଝାସୁଝା କରିଥିଲେ। ପରେ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଆଲୋଚନା କରାଯାଇଥିଲା। ପ୍ରତିମାସର ୫ ତାରିଖ ଦିନ ଦରମା ଯେପରି ସମସ୍ତ କାର୍ଯ୍ୟରତ ସୁରକ୍ଷା ଓ ସଫେଇ କର୍ମଚାରୀ ଏବଂ ସହାୟକମାନେ ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ନିବେଦନ କରାଯାଇଛି। ଦରମା ଉପରେ ପରିବାର ପ୍ରତିପୋଷଣ କରାଯାଉଛି ଏବଂ ଏହାଯଦି ବିଳମ୍ବରେ ମିଳିବ ତେବେ ଆମ୍ଭେମାନେ କିପରି ଚଳିବୁ ବୋଲି ସୁରକ୍ଷା କର୍ମୀମାନେ କହିଛନ୍ତି। ପ୍ରତି ମାସ ୫ ତାରିଖ ଦିନ ଯଦି ଦରମା ମିଳୁ ନାହିଁ ତେବେ ମୋ ନଜରକୁ ତୁରନ୍ତ ଆଣିବାକୁ ଅଧିକ୍ଷକ ଡା. ସାହୁ କହିଥିଲେ। ଆଲୋଚନା ପରେ ପ୍ରତିଶ୍ରୁତି ମିଳିବାରୁ ସମସ୍ତେ କାର୍ଯ୍ୟରେ ଯୋଗଦେଇଥିଲେ।

# ଲମତାପୁଟରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି



ଲମତାପୁଟ,୧୯।୫(ସମିସ): ଲମତାପୁଟ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୁଗ୍ମ ଜନ ଶୁଣାଣି ୩୦ଟି ଏବଂ ବ୍ୟକ୍ତିଗତ ଜନ ଶୁଣାଣି ୧୨ଟି ମୋଟ ୪୨ ଅଭିଯୋଗ ଶୁଣିଥିଲେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସେଠି। କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ ଓ ରାସ୍ତାଘାଟ ଭଳି ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ବିଡିଓ ନିଲମ ମାନସୀ ଭତ୍ରା, ସହକାରୀ ଯନ୍ତ୍ରୀ ସନ୍ଦୀପ ମେହେର, ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ପାଙ୍ଗି, ଏସ୍‌ଡିପିଓ ଦେବେନ୍ଦ୍ର ମଲିକ ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଗୁନେଇପଡ଼ା ନାବାଳିକା ଗଣଦୁଷ୍କର୍ମ ମାମଲାକୁ ନେଇ ପୀଡ଼ିତାଙ୍କ ପରିବାର ଉପଜିଲ୍ଲାପାଳଙ୍କ ନିକଟରେ ନ୍ୟାୟ ଭିକ୍ଷା କରିଥିଲେ। ଉପଜିଲ୍ଲାପାଳ ବର୍ତ୍ତମାନ ତଦନ୍ତ ଚାଲିଛି କହି ପୀଡ଼ିତାଙ୍କ ପରିବାରଙ୍କୁ ଅତିଶୀଘ୍ର ନ୍ୟାୟ ଦେବା ପାଇଁ ଆଶ୍ୱସନା ଦେଇଥିଲେ।

# ହନୁମାନ ମନ୍ଦିର ପ୍ରତିଷ୍ଠା ଲାଗି କଳସ ଯାତ୍ରା



ନନ୍ଦପୁର,୧୯।୫(ସମିସ): ନନ୍ଦପୁର ବ୍ଲକ ସଦର ମହକୁମା ପଞ୍ଚାୟତ ଚିଙ୍ଗୁଡିତୁଆ ଗ୍ରାମରେ ନବନିର୍ମିତ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଆରମ୍ଭ ହୋଇଛି। ଦୁଇ ଦିନିଆ ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିନରେ ନଦୀଘାଟରୁ ଜଳ ସଂଗ୍ରହ ନିମନ୍ତେ କଳସ ଯାତ୍ରା, ଅଙ୍କୁର ରୋପଣ ବିଧି ଅନୁଷ୍ଠିତ ହୋଇଛି। ଭକ୍ତଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ମଙ୍ଗଳବାର ମନ୍ଦିର ସମ୍ମୁଖରେ ଶ୍ରୀ ଗଣେଶଙ୍କ ବିଗ୍ରହ ସାଙ୍ଗକୁ ମନ୍ଦିର ଭିତରେ ଶ୍ରୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ସମସ୍ତ କାର୍ଯ୍ୟକ୍ରମ ପୂର୍ବତନ ନନ୍ଦପୁର ବ୍ଲକ ଅଧ୍ୟକ୍ଷ ଗୋପାଳ କୃଷ୍ଣ ବେବର୍ତ୍ତାଙ୍କ ତତ୍ତ୍ୱାବଧାନରେ ଚିଙ୍ଗୁଡିତୁଆ, ମାଝୀପୁଟ, ଗାଲପୁଟ, ଖଡ଼କପୁର ଗ୍ରାମବାସୀ ମିଳିତ ହୋଇ ଆୟୋଜନ କରୁଛନ୍ତି। ଲକ୍ଷ୍ମୀପୁର ଅଞ୍ଚଳରୁ ଆସିଥିବା ପୁରୋହିତ ସମସ୍ତ ପୂଜା ବିଧି କରୁଥିବା ଶ୍ରୀ ବେବର୍ତ୍ତା ସୂଚନା ଦେଇଛନ୍ତି।

## ଗୃହ କମିଟିର ସମୀକ୍ଷା ବୈଠକ

# ଜିଲ୍ଲାରେ ମହିଳା ଓ ଶିଶୁଙ୍କ ବିକାଶ ଉପରେ ଗୁରୁତ୍ୱ



କୋରାପୁଟ,୧୯।୫(ସମିସ): କୋରାପୁଟ ଜିଲ୍ଲା ଗସ୍ତରେ ଆସିଥିବା ଓଡ଼ିଶା ବିଧାନସଭାର ମହିଳା ଓ ଶିଶୁ ବିକାଶ ବିଭାଗ ଗୃହ କମିଟି ସୋମବାର ଅପରାହ୍ନରେ ଏକ ସମୀକ୍ଷା ବୈଠକ କରିଛନ୍ତି। ସ୍ଥାନୀୟ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାର ମହିଳା ଓ ଶିଶୁ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଗୃହ କମିଟି ଅଧ୍ୟକ୍ଷା ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଦସ୍ୟା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ବାରବାଟି କଟକ ବିଧାୟିକା ସୋଫିଆ ଫିରଦୋସ,ପଦମପୁର ବିଧାୟିକା ବର୍ଷା ସିଂହ ବରିହା, ନର୍ଲା ବିଧାୟିକା ମନୋରମା ମହାନ୍ତି ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଏସପି ରୋହିତ ବର୍ମା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋସ୍ନା ପାଢ଼ୀ,ମାଲକାନଗିରି ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ, ଏସ୍‌ପି ବିନୋଦ ପାଟିଲ ଏଚ୍ ପ୍ରମୁଖ ଉପସ୍ଥିତ ରହି ନିଜ ଜିଲ୍ଲାରେ ମହିଳା ଓ ଶିଶୁଙ୍କ ସୁରକ୍ଷା, ମାତୃ ଶିଶୁ ମୃତ୍ୟୁହାର, ପ୍ରିସ୍କୁଲ ଶିକ୍ଷା, ମିଶନ ଶକ୍ତି ମହିଳାଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ସୁଭଦ୍ରା ଯୋଜନା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟ ପକ୍ଷରେ ମାଲକାନଗିରି ଜିଲ୍ଲାରେ କନ୍ୟାଶ୍ରମର ଦଶମ ଶ୍ରେଣୀ ଛାତ୍ରୀ ପ୍ରସବ କରିବା ଏବଂ କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଗୁନେଇପଡ଼ା ଆଶ୍ରମ ବିଦ୍ୟାଳୟରେ ୮ ବର୍ଷର ଛାତ୍ରୀଙ୍କୁ ଦୁଷ୍କର୍ମ ଘଟଣା ସମ୍ପର୍କରେ ଗଣମାଧ୍ୟମର ପ୍ରଶ୍ନକୁ ଏଡାଇ ଗୃହ କମିଟି ଅଧ୍ୟକ୍ଷା ସୀମା ରାଣୀ ନାୟକ ଏ ବିଷୟରେ ସେମାନେ ପୁଲିସ ମହାନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଥିବା ପ୍ରକାଶ କରିଥିଲେ। ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଏବଂ ମାଲକାନଗିରି ବିଧାୟକ ନରସିଂହ ମାଡକାମି ମଧ୍ୟ ବୈଠକରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜୟପୁର ଉପଜିଲ୍ଲାପାଳ ଏ, ସାସ୍ୟାରେ‡ୀ,କୋରାପୁଟ ଉପଜିଲ୍ଲାପାଳ ପ୍ରେମ ଲାଲ ହିଆଲ, ଡିପିଏମୟୁ ଉପନିର୍ଦ୍ଦେଶକ ସୂର୍ଯ୍ୟ କାନ୍ତ ବେହେରା, ମିଶନ ଶକ୍ତି ଡିପିସି ଅମୃତ ପାଢ଼ୀଙ୍କ ସମେତ ଦୁଇ ଜିଲ୍ଲାର ସମସ୍ତ ସି ଡି ପି ଓ, ଶିଶୁ ସୁରକ୍ଷା କମିଟି ସଦସ୍ୟ ସଦସ୍ୟା ବୈଠକରେ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମିଶନ ଶକ୍ତି ମାଧ୍ୟମରେ ସ୍ୱାବଲମ୍ବୀ ହୋଇଛନ୍ତି ମହିଳା : ପ୍ରମିଳା ମଲ୍ଲିକ

ନବୀନ ପଟ୍ଟନାୟକ ସରକାର ସମୟରେ ମିଶନ ଶକ୍ତି ଯୋଜନା ମାଧ୍ୟମରେ କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାର ପ୍ରାୟ ୩ ଲକ୍ଷ ମା' ସ୍ୱାବଲମ୍ବୀ ହୋଇଛନ୍ତି। ଏହା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଐତିହାସିକ ସଫଳତା। ପୂର୍ବ ସରକାରର ଦୂରଦୃଷ୍ଟି ସମ୍ପନ୍ନ ଯୋଜନା ଯୋଗୁଁ ଏହା ସଫଳ ହୋଇ ପାରିଛି ବୋଲି ଗୃହ କମିଟି ସଦସ୍ୟା ପ୍ରମିଳା ମଲ୍ଲିକ ବକ୍ତବ୍ୟ ଦେବା ସହ ବର୍ତ୍ତମାନର ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ନବୀନ ପଟ୍ଟନାୟକଙ୍କ ଯୋଜନାକୁ ଦିଶାହୀନ କରୁଥିବା ପ୍ରତିକ୍ରିୟା ଦେଇଥିଲେ।

**● ଦୁଇ ଆଦିବାସୀ ଗ୍ରାମବାସୀଙ୍କ ନିଆରା ପରମ୍ପରା**

# ସମ୍ପନ୍ନ ହେଲା ସରସରି ଉତ୍ସବ



ମାଥିଲି, ୧୯।୫(ସମିସ): ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଦଳପତି ଗୁଡା ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଗୁଡା ଗ୍ରାମରେ ଆଦିବାସୀଙ୍କ ଦୁଇ ଗ୍ରାମ ମଧ୍ୟରେ ନିଆରା ବନ୍ଧୁମିଳନ ବା ମାପ୍ରସାଦ ଭେଟ୍‌ଘାଟ୍ ସରାସରି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମାଥିଲି ବ୍ଲକର ମେଟ୍ଟା ପଞ୍ଚାୟତ ଦୁର୍ଗାଗୁଡା ଗ୍ରାମବାସୀ ଏବଂ ଦଳପତି ଗୁଡା ପଞ୍ଚାୟତର କେନ୍ଦୁଗୁଡା ଗ୍ରାମବାସୀଙ୍କ ମଧ୍ୟରେ ଦୀର୍ଘ ବର୍ଷ ଧରି ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ପ୍ରତି ୫ ବର୍ଷକୁ ଥରେ ନିମନ୍ତ୍ରଣ ଦେଇ ଦୁଇ ଗ୍ରାମ ମଧ୍ୟରେ ମାପ୍ରସାଦ ବା ବନ୍ଧୁମିଳନ ହୋଇଥାଏ। କେନ୍ଦୁଗୁଡା ଗ୍ରାମବାସୀ ଦୁର୍ଗାଗୁଡା ଗ୍ରାମବାସୀଙ୍କୁ ନିମନ୍ତ୍ରଣ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ନିଜ ଗ୍ରାମକୁ ପାଛୋଟି ନେଇଥିଲେ। ଦୁଇ ଗ୍ରାମ ମଧ୍ୟରେ ଏକ ଭାଇ ଚାରାର ସଭା କାର୍ଯ୍ୟ କରା ଯାଇଥିଲା। ଏହି ସଭାରେ ଦୁଇ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଦୁର୍ଗାଗୁଡା ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ବୁରୁଶୁ ଭୂମିଆ, ଡମ୍ବୁ ନାବିକ, ଚନ୍ଦ୍ର ନାୟକ, ରାମଚନ୍ଦ୍ର ପୂଜାରୀ, ଭୀମସେନ ପୂଜାରୀ, ଉଦ୍ଧବ ନାବିକ, ସିଙ୍ଗ ଦାଷାଙ୍କ ସମେତ ଗ୍ରାମର ସମସ୍ତ ପୁରୁଷ, ମହିଳା, ଯୁବକ ଯୁବତୀମାନେ ଯୋଗ ଦେଇଥିଲେ। ବନ୍ଧୁ ମିଳନ ଉତ୍ସବଟି କେନ୍ଦୁଗୁଡା ଗ୍ରାମର ଆମ୍ବ ତୋଟାଠାରେ ପାଳିତ ହୋଇଥିବା ବେଳେ ଗ୍ରାମର ନୀଳମଣି ନାୟକ, ହରି ସିଂ ନାୟକ, ନକୁଳ ପୁଟିଆ, ପୁଲିସରାମ ମାଣ୍ଡି ଓ ଲାଇଖନ ପୂଜାରୀଙ୍କ ସମେତ ଗ୍ରାମର ସମସ୍ତ ଲୋକ ସଭାରେ ଯୋଗଦେଇ ଥିଲେ। ଯେତେ ବାଧା ବିଘ୍ନ ଆସିଲେ ମଧ୍ୟ ସମ୍ପର୍କରେ କୌଣସି ବାଧା ଉପୁଜିବ ନାହିଁ ବୋଲି ଦୁର୍ଗାଗୁଡା ଓ କେନ୍ଦୁଗୁଡା ଗ୍ରାମବାସୀ ସଂକଳ୍ପ ନେଇଥିଲେ। ଆଦିବାସୀଙ୍କ ପାରମ୍ପରିକ ଢେମାସା ନୃତ୍ୟ, ଗୀତ ବ୍ୟାଣ୍ଡ ବାଜା ସହ ମହୁରିଆ, ଢାପୁ ବାଜାର ତାଳେ ତାଳେ ଦୁଇ ଗ୍ରାମର ମହିଳା, ଯୁବତୀ ,ପୁରୁଷ ଓ ଯୁବକ ମାନେ ଝୁମିଥିଲେ।

# ବିଦ୍ୟୁତ୍ ଖୁଣ୍ଟିକୁ ଧକ୍କା ଦେଲା ମିନି ଭ୍ୟାନ୍



କୋରାପୁଟ,୧୯।୫(ସମିସ): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସମ୍ମୁଖରେ ଏକ ମିନି ଭ୍ୟାନ ବିଦ୍ୟୁତ୍ ଖୁଣ୍ଟିକୁ ଧକ୍କା ଦେଇଛି। ସୋମବାର ଅପରାହ୍ନରେ ମିନି ଟ୍ରକଟି କୋରାପୁଟ ଆସୁଥିବା ବେଳେ ଭାରସାମ୍ୟ ହରାଇ ବିଦ୍ୟୁତ ଖୁଣ୍ଟିକୁ ଧକ୍କା ଦେଇଥିଲା। ଧକ୍କାରେ ନିକଟରେ ଥିବା ଏକ ଘରର ଆଜବେଷ୍ଟସ ମଧ୍ୟ ଭାଙ୍ଗିଯାଇଛି। ବିଦ୍ୟୁତ ଖୁଣ୍ଟ ଏବଂ ତାର ରାସ୍ତା ଉପରେ ପଡ଼ିଯାଇଥିଲା। ଖବର ପାଇ ବିଭାଗ ପକ୍ଷରୁ ବିଦ୍ୟୁତ୍ ଲାଇନ କାଟି ଦେଇଥିଲେ। ଫଳରେ ଏକ ବଡ଼ ଦୁର୍ଘଟଣାରୁ ଲୋକେ ବର୍ତ୍ତି ଯାଇଛନ୍ତି।

# ରାଜ୍ୟସ୍ତରୀୟ ଆଦିବାସୀ କଂଗ୍ରେସ ଡ୍ରାଫଟିଂ କମିଟିର କୋରାପୁଟ ଗସ୍ତ



କୋରାପୁଟ,୧୯।୫(ସମିସ): ଆଦିବାସୀ କଂଗ୍ରେସ ରାଜ୍ୟସ୍ତରୀୟ ଡ୍ରାଫ୍ଟିଙ୍ଗ କମିଟି ସୋମବାର କୋରାପୁଟ ଜିଲ୍ଲା ଗସ୍ତ କରିଛନ୍ତି। ଆଦିବାସୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଆଇନ ବା ବିଭିନ୍ନ ଯୋଜନାର କାର୍ଯ୍ୟକାରୀତା ନେଇ ସ୍ଥାନୀୟ ସର୍କିଟହାଉସରେ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ଅଧ୍ୟକ୍ଷ ତଥା ବିରୋଧୀ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ ଜିଲ୍ଲାର ଆଦିବାସୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଆଇନ ବା ବିଭିନ୍ନ ଯୋଜନା କିଭଳି ପ୍ରଣୟନ ହେଉଛି ସେନେଇ ଆଲୋଚନା ହୋବସହ ବିଭିନ୍ନ ଆଦିବାସୀ ବର୍ଗର ବୁଦ୍ଧିଜୀବୀଙ୍କ ପରାମର୍ଶ ଗ୍ରହଣ କରିଛନ୍ତି। ବିଶେଷକରି ପେଶା ଆଇନ, ଫିପଥ୍ ସିଡୁଲ କୋରାପୁଟ ଅଞ୍ଚଳରେ ଆବଶ୍ୟକ ନିୟମର ଧାରା କିଭଳି ଲାଗୁ ହେବ ଏବଂ ଏଫ୍‌ଆର୍‌ଏ, ଶିକ୍ଷା ଓ ଜିଲ୍ଲାଭିତ୍ତିକ ନିଯୁକ୍ତି ଓ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ନେଇ ଏକ ରିପୋର୍ଟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି। ଅନ୍ୟପଟେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା କହିଛନ୍ତି ଯେ, ଏହି କମିଟି ନବରଙ୍ଗପୁର ଓ ମାଲକାନଗିରି ବୁଲିବା ପରେ କୋରାପୁଟରେ ସମୀକ୍ଷା କରୁଛନ୍ତି। ଆଗକୁ ଅନ୍ୟ ଜିଲ୍ଲାରେ ସମୀକ୍ଷା କରିବେ ତାପରେ ଏକ ଚାର୍ଜସିଟ୍ ପ୍ରସ୍ତୁତ ହେବ। ସବୁ ଦିଗରୁ ଏକ ଡ୍ରାଫ୍ଟ ପ୍ରସ୍ତୁତ କରାଯାଇ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। କମିଟିର ସଦସ୍ୟ ଯଥା କୋରାପୁଟ ପୂର୍ବତନ ସାଂସଦ ଜୟରାମ ପାଙ୍ଗି, ପୂର୍ବତନ ସାଂସଦ ଯଶବନ୍ତ ସିଂ ଲାଗୁରୀ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ଲକ୍ଷ୍ମୀଧର ସିଂ, ଡ.ଲିପିକା ମାଝୀ ଉପସ୍ଥିତ ଥିବାବେଳେ ସ୍ୱତନ୍ତ୍ର ଅତିଥିଭାବେ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା, ବିଧାୟକ ପବିତ୍ର ସାଉନ୍ତା ଯୋଗଦେଇଥିଲେ। ବୈଠକରେ ପରଜା, ଗଦବା, କନ୍ଧ, ଦୋରା, ମାଳି, ପରଙ୍ଗା ପରଜା ଭଳି ବିଭିନ୍ନ ଆଦିବାସୀ ସଂପ୍ରଦାୟର ବୁଦ୍ଧିଜୀବୀ ମଧ୍ୟ ଯୋଗଦେଇଥିଲେ।

# କୋରାପୁଟ ସାଂସଦଙ୍କ ସେମିଳିଗୁଡ଼ା ଗସ୍ତ



ସେମିଳିଗୁଡ଼ା,୧୯।୫(ସମିସ): କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା ସେମିଳିଗୁଡ଼ା ଗସ୍ତ କରିଛନ୍ତି। କମିଟି ଆହ୍ୱାନ କ୍ରମେ ସୋମବାର ରାତିରେ ସାଂସଦ ଶ୍ରୀ ଉଲ୍ଲାକା ପରିବାର ସହ ଅଗ୍ନି ଗଙ୍ଗା ମା'ଙ୍କ ଅସ୍ଥାୟୀ ମଣ୍ଡପକୁ ପହଞ୍ଚି ମା'ଙ୍କ ଦର୍ଶନ କରିଥିଲେ। ଉପସ୍ଥିତ ପୂଜାରୀଙ୍କ ସହ ପୂଜା ଓ ଯାତ୍ରାର ନୀତିନିୟମ ଉପରେ ପଚାରି ବୁଝିବା ସହିତ କମିଟି ସଭ୍ୟମାନଙ୍କ ସହ ଆଲୋଚନା କରିଥିଲେ। ସାଂସଦଙ୍କ ଗସ୍ତ ସମୟରେ ତାଙ୍କ ସହିତ ପଟ୍ଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ନେତା କୃଷ୍ଣ କୁଲଦୀପ, ରୂପକ ତୁରୁକ ଓ ବହୁତ ସଂଖ୍ୟାରେ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

**■ ଆବାସ ନିର୍ମାଣ ବେଳେ ଅଘଟଣ**

# ଘର ମାଲିକଙ୍କ ମୃତ୍ୟୁ, ମିସ୍ତ୍ରୀ ଗୁରୁତର

ବୈପାରୀଗୁଡ଼ା,୧୯।୫(ସମିସ): ବୈପାରୀଗୁଡ଼ା ବ୍ଲକ ଅଧୀନ ରାମଗିରି ପଞ୍ଚାୟତର ମାଳିଗୁଡ଼ାରେ ଆବାସ ନିର୍ମାଣ ବେଳେ ଅଘଟଣ ଘଟିଛି। ସିମେଣ୍ଟ ପାରାପେଟ ଭାଙ୍ଗିଯିବାରୁ ଘର ମାଲିକଙ୍କ ମୃତ୍ୟୁ ଘଟିଥିବା ବେଳେ ମିସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତ ଘର ମାଲିକ ହେଲେ ଭଗବାନ ଚୌଧୁରୀ ଏବଂ ଗୁରୁତର ଅବସ୍ଥାରେ ମିସ୍ତ୍ରି ଦୁର୍ଯ୍ୟୋ ଧଳ ଚିକିତ୍ସିତ ହେଉଛନ୍ତି। ସୂଚନାନୁଯାୟୀ, ଆବାସ ଗୃହକୁ ଅଧିକ ସୁନ୍ଦର କରିବା ପାଇଁ ଘରର ସାମ୍ନାପଟେ ସିମେଣ୍ଟ ପାରାପେଟରେ ଡିଜାଇନ୍ କାମ ଚାଲିଥିଲା। ମିସ୍ତ୍ରୀ ଦୁର୍ଯ୍ୟୋଙ୍କ ସହିତ ଭଗବାନ କାମରେ ସାହାଯ୍ୟ କରୁଥିବା ବେଳେ ହଠାତ୍ ତାହା ଭାଙ୍ଗିଯିବାରୁ ଅଘଟଣ ଘଟିଥଇଲା। ତୁରନ୍ତ ଗ୍ରାମବାସୀ ୨ଜଣଙ୍କୁ ଉଦ୍ଧାର କରି ବୈପାରିଗୁଡ଼ା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଭଗବାନଙ୍କ ମୃତ୍ୟୁ ଘଟିଛି। ମିସ୍ତ୍ରୀ ଦୁର୍ଯ୍ୟୋଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ସେ ଚିକିତ୍ସିତ ହେଉଛନ୍ତି। ଭଗବାନ ଗରିବ ଶ୍ରେଣୀର ହେତୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଗାଁ ଲୋକେ ଦାବି କରିଛନ୍ତି।

## ଦେବୋତ୍ତର ବିଭାଗ

# ୫୧ ବର୍ଷ ପରେ ଖୋଲିଲା ଅଳଙ୍କାର ବାକ୍ସ




ଜୟପୁର, ୧୯।୫ (ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଦେବତ୍ତୋର ବିଭାଗ ଅଧିନରେ ରହିଥିବା ବିଭିନ୍ନ ମନ୍ଦିରର ସୁନା ଓ ରୂପା ଅଳଙ୍କାର ସୁରକ୍ଷିତ ଭାବେ ସ୍ୱତନ୍ତ୍ର ଟ୍ରେଜେରୀରେ କଡ଼ା ସୁରକ୍ଷାରେ ରଖାଯାଇଛି। ୧୯୭୪ ମସିହାରେ ରାଜ୍ୟ ଦେବତ୍ତୋର କମିଶନରଙ୍କ ନିର୍ଦ୍ଦେଶକ୍ରମେ ଏହି ସୁନାଅଳଙ୍କାର ବାକ୍ସକୁ ଖୋଲାଯାଇ ଯାଞ୍ଚ କରାଯାଇ ପୁଣି ସୁରକ୍ଷିତ ଭାବେ ରଖାଯାଇଥିଲା। ପୁଣି ୫୧ ବର୍ଷ ପରେ ଆଜି ଦେବୋତ୍ତର ବିଭାଗ ପକ୍ଷରୁ ଅଳଙ୍କାର ବାକ୍ସ ଖୋଲାଯାଇ ଗଣତି ଓ ଯାଞ୍ଚ କରଯାଇଥିଲା। ରାଜ୍ୟ ଡେପୁଟିକମିଶନରଙ୍କ ନିର୍ଦ୍ଦେଶକ୍ରମେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଭି. କିର୍ତ୍ତିଭାସନ ଏବଂ ଉପଜିଲ୍ଲାପାଳ ଏ.ସସ୍ୟାରେ‡ୀଙ୍କ ଉପସ୍ଥିତିରେ ଏହି ବାକ୍ସକୁ କଡ଼ା ସୁରକ୍ଷାରେ ତାଲା ଖୋଲାଯାଇ ଯାଞ୍ଚ ଆରମ୍ଭ ହୋଇଥିଲା। ଜୟପୁର ମହାରାଜାଙ୍କ ପକ୍ଷରୁ ମନ୍ଦିରର ଦେବଦେବୀଙ୍କର ପରିମାଣର ସୁନା ଓ ରୂପା ଅଳଙ୍କାର ରହିଥିଲା ଏବଂ ଗତ ୫୧ ବର୍ଷ ପୂର୍ବେ ଗଣତି କରାଯାଇଥିବା ସୂଚୀ ଅନୁଯାୟୀ ଯାଞ୍ଚ କରାଯାଇଥିଲା। ଏଥିରେ ସୁନା ଅଳଙ୍କାରର ପରିମାଣ ଅଧିକ ରହିଛି। ଜୟପୁର ଜଗନ୍ନାଥ ମନ୍ଦିର ନାମରେ କୌଣସି ଅଳଙ୍କାର ନଥିବା ବେଳେ ବଲ୍ଲଭ ନାରାୟଣ, ନୀଳକଣ୍ଠେଶ୍ୱର, ପଞ୍ଚାନନ, ଦକ୍ଷିଣକାଳୀ ଏବଂ ଭଗବତୀ ମନ୍ଦିରଙ୍କ ନାମରେ ସୁନା ଓ ରୂପା ଅଳଙ୍କାର ରହିଛି। ସେହିପରି କେତେ ପରିମାଣର ସୁନା ଓ ରୂପା ଅଳଙ୍କାର ରହିଛି ରହିଛି, ସୁରକ୍ଷା ଦୃଷ୍ଟିରୁ ପ୍ରକାଶ କରାଯିବ ନାହିଁ ବୋଲି ଭାରପ୍ରାପ୍ତ ଜୟପୁର ଦେବତ୍ତୋର ଅଧିକାରୀ ତଥା ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହି ଗଣତି ପୂର୍ବାହ୍ନ ୧୧ଟା ସମୟରୁ ଆରମ୍ଭ ହୋଇଥିବା ବେଳେ ଭୁବନେଶ୍ୱର ଦେବତ୍ତୋର ବିଭାଗ ଦ୍ୱାରା ନିଯୁକ୍ତ ବିଭାଗର ନିରୀକ୍ଷକ ସୁକାନ୍ତ ପୂଜାରୀ, ଜୟପୁର ବିଡିଓ ଶକ୍ତି ମହାପାତ୍ର, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କୃତ୍ତିବାସ ସାହୁ, ସହକାରୀ କଲେକ୍ଟର ବାଲାଜୀ ପ୍ରସାଦ ବ୍ରହ୍ମା, ଟାଉନଥାନା ଅଧିକାରୀ ଉଲ୍ଲାସ ରଞ୍ଜନ ରାଉତ, ପୂର୍ବତନ ଦେବତ୍ତୋର ପରାମର୍ଶଦାତା କମିଟିର ସଭାପତି ନଟେନ୍ଦ୍ର ନାଥ ନାୟକ, ଲାଲମୋହନ ମିଶ୍ର, ରାଜସ୍ୱ ପରିଦର୍ଶକ ଦିଲ୍ଲିପ ପ୍ରଧାନ ଦେବୋତ୍ତର ବିଭାଗର କର୍ମଚାରୀ କୃଷ୍ଣଚନ୍ଦ୍ର ଦାଶ, ସିଦ୍ଧେଶ୍ୱର ଦାଶ, କାଳୀ ପ୍ରସାଦ ଦାଶ, ଶୁଭମ ମିଶ୍ରଙ୍କ ଉପସ୍ଥିତିରେ ଗଣତି ଓ ଯାଞ୍ଚ କରାଯାଇଥିଲା। ପ୍ରକାଶ ଯେ, ଦେବୋତ୍ତର ଅଧୀନରେ ଥିବା ଠାକୁରଙ୍କ ସୁନା ଅଳଙ୍କାରର ଦୁଇଟି ଅଳଙ୍କାର ବାକ୍ସ କୋଷାଗାର ରହିଛି। କେବଳ ଗୋଟିଏ ବାକ୍ସରୁ ପ୍ରତିବର୍ଷ ଠାକୁରଙ୍କ ସୁନାବେଶ ଓ ବିଭିନ୍ନ ପର୍ବ ପର୍ବାଣିରେ ଉକ୍ତ ସୁନା ଓ ରୂପା ଅଳଙ୍କାର କଡ଼ା ସୁରକ୍ଷାରେ ବାହାର କରାଯାଇ ଦେବ ଦେବୀଙ୍କୁ ଆଭୂଷଣ କରିବା ପରେ ଏହାକୁ ପୁଣି ସୁରକ୍ଷିତ ଭାବେ ରଖାଯାଉଥିଲା। ଅଳଙ୍କାର ବାକ୍ସକୁ ଖୋଲାଯାଇ ଦେବଦେବୀଙ୍କୁ ସୁନା, ରୂପା ଓ ଅନ୍ୟାନ୍ୟ ରତ୍ନ ଅଳଙ୍କାରର ଗଣତି ଓ ଯାଞ୍ଚ ନିମନ୍ତେ ବିଭିନ୍ନ ସମୟରେ ସହରର ବିଭିନ୍ନ ସଂଗଠନ ଓ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହେଉଥିଲା। ଅଳଙ୍କାର ଗୁଡ଼ିକୁ ଗଣତି ଓ ଯାଞ୍ଚ ପରେ ଉପରୋକ୍ତ ଅଧିକାରୀ, କର୍ମଚାରୀ ଏବଂ ବୁଦ୍ଧୀଜୀବି ଉପସ୍ଥିତିରେ ପୁଣି ବାକ୍ସକୁ ତାଲାଦେଇ ସିଲ କରାଯାଇଛି ବୋଲି ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।।

**■ ହେଲା ଯାଞ୍ଚ ଓ ଗଣତି**

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ ବାବାଜୀ ଚରଣ ପରିଡା**

ଅର୍ଣ୍ଣିଆ-କୁସୁନପୁର, ପୋ.ଅ - ସିଂହାପୁର, ଯାଜପୁର
ଆବିର୍ଭାବ -୧୫. ୦୧. ୧୯୪୯
ତିରୋଧାନ -୧୦. ୦୫. ୨୦୨୫

ତମେ ଚାଲିଗଲ ଅଫେରା ରାଇଜକୁ ଆଉ ଫେରିବ ନାହିଁ କେବେ। ତୁମ ସ୍ନେହ, ମମତା, ନୀତି ଓ ଆଦର୍ଶ ଆମ ପାଇଁ ପାଥେୟ ହେଲ । ତୁମେ ଯେଉଁଠି ଥାଅ ଭଲରେ ଥାଅ। ଏତିକି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ଶୋକସନ୍ତପ୍ତ**

ସହଧର୍ମିଣୀ -ସନ୍ଧ୍ୟାରାଣୀ ପରିଡା, ପୁଅବୋହୁ - ସମିତ - ଗାୟତ୍ରୀ, ସନ୍ଦୀପ - ଶର୍ବାଣି, ଝିଅଜ୍ୱାଇଁ - ସ୍ୱାଗତିକା - ଆନନ୍ଦ, ନାତି ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

## ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ମୁଖ୍ୟ ଫାଟକ ସମ୍ମୁଖରେ ମାସା ଆର୍ମୀର ଆନ୍ଦୋଳନ




ବାରିପଦା, ୧୯ ।୫(ସମିସ)

ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ ମୁଖ୍ୟ ଫାଟକ ସମ୍ମୁଖରେ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ (ମାସା ଆର୍ମୀ) ପକ୍ଷରୁ ସୋମବାର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ଧାରଣା ଦିଆଯାଇଥିଲା। ମେଡିକାଲ କଲେଜ ଏବଂ ହସ୍ପିଟାଲର ବିଭିନ୍ନ ଅବ୍ୟବସ୍ଥା ଓ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ପ୍ରତିବାଦ ତଥା ବିଭିନ୍ନ ଦାବି ପୂରଣ ପାଇଁ ଏହି ଧାରଣା ଦିଆଯାଇଥିଲା। ଏହି ମେଡିକାଲ କଲେଜ ଏବଂ ହସ୍ପିଟାଲ ଉପରେ ମୟୂରଭଞ୍ଜ ସହିତ ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡ ରାଜ୍ୟର ଲୋକେ ନିର୍ଭର କରନ୍ତି। ଫଳରେ ରୋଗୀ ହୋଇରାଣ ହେଉଥିବାରୁ ଏହାର ପ୍ରତିକାର ପାଇଁ ମାସାଆର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯାଇଛି। ଆଗକୁ ଅବ୍ୟବସ୍ଥା ନ ସୁଧୁରିଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପ୍ରଦାନ କରାଯାଇଛି। ଦାବି ଗୁଡିକ ମଧ୍ୟରେ ବିଭିନ୍ନ ବିଭାଗର ପ୍ରକୋଷ୍ଠ ବାହାରେ ଡାକ୍ତରଙ୍କ ଡ୍ୟୁଟି ଚାର୍ଟ ନାମ ଓ ଫୋନ୍ ନମ୍ବର ସହିତ ପ୍ରଦର୍ଶନ, ସିଟି ସ୍କାନ୍ ମେସିନ୍ ସଂଖ୍ୟା ବୃଦ୍ଧି, ବ୍ୟାଟେରୀ ଚାଳିତ ଗାଡି ସଂଖ୍ୟା ୨ରୁ ୧୦କୁ ବୃଦ୍ଧି, ଆଉଟ ସୋର୍ସିଂ ମାଧ୍ୟମରେ ଗ୍ରୁପ ସି ଓ ଗ୍ରୁପ ଡି ନିଯୁକ୍ତିକୁ ଉଚ୍ଛେଦ କରାଯାଇ ସରକାରୀ ମାଧ୍ୟମରେ ନିଯୁକ୍ତି, ରୋଗୀଙ୍କୁ ଉତ୍ତମ ମାନର ଖାଦ୍ୟ ପ୍ରଦାନ, ବନ୍ଦ ପଡ଼ିଥିବା ଓଟି ଖୋଲିବା, ଡାକ୍ତର ଖାନାରେ ସବୁ ବିଭାଗ ଖୋଲିବା ସହିତ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସହିତ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ କରାଯାଉ, ହସପିଟାଲରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ପ୍ରତିମୂର୍ତ୍ତି ସ୍ଥାପନ ସହିତ ସାନ୍ତାଳୀ ଭାଷାରେ ମଧ୍ୟ ମୁଖ୍ୟ ଫାଟକର ଫଳକ ଲେଖିବା, ଟିକେ ଟିକେ କଥାରେ କଟକ ରେଫର ବନ୍ଦ, ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କୁ କର୍ମଚାରୀଙ୍କ ଦ୍ୱାରା ଦୁର୍ବ୍ୟବହାର ବନ୍ଦ କରାଯାଉ ଆଦି ଦାବି ରହିଛି। ଧାରଣାରେ ରାଜ୍ୟ ସଭାପତି ଶ୍ରୀ ମାରାଣ୍ଡିଙ୍କ ସମେତ କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟ ନାରାୟଣ ମୁର୍ମୁ, ପଦ୍ମଲୋଚନ ମୁର୍ମୁ, ଲକ୍ଷ୍ମୀକାନ୍ତ ବାସ୍କେ, ପପୁ ମୁର୍ମୁ, ଅବିନାଶ ମାରାଣ୍ଡି, କୃଷ୍ଣ ଟୁଡୁ, ଦାସମାତ ସୋରେନ, ସନେଲ ମୁର୍ମୁ, ରଣଜିତ୍ ମୁର୍ମୁ, ସିମାଲ ମାଝୀ, ବିର୍ଭିମ ମାରାଣ୍ଡି, ସୁରେଶ ମୁର୍ମୁ, ସହଦେବ ହେମ୍ବ୍ରମ, ସୁଜିତ ମାରାଣ୍ଡି, ସୁବାସ ମୁର୍ମୁ, ଗାମାଇ ଗୋଇପାଇ, ରବୀନ୍ଦ୍ର ହେମ୍ବ୍ରମ, ସାଉନା ମୁର୍ମୁ, ଅଜିତ ହେମ୍ବ୍ରମ, କିରଣ ମାରାଣ୍ଡି, ହେମ ମାରାଣ୍ଡି, କାରିଆ ହାଁସଦା, ସଞ୍ଜୟ ମାରାଣ୍ଡି, ଦୀପକ ହେମ୍ବ୍ରମ, ପଦ୍ମଲୋଚନ ସିଂ ଓ ସାଗେନ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଯୋଗ ଅଲମ୍ପିଆଡ୍ ପ୍ରତିଯୋଗିତା

# ଯୋଗଦେବେ ୧୬ ପ୍ରତିଯୋଗୀ



**ବାରିପଦା, ୧୯ ।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବାରିପଦା ମହାରାଜା କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୪ ଓ ୧୭ ବର୍ଷରୁ କମ ଉଭୟ ବାଳକ ବାଳିକା ବର୍ଗର ଯୋଗ ଅଲମ୍ପିଆଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ଯୋଗ ଦେଇଥିଲେ। ବିଚାରକ ଭାବେ ଜ୍ୟୋତିରଞ୍ଜନ ଦାସ, ସରୋଜ ରାମ, ମନୋଜ ରାମ, ମିତାକ୍ଷୀ ମହାନ୍ତି, ମୋନାଲିସା ବାରିକ, ଅପସନା ଖାତୁନ ଏବଂ ସେଣ୍ଟ୍ରାଲ ଅଫିସିଆଲ ଭାବେ ଦୀପକ ରାମ, ପ୍ରଦୀପ ଚୌଧୁରୀ ଯୋଗଦେଇଥିଲେ। ଲକ୍ଷ୍ମୀଧର ମହାନ୍ତି ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ରାଜ୍ୟସ୍ତରୀୟ ଯୋଗ ଅଲମ୍ପିଆଡ଼ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୧୬ ଜଣ ଛାତ୍ରଛାତ୍ରୀ ଯୋଗଦେବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ପ୍ରକାଶ କରିଛନ୍ତି। ବାଳକ ଟିମ ମ୍ୟାନେଜର ଭାବେ ଆଦିତ୍ୟ କାନୁନଗୋ, ପ୍ରଦୀପ ଚୌଧୁରୀ ଓ ବାଳିକା ଟିମ ମ୍ୟାନେଜର ଭାବେ କ୍ଷୀଣପ୍ରଭା ବାରିକଙ୍କ ନେତୃତ୍ୱରେ ପ୍ରତିଯୋଗୀ ଯୋଗ ଦେବେ। ସେମାନେ ହେଲେ ୧୪ ବର୍ଷରୁ କମ ବାଳକ ବିଭାଗରେ କ୍ରିଷ୍ଣା ଦାସ, ରୁଦ୍ରନାରାୟଣ ଦାସ, ରୁଦ୍ରଜିତ କମିଲା, ବିଶାଲ ମହାନ୍ତ ଓ ବାଳିକା ବିଭାଗରେ ସୁଭାଗା ବରାଳ, ସଙ୍ଗୀତା ପାଢ଼ୀ, ସାଇପ୍ରିୟା ସିଂ, ଦେବାଙ୍ଗସି ସେଠୀ। ସେହିପରି ୧୭ ବର୍ଷରୁ କମ ବାଳକ ବିଭାଗରେ କ୍ରିଷ୍ଣା ନାୟକ, ଗୋପାଳ ସିଂ, ଶୁଭଜିତ କୁଇଲା, ଡମ୍ବୁରୁଧର ମହାନ୍ତ ଓ ବାଳିକା ବିଭାଗରେ ଲକ୍ଷ୍ମୀ ସୋରେନ, ଶୁଭଲକ୍ଷ୍ମୀ ବେହେରା, ପ୍ରୀତି ବିନ୍ଧାଣୀ, ବିଷ୍ଣୁପ୍ରିୟା ପଣ୍ଡିତ।

# ସାରସକ୍ଷେତ୍ରରେ ରଥଯାତ୍ରା ପ୍ରସ୍ତୁତି ବୈଠକ

**ସାରସକଣା, ୧୯।୫(ସମିସ):** ସାରସକ୍ଷେତ୍ର ସାରସକଣା ଶ୍ରୀଜଗନ୍ନାଥ ପୀଠରେ ଆଗାମୀ ଜୁନ ୨୭ ତାରିଖରୁ ଜୁଲାଇ ୫ ତାରିଖ ଯାଏ ହେବାକୁ ଥିବା ନବଦିନ ଯାତ୍ରା, ରଥଯାତ୍ରାର ସଫଳ ଆୟୋଜନ ପାଇଁ ମନ୍ଦିର ପରିଚାଳନା କମିଟି ସଭାପତି ପଦ୍ମନାଭ ସାହୁଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ କମିଟିର କୋଷାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସାହୁ ଗତ ଫେବୃଆରୀ ପୀଠରେ ଆୟୋଜନ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞର ଆୟବ୍ୟୟ ଉପସ୍ଥାପନ କରିବା ସହିତ ଆଗାମୀ ରଥଯାତ୍ରା ଆୟୋଜନ ପାଇଁ ସମ୍ଭାବ୍ୟ ବ୍ୟୟର ଏକ ଅଟକଳ ମଧ୍ୟ ସଦସ୍ୟଙ୍କୁ ଅବଗତ କରିଥିଲେ। ରଥଯାତ୍ରା ନିମନ୍ତେ ରଥନିର୍ମାଣ, ସ୍ନାନପୂର୍ଣ୍ଣିମା ଦିନ ସ୍ନାନବେଦୀକୁ ଦିଅଁମାନଙ୍କ ପହଣ୍ଡି, ମହାସ୍ନାନ, ଯାତ୍ରାରେ ଦର୍ଶନାର୍ଥୀଙ୍କ ଲାଗି ଟେଣ୍ଟ, ରାତିବେଳା ଆଲୋକ ବ୍ୟବସ୍ଥା, ଡ଼ାକବାଜି ଯନ୍ତ୍ର, ଦେଉଳ ମଞ୍ଚରେ ସାନ୍ଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ, ମେଳାରେ ଦୋକାନ, ମିନାବଜାର, ରଥଦାଣ୍ଡ ମରାମତି, ଅନୁଦାନ ସଂଗ୍ରହ, ଶାନ୍ତିଶୃଙ୍ଖଳା ରକ୍ଷା ଓ ଆଧ୍ୟାତ୍ମିକ ସାହିତ୍ୟ ପତ୍ରିକା 'ହେ' ଭଗତେ..' ପ୍ରକାଶନ ଆଦି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ସଦସ୍ୟ ସର୍ବଶ୍ରୀ ଯତୀନ ଚନ୍ଦ୍ର ସାହୁ, ବାସୁଦେବ ସାହୁ, ଅତୁଲ ଚନ୍ଦ୍ର ଦାସ, ହିମାଂଶୁ ଶେଖର ସାହୁ, ପ୍ରଦୀପ କୁମାର ପାଲିତ, ସୁନିଲ କୁମାର ସାହୁ, ଅସିତ କୁମାର ସାହୁ, ନବକିଶୋର ସେଠୀ, ଦୟାନିଧି ସାହୁ, ଦୁର୍ଗାପ୍ରସାଦ ନନ୍ଦୀ ଓ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ପରାମର୍ଶ ଦେଇଥିଲେ। ରଥଯାତ୍ରାରେ ବିପୁଳ ସମାଗମକୁ ଦୃଷ୍ଟିରୁ ସ୍ୱାସ୍ଥ୍ୟ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ଶାନ୍ତିଶୃଙ୍ଖଳା ରକ୍ଷା ଆଦି ନିମନ୍ତେ କମିଟି ଆଗାମୀ ଜୁନ୍ ୪ ତାରିଖରେ ପ୍ରଶାସନ, ପୁଲିସ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ଅଧିକାରୀ ଏବଂ ନିକଟସ୍ଥ କଲେଜ / ସ୍କୁଲର ଅଧ୍ୟକ୍ଷ ଓ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହିତ ଆଲୋଚନାରେ ବସିବାକୁ ମଧ୍ୟ ବୈଠକରେ ସ୍ଥିରହେଲା। ପରିଚାଳନା କମିଟିର ସମ୍ପାଦକ ଜଗନ୍ନାଥ ସାହୁ ପ୍ରାରମ୍ଭିକ ସ୍ୱାଗତ ଜଣାଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



## ବିଶ୍ୱବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

# ଭାରତର ଜ୍ଞାନ ପରମ୍ପରା ଅତୁଳନୀୟ

**ବାରିପଦା ୧୯ ।୫(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ 'ଭାରତକୁ ବୁଝିବା: ଭାରତୀୟ ନୀତି ଏବଂ ଜ୍ଞାନ ପ୍ରଣାଳୀ' ଶୀର୍ଷକ ଏକ ଗୁଣାତ୍ମକ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ଏବଂ ବିଶ୍ୱବିଦ୍ୟାଳୟ ମାନବ ସମ୍ବଳ ବିକାଶ କେନ୍ଦ୍ର ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ପୃଷ୍ଠପୋଷକ ରୂପେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଭାରତର ଜ୍ଞାନ ପରମ୍ପରା ଅତୁଳନୀୟ। ଏହାକୁ ସମ୍ମାନ ଦେଇ ମିଳିତ ଜାତିସଂଘ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ' ଭଳି ମହାମାନବିକ ମନ୍ତ୍ରଧ୍ୱନିକୁ ସ୍ୱୀକୃତି ଦେଇଛି। ସମସାମୟିକ ଶିକ୍ଷାଶାସ୍ତ୍ରରେ ସ୍ୱଦେଶୀ ଜ୍ଞାନ ପ୍ରଣାଳୀକୁ ସଂହତ କରିବାର ଗୁରୁତ୍ୱ ଉପରେ ସେ ଆଲୋକପାତ କରିବା ସହ ଭାରତୀୟ ବୌଦ୍ଧିକ ପରମ୍ପରାକୁ ପୁନର୍ଜୀବିତ କରିବାରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ମତପୋଷଣ କରିଥିଲେ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ଦର୍ଶନର ସ୍ଥାୟୀ ପ୍ରାସଙ୍ଗିକତା ଏବଂ ନୈତିକ ଶାସନ ଏବଂ ଜ୍ଞାନ ସୃଷ୍ଟିରେ ଏହାର ଅବଦାନ ଭାରତକୁ ବିଶ୍ୱଗୁରୁରେ ପରିଣତ କରିଛି ବୋଲି କହିଥିଲେ। ଭାରତୀୟ ଜ୍ଞାନ କୌଣସି କାଗଜ ସାର୍ଟିଫିକେଟ୍‌ର ସ୍ୱୀକୃତିର ଅପେକ୍ଷା ରଖେ ନାହିଁ ବୋଲି ସେ କହିଥିଲେ। ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତିର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତକୁ ବିଶ୍ୱର ସମସ୍ତ ଜ୍ଞାନର ଅନ୍ତୁଡ଼ିଶାଳ ତଥା ପ୍ରାଣକେନ୍ଦ୍ର ବୋଲି ମତପୋଷଣ କରିଥିଲେ।



ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଏହି କାର୍ଯ୍ୟକ୍ରମରେ ପୃଷ୍ଠପୋଷକ ଭାବେ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମର ଆବାହକ ତଥା ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ସୁକାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ଆବାହିକା ପ୍ରଫେସର ପୁଷ୍ପାଞ୍ଜଳି ପରିନା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସପ୍ତାହବ୍ୟାପୀ ଆୟୋଜିତ ହେବାକୁ ଥିବା ଏହ କାର୍ଯ୍ୟକ୍ରମରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଉଜ୍ଜ୍ୱଳ ଜାନା, ଜଗତ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଡ. ଏସ୍. ରାମରତ୍ନମ୍, ଆଇଆଇଟି ମାଣ୍ଡିର ଡ. ବରୁଣ ଦତ୍ତ, ସତ୍‌ନା ଏକେଏସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ରାମଲଖନ ସିଂ ଶିକାରୱର, ସିନ୍ଧୁ ବିଶ୍ୱବିଦ୍ୟାଳୟର ଡ. ଅନୀଲ ସୁରି, କଲିକତା ବିଶ୍ୱବିଦ୍ୟାଳୟର ପ୍ରଫେସର ସୁବ୍ରତ ଶଙ୍କର ବାଗଚୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପଫେସର ସୁଧାକର ପାତ୍ର, ଆଇଆଇଟି ଖଡଗପୁରର ପ୍ରଫେସର ରିତା ଚୋପ୍ରା, କଲିକତାର ସହକାରୀ ପେଟେଣ୍ଟ ନିୟନ୍ତ୍ରକ ଡ. ଧୀରେନ୍ ପଟ୍ଟନାୟକ, ଧରଣୀଧର ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟବ୍ରତ ମିଶ୍ର, କଲିକତା ଏନ୍‌ଆଇଟିଆର୍‌ର ନିର୍ଦ୍ଦେଶକ ପ୍ରଫେସର ଦେବୀ ପ୍ରସାଦ ମିଶ୍ର, କଲିକତା ଇଜେଡ୍‌ସିସିର ଡ. ତାପସ ସାମନ୍ତରାୟ, ସିଏସ୍‌ଆଇଆର୍ ନୂଆଦିଲ୍ଲୀର ଡ. ବିଜୟଲକ୍ଷ୍ମୀ ଅସ୍ଥାନା, ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଫେସର ଏମ୍. ହିମବିନ୍ଦୁ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅନୁବନ୍ଧିତ ମହାବିଦ୍ୟାଳୟର ୧୩୬ ଅଧ୍ୟାପକ ଅଧ୍ୟାପିକା ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ସହଆବାହକ ତଥା ଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ଡ. ପ୍ରତାପ କୁମାର ଜେନା ଓ ସହ-ଆବାହିକା ତଥା ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା, ଡ. ସ୍ୱରୂପାନନ୍ଦ ବିଷୋୟୀ, ଡ. ଜନ୍ମେଞ୍ଜୟ ନାୟକ, ଡ. ସୀତାରାମ ଦାସ, ଡ. ଶାନ୍ତିସ୍ୱରୂପ ବସା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ବାରିପଦା, ୧୯ ।୫(ସମିସ):** ସଦର ଥାନା ଅନ୍ତର୍ଗତ ଶିରୀଷବଣି ନିକଟରେ ଏକ ବାଇକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ନିକଟ କଦଳୀବାଡ଼ିଆ ଗ୍ରାମର ସାଗର ମହାନ୍ତ (୧୯)। ସେ ଘର ପାଖରେ ରାସ୍ତା କଡରେ ଛିଡା ହୋଇଥିବା ବେଳେ ଏକ ବାଇକ ତାଙ୍କୁ ଧକ୍କା ଦେବାରୁ ରାସ୍ତାରେ ସେ ପଡ଼ି ଯାଇଥିଲେ। ଫଳରେ ଜୋରରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପିଆରଏମ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା। ହେଲେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା; କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କୁ ମୃତ୍ୟୁ ଘଟିଛି।

# ଜିଲ୍ଲାପାଳଙ୍କ ଜବରଦଖଲ ଉଚ୍ଛେଦ ନିର୍ଦ୍ଦେଶ

**କରଞ୍ଜିଆ, ୧୯।୫(ସମିସ):** କରଞ୍ଜିଆରେ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ପାଣି ସମସ୍ୟା, ଟ୍ରାଫିକ ସମସ୍ୟା, ଅଘୋଷିତ ବିଦ୍ୟୁତ କାଟ ଆଦି ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏ ନେଇ କରଞ୍ଜିଆ ପ୍ରଗତି ମଞ୍ଚ ଜିଲ୍ଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହି ଅଭିଯୋଗର ଜିଲ୍ଲାପାଳ ଶୁଣାଣି କରି ଆସନ୍ତା ଏକ ମାସ ମଧ୍ୟରେ ଏହିସବୁ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସବୁ ପ୍ରକ୍ରିୟା ସରିଥିଲେ ମଧ୍ୟ ଉଚ୍ଛେଦ ହୋଇ ନ ଥିବାରୁ ପୁଣି ଆଜି ଅଭିଯୋଗ ହୋଇଥିଲା। ଏହାର ଶୁଣାଣି କରି ଜବର ଦଖଲ ସମ୍ପୂର୍ଣ୍ଣ ଉଚ୍ଛେଦ ହେବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ବିଜେଡି ଯୁବ ନେତାଙ୍କ ବିୟୋଗ



**ବଡସାହି, ୧୯।୫(ସମିସ):** ବଡସାହି ବ୍ଲକ ବିଜୁ ଜନତା ଦଳ ପରିଚାଳନା କମିଟିର ସଦସ୍ୟ, ଭୀମଦା ପଞ୍ଚାୟତର ସଭାପତି ତଥା ଆଗଧାଡିର ଟାଣୁଆ ନେତା ଦିଲ୍ଲୀପ କୁମାର ପାତ୍ର (୪୯)ଙ୍କ ପରଲୋକ ହୋଇଯାଇଛି। ସେ କିଛି ଦିନ ତଳେ ବ୍ରେନ ଷ୍ଟ୍ରୋକ୍ ଓ ପାରାଲିସିସିରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିଲେ; ହେଲେ ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମ ତଥା ବ୍ଲକରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଜନସାଧାରଣ, ରାଜନେତା ଓ ବିଜୁ ଜନତା ଦଳର କର୍ମକର୍ତ୍ତା ଭୀମଦାସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସେ ଜଣେ ସାଂଗଠନିକ, ମେଳାପି, ପରୋପକାରୀ ଓ ଧର୍ମପରାୟଣ ଯୁବକ ଥିଲେ। ତାଙ୍କ ମରଶରୀର ଉପରେ ଦଳୀୟ ପତାକା ରଖାଯାଇ ଏକ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ପରେ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ଏକ ଝିଅ ଓ ପତ୍ନୀ ଅଛନ୍ତି।

# କରଞ୍ଜିଆରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



**କରଞ୍ଜିଆ, ୧୯।୫(ସମିସ):** କରଞ୍ଜିଆରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି ଉପସ୍ଥିତ କରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ୮୪ଟି ଅଭିଯୋଗ ଆଗତ ହୋଇଥିବାବେଳେ ସେଥିରୁ ୬୮ଟି ଅଭିଯୋଗ ବ୍ୟକ୍ତିଗତ ଏବଂ ୧୬ଟି ଗୋଷ୍ଠିଗତ ଥିଲା। ୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ଅବସରରେ ୫ ଜଣଙ୍କୁ ୫ ହଜାର ଟଙ୍କା ଲେଖାଏଁ ୨୫ ହଜାର ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୨ ଜଣ ଠାକୁରମୁଣ୍ଡା ବ୍ଲକ ଜଡିବେଡା ଗ୍ରାମର ସୁରେନ୍ଦ୍ର ମହାନ୍ତ ଓ ଶୁକ୍ଳୁଳି ବ୍ଲକ ପାଣ୍ଡରଲିକ ଗାଁର କୁନି ସାହୁଙ୍କୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ଦିଆଯାଇଥିଲା। ସେହିପରି ରେଡକ୍ରସ ଫଣ୍ଡରୁ ୩ ଜଣଙ୍କୁ ୫ ହଜାର ଲେଖାଏଁ ସହାୟତା ପ୍ରଦାନ କରଯାଇଥିଲା। ଶିବିରରେ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସ, ପିଏ ଆଇଟିଡିଏ ଚିତ୍ତରଞ୍ଜନ ମହାନ୍ତ, ଉପଖଣ୍ଡ ପୁଲିସ ଅଧିକାରୀ ନବକିଶୋର ନାଏକ, ଡିଏଫଓ ସାଇକିରଣ ଡି ଏନ୍, ଏସିଏଫ୍ ପ୍ରଭାତ କୁମାର କୁଆଁର, ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଲକ୍ଷ୍ମୀକାନ୍ତ ମହାନ୍ତ, ଶୁକ୍ଳୁଳି ତହସିଲଦାର ଯତୀନ୍ଦ୍ର ନାଥ ସେଠୀ ପ୍ରମୁଖ ବହୁ ଅଧିକାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସେକ୍ସନ ଅଫିସର୍ ଧିରେନ କୁମାର ଭୋଇ, ସମେଶ ମହନ୍ତ, ଦିଲ୍ଲୀପ କୁମାର ପଳେଇ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ହାତୀପଲ ଉପଦ୍ରବରେ ଅଞ୍ଚଳବାସୀ ଅତିଷ୍ଠ

# ଭାଙ୍ଗିଲେ ଘର; ଖାଇଲେ ଧାନ ଚାଉଳ





ମୋରଡ଼ା, ୧୯।୫(ସମିସ)

ମୋରଡା ବ୍ଲକ ଅନ୍ତର୍ଗତ କୋହି ଗ୍ରାମପଞ୍ଚାୟତରେ ହାତୀପଲର ଉପଦ୍ରବରେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ସୋମବାର ଏକ ୫୬ ଟିକିଆ ହାତୀପଲ ଘର ଭାଙ୍ଗିବା ସହିତ ଲୋକଙ୍କ ଧାନଚାଉଳ ଖାଇ ବ୍ୟାପକ କ୍ଷତି କରିଛନ୍ତି। ମୋରଡ଼ା ପଶ୍ଚିମବଙ୍ଗର ସୀମାରେ ରହିଥିବା ବେଳେ ସେଠାକାର ବନବିଭାଗ ହାତୀଗୁଡିକୁ ଘଉଡ଼ାଇ ଦେଉଛନ୍ତି। ଫଳରେ ମୋରଡା ଅଞ୍ଚଳରେ ପଶି ବ୍ୟାପକ କ୍ଷତି କରୁଛନ୍ତି। ବ୍ଲକର ବିଭିନ୍ନ ସ୍ଥାନରେ ବର୍ଷତମାମ ହାତୀ ଉପଦ୍ରବ ଲାଗି ରହୁଛି। ସୂଚନାଯୋଗ୍ୟ ଯେ, ଦେଉଳି ବନାଞ୍ଚଳରୁ ରାସଗୋବିନ୍ଦପୁର ରେଞ୍ଜକୁ ସୋମବାର ଏକ ୫୬ ଟିକିଆ ହାତୀପଲ ପ୍ରବେଶ କରିଥିଲେ। ଦେଉଳି ରେଞ୍ଜର ପାକଟିଆର କାଙ୍କଡି ସଂରକ୍ଷିତ ଜଙ୍ଗଲରୁ ବାହାରି ମୋରଡା ବ୍ଲକର ବିଭିନ୍ନ ଗାଁରେ ପଶି ବ୍ୟାପକ ପନିପରିବା ଓ ଧାନ ଖାଇ ଦେଇଛନ୍ତି। ଏପରିକି ଚାଷଜମିକୁ ଦଳିଚକଟି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। କୋହି ପଞ୍ଚାୟତର ବଡମୁଣ୍ଡାବଣି ଗ୍ରାମର ପ୍ରମିଳା ଟିପିରିଆ ଓ ପିନୁ ଥୟାଲଙ୍କ ଆଜବେଷ୍ଟସ ଘର ଭାଙ୍ଗିବା ସହିତ ଧାନ ଚାଉଳ ଖାଇ ଦେଇଛନ୍ତି। ସେହିପରି ମକରା ସରେନ, ତାମେଶ୍ୱର ଦାସ, ବାଧୁଦେବ ଦାସ, ରବି ହାଁସଦା, ଯୋଗେଶ୍ୱର ଦାସଙ୍କ ପନିପରିବା ଏବଂ ଧାନ ଚାଷରେ ପଶି ନଷ୍ଟ କରିଦେଇଛନ୍ତି। ଏବେ ଏହି ହାତୀପଲ ଯୋଗୁଁ ଲୋକଙ୍କ ନିଦ ହଜିଗଲାଣି। ବନ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବାବାଜୀ ଚରଣ ପରିଡା
ଅର୍ଖିଆ-କୃଷ୍ଣନପୁର, ପୋ.ଅ - ସିଂହାପୁର, ଯାଜପୁର
ଆବିର୍ଭାବ -୨୫. ୦୧. ୧୯୪୯
ତିରୋଧାନ -୧୦. ୦୫. ୨୦୨୫
ତମେ ଚାଲିଗଲ ଅଫେରା ରାଇଜକୁ ଆଉ ଫେରିବ ନାହିଁ କେବେ। ତୁମ ସ୍ନେହ, ମମତା, ନୀତି ଓ ଆଦର୍ଶ ଆମ ପାଇଁ ପାଥେୟ ହେଉ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ଏତିକି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ସହଧର୍ମିଣୀ -ସନ୍ଧ୍ୟାରାଣୀ ପରିଡା, ପୁଅବୋହୂ - ସମିତ - ଗାୟତ୍ରୀ, ସନ୍ଦୀପ - ଶର୍ବାଣି, ଝିଅଜ୍ୱାଇଁ - ସ୍ୱାଗତିକା - ଆନନ୍ଦ, ନାତି ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

# ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରୁଛି ଶିଶୁ ନାଟ୍ୟ କର୍ମଶାଳା

ରାଉରକେଲା, ୧୯।୫(ସମିସ)



ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) ଏବଂ ନୂଆଦିଲ୍ଲୀ ସ୍ଥିତ ନ୍ୟାସନାଲ୍ ସ୍କୁଲ୍ ଅଫ୍ ଡ୍ରାମା (ଏନଏସଡି) ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିଶୁ ନାଟ୍ୟ କର୍ମଶାଳା ସ୍ଥାନୀୟ ସେକ୍ଟର-୨୦ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଡିଟୋରିୟମରେ ଶୁଭାରମ୍ଭ ହୋଇଯାଇଛି। ଏହି କର୍ମଶାଳା ସୃଜନଶୀଳତା ଏବଂ ସାଂସ୍କୃତିକ ଗୌରବର ଏକ ରଙ୍ଗୀନ ଉତ୍ସବ ପାଲଟିଛି। ଯାହା ଯୁବ ଛାତ୍ରଛାତ୍ରୀମାନଙ୍କୁ ନାଟକର ମନମୁଗ୍ଧକର ଦୁନିଆକୁ ଆକର୍ଷିତ କରୁଛି। ଏନଏସ୍‌ଡିର ପୂର୍ବତନ ଛାତ୍ର ଓ କର୍ମଶାଳାର ନିର୍ଦ୍ଦେଶକ ଜଗନାଥ ସେଠଙ୍କ ନେତୃତ୍ୱରେ ସ୍ଥାନୀୟ ସଂଯୋଜକ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ଏକ ପାଞ୍ଚ ଜଣିଆ ଦଳ ଯୁବ ଅଂଶଗ୍ରହଣକାରୀଙ୍କୁ ନାଟ୍ୟ କୌଶଳର ବିସ୍ତୃତ ପରିସରର ତାଲିମ ପ୍ରଦାନ କରୁଛନ୍ତି। ପ୍ରଥମ ଦିନରୁ ପିଲାମାନେ ନାଟ୍ୟ କଳାର ଅନେକସ୍ତର ଯେପରିକି ସ୍ୱର ମଡ୍ୟୁଲେସନ୍ ଅଭ୍ୟାସରେ ମଗ୍ନ ରହିଛନ୍ତି। ଯେଉଁଥିରେ ସାପ, ଝିଟିପିଟି ଏବଂ ମାଙ୍କଡ଼ଙ୍କ ଅନୁକରଣ କରିବା ସହିତ ଶରୀର ଗତିବିଧି ଅନ୍ତର୍ଭୁକ୍ତ ରହିଛି। ଭାବପ୍ରବଣ ଅଭିବ୍ୟକ୍ତିଗୁଡ଼ିକ କଞ୍ଚା ଏବଂ ହୃଦୟସ୍ପର୍ଶୀ ହୋଇଥିବା ବେଳେ ଚରିତ୍ର ବିକାଶ ପ୍ରକ୍ରିୟା କଳାକାରମାନଙ୍କୁ ଥିଏଟରର ଗଭୀରତା ଓ ଶୃଙ୍ଖଳା ସହ ପରିଚିତ କରାଇଛି। ନାଟକଗୁଡ଼ିକ ଧ୍ୟାନ କେନ୍ଦ୍ରିତ କରିବାରେ ମଜା, ଦଳଗତ କାର୍ଯ୍ୟ, ଏକାଗ୍ରତା ଏବଂ ସୌହାର୍ଦ୍ଦ୍ୟର ଭାବନା ସୃଷ୍ଟି କରିଛି। ଏହି ପଦକ୍ଷେପର ମୂଳରେ ଭାରତର ସ୍ୱାଧୀନତା ଆନ୍ଦୋଳନର ଅଜ୍ଞାତ ନାୟକମାନଙ୍କ ଜୀବନକୁ ପ୍ରତିଫଳିତ କରିବାର ଏକ ଗଭୀର ଉଦ୍ଦେଶ୍ୟ ରହିଛି। ତିରଙ୍ଗା ଯାତ୍ରା ସମୟରେ ଦେଶପ୍ରେମର ଏହି ଭାବନାକୁ ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଥିଲା, ଯେଉଁଠାରେ ୪୧ ଜଣ ଉତ୍ସାହୀ ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ଧରି ଦେଶପ୍ରେମର ସ୍ଲୋଗାନ ଦେଇ ସ୍କୁଲ କ୍ୟାମ୍ପସ ଓ ଆଖପାଖ ଅଞ୍ଚଳକୁ ଜାତୀୟ ଗର୍ବର ଏକ ସ୍ପନ୍ଦନଶୀଳ ଭାବନାରେ ପ୍ରଜ୍ୱଳିତ କରିଥିଲେ। ଯୁବ ପ୍ରତିଭାକୁ ପୋଷଣ ଏବଂ ନାଟ୍ୟ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏନଏସ୍‌ଡିର ଦେଶବ୍ୟାପୀ ପଦକ୍ଷେପର ଏହା ଏକ ଅଂଶ। ଏହି କର୍ମଶାଳା କେବଳ ଏକ ଅଭିନୟ ଶ୍ରେଣୀ ନୁହେଁ ବରଂ ଏକ ପରିବର୍ତ୍ତନକାରୀ ଅଭିଜ୍ଞତା ପ୍ରଦାନ କରୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଡାକ୍ତର ପରିଚୟ ଦେଇ ଋଣ ନେବା ଘଟଣା
# ନକଲି ଡାକ୍ତରଙ୍କୁ ଆଜୀବନ କାରାଦଣ୍ଡାଦେଶ

**ରାଉରକେଲା, ୧୯।୫(ସମିସ):** ନିଜକୁ ଡାକ୍ତର ପରିଚୟ ଦେଇ ବାଜାଜ୍ ପର୍ସନାଲ୍ ଲୋନ୍ ଶ୍ରେଣୀରୁ ୧୬ ଲକ୍ଷ ଟଙ୍କା ଋଣ ନେବା ମାମଲାର ଆଜି ରାୟ ପ୍ରକାଶ ପାଇଛି। ନକଲି ଡାକ୍ତର ପଦ୍ମନାଭ ମୁଖୀ କାରୁଆଙ୍କୁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶର୍ମିଷ୍ଠା ପାଢ଼ୀ ସମସ୍ତ ସାକ୍ଷୀ ଓ ଯୁକ୍ତିକୁ ବିଚାର କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ୪୧୯ ଦଫାରେ ୨ ବର୍ଷ, ୫ ମାସ ସଶ୍ରମ କାରାଦଣ୍ଡ, ୪୨୦ ଦଫାରେ ୨ ବର୍ଷ ଓ ଜରିମାନା ୫ ହଜାର ଟଙ୍କା, ଏହା ଅନାଦେୟ ହେଲେ ଅଧିକ ୧ ମାସ ଜେଲ ଦଣ୍ଡାଦେଶ, ୪୬୫ ଦଫାରେ ୧ ବର୍ଷ, ୪୬୮ ରେ ୨ ବର୍ଷ, ୪୭୧ରେ ୬ ବର୍ଷ ଜେଲ ଦଣ୍ଡାଦେଶ ପାଇଁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଏହି ଦଣ୍ଡ ସମୟ ଗୁଡ଼ିକ ସମକାଳୀନ ଭାବେ ଗଣନା କରାଯିବ ବୋଲି ଶୁଣାଣିରେ କୁହାଯାଇଛି। ସୂଚନାଯୋଗ୍ୟ ଯେ, ୨୦୨୪ ଜୁନରେ ପଦ୍ମନାଭ ବାଜାଜ ପର୍ସନାଲ୍ ଲୋନ୍ ନେବାକୁ ଆବେଦନ କରିଥିଲେ। ଏହି କ୍ରମରେ କମ୍ପାନୀ ପକ୍ଷରୁ ଗତ ୧୩ ଜୁନରେ ୧୬ ଲକ୍ଷ ଟଙ୍କା ଲୋନ ଦିଆଯାଇ ଆକାଉଣ୍ଟକୁ ପଠାଇ ଦିଆଯାଇଥିଲା। ମାତ୍ର କମ୍ପାନୀର ଭୁବନେଶ୍ୱର ହେଡ ଅଫିସଠାରେ ଭେରିଫିକେଶନରେ କାଗଜପତ୍ର ତଥ୍ୟ ଭୁଲ ପ୍ରମାଣିତ ହୋଇଥିଲା। ଏନେଇ ଏକ ଟିମ୍ ରାଉରକେଲାରେ ପହଞ୍ଚି କମ୍ପାନୀ ପକ୍ଷରୁ ତଦନ୍ତ କରିଥିଲେ। ପରେ କାଗଜପତ୍ର ଠକେଇ ହୋଇଥିବା ଜଣାପଡ଼ିଥିଲା। ପଦ୍ମନାଭ ଅନ୍ୟ ଜଣଙ୍କ ନାଁରେ ତଥା ରମେଶ ଚନ୍ଦ୍ର ଝା କାଗଜପତ୍ର ଦର୍ଶାଇ ଏହି କାରବାର କରିଥିବା ଜଣାପଡ଼ିଥିଲା। ସେ ରାଉରକେଲା ସରକାରୀ ଡାକ୍ତରଖାନାର ରାହୀ କେୟାର ଡାଏଲିସିସ ସେଣ୍ଟରଠାରେ ଡାକ୍ତର ଭାବେ କାର୍ଯ୍ୟ କରୁଥିଲେ। ତେବେ ଘଟଣା ବିଷୟରେ ସେଣ୍ଟର୍ ହେଡ ମୟୂର ଅଗ୍ରୱାଲ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାପୂର୍ବରୁ ଦୋଷୀ ନକଲି ଡାକ୍ତର ଅଭିଯୋଗରେ ଦୁଇ ବର୍ଷ ଜେଲ ଦଣ୍ଡ ମଧ୍ୟ ଭୋଗିଥିଲେ। ସରକାରଙ୍କ ପକ୍ଷରୁ ଆଇନଜୀବୀ ଅକ୍ଷୟ କୁମାର ସାହୁ ମାମଲା ପରିଚାଳନା କରିଥିଲେ।

# ନୂତନ ସହର ପ୍ରଶାସକଙ୍କ ସହ ସିଆଇଟିୟୁ ପ୍ରତିନିଧି ଦଳର ଆଲୋଚନା



**ରାଉରକେଲା, ୧୯।୫(ସମିସ):** ଆର୍ଏସ୍‌ପିର ସହର ପ୍ରଶାସନ ବିଭାଗ ମୁଖ୍ୟ ଭାବରେ ସିଜିଏମ ଟି.ଜି କାନେତକର ଯୋଗ ଦେଇଛନ୍ତି। ଏହି ପରୀପ୍ରେକ୍ଷୀରେ ସିଆଇଟିୟୁର ପ୍ରତିନିଧି ମଣ୍ଡଳୀ ରତ୍ନାକର ନାୟକ, ପ୍ରଦୀପ ସେଠୀ, ଜୀବନ ବାରୀହା, ଯଜ୍ଞେଶ୍ୱର ସାହୁ, ପ୍ରଦୋଷ ପରିଡ଼ା, ସଞ୍ଜୀୟ ନାୟକ ପ୍ରମୁଖ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସହରାଞ୍ଚଳର ବିକାଶ, କ୍ୱାର୍ଟରମାନଙ୍କର ତୁରନ୍ତ ମେଣ୍ଟେନାନ୍ସ କାର୍ଯ୍ୟକରିବା, ଖାଲିଥିବା କ୍ୱାର୍ଟରକୁ ସୁଲଭ ହାରରେ ଅବସରପ୍ରାପ୍ତ ଶ୍ରମିକଙ୍କୁ ପ୍ରଦାନ କରାଯିବା ଉପରେ ଆଲୋଚନା କରିଥିଲେ। ଶ୍ରୀ କାନେତକର ସିଆଇଟିୟୁ ତରଫରୁ ଆରଏସପିର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ଆଧୁନିକିରଣକୁ ସମ୍ପୂର୍ଣ୍ଣ ରୂପେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ପୂର୍ବରୁ ଆରସିଡବ୍ଲ୍ୟୁର ସାଧାରଣ ସମ୍ପାଦକ ବିମାନ ମାଇତିଙ୍କ ନେତୃତ୍ୱରେ ବି.ପି. ମହାପାତ୍ର, ଅଜୟ ସର୍ମା, ଲକ୍ଷ୍ମୀଧର ନାୟକ, ବିଶ୍ୱଜିତ ମାଝି, ନିଜୟ ବେହୁରିଆ ଶ୍ରୀ କାନେତକରଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ। ଠିକା ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

# ଅବ୍ୟବସ୍ଥାରେ ମଧୁପୁର ଅଙ୍ଗନବାଡ଼ି କେନ୍ଦ୍ର




**ବଣାଇଁ, ୧୯।୫(ସମିସ):** ବଣାଇଁ ବ୍ଲକ କେନ୍ଦ୍ରିକଳା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମଧୁପୁର ଗ୍ରାମର ଆମ ଅଙ୍ଗନବାଡ଼ି କେନ୍ଦ୍ର ଅବ୍ୟବସ୍ଥା ଘେରରେ ରହିଥିବା ଦେଖିବାକୁ ମିଳିଛି। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଶିଶୁଙ୍କ ସୁରକ୍ଷା ଓ ଶିକ୍ଷାଦାନ ପାଇଁ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରିଛନ୍ତି। ଏହି କେନ୍ଦ୍ରରେ ୨୦ରୁ ଊର୍ଦ୍ଧ୍ୱ ଶିଶୁ ଶିକ୍ଷା ଗ୍ରହଣ କରୁଥିବାବେଳେ ଅଙ୍ଗନବାଡ଼ି କେନ୍ଦ୍ର ଗୃହର ଅବସ୍ଥା ଶୋଚନୀୟ ହୋଇରହିଛି। ଶ୍ରେଣୀ ଗୃହରେ ପଙ୍ଖା ନଥିବାରୁ ଗରମ ଗୁଳୁଗୁଳିରେ ଛୋଟ ଛୋଟ ଶିଶୁମାନେ ହନ୍ତସନ୍ତ ହେଉଛନ୍ତି। ବିଶେଷ ଭାବେ ଏଠାରେ ପାନୀୟଜଳର କୌଣସି ସୁବିଧା ନାହିଁ। କେନ୍ଦ୍ରରେ ନିଜର ନଳକୂପ ନଥିବା ବେଳେ ବସୁଧା ପାଣି ଉପରେ ନିର୍ଭର କରିବାକୁ ପଡୁଛି। ପାଣି ଟାଙ୍କିକୁ ସଂଯୁକ୍ତ ପାଇପ୍ ସବୁ ଭାଙ୍ଗି ଯାଇଥିବାରୁ ଟାଙ୍କିକୁ ପାଣି ଉଠି ପାରୁନାହିଁ। ଯାହା ଫଳରେ ଶିଶୁଙ୍କ ଖାଦ୍ୟ ରୋଷେଇ ସହ ପାନୀୟ ଜଳ ପାଇଁ ଦୂରକୁ ଯାଇ ପାଣି ଆଣିବାକୁ ପଡୁଛି। କାନ୍ଥରେ ଲାଗିଥିବା ପାଣି ଫିଲ୍‌ଟର କାମରେ ଆସୁନଥିବା ଦେଖିବାକୁ ମିଳିଛି। ଶିଶୁମାନଙ୍କ ଖେଳାବୁଲା ସ୍ଥାନରେ ଚାଲିଥିବା ପେଭର ପକା କାର୍ଯ୍ୟ ଆଜି ଯାଏ ହୋଇ ପାରିନାହିଁ। ଫଳରେ ଚାରିପାଖ ଘାସ ଲଟା ବୁଦାରେ ପରିପୂର୍ଣ୍ଣ ହୋଇରହିଛି। ଫଳରେ ବିଷାକ୍ତ ସରିସୃପଙ୍କ ଭୟ ରହୁଛି। ଛୁଆଙ୍କ ଖେଳିବା ପାଇଁ କେବଳ ଷ୍ଟାଣ୍ଡ ଲଗା ଯାଇଥିବାବେଳେ ଦୋଳି ଲାଗି ନଥିବା ଦେଖିବାକୁ ମିଳିଛି। ବଣାଇଁ ବ୍ଲକର ବିଭିନ୍ନ ସ୍ଥାନରେ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନଥିବା ବେଳେ ଆଉ କେତେକ ସ୍ଥାନରେ ଅଧିକାଂଶ ନବ ନିର୍ମିତ ଗୃହ ଅଧପନ୍ତରିଆ ଭାବେ ପଡ଼ିରହିଛି। ଅନେକ ଗୁଡ଼ିଏ କେନ୍ଦ୍ରରେ ବିଦ୍ୟୁତ୍, ଜଳ ଯୋଗାଣ ବ୍ୟବସ୍ଥା ହୋଇପାରିନଥିବା ବେଳେ ବିଭାଗ କେବଳ ଅଣ୍ଡା, ଛତୁଆ ଓ ଖେଳଣା କିଣାରେ ଲିପ୍ତ ରହିଥିବା ସାଧାରଣରେ ମତ ପ୍ରକାଶ ପାଇଛି। ଏନେଇ ବଣାଇଁ ଶିଶୁ ସୁରକ୍ଷା ଅଧିକାରୀ ବିଣାପାଣି ନାୟକଙ୍କୁ ପଚାରିବାରୁ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିବା କହିବା ସହ ଯଥାଶିଘ୍ର କାମ ସାରିବାକୁ ଠିକାଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଗ୍ରୀଷ୍ମକାଳୀନ ଖୋ ଖୋ ତାଲିମ ଶିବିର



**ରାଉରକେଲା, ୧୯।୫(ସମିସ):** ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଓଡ଼ିଶାର ୧୫ଟି ଜିଲ୍ଲାରେ ଚଳିତ ମାସରୁ ଆଗାମୀ ୩୦ ତାରିଖ ଯାଏଁ ଗ୍ରୀଷ୍ମକାଳୀନ ଖୋ ଖୋ ତାଲିମ ଶିବିର ଆୟୋଜନ କରାଯାଇଛି। ଏହି କ୍ରମରେ ବୀରମିତ୍ରପୁର ଜାଗୃତି ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଶିବିରରେ ୧୪ ବର୍ଷରୁ କମ୍ ବର୍ଗର ୨୭ ଜଣ ବାଳକ ଓ ୨୨ ଜଣ ବାଳିକା ତାଲିମ ନେଉଛନ୍ତି। କ୍ରୀଡ଼ା ବିଭାଗ ପକ୍ଷରୁ ଖୋ ଖୋ ପ୍ରଶିକ୍ଷକ ଅନିଲ ସାହୁ କୋଚ ଭାବେ ଦାୟିତ୍ୱ ନେଇଛନ୍ତି। ସକାଳ ୬ରୁ ୮ଟା ଓ ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ତାଲିମ ଦିଆଯାଉଛି। ଜିଲ୍ଲାରେ ଏହି ଶିବିର ପ୍ରଥମ କରି ଆୟୋଜନ ହୋଇଥିବାରୁ ଆଗାମୀ ଦିନରେ ବହୁ ସଂଖ୍ୟାରେ ଖେଳାଳି ରାଜ୍ୟ ତଥା ଜାତୀୟସ୍ତର ପାଇଁ ମନୋନୀତ ହେବେ ବୋଲି କୋଚ ଆଶାବ୍ୟକ୍ତ କରିଛନ୍ତି।

# ଶ୍ରଦ୍ଧାର ଦ୍ୱିବାର୍ଷିକ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ଚୟନ

**ରାଉରକେଲା, ୧୯।୫(ସମିସ) :** ସଭାପତି ପଶୁପତିନାଥ ଚାଟାର୍ଜୀଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାର ଦ୍ୱିବାର୍ଷିକ ସମ୍ମିଳନୀ ଶ୍ରଦ୍ଧା ଅଫିସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ଗତ ଦୁଇବର୍ଷର କାର୍ଯ୍ୟକ୍ରମ ଓ ଆୟବ୍ୟୟର ବିବରଣୀ ଦେବାସହ ଆଗାମୀ କାର୍ଯ୍ୟକ୍ରମ ଉପରେ ବିଶେଷ ବିବରଣୀ ରଖିଥିଲେ। ଶେଷରେ ସର୍ବସମ୍ମତିକ୍ରମେ ଆସନ୍ତା ୩ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ଡ. ରାମକୃଷ୍ଣ ବିଶ୍ୱାଳଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିଲା। ଡ. ପ୍ରଭାକର ନାୟକ ଉପସଭାପତି, କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ସାଧାରଣ ସମ୍ପାଦକ, ଅଜିତ କୁମାର ସ୍ୱାଇଁ ଯୁଗ୍ମ ସମ୍ପାଦକ, ସର୍ବେଶ୍ୱର ମାନସିଂହ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଏହାବ୍ୟତୀତ ସାଧାରଣ ପରିଷଦର ସଭ୍ୟ ଭାବେ ନରେଶ କୁମାର ପଟେଲ, ସୁମନ୍ତ କୁମାର ସ୍ୱାଇଁ, କବିତା ଦାସ, ସ୍ୱର୍ଣ୍ଣପ୍ରଭା ପାଣ୍ଡବ, ମୁକୁଲ ହାଁସଦା ଏବଂ ଜଗବନ୍ଧୁ ବେହେରା ପ୍ରମୁଖଙ୍କୁ ଚୟନ କରାଯାଇଛି। ଅଭିଭାବକ କମିଟିରେ ଆଉ ୧୦ ଜଣଙ୍କୁ ନିଆଯାଇଥିଲା।

# ଆର୍ଟ ଅଫ୍ ଗିଭିଂ ଡେ ପାଳିତ

**ରାଉରକେଲା, ୧୯।୫(ସମିସ):** ସ୍ଥାନୀୟ ଜଗଦା ସାଂସ୍କୃତିକ ପରିଷଦର ସଭାଗୃହରେ ଦ୍ୱାଦଶତମ ଆର୍ଟ ଅଫ୍ ଗିଭିଂ ଡେ ପାଳିତ ହୋଇଯାଇଛି। ସମାଜସେବୀ ସଞ୍ଜିବ



ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୂର୍ଗା ଚରଣ ତନ୍ତୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚଳିତ ବର୍ଷର ଶୀର୍ଷକ 'ନେବର ହୁଡ' ଅର୍ଥାତ୍ ପଡୋଶୀଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ଭଳି ବାର୍ତ୍ତାର ପ୍ରଚାର ସମାଜକୁ ସୁଧାରିବାରେ ସହାୟକ ହେବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଅରବିନ୍ଦ ଦାସ ଯୋଗଦେଇଥିଲେ। ପ୍ରଫେସର ସମର ମୁଦାଲି ମଞ୍ଚାସୀନ ଥିଲେ। କହିଛନ୍ତି। ଏହି ଅବସରରେ ରାଉରକେଲା ସହରରେ ରାସ୍ତା କଡ଼ରେ ଜୀବନ ବିତାଉଥିବା ଗରିବଙ୍କୁ ରୁଟି ବିତରଣ କରୁଥିବା ସ୍ୱେଚ୍ଛାସେବୀ ସଂସ୍ଥା 'ରାମ ରୋଟି'ର କର୍ମକର୍ତ୍ତା ଧନଞ୍ଜୟ ପଟେଲ ଓ ମହେନ୍ଦ୍ର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଅନୀଲ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କିସ୍‌ର ସଂଯୋଜକ ସୁବ୍ରତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କିଟ୍‌ର ନିର୍ଦ୍ଦେଶକ ସନ୍ତୋଷ କୁମାର ନାଏକ, ଟେକ୍ନିକାଲ ଆସିଷ୍ଟାଣ୍ଟ କମଲ ଲୋଚନ ସ୍ୱାଇଁ ଉପସ୍ଥିତ ଥିଲେ।

# ତୁର୍କୀ ଓ ଚୀନ ଉତ୍ପାଦକୁ ବହିଷ୍କାର ପାଇଁ ସ୍ୱଦେଶୀ ଜାଗରଣ ମଞ୍ଚର ଦାବି

**ରାଉରକେଲା, ୧୯।୫(ସମିସ):** ସ୍ୱଦେଶୀ ଜାଗରଣ ମଞ୍ଚ ରାଉରକେଲା ମହାନଗର ଶାଖା ପକ୍ଷରୁ ବିଶ୍ରା ଛକଠାରେ ଅପରେସନ 'ସିନ୍ଦୁର' ଆକ୍ରମଣ ସମୟରେ ପାକିସ୍ଥାନକୁ ତୁର୍କୀ, ଚୀନ ଓ ଆଜାର ବୈଜାନର ସାମରିକ ସହଯୋଗକୁ ପ୍ରତିବାଦ କରି ଉକ୍ତ ଦେଶର ଉତ୍ପାଦକୁ ବର୍ଜନ କରିବାକୁ ଦାବି କରିଛି। ଏନେଇ ସୋମବାର ସନ୍ଧ୍ୟାରେ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଯୋଜକ ମନୋଜ ନାଏକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରକାର ତୁର୍କୀ ଉପରେ ଆର୍ଥିକ କଟକଣା ଲଗାଇବା ସହ ଭାରତୀୟ ନାଗରିକଙ୍କୁ ପର୍ଯ୍ୟଟନ ପାଇଁ ତୁର୍କୀ ନଯିବା ପାଇଁ ପ୍ରବର୍ତ୍ତାଇବାକୁ ଦାବି କରିଛନ୍ତି। ତୁର୍କୀର ଫଳମୂଳ ଓ ଶୁଖିଲା ଫଳ ଉପରେ ଆମଦାନୀ କଟକଣା ଲଗାଯିବା ସହ ସମଗ୍ର ଦେଶବାସୀ ତୁର୍କୀ ଓ ଚୀନ ସାମଗ୍ରୀ ବର୍ଜନ କରିବାକୁ ଆହ୍ୱାନ ଦେଇଛନ୍ତି। ଏଥିସହ ଦେଶକୁ ସମୃଦ୍ଧ କରିବାକୁ ସ୍ୱଦେଶୀ ଦ୍ରବ୍ୟ ଗ୍ରହଣ କରିବାକୁ ମଞ୍ଚ ନିବେଦନ କରିଛି। ଏହି ଅବସରରେ ଭରତ ଗୌଡ଼, ରିତେଶ ହାଲଦାର, ସୁରଜ୍ ପଣ୍ଡା, ଚନ୍ଦ୍ରିକା ଲାକ୍ରା, ଜୟନ୍ତ ପ୍ରଧାନ, ସୁକାନ୍ତ ସୁତାର, ହିମାଂଶୁ ବଳ, ଦିନେଶ ଭୋଳ, ଭୀମସେନ ନାଏକ, ଦିଲୀପ କୁମାର ପଟ୍ଟନାୟକ, ସତ୍ୟବ୍ରତ ପଣ୍ଡା, ବଦ୍ରି ମହାରଣା, ସତ୍ୟାନନ୍ଦ ଦାସ, ରାଜେଶ ମହାପାତ୍ର, ଅମର ଜୟସ୍ୱାଲ୍ ସହଯୋଗ କରିଥିଲେ।




# ଆର୍‌ଏସ୍‌ପି ଉତ୍ପାଦକତା ବୃଦ୍ଧିରେ ସିଭିଲ୍ ଇଞ୍ଜିନିୟରିଂର ଭୂମିକା ଗୁରୁତ୍ୱପୂର୍ଣ୍ଣ



ରାଉରକେଲା, ୧୯।୫(ସମିସ)

ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଭିଲ୍ ଇଞ୍ଜିନିୟରିଂ (ସେବା) ବିଭାଗ ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ଲାଣ୍ଟର ପ୍ରମୁଖ ୟୁନିଟ୍‌ଗୁଡ଼ିକର କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଓ ଉନ୍ନତତର କର୍ମକ୍ଷେତ୍ର ପରିବେଶ ଉପଲବ୍ଧ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ନିରନ୍ତର ଉନ୍ନତି ଏବଂ ଭିତ୍ତିଭୂମି ଉତ୍କର୍ଷତା ପ୍ରତି ଏହାର ପ୍ରତିବଦ୍ଧତା ଅନୁଯାୟୀ, ସିଇଏସ୍ ବିଭାଗ ଉତ୍ପାଦକତାରେ ଉନ୍ନତି ଆଣିବା କକ୍ଷେ ଏବଂ କାରଖାନାରେ କର୍ମଚାରୀଙ୍କ ପାଇଁ ଅଧିକ ଅନୁକୂଳ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ନବୀକରଣ, ଅପଗ୍ରେଡିଂ ଏବଂ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପଗୁଡ଼ିକର ଶୃଙ୍ଖଳ ସଫଳତାର ସହିତ ସମ୍ପନ୍ନ କରିଥିଲା। ବିଭାଗ କେନ୍ଦ୍ରୀୟ କାର୍ମିକ -ଟିଏମ୍ଏମ୍ କାର୍ଯ୍ୟାଳୟ କୋଠା, ପ୍ରଶାସନ କୋଠାର ବିଭିନ୍ନ ବ୍ଲକ, ମାର୍କେଟିଂ ବିଭାଗ, ବ୍ଲାଷ୍ଟ ଫର୍ଣ୍ଣେସ୍ ପ୍ରଶାସନ କୋଠା, ଜଳ ପରିଚାଳନା ବିଭାଗ, ଏସ୍ଏମ୍ଏସ୍-୨ ର ଏମଇଆର କୋଠା, ଅଭ୍ୟର୍ଥନା କୋଠା, ଆଧୁନିକୀକରଣ ଷ୍ଟୋର ଇତ୍ୟାଦି ସମେତ ଅନେକ ପ୍ରମୁଖ ପ୍ରଶାସନିକ ଏବଂ କାର୍ଯ୍ୟକ୍ଷମ କୋଠାଗୁଡ଼ିକରେ ବ୍ୟାପକ ନବୀକରଣ କାର୍ଯ୍ୟ ସମ୍ପାଦନ କରିଥିଲା। ୟୁନିଟର ପ୍ରମୁଖ ପଦକ୍ଷେପ ମଧ୍ୟରୁ ଇଡି ୱାର୍କ୍ସ କୋଠା ସାମ୍ନାରେ ପୂର୍ବରୁ ଥିବା ଆବର୍ଜନା ଡମ୍ପ ସାଇଟକୁ ଏକ ନୂତନ ଉଦ୍ୟାନ ସ୍ଥାନରେ ରୂପାନ୍ତରଣ କାର୍ଯ୍ୟ ଅନ୍ୟତମ ଥିଲା। ଏହି ପ୍ରକଳ୍ପ କେବଳ ଯେ ପରିସରର ସୌନ୍ଦର୍ଯ୍ୟ ବୃଦ୍ଧି କରିଛି ତାହା ନୁହେଁ ପରିବେଶଗତ ସ୍ଥାୟିତ୍ୱ ଏବଂ ସବୁଜ ପଦକ୍ଷେପ ପ୍ରତି ବିଭାଗର ଉତ୍ସର୍ଗତାକୁ ମଧ୍ୟ ପ୍ରଦର୍ଶନ କରିଛି। ସମ୍ପାଦିତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି କାର୍ଯ୍ୟ ମଧ୍ୟରେ ସିସିଡିରେ ଆମୋନିୟମ୍ ସଲଫେଟ୍ କୋଠା, ବ୍ଲାଷ୍ଟ ଫର୍ଣ୍ଣେସ-୫ରେ ଫ୍ଲାସ୍ ମିକ୍ସର କଲମ୍, ଆଧୁନିକୀକରଣ ଷ୍ଟୋର ଏବଂ ଟିପ୍ଲର-୧ରେ ଏମତି ଟ୍ରାକ୍ ଭଳି ଗୁରୁତ୍ୱପୂର୍ଣ୍ଣ ସଂରଚନା ଗଠନର ମରାମତି ଓ ସୁଦୃଢ଼ୀକରଣ ଅନ୍ତର୍ଭୁକ୍ତ ଥିଲା। ସିଇଏସ ଦ୍ୱାରା ଏହି ପଦକ୍ଷେପଗୁଡ଼ିକ ଆରଏସପିର ଉତ୍ପାଦନ ୟୁନିଟ୍ ଏବଂ ରଣନୈତିକ କାର୍ଯ୍ୟକୁ ସହଯୋଗ କରିବା ପାଇଁ ଏହାର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି, ଯାହା କାରଖାନାର ସାମଗ୍ରିକ ଉତ୍ପାଦକତା, ସୁରକ୍ଷା ଏବଂ କର୍ମଚାରୀ କଲ୍ୟାଣରେ ଗୁରୁତ୍ୱପୂର୍ଣ୍ଣ ଅବଦାନ।

### ପ୍ରହେଳିକା ପାଲଟିଛି ୩୫୦୦ ଟଙ୍କା ଭତ୍ତା

# ଜିଲ୍ଲାରେ ୩ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ବଞ୍ଚିତ

ନୟାଗଡ଼,୧୯।୫(ସମିସ)

ନୟାଗଡ଼ ଜିଲ୍ଲାରେ ପ୍ରହେଳିକା ପାଲଟିଛି ୩୫୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା। ଯେତିକି ଲୋକ ୩୫୦୦ ଟଙ୍କା ପାଉଛନ୍ତି, ଅନେକ ବ୍ୟକ୍ତି ଅପେକ୍ଷାରେ ରହିଛନ୍ତି। ଜିଲ୍ଲାକୁ ମିଳିଥିବା ଟାର୍ଗେଟ୍ ପୂରଣ ହୋଇସାରିଥିବାରୁ ୩ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ରାଜ୍ୟ ସରକାରଙ୍କ ଏହି ଜନହିତକର ଯୋଜନାରୁ ବଞ୍ଚିତ ହେଉଛନ୍ତି। ବ୍ଲକ୍‌ଗୁଡ଼ିକ ଦ୍ୱାରା ତାଲିକା

- ସାମାଜିକ ସୁରକ୍ଷା ବିଭାଗର ଅବହେଳା
- ଜିଲ୍ଲାକୁ ମିଳିଥିବା ଟାର୍ଗେଟ୍ ଶେଷ
- ଜଣଙ୍କ ମୃତ୍ୟୁରେ ଆଉ ଜଣେ ସାମିଲ୍

ପ୍ରସ୍ତୁତିରେ ଭୁଲ୍ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ଅବହେଳା ପାଇଁ ଜିଲ୍ଲାରେ ଅନେକ ବ୍ୟକ୍ତି ବୟସ ଏବଂ ଯୋଗ୍ୟତା ଥାଇ ବି ୩୫୦୦ ଟଙ୍କା ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଅନେକ ହିତାଧିକାରୀଙ୍କୁ ଜାଣିଶୁଣି ତାଲିକାଭୁକ୍ତ କରାଯାଇନାହିଁ। କେତେକ ସ୍ଥାନରେ ସାମିଲ୍ କରିବା ପାଇଁ ଅର୍ଥ ଦାବି କରାଯାଉଛି।

ନୟାଗଡ଼ ବ୍ଲକ୍‌ରେ ୪୦୦ରୁ ଊର୍ଦ୍ଧ୍ୱ ୮୦ ବର୍ଷ ବୟସ୍କ ଏବଂ ୮୦ ପ୍ରତିଶତ ଦିବ୍ୟାଙ୍ଗ ବ୍ୟକ୍ତି ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ୩୫୦୦ ଟଙ୍କା ଭତ୍ତା ବ୍ୟବସ୍ଥା ଏକ ପ୍ରହେଳିକା ବୋଲି ଅଭିଯୋଗ ଆସୁଥିବାବେଳେ ହାତଗୁଞ୍ଜା ଦେଲେ ବୟସ ବଢୁଛି ବୋଲି ଅଭିଯୋଗ କରିଛନ୍ତି। କେବଳ ନୟାଗଡ଼ ବ୍ଲକ୍ ନୁହେଁ; ଜିଲ୍ଲାର ସବୁ ବ୍ଲକ୍‌ରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲାରେ ଏହି ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କ ସଂଖ୍ୟା ୩ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗତ ନୟାଗଡ଼ ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକରେ କହିଛନ୍ତି। ସରକାରଙ୍କ ପକ୍ଷରୁ ଜିଲ୍ଲାକୁ ଦିଆଯାଇଥିବା ଟାର୍ଗେଟ୍ ପୂରଣ ହୋଇସାରିଥିବା ବେଳେ ବହୁ ସଂଖ୍ୟାରେ ଯୋଗ୍ୟ ବ୍ୟକ୍ତି ୩୫୦୦ ଟଙ୍କା ପାଇବାରୁ ବଞ୍ଚିତ ହେବା ଚିନ୍ତାର ବିଷୟ ସୃଷ୍ଟି କରିଛି। ନୟାଗଡ଼ ଜିଲ୍ଲାରେ ଇନ୍ଦିରା ଗାନ୍ଧୀ ପେନ୍‌ସନ୍ ଯୋଜନାର ୬୦୫୬ ହିତାଧିକାରୀ, ଇନ୍ଦିରା ଗାନ୍ଧୀ ଦିବ୍ୟାଙ୍ଗ ପେନ୍‌ସନ୍ ଯୋଜନାରେ ୨୬୦୬, ମଧୁବାବୁ ପେନ୍‌ସନ୍ ଯୋଜନାରେ ୪୪୭୦, ମଧୁବାବୁ ଦିବ୍ୟାଙ୍ଗ ପେନ୍‌ସନ୍ ଯୋଜନାରେ ୧୪୦୮ ଜଣ ହିତାଧିକାରୀ ୩୫୦୦ ଟଙ୍କା ଭତ୍ତା ପାଉଛନ୍ତି। ଏମାନଙ୍କୁ ବାଦ୍ ଦେଲେ ଜିଲ୍ଲାରେ ୩ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଏବେ ବି ଅପେକ୍ଷାରେ ରହିଛନ୍ତି। ୩୫୦୦ ଟଙ୍କା ଭତ୍ତାରେ ସାମିଲ୍ ହୋଇଥିବା ୧୪ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ମଧ୍ୟରୁ ଯଦି କାହାରି ମୃତ୍ୟୁ ଘଟେ, ତେବେ ତାଙ୍କ ସ୍ଥାନରେ ଜଣେ ନୂଆ ହିତାଧିକାରୀଙ୍କୁ ସାମିଲ୍ କରାଯାଉଛି। ରାଜ୍ୟ ସରକାର ଟାର୍ଗେଟ ବଢ଼ାଇଲେ ଏହି ୩ ହଜାର ହିତାଧିକାରୀ ସାମିଲ୍ ହୋଇପାରିବେ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗତ ବୈଠକରେ କହିଥିଲେ। ଜିଲ୍ଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ଏନେଇ ଅବଗତ କରିବା ସହ କିଭଳି ଟାର୍ଗେଟ୍ ବୃଦ୍ଧି ପାଇବ ତାହା ଉପରେ ଦୃଷ୍ଟି ଦେବାକୁ ଦାବି ହେଉଛି।

### ମାଲ ମାଲ ନକଲି ଦିବ୍ୟାଙ୍ଗ

ନୟାଗଡ଼ ଜିଲ୍ଲାରେ ମାଲ ମାଲ ନକଲି ଦିବ୍ୟାଙ୍ଗ ଭତ୍ତା ସହ ଆବଶ୍ୟକ ସରକାରୀ ସୁବିଧାସୁଯୋଗ ପାଉଛନ୍ତି। ଏହି ନକଲି ଦିବ୍ୟାଙ୍ଗମାନେ ହାତଗୁଞ୍ଜା ଦେଇ ଦିବ୍ୟାଙ୍ଗ ପ୍ରମାଣପତ୍ର ହାତେଇଛନ୍ତି। ନୟାଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଅଧୀନରେ ଦିବ୍ୟାଙ୍ଗ ଭତ୍ତା ପାଉଥିବା ସମସ୍ତ ହିତାଧିକାରୀଙ୍କ ପୁନଃ ଯାଞ୍ଚ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

## ବଲାଙ୍ଗୀ ପାର୍କରେ ଲାଗିଲା ଲାଇଟ୍; କାର୍ଯ୍ୟକ୍ଷମ ହେଲା ଶୌଚାଳୟ



'ସକାଳ' ପ୍ରଭାବ

ନୟାଗଡ଼,୧୮।୫(ସମିସ): ନୟାଗଡ଼ ଜିଲ୍ଲା ତଥା ସଦର ମହକୁମାରେ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ଉଭା ହୋଇଛି ବଲାଙ୍ଗୀ ପାର୍କ। ଏହି ପାର୍କକୁ ବିଶ୍ୱସ୍ତରୀୟ କରିବା ପାଇଁ ପରିକଳ୍ପନା କରାଯାଇଥିଲା। ପୌର ପରିଷଦର ଅଣଦେଖା କାରଣରୁ ବଲାଙ୍ଗୀ ପାର୍କରେ ନାନାଦି ସମସ୍ୟା ସୃଷ୍ଟି ହୋଇଥିଲା। ପାର୍କ ସ୍ଥାନରେ ଅନ୍ଧାର, ଶୌଚାଳୟ ବନ୍ଦ ହୋଇଥିବା ସମସ୍ୟାକୁ ସୋମବାର ପୌର ପରିଷଦ ପକ୍ଷରୁ ତତ୍ପରତା ସହ ସମାଧାନ କରାଯାଇଛି। ପାର୍କ ସ୍ଥାନରେ ଲାଇଟ୍ ଲଗାଯାଇଥିବା ଏବଂ ଶୌଚାଳୟକୁ କାର୍ଯ୍ୟକ୍ଷମ କରାଯାଇଥିବା ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ବଲାଙ୍ଗୀ ପାର୍କ ନୟାଗଡ଼ବାସୀଙ୍କ ଭାବାବେଗ ସହ ଜଡ଼ିତ ହୋଇଥିବାବେଳେ ଛୁଟି ଦିନଗୁଡ଼ିକରେ ବ୍ୟାପକ ଜନଗହଳି ଦେଖିବାକୁ ମିଳୁଛି।

ପ୍ରତ୍ୟେକ ରବିବାର ଏଠାରେ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେଉଛି। ପୌର ପରିଷଦ ପକ୍ଷରୁ ସୁରକ୍ଷା କର୍ମୀ ନିଯୁକ୍ତି ହୋଇଥିଲେ ମଧ୍ୟ କୌଣସି କର୍ମଚାରୀଙ୍କୁ ସେଠାରେ ଦେଖିବାକୁ ମିଳୁନାହିଁ। ଯାହାକୁ ନେଇ ପୌର ପରିଷଦ ଏକ ଠିକାସଂସ୍ଥା ମାଧ୍ୟମରେ ବଲାଙ୍ଗୀ ପାର୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରିବ ବୋଲି ସୂଚନା ମିଳିଛି।

## ଦେଶୀ ମଦ ଜବତ; ଦୁଇ ଗିରଫ

ଭାପୁର/ଖଣ୍ଡପଡ଼ା,୧୯।୫(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଚକ୍ରଧରପ୍ରସାଦ ପଞ୍ଚାୟତ ଗୋବର୍ଦ୍ଧନପ୍ରସାଦ ଗ୍ରାମରେ ସୋମବାର ଖଣ୍ଡପଡ଼ା ଅବକାରୀ ବିଭାଗ ଦୁଇଟି ସ୍ଥାନରେ ଚଢ଼ଉ କରି ୩୮ ଲିଟର



ଦେଶୀ ମଦ ଓ ଦୁଇଟି ଗାଡ଼ି ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗୋବର୍ଦ୍ଧନପ୍ରସାଦ ଗ୍ରାମରେ ଅବକାରୀ ବିଭାଗ କବି ମଲ୍ଲିକଙ୍କ ଘରେ ଚଢ଼ଉ କରି ୨୪ ଲିଟର ଦେଶୀ ମଦ ଜବତ କରିବା ସହ ଏକ ବାଇକ୍ ଜବତ କରିଥିଲେ। ସେହିପରି ସେହି ଗ୍ରାମର ଉପେନ୍ଦ୍ର ସାହୁଙ୍କ ଘରୁ ୧୪ ଲିଟର ଦେଶୀ ମଦ ଓ ଟିଭିଏସ୍ ଏକ୍ସଏଲ୍ ମୋପେଡ୍ ଜବତ କରିଛି। ଦୁଇ ଘଟଣାରେ ଉଭୟ କବି ମଲ୍ଲିକ ଓ ଉପେନ୍ଦ୍ର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଚଢ଼ଉରେ ଖଣ୍ଡପଡ଼ା ଅବକାରୀ ଥାନା ଅଧିକାରୀ ଦୀପକ ଜେନା, ଏଏସ୍ଆଇ ନନ୍ଦୁ ନାୟକ ଓ କନେଷ୍ଟବଳ ଲକ୍ଷ୍ମୀଧର ବେହେରା, ପ୍ରତ୍ୟୁଷ ରଞ୍ଜନ ଦେହୁରି ଓ ଶୁଭଶ୍ରୀ ପାଣିଗ୍ରାହୀ ସାମିଲ୍ ହୋଇଥିଲେ।

## ପଥର ଖଣିରେ ଚଢ଼ଉ; ଟ୍ରାକ୍ଟର ଜବତ

ଖଣ୍ଡପଡ଼ା,୧୯।୫(ସମିସ): ଖଣ୍ଡପଡ଼ା ତହସିଲ୍ ଅଧୀନ ସିଂଘାପଡ଼ା ପଞ୍ଚାୟତର କେଡାଙ୍ଗି ଗ୍ରାମ ନିକଟରେ ଥିବା ଫାର୍ମ ହାଉସ୍ ପରିସରସ୍ଥିତ ପଥର ଖଣିରୁ ଏକ ଟ୍ରାକ୍ଟର ଯୋଗେ ପଥର ବାହାରକୁ ଚାଲାଣବେଳେ ଖଣ୍ଡପଡ଼ା ପୁଲିସ ଟିମ୍ ସୋମବାର ଚଢ଼ଉ କରି ଏକ ପଥର ବୋଝେଇ ଟ୍ରାକ୍ଟରଟିକୁ ଜବତ କରିଛି। ପୁଲିସର ଘନଘନ ଚଢ଼ଉ ଯୋଗୁଁ ଲଘୁ ଖଣିଜ ସମ୍ପଦ ଲୁଟ୍ କରୁଥିବା ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ପୁଲିସ ଚଢ଼ଉକୁ ଅଞ୍ଚଳବାସୀ ସ୍ୱାଗତ କରିଥିବାବେଳେ ଉକ୍ତ ପଥର ଖଣିକୁ ଅନଧିକାର ଭାବେ ଅକ୍ତିଆର କରି ରଖିଥିବା ଖୋର୍ଦ୍ଧା ଅଞ୍ଚଳର ଫାର୍ମ ହାଉସ୍ ମାଲିକଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଖଣ୍ଡପଡ଼ା ତହସିଲ୍ ପ୍ରଶାସନ ଓ ନୟାଗଡ଼ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସିଂଘାପଡ଼ା, ବରଖଣ୍ଡ, କେଡାଙ୍ଗି, ରୁପାପଲ୍ଲୀ, ହରିହରପ୍ରସାଦ ଗ୍ରାମର ବାସିନ୍ଦା ଦାବି କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ଭାପୁର,୧୯।୫(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ବିଜିପୁର ଗ୍ରାମରେ ଭଡ଼ା ନେଇ ନଳକୂଅ ଖୋଳୁଥିବା ଗୋଟିଏ ସଂସ୍ଥାରେ କାମ କରୁଥିବା ଜଣେ ଯୁବକଙ୍କ ରବିବାର ବିଳମ୍ବିତ ରାତିରେ ବିଜିପୁର ଛକରେ ଏକ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ହୋଇଯାଇଛି। ମୃତକ ଜଣକ ହେଲେ ଛତିଶଗଡ଼ ଦାନ୍ତେୱାଡ଼ା ଥାନା ପଟେଲପଡ଼ା ଗ୍ରାମର ବୁଲୁ ରାମଙ୍କ ପୁଅ ବୋଟି ରାମ। ଖବରପାଇ ଫତେଗଡ଼ ଥାନା କର୍ମଚାରୀ ଓ ଭାପୁର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ସାହୁ ଶବକୁ ଭାପୁର ଡାକ୍ତରଖାନାରେ ରଖିଥିଲେ। ସ୍ଥାନୀୟ ଲୋକମାନଙ୍କଠାରୁ ଜଣାପଡ଼ିଛି ଯେ ଏକ କାର୍ ବୋଟି ରାମଙ୍କୁ ଧକ୍କା ଦେଇ ୧୦୦ ମିଟର ଘୋଷାଡ଼ି ନେଇ ଫେରାର୍ ହୋଇଯାଇଛି।

## ଆଇନସେବା ପ୍ରାଧିକରଣ ତରଫରୁ ସଚେତନତା ଶିବିର

ନୟାଗଡ଼,୧୯।୫(ସମିସ): ନୟାଗଡ଼ ଜିଲ୍ଲା ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶ କ୍ରମେ ସଚିବ ଅଞ୍ଜଳି ମଛଖଣ୍ଡଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସିଡିଏମ୍‌ଓ, ନୟାଗଡ଼ଙ୍କ ସମ୍ମିଳନୀ କକ୍ଷରେ କଠିନ ଆବର୍ଜନାର ପରିଚାଳନା ଉପରେ ପାରା ମେଡିକାଲ ୱାର୍କର, ପାରା ଲିଗାଲ ସ୍ୱେଚ୍ଛାସେବୀ, ରୋଟାରୀ କ୍ଲବ୍‌ର ସଭ୍ୟମାନେ ତଥା ମୁଖ୍ୟ ଚିକିତ୍ସାଳୟର ପ୍ରତ୍ୟେକ ବିଭାଗର କର୍ମଚାରୀଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ କର୍ମଚାରୀ ପବନ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ




ମୁଖ୍ୟ ଅତିଥି ଭାବେ ଅଞ୍ଜଳି ମଛଖଣ୍ଡ ସ୍ୱାଗତ ଭାଷଣ ଦେଇ କଠିନ ଆବର୍ଜନା ସଂଗ୍ରହ, ପରିବହନ, ପୁନଃଚକ୍ରଣ ଓ ପରିଚାଳନା ଏବଂ ପୋସ୍ ଆକ୍ଟ ଉପରେ ଆଲୋକପାତ କରିଥିଲେ। ଏଥିରେ ବରିଷ୍ଠ ଅଧିବକ୍ତା ତଥା ଜିପି ଦଣ୍ଡପାଣି ସ୍ୱାଇଁ ଓ ରମେଶ ଚନ୍ଦ୍ର ମହାରଣା ବାୟୋମେଡିକାଲ ଆବର୍ଜନା ବ୍ୟବସ୍ଥାପନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ଦାସ ଓ ଜିଲ୍ଲା ପବ୍ଲିକ୍ ସ୍ୱାସ୍ଥ୍ୟ ଅଧିକାରୀ ପୁଷ୍ପା ନୀଳିମା ଲାକ୍ରା, ଡ. ତାରକା ପ୍ରସାଦ ତ୍ରିପାଠୀ, ଡ. ଶରତ କୁମାର ଦାଶ, ଡ. ଖାନ୍, ଓକିଲ କାମାକ୍ଷା ପ୍ରସାଦ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ କର୍ମଚାରୀ ପ୍ରଶାନ୍ତ କୁମାର ସାହୁ ଓ ରାଜେଶ ବାରିକ ସହଯୋଗ କରିଥିଲେ।

## ବଜ୍ରପାତରୁ ସୁରକ୍ଷା ସଚେତନତା

ଭାପୁର,୧୯।୫(ସମିସ): ଓଡ଼ିଶା ଏକ ବଜ୍ରପାତ ପ୍ରବଣ ରାଜ୍ୟ। ପ୍ରତି ବର୍ଷ ଶହ ଶହ ଲୋକ ବଜ୍ରପାତରେ ଅକାରଣରେ ପ୍ରାଣ ହରାଉଛନ୍ତି। ଏପରି ଏକ ପ୍ରାକୃତିକ ବିପର୍ଯ୍ୟୟକୁ ସରକାର ଓ ଜନସାଧାରଣ କିପରି ମୁକାବିଲା କରିବେ ସେ ନେଇ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି। ଏନେଇ ନୟାଗଡ଼ ଜିଲ୍ଲା ଭାପୁର ବାଲୁଙ୍କେଶ୍ୱରଦେବ ହାଇସ୍କୁଲର ଛାତ୍ରଛାତ୍ରୀମାନେ ଏକ ସଚେତନତା ସଭା ଓ ଶୋଭାଯାତ୍ରା ସୋମବାର ଆୟୋଜନ କରିଥିଲେ। ଶତାଧିକ ଛାତ୍ରଛାତ୍ରୀ ଭାପୁର ବଜାର ପରିକ୍ରମା କରି ଜନସଚେତନତା କରିଥିଲେ। ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଦାସଙ୍କ ସଭାପତିତ୍ୱରେ ହାଇସ୍କୁଲରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି




ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ପରିବେଶବିତ୍‌ମାନେ ଯାହା ବର୍ତ୍ତମାନ କରିବା ପାଇଁ ରାଜ୍ୟ ସରକାରଙ୍କୁ ଉପଦେଶ ଦେଇଛନ୍ତି ତାହା କଣ୍ଟିଲୋର ଗଛ ସାର୍ ଅନ୍ତର୍ଯ୍ୟାମୀ ସାହୁ ଦୀର୍ଘ ୪ ଦଶନ୍ଧି ଧରି ନିଜେ ତାଳଗଛ ରୋପଣ କରି ଜନସଚେତନତା ଜାରି ରଖିଛନ୍ତି ବୋଲି ମତ ପ୍ରକାଶ ପାଇଥିଲା।

### ବିହନ ଚିନ୍ତାରେ ଚାଷୀ

## କୃଷି କାର୍ଯ୍ୟାଳୟରେ ବିହନ ବିକ୍ରିକୁ ନା

ନୟାଗଡ଼,୧୯।୫(ସମିସ): ନୟାଗଡ଼ ଜିଲ୍ଲା ମୁଖ୍ୟ କୃଷି ବିଭାଗ ପରିସରରେ ଦୀର୍ଘବର୍ଷ ଧରି ବିହନ ବିକ୍ରୟ କେନ୍ଦ୍ର ଖୋଲାଯାଉଥିଲା। ଚଳିତ ବର୍ଷ କୃଷି ବିଭାଗ କାର୍ଯ୍ୟାଳୟରେ ବିହନ ବିକ୍ରି କରିବା ଉପରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରୋକ୍ ଲଗାଇଛନ୍ତି। କାଗଜପତ୍ରରେ ଏଠାରେ କୌଣସି ବିହନ ବିକ୍ରୟ କେନ୍ଦ୍ର ନ ଥିଲା। ଏଣୁ ନିୟମ ଅନୁସାରେ, ଚାଷୀମାନେ ପ୍ୟାକ୍ସ, ଲ୍ୟାମ୍ପସ ଓ ଏଜେଣ୍ଟଙ୍କଠାରୁ ବିହନ କିଣିବେ ବୋଲି କହିଛନ୍ତି। ଜିଲ୍ଲାରେ ୫ ହଜାର କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ବିହନ ଆବଶ୍ୟକତା ରହିଛି। ଜିଲ୍ଲା କୃଷି ବିଭାଗ ନିକଟରେ ୪ହଜାର କ୍ୱିଣ୍ଟାଲ ମହଜୁଦ ଅଛି। ଏହି ବିହନ ମଧ୍ୟରେ ଜିଲ୍ଲା କୃଷି ବିଭାଗ ସଂଗୃହିତ ବିହନ ପରିମାଣ ୨୯୪୩ କ୍ୱିଣ୍ଟାଲ ବୋଲି ସୂଚନା ମିଳିଛି। କୃଷି ବିଭାଗ ଅନ୍ୟଠାରୁ ୧୧୧୩ କ୍ୱିଣ୍ଟାଲ ବିହନ ସଂଗ୍ରହ କରିଛି।

ଗତବର୍ଷ ବିହନ ବିକ୍ରିକୁ ନଜର ଦେଇ ଏହି ଷ୍ଟକ୍ କରାଯାଇଛି। ଅଧିକ ଆବଶ୍ୟକ ପଡ଼ିଲେ ବିହନ ସଂଗ୍ରହ କରି ଚାଷୀଙ୍କୁ ଯୋଗାଇ ଦିଆଯିବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁମନ ସିଂ ପଟ୍ଟନାୟକ ସୂଚନା ଦେଇଛନ୍ତି। ଜିଲ୍ଲାର ବିଭିନ୍ନ ଏଜେଣ୍ଟମାନେ ୮୫୫ କ୍ୱିଣ୍ଟାଲ ବିହନ କୃଷି ବିଭାଗରୁ ଉଠାଇ ସାରିଥିବାବେଳେ ବିଭିନ୍ନ ପ୍ୟାକ୍ସକୁ

- ପ୍ୟାକ୍ସ ଓ ଏଜେଣ୍ଟଙ୍କଠୁ କିଣିବେ ଚାଷୀ
- ବିହନ ଦର ବଢ଼ିଲା; ରିଆତି କମିଲା

୨୯୮ କ୍ୱିଣ୍ଟାଲ ବିହନ ଯାଇଛି। ଖୁବ୍‌ଶୀଘ୍ର ଜିଲ୍ଲାର ସମସ୍ତ ପ୍ୟାକ୍ସ ବିହନ ନେଇ ଚାଷୀଙ୍କୁ ବିକ୍ରି ଆରମ୍ଭ କରିବେ। ଗତବର୍ଷ ତୁଳନାରେ ଚଳିତ ବର୍ଷ ବିହନ ମୂଲ୍ୟ ବୃଦ୍ଧି ପାଇଥିବାବେଳେ ଚାଷୀ ପାଉଥିବା ସବ୍‌ସିଡ୍ ତଥା ରିଆତି କମ୍ ଧାର୍ଯ୍ୟ କରାଯାଇଛି। ରାଜ୍ୟ ସରକାର ୨୦୨୪ରେ ୧କ୍ୱିଣ୍ଟାଲ ବିହନର ମୂଲ୍ୟ ୩୯୩୭ ଟଙ୍କା ରଖିଥିଲେ। ୧୦ ବର୍ଷରୁ କମ୍ ଅବଧି ପ୍ରାମାଣିକ ବିହନ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୧୫୮୭ ଟଙ୍କା ରିଆତି ପାଉଥିଲେ। ସେହିପରି ୧୦ ବର୍ଷରୁ ଊର୍ଦ୍ଧ୍ୱ ଅବଧି ପ୍ରାମାଣିକ ବିହନକୁ କ୍ୱିଣ୍ଟାଲ ପିଛା ୧୪୩୭ ଟଙ୍କା ରିଆତି ପାଉଥିଲେ। ଚଳିତ ବର୍ଷ ରାଜ୍ୟ ସରକାର ବିହନ କ୍ୱିଣ୍ଟାଲ ପିଛା ୪୧୨୫ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହି ଦର ଉପରେ ଚାଷୀ ୧୦ ବର୍ଷରୁ କମ୍ ଅବଧି ପ୍ରାମାଣିକ ବିହନ ମୂଲ୍ୟ କ୍ୱିଣ୍ଟାଲ ପିଛା ୮୨୫ ଟଙ୍କା ରିଆତି ପାଇବେ। ଅନୁରୂପ ଭାବେ ୧୦ ବର୍ଷରୁ ଊର୍ଦ୍ଧ୍ୱ ଅବଧି ବିହନ କ୍ୱିଣ୍ଟାଲ ପିଛା ୭୨୫ ଟଙ୍କା ରିଆତି ପାଇବେ। ଗତବର୍ଷ ରିଆତି ମିଳିଥିବାବେଳେ ଏ ବର୍ଷ ତା'ର ଅଧା ପାଇବେ ବୋଲି ଜଣାପଡ଼ିଛି। ରାଜ୍ୟ ସରକାର ବିହନ ମୂଲ୍ୟ ବୃଦ୍ଧି କରିଥିବାବେଳେ ରିଆତି କମାଇବାକୁ ନେଇ ଚାଷୀ ମହଲରେ କ୍ଷୋଭ ସୃଷ୍ଟି ହୋଇଛି।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶବିର

ନୟାଗଡ଼,୧୯।୫(ସମିସ): ନୂଆଗାଁ ବ୍ଲକ୍ ପରିସରରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ଦାଶ ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ଏହି ଶିବିରରେ ମୋଟ୍ ୫୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ତାହା ମଧ୍ୟରୁ ୪୭ଟି ବ୍ୟକ୍ତିଗତ, ୫ଟି ସାମୂହିକ ସମସ୍ୟା ରହିଥିଲା। ୯ଟି ଅଭିଯୋଗକୁ ତତ୍କାଳ ସମାଧାନ କରାଯାଇଥିବା ସୂଚନା ମିଳିଛି।




## ପଠାଣି ସାମନ୍ତ ସ୍ମାରକୀ ମନ୍ଦିର ନିର୍ମାଣରେ ବିଳମ୍ବ

ଖଣ୍ଡପଡ଼ା,୧୯।୫(ସମିସ): ଖଣ୍ଡପଡ଼ା ସହରରେ ଜନ୍ମଗ୍ରହଣ କରି ସମଗ୍ର ବିଶ୍ୱବାସୀଙ୍କୁ ଜ୍ୟୋତିର୍ବିଜ୍ଞାନ ସମ୍ପର୍କରେ ଚମକପ୍ରଦ ତଥ୍ୟ ପ୍ରଦାନ କରିଥିବା ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର ପଠାଣି ସାମନ୍ତଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଜନ୍ମମାଟି ଖଣ୍ଡପଡ଼ାରେ ପଠାଣି ସାମନ୍ତ ସ୍ମାରକୀ ମନ୍ଦିର ନିର୍ମାଣ ନିମନ୍ତେ ରାଜ୍ୟ ସରକାର ୨ କୋଟି ଟଙ୍କା ମଞ୍ଜୁର କରିଥିବା ଜଣାଯାଇଛି। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସ୍ମାରକୀ ମନ୍ଦିର ନିର୍ମାଣ କରାଯିବ ବୋଲି ଜଣାପଡ଼ିବା ପରେ ସହରବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଖଣ୍ଡପଡ଼ା ସହରର କେଉଁ ସ୍ଥାନରେ ଏହି ସ୍ମାରକୀ ମନ୍ଦିର ନିର୍ମାଣ କରାଯିବ ତାହା ପ୍ରଶାସନ ପକ୍ଷରୁ ଅଦ୍ୟାବଧି ସ୍ଥିର ହୋଇ ନ ଥିବାବେଳେ ସହରର ଏକ ଉପଯୁକ୍ତ ସ୍ଥାନରେ ପଠାଣି ସାମନ୍ତ ସ୍ମାରକୀ ମନ୍ଦିର ନିର୍ମାଣ କରିବାକୁ ଖଣ୍ଡପଡ଼ା ଅଞ୍ଚଳର ସଚେତନ ନାଗରିକ ମତ ଦେଇଛନ୍ତି। ଖଣ୍ଡପଡ଼ା ତହସିଲ୍ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପ୍ରସ୍ତାବିତ ସ୍ମାରକୀ ମନ୍ଦିର ନିର୍ମାଣ ନିମନ୍ତେ ଆବଶ୍ୟକୀୟ ଜାଗା ଯୋଗାଇଦେବାକୁ ସହରବାସୀ ଦାବି କରିଛନ୍ତି। ପର୍ଯ୍ୟଟନ ବିଭାଗ କର୍ତ୍ତୃପକ୍ଷ ନୟାଗଡ଼ ଜିଲ୍ଲାପାଳ ଓ ଜିଲ୍ଲା ପର୍ଯ୍ୟଟନ ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ପ୍ରକାଶଥାଉ କି, ରାଜ୍ୟ ସରକାରଙ୍କ ପକ୍ଷରୁ ଖଣ୍ଡପଡ଼ାରେ ସ୍ମାରକୀ ମନ୍ଦିର ନିର୍ମାଣ ଘୋଷଣାକୁ ଇତି ମଧ୍ୟରେ ୩ ମାସ ପୂରିବାକୁ ଯାଉଛି।

## ହାବିଲ୍‌ଦାରଙ୍କ ପରଲୋକ

ନୟାଗଡ଼,୧୯।୫(ସମିସ): ନୟାଗଡ଼ ଟାଉନ୍ ଥାନା ଡାକ୍ତରଖାନା ଫାଣ୍ଡିରେ କାର୍ଯ୍ୟରତ ହାବିଲ୍‌ଦାର ବସନ୍ତ କୁମାର ମିଶ୍ରଙ୍କର ରବିବାର ରାତିରେ ପରଲୋକ ହୋଇଛି। ସେ ତାଙ୍କ ହନୁମାନ ନଗରସ୍ଥିତ ବାସଭବନରେ ଥିବା ସମୟରେ ହୃଦ୍‌ଘାତ ଯୋଗୁଁ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଟାଉନ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ତାଙ୍କ ବିୟୋଗରେ ପୁଲିସ ବିଭାଗରେ ଶୋକର ଛାୟା ଖେଳିଯାଇଛି।

# ପଦୋନ୍ନତି ପାଇଁ ଓଟିଇଟିକୁ ବିରୋଧ

ଭାପୁର,୧୯।୫(ସମିସ)

୨୦୧୧ ଫେବୃଆରୀ ୧୧ ତାରିଖ ପରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଓଟିଇଟିକୁ ବାଧ୍ୟତାମୂଳକ କରାଯାଇଛି। ବର୍ତ୍ତମାନ ଉକ୍ତ ତାରିଖ ପୂର୍ବରୁ ଶିକ୍ଷକ ନିଯୁକ୍ତି ପାଇଥିବା ସମସ୍ତ ବରିଷ୍ଠ ଶିକ୍ଷକଙ୍କ ପଦୋନ୍ନତି ପାଇଁ ମଧ୍ୟ ଓଟିଇଟିକୁ ବାଧ୍ୟତାମୂଳକ କରାଯାଇଛି। ବୟସର ସାୟାହ୍ନରେ ଉପନୀତ ଥିବା ଶିକ୍ଷକଶିକ୍ଷୟିତ୍ରୀମାନେ ଏ ବୟସରେ ପାଠପଢ଼ି ଓଟିଇଟି ପରୀକ୍ଷା ଦେବା ସମ୍ଭବ ନୁହେଁ। ଏହାକୁ ସାରା ରାଜ୍ୟ ଶିକ୍ଷକ ସଂଘ ବିରୋଧ କରୁଛି। ସୋମବାର ଭାପୁର ପ୍ରାଥମିକ ଶିକ୍ଷକ ସଂଘ ନେତା ନିରଞ୍ଜନ ଦଳବେହେରା, ପ୍ରସନ୍ନ ଲୋଙ୍କା, ସୁରେଶ ମହାରଣା, ଲକ୍ଷ୍ମୀଧର ଖୁଣ୍ଟିଆ, ପ୍ରଫୁଲ୍ଲ କୁମାର ନନ୍ଦ, ପଞ୍ଚାନନ ମହାପାତ୍ର ଓ କେଳୁଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଶିକ୍ଷକଶିକ୍ଷୟିତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାପୁର ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



ଖଣ୍ଡପଡ଼ା: ଖଣ୍ଡପଡ଼ା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ(ପିଷ୍ଟା) ପକ୍ଷରୁ ଓଟିଇଟିକୁ ମଧ୍ୟ ବିରୋଧ କରାଯାଇଛି। ଯଦି ଏହାକୁ ବାଧ୍ୟତାମୂଳକ କରାଯାଏ, ତେବେ କେନ୍ଦ୍ରୀୟ ହାରରେ ବେତନ ଦେବାକୁ ସଂଘ ଦାବି କରିଛି। ଅନ୍ୟପକ୍ଷରେ ଦୀର୍ଘବର୍ଷ ହେବ କାର୍ଯ୍ୟ କରି ଅବସର ନେବା ସମୟରେ ମଧ୍ୟ ଏଭଳି ନିୟମ ମାନସିକ ନିର୍ଯାତନା ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏପରିକି ଗତ କିଛିଦିନ ହେବ ଅସହ୍ୟ ଖରାରେ ମଧ୍ୟ ଶିକ୍ଷକ ସମାଜକୁ ଓଟିଇଟି ଆଳରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଡକରା ଯାଉଥିବା ଦେଖିବାକୁ ମିଳିଛି। ଏ ନେଇ ସଂଘ ସଭାପତି ଉଦୟନାଥ ଦାସ, ସମ୍ପାଦକ ଅଜୟ କୁମାର ସେଠୀ, କୋଷାଧ୍ୟକ୍ଷ ଶରତ ନାୟକ, ଉପସଭାପତି ଗୋଲଖ ବିହାରୀ ନାୟକ ଓ ସରସ୍ୱତୀ ପ୍ରଧାନ, କାର୍ଯ୍ୟକାରୀ ସଭାପତି ସବିତା ଦଳେଇ ଓ ତ୍ରିନାଥ ପ୍ରଧାନ ପ୍ରମୁଖ ବିରୋଧ କରିବା ସହିତ ସରକାର ଯଦି ଏହାକୁ ଉଚ୍ଛେଦ ନ କରନ୍ତି, ତେବେ ଶିକ୍ଷକ ସଂଘ ତରଫରୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ଜିଲ୍ଲାରେ ଶ୍ରୀଅନ୍ନ ଅଭିଯାନ ମହାଘୋଟାଲା

## ରିପୋର୍ଟ ପଠାଯାଇଛି; କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

ନୟାଗଡ଼,୧୯।୫(ସମିସ): ନୟାଗଡ଼ ଜିଲ୍ଲାରେ ଶ୍ରୀଅନ୍ନ ଯୋଜନାରେ ସାଂଘାତିକ କେଳେଙ୍କାରୀ ହୋଇଥିବା ନେଇ "ସକାଳ'ରେ ବାରମ୍ବାର ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇବା ପରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ(ସିଡିଏଓ)ଙ୍କୁ ଏ ସମ୍ପର୍କିତ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଆସିଥିଲା। 'ସକାଳ'ରେ ପ୍ରକାଶିତ ଖବରକୁ ନେଇ ଜନୈକ ଚାଷୀ ଜିଲ୍ଲାରେ ହୋଇଥିବା ସାଂଘାତିକ ଘୋଟାଲା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହି ଅଭିଯୋଗକୁ କୃଷି ବିଭାଗକୁ ପଠାଇଥିଲେ। ଅଭିଯୋଗ ଆଧାରରେ ରାଜ୍ୟ କୃଷି ବିଭାଗ ଶ୍ରୀଅନ୍ନ ଅଭିଯାନ ଯୁଗ୍ମ ନିର୍ଦ୍ଦେଶକ ଗତ ମାର୍ଚ୍ଚ ୧୭ ତାରିଖରେ ଚିଠି ନଂ ୧୦୨୭୮ରେ ନୟାଗଡ଼ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ନୋଟିସ୍ କରିବା ସହ ୩ ଦିନ ଭିତରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ନୟାଗଡ଼ ଜିଲ୍ଲାରେ ଚାଷ ନ କରି ଚାଷୀଙ୍କ ତାଲିକା ପ୍ରସ୍ତୁତ କରାଯାଇ ସରକାରଙ୍କୁ ଭୂଆଁ ବୁଲାଯାଉଛି। ଯାହାର ସାଂଘାତିକ ରହସ୍ୟ ସୂଚନା ଅଧିକାର ତଥ୍ୟ ଅନୁସାରେ 'ସକାଳ' ସାମ୍ନାକୁ ଆଣିଥିଲା। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ ନିଗମ ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବାବେଳେ ନୂଆଗାଁ ବ୍ଲକ୍‌ରେ ହାମସ୍ ଓଡ଼ଗାଁ ବ୍ଲକ୍‌ରେ ଇକୋ ସଲ୍ୟୁସନ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ସଂସ୍ଥା ଦାୟିତ୍ୱ ଦିଆଯାଇଥିଲା। ଗଣିଆ ବ୍ଲକ୍‌ରେ ଜିୟୁସି ଦଶପଲ୍ଲା ବ୍ଲକ୍‌ରେ ମଧ୍ୟ ନିର୍ମାଣ ନାମକ ଏନ୍‌ଜିଓକୁ ସରକାରଙ୍କ ପକ୍ଷରୁ ଦାୟିତ୍ୱ ଦିଆଯାଇଥିଲା। ଏହି ସଂସ୍ଥାଗୁଡ଼ିକ ନକଲି ଚାଷୀ ତାଲିକା ପ୍ରସ୍ତୁତ କରି ସରକାରଙ୍କ ପକ୍ଷରୁ ଆସୁଥିବା ସହାୟତାକୁ ହରିଲୁଟ୍ କରିଛନ୍ତି। ଫଳରେ ଜିଲ୍ଲାରେ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ୧୦ ପ୍ରତିଶତ ମଧ୍ୟ ଚାଷ କରିନାହାନ୍ତି। ଜିଲ୍ଲାରେ ଚାଷୀ ସହାୟତା, ମାଣ୍ଡିଆ କିଣା ସହାୟତା, ଏନ୍‌ଜିଓଙ୍କ ସଚେତନତା କାର୍ଯ୍ୟକ୍ରମ ଏବଂ ଏନ୍‌ଜିଓ କର୍ମଚାରୀଙ୍କ ଦରମା ବାବଦରେ ୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରାଯାଇଛି।

ଏନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁମନ ସିଂ ପଟ୍ଟନାୟକ ତଦନ୍ତ କରି ରାଜ୍ୟ ସରାକାରଙ୍କ କୃଷି ବିଭାଗକୁ ରିପୋର୍ଟ ପଠାଇ ସାରିଛନ୍ତି। ରାଜ୍ୟ କୃଷି ବିଭାଗ ଏନେଇ କି ପଦକ୍ଷେପ ଗ୍ରହଣ କରିବେ ତାକୁ ଅପେକ୍ଷା କରାଯାଇଛି ବୋଲି ସିଡିଏଓ ସୂଚନା ଦେଇଛନ୍ତି।

# ମାଡ଼ି ଆସିଲେଣି ରୋହିଙ୍ଗିଆ ଓ ବାଙ୍ଗଲାଦେଶୀ

**ଆନନ୍ଦପୁର, ୧୯।୫(ସମିସ):** ଆନନ୍ଦପୁର ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ମାଡି ଗଲେଣି ବାଙ୍ଗଲାଦେଶୀ। ଆନନ୍ଦପୁର ଅଞ୍ଚଳ ଏବଂ ବୈତରଣୀ ନଦୀର ଅବବାହିକା ତଥା ସ୍ଥାନୀୟ ବିଏନ୍ ହାଇସ୍କୁଲ ପାର୍ଶ୍ୱରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଦେଖାଯାଉଛି। ସରକାରୀ ଜାଗାକୁ ଅକ୍ତିଆର କରି ବସ୍ତିରେ ପରିଣତ କରିସାରିଲେଣି। ସରକାରୀ ଜାଗାରେ ପଲିଥିନ୍ ଟାଣି ରହୁଥିବା ଏହି ବାଙ୍ଗଲାଦେଶୀମାନେ ସ୍ଥାୟୀ ଗୃହ ନିର୍ମାଣ କଲେଣି। ଦିନରେ ରାଜମିସ୍ତ୍ରି ଓ ମଜୁରୀ କରୁଥିବା ବେଳେ ସନ୍ଧ ହେଲେ ଅବାଧରେ ନିଶା କାରବାର କରୁଥିବା ଅଭିଯୋଗ ହୋଇଛି। ଏପରି ଅଭିଯୋଗ ସତ୍ତ୍ୱେ ପୁଲିସ ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଏପର୍ଯ୍ୟନ୍ତ ନେଇ ନଥିବା ଜଣାପଡ଼ିଛି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ବାଙ୍ଗଲାଦେଶୀଙ୍କୁ ଚିହ୍ନଟ କରି ସେମାନଙ୍କୁ ନିଜ ଦେଶକୁ ପଠାଇବା ପାଇଁ ସରକାରୀ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଆନନ୍ଦପୁର ଉପଖଣ୍ଡରେ ପ୍ରଶାସନ ଏବଂ ପୁଲିସ ବିଭାଗ ଏ ବାବଦରେ କିଛି ଜାଣି ନଥିବା କିମ୍ବା ସେ ଦିଗରେ ପଦକ୍ଷେପ ନେବାକୁ ଆଗ୍ରହ ପ୍ରକାଶ କରୁନଥିବା ଅଭିଯୋଗ ହେଉଛି। ପ୍ରତିଦିନ ସକାଳେ ଆନନ୍ଦପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ବାଙ୍ଗଲାଦେଶୀଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ବିଗତ ଦିନରେ ବାଙ୍ଗଲାଦେଶୀ ସ୍ଥାନୀୟ ଅଞ୍ଚଳରେ ରହି ମହିଳାଙ୍କ ପ୍ରତି ଅଶାଳୀନ ବ୍ୟବହାର କରିଥିବା ନନ୍ଦିପଦା ଥାନାରେ ଅଭିଯୋଗ ହୋଇଥିଲା। ସେମାନଙ୍କୁ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଏନେଇ ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ କୁମାର ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେ, ଆନନ୍ଦପୁର, ଘସିପୁରା, ସୋସୋ, ନନ୍ଦିପଦା, ରାମଚନ୍ଦ୍ରପୁର ସମେତ ସମସ୍ତ ପୁଲିସ ଫାଣ୍ଡିକୁ ଆବଶ୍ୟକ ପଦକ୍ଷେପ ପାଇଁ କୁହାଯାଇଛି। ସେମାନଙ୍କୁ ଚିହ୍ନଟ କରିବା ସହିତ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ କାର୍ଯ୍ୟକଳାପ ଓ ଗତିବିଧି ଉପରେ କଡ଼ା ନଜର ରଖା ଯାଇଥିବା ପ୍ରକାଶ କରିଛନ୍ତି।

## ଯୁବକ ମାସେହେଲା ନିଖୋଜ



**ତେଲକୋଇ, ୧୯।୫(ସମିସ):** ତେଲକୋଇ ଥାନା ଗାଉସୁଆଁ ପଞ୍ଚାୟତ ବାବରପୁର ଗ୍ରାମର ଦେବେନ୍ଦ୍ର ମହାନ୍ତ ପାଖାପାଖି ପ୍ରାୟ ଏକ ମାସ ହେବ ନିଖୋଜ ଅଛନ୍ତି। ଦେବେନ୍ଦ୍ରଙ୍କ ମା' ସୁରମାଙ୍କ ଅଭିଯୋଗ ଯେ ଗତ ଅପ୍ରେଲ ୨୫ ତାରିଖ ପୁଅ ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ଥାନା ସରେଣି ଗ୍ରାମର ସମ୍ପର୍କୀୟ (ଶାଳୀ)ଙ୍କ ଘରକୁ ସ୍ତ୍ରୀ ସୁଶୀଳା ମହାନ୍ତଙ୍କୁ ଆଣିବାକୁ ଯାଇଥିଲେ। ତା'ପରଦିନ ସ୍ୱାମୀ-ସ୍ତ୍ରୀ ଘରକୁ ଫେରିବାକୁ କାର୍ଯ୍ୟକ୍ରମ ରହିଥିବା ବେଳେ ହଠାତ୍ ସେହି ଦିନଠାରୁ ଦେବେନ୍ଦ୍ର କେଉଁଆଡେ ନିଖୋଜ ହୋଇଯାଇଛନ୍ତି। ତାଙ୍କ ବୋହୂ ମଧ୍ୟ ଏଇ ପାଞ୍ଚ ଦିନ ହେବ କେଉଁ ଆଡେ ଚାଲିଯାଇଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ସୁରମା କଙ୍କଡାହାଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ ହେଁ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆ ନଯିବାରୁ ସେ ପୁଣି ତେଲକୋଇ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। କେହି ସହୃଦୟ ବ୍ୟକ୍ତି ଏ ସମ୍ପର୍କରେ କୌଣସି ସୂଚନା ପାଇଲେ ୯୪୩୯୬୭୬୬୫୭ ନମ୍ବରରେ ଯୋଗାଯୋଗ କରିବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି। ଉଭୟ ସ୍ୱାମୀ-ସ୍ତ୍ରୀ ସାମାନ୍ୟ ମୁକବଧିର ଥିବା କୁହାଯାଇଛି।

## ଏନ୍‌ଏଚ୍ କଡ଼ରେ ଭୁଲ୍ ନାମଫଳକ




**ରାମଚନ୍ଦ୍ରପୁର,୧୯।୫(ସମିସ):** ୨୦ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ବେଳେ ଜାତୀୟ ରାଜପଥ ପ୍ରାଧିକର୍ତ୍ତାଙ୍କ ପକ୍ଷରୁ ଲାଗିଥିବା ଭୁଲ ନାମଫଳକକୁ ନେଇ ସୁଆଁପଦା ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ଅନେକ ବିରୋଧ କରିଛନ୍ତି। ସୁଆଁପଦା ବଦଳରେ ଏହାକୁ ସୁଆଁପଡ଼ା ଲେଖାଯାଇଛି। ଖାଲି ସୁଆଁପଦା ନୁହେଁ; ଟୋଲ ପ୍ଲାଜା ଥିବା ହସନପୁର ଛକରେ ମଧ୍ୟ ହାସନପୁର ବୋଲି ଭୁଲ ତଥା କଦର୍ଥ ନାମଫଳକ ଲଗା ଯାଇଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନାକ ତଳେ ଥିବା ତ୍ରୁଟି ସୁଧାରିବାକୁ କେହି ଯତ୍ନବାନ ହୋଇନାହାନ୍ତି। ଦୀର୍ଘଦିନ ହେଲା ସୁଆଁପଦା ଛକରେ ଇଂରାଜୀ ଏବଂ ଓଡ଼ିଆରେ ସୁଆଁପଡ଼ା ବୋଲି ଲେଖାଯାଇଥିଲେ ସୁଦ୍ଧା ଜାତୀୟ ରାଜପଥ କର୍ତ୍ତୃପକ୍ଷ ସବୁ ଜାଣି ଚୁପବସିଛନ୍ତି। ଏଭଳି ତ୍ରୁଟିପୂର୍ଣ୍ଣ ନାମଫଳକ ତୁରନ୍ତ ହଟାଇ ଦେବାକୁ ସୁଆଁପଦା ବଜାର କମିଟି ତଥା ଗ୍ରାମବାସୀ ଜାତୀୟରାଜପଥ ଉଚ୍ଚ କର୍ତ୍ତୃପକ୍ଷ ଏବଂ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ମୃତକଙ୍କ ପରିବାରକୁ ସହାୟତା



**ହାଟଡ଼ିହୀ, ୧୯।୫(ସମିସ):** ହାଟଡ଼ିହୀ ବ୍ଲକ ସୋସୋ ପଞ୍ଚାୟତ ଅନ୍ତର୍ଗତ ବେରୁଣପଦୀ ଗ୍ରାମର ମଣି ଜେନାଙ୍କ ବିଦ୍ୟୁତ ସ୍ପର୍ଶରେ ଆସି ମୃତ୍ୟୁ ଘଟିଥିଲା ବେଳେ ଜୟଦୁର୍ଗା ଟ୍ରଷ୍ଟ ପକ୍ଷରୁ ତାଙ୍କ ଶୁଦ୍ଧକ୍ରିୟା ପାଇଁ ସହାୟତା ପ୍ରଦାନ କରାଯାଇଛି। ତାଙ୍କ ପରିବାରରେ ସେ କେବଳ ଥିଲେ ଖଟିଖିଆ ଦିନ ମଜୁରିଆ। ସ୍ୱର୍ଗତ ମଣି ଜେନାଙ୍କ ପରିବାର ଅତ୍ୟନ୍ତ ଗରିବ। ଜୟଦୁର୍ଗା ଟ୍ରଷ୍ଟ ପକ୍ଷରୁ ଅସହାୟ ପରିବାରକୁ ଶୁଦ୍ଧିକ୍ରିୟା ନିମନ୍ତେ ସମସ୍ତ ପ୍ରକାରର ରାସନ ସାମଗ୍ରୀ ସହିତ କିଛି ଆର୍ଥିକ ରାଶି ସହାୟତା କରାଯାଇଛି। ତା'ସହ ଆଗାମୀ ଦିନରେ ପରିବାର ଲୋକେ କିଭଳି ସମସ୍ତ ପ୍ରକାର ସରକାରୀ ବେସରକାରୀ ସୁବିଧା ପାଇପାରିବେ ସେନେଇ ବିସ୍ତୃତ ଆଲୋଚନା ହୋଇଛି। ଏହି ସମୟରେ ଟ୍ରଷ୍ଟର ଅଧକ୍ଷା ଡ. ସୁରେଶ୍ୱରୀ ଜେନା, ସଭାପତି ଅବିନାଶ ତ୍ରିପାଠୀ, କୋଷାଧକ୍ଷ ଶକ୍ତିକାନ୍ତ ରାଉତ, ସମ୍ପାଦକ ଦିବ୍ୟରଞ୍ଜନ ରାଉତ, ବିଶ୍ୱନାଥ ଜେନା, ରାକେଶ ଜେନା, ରୁଦ୍ରପ୍ରତାପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## କେନାଲରେ ଫସିଲା ଛୁଆହାତୀ; ଉଦ୍ଧାରକଲା ମାଆ



**ତୁରୁମୁଙ୍ଗା, ୧୯।୫(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ୨୪ଟିକିଆ ହାତୀପଲ ଉପଦ୍ରବ ଜାରି ରଖିଥିଲା ବେଳେ ସୋମବାର ଭୋରରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପୋଇପାଣି ବିଟ୍ ଅନ୍ତର୍ଗତ କାଠବାରୀ କେନାଲ ପାରି ହେଉଥିବା ବେଳେ ଏକ ଛୁଆ ହାତୀ କେନାଲ୍‌ରେ ଫସି ରହିଥିଲା। କେନାଲ ଉପରକୁ ନିଜେ ଉଠିବାକୁ ଚେଷ୍ଟା କରି ବିଫଳ ହୋଇଥିଲା। ହାତୀ ଶାବକକୁ କେନାଲ ପାରି କରିବାକୁ ମାଆ ହାତୀ ମଧ୍ୟ ଚେଷ୍ଟା ଜାରି ରଖିଥିଲା। ଘଟଣାସ୍ଥଳରେ ବନ ବିଭାଗ ପହଞ୍ଚି ହାତୀଙ୍କୁ ଘୋଡାଇବା ପାଇଁ ଚେଷ୍ଟା କରିଥିଟ। କିଛି ସମୟ ପରେ ମା' ହାତୀ, ନିଜେ ଛୁଆ ହାତୀକୁ କେନାଲ ଉପରକୁ ଉଠାଇ ନେଇଥିଲା।

ଅନ୍ୟପକ୍ଷରେ, ଗତକାଲି ରାତିରେ ପାଟଣା ରେଞ୍ଜ ପୋଇପାଣି ବିଟ୍ ଅଞ୍ଚଳରେ ଏହି ହାତୀପଲ କାଠବାରୀ ନଗର ସାହିର ରାମସିଂ ମୁଣ୍ଡା, ପୁଟୁ ମୁଣ୍ଡା, ଅନାମ ଚରଣ ମୁଣ୍ଡା ଏବଂ ବାରିଗାଁର ଜନାର୍ଦ୍ଦନ ନାଏକଙ୍କ ଗୋଟିଏ ଘର ଭାଙ୍ଗି ଧାନ ଚାଉଳ ଖାଇବା ସହ ସହ ମକରଧ୍ୱଜ ନାଏକଙ୍କ ପାଚେରି ଭାଙ୍ଗିଛନ୍ତି। ଏହି ସମୟରେ ଛୁଆ ହାତୀଟି କେନାଲରେ ଫସି ରହିଥିଲା। ହାତୀପଲ ସନ୍ଧ୍ୟାରେ ଖୁଦୁପୁଟିଳି ଏବଂ କାଠବାରୀ ଗାଁ ନିକଟ ଜଙ୍ଗଲରେ ଡେରା ପକାଇଛନ୍ତି।

## ନରଦା ଗାଁ ମୁଣ୍ଡରେ ଟ୍ରାନ୍ସଫର୍ମର ମୁକୁଳା

**ରାମଚନ୍ଦ୍ରପୁର, ୧୯।୫(ସମିସ):** ଦୀର୍ଘଦିନ ହେଲା ବିନା ତାରବାଡ଼ାରେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି ବିଦ୍ୟୁତ ଟ୍ରାନ୍ସଫର୍ମର। ଅନେକ ସମୟରେ ବୁଲା ଗାଈଗୋରୁ ଏବଂ ଜଙ୍ଗଲୀ ଜୀବଜନ୍ତୁଙ୍କ ପାଇଁ ସାଜୁଛି କାଳ। ଏପରି ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର ରାମଚନ୍ଦ୍ରପୁର ବିଦ୍ୟୁତ ସେକସନ ଅଧୀନ ଗଡବାନ୍ଧଗୋଡା ପଞ୍ଚାୟତ ନରଦା ଗାଁର ଦୁଇ ମୁଣ୍ଡତରେ ଦୁଇଟି ଟ୍ରାନ୍ସଫର୍ମର ଖୋଲାମେଲାରେ ପଡ଼ିଛି। ଦୀର୍ଘ ଦିନ ହେଲା ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିଲେ ମଧ୍ୟ ବିଦ୍ୟୁତ ବିଭାଗ କର୍ମଚାରୀ ସବୁଜାଣି ଚୁପ ବସିଛନ୍ତି। ସ୍ଥାନୀୟ ଲୋକେ ଏଦିଗରେ ଅନେକଥର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିସାରିଛନ୍ତି। ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଟ୍ରାନ୍ସଫର୍ମରଟି ରାସ୍ତାକଡ଼ରେ ଖୋଲାମେଲାରେ ଥିବାରୁ ସେହି ରାସ୍ତା ଦେଇ ଅନେକ ସମୟରେ ଯିବାଆସିବା କରୁଥିବା ସାଧାରଣ ଜନତା ତଥା ନିକଟରେ ଥିବା ଜଙ୍ଗଲରେ ଥିବା ଜୀବଜନ୍ତୁଙ୍କ ପାଇଁ ତାହା ବିପଦ ସାଜିଛି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ଟ୍ରାନ୍ସଫର୍ମର ଚତୁପାଶ୍ୱର୍ରେ ତାରବାଡ଼ ବ୍ୟବସ୍ଥା କରାଇବାକୁ ସ୍ଥାନୀୟ ଗ୍ରାମବାସୀ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

● କାର୍ ଧକ୍କାରେ ସ୍କୁଟି ଆରୋହୀ ମୃତ

## ଫେରାର କାର୍‌କୁ ବହାଡ଼ାଗୋଡାରୁ ଧରିଲା ପୁଲିସ

**ଟୋଲଗେଟ୍ ଫାଟକକୁ ଭାଙ୍ଗି ପଳାଇଥିଲା**

**ବାରିପଦା, ୧୯।୫(ସମିସ):** ଜାତୀୟ ରାଜପଥ ୧୮ ନଂ.ର ଦରଖୋଳି ଛକରେ ଏକ ଦ୍ରୁତଗାମୀ କାର ଗୋଟିଏ ସ୍କୁଟିକୁ ଧକ୍କା ଦେବାରୁ ଆରୋହୀ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ କୁଳିଅଣା ଥାନା ଅନ୍ତର୍ଗତ ସଞ୍ଜୁନବଣି ଗ୍ରାମର ରାଧାମାଧବ ଦେ (୫୨)। ସୂଚନା ଅନୁଯାୟୀ, ସୋମବାର ସକାଳେ ଶ୍ରୀ ଦେ ବାରିପଦାରୁ ସ୍କୁଟି ଯୋଗେ ଦରଖୋଳିକୁ ଯାଉଥିବାବେଳେ ,କ କାର ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ସେ ଭାରସାମ୍ୟ ହରାଇ ରାସ୍ତାରେ ପଡି ଯିବାରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ପିଆରଏମ ହସ୍ପିଟାଲରେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ଦୁର୍ଘଟଣା ଘଟାଇବା ପରେ କାର୍‌ଟି ଫେରାର ହୋଇଯାଇଥିଲା। କୁଳିଅଣା ନିକଟ ଶୁଖୁଆପଡା ଟୋଲଗେଟ ଫାଟକକୁ ଧକ୍କା ଦେଇ ଝାଡଖଣ୍ଡ ଅଭିମୁଖେ କାର୍‌ଟି ପଳାଇଥିଲା। ଦୀର୍ଘ ସମୟରେ ପରେ ଝାରଖଣ୍ଡର ବହଡାଗୋଡା ଅଞ୍ଚଳରେ ଲୋକେ କାରକୁ ଅଟକାଇଥିଲେ। କାର ଚାଳକ ଜଣକ ଜଣେ ଡାକ୍ତରାଣୀ ହୋଇଥିବା ବେଳେ ତାଙ୍କୁ ଥାନାରେ ଅଟକ ରଖାଯାଇଛି। ଅଭିଯୋଗକ୍ରମେ ହିଟ ଆଣ୍ଡ ରନ ନେଇ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି। ପିଆରଏମ ହସ୍ପିଟାଲରେ ମୃତଦେହର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବ୍ୟାଟେରୀ ସ୍କୁଟି ଦୁର୍ଘଟଣାରେ ଦମ୍ପତି ଗୁରୁତର

**ବେତନଟୀ,୧୯।୫(ସମିସ):** ବେତନଟୀ ଉପକଣ୍ଠ ଉଠାଣିସ୍ଥିତ ଜଗନ୍ନାଥମନ୍ଦିର ନିକଟରେ ସୋମବାର ଅପରାହ୍ନରେ ଏକ ବ୍ୟାଟେରୀଚାଳିତ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହେବାରୁ ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ ବଡସାହି ଥାନା ପତରାପଦା ଗ୍ରାମର ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ପୁଅ ସତ୍ୟବ୍ରତ ବାରିକ ନିଜର ସ୍ତ୍ରୀ ଦୀପ୍ତି ବେହେରାଙ୍କ ସହିତ ବଡସାହି ଅଭିମୁଖେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ସହିତ ରାସ୍ତା ତଳକୁ ୧୦ଫୁଟ ପାଖାପାଖି ଖସି ପଡିଥିଲେ। ଦୁର୍ଘଟଣାରେ ସତ୍ୟବ୍ରତଙ୍କ ସମେତ ପାଉଶିଆ ଡାକ୍ତରଖାନାରେ କମ୍ୟୁନିଟି ସ୍ୱାସ୍ଥ୍ୟଅଧିକାରୀଣି ଭାବେ କାର୍ଯ୍ୟରତ। ରକ୍ତାକ୍ତ ଅବସ୍ଥାରେ ଥିବା ଗୁରୁତର ସ୍ୱାମୀସ୍ତ୍ରୀଙ୍କୁ ସଙ୍ଗେସଙ୍ଗେ ଉଦ୍ଧାରକରି ବେତନଟୀ ପୁଲିସ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ବିଶ୍ୱବିଦ୍ୟାଳୟ ପକ୍ଷରୁ 'ପରାକ୍ରମ ଶୋଭାଯାତ୍ରା'




**ବାରିପଦା, ୧୯।୫(ସମିସ):** ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ଏବଂ ସେବା ଯୋଜନାର ସ୍ନାତକୋତ୍ତର ଶାଖା ଆନୁକୂଲ୍ୟରେ ଅପରେସନ ସିନ୍ଦୂରର ସଫଳତା ଅବସରରେ ପରାକ୍ରମ ଶୋଭାଯାତ୍ରା ବାହାରିଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବାରିପଦା ବିଧାୟକ ପ୍ରକାଶ ସୋରେନ ଏବଂ କୁଳପତି ପ୍ରଫେସର ତ୍ରିପାଠୀ ପତାକା ଦେଖାଇ ଶୋଭାଯାତ୍ରାକୁ ଉଦଘାଟନ କରିଥିଲେ। ଏହି ଶୋଭାଯାତ୍ରାରେ ପ୍ରାୟ ୩୦୦ ମିଟର ଲମ୍ବର ଜାତୀୟ ପତାକାକୁ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଗବେଷକ, ଗବେଷିକା, ଶିକ୍ଷକ, କର୍ମଚାରୀ ପଦଯାତ୍ରା କରିଥିଲେ। ବିଶ୍ୱବିଦ୍ୟାଳୟ ପରିସରରୁ ଶୋଭାଯାତ୍ରା ବାହାରି ତକତପୁର ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଦେଶଭକ୍ତିର ସ୍ଲୋଗାନ ସହ ପରାକ୍ରମଶାଳୀ ଭାରତୀୟ ଯୋଦ୍ଧାଙ୍କ ଅପରେସନ ସିନ୍ଦୂରର ଅପୂର୍ବ ସଫଳତା ଓ ବୀରତ୍ୱକୁ ସମବେତ ସ୍ୱରରେ ଗାନ କରାଯାଇଥିଲା। ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ, କୁଳସଚିବ ସୁମିତା ସିଂ, ପରୀକ୍ଷା ନିୟନ୍ତ୍ରକ ଡକ୍ଟର ସୁବ୍ରତ କୁମାର ରଣା, ବିତ୍ତ ନିୟନ୍ତ୍ରକ ଶୁକଦେବ ତରାଇ, ବିଶ୍ୱବିଦ୍ୟାଳୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ବସନ୍ତ କୁମାର ମହାନ୍ତ, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ଅନାମ ଚରଣ ରାଉଳ, ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ଶିଶିର ବେହେରା ଏବଂ ଡ. ବିଷ୍ଣୁପ୍ରିୟା ହାଁସଦା ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରାରେ ବାରିପଦା ଡିଗ୍ରୀ ମହାବିଦ୍ୟାଳୟ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ଶ୍ରୀମା ମହାବିଦ୍ୟାଳୟ, ଏମସିଏମ୍ ଆଦି ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ ସାମିଲ ହୋଇଥିଲେ।

## ଟ୍ରାକ୍ଟରକୁ ଧକ୍କା ଦେଲା ବାଇକ୍; ଯୁବକ ମୃତ

**ଠାକୁରମୁଣ୍ଡା, ୧୯।୫ (ସମିସ):** ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା-କରଞ୍ଜିଆ ୫୩ ନମ୍ବର ରାଜ୍ୟ ରାଜପଥର ଅଖାପଲାଣ ଛକରେ ସୋମବାରରେ ଏକ ଟ୍ରାକ୍ଟର ପଛରେ ବାଇକ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଉଛନ୍ତି ମହୁଲଡ଼ିହା ଥାନା ଅନ୍ତର୍ଗତ ସାତକୋଶିଆ ଗ୍ରାମପଞ୍ଚାୟତ ଘୁଲୁଘୁଲିଆ ଗ୍ରାମର ସାଧୁ ହାଇବୁରୁ। ସୂଚନା ଅନୁଯାୟୀ, ସାଧୁ ବାଇକ୍‌ରେ କରଞ୍ଜିଆ ଆଡକୁ ଯାଉଥିବାବେଳେ ହାତୀଗୋଡ଼ା ପଟୁ ଏକ ଟ୍ରାକ୍ଟର ଅଖାପଲାଣ ଛକ ଅତିକ୍ରମ କରି କେନ୍ଦୁଜିଆଣି ଆଡକୁ ଯିବା ପାଇଁ ମୁଖ୍ୟ ରାସ୍ତାକୁ ଯାଉଥିଲା। ଏହି ସମୟରେ ଠାକୁରମୁଣ୍ଡା ପଟୁ ବାଇକରେ ଯାଉଥିବା ସାଧୁ ଟ୍ରାକ୍ଟର ପଛକୁ ଧକ୍କା ଦେଇଥିଲେ। ଫଳରେ ସେ ୧୦ ଫୁଟ ଦୂରକୁ ଛିଟିକି ପଡ଼ିଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ ଠାକୁରମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଦୁଇ ମୃତଦେହକୁ ଉଦ୍ଧାର କଲା ପୁଲିସ

**ମୋରଡା/ରାସଗୋବିନ୍ଦପୁର,୧୯।୫(ସମିସ):** ରାସଗୋବିନ୍ଦପୁର ପୁଲିସ ସୋମବାର ଜଣେ ବୃଦ୍ଧା ଓ ଜଣେ ବୃଦ୍ଧଙ୍କ ମୃତଦେହକୁ ଉଦ୍ଧାର କରିଛି। ପୋଡାପୋଡା ଗ୍ରାମର ମାୟା ହେମ୍ବ୍ରମ (୬୦) ସୋମବାର ବିଷ ପିଇ ଥିବାରୁ ତାଙ୍କୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା; କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ସାରୁମୂଳା ପଞ୍ଚାୟତର ଯୁବପଡାର ଗଣେଶ୍ୱର ମହାନ୍ତି (୮୧) ଜମ୍ବୀରା ଅସ୍ତକାଥିଆକୁ ମାଛ ଧରିବାକୁ ଯାଇଥିବାବେଳେ ପାଣିରେ ବୁଡି ଯାଇଥିଲେ। ପରେ ତାଙ୍କର ମୃତଦେହକୁ ଉଦ୍ଧାର କରାଯାଇଥିଲା। ଉଭୟ ମୃତଦେହକୁ ପିଆରଏମ ମେଡ଼ିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ପଠାଯାଇଛି।

## ଡ୍ରେନ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ

**ରାଇରଙ୍ଗପୁର,୧୯।୫(ସମିସ):** ଦୀର୍ଘବର୍ଷ ହେଲା ଗାଁ ଭିତର ରାସ୍ତା ପାଶ୍ୱର୍ରେ ଡ୍ରେନ ନ ଥିବା ଯୋଗୁଁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ବିଜାତଳା ବ୍ଲକ ଖନ୍ତ ଗ୍ରାମପଞ୍ଚାୟତ ବଧିଆକୁଦର ଗାଁରେ ଡ୍ରେନ ନ ଥିବାରୁ ବର୍ଷାପାଣି ନିଷ୍କାସନ ହୋଇପାରୁନାହିଁ। ବର୍ଷା ସମୟରେ ପାଣି ନିଷ୍କାସନ ନ ହେବା ଯୋଗୁଁ ମୁଖ୍ୟ ରାସ୍ତା ଉପରେ ଜମିରହୁଛି। ଏହା ବ୍ୟତୀତ ଘରଗୁଡିକରୁ ବାହାରୁ ଥିବା ପାଣି ମଧ୍ୟ ନିଷ୍କାସନ ହୋଇପାରୁନାହିଁ। ଗ୍ରାମବାସ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

## ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଟିମ 'ସି' ବିଜୟୀ



**ବାରିପଦା, ୧୯।୫(ସମିସ):** ବାରିପଦା ଷ୍ଟାଡିୟମରେ ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିନର ଖେଳରେ ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ସି ୧୧ ରନରେ ଟିମ-ଇ'କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଟିମ-ସି ୧୯. ୫ ଓଭରରେ ସମସ୍ତ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଥିଲେ। ଜବାବରେ ଟିମ- ଇ ୧୯. ୫ ଓଭରରେ ସମସ୍ତ ଉଇକେଟ ହରାଇ ୮୫ ରନ ସଂଗ୍ରହ କରିପାରିଥିଲେ। ବିପକ୍ଷ ଦଳର ରୋହିତ ସେଠୀ ୩ଟି ଉଇକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଗଣମାଧ୍ୟମ ସଂଯୋଜକ ତଥା ପୂର୍ବତନ କ୍ରିକେଟ ଖେଳାଳି ସୋମନାଥ ସିଂହ, ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଯୁବ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅମିତାଭ ପଟ୍ଟନାୟକ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ। ମଙ୍ଗଳବାର ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ଏ ଓ ଟିମ-ସି ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

## ବର୍ଦ୍ଧିତ ମହଙ୍ଗା ଭତ୍ତା ବ୍ୟାଙ୍କ ନ ଦେବାରୁ ପେନସନରଙ୍କ ଅସନ୍ତୋଷ

**ବେତନଟୀ,୧୯।୫(ସମିସ):** ରାଜ୍ୟ ସରକାର ଚଳିତବର୍ଷ ମାର୍ଚ୍ଚ ମାସରେ ସରକାରୀ କର୍ମଚାରୀ ଓ ପେନସନରଙ୍କ ପାଇଁ ଦୁଇ ପ୍ରତିଶତ ମହଙ୍ଗା ଭତ୍ତା ଦେବା ନିମନ୍ତେ ଘୋଷଣା କରିଥିଲେ। ଏହି ବର୍ଦ୍ଧିତ ମହଙ୍ଗାଭତ୍ତା ଅପ୍ରେଲ ମାସର ଦରମା ଓ ପେନସନ ସହିତ ମିଳିବ ବୋଲି ସେଥିରେ ଉଲ୍ଲେଖ ଥିଲା। ମାତ୍ର ସରକାରୀ କର୍ମଚାରୀମାନେ ସେହି ମାସର ବେତନ ସହିତ ବର୍ଦ୍ଧିତ ଦୁଇ ପ୍ରତିଶତ ମହଙ୍ଗା ଭତ୍ତା ପାଇ ସାରିଥିବା ବେଳେ ବ୍ୟାଙ୍କ ଅଫ ଇଣ୍ଡିଆ ବେତନଟୀ ଶାଖାକୁ ଛାଡି ଅନ୍ୟ ବ୍ୟାଙ୍କଗୁଡିକ ମଧ୍ୟ ଦୁଇ ପ୍ରତିଶତ ମହଙ୍ଗା ଭତ୍ତା ପେନସନରଙ୍କୁ ପ୍ରଦାନ କରି ସାରିଛନ୍ତି। ଅଥଚ ଏହି ନିର୍ଦ୍ଦିଷ୍ଟ ବ୍ୟାଙ୍କ ମେ ମାସର ୨୦ ତାରିଖ ସୁଦ୍ଧା ଏହା ପ୍ରଦାନ କରି ନ ଥିବା ଏପରିକି ବେତନଟୀ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ମଧ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଲିଖିତ ଅଭିଯୋଗ କରିଛନ୍ତି। ଏହା ସତ୍ତ୍ୱେ ବି ମହଙ୍ଗା ଭତ୍ତା ପାଇନାହାନ୍ତି। ରାଜ୍ୟ ସରକାର ଯେ କୌଣସି ବକେୟା କିମ୍ବା ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବାର ଘୋଷଣା କରୁଥିବା ବେଳେ ଅର୍ଥ ବିଭାଗ ପକ୍ଷରୁ ଆବଶ୍ୟକ ଅର୍ଥ ପେମେଣ୍ଟ କରୁଥିବା ଆର୍ଥିକ ସଂସ୍ଥା ବ୍ୟାଙ୍କଗୁଡିକୁ ପ୍ରଦାନ କରି ଦେଇଥିବା ବେଳ ରାଜ୍ୟ ସରକାରଙ୍କ ଫଣ୍ଡକୁ ବ୍ୟାଙ୍କ ଶାଖା ଗୁଡିକ ନିଜ ଇଛା ଓ ମର୍ଜିରେ ପକାଇ ରଖୁଛନ୍ତି। ଏ ନେଇ ମୁଖ୍ୟ ଶାସନ ସଚିବ ବା ରାଜ୍ୟ ଅର୍ଥମନ୍ତ୍ରୀ ଅଥବା କମିଶନର ତାଗିଦ କରୁ ନ ଥିବା କାରଣରୁ ପେନସନରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପେନସନରଙ୍କ ପାଇଁ ମଂଜୁରୀ ପାଇ ସାରିଥିବା ପାଣ୍ଠିକୁ ବ୍ୟାଙ୍କ ପକ୍ଷରୁ ଜାଣିଶୁଣି ବିଳମ୍ବିତ କରାଯାଉ ଥିବା ଯୋଗୁଁ ଏହାର ଫାଇଦା ବ୍ୟାଙ୍କ ହାସଲ କରୁଛି। ଏଣୁ ବେତନଟୀ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ଓ ଉପ ସଭାପତି ରବୀନ୍ଦ୍ର ନାଥ ମିଶ୍ର ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି କରିଛନ୍ତି।

## ଜାତିଭିତ୍ତିକ ଜନଗଣନାରେ 'ହୋ' ଜାତିକୁ ସାମିଲ ଦାବି



**କରଞ୍ଜିଆ,୧୯।୫(ସମିସ):** ଜାତିଭିତ୍ତିକ ଜନଗଣନାରେ ହୋ ଭାଷା ଓ ଜାତିକୁ ସାମିଲ୍ କରିବାକୁ ସର୍ବ ଭାରତୀୟ ହୋ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ହୋ ସମାଜ ସାଂସ୍କୃତିକ ଭବନ ବଣସାହିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଦେଶର ବିଭିନ୍ନ ରାଜ୍ୟର ହୋ ସଂଗଠନର ପ୍ରମୁଖ ନେତା ଉପସ୍ଥିତ ଥିଲେ। ଜାତିଭିତ୍ତିକ ହେବାକୁ ଥିବା ଜନଗଣନାରେ ହୋ ଭାଷା ଓ ହୋ ଜାତିକୁ ସାମିଲ କରିବାକୁ ନେତାମାନେ ଦୃଢ଼ ଦାବି କରିଥିଲେ। ସର୍ବ ଭାରତୀୟ ସଂଗଠନ ମଧ୍ୟରେ ସିଦାହାର ସୁତାର ଆକାଳ, ଭୁବନେଶ୍ୱରର ସଭାପତି ମଧୁସୂଦନ ଜାରିକା, ସର୍ବ ଭାରତୀୟ ହୋ ସମାଜ ଆସୋସିଏସନ୍‌ର ସଂପାଦକ ପ୍ରଫୁଲ୍ଲ ଚନ୍ଦ୍ର ତିଉ, ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ରାଜ୍ୟ ସଭାପତି ବସନ୍ତ କୁମାର ବୁଲିଉଲି, ହୋ ମହାସଭା ଚାଇଁବାସାର ସଚିବ ସମା କଳା, ଆଦିବାସୀ ହୋ ଯୁବ ମହାସଭା ଚାଇଁବସାର ସମ୍ପଦକ, ଗୋବର ସିଂ ହେମ୍ବ୍ରମ୍, ଅଖିଳ ଭାରତୀୟ ହୋ ସମାଜ କମିଟି, ପଶ୍ଚିମବଂଗର ସଂପାଦକ ଜଗନ୍ନାଥ୍ କେରାଇ, ବୀରବିର୍ସା ମୁଣ୍ଡା ହୋ ସମାଜ ଆକାର ସଂପାଦକ ନାରାୟଣ ପୂର୍ତ୍ତି, ବିରବିର୍ସା ଛାତ୍ର ସଂଗଠନ ଭୁବନେଶ୍ୱରର ଆଇନଜୀବି ଗଣେଶ ଗାଗରାୟ ଓ କ୍ଷିରୋଦ ହେମ୍ବ୍ରମ୍,ମୟୂରଭଂଜ ଆଦିବାସୀ ସମାଜ କମିଟିର କର୍ମକର୍ତ୍ତା ଯୋଗଦେଇ ଜନଗଣନାରେ ହୋ ଭାଷା ଓ ଜାତିକୁ ସାମିଲ କରାଇବାକୁ ଦାବି କରିଥିଲେ। ମୟୂରଭଂଜ ହୋ ସମାଜ କମିଟି ବୈଠକ ଆୟୋଜନ କରିଥିଲେ। ସଭାରେ ସଭାପତି ବାଦଲ ଜାରାୟ ଉପସ୍ଥିତ ଥିବାବେଳେ ବାଗୁନ ସୁନଡି ଧନ୍ୟବାଦ ଅର୍ପଣ କରିଥିଲେ।

## ଚେଙ୍ଗୁଆରେ ଅଖଣ୍ଡ ନାମ ସଂକୀର୍ତ୍ତନ



**ବଡସାହି,୧୯।୫(ସମିସ):** ବଡସାହି ବ୍ଲକ ଭୀମଦା ପଞ୍ଚାୟତ ଚେଙ୍ଗୁଆ ଗ୍ରାମରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁଭ ଅଧିବାସ କରାଯାଇ ସଂକୀର୍ତ୍ତନ ମଣ୍ଡଳୀଙ୍କ ଗହଣରେ ଘଟ ଉତ୍ତୋଳନ କରାଯାଇଛି। ଘଟକୁ ମଣ୍ଡପରେ ସ୍ଥାପନ କରାଯିବା ପରେ ଏକ ଆଧ୍ୟାତ୍ମିକ ପରିବେଶରେ ପୂଜାର୍ଚ୍ଚନା ଓ ସଂକୀର୍ତ୍ତନ ଆରମ୍ଭ ହୋଇଛି। ଏହା ପରେ ନାମାରମ୍ଭ ଓ ଭକ୍ତ ଓ ଗ୍ରାମବାସୀଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦଧିଭଞ୍ଜନ ଓ ନଗର କୀର୍ତ୍ତନ କରାଯାଇଥିଲା। ମା' କୀଚେକେଶ୍ୱରୀ ମହିଳା ସଂକୀର୍ତ୍ତନ ଓ ବେଲଦୂର ରାଧାକୃଷ୍ଣ ସଂକୀର୍ତ୍ତନ ଦଳ ଆକର୍ଷଣୀୟ ସଂକୀର୍ତ୍ତନ ପରିବେଷଣ କରିଛନ୍ତି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା, ବିଭିନ୍ନ କମିଟି ଓ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ।



## ଭୁବନେଶ୍ୱର ସିଟି

# ଶ୍ରୀଲିଙ୍ଗରାଜ ମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

ଭୁବନେଶ୍ୱର, ୧୯।୫(ସମିସ)

ଶତ୍ରୁଦେଶ ପାକିସ୍ତାନ ସହ ତିକ୍ତତା ବଢ଼ିବା ପରେ ଓଡ଼ିଶାର ସମ୍ବେଦନଶୀଳ ଏବଂ ଐତିହ୍ୟ ସ୍ଥାନଗୁଡ଼ିକରେ ସୁରକ୍ଷା ବଢ଼ାଇ ଦିଆଯାଇଛି। ଏଭଳି କ୍ଷେତ୍ରରେ ଲିଙ୍ଗରାଜ ମନ୍ଦିର ଉପରେ ଉଡିଛି ଡ୍ରୋନ୍। ସନ୍ଧ୍ୟା ୫ଟାରୁ ୫ଟା ୩୦ ପର୍ଯ୍ୟନ୍ତ ୧୫ ମିନିଟ୍ ଧରି ଡ୍ରୋନ୍ ଉଡୁଥିବାର ଚିତ୍ର ସାମ୍ନାକୁ ଆସିଥିଲା। ଡ୍ରୋନ୍ ଉଡ଼ିବା ନେଇ ଡିଜିପିଙ୍କର କଟକଣା ରହିଥିବା ବେଳେ ମନ୍ଦିର ଉପରେ ଡ୍ରୋନ୍ କିଭଳି ଉଡ଼ିଲା ତାହାକୁ ନେଇ ପ୍ରଶ୍ନ ଉଠୁଛି। ପାକିସ୍ତାନ ସ୍ଲାଏ ଏଭଳି ଡ୍ରୋନ୍ ଉଡ଼ାଇ ନାହାନ୍ତି ତ? ଏନେଇ ମନ୍ଦିରର ସେବାୟତ ପୁଲିସକୁ ଅବଗତ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ତେବେ କିଏ ଏବଂ କାହିଁକି ମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇଲେ, ଏହାକୁ କିଏ ଅପରେଟ୍ କରୁଛି ସେ ବିଷୟରେ କୌଣସି ସୂଚନା ମିଳିପାରି ନାହିଁ। ୧୫ ମିନିଟ ଧରି ଡ୍ରୋନ୍‌ଟି ମନ୍ଦିର ଉପରେ ଉଡୁଥିବା ବେଳେ ପୁଲିସ ପାଖରେ ସୂଚନା ନ ଥିବା ଘଟଣା ମନ୍ଦିର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଡିସିପି ଜଗମୋହନ ମୀନା କହିଛନ୍ତି ଯେ, ମନ୍ଦିର ସେବାୟତ ଏନେଇ ପୁଲିସକୁ ଜଣାଇବା ପରେ ଲିଙ୍ଗରାଜ ଥାନା ଅଧିକାରୀ ତଦନ୍ତ କରୁଛନ୍ତି। ସିସିଟିଭି ଫୁଟେଜ ମାଧ୍ୟମରେ ଖୋଳତାଡ଼ କରାଯାଉଛି। ଯିଏ ଡ୍ରୋନ୍ ଉଡାଉଥିଲା ତାଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ। ଏଥିସହ ଡ୍ରୋନ ଜବତ କରାଯିବା ସହ କେଉଁ ଉଦ୍ଦେଶ୍ୟ ନେଇ ଡ୍ରୋନ୍ ଉଡ଼ାଉଥିଲେ ତାହାର ଖୋଳତାଡ଼ କରାଯିବ ବୋଲି ଡିସିପି କହିଛନ୍ତି। ବର୍ତ୍ତମାନ ପହେଲଗାମ ଆତଙ୍କୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଛି ତାହାକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ମଧ୍ୟ ହାଇ ଆଲର୍ଟରେ ରଖାଯାଇଛି। ଏଥିପାଇଁ ନିକଟରେ ପୁଲିସ ମହାନିର୍ଦ୍ଦେଶକଙ୍କ ନେତୃତ୍ୱରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ନିଷ୍ପତ୍ତି ହୋଇଥିଲା ଯେ, ଯେଉଁ ସମ୍ବେଦନଶୀଳ ଅଞ୍ଚଳ ଯଥା ପୁରୀ ଶ୍ରୀମନ୍ଦିର, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର, ବାଲେଶ୍ୱର ଆଦି ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ଡ୍ରୋନ୍ ଉଡ଼ିବ ନାହିଁ। ଏବଂ ଯଦି କେଉଁଠି ଡ୍ରୋନ୍ ଉଡ଼ାଯିବାର ଦେଖାଯାଏ ତେବେ ବିନା ଆନାଉନସ୍‌ମେଣ୍ଟ କିମ୍ବା ବିନା ନୋଟିସରେ ତାହାକୁ ଖସାଇ ଦିଆଯିବ। ଏଭଳି ନିଷ୍ପତ୍ତି ପରେ ମଧ୍ୟ ଲିଙ୍ଗରାଜ ମନ୍ଦିର ଉପରେ ଆଜି ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଥିଲା। ମନ୍ଦିରର ସେବାୟତ ମାନେ ଏହାକୁ ଦେଖିବା ସହ ଏହାର ଭିଡ଼ିଓ ମଧ୍ୟ କରିଥିବା ସୂଚନା ରହିଛି। ପୁଲିସ ପହଞ୍ଚିବା ପୂର୍ବରୁ ଡ୍ରୋନଟି ଗାଏବ ହୋଇଯାଇଥିଲା। ଏହି ଡ୍ରୋନର ମାଲିକ କିଏ ଏବଂ କାହିଁକି ଏଠାରେ ଡ୍ରୋନ୍ ଉଡ଼ାଇଥିଲେ ଏନେଇ କୌଣସି ସୂଚନା ମିଳିପାରି ନଥିବା ବେଳେ ଲିଙ୍ଗରାଜ ଅଞ୍ଚଳର ଆଖପାଖ ସ୍ଥାନରେ ପୁଲିସ ଯାଞ୍ଚ କରୁଥିବା ସୂଚନା ରହିଛି। କେବଳ ସେବାୟତମାନେ ରେକର୍ଡ କରିଥିବା ଭିଡିଓକୁ ପୁଲିସକୁ ହସ୍ତାନ୍ତର କରାଯାଇଛି। ତେବେ ହାଇ ଆଲର୍ଟରେ ରହିଥିବା ଏହି ସମ୍ବେଦନଶିଳ ଅଞ୍ଚଳରେ ଡ୍ରୋନ୍ ଉଡୁଥିବା ବିଷୟରେ ପୁଲିସ ନଜାଣିବା ଏବଂ ବିଶେଷ କରି ଲିଙ୍ଗରାଜ ଫାଣ୍ଡିର ଅଧିକାରୀମାନେ ମଧ୍ୟ ଏବିଷୟରେ ନଜାଣି ପାରିବା ଲିଙ୍ଗରାଜ ମନ୍ଦିର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



- ଫଟୋ କିଏ ନେଲା, କାହିଁକି ନେଲା ଏବେ ବି ସନ୍ଦେହରେ
- ରାଜଧାନୀର ସର୍ବବୃହତ ମନ୍ଦିର ସୁରକ୍ଷା ନେଇ ଉଠିଲା ପ୍ରଶ୍ନ
- ତଦନ୍ତ ଚାଲିଛି, ଧରାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ: ଡିସିପି

## ଏକତରଫା ପ୍ରେମରୁ ଯୁବତୀଙ୍କୁ ଏସିଡ୍ ମାଡ଼ ଉଦ୍ୟମ

ଭୁବନେଶ୍ୱର, ୧୯।୫(ସମିସ): ଏକତରଫା ପ୍ରେମରୁ ଯୁବତୀଙ୍କୁ ଏସିଡ୍ ମାଡ଼ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଯୁବତୀ ଜଣଙ୍କ ଏନେଇ ସହିଦ ନଗର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଛି। ଯୁବତୀଙ୍କ ଅଭିଯୋଗ ଅନୁସାରେ, କିଛିବର୍ଷ ହେଲା ପାଇକରାପୁରର ସୁନିଲ ସେଠୀ ନାମକ ଯୁବକ ତାଙ୍କୁ ଭଲ ପାଉଥିଲେ। ହେଲେ ସେ ମନା କରିବାରୁ ସେ ତାଙ୍କ ବାରମ୍ବାର ହଇରାଣ କରୁଥିଲେ। ସେ ପଥରବନ୍ଧ ବସ୍ତି ନିକଟରେ ଯାଉଥିବା ବେଳେ ସୁନିଲ ଏବଂ ତାର ସହଯୋଗୀମାନେ ତାଙ୍କୁ ସାଥୀରେ ଯିବାକୁ କହିଥିଲେ। ସେ ନ ଯିବାରୁ ତାଙ୍କ ମାଡ଼ ମାରିବା ସହ ଏସିଡ ପକାଇବାକୁ ଉଦ୍ୟମ କରିଥିଲେ। ସେ ଜୀବନ ବିକଳରେ ଦୌଡ଼ି ପଳାଇବାରୁ ଜୀବନ ବର୍ତ୍ତିଯାଇଥିଲା। ଏହାପରେ ୧୧୨କୁ କଲ୍ କରିବା ପରେ ସ୍ଥାନୀୟ ଲୋକ ସୁନିଲକୁ ଧରି ପୁଲିସର ଜିମା ଦେଇଥିଲେ। ଅନ୍ୟପଟରେ ସୁନିଲଙ୍କ ବାପା କିଛି ଭିନ୍ନ ଅଭିଯୋଗ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ପୁଅକୁ ଯୋଜନାବଦ୍ଧ ଭାବେ ବାଣୀବିହାର ସାଇ ମନ୍ଦିର ନିକଟକୁ ଡାକିଥିଲେ। ଏହାପରେ ସୁନିଲ ଆସିବା ପରେ ତାଙ୍କୁ ଜାଣିଶୁଣି ଉଠାଇ ନେଇ ପଥରବନ୍ଧ ବସ୍ତି ନିକଟରେ ନିର୍ଘାତ ମାଡ଼ମାରି ଜାଣି ଶୁଣି ପୁଲିସକୁ ଡାକି ଧରାଇଥିଲେ। ପୁଲିସ ଏହି ଦୁଇଟି ଅଭିଯୋଗ ଆଧାରରେ ତଦନ୍ତ କରୁଛି।

"ଆମ ପୁଅକୁ ଡାକି ମାଡ଼ ମାରିଛନ୍ତି: ପରିବାର ଲୋକ"



## ଦୁଇ ବନ୍ଧୁଙ୍କୁ ସଂଘବଦ୍ଧ ଆକ୍ରମଣ; ଦୁଇ ଗିରଫ





ଭୁବନେଶ୍ୱର, ୧୯।୫ (ସମିସ): ଦୁଇ ସାଙ୍ଗକୁ ସଙ୍ଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବେହେରା ସାହିର ଜ୍ଞାନରଞ୍ଜନ ବେହେରା ଓରଫ୍ ଷଣ୍ଢ (୩୪) ଓ ବାଦଲ ରାଉତ (୨୧)। ପୁଲିସ ସୂଚନା ଅନୁସାରେ, ଶାସ୍ତ୍ରୀନଗରର ରାମଚନ୍ଦ୍ର ମଲ୍ଲିକ ଓ ତାଙ୍କର ଜଣେ ବନ୍ଧୁ ଗତ ୮ ତାରିଖ ରାତିରେ ଘରକୁ ଫେରୁଥିବା ବେଳେ ଆଉ ଦୁଇଜଣ ସାଙ୍ଗ ତାଙ୍କୁ ଫୋନ୍ କରି ନୂଆପଲ୍ଲୀ ପୋଖରୀ ନିକଟରେ ବସିବା ଲାଗି କହିଥିଲେ। ପରେ ସମସ୍ତେ ମିଶି ନୂଆପଲ୍ଲୀ ପୋଖରୀ ନିକଟରେ ବସିଥିବା ବେଳେ ଷଣ୍ଢ, ବାଦଲ ଓ ସହଯୋଗୀମାନେ ଆସି କାହିଁକି ବସିଛ ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ବାଦଲ, ଷଣ୍ଢ ଓ ସହଯୋଗୀମାନେ ମିଶି ରାମଚନ୍ଦ୍ର ଓ ତାଙ୍କର ଜଣେ ସାଙ୍ଗକୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣ ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ଏନେଇ ରାମଚନ୍ଦ୍ର ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ବେହେରା ସାହି ଅଞ୍ଚଳରୁ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଦୁଇ ପରିବାର ମାର୍‌ପିଟ୍; ଦୁଇ ଗିରଫ

ଭୁବନେଶ୍ୱର, ୧୯।୫ (ସମିସ): ଦୁଇ ପରିବାର ମାରପିଟ୍ ଘଟଣାରେ ଉଭୟପକ୍ଷର ଦୁଇ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ତପୋବନ ବସ୍ତିର କୃଷ୍ଣ ସାହୁ (୩୧) ଓ ସଞ୍ଜୟ ପ୍ରଧାନ (୩୫)।

ପୁଲିସ ସୂଚନା ଅନୁସାରେ, ବରବାରିରେ ରହୁଥିବା ସଞ୍ଜୟ ଗତ ୧୭ ତାରିଖ ସନ୍ଧ୍ୟାରେ ଦୋକାନରୁ କୁର୍‌କୁରେ ଆଣି ଘରକୁ ଫେରୁଥିଲେ। ବାଟରେ କୃଷ୍ଣଙ୍କ ପୁଅକୁ କିଛି କୁର୍ କୁରେ ଦେଇଥିଲେ। କିନ୍ତୁ କିଛି ସମୟ ପରେ କୃଷ୍ଣଙ୍କ ପତ୍ନୀ ରୀନା ଉକ୍ତ କୁରକୁରେ ପ୍ୟାକେଟକୁ ଆଣି ସଞ୍ଜୟଙ୍କ ଘର ସାମ୍ନାରେ ଫୋପାଡ଼ି ଚାଲି ଯାଇଥିଲେ। ସେହିଦିନ ରାତି ୧୧ଟା ସମୟରେ ସଞ୍ଜୟ ଘର ଆଗରେ ବସିଥିବା ବେଳେ ରୀନା ଓ ତାଙ୍କ ସ୍ୱାମୀ କୃଷ୍ଣ ଆସି ତାଙ୍କୁ ଲାଠି ଓ ଛୁରିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣ ଫଳରେ ସଞ୍ଜୟ ଗୁରୁତର ଆହତ ହୋଇଥିଲେ। ସଞ୍ଜୟଙ୍କ ମାଆ ବିନୁ ପ୍ରଧାନଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ କୃଷ୍ଣଙ୍କୁ ଗିରଫ କରିଥିଲା। ସେପଟେ ତାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ରୀନା ଅଭିଯୋଗ କରିବା ପରେ ସଞ୍ଜୟଙ୍କୁ ମଧ୍ୟ ଗିରଫ କରିଥିଲା ପୁଲିସ।

## ଫରେଷ୍ଟ ପାର୍କ ଛକରେ ଗୋଡ଼େଇ ହାଣିବା ଘଟଣାରେ ୪ ଗିରଫ

ଭୁବନେଶ୍ୱର, ୧୯।୫ (ସମିସ): ନ୍ୟୁ ଫରେଷ୍ଟ ପାର୍କ ଛକରେ ଯୁବକଙ୍କୁ ଗୋଡ଼ାଇ ହାଣିବା ଘଟଣାରେ ୪ ଜଣଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଘୋରଡ଼ିଆର ଏମଡି ରାଜା (୨୮), ଏମଡି ସଦାମ୍ (୩୦), ଗୋପର ରାମୁ ଓରଫ୍ ନସାମୁଦ୍ଦିନ ଶାହା (୨୫) ଓ ଚୁମୁ ଓରଫ୍ ଅଜାମୁସିନ୍ ଶାହା (୨୪)।



ପୁଲିସ ସୂଚନା ଅନୁସାରେ, ପ୍ରତିବର୍ଷ ଜାଗରରେ ଝରଣା ସାହିରେ କ୍ରିକେଟ୍ ମ୍ୟାଚ୍ ଆୟୋଜନ କରାଯାଇଥାଏ। ଗତ ବର୍ଷ ଏହି ଖେଳ ସମୟରେ ବିକି ନାୟକଙ୍କ ସହିତ ଶେଖ ରାଜା, ଗୁଣା ସିଂହ ସହିତ ଝଗଡ଼ା ହୋଇଥିଲା। ଏହି ଶତ୍ରୁତାକୁ କେନ୍ଦ୍ରକରି ଅଭିଯୁକ୍ତମାନେ ବିକିକୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚିଥିଲେ। ଗତ ସୋମବାର ରାତି ୯ଟା ସମୟରେ ବିକି ନ୍ୟୁ ଫରେଷ୍ଟ ପାର୍କ ନିକଟରେ ଟିଫିନ୍ ଖାଉଥିଲେ। ସେହି ସମୟରେ ଶେଖ ରାଜା, ଶେଖ ସଦାମ, ଗୁଣା ସିଂହ, ରାମୁ, ଚୁମୁ, ସାୱନ ଓ ଅନ୍ୟମାନେ କାରରେ ଆସି ଖଣ୍ଡାରେ ଆକ୍ରମଣ କରିଥିଲେ। ବିକି ଜୀବନ ବିକଳରେ ଧାଉଁଥିବା ବେଳେ ଅଭିଯୁକ୍ତମାନେ ପୁଣି ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ହାତ, ଗୋଡ ଓ ମୁଣ୍ଡରେ ଆଘାତ ବାଜି ପ୍ରବଳ ରକ୍ତସ୍ରାବ ହୋଇଥିଲା। ଲୋକମାନେ ଏକାଠି ହୋଇଯିବାରୁ ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିଲେ। ବିକିଙ୍କ ଭଉଣୀ ଏୟାରପୋର୍ଟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ଦୁଇଟି ଖଣ୍ଡା ଓ ଦୁଇଟି ବାଇକ୍ ଜବତ କରିଥିଲା। ଅଭିଯୁକ୍ତ ରାଜା ପୂର୍ବରୁ ଏସଟିଏଫ୍ ଦ୍ୱାରା ଗିରଫ ହୋଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଗତ ବୁଧବାର ଦିନ ଅଭିଯୁକ୍ତ ସାୱନକୁ ଗିରଫ କରିଥିଲା ପୁଲିସ।

## ଦୁଇ ଲୁଟେରାଙ୍କୁ ବର୍ଷେ ଲେଖାଏଁ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୧୯।୫ (ସମିସ): ଗତବର୍ଷ ଅଗଷ୍ଟ ମାସରେ ସହିଦନଗର ଥାନା ଅଞ୍ଚଳରେ ଘଟିଥିବା ଏକ ଲୁଟ୍ ମାମଲାର ରାୟ ପ୍ରକାଶ ପାଇଛି। ଲୁଟେରା ହଳଦୀ ଓରଫ୍ ଅଶୋକ ଦାସ (୨୫) ଓ ଗଙ୍ଗାଧର ପ୍ରଧାନ (୩୭)କୁ ଦୋଷୀ ସାବ୍ୟସ୍ତ କରିବା ସହିତ ବର୍ଷ ଲେଖାଏଁ ଜେଲ୍ ଦଣ୍ଡ ଶୁଣାଇଛନ୍ତି ଭୁବନେଶ୍ୱରସ୍ଥିତ ଅତିରିକ୍ତ ସିଭିଲ୍ ଜଜ୍ ତଥା ଜେଏମଏଫସି ସୁଶ୍ରୀ ସାଇପ୍ରିୟା ତ୍ରିପାଠୀ।





ପୁଲିସ ସୂଚନା ଅନୁସାରେ, ଗତବର୍ଷ ଅଗଷ୍ଟ ୧୨ ତାରିଖ ଦିନ ପୂର୍ବାହ୍ନରେ ଜଗନ୍ନାଥ ବେହେରା ଅଫିସ୍ ଯାଉଥିଲେ। ସେ ସହିଦନଗର-ମହର୍ଷି କଲେଜ ରାସ୍ତାରେ ପାଇଥିବା ବେଳେ ଅଶୋକ ଓ ଗଙ୍ଗାଧର ବାଇକରେ ଆସି ତାଙ୍କ ମୋବାଇଲ ଫୋନ ଲୁଟ୍ କରିବାକୁ ଉଦ୍ୟମ କରିଥିଲେ। ଜଗନ୍ନାଥଙ୍କ ପାଟି ଶୁଣି ଲୋକମାନେ ଦୁଇ ଅଭିଯୁକ୍ତଙ୍କୁ କାବୁ କରିବାକୁ ଉଦ୍ୟମ କରୁଥିବାବେଳେ ସେମାନେ ଖସି ପଳାଇ ଯାଇଥିଲେ। ଜଗନ୍ନାଥଙ୍କ ଅଭିଯୋଗ ଆଧାରରେ ସହିଦନଗର ଥାନା ପୁଲିସ କେସ୍ ନଂ - ୩୮୧/୨୪ ରେ ଦଫା ୩୦୪(୨)/୩(୫) ବିଏନ୍‌ଏସରେ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରିଣୀ ଏଏସଆଇ ପୂର୍ଣ୍ଣିମା ସାମଲ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ।

ଅଦାଲତ ବିଭିନ୍ନ ସାକ୍ଷ୍ୟ ଓ ଦସ୍ତାବିଜ ଆଧାରରେ ଉପରୋକ୍ତ ମାମଲାର ବିଚାର କରି ଆସାମୀ ହଳଦୀ ଓରଫ ଅଶୋକ ଦାସ ଓ ଗଙ୍ଗାଧର ପ୍ରଧାନକୁ ଭାରତୀୟ ନ୍ୟାୟ ସଂହିତାର ଧାରା - ୩୦୪(୨)/୩(୫) ଆଧାରରେ ବର୍ଷେ ଲେଖାଏଁ କାରାଦଣ୍ଡ ସହ ଏକ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମନା ଅନାଦେୟ କ୍ଷେତ୍ରରେ ଅଧିକ ୧୫ ଦିନ ଲେଖାଏଁ ଜେଲ୍ ଦଣ୍ଡର ଆଦେଶ ଦେଇଛନ୍ତି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ସୁଶାନ୍ତ କୁମାର ଦାଶ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

## 'ମୁଁ କ୍ରିମିନାଲ୍ ୩୦୭୪'



ଭୁବନେଶ୍ୱର, ୧୯।୫(ସମିସ): ହତ୍ୟା ଉଦ୍ୟମ ମାଲାରେ ୫ବର୍ଷ ହେବ ଫେରାର ଥିବା 'କ୍ରିମିନାଲ ୩୦୭୪' ଓରଫ ସୁମନ୍ତ ପାଲୁଅରକୁ ଜିଆରପି ଗିରଫ କରିଛି। ତାକୁ ଲକ୍ଷ୍ମୀସାଗର ଥାନା ଅଞ୍ଚଳରୁ ଗିରଫ କରିଛି ପୁଲିସ। ୨୦୨୧ ମସିହାରେ ସେ ରେଲୱେ କଲୋନୀରେ ରେଲୱେ କର୍ମଚାରୀଙ୍କ ପୁଅ ଆୟୁଷ ମାଝିକୁ କାଠ ଫାଳଆରେ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ଫଳରେ ସେ ଗୁରୁତର ହୋଇ ମେଡ଼ିକାଲରେ ପଡ଼ିଥିଲେ। ଏହାପରେ ଅପରାଧୀ ସୁମନ୍ତ ଫେରାର ହୋଇଯାଇଥିଲା। ଶେଷରେ ଜିଆରପି ଚଢଉ କରି ତାକୁ ଗିରଫ କରିଛି। ବଡ଼କଥା ହେଲା ସୁମନ୍ତ ନିଜକୁ ବଡ଼ ଅପରାଧୀ ସଜାଇବା ପାଇଁ ନିଜ ଦେହରେ ଟାଟୁ କରି ଲେଖିଛି କ୍ରିମିନାଲ ୩୦୭୪। ପୁଲିସ ଏନେଇ ପଚାରିବାରୁ ସେ ନିଜକୁ ବଡ଼ ଅପରାଧୀ ଭାବୁଥିବାରୁ ଏଭଳି ଟାଟୁ କରିଥିବା କହିଛି।

## ନାବାଳିକାକୁ ଅଶ୍ଳୀଳ ଇଙ୍ଗିତ କରି ଯୁବକ ଗିରଫ

ହଂସପାଳ, ୧୯।୫(ସମିସ): ନାବାଳିକାକୁ ଅଶ୍ଳୀଳ ଇଙ୍ଗିତ କରିବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ଅଭିଯୋଗରେ ପାହାଳ ଥାନା ପୁଲିସ ନହରକଣ୍ଟା ସାମଲ ସାହିର ବାସୁଦେବ ବେହେରା(୩୬)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଗତ ଡିସେମ୍ବର ୨୦ ତାରିଖ ସନ୍ଧ୍ୟା ୭.୩୦ ସମୟରେ ନାବାଳିକା ଜଣକ ଟ୍ୟୁସନ ସାରି ଘରକୁ ଫେରିବା ବେଳେ ବାସୁଦେବ ତାଙ୍କୁ ରାସ୍ତାରେ ଅଟକାଇ ଅଶ୍ଳୀଳ ଇଙ୍ଗିତ କରିବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲା ଏବଂ ତା ନାମରେ ଥାନାରେ ଦିଆଯାଇଥିବା ଅଭିଯୋଗକୁ ଯଦି ତାଙ୍କ ମା ପ୍ରତ୍ୟାହୃତ ନକରନ୍ତି ତେବେ ସେ ତାଙ୍କୁ ଦୁଷ୍କର୍ମ କରିବା ସହ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ପୀଡିତା ଜଣକ ଅଭିଯୁକ୍ତଙ୍କ ଏତାଦୃଶ ବ୍ୟବହାରର ବିରୋଧ କରିବା ଦେଖି ଅଭିଯୁକ୍ତଙ୍କ ବାପା, ମା ଏବଂ ଅନ୍ୟ ଦୁଇ ମହିଳା ପୀଡିତାଙ୍କୁ ଘଟଣାସ୍ଥଳରେ ମାଡ ମାରିବା ସହ ତାଙ୍କୁ ବିବସ୍ତ୍ର କରିବା ଲାଗି ପ୍ରୟାସ କରିଥିଲେ। ବାସୁଦେବ ମଧ୍ୟ ପରିବାର ସଦସ୍ୟଙ୍କ ସହ ମିଶି ପୀଡିତାଙ୍କୁ ବିବସ୍ତ୍ର କରିବା ପୂର୍ବକ ତାଙ୍କୁ ଅସଦାଚରଣ କରିଥିଲେ। ଏହି ସମୟରେ କୌଣସି ଏକ ସୂତ୍ରରୁ ସୂଚନା ପାଇ ପୀଡିତାଙ୍କ ମା ଏବଂ ଅନ୍ୟମାନେ ଆସି ପହଞ୍ଚିବାରୁ, ବାସୁଦେବ ଏବଂ ତାଙ୍କ ପରିବାର ସଦସ୍ୟ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିଲେ।



ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହିତ ବାସୁଦେବଙ୍କୁ ଗିରଫ କରିଥିଲେ। ପଚରାଉଚରା ବେଳେ, ବାସୁଦେବ ନିଜର ଅପରାଧ ସ୍ୱୀକାର କରିଥିଲେ। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ବୋଲି ଥାନା ଅଧିକାରୀ ଅଶ୍ୱିନୀ ଜେନା କହିଛନ୍ତି।

# ବାଂଲାଦେଶୀ ଚିହ୍ନଟ ପୁଲିସ ପାଇଁ ଆହ୍ୱାନ

ଭୁବନେଶ୍ୱର, ୧୯।୫(ସମିସ)

ରାଜଧାନୀରେ ମାଡ଼ି ଗଲେଣି ବାଂଲାଦେଶୀ ଅନୁପ୍ରବେଶକାରୀ। ସେମାନେ ଏଠାରେ ରହି ବିଭିନ୍ନ ପ୍ରକାର ବେଆଇନ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜଧାନୀରେ ବାଂଲାଦେଶୀଙ୍କୁ ଚିହ୍ନଟ କରିବା ପାଇଁ ସବୁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ବଡ଼କଥା ହେଲା ଏହି ବାଂଲାଦେଶୀଙ୍କୁ କିଭଳି ଚିହ୍ନଟ କରାଯିବ ସେନେଇ ବଡ଼ ପ୍ରଶ୍ନ ହୋଇଛି। ଏଠାରେ ସେମାନଙ୍କର ଆଧାରକାର୍ଡ, ଭୋଟରକାର୍ଡ ଏବଂ ରାସନ କାର୍ଡ ସବୁ ରହିଛି। ସେମାନେ ଗୋଟିଏ ବସ୍ତିରେ ଦୀର୍ଘଦିନ ରହିଯାଇଥିବାରୁ ସେମାନେ ପ୍ରମାଣପତ୍ର ହାତେଇଛନ୍ତି। ତେଣୁ ପୁଲିସ କେଉଁ ମାପଦଣ୍ଡ ଆଧାରରେ ସେମାନଙ୍କୁ ଚିହ୍ନଟ କରିବ ତାହାକୁ ନେଇ ସନ୍ଦେହ ବଢ଼ିଛି। କେବଳ ପୁଲିସ ନାମକୁ ମାତ୍ର ବାଂଲାଦେଶୀଙ୍କୁ ଚିହ୍ନଟ କରାଯିବ ବୋଲି କହି ଭୁଲିଯିବ। ଏନେଇ ଡିସିପି ଜଗମୋହନ ମୀନା କହିଛନ୍ତି ଯେ, ସରକାରଙ୍କ ପକ୍ଷରୁ ଚିହ୍ନଟ ପାଇଁ ଯେଉଁ ମାପଦଣ୍ଡ ଆସିବ ସେଇ ଆଧାରରେ ଆମେ କାମ କରିବୁ।

- ଆଧାରକାର୍ଡ, ଭୋଟର କାର୍ଡ, ରାସନ କାର୍ଡ ରହିଛି; କାଟିବେ କେମିତି
- କେଉଁ ମାପଦଣ୍ଡରେ ପୁଲିସ କରିବ ଚିହ୍ନଟ; ତାକୁ ନେଇ ପ୍ରଶ୍ନବାଚୀ



### ରାଜଧାନୀରୁ ଚାଲାଣ ହେଉଛି ଔଷଧ

ରାଜଧାନୀର ବିଭିନ୍ନ ଔଷଧ ଦୋକାନୀ ଏବଂ ଜନୌଷଧି କେନ୍ଦ୍ରରୁ ସେମାନେ ମେଡ଼ିସିନ୍ ନେଇ ବାଂଲାଦେଶ ଚାଲାଣ କରୁଛନ୍ତି। ବାଂଲାଦେଶରେ ଔଷଧ ଦାମ୍ ଢେର ଅଧିକ ହୋଇଥିବାରୁ ସେମାନେ ଏଠାରୁ ଶସ୍ତାରେ ନେଇ ଚଢାରେ ବିକ୍ରି କରୁଛନ୍ତି। ଏହି ରାକେଟ୍‌ର କିଛି ବ୍ୟକ୍ତି ରାଜଧାନୀରେ ମେଡ଼ିସିନ୍ ନେଇ କେନ୍ଦ୍ରାପଡ଼ା ଏବଂ ବାଲେଶ୍ୱର ଦେଇ ଜଳପଥରେ ବାଂଲାଦେଶକୁ ଔଷଧ ଚାଲାଣ କରୁଛନ୍ତି। ଏହି ମେଡ଼ିସିନ୍‌କୁ ସିମେଣ୍ଟ ବସ୍ତାରେ ପୁରାଇ ଚାଲାଣ କରୁଥିବା ଏପରି କହିଛନ୍ତି ସଂସ୍କୃତି ଗବେଷକ ଅନିଲ ଧିର। କେବଳ ଔଷଧ ନୁହେଁ ସେମାନେ ମୁଖ୍ୟତଃ ଓଡ଼ିଶାରୁ ହେଉଥିବା ମୂର୍ତ୍ତି ଚୋରି, ବଜ୍ରକାପ୍ତା, ହାତୀଦାନ୍ତ ଚାଲାଣରେ ସମ୍ପୃକ୍ତ ରହିଛି। ଡ୍ରଗ୍ସ, ଯୁବତୀ ଚାଲାଣ, ସ୍କ୍ରାପ୍ ବ୍ୟବସାୟରେ ଏମାନଙ୍କ ହାତ ରହୁଥିବା ସେ କହିଛନ୍ତି। ଏକ ଅନୁସନ୍ଧାରେ ଭୁବନେଶ୍ୱର ମଧ୍ୟରେ ପାଖାପାଖି ୮୦ ହଜାର ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ହୋଇଛି। ୧୦ ବର୍ଷ ତଳେ ସେମାନଙ୍କ ସଂଖ୍ୟା ୪ରୁ ୬ହଜାର ମଧ୍ୟରେ ରହିଥିଲେ। ସେମାନଙ୍କର ନି ଠିକଣା ରହିଛି, ନା ଆଧାରକାର୍ଡ। ଜଳପଥ ଦେଇ କେନ୍ଦ୍ରାପଡ଼ା ଏବଂ ବାଲେଶ୍ୱରକୁ ଆସୁଛନ୍ତି। ସେଠରୁ ଭୁବନେଶ୍ୱରକୁ ଆସି ରହିଛନ୍ତି। ବାଂଲାଦେଶରୁ ଓଡ଼ିଶା ଆସିବା ପାଇଁ ଏକ ରାକେଟ୍ କାମ କରୁଛନ୍ତି। ଜଳପଥରେ ବାଂଲାଦେଶରୁ ଓଡ଼ିଶା ଆସିବା ପାଇଁ ୫ରୁ ୭ ହଜାର ନେଉଛନ୍ତି ବୋଟ୍ ବାଲା। ତେଣୁ ଟଙ୍କା ଦେଇ ଅନେକ ବାଂଲାଦେଶୀ ଅନୁପ୍ରବେଶକାରୀ ଏଠାକୁ ଆସୁଛନ୍ତି।

### ୩୦ ପ୍ରତିଶତ ଅପରାଧ ପଛରେ ବାଂଲାଦେଶୀ

ରାଜଧାନୀରେ ଘଟୁଥିବା ଏକାଧିକ ଅପରାଧ ଏହି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଦ୍ୱାରା ହେଉଛି। କିନ୍ତୁ ରାଜଧାନୀର ୟୁନିଟ୍-୩ରେ ସେମାନେ ରହୁଛନ୍ତି। କିନ୍ତୁ ପୁଲିସ ନିକଟରେ ଏହି ବଂଲାଦେଶୀଙ୍କ ତଥ୍ୟ ନାହିଁ। ସେଠାରେ କେତେ ଜଣ ରହୁଛନ୍ତି। ସେମାନେ କଣ କରୁଛନ୍ତି, କୁଆଡେ ଯାଉଛନ୍ତି। ସେମାନଙ୍କ ବିଷୟରେ ତଥ୍ୟ ପୁଲିସ ନିକଟରେ ନାହିଁ। ଯେଉଁଥି ପାଇଁ ସେମାନେ ସ୍କ୍ରାପ୍ ବ୍ୟବସାୟରେ ଅଧିକ ଚୋରି ଗାଡ଼ିକୁ କାଟି ବିକ୍ରି କରୁଛନ୍ତି। ଗାଡି ହେଉ ଅନ୍ୟାନ ସାମଗ୍ରୀକୁ ଚୋରି କରିବା ପାଇଁ ଏହି ବାଂଲାଦେଶୀ ଯୁବକ ସମ୍ପୃକ୍ତ ଅଛନ୍ତି। ସେମାନେ ଚୋରି କରି ଆଣିବା ପରେ ୟୁନିଟ୍-୩ରେ ଦେଉଛନ୍ତି। ଏହାପରେ ସେଠାରେ ଥିବା ଅନ୍ୟ ବାଂଲାଦେଶୀ ବ୍ୟକ୍ତିମାନେ ଗାଡିକୁ ଗାଡି ଅନ୍ୟତ୍ର ଚାଲାଣ କରୁଛନ୍ତି। ଯଦି କୌଣସି ଗାଡ଼ିର ପାର୍ଟ୍ସ ମିଳୁନି ତେବେ ଏହି ୟୁନିଟ୍-୩ରେ ମିଳୁଛି। ରାଜଧାନୀରେ ହେଉଥିବା ୩୦ ପ୍ରତିଶତ ଅପରାଧ ଏମାନଙ୍କ ଦ୍ୱାରା ହେଉଛି।


ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ବାବାଜୀ ଚରଣ ପରିଡା

ଅର୍ଦ୍ଧିଆ-କୁସୁନପୁର, ପୋ.ଅ - ସିଂହାପୁର, ଯାଜପୁର
ଆବିର୍ଭାବ - ୧୫. ୦୧. ୧୯୪୯
ତିରୋଧାନ - ୧୦. ୦୫. ୨୦୨୫

ତମେ ଚାଲିଗଲ ଅଫେରା ରାଇଜକୁ ଆଉ ଫେରିବ ନାହିଁ କେବେ। ତୁମ ସ୍ନେହ, ମମତା, ନୀତି ଓ ଆଦର୍ଶ ଆମ ପାଇଁ ପାଥେୟ ହେଉ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ଏତିକି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ

ସହଧର୍ମିଣୀ - ସନ୍ଧ୍ୟାରାଣୀ ପରିଡା, ପୁଅବୋହୂ - ଅମିତ - ଗାୟତ୍ରୀ, ସନ୍ଦୀପ - ଶର୍ବାଣୀ, ଝିଅଜ୍ୱାଇଁ - ସ୍ୱାତିକା - ଆନନ୍ଦ, ନାତି ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

# ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ



ଧର୍ମଶାଳା,୧୯।୫(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ସୁନ୍ଦରିଆ ପଞ୍ଚାୟତ ତରାପୁର ଗ୍ରାମରେ ପଡ଼ୋଶୀଙ୍କ ଆକ୍ରମଣରେ ୱେବ୍‌ଚ୍ୟାନେଲ ସାମ୍ବାଦିକ ସେକ୍ ଆଲ୍ଲାଉଦ୍ଦିନ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ, ସେକ୍ ଆଲ୍ଲାଉଦ୍ଦିନ ସକାଳୁ ଘରୁ ଜାରକା ବଜାରକୁ ବାହାରୁଥିବା ସମୟରେ ପଡ଼ୋଶୀ ସେକ୍ ତଫିଜୁଲ ଏକ ଲୁହା କଣ୍ଟା ଲାଗିଥିବା କାଠରେ ଆକ୍ରମଣ କରିଥିଲେ। ପଡ଼ୋଶୀଙ୍କ ମିସ୍ତ୍ରି ଆଲ୍ଲାଉଦ୍ଦିନଙ୍କ ପାଚେରିରେ ଲୁହା ରଡ଼ ଭାଙ୍ଗୁଥିଲେ। ଆଲ୍ଲାଉଦ୍ଦିନ ଏହାର ପ୍ରତିବାଦ କରିବାରୁ ତଫିଜୁଲ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିଲେ। ଆଲ୍ଲାଉଦ୍ଦିନ ଗୁରୁତର ଆହତ ହୋଇଥିବା ବେଳେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଏନେଇ ଆଲ୍ଲାଉଦ୍ଦିନଙ୍କ ସ୍ତ୍ରୀ ନାହିଦା ଅଖତର ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାକୁ ଗୁରୁତର ସହ ନେଇ ଅଭିଯୁକ୍ତକୁ ଖୋଜୁଛି। ଏହି ଘଟଣାରେ ଥାନାରେ ପାଲଟା ଅଭିଯୋଗ ହୋଇଥିବା ଜଣାଯାଇଛି।

# ବରୀ ମାଉଣ୍ଡ ବଣିକ ମହାସଂଘ ପକ୍ଷରୁ ସମ୍ବର୍ଦ୍ଧନା

ବରୀ,୧୯।୫(ସମିସ): ବରୀ ମାଉଣ୍ଡ ବଣିକ ମହାସଂଘ ପକ୍ଷରୁ ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମହାସଂଘର ସ୍ଥାୟୀ ସଭାପତି ଧିରେଶ ଚନ୍ଦ୍ର ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଶୁକଦେବ ବେହେରା ଉପସ୍ଥିତ ଥିବା ବେଳେ ଗଙ୍ଗାଧର ଦାସ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହା ପରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇ ବଜାରର ପ୍ରମୁଖ ସମସ୍ୟା ବଜାର ରାସ୍ତା ଆଲୋକୀକରଣ, ପାନୀୟ ଜଳ ସମସ୍ୟାର ସମାଧାନ ତଥା ବଜାର ନିକଟରେ ଶୌଚାଳୟ ନିର୍ମାଣ ବିଷୟରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ସମାଜସେବୀ କେଦାର ସାମଲ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ଦିଲ୍ଲୀପ କୁମାର ମହାନ୍ତି, ସରପଞ୍ଚ ସଙ୍ଘ ସଭାପତି ପ୍ରସନ୍ନ ସାମଲ ପ୍ରମୁଖ ଉପସ୍ଥିତ ଥିବାବେଳେ ମହାସଂଘର କର୍ମକର୍ତ୍ତା ପ୍ରସାନ୍ତ ଦ୍ୱିବେଦୀ, ରବୀନ୍ଦ୍ର ସାହୁ, ଶୁଭ୍ରାଂଶୁ ଶେଖର ବିଶ୍ୱାଳ, ପ୍ରଦିପ ବେଉରିଆ, ସତ୍ୟବ୍ରତ ପରିଡ଼ା, ରମଣି ରଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। କୀର୍ତ୍ତିଚନ୍ଦ୍ର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।



■ ଖଣି ବିଭାଗର ଚଢ଼ଉ

# ୫ ବାଲି ହାଇୱା ଜବତ

ପାଣିକୋଇଲି,୧୯।୫(ସମିସ): ବାଲି ଚୋରି ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ପ୍ରତ୍ୟେହ ହଜାର ହଜାର ଟ୍ରିପ ବେଆଇନ ଭାବେ ଚାଲାଣ ହେଉଛି। ହେଲେ ଖଣି ବିଭାଗ ଅବା ପୁଲିସ କେତେବେଳେ କେମିତି ଚଢାଉ କରି ଗାଡି ଧରି ତାର ଦାୟିତ୍ୱ ସାରି ଦେଉଛି। ବେଆଇନଭାବେ ବିନା ନିଲାମ ଘାଟରୁ ବାଲି ଚାଲାଣ ହେଉଥିବା ବେଳେ ରବିବାର ରାତ୍ରୀରେ ଯାଜପୁର ଖଣିବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ପାଣିକୋଇଲି ଅଞ୍ଚଳରୁ ୫ଟି ବାଲି ହାଇୱାକୁ ଜବତ କରି ପୁଲିସ ଜିମା ଦିଆଯାଇଛି। ଜିଲ୍ଲା ବାହାରକୁ ଉକ୍ତ ବାଲି ଚାଲାଣ ହେଉଥିବାର ସୂଚନା ମିଳିଛି। ଏଭଳି ଚଢ଼ଉ କ୍ରମାଗତ ଭାବେ ହେବାକୁ ସାଧାରଣରେ ଦାବି ହୋଇଛି।



# ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ



ବାଲିଚନ୍ଦ୍ରପୁର,୧୯।୫(ସମିସ): ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ନୂତନ ଭାବେ ପ୍ରଣୀତ ଆଇନ ଏବଂ ନିଶା ନିବାରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବାଲିଚନ୍ଦ୍ରପୁର ସ୍ଥିତ ସାହାସପୁର କଲେଜ ଛକ ନିକଟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଥାନାଧିକାରୀ ସମରଜିତ ନାୟକ ଯୋଗଦେଇ ନିଶାପାନ କିପରି ପରିବାରକୁ ନଷ୍ଟ କରିଦିଏ ସେ ସମ୍ପର୍କରେ ଉପସ୍ଥିତ ଜନ ସାଧାରଣଙ୍କୁ ଅବଗତ କରି ନିଶା ସେବନ ଠାରୁ ଦୂରେଇ ରହିବାକୁ ଶ୍ରୀ ନାୟକ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଥାନା ଏସଆଇ ସମ୍ବିତ କୁମାର ବେହେରା, ହାବିଲଦାର ରାଜ କିଶୋର ସ୍ୱାଇଁ ଓ ଏପିଏଫ୍ କେଦାର ନାୟକ ଓ କନଷ୍ଟେବଲ ବିଜୟ ତ୍ରିପାଠୀ, ସୁନୀଲ ସେଠୀ, ମୃତ୍ୟୁଞ୍ଜୟ ବିଶ୍ୱାଳ ଓ ଦିଲ୍ଲୀପ କୁମାର ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ପରେ ବାଲିକୁଦା ବଜାର ଠାରେ ମଧ୍ୟ ଥାନା ପକ୍ଷରୁ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶିକ୍ଷାବିତଙ୍କୁ ପୁଷ୍ପଗିରି ଜ୍ୟୋତି ସମ୍ମାନ



ବାଲିଚନ୍ଦ୍ରପୁର,୧୯।୫(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡ଼ିଆ ଗ୍ରାମର ଶିକ୍ଷାବିତ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ପ୍ରଧାନଙ୍କୁ ଯାଜପୁର ଜିଲ୍ଲା ବରୀ ବ୍ଲକ ରତ୍ନଗିରିର ସାରସ୍ୱତ ଅନୁଷ୍ଠାନ ପୁଷ୍ପଗିରି ପରିଷଦ ପକ୍ଷରୁ ବୁଦ୍ଧ ଜୟନ୍ତୀ ପାଳନ ଅବସରରେ ପୁଷ୍ପଗିରି ଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଛି। ପରିଷଦର ବୁଦ୍ଧ ଜୟନ୍ତୀ ସମାରୋହ ଓ ବାର୍ଷିକ ଉତ୍ସବରେ ସଭାପତି ଦୁଃଖୀରାମ ଜେନା ଅଧ୍ୟକ୍ଷତା କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଉଦଘାଟକ ରୂପେ ଓ ମୁଖ୍ୟଅତିଥି ଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗ ଦେଇଥିଲେ। ଏହି ସମ୍ମାନରେ ସମ୍ମାନିତ କରାଯାଇଥିବାରୁ ଶିକ୍ଷାବିତ ବସନ୍ତ କୁମାର ପ୍ରଧାନଙ୍କୁ ବହୁ ଅନୁଷ୍ଠାନର ବ୍ୟକ୍ତି ବିଶେଷ ପକ୍ଷରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି।

# ଶ୍ରୀ ଜଗନ୍ନାଥ ଚେତନା ଚାରଣ ବାର୍ଷିକ ଉତ୍ସବ

ଯଖପୁରା,୧୯।୫(ସମିସ): ଦାନଗଦି ବ୍ଲକ ଅନ୍ତର୍ଗତ ଗୋଲାଗାଁ ଜଗନ୍ନାଥ ମନ୍ଦିରରେ ଶ୍ରୀଜଗନ୍ନାଥ ଚେତତା ଚାରଣ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଏକ କଳସ ଶୋଭାଯାତ୍ରା କରାଯାଇଥିଲା। ବିଷ୍ଣୁ ସହସ୍ରନାମରେ ୧୦୮ ଆହୁତି, ଗୀତା ପାଠ, ହନୁମାନ ଚାଳିଶା ସହିତ ଭାଗବତ ପାଠ କରାଯାଇଥିଲା। ରମାକାନ୍ତ ବାରିକ ଓ ରଙ୍ଗଲତା ବାରିକ କର୍ତ୍ତା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ପୂଜାରେ ପଣ୍ଡିତ ଭଗବାନ ଶତପଥୀ ଓ ସଂଗ୍ରାମ ଶତପଥୀଙ୍କ ବେଦ ଧ୍ୱନିରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀଜଗନ୍ନାଥ ଚେତନା ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀର ଦଳପତି ଡ. ଶରତ ପାତ୍ର, ସମ୍ପାଦକ ବଂଶୀଧର ପରିଡା, ଚାରଣ କେନ୍ଦ୍ରୀୟ କମିଟିର ସଦସ୍ୟ ହରେକୃଷ୍ଣ ମଲ୍ଲିକ, ରମେଶ ସାହୁ ଓ ସେବାଦଳ ମୁଖ୍ୟ ସଂଯୋଜକ ଗଣେଶ୍ୱର ବେହେରା ଉପସ୍ଥିତ ରହିଥିଲେ।

# ଗୋଚର ଜମିରେ ପ୍ରତିମୂର୍ତ୍ତି ସ୍ଥାପନାକୁ ବିରୋଧ

## ଗ୍ରାମବାସୀଙ୍କ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

ଦଶରଥପୁର,୧୯।୫(ସମିସ):

ଦଶରଥପୁର ବ୍ଲକ ଦଉପୁର ଗ୍ରାମରେ ପ୍ରଭୁ ଜଗନ୍ନାଥଙ୍କ ପରମ ଭକ୍ତ ବନ୍ଧୁମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନାକୁ ନେଇ ବିବାଦ ଦେଖାଦେଇଛି। ବନ୍ଧୁମହାନ୍ତି କ୍ରିୟାନୁଷ୍ଠାନ ପକ୍ଷରୁ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସ୍ଥିରୀକୃତ ସ୍ଥାନକୁ ନେଇ ବିବାଦ ସୃଷ୍ଟି ହୋଇଛି। ଦଉପୁର ଗ୍ରାମବାସୀ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସ୍ଥିରୀକୃତ ସ୍ଥାନକୁ ବିରୋଧ କରି ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି, ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିବା ସହିତ ଓଡ଼ିଶା ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିବା ଜଣାଯାଇଛି। ଏସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ଆବଶ୍ୟକ ହେଲେ କ୍ରିୟାନୁଷ୍ଠାନ କମିଟିର ବେଆଇନ କାର୍ଯ୍ୟ ବିରୁଦ୍ଧରେ ପୁଣି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

କୁଆଖିଆ-କଁୟାଗୋଲା ୨୦ନଂ ଜାତୀୟ ରାଜପଥ ଅଧୀନ ଝୁମ୍ପୁରୀ ବଜାର ସନ୍ନିକଟ ଦଶରଥପୁର ସଂସ୍କୃତି ଭବନରେ ସାମ୍ବାଦିକ ସମ୍ମିଳନୀରେ ଦଉପୁର ପଞ୍ଚାୟତ ବିଜେପି ସଭାପତି ଅଜୟ କୁମାର ରାଉତ, ସ୍ଥାନୀୟ ସମିତିସଭ୍ୟା ସୁକାନ୍ତି ସାହୁ, ଯୁବ ବିଜେପି ନେତା, ସୁଶାନ୍ତ ସାହୁ, ରାଜକିଶୋର ନାୟକ ପ୍ରମୁଖ ନିଜ ବକ୍ତବ୍ୟରେ ଦଉପୁରରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନା ନିଷ୍ପତ୍ତିକୁ ସ୍ୱାଗତ କରାଯାଉଥିବା କୁହାଯାଇଥିଲେ ହେଁ ବନ୍ଧୁମହାନ୍ତି କ୍ରିୟାନୁଷ୍ଠାନ କମିଟି ତଞ୍ଚକତା କରି ଦଶରଥପୁର ତହସିଲ ପ୍ରଶାସନ ଦ୍ୱାରା ଚିହ୍ନଟ ସ୍ଥାନ ପରିବର୍ତ୍ତେ ଦଉପୁର ମୌଜାରେ ଥିବା ଗୋଚର ଜମି (ଖାତା ନଂ ୧୪୩୨/ପ୍ଲଟ ନଂ ୩୧୬୮)ରେ ସ୍ଥାପନା କରିବା ପାଇଁ ବେଆଇନ ଉଦ୍ୟମ କରୁଥିବା ଅଭିଯୋଗ କରିଥିଲେ। କ୍ରିୟାନୁଷ୍ଠାନ କମିଟିର ମନ୍‌ମାନୀକୁ ନେଇ ଗ୍ରାମବାସୀ ଜିଲ୍ଲପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ସମେତ ରାଜ୍ୟ ସଂସ୍କୃତି ମନ୍ତ୍ରୀ, ସଂସ୍କୃତି ନିର୍ଦ୍ଦେଶକଙ୍କୁ ଅଭିଯୋଗ କରାଯାଇଛି। ହେଲେ ଗତ ଏପ୍ରିଲ ୨୬ ତାରିଖରେ କ୍ରିୟାନୁଷ୍ଠାନ କମିଟି ଗ୍ରାମବାସୀଙ୍କ ବିବିଧ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଗୋଚର ଜମିରେ ପ୍ରତିମୂର୍ତ୍ତି ଠିଆ କରାଇଛି। ଯାହାକୁ ନେଇ ହାଇକୋର୍ଟର ଦ୍ୱାରସ୍ଥ ହୋଇଛୁ। ସେହିପରି ବନ୍ଧୁମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନାକୁ ଗ୍ରାମବାସୀ ବିରୋଧ କରୁନାହାନ୍ତି। କିନ୍ତୁ ଦଉପୁର ଏକ ବନ୍ୟା ପ୍ଲାବିତ ଅଞ୍ଚଳ। ପ୍ରାୟତଃ ପ୍ରତିବର୍ଷ ଏଠାରେ ବର୍ଷା ଋତୁରେ ବନ୍ୟା ଆସିଥାଏ। ବନ୍ୟା ସମୟରେ ଗ୍ରାମର ଅଧିକାଂଶ ପରିବାର ଏହି ସ୍ଥାନରେ ଆଶ୍ରୟ ନେଇଥାନ୍ତି। ଏହାବାଦ ଉକ୍ତ ଗୋଚର ଜମି ଗ୍ରାମର ଗୋପାଳକଙ୍କ ବହୁ ଉପକାରରେ ବ୍ୟବହୃତ ହୋଇଥାଏ। ଗ୍ରାମର ଛୋଟ ପିଲା ଏଠାରେ ଖେଳକୁଦ କରିଥାନ୍ତି। ଏପରିକି ଗ୍ରାମର ଏକାଧିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏହି ଗୋଚର ଜମି ବ୍ୟବହୃତ ହୋଇଥାଏ। ଏଠାରେ ପ୍ରତିମୂର୍ତ୍ତି ସ୍ଥାପନା ଭଳି ସ୍ଥାୟୀ ପ୍ରକଳ୍ପ ହେଲେ ଗ୍ରାମବାସୀ ଏସବୁରୁ ସବୁଦିନ ପାଇଁ ବଞ୍ଚିତ ହେବେ। ତେଣୁ କୌଣସି ପରିସ୍ଥିତିରେ ଗ୍ରାମବାସୀ ଉକ୍ତ ଗୋଚର ଜମିରେ ବନ୍ଧୁମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନା କାର୍ଯ୍ୟକୁ ପ୍ରଶୟ ଦେବେ ନାହିଁ। ଯଦି ପ୍ରଶାସନ ଗ୍ରାମବାସୀଙ୍କ ନିବେଦନକୁ ଅଣଦେଖା କରି ଗୋଚର ଜମିରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଆଗଭର ହୁଏ ତେବେ ଗ୍ରାମବାସୀ ପ୍ରଶାସନର ବେଆଇନ କାର୍ଯ୍ୟ ବିରୁଦ୍ଧରେ ଆନ୍ଦୋଳନ କରିବାକୁ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ସାମ୍ବାଦିକ ସମ୍ମିଳନରେ ରକ୍ଷାକର ନାୟକ, ଦୁଃଶାସନ ଦାସ, ସାଗର ଦାସ, ପ୍ରଦୀପ ମଲ୍ଲିକ, ବାବାଜୀ ଦାସ, ଶ୍ରୀକାନ୍ତ ଯେନା, ଧରଣୀଧର ଯେନା, ସୁରେନ୍ଦ୍ର ମଲ୍ଲିକ, ଶାନ୍ତନୁ ଯେନା, ନୀଳମାଧବ ଦାସ, ହରେକୃଷ୍ଣ ସାହୁ, ଚୈତନ୍ୟ ସାହୁ, ମନୋଜ ନାୟକଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ।



# ସୁକିନ୍ଦାରେ ଜନ ଅଭିଯୋଗ ଶୁଣାଣି ଶିବିର




ସୁକିନ୍ଦା,୧୯।୫(ସମିସ): ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୭୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୧ ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୪ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୪୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୪୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ୍, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ତହସିଲଦାର, ସୁକିନ୍ଦା ମାନସ ରଞ୍ଜନ ତ୍ରିପାଠୀ, ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ସୁକିନ୍ଦା ବ୍ଲକ ପିଙ୍ଗଳ ଗ୍ରାମ ପଞ୍ଚାୟତର ଦିବ୍ୟାଙ୍ଗ ପ୍ରେମଲତା ବେହେରାଙ୍କୁ ଏକ ଟ୍ରାଇ ସାଇକଲ ବଣ୍ଟନ କରାଯାଇଥିଲା।

# ପାଣିକୋଇଲି ପୁଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ପାଣିକୋଇଲି,୧୯।୫(ସମିସ): ପାଣିକୋଇଲି ଥାନା ପକ୍ଷରୁ ଶଙ୍ଖଚିଲା ମା' ହିଙ୍ଗୁଳା ପାଲାମଣ୍ଡପରେ ନୂତନ ଭାବେ ପ୍ରଣୀତ ଆଇନ (ଭାରତୀୟ ନ୍ୟାୟ ସଂହିତା), ନିଶା ନିବାରଣ ଓ ପୋସ୍କୋ ଆକ୍ଟ ସମ୍ପର୍କରେ ସେଚତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ଯୋଗଦେଇ ନୂତନଭାବେ ପ୍ରଣୀତ ଆଇନ ସମ୍ପର୍କରେ ଅବଗତ କରିଥିଲେ। ସାମାଜିକ କର୍ମୀ ଅକ୍ଷୟ କୁମାର ଜେନାଙ୍କ ସଭାପତିତ୍ୱରେ ସଭାରେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ସୁବାସ ଧଳ, ଆଇନଜୀବୀ ରମେଶ ଚନ୍ଦ୍ର ସାହୁ, କୋରେଇ ଉନ୍ନୟନ ପରିଷଦ ସଭାପତି ଶ୍ରୀଧର ସାହୁ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ବିନୋଦ ବିହାରୀ ସାହୁ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଚକ୍ରଧର ସାହୁ, ହିଙ୍ଗୁଳା କମିଟି ପକ୍ଷରୁ କୃଷ୍ଣ ଚନ୍ଦ୍ର ସାହୁ, ନାରୀନେତ୍ରୀ ଗାୟତ୍ରୀ ପୃଷ୍ଟି, ଉପେନ୍ଦ୍ର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ନିଜ ମତ ଉପସ୍ଥାପନା କରିଥିଲେ। ସାମ୍ବାଦିକ ବିରଞ୍ଚି ଖୁଣ୍ଟିଆଙ୍କ ସଞ୍ଚାଳନାରେ ନୂତନ ଆଇନ ସମ୍ପର୍କରେ ଉପସ୍ଥିତ ଜନତା ଓ ଥାନାଧିକାରୀଙ୍କ ମଧ୍ୟରେ ମତ ବିନିମୟ କରାଯାଇଥିଲା। ଶେଷରେ ରଘୁନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ବାଲିଚନ୍ଦ୍ରପୁର,୧୯।୫(ସମିସ): ବଡ଼ଚଣା ବ୍ଲକ ତଥା ଚାରିନଙ୍ଗଳ ପଞ୍ଚାୟତ ଅନ୍ତର୍ଗତ ବାହାଦୁରନଗର ଗ୍ରାମ ସ୍ଥିତ ଗୋପୀନାଥ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ତଥା ସମାଜସେବୀ ଶୈଳେନ୍ଦ୍ର ନାରାୟଣ ସାମଲଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଅବସରରେ ତାଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତି ଆଜି ବିଦ୍ୟାମନ୍ଦିର ପରିସରରେ ଉନ୍ମୋଚିତ ହୋଇଯାଇଛି। ଏଥିରେ ଉଦ୍‌ଘାଟକ ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ଓ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଯୋଗଦେଇଥିଲେ। ଏହି ଉପଲକ୍ଷେ ଶୈଳେନ୍ଦ୍ର ନାରାୟଣ ସାମଲ ସ୍ମୃତି କମିଟି ଓ ବିଦ୍ୟାମନ୍ଦିରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ସ୍ମୃତି କମିଟି ସଭାପତି ଅଜୟ କୁମାର ସାମଲ। ସମ୍ମାନିତ ଅତିଥି ଭାବେ ଡ. ଭାଗ୍ୟଧର ସାହୁ, ଶିକ୍ଷାବିତ କିଶୋର ଚନ୍ଦ୍ର ଦାଶ, ଶିକ୍ଷାବିତ ରାମଚନ୍ଦ୍ର ସାମଲ ଓ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ସେକ୍ ରିୟାସତ ଅଲି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ଶାନ୍ତି, ପୂର୍ବତନ ସମିତି ସଭ୍ୟ ସେକ୍ ମୋଇନ ଅହେମଦ, ଅଧ୍ୟାପକ ତଥା ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ଆଇନଜୀବୀ ପ୍ରତାପ ଚନ୍ଦ୍ର ନାୟକ ଓ ବିଶ୍ୱ ପ୍ରକାଶ ସାମଲ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସ୍ମୃତି କମିଟି ସମ୍ପାଦକ ଉମେଶ ଚନ୍ଦ୍ର ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମର୍ପିତ ସାମଲ। ଧନ୍ୟବାଦ ଦେଇଥିଲେ।

■ ରାଧାକାନ୍ତ ଦିବାରାତ୍ର କ୍ରିକେଟ

# ସୁପରଷ୍ଟାର ଇଲେଭେନ ବିଜୟୀ

ପାଣିକୋଇଲି,୧୯।୫(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତ ଅଧିନ ଷଠିପୁର ପ୍ରକଳ୍ପ ବିଦ୍ୟାଳୟ ଖେଳ ପଡିଆରେ ରାଧାକାନ୍ତ କ୍ରିକେଟ କ୍ଲବ ଅନୁକୂଲ୍ୟରେ ସଠିପୁର ପ୍ରିମିୟର ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଏହି ଦିବାରାତ୍ରୀ ମ୍ୟାଚରେ ମୋଟ ୬ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅଶୋକ ଦାସ ଫାଉଣ୍ଡେସନର ମହାସଚିବ ଭବପ୍ରସାଦ ଦାସ ଓ ସମ୍ମନିତ ଅତିଥି ଭାବେ ଯୁବ ସମାଜସେବୀ ଦେବୀ ପ୍ରଶନ୍ନ ସାହୁ ଯୋଗଦେଇଥିଲେ। ପର୍ଯ୍ୟାୟକ୍ରମେ ଦଳ ଗୁଡିକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବା ପରେ ସୁପରଷ୍ଟାର ଇଲେଭେନ ବିଜୟୀ ହୋଇଥିଲା। ସେହିପରି ୟୁନିଅନ ସ୍ପୋର୍ଟିଂ ରନର୍ସଅପ ହୋଇଥିଲା। ଲକି ଦାସ, ଲିପୁର ବାରିକ, ରାଜୁମାଝୀ ସରୋଜ ଦାସ, ଜଗନ୍ନାଥ ବାରିକ, ସୁବଳ ଦାସ, ବିରଞ୍ଚି ବେହେରା, ଶକ୍ତିଧର ସ୍ୱାଇଁ, ମୁନାବେଜ, ବାବୁଆ ବାରିକ, ମୁରଲୀଧର ପଲେଇ କାର୍ତିକ ସ୍ୱାଇଁ ପ୍ରମୁଖ ଖେଳ ପରିଚାଳନା, ସ୍କୋରର ଓ ଧାରବିବରଣୀ ପ୍ରଦାନ କରିଥିଲେ। ନିରଞ୍ଜନ, ଦେବ, ବିଜୁ ମୂଳିଆ, ଶମ୍ଭୁ, ଚିନୁ, ତପନ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ତ୍ରୁଟିପୂର୍ଣ୍ଣ ଜିଆର୍‌ଏସ୍ ନିଯୁକ୍ତି ବିଜ୍ଞାପନ

# ସମସ୍ୟାରେ ଆଶାୟୀ ପ୍ରାର୍ଥୀ

କବାଟବନ୍ଧ/ଯାଜପୁର,୧୯।୫(ସମିସ):

ଯାଜପୁର ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ଖାଲି ପଡ଼ିଥିବା ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ପଦବୀ ନିମନ୍ତେ ଗତ ୯ ତାରିଖ ଦିନ ଜିଲ୍ଲା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜିଲ୍ଲା ପରିଷଦ ଯାଜପୁରଙ୍କ ୨୨୯୧ ନମ୍ବର ନିଯୁକ୍ତି ବିଜ୍ଞାପନରେ ଗୁରୁତର ତ୍ରୁଟି ପରିଲକ୍ଷିତ ହୋଇଛି। ଯାହାକୁ ନେଇ ଆଶାୟୀ ପ୍ରାର୍ଥୀମାନେ ଅଡୁଆରେ ପଡ଼ିଛନ୍ତି। ଏହି ପଦବୀ ନିମନ୍ତେ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ ବା ସମତୁଲ ବୋଲି ଉଲ୍ଲେଖ କରାଯାଇଛି। ଏବଂ ଏଥି ନିମନ୍ତେ ଅନ୍ୟାନ୍ୟ ବୋର୍ଡରୁ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କୁ ସମତୁଲତା ସାର୍ଟିଫିକେଟ କାଉନିସଲ ଅଫ ହାଇଅର ସେକେଣ୍ଡାରି ଏଜୁକେସନ (ସିଏଚ୍‌ଏସ୍‌ଇ) ଓଡ଼ିଶାରୁ ଆଣିବା ପାଇଁ ବାଧ କରାଯାଇଛି। ଯାହାକୁ ନେଇ ପ୍ରାର୍ଥୀ ମାନେ ଦ୍ୱନ୍ଦରେ ପଡ଼ି ଯାଇଛନ୍ତି। କାଉନସିଲପକ୍ଷରୁ ୪-୫-୨୦୨୩ରେ ତାଙ୍କର ବିଜ୍ଞପ୍ତି ନମ୍ବର ୨୪୪୫ ଆଉ ସମତୁଲତା (ଇକ୍ୟୁଭାଲେନ୍ସି) ସାର୍ଟିଫିକେଟ ବ୍ୟକ୍ତି ଭାବେ ଇସ୍ୟୁ କରାଯାଇ ପାରିବ ନାହିଁ ବୋଲି ସ୍ପଷ୍ଟ କରି ଦେଇଛନ୍ତି। ବର୍ତ୍ତମାନ ଆଶାୟୀ ପ୍ରାର୍ଥୀ ମାନେ ଏପରି ପରିସ୍ଥିତିରେ ବିନା ଇକ୍ୟୁଭାଲେନ୍ସି ସାର୍ଟିଫିକେଟରେ ଆବେଦନ କଲେ ତାହାକୁ ଜିଲ୍ଲା ପ୍ରଶାସନ ଗ୍ରହଣ କରି ବିଚାରକୁ ନେବ ନା ନାକଚ କରିଦେବ ତାକୁ ନେଇ ସଂଶୟ ସୃଷ୍ଟି ହୋଇଛି। ଯଦିଓ ଯୁକ୍ତ ୨ କାଉନସିଲର ବିଜ୍ଞପ୍ତି ଜିଲ୍ଲା ପ୍ରଶାସନ ନଜରରେ ରହିଛି, ତଥାପି ଏହାକୁ ଅଣଦେଖା କରାଯାଇ ଏଭଳି ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ବାହାର କରାଯାଇଛି ନା ଅଜଣାରେ ଭୁଲ ହୋଇଯାଇଛି ତାହା ଜାଣିବା କଷ୍ଟ ସାଧ ହୋଇଛି। ଯଦି ଅଜଣାରେ ଏପରି ଭୂଲ ହୋଇଥାଏ ତା'ହେଲେ ସଂଶୋଧିତ ବିଜ୍ଞାପନ ତୁରନ୍ତ ପ୍ରକାଶ ପାଇବା ଆବଶ୍ୟକ। ଯଦି ଜାଣିଶୁଣି ପ୍ରାର୍ଥୀମାନଙ୍କୁ ହଇରାଣ କରିବା ଉଦ୍ଦେଶ୍ୟରେ ଏପରି କରାଯାଇଥାଏ ତେବେ ସଂଶୋଧିତ ବିଜ୍ଞାପନର ଆବଶ୍ୟକତା ନାହିଁ। ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜ୍ଞାପନର ବୈଧତା ଉପରେ ଅନୁଧ୍ୟାନ କରି ତୁରନ୍ତ ଏକ ସଂଶୋଧିତ ବିଜ୍ଞାପନ ପ୍ରକାଶ କରିବା ସହ ଆବେଦନର ଶେଷ ତାରିଖ ବୃଦ୍ଧି କରିବା ପାଇଁ ଆଶାୟୀ ପ୍ରାର୍ଥୀ ମାନଙ୍କ ତରଫରୁ ଅନୁରୋଧ କରାଯାଇଛି। ଜିଲ୍ଲାରେ ହଜାର ହଜାର ସଂଖ୍ୟାରେ ବେକାର ଯୁବକ ଯୁବତୀ କର୍ମସଂସ୍ଥାନ ଖୋଜୁଥିବା ବେଳେ ଜିଲ୍ଲା ପ୍ରଶାସନର ଖାମଖିଆଲ ମନୋଭାବ ସେମାନଙ୍କୁ ହତାଶ କରୁଛି। ଦୀର୍ଘ ବର୍ଷ ପରେ ଜିଆର୍‌ଏସ ପଦବୀ ପାଇଁ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇଥିବାରୁ ଆଶାୟୀ ପ୍ରାର୍ଥୀ ମାନେ ଖୁସିରେ ଆତ୍ମହରା ହୋଇ ପଡ଼ିଥିଲେ। ମାତ୍ର ଜିଲ୍ଲା ପ୍ରଶାସନର ତ୍ରୁଟିପୂର୍ଣ୍ଣ ବିଜ୍ଞାପନଟି ଜିଲ୍ଲାର ବେକାର ଯୁବକ ଯୁବତୀମାନଙ୍କ ପାଇଁ ଏକ ଉପହାସ ପରି ମନେ ହେଉଥିବା ଅନୁଭବ ହେଉଛି। ଇକ୍ୟୁଭାଲେନ୍ସି ସାର୍ଟିଫିକେଟ ପାଇଁ ଅଧିକାଂଶ ପିଲା ମାଧ୍ୟମିକ ଶିକ୍ଷା ପରିଷଦ ଅଫିସ ଭୁବନେଶ୍ୱରକୁ ଦୌଡ଼ି ଦୌଡ଼ି ଅଯଥା ଖର୍ଚ୍ଚାନ୍ତ ହେଉଥିବାର ଦେଖା ଯାଇଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆଙ୍କୁ ପଚାରିବାରୁ ରାଜ୍ୟ ସରକାରଙ୍କର ବିଜ୍ଞାପନ ଆଧାରରେ ଆମେ ନିଯୁକ୍ତି ବିଜ୍ଞାପନ ପ୍ରକାଶ କରିଛୁ। ଯଦି ଇକ୍ୟୁଭାଲେନ୍ସି ସାର୍ଟିଫିକେଟ କାଉନସିଲ ଯୋଗାଇ ଦେଉନାହିଁ ତେବେ ତତ୍ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମାର ଅବିକଳ ନକଲ ଦେଇ ପ୍ରାର୍ଥୀମାନେ ଆବେଦନ କରିପାରିବେ ବୋଲି ସ୍ପଷ୍ଟ କରିଛନ୍ତି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ବାବାଜୀ ଚରଣ ପରିଡା
ଅର୍କିଆ-କୁସୁନପୁର, ପୋ.ଅ - ସିଂହପୁର, ଯାଜପୁର
ଆବିର୍ଭାବ -୧୫. ୦୧. ୧୯୪୯
ତିରୋଧାନ -୧୦. ୦୫. ୨୦୨୫

ତମେ ଚାଲିଗଲ ଅଫେରା ରାଇଜକୁ ଆଉ ଫେରିବ ନାହିଁ କେବେ। ତୁମ ସ୍ନେହ, ମମତା, ନୀତି ଓ ଆଦର୍ଶ ଆମ ପାଇଁ ପାଥେୟ ହେଉ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ଏତିକି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ
ସହଧର୍ମିଣୀ -ସନ୍ଧ୍ୟାରାଣୀ ପରିଡା, ପୁଅବୋହୂ - ସମିତ - ଗାୟତ୍ରୀ, ସନ୍ଦୀପ - ଶର୍ବାଣୀ, ଝିଅଜ୍ୱାଇଁ - ସ୍ୱାଗତିକା - ଆନନ୍ଦ, ନାତି ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

# ବ୍ରହ୍ମପୁରର ଦୁଃଖ 'ବାହାନା ନାଳ'; ବର୍ଷାଦିନେ ବୁଡ଼ାଉଛି ସହର

ବ୍ରହ୍ମପୁର,୧୯ ।୫(ସମିସ)





ବ୍ରହ୍ମପୁରର ଦୁଃଖ 'ବାହାନା ନାଳ'। ସହର ମଧ୍ୟଦେଇ ପ୍ରାୟ ୧୧.୫କିଲୋମିଟର ପ୍ରବାହିତ ହେଉଛି ଡ୍ରେନେଜ ବିଭାଗ ଅଧିନରେ ଥିବା ଏହି ନାଳ। ବ୍ରହ୍ମପୁର ମହାନଗର ନିଗମର ୨୭ଟି ୱାର୍ଡ ସମେତ ଉପକଣ୍ଠରେ ଥିବା ଭାବିନିପୁର ପଞ୍ଚାୟତ ଓ କୁକୁଡାଖଣ୍ଡି ବ୍ଲକର ବିଭିନ୍ନ ଅଞ୍ଚଳ ଏହା ଦ୍ୱାରା ପ୍ରଭାବିତ। ଆମ୍ବଗଡ଼ଠାରୁ ଆରମ୍ଭ ହୋଇଥିବା ଏହି ନାଳ ଜରିଆରେ ବ୍ରହ୍ମପୁର ସହରର ବିଭିନ୍ନ ୱାର୍ଡ, କୁକୁଡାଖଣ୍ଡି ଓ ଭାବିନିପୁରର ବିଭିନ୍ନ ଅଞ୍ଚଳର ନର୍ଦ୍ଦମା ଜଳ ଏପରିକି ବର୍ଷା ଜଳ ୧୬ନମ୍ବର ଜାତୀୟ ରାଜପଥ ଅତିକ୍ରମ କରି ବଙ୍ଗୋପସାଗରକୁ ନିଷ୍କାସିତ ହେଉଛି। ତେବେ ବିଭିନ୍ନ ସ୍ଥାନରେ ଏହି ନାଳକୁ ଜବରଦଖଲ କରାଯିବା ସହିତ ସଙ୍କୁଚିତ ହୋଇଯିବା ଫଳରେ ନାଳର ଜଳଧାରଣ କ୍ଷମତା ହ୍ରାସ ପାଇବା ସହିତ ଜଳ ନିଷ୍କାସନରେ ସମସ୍ୟା ଉପୁଜୁଛି। ଫଳରେ ଏହି ନାଳ ଯୋଗୁଁ ମୁଖ୍ୟତଃ ଖାରବେଳନଗର, ବାସୁଦେବନଗର, ସିଦ୍ଧାର୍ଥନଗର, ନୀଳାଞ୍ଚଳନଗର, ଗଜପତିନଗର, ଅଳକାପୁରୀ, ଶରଧାବାଲି ଓ ଖୋଡାସିଙ୍ଗି ଆଦି ଅଞ୍ଚଳ ବର୍ଷା ଦିନରେ ଜଳମଗ୍ନ ହେଉଛି। ସମ୍ପୃକ୍ତ ଅଞ୍ଚଳର ଲୋକଙ୍କୁ ବର୍ଷ ବର୍ଷ ଧରି ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଭୂମିପତନ ସର୍ବୋଚ୍ଚ ଜଳପତନସ୍ତରଠାରୁ ନିମ୍ନରେ ରହିଥିବାରୁ ବର୍ଷାଜଳ ଓ ନର୍ଦ୍ଦମା ଜଳ ନାଳ ଜରିଆରେ ନିଷ୍କାସନ ହେବାରେ ସମସ୍ୟା ରହୁଥିବା ବିଶେଷଜ୍ଞମାନେ କହିଛନ୍ତି।

- ନାମକୁ ମାତ୍ର ସ୍ମାର୍ଟସିଟି; ବେଙ୍ଗ ମୁତିଲେ ରେଶମ ସହର ସ୍ଥିତି ବେହାଲ
- ଡ୍ରେନେଜ୍ ବିଭାଗ ଓ ବିଏମ୍‌ସି ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ଜଟିଳ ହେଉଛି ସ୍ଥିତି
- ନାଳର ପୁନରୁଦ୍ଧାର ପାଇଁ ପ୍ରତିବର୍ଷ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା

୧୯୯୯ ମହାବାତ୍ୟା ସମୟରେ ଏହି ଅଞ୍ଚଳରେ ପରିସ୍ଥିତି ଏଭଳି ହୋଇଥିଲା ଯେ ସହରରେ ଡଙ୍ଗା ଚାଲିବା ଭଳି ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ତେବେ ବର୍ଷ ବର୍ଷ ଧରି ଏଭଳି ସମସ୍ୟା ଲାଗି ରହିଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ନେଇ କେହି କୌଣସି ପଦକ୍ଷେପ ନନେବା ସମସ୍ତଙ୍କୁ ଚକିତ କରିଛି। ଆଗକୁ ବର୍ଷାଦିନ ଆସୁଥିବା ବେଳେ ଏବେଠାରୁ ଅଞ୍ଚଳବାସୀଙ୍କର ଚିନ୍ତା ବଢିଯାଇଛି। କାରଣ ଯଦିଓ ପ୍ରତିବର୍ଷ ଡ୍ରେନେଜ ବିଭାଗ ପକ୍ଷରୁ ନାଳର ପୁନଃରୁଦ୍ଧାର ଓ ସଫେଇ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି ତାହାର କୌଣସି ସୁଫଳ ମିଳୁନାହିଁ। ନାମକୁମାତ୍ର କିଛି ସ୍ଥାନରେ ସଫେଇ କାର୍ଯ୍ୟ କରି ଉକ୍ତ ଅନୁଦାନକୁ ହେରଫେର କରାଯାଉଥିବା ଅଭିଯୋଗ ହେଉଛି। ବ୍ରହ୍ମପୁର ସହର ମଧ୍ୟ ଦେଇ ପ୍ରବାହିତ ବାହାନା ନାଳକୁ ନେଇ ରହିଥିବା ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ବିଧାୟକ କେ. ଅନୀଲ କୁମାର ଓ ମେୟର ସଂଘମିତ୍ରା ଦଳେଇ ଓ କମିଶନର ଭବାନୀ ପ୍ରସାଦ ମିଶ୍ର ଡ୍ରେନେଜ ବିଭାଗ ସହିତ ସମନ୍ୱୟ ରକ୍ଷା କରି ବହୁଥର ଆଲୋଚନା କରିଛନ୍ତି। ଏପରିକି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ଡ୍ରେନେଜ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବାହାନା ନାଳ ଜନିତ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଜନସ୍ୱାସ୍ଥ୍ୟ ବିଭାଗ, ବ୍ରହ୍ମପୁର ମହାନଗର ନିଗମ, ଟାଉନ ପ୍ଲାନିଂ ଓ ପୂର୍ତ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କର୍ପୋରେଟର ଦୁର୍ଗା ପ୍ରସାଦ ନାୟକ ଓ ସମୀର କୁମାର ମିଶ୍ର ଦାବି କରିଛନ୍ତି। ବର୍ଷାଦିନ ପୂର୍ବରୁ ଚଳିତ ମାସରେ ହେବାକୁ ଥିବା କର୍ପୋରେସନ ବୈଠକରେ ଏନେଇ ବିସ୍ତୃତ ଆଲୋଚନା କରାଯିବ ବୋଲି ମଧ୍ୟ ଉଭୟ କର୍ପୋରେଟର କହିଛନ୍ତି। ସେପଟେ ବାହାନା ନାଳ ଭଳି ବ୍ରହ୍ମପୁର ସହରର ଦୀର୍ଘବର୍ଷର ସମସ୍ୟାର ସମାଧାନ ଦିଗରେ ନିୟମିତ ବ୍ୟବଧାନରେ ସଫେଇ କିମ୍ବା ପୁନଃରୁଦ୍ଧାର ନୁହେଁ ବରଂ ରାଜ୍ୟ ସରକାରଙ୍କ ଠାରୁ ସ୍ୱତନ୍ତ୍ର ଅନୁଦାନ ଆଣି ଏହି ନାଳର ସମ୍ପ୍ରସାରଣ ଓ ଗତିପଥ ବଦଳାଇବା ଭଳି ପ୍ରକଳ୍ପ ହାତକୁ ନେବା ଜରୁରୀ ବୋଲି କହିଛନ୍ତି ଉଭୟ ବିଧାୟକ କେ, ଅନୀଲ କୁମାର ଓ ମେୟର ସଂଘମିତ୍ରା ଦଳାଇ। ଏଦିଗରେ ମଧ୍ୟ ଉଭୟେ ପ୍ରଶାସନିକ ଓ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଇବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ଗଉଞ୍ଜୁରେ କାର୍ ଜାଳିଦେଲେ ଦୁର୍ବୃତ୍ତ



ବ୍ରହ୍ମପୁର,୧୯ ।୫(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଗଉଞ୍ଜୁ ଗ୍ରାମ ବ୍ରାହ୍ମଣ ସାହିରେ ଦୁର୍ବୃତ୍ତମାନେ ଏକ କାରରେ ପେଟ୍ରୋଲ ପକାଇ ଜାଳି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର ବ୍ରାହ୍ମଣସାହିରେ ରହୁଥିବା ବଳରାମ ମହାରଣା ଏକ କାର (ନଂ.ଓଆର୦୨ ବିଏମ -୮୫୦୨)ଟି ପ୍ରାୟ ୩ ମାସ ହେଲା ଘର ନିକଟ ଏକ ପଡ଼ିଆରେ ରଖି ଆସୁଥିଲେ। ରବିବାର ରାତି ପ୍ରାୟ ୩ଟାରେ ଦୁର୍ବୃତ୍ତ ମାନେ ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ନିଆଁ ଲାଗି ଗାଡ଼ିର ଟାୟର ଫୁଟିବା ଶବ୍ଦ ଶୁଣି ଲୋକମାନେ ଦେଖିବା ବେଳକୁ ଗାଡ଼ିଟି ହୁତୁ ହୁତୁ ହୋଇ ନିଆଁ ଲାଗି ଜଳୁଥିଲା। ନିଆଁକୁ ଆୟତ କରିବାକୁ ଉଦ୍ୟମ କରି ଲୋକେ ବିଫଳ ହୋଇଥିଲେ। ପରେ ଅଗ୍ନିଶମ ବାହିନୀ ପହଞ୍ଚି ଲିଭାଇଥିଲେ ମଧ୍ୟ ସେତେବେଳକୁ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏନେଇ ବଳରାମ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଉକ୍ତ ଗ୍ରାମର ଧୋବା ସାହିର ବୃନ୍ଦାବନ ସେଠୀଙ୍କ ଟ୍ରାକ୍ଟରକୁ ଗତ ୩ତାରିଖରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣାର ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବାରେ ବିଫଳ ରହିଥିବା ବେଳେ ପୁଣି ଆଜି ବଳରାମଙ୍କ କାରକୁ ଦୁର୍ବୃତ୍ତମାନେ ଜାଳି ଦେଇ ପୁଲିସକୁ ଖୋଲା ଚାଲେଞ୍ଜ ଦେଇଛନ୍ତି। ତେବେ କିଏ ଓ କେଉଁ କାରଣ ଯୋଗୁ ଏଭଳି କାଣ୍ଡ କରୁଛି ତାହା ଅଭିଯୁକ୍ତଙ୍କୁ ଧରିବା ପରେ ହିଁ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

● ଜୁଆ ଆଡ୍ଡାରେ ଚଢ଼ଉ

## ୮ ବାଇକ୍ ଜବତ; ଜୁଆଡ଼ି ଚମ୍ପଟ

ବ୍ରହ୍ମପୁର,୧୯ ।୫(ସମିସ): ସ୍ଥାନୀୟ କର୍ପୋରେସନ ରୋଡ଼ ସ୍ଥିତ ବିଜୁ ପଟ୍ଟନାୟକ ପାର୍କ ପାଚେରୀ ନିକଟରେ ଚାଲିଥିବା ଜୁଆ ଆଡ୍ଡାରେ ଟାଉନ ଥାନା ପୁଲିସ ଚଢଉ କରିଛି। ଏଠାରୁ ଆଠଟି ମୋଟର ସାଇକଲ ଓ ତାସକାଟା ଜବତ କରିଛି। ସୂଚନାଯୋଗ୍ୟ ଯେ, ଗତ ୧୭ ତାରିଖ ଅପରାହ୍ନରେ ଏସଆଇ ରଞ୍ଜିତ କୁମାର ଦାସ ଓ ଅନ୍ୟ ପୁଲିସ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ଉକ୍ତ ପାର୍କ ନିକଟରେ ଜୁଆ ଖେଳ ଚାଲିଥିବା ନେଇ ଖବର ମିଳିଥିଲା। ସେହିକ୍ରମରେ ପୁଲିସ ଟିମ ସେଠାରେ ଚଢଉ କିରଥିଲା। ଘଟଣାସ୍ଥଳରୁ ୧୫ଜୁଆଡ଼ି ଚମ୍ପଟ ମାରିଥିବା ବେଳେ ସେମାନଙ୍କର ମଟର ସାଇକଲ ପୁଲିସ ଜବତ କରି ଥାନାକୁ ଆଣିଛି। ତେବେ କେଉଁମାନେ ଜୁଆ ଖେଳୁଥିଲେ ସେନେଇ ପୁଲିସ ତଦନ୍ତ ଜାରି ରଖିଛି।

## ଘରୁ ସୁନା ଅଳଙ୍କାର ଓ ଟଙ୍କା ଚୋରି ଅଭିଯୋଗ

ବ୍ରହ୍ମପୁର,୧୯ ।୫(ସମିସ): ଗୋଲାପଲ୍ଲୀ ସାହି ନିବାସୀ ଇତିଶ୍ରୀ ନାୟକଙ୍କ ଘରୁ ଚୋରି ହୋଇଛି। ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ଗତ ୧୬ତାରିଖରେ ଇତିଶ୍ରୀ ଘରେ ନଥିବା ସମୟରେ ତାଙ୍କ ଘରେ ଥିବା ନଗଦ ୩୦ହଜାର ଟଙ୍କା, ୨୨ଗ୍ରାମର ୨ଟି ସୁନା ମୁଦି ଗୋଟିଏ ସୁନା ପଦକ ଓ ୨ଟି ହାତ ଘଡି ଗାଏବ ରହିଥିଲା। ସେ ବହୁତ ଖୋଜା ଖୋଜି କରିବା ପରେ ମଧ୍ୟ ମିଳିନଥିଲା। ତେବେ ଉକ୍ତ ଘରେ ପରିଚାଳିକା ଭାବେ କାମ କରୁଥିବା ମହିଳା ଜଣକ ହିଁ ଉପରୋକ୍ତ ସୁନା ଅଳଙ୍କାର ଓ ଟଙ୍କା ଚୋରି କରିଥିବା ସନ୍ଦେହ କରି ତାଙ୍କ ବିରୋଧରେ ବୈଦ୍ୟନାଥପୁର ଥାନାରେ ଇତିଶ୍ରୀ ଅଭିଯୋଗ କରିଥିଲେ।

## ଆକ୍ରମଣ କରି ସୁନାଚେନ୍ ଓ ମନିପର୍ସ ଲୁଟିନେଲେ

ବ୍ରହ୍ମପୁର,୧୯ ।୫(ସମିସ): ଧାନମେରା ସାହି ଛକରେ ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ଖଣ୍ଡାରେ ଆକ୍ରମଣ କରି ସୁନା ଚେନ୍ ଓ ମନିପର୍ସ ଲୁଟି ନେଇଥିବା ବଡ଼ବଜାର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ରାୟଗଡ଼ ଜିଲ୍ଲା ବିସି ରୋଡ଼ ନିବାସୀ ବିନାୟକ ପଲେଇ କୌଣସି କାମରେ ଭୁବନେଶ୍ୱର ଯାଇଥିଲେ। ସେଠାରେ କାମ ସାରି ମହାଦେବ ବସରେ ୧୭ତାରିଖରେ ବ୍ରହ୍ମପୁର ବଡ଼ ବଜାର ଥାନା ଅଧିନ ଧାନମେରା ସାହି ଛକରେ ସେ ଓହ୍ଲାଇଥିଲେ। ଏହାର କିଛି ସମୟ ପରେ ୩ଜଣ ଦୁର୍ବୃତ୍ତ ବିନାୟକଙ୍କୁ ଖଣ୍ଡାରେ ଆକ୍ରମଣ କରି ସେ ପିନ୍ଧିଥିବା ସୁନା ଚେନ୍ ଓ ଧରିଥିବା ମନି ପର୍ସକୁ ଲୁଟି ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଘଟଣାକୁ ନେଇ ବିନାୟକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ଆଖ ପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବା ପାଇ ଉଦ୍ୟମ ଜାରି ରଖିଥିବା ଜଣାପଡିଛି।

## ବାହାଦୂରପେଟାରେ ବୋମାମାଡ଼ ଘଟଣା; ୨ ଅଭିଯୁକ୍ତ ଗିରଫ



ବ୍ରହ୍ମପୁର,୧୯ ।୫(ସମିସ)

ବାହାଦୂରପେଟାରେ ହୋଇଥିବା ବୋମାମାଡ଼ ଘଟଣାରେ ଗୋପାଳପୁର ପୁଲିସ ସମ୍ପୃକ୍ତ ୨ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇଜଣ ହେଲେ ଉକ୍ତ ଗ୍ରାମର ଜି.ଲୋକେଶ ରେଡ଼ି(୧୯) ଆମ୍ବପୁଆ ରଜା ସାହିର ଖଗେଶ୍ୱର ସେଠୀ ଓରଫ ଦିପୁ (୨୧) ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

ଅଭିଯୁକ୍ତ ଲୋକେଶଙ୍କ ଜୀବନ ପ୍ରତି ବିପଦ ରହିଥିବା ଜାଣି ସେ ଆମ୍ବପୁଆ ରଜା ସାହିର ଖଗେଶ୍ୱର ସେଠୀଙ୍କଠାରୁ ୬ଟି ବୋମା ଆଣି ନିଜ ପାଖରେ ରଖିଥିଲା। ବ୍ରହ୍ମପୁର ଗେଟବଜାର ସାହିର ଦିବାକର ଚୌଧୁରୀ ଓ ଅଭିଯୁକ୍ତ ଜି.ଲୋକେଶ ରେଡ଼ି ଶନିବାର ରାତିରେ ଗ୍ରାମରେ ହେଉଥିବା ଗୋଟିଏ ଭୋଜିରେ ଯୋଗ ଦେଇଥିଲେ। ସେଠାରେ ଲୋକେଶ ଓ ଦିବାକରଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ପରେ ଲୋକେଶ ଘରକୁ ଚାଲିଯାଇଥିଲା। ରାତିରେ ଦିବାକର ଓ ତାର ୧୦ଜଣ ସାଙ୍ଗ ଲୋକେଶଙ୍କ ଘର ନିକଟକୁ ଯାଇ ଝଗଡ଼ା କରିବା ସହ ପଥର ଓ ଇଟା ମାଡ଼ କରିଥିଲେ। ଏଥିରୁ ବର୍ତ୍ତିବାକୁ ଲୋକେଶ ୪ଟି ବୋମା ଦିବାକର ଓ ତାର ସହଯୋଗୀଙ୍କ ଉପରକୁ ଫୋପାଡ଼ିଥିଲା। ଫଳରେ ଦିବାକରର ବାମ ଗୋଡ଼ରେ ସାମାନ୍ୟ ଆଘାତ ହୋଇଥିଲା। ଏନେଇ ଦିବାକର ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କିରବା ପରେ ପୁଲିସ ଏକ ମାମଲା ରୁଜୁ କରି ଲୋକେଶକୁ କାବୁ କରିବା ସହ ଏକ ଜୀବନ୍ତ ବୋମା, ମୋବାଇଲ, ବୋମା ଫୁଟା ଅଂଶ ଜବତ କରି ଜେରା କରିଥିଲା। ଲୋକେଶକୁ ଜେରା ବେଳେ ସେ ଖଗେଶ୍ୱର ଠାରୁ ବୋମା ଆଣିଥିବା କହିବା ପରେ ପୁଲିସ ଆଜି ଆମ୍ବପୁଆ ଅଞ୍ଚଳରୁ ଖଗେଶ୍ୱରକୁ ଗିରଫ କରିଥିଲା। ସନ୍ଧ୍ୟାରେ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବ୍ରହ୍ମପୁର ସବୁଜବାହିନୀ ପକ୍ଷରୁ ରକ୍ତଦାନ ଶିବିର




ବ୍ରହ୍ମପୁର,୧୯ ।୫(ସମିସ): ପ୍ରେମନଗର ୪ର୍ଥ ଗଳିରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନ ସୃଷ୍ଟି କରିବା ସହ ରୋଗୀଙ୍କୁ ରକ୍ତ ଯୋଗାଇବା ଉଦ୍ଦେଶ୍ୟରେ ସଂଗଠନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିଲା। ଏମକେସିଜି ମେଡିକାଲ ରକ୍ତଭଣ୍ଡାରର କର୍ମଚାରୀଙ୍କ ସାହାଯ୍ୟରେ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ ମାଧ୍ୟମରେ ୩୧ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାତାଙ୍କ ମଧ୍ୟରେ ପ୍ରଥମ ଥର ନିମନ୍ତେ ୧୦ଜଣ ରକ୍ତଦାତା ଥିବାବେଳେ ୫ଜଣ ମହିଳା ରକ୍ତଦାତା ସାମିଲ ହୋଇଥିଲେ। ଶିବିରକୁ ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ସାଗର ପ୍ରସାଦ ପତ୍ର, ସଂଗଠନର ଉପସଭାପତି ଏ. ପ୍ରକାଶ, ସହ ସମ୍ପାଦକ ଏନ. ଅନିଲ କୁମାର, କୋଷାଧ୍ୟକ୍ଷ ଏମ. ଦିଲ୍ଲୀପ କୁମାର, ସଦସ୍ୟ ପି. ବିନୋଦ, ଗଣେଷ ପାଣିଗ୍ରାହୀ, ଲିଙ୍ଗରାଜ ଆଚାରୀ, ପ୍ରବୀଣ ନାୟକ, ସୂର୍ଯ୍ୟନାରାୟଣ ପାତ୍ର, ଦୀପକ ପାତ୍ର, ରବି ସାହାଣୀ ଓ କେ. ରାମନାଥଙ୍କ ସମେତ ମାରୱାଡି ମହିଳା ସମିତି ଓ ଅନ୍ୟାନ୍ୟ ସଂଗଠନର ସଦସ୍ୟମାନେ ସହଯୋଗ କରିଥିଲେ।

## ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ବର୍ଷ ଜେଲ୍‌ଦଣ୍ଡ

ବ୍ରହ୍ମପୁର,୧୯ ।୫(ସମିସ): ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣା କରି ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ପ୍ରଣତି ପଟ୍ଟନାୟକ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଭଞ୍ଜନଗର ଅଞ୍ଚଳର ରଞ୍ଜନ ବିଷୋୟୀ(୨୦)। ଏହା ସହ ଅଭିଯୁକ୍ତଙ୍କୁ ୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟ ଅତିରିକ୍ତ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ମଧ୍ୟ ଉକ୍ତ ରାୟରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ ଯେ, ଭଞ୍ଜନଗର ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କ ଘରକୁ ଅଭିଯୁକ୍ତ ରଞ୍ଜନ ଯିବାଆସିବା କରୁଥିଲା। ନାବାଳିକାଙ୍କ ମା' ଓ ବାପା ବାହାରକୁ କାମ କରିବାକୁ ଯାଇଥିବା ବେଳେସେ ଏକୁଟିଆ ଘରେ ରହୁଥିଲେ। ଅଭିଯୁକ୍ତ ରଞ୍ଜନ ତାଙ୍କ ଘରକୁ ଯାଇ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। ଏକଥା ନାବାଳିକା ଜଣକ ପରିବାର ଲୋକଙ୍କୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇ ଅଭିଯୁକ୍ତ ରଞ୍ଜନ ନାବାଳିକାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିଲା। ଘଟଣାକୁ ନେଇ ନାବାଳିକାଙ୍କ ବାପା ଭଞ୍ଜନଗର ଥାନାରେ ୨୦୨୩ ଜୁନରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ରଞ୍ଜନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମମାଲର ବିଚାରଣା ବେଳେ ୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସୋମବାର ରାୟ ପ୍ରକାଶ ବେଳେ ଅଭିଯୁକ୍ତ ରଂଜନ କୋର୍ଟରେ ହାଜର ହୋଇଥିଲେ। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ମାନ୍ୟବର କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

## 'ସକାଳ' ମହାପ୍ରଭାବ
# ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ଡିଜିଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ



ବ୍ରହ୍ମପୁର,୧୯ ।୫(ସମିସ)

ପୁଲିସର ସହଯୋଗରେ ବ୍ରହ୍ମପୁରରେ 'ସେନାପତି' ଗ୍ୟାଙ୍ଗର ରାଜୁତି ଓ କଳା କାରନାମା ଅଭିଯୋଗ ସମ୍ପର୍କିତ ନିୟମିତ ତଥା ତଥ୍ୟ ଭିତ୍ତିକ ଓ ଅନୁସନ୍ଧାନମୂଳକ ରିପୋର୍ଟ ଦୈନିକ 'ସକାଳ' ଖବରକାଗଜରେ ପ୍ରକାଶ ପରେ ଏଥିରେ ହସ୍ତକ୍ଷେପ କରିଛି ପୁଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ। କେବଳ ହସ୍ତକ୍ଷେପ କରିନି ବରଂ ନିର୍ଦ୍ଦିଷ୍ଟ ଘଟଣାରେ ବଡବଜାର ଥାନାକୁ ଷ୍ଟାଟସ ରିପାର୍ଟ ତଲବ ମଧ୍ୟ କରାଯାଇଥିବା ଜଣାପଡିଛି। ଯଦିଓ ସେନାପତି ଗ୍ୟାଙ୍ଗର ସମ୍ପର୍କ ଉଭୟ ବଡବଜାର ଓ ଟାଉନ ଥାନା ଏପରିକି ସବ୍ ରେଜିଷ୍ଟ୍ରାର କାର୍ଯାଳୟ ସହିତ ଥିବା ଅଭିଯୋଗ ହୋଇଛି ତେବେ ପ୍ରଥମ ପର୍ଯ୍ୟାୟରେ ବଡବଜାର ଥାନାକୁ ଡିଜିଙ୍କ କାର୍ଯ୍ୟାଳୟରୁ ନୋଟିସ ଜାରି ହୋଇଥିବା ଜଣାପଡିଛି।

'ସେନାପତି' ଗ୍ୟାଙ୍ଗ କେବଳ ସହରରେ ନୁହେଁ ବରଂ ସହର ଉପକଣ୍ଠରେ ମଧ୍ୟ ନିଜର ପତିଆରା ଜାହିର କରିବାକୁ ଚେଷ୍ଟା କରିଛି। ଏପରିକି ବହୁମୂଲ୍ୟ ଘରୋଇ ଜମିକୁ ବଳପୂର୍ବକ ଅକ୍ତିଆର କରି ସେଠାରେ ନିର୍ମାଣ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। କେବଳ ଘରୋଇ ଜମି ନୁହେଁ ବରଂ ନିଜର ପ୍ରସ୍ତାବିତ ହାଉସିଂ ପ୍ରକଳ୍ପ ପାଇଁ ନାଳ ତଥା ସରକାରୀ ଜମି ଉପରେ ବିନା ଅନୁମତିରେ କଲଭର୍ଟ ନିର୍ମାଣ କରିଥିବା ଦେଖିବାକୁ ମିଳିଛି। ସୂଚନା ଯୋଗ୍ୟ ଯେ' ବଡବଜାର ଅଞ୍ଚଳର ପ୍ରତିଷ୍ଠିତ ରଥ ପରିବାର ମଧ୍ୟ 'ସେନାପତି' ଗ୍ୟାଙ୍ଗର ନଜରରୁ ବାଦ ପଡିନାହିଁ। ଜମି ମାଲିକ କୈଳାଶ ରାଉତଙ୍କ ଠାରୁ ୧୯୭୯ମସିହାରେ ରଥ ପରିବାରର ୪ଭାଇ କ୍ରୟ କରିଥିବା ଜମି ବର୍ତ୍ତମାନ ବିପଦରେ। ଶଙ୍କରପୁର ମୌଜାର ଅର୍ଥାତ୍ ଫାଷ୍ଟଗେଟ ନିକଟସ୍ଥ ଶ୍ମଶାନ ସମ୍ମୁଖର ୮୭୦ଡେସିମିଲ ଜମିକୁ ପ୍ରମୋଦ ରଥ, ୧୦୫୦ଡେସିମିଲ ଜମିକୁ ପ୍ରଫୁଲ୍ଲ ରଥ ଓ ୮୦୦ଡେସିମିଲ ଜମିକୁ ପ୍ରସନ୍ନ ରଥ କ୍ରୟ କରିଥିଲେ। ସେହିଭଳି ଅନ୍ୟତମ ଭାଇ ନାରାୟଣ ରଥ ଯଥାକ୍ରମେ ୬ଶହ ଓ ୧୪ଶହ ଡେସିମିଲ ଏହିଭଳି ଭାବେ ସେ ମୋଟ ୨୦୦୦ଡେସିମିଲ ଜମି କ୍ରୟ କରିଥିଲେ। ତେବେ ନାରାୟଣ ରଥ ଯଦିଓ ନିଜ ଜମିର ପଟ୍ଟା କରି ସାରିଛନ୍ତି ହେଲେ ଅନ୍ୟ ୩ ଭାଇ ନିଜର ମୋଟ ୨୭୨୦ଡେସିମିଲ ଜମିର ପଟ୍ଟା ଅଦ୍ୟବଧି କରିନାହାନ୍ତି। ରଥ ପରିବାରର ସମସ୍ତ ୪ଭାଇ ଗୋଟିଏ ଦିନରେ ଅର୍ଥାତ୍ ୧୯୭୯ମସିହା ନଭେମ୍ବର ୨୩ତାରିଖରେ ଜମି ମାଲିକ କୈଳାସ ରାଉତଙ୍କ ଠାରୁ କ୍ରୟ କରିଥିଲେ। ପରବର୍ତ୍ତି ସମୟରେ ଅର୍ଥାତ୍ ୧୯୯୭ରେ କୈଳାସ ରାଉତଙ୍କର ଦେହାନ୍ତ ଘଟିଥିଲା। ଏଭଳି ପରିସ୍ଥିତିରେ ଗତ ୨୦୨୧ମସିହା ଫେବୃଆରୀ ୮ତାରିଖରେ ରଥ ପରିବାରର ମାଲିକାନାରେ ଥିବା ଉକ୍ତ ଜମିକୁ ଜବରଦଖଲ କରିବାକୁ 'ସେନାପତି' ଗ୍ୟାଙ୍ଗର ଏଣ୍ଟ୍ରି ହୋଇଥିଲା। ଉକ୍ତ ଜମିକୁ ଯିବାକୁ ହେଲେ ସରକାରୀ ବୃହତ ନାଳକୁ ଅତିକ୍ରମ କରିବାକୁ ପଡୁଥିବା ବେଳେ ସେଠାରେ 'ସେନାପତି' ଗ୍ୟାଙ୍ଗ ପ୍ରଶାସନର ବିନା ଅନୁମତିରେ କଲଭର୍ଟ ନିର୍ମାଣ ସହ ଉକ୍ତ ଜମିରେ ସୁରକ୍ଷା ପାଚେରୀ ବେଢାଇଥିବା ରଥ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ସୂଚନା ପାଇବା ପରେ ରଥ ପରିବାର ପକ୍ଷରୁ ବଡବଜାର ଥାନାରେ ଗତ ୨୦୨୧ମସିହା ଜୁନ ୨୩ତାରିଖରେ ଏବଂ ୨୦୨୧ମସିହା ଜୁଲାଇ ୨୭ତାରିଖରେ ବ୍ରହ୍ମପୁର ଏସପି, ଆଇଜି ଓ ଡିଜିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି ପ୍ରମୋଦ କୁମାର ରଥ। କୌଣସି ସୁଫଳ ନମିଳିବାରୁ ପୁଣି ଥରେ ୨୦୨୨ମସିହା ଫେବୃଆରୀ ୨ତାରିଖରେ ଥାନାରେ ଦ୍ୱିତୀୟ ଦେବା ସହ ପରବର୍ତ୍ତି ସମୟରେ ବ୍ରହ୍ମପୁର ଏସଡିଜେଏମଙ୍କ କୋର୍ଟରେ ୱାନ ସିସି ଦାଖଲ କରିଥିବା ପ୍ରମୋଦ ରଥ ସୂଚନା ଦେଇଛନ୍ତି। ବର୍ତ୍ତମାନ ଦୈନିକ 'ସକାଳ' ଖବର କାଗଜରେ ସେନାପତି ଗ୍ୟାଙ୍ଗର ଦୌରାତ୍ମ୍ୟ ଓ କଳା କାରନାମା ସମ୍ପର୍କରେ ନିୟମିତ ଖବର ପ୍ରକାଶନ ପରେ ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଏହି ଘଟଣାରେ ହସ୍ତକ୍ଷେପ କରିଥିବା ଜଣାପଡିଛି। ଏପରିକି ବ୍ରହ୍ମପୁର ପୁଲିସକୁ ରଥ ପରିବାରର ମୂଲ୍ୟବାନ ଜମି ସମ୍ପର୍କିତ ଅଭିଯୋଗର ଷ୍ଟାଟସ ରିପୋର୍ଟ ପ୍ରଦାନ କରିବାକୁ ନୋଟିସ ଜାରି ହୋଇଥିବା ଅଭିଯୋଗକାରୀ ପ୍ରମୋଦ ରଥଙ୍କ ଠାରୁ ସୂଚନା ମିଳିଛି। ଜମିର ପ୍ରକୃତ ମାଲିକ କୈଳାସ ରାଉତଙ୍କ ଦେହାନ୍ତ ପରେ ବ୍ରହ୍ମପୁର ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ମିଥ୍ୟା ଦଲିଲ କରି ରଥ ପରିବାରର ବହୁମୂଲ୍ୟ ଜମିକୁ 'ସେନାପତି' ଗ୍ୟାଙ୍ଗ ବଳପୂର୍ବକ ଅକ୍ତିଆର କରିବା ପଛରେ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟର ପ୍ରସନ୍ନ ହାତ ଥିବା ଅଭିଯୋଗ କରିଛନ୍ତି ନିଜେ ପ୍ରମୋଦ ରଥ। ଏହି ଘଟଣାର ନିରପେକ୍ଷ ତଦନ୍ତ ସହିତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ରଥ ପରିବାର ଦାବି କରିଛି।



- ବ୍ରହ୍ମପୁର ସମେତ ଉପକଣ୍ଠର ବହୁମୂଲ୍ୟ ଜମି ଉପରେ ପଡ଼ିଛି 'ସେନାପତି' ଗ୍ୟାଙ୍ଗର ଲୋଲୁପଦୃଷ୍ଟି
- ସରକାରୀ ଓ 'ରଥ' ପରିବାରର ଜମି ଉପରେ ବଳପୂର୍ବକ ନିର୍ମାଣ ହୋଇଛି 'କଲଭର୍ଟ' ଓ 'ପାଚେରି'
- 'ସେନାପତି' ଗ୍ୟାଙ୍ଗର କଳା କାର୍‌ନାମା ପଛରେ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟର ହାତଥିବା ସନ୍ଦେହ





## ଆକ୍ରମଣ କରି ସୁନା ଲୁଟ୍ ଘଟଣା; ୪ ଗିରଫ




ବ୍ରହ୍ମପୁର,୧୯ ।୫(ସମିସ)

ସ୍ଥାନୀୟ ଅର୍ବାନ ବ୍ୟାଙ୍କ ରୋଡରେ ଥିବା ନିର୍ମାଲ୍ୟ ଲଜ୍ ଭିତରେ ୩ଜଣ ଯୁବକଙ୍କୁ ଆକ୍ରମଣ ସହ ସୁନା ଲୁଟ ହୋଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଏକ ମାମଲା ରୁଜୁ କରି ସମ୍ପୃକ୍ତ ୪ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମୀର ଜେନା(୨୦), ଯୋଗେନ୍ଦ୍ର ହାତୀ ଓରଫ ଜଗା(୨୭), ଟି ଆକାଶ(୨୬) ଓ କେ ଚରଣ କୁମାର ଅରଫ ଟିକିଲି(୨୦)। ଏହି ଘଟଣାରେ ଏକାଧିକ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଛି। ବର୍ତ୍ତମାନ ସେମାନେ ଫେରାର ରହିଛନ୍ତି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛି।

ସୂଚନାଯୋଗ୍ୟ ଯେ, ବାବାଜୀତୋଟା ସାହିର ରାମଚନ୍ଦ୍ର ବେହେରା, ପ୍ରଥମ ବିଷୋୟୀ ଓ ବିଷ୍ଣୁ ନଗର ପ୍ରଥମ ଲାଇନର ସନ୍ତୋଷ ସାହୁ ୧୬ତାରିଖ ରାତିରେ ଏକ ଭୋଜିରେ ଯୋଗଦେବା ପରେ ଉକ୍ତ ଲଜରେ ରହିଥିଲେ। ରାତି ପ୍ରାୟ ଗୋଟାଏ ବେଳେ ଉକ୍ତ ଲଜ ଭିତରେ ୧୦ଜଣଙ୍କ ସହ ରାମଚନ୍ଦ୍ରଙ୍କର ଝଗଡ଼ା ହୋଇଥିଲା। ଏହାପରେ ଉକ୍ତ ଯୁବକମାନେ ରାମଚନ୍ଦ୍ର ଓ ତାଙ୍କ ୨ ସାଙ୍ଗକୁ ଆକ୍ରମଣ କରିବା ସହ ସୁନା ଚେନ ଓ ମୁଦି ଲୁଟି ନେଇ ଯାଇଥିବା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ସିସିଟିଭି ଫୁଟେଜ୍ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ୪ଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ସାମନ୍ୟ ବଚସା ପରେ ଏଭଳି ଘଟଣା ସାମ୍ନାକୁ ଆସିଥିବା ପୁଲିସ ପକ୍ଷରୁ ଅନୁମାନ କରାଯାଉଛି।

୧୯/୫/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୫୮,୯୬୭/- ସୁନା: ୦୨.୦୦୦ ଗ୍ରାମ୍ ରୁପା: ୨୨.୩୦୦ ଗ୍ରାମ୍





ଭଉଁରୀ ଯାତ

# ନରେନ୍ଦ୍ରରେ ୨୧ ଘେରା ଚାପ ଖେଳିଲେ ମହାପ୍ରଭୁ





ଆଜି ହଳଦୀପାଣି ନୀତି

ପୁରୀ,୧୯।୫(ସମିସ): ସୋମବାର ଥିଲା ଭଉଁରୀ ଯାତ। ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାର ବିଂଶତମ ଦିବସ। ଏହି ପବିତ୍ର ତିଥିରେ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ଚାପରେ ମହାପ୍ରଭୁ ୨୧ ଘେରା ପରିକ୍ରମା କରି ଜଳକ୍ରୀଡ଼ା କରିଛନ୍ତି। ରାତ୍ର ଚାପରେ ଏହା ସମ୍ପନ୍ନ ହୋଇଛି। ମଙ୍ଗଳବାର ବାହାର ଚନ୍ଦନ ଯାତ୍ରାର ଅନ୍ତିମ ଦିବସ। ଏହିଦିନ ହଳଦୀପାଣି ନୀତି ସମ୍ପନ୍ନ ହେବ।

ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳାଖେଳା କରୁଥିବା ମହାପ୍ରଭୁ ସାଧାରଣ ମଣିଷ ପରି ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଜଳକ୍ରୀଡ଼ା କରିଥା'ନ୍ତି। ଏଥିପାଇଁ ପବିତ୍ର ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ୨୧ ଦିନିଆ ବାହାର ଚନ୍ଦନ ଯାତ୍ରାର ସୋମବାର ଥିଲା ୨୦ତମ ଦିବସ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ବଢ଼ିବା ପରେ ମହାଜନ ସେବକ ରାମକୃଷ୍ଣ ଦୁଇ ଦେବଙ୍କୁ ହାତରେ ବିଜେ କରାଇ ଆଣି ଝୁଲଣ ମଣ୍ଡପ ତଳେ ପାଲିଙ୍କିରେ ବିଜେ କରାଇଥିଲେ। ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ମଣିବିମାନରେ ବିଜେ କରାଯାଇଥିଲା। ଏହାପରେ ମାଳଫୁଲ ଲାଗି ବିଜେ କାହାଳି ବାଜିଥିଲା। ବିମାନ ବଡୁମାନେ ଘଣ୍ଟ, ଛତା, କାହାଳି ସହ ମହାପ୍ରଭୁଙ୍କୁ ସିଂହଦ୍ୱାର ଦେଇ ବଡ଼ଦାଣ୍ଡକୁ ଓହ୍ଲାଇଥିଲେ। ମହାପ୍ରଭୁଙ୍କ ସହିତ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ (ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀନୀଳକଣ୍ଠେଶ୍ୱର, ଶ୍ରୀକପାଳମୋଚନ ଓ ଶ୍ରୀମାର୍କଣ୍ଡେଶ୍ୱର) ମଧ୍ୟ ସାମିଲ ହୋଇଥିଲେ। ଆଗରେ ଥିଲେ ରାମକୃଷ୍ଣ। ରାମକୃଷ୍ଣଙ୍କ ପାଲିଙ୍କି ପଛରେ ହଲି ଦୋହଲି ମଣିବିମାନରେ ଯାଉଥିଲେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ। ତାଙ୍କ ପଛରେ ଥିଲେ ପଞ୍ଚମହାଦେବ।

ଚନ୍ଦନ ଚକଡ଼ାରେ ଠାକୁର ପହଞ୍ଚିବା ପରେ ଭିତରଚ୍ଛ ମହାପାତ୍ର ମହାପ୍ରଭୁଙ୍କୁ ଜଳଲାଗି କରିଥିଲେ। ଏହାପରେ ଦିନ ଚାପ ହୋଇଥିଲା। ନରେନ୍ଦ୍ର ପୁଷ୍କରିଣୀରେ ଠାକୁର ନନ୍ଦା ଓ ଭଦ୍ରା ଚାପରେ ଗୋଟିଏ ଘେରା ପରିକ୍ରମା କରିଥିଲେ। ଦିନ ଚାପ ସରିବା ପରେ ମହାପ୍ରଭୁ ଚନ୍ଦନ କୁଣ୍ଡକୁ ବିଜେ ହୋଇଥିଲେ। ଚନ୍ଦନ କୁଣ୍ଡରୁ ଉଠିବା ପରେ ଚନ୍ଦନ ମଣ୍ଡପ ଗୃହକୁ ବିଜେ କରିଥିଲେ। ସେଠାରେ ସାଦା ବେଶ ହୋଇ ଶୀତଳ ଭୋଗ ବଢ଼ିଥିଲା। ଏହାପରେ ମହାପ୍ରଭୁ ଜଗତି ଉପରକୁ ବିଜେ ହୋଇଥିଲେ। ସେଠାରେ ଗଜ ଉଦ୍ଧାରଣ ବେଶ ହୋଇଥିଲା। ମହାପ୍ରଭୁ ପୁନର୍ବାର ଚନ୍ଦନ ମଣ୍ଡପ ଗର୍ଭଗୃହକୁ ବିଜେ କରିଥିଲେ। ସେଠି ମାଣ୍ଡୁଅ ଭୋଗ କରାଯାଇଥିଲା। ଏହାପରେ ଠାକୁର ଜଗତି ଉପରକୁ ବିଜେ ହୋଇଥିଲେ। ସେଠାରେ ଭିତରଚ୍ଛ ମହାପାତ୍ର ବନ୍ଦାପନା କରିବା ସହିତ ବିଡ଼ିଆ ମଣୋହି କରିଥିଲେ। ମହାଜନ ସେବକମାନେ ରାତ୍ର ଚାପ ଲାଗି ମହାପ୍ରଭୁଙ୍କୁ ନନ୍ଦା ଓ ଭଦ୍ରା ଚାପକୁ ବିଜେ କରାଇଥିଲେ। ନନ୍ଦାରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ଭଦ୍ରାରେ ରାମକୃଷ୍ଣ ଓ ପଞ୍ଚମହାଦେବ ବିଜେ ହୋଇ ନରେନ୍ଦ୍ର ପୁଷ୍କରିଣୀରେ ୨୧ ଘେରା ଚାପ ଖେଳିଥିଲେ। ଚାପ ଖେଳ ସରିବା ପରେ ଠାକୁର ବାହୁଡ଼ା ବିଜେ କରିଥିଲେ।




ଆସୁଛି ରଥଯାତ୍ରା

## ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ

ପୁରୀ,୧୯।୫(ସମିସ): ଆସନ୍ତା ଜୁନ୍ ୨୭ରେ ରଥଯାତ୍ରା। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଆଗେଇ ଚାଲିଛି। ଯେହେତୁ ରଥଯାତ୍ରା ଦେଖିବା ପାଇଁ ପୁରୀକୁ ଲକ୍ଷ ଲକ୍ଷ ସଂଖ୍ୟାରେ ଭକ୍ତ ଆସିବେ, ତେଣୁ ସେମାନଙ୍କ ସୁରକ୍ଷା ଏବଂ ଶୃଙ୍ଖଳିତ ଦର୍ଶନ ପୁଲିସ ପାଇଁ ଚ୍ୟାଲେଞ୍ଜ ରହିବ। ଏହାକୁ ନଜରରେ ରଖି ପୁଲିସର ପ୍ରସ୍ତୁତି ଆଗୁଆ ରହିଛି। ଏସ୍‌ପି ବିନୀତ୍ ଅଗ୍ରୱାଲ୍ ବିଭିନ୍ନ ସାହିଗଳି ବୁଲି ଭକ୍ତଙ୍କ ଯାତାୟାତ ସୁବିଧା, ପାର୍କିଂ ଆଦି ବିଷୟ ଅନୁଧ୍ୟାନ କରୁଥିବାବେଳେ ଇତିମଧ୍ୟରେ ଶୃଙ୍ଖଳିତ ରଥଯାତ୍ରା ପାଇଁ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରିଛନ୍ତି ଡିଜିପି। ସିକ୍ୟୁରିଟି ଆଣ୍ଡ ସ୍ପେଶାଲ ବ୍ରାଞ୍ଚ ଆରେଞ୍ଜମେଣ୍ଟ ଦାୟିତ୍ୱରେ ଆର୍.ପି. କୋଚେ, ଶ୍ରୀମନ୍ଦିର ଭିତର ଆରେଞ୍ଜମେଣ୍ଟ (ଶ୍ରୀମନ୍ଦିର ଏବଂ ଗୁଣ୍ଡିଚା ମନ୍ଦିର) ଡ. ସାର୍ଥକ ଷଡ଼ଙ୍ଗୀ ଓ ପୁରୀ ଏସ୍‌ପି ବିନୀତ୍ ଅଗ୍ରୱାଲ, ରଥ ଗାର୍ଡ, ଇନ୍‌ସାଇଡ୍ ଜେନେରାଲ କର୍ଡନ, ରଥଟଣା ଦାୟିତ୍ୱରେ ଅମିତାଭ ଠାକୁର ଏବଂ ପିନାକ୍ ମିଶ୍ର, ଭିଡ଼ ନିୟନ୍ତ୍ରଣ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ସତ୍ୟବ୍ରତ ଭୋଇ, ଅବିନାଶ କୁମାର ଏବଂ ଚରଣ ସିଂହ ମୀନା ରହିଛନ୍ତି। ସେହିପରି ଟ୍ରାଫିକ୍, ପାର୍କିଂ, ଯୋଗାଯୋଗ ଏବଂ କଣ୍ଟ୍ରୋଲ୍ ରୁମ୍ ଦାୟିତ୍ୱରେ ଦୟାଳ ଗଙ୍ଗୱାର, କେ. ବିଶାଳ ସିଂହ, ବି. ଗଙ୍ଗାଧର ଏବଂ ବିକ୍ରମ କେଶରୀ ଭୋଇ, ରେଳବାଇ ପୁଲିସ ଆରେଞ୍ଜମେଣ୍ଟରେ ଅରୁଣ ବୋଥ୍ରା, ବିବେକାନନ୍ଦ ଶର୍ମା, ଜେନେରାଲ ପୁଲିସ ଆରେଞ୍ଜମେଣ୍ଟ ଦାୟିତ୍ୱରେ ସଞ୍ଜୟ କୁମାର ରହିଛନ୍ତି।

## ପୁରୀରେ ପରାକ୍ରମ ଶୋଭାଯାତ୍ରା

ପୁରୀ,୧୯।୫(ସମିସ): ଆମେ ଏକ। ଆମ ଦେଶର ସୁରକ୍ଷାରେ ଆମେ ସମସ୍ତେ ଜଣେ ଜଣେ ସିପାହୀ। ଦେଶ ମାତୃକାର ସେବାରେ ଦିନ ରାତି ଲାଗିଥିବା ଓ ଅପରେସନ ସିନ୍ଦୂରରେ ନିୟୋଜିତ ସମସ୍ତ ତିନିସେନାକୁ ଆମେ ଧନ୍ୟବାଦ ଦେଉଛୁ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଅପରେସନ ସିନ୍ଦୂରର ସଫଳତା ଓ ଭାରତୀୟ ସେନାବାହିନୀର ଦକ୍ଷତାକୁ ସମ୍ମାନ ଜଣାଇ ସୋମବାର ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚଠାରୁ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଆମ ସେନାର ପରାକ୍ରମ ସମଗ୍ର ବିଶ୍ୱ ଦେଖି ଆଚମ୍ବିତ ହୋଇଛି। ଏହା ଏକ ଐତିହାସିକ ସଫଳତା।

ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଡ. ଦେବେନ୍ଦ୍ର ତରାଇ ପ୍ରମୁଖ ଆମ ସେନା ଆତଙ୍କୀ ଆକ୍ରମଣର ସଠିକ୍ ଜବାବ ଦେଇ ଉପଯୁକ୍ତ ପ୍ରତିଶୋଧ ନେଇଛନ୍ତି ବୋଲି କହିଥିଲେ। ଏହି ଶୋଭାଯାତ୍ରା ମରିଚିକୋଟ୍ ଛକ ପର୍ଯ୍ୟନ୍ତ ଯାଇଥିଲା। ଅତିଥିମାନେ ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରି ସେନାଙ୍କ ମନୋବଳ ବୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। ଭାରତୀୟ ସେନାର ଅଦମ୍ୟ ସାହସକୁ ସମ୍ମାନ ଜଣାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ପରାକ୍ରମ ଶୋଭାଯାତ୍ରାରେ ସମାଜର ସବୁ ବର୍ଗର ନାଗରିକଙ୍କ ସହ ପ୍ରଶାସନିକ ଅଧିକାରୀ, ପୁଲିସ ବାହିନୀ, ଏନ୍‌ସିସି କ୍ୟାଡେଟ୍, ଅଗ୍ନିଶମ କର୍ମଚାରୀ, ଶିକ୍ଷକ, ମହିଳା, ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍, ଗଣମାଧ୍ୟମ, ମିଶନ ଶକ୍ତି ମହିଳା ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଏହି ଅବସରରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପରିଚାଳନା କରିଥିଲେ।




## ରଥ ନିର୍ମାଣକାରୀଙ୍କୁ ସମ୍ବର୍ଦ୍ଧନା

ପୁରୀ,୧୯।୫(ସମିସ): ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପୁରୀ ଜିଲ୍ଲା ଓ ସହର ଶାଖା ସହଯୋଗରେ ପବିତ୍ର ଭଉଁରୀ ଅବସରରେ ରଥଖଳାରେ ନିୟୋଜିତ ବିଶ୍ୱକର୍ମା ମହାରଣାଙ୍କ ସମେତ ଭୋଇ, କରତୀ, ଓଝା ଓ ଅନ୍ୟ ରଥ ନିର୍ମାଣକାରୀ ସେବକମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ରଥଖଳାରେ ଏହି ସେବକମାନେ ବହୁ ପରିଶ୍ରମ କରି ରଥ ନିର୍ମାଣ କରୁଛନ୍ତି। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ରାଜ୍ୟ ସଭାପତି ସୂର୍ଯ୍ୟନାରାୟଣ ମହାରଣା, ସମ୍ପାଦକ ମନୋରଞ୍ଜନ ମହାରଣାଙ୍କ ଉପସ୍ଥିତରେ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା। ସମିତିର ପୁରୀ ଜିଲ୍ଲା ସଭାପତି ଦେବରାଜ ମହାରଣା, ପ୍ରଶାନ୍ତ ମହାରଣା, ରଶ୍ମୀ ମହାରଣା, ପୁରୀ ସହର ସଭାପତି ହୃଷୀକେଶ ମହାରଣା, ଗଙ୍ଗାଧର ମହାରଣା, ଦୟାନିଧି ମହାରଣା, ରମେଶ ମହାରଣା, ସୁରେଶ ମହାରଣା, ବିଶ୍ୱନାଥ ମହାରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ନରେନ୍ଦ୍ର ଚକଡ଼ାରେ ଦଳାଚକଟା



ତଳେ ପଡ଼ି ଭକ୍ତ ଆହତ

ପୁରୀ,୧୯।୫(ସମିସ): ସୋମବାର ଥିଲା ଭଉଁରୀ ଯାତ। ନରେନ୍ଦ୍ର ପୁଷ୍କରିଣୀରେ ୨୧ ଘେରା ଚାପ ଖେଳିଛନ୍ତି ମହାପ୍ରଭୁ। ଭଉଁରୀ ଯାତ ଦେଖିବା ପାଇଁ ଭକ୍ତଙ୍କର ପ୍ରବଳ ଭିଡ଼ ହୋଇଥିଲା। ଏହି ଗହଳି ଯୋଗୁଁ ନରେନ୍ଦ୍ର ଚକଡ଼ାରେ ଠେଲାପେଲାରୁ ଦଳାଚକଟା ହୋଇଥିଲା। କିଛି ଭକ୍ତ ତଳେ ପଡ଼ି ଆହତ ହୋଇଥିଲେ। ପୁଲିସ ସେମାନଙ୍କୁ ଉଠାଇ ସ୍ଥିତି ସ୍ୱାଭାବିକ କରିଥିଲା। ଚାପ ଖେଳିବା ଲାଗି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କ ସହିତ ପଞ୍ଚମହାଦେବ ଶୋଭାଯାତ୍ରାରେ ନରେନ୍ଦ୍ର ପୁଷ୍କରିଣୀକୁ ଆସୁଥିଲେ। ନରେନ୍ଦ୍ରର ଠିକ୍ ପାଖାପାଖି ଶୋଭାଯାତ୍ରା ପହଞ୍ଚିବା ପରେ ଚକଡ଼ା ସମ୍ମୁଖରେ ଥିବା ଭକ୍ତଙ୍କୁ ସାଇଡ୍ କରୁଥିଲା ପୁଲିସ। ଏହି ସମୟରେ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। କିଛି ଭକ୍ତ ତଳେ ପଡ଼ିଯାଇଥିଲେ। ପଛପଟୁ ଅନ୍ୟ ଭକ୍ତମାନେ ତାଙ୍କ ଉପରେ ମାଡ଼ିଯିବାରୁ କେତେଜଣ ବୟସ୍କ ମହିଳା ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ପୁଲିସ ସେମାନଙ୍କୁ ଉଠାଇଥିଲା।

ବିଂଶତମ ସଂକୀର୍ତ୍ତନ ଅଧିବେଶନ

## 'ମନ, ଶରୀର ଓ ହୃଦୟକୁ ଅମୃତମୟ କରେ ସଂକୀର୍ତ୍ତନ'

ପୁରୀ,୧୯।୫(ସମିସ): ନିୟମିତ ସଂକୀର୍ତ୍ତନ ମନ, ଶରୀର ଓ ହୃଦୟକୁ ଅମୃତମୟ କରେ। ଏହା ମଣିଷ ଭିତରେ ଆଧ୍ୟାତ୍ମିକତା ଓ ଏକାଗ୍ରତା ସୃଷ୍ଟି କରିବା ସହ ମଣିଷକୁ ସୁସ୍ଥ ସତେଜ ରଖେ ବୋଲି କହିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରାକ୍ତନ ଜିଲ୍ଲାପାଳ ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତା ଏବଂ ଓଡ଼ିଶାର ବିଶିଷ୍ଟ ସଂଗଠକ ଜଟାଧାରୀ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦର ବିଂଶତମ ଅଧିବେଶନକୁ ଉଦ୍‌ଘାଟନ କରି ଗଜପତି ମହାରାଜା କହିଥିଲେ ଯେ ନାମସଂକୀର୍ତ୍ତନ ସହ ଗାଁ ଗାଁରେ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଆମର ସଂକଳ୍ପ ହେଉ। ସନାତନ ଓ ବୈଦିକ ସଂସ୍କୃତିରେ ନାମ ସଂକୀର୍ତ୍ତନ ଅଭିନ୍ନ ଅଙ୍ଗ। ଆଧ୍ୟାତ୍ମିକ ସଂସ୍କୃତି ହିଁ ଉତ୍କଳୀୟ ଓ ଜଗନ୍ନାଥ ସଂସ୍କୃତି। ଏକ ଶୃଙ୍ଖଳିତ ସମାଜ ଓ ପରିବାର ଗଠନ ସହ ଜୀବନର ପରିବର୍ତ୍ତନ ପାଇଁ ଠାକୁରଙ୍କ ନାମ ସ୍ମରଣ, ଶ୍ରବଣ ଓ ମନନ ଆମର ଧ୍ୟେୟ ହେଉ।



ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଝାଞ୍ଜପିଟା ମଠ ମହନ୍ତ ବାବା ସଚ୍ଚିଦାନନ୍ଦ ଦାସ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ଦାସ ଓ ଭାଗବତ ଆଶ୍ରମର ବାବା ବ୍ରଜବନ୍ଧୁ ଦାସ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଏକ ଶୃଙ୍ଖଳିତ ସମାଜ ଓ ଜୀବନ ପାଇଁ ସଂକୀର୍ତ୍ତନର ଉପାଦେୟତା ଉପରେ ମନ୍ତବ୍ୟ ରଖିଥିଲେ। ମହା ଅଧିବେଶନର ଦ୍ୱିତୀୟ ସୋପାନରେ ଡ୍ରିମ୍‌ସର ପ୍ରଫେସର ଅର୍ପିତା ପ୍ରିୟଦର୍ଶିନୀ, ନୟାଗଡ଼ ହସ୍ପିଟାଲର ଚିକିତ୍ସା ଅଧିକାରୀ ଆଶୁତୋଷ ମିଶ୍ର, ପୁରୀ ଜଗନ୍ନାଥ ମେଡିକାଲ ଓ କଲେଜର ସର୍ଜରୀ ବିଭାଗ ମୁଖ୍ୟ ଶ୍ରୀକାନ୍ତ ପଣ୍ଡା, ପାରାଦୀପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର ମୋହନ ମିଶ୍ର, ପୁରୀର ବିଶିଷ୍ଟ ଚିକିତ୍ସକ ଡାକ୍ତର ନରହରି ମିଶ୍ର ଅତିଥି ଭାବେ ଯୋଗଦେଇ ସୁସ୍ଥ ଶରୀର ଗଠନରେ ସଂକୀର୍ତ୍ତନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ଡ. ଦୀପ୍ତିରେଖା ପାଢ଼ୀ ଓ ଡାକ୍ତର ଦେବପ୍ରସାଦ ଦାଶ ସଂଯୋଜନା କରିଥିଲାବେଳେ ପରିଚାଳନାରେ ସହଯୋଗ କରିଥିଲେ ପ୍ରଫୁଲ୍ଲ କୁମାର ସାମନ୍ତରା, ଚକ୍ରଧର ମହାପାତ୍ର, ପ୍ରଭାକର ତ୍ରିପାଠୀ ଓ ଦେବଦତ୍ତ ଷଡ଼ଙ୍ଗୀ। ଏହି ଅବସରରେ ପରିଷଦର ମୁଖପତ୍ରକୁ ଗଜପତି ମହାରାଜା ଉନ୍ମୋଚନ କରିଥିଲେ। ଏହି ମହା ଅଧିବେଶନ ପରେ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ରାଜ୍ୟ ସଭାପତି ବଦ୍ରି ମିଶ୍ର, ଗବେଷକ ପୂର୍ଣ୍ଣ ଚନ୍ଦ୍ର ଗୋଛିକାର, କବି ଦାମୋଦର ପରିଡ଼ା, ସମାଜସେବୀ ଅଜୟ ପ୍ରଧାନଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ, ଶିକ୍ଷାବିତ୍, ଗବେଷକଙ୍କ ସମେତ ବୀର ହରେକୃଷ୍ଣପୁର, ବେଲଦଳ, ବାଲିଗୁଆଳି ଆଦି ଅଞ୍ଚଳର ଗାଁ ମୁଖିଆ ଭବ୍ୟ ସଂକୀର୍ତ୍ତନ ସହ ଠାକୁରଙ୍କ ଭଉଁରୀ ଯାତ୍ରାର ଆଗେ ଆଗେ ନରେନ୍ଦ୍ର ପୁଷ୍କରିଣୀ ଯାତ୍ରା କରିଥିଲେ। ଏହି ପରିପ୍ରେକ୍ଷୀରେ ସଂକୀର୍ତ୍ତନ କଳାକାରଙ୍କୁ ଲୋକକଳାକାର ଭାବେ ଗ୍ରହଣ କରି ସରକାର କଳାକାର ଭତ୍ତା ପ୍ରଦାନ କରିଥିବାରୁ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଭତ୍ତାର ପରିମାଣ ୫ ହଜାର କରିବାକୁ ଦାବି ରଖିଥିଲେ ସମ୍ପାଦକ ଜଟାଧାରୀ ମିଶ୍ର। ଏଥିସହ ଶ୍ରୀମନ୍ଦିର ପ୍ରଶାସନ ସଂକୀର୍ତ୍ତନ ଦଳ ପାଇଁ ଦୁଇଟି ଗୃହ ଯୋଗାଇବାକୁ ସେ ନିବେଦନ କରିଥିଲେ।

## ଜିଲ୍ଲାସ୍ତରୀୟ ସନ୍ତରଣ ଟାଇମ୍ ଟ୍ରାଏଲ୍



ପୁରୀ,୧୯।୫(ସମିସ)

ପୁରୀ ଜିଲ୍ଲାସ୍ତରୀୟ ସନ୍ତରଣ ଟାଇମ୍ ଟ୍ରାଏଲ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସନ୍ତରଣବିତ୍‌ମାନେ ଉଭୟ ପୁରୁଷ ଓ ମହିଳା ବିଭାଗ ନିମନ୍ତେ ପଞ୍ଜିକୃତ ହୋଇ ଆଗାମୀ ଓଡ଼ିଶା ରାଜ୍ୟ ସନ୍ତରଣ ଲାଗି ନିଜର ଟାଇମ୍ ଟ୍ରାଏଲ ପ୍ରଦାନ କରିଥିଲେ। ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ସ୍ଥିତ ସନ୍ତରଣାଗାରଠାରେ ଏହି ଟାଇମ୍ ଟ୍ରାଏଲ୍‌କୁ ନାରାୟଣ ପ୍ରଧାନ, ଜସ୍ମିନ୍ ଲାକ୍ରା, ଶ୍ରୀକାନ୍ତ ନାଏକ, କିରଣ ପରିଡ଼ା ଓ ଦୀପଙ୍କର ଦାସ ପ୍ରମୁଖ ପରିଚାଳନା କରିଥିଲେ ବୋଲି ପୁରୀ ଜିଲ୍ଲା ଆକ୍ୱାଟିକ୍ ସଂଘ ସଭାପତି ସପନ କୁମାର ମିଶ୍ର ସୂଚନା ଦେଇଛନ୍ତି।



# ଭୁବନେଶ୍ୱର ସିଟି

## ବିପଦସଙ୍କୁଳ ଅବସ୍ଥାରେ ବଡ଼ଗଡ଼ ହାଟ

# କେବେ ବାସ୍ତବ ରୂପନେବ ମଡର୍ଣ୍ଣ ହାଟ ପ୍ରକଳ୍ପ?

ଭୁବନେଶ୍ୱର, ୧୯ ।୫(ସମିସ)

ଖୁବ୍‌ଶୀଘ୍ର ନୂଆ ରୂପ ନେବ ବଡ଼ଗଡ଼ ହାଟ! ହାଟର ରୂପାନ୍ତରଣ କରାଯିବା ସହ ବଡ଼ଗଡ଼ ହାଟକୁ ମଡର୍ଣ୍ଣ ହାଟ ଭାବେ ଗଢିବା ପାଇଁ ପୁରୁଣା ଦୋକାନଘରକୁ ସମ୍ପୂର୍ଣ୍ଣଭାବେ ଭାଙ୍ଗିଦିଆଯାଇ ନୂଆଭାବେ ତିଆରି କରାଯିବ। ହାଟ ପରିସରରେ ଆବଶ୍ୟକ ସମସ୍ତ ସୁବିଧା ମଧ୍ୟ ରହିବ। ପୂର୍ବଭଳି ବ୍ୟବସାୟୀମାନେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବ ନାହିଁ। ଏଭଳି ଅନେକ ପରିକଳ୍ପନାକୁ ବାସ୍ତବ ରୂପ ଦେବାକୁ ବିଏମ୍‌ସି ପକ୍ଷରୁ ଯୋଜନା ହୋଇଥିଲା। ହେଲେ ଦିନ ପରେ ଦିନ ବିତି ଯାଉଛି, କିନ୍ତୁ ପୂରଣ ହୋଇପାରୁନି ମଡର୍ଣ୍ଣ ହାଟରେ ପରିଣତ କରିବାର ଲକ୍ଷ୍ୟ। ଦିନକୁ ଦିନ ହାଟର ଅବସ୍ଥା ବିପର୍ଯ୍ୟସ୍ତ ଆଡ଼କୁ ଗତି କରୁଛି। ବ୍ୟବସାୟୀମାନେ ବିପଦ ଆଡ଼କୁ ଠେଲି ହୋଇ ଯାଉଛନ୍ତି। ହାଟ ପରିସରରେ ରହିଥିବା ଦୋକାନ ଘର ସବୁ ଭାଙ୍ଗିରୁଜି ଯିବା ସହ ଛାତ ଉପରୁ ଝୁଲୁଛି କଂକ୍ରିଟ୍ ଖଣ୍ଡ। କେଉଁଠୁ ଛାତରୁ ସ୍ଲାବ୍ ଖସିଗଲାଣି ତ ଆଉ କେଉଁଠି ସ୍ଲାବ ଭାଙ୍ଗି ଓହଳି ରହିଥିବାରୁ ତାହା କେତେବେଳେ ଖସିପଡ଼ିବ କହିହେବ ନାହିଁ। ହାଟରେ ବିପଦସଂକୁଳ ଅବସ୍ଥାରେ ବ୍ୟବସାୟୀ। ବିକ୍ରିବଟା କରୁଥିବା ବେଳେ ଭଙ୍ଗା ଛାତ ଭୁଶୁଡ଼ି ପଡ଼ିବାର ମଧ୍ୟ ଆଶଙ୍କା ରହିଛି। ସେହିପରି ହାଟରେ ଭିତରେ ଗଦା ହୋଇ ରହିଛି କୁଢ଼ କୁଢ଼ ଅଳିଆ ଆବର୍ଜନା। ଏଭଳି ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି ରାଜଧାନୀର ପୁରାତନ ହାଟଭାବେ ପରିଚିତ ବଡ଼ଗଡ଼ ହାଟ।

ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର ୪୩ ଅଞ୍ଚଳରେ ରହିଛି ଏହି ପୁରାତନ ହାଟ। ୨୦୧୧ ମସିହାରେ ବିଏମ୍‌ସି ଦ୍ୱାରା ବଡ଼ଗଡ଼ ହାଟର ପିଣ୍ଡି ଉଦ୍‌ଘାଟନ କରାଯାଇଥିଲା। ପ୍ରାୟ ୩୦ବର୍ଷରୁ ଊର୍ଦ୍ଧ୍ୱ ହେବ ଆରମ୍ଭ ହୋଇଥିବା ଏହି ବଜାର ଉପରେ ବଡ଼ଗଡ଼, ବିଜେବି ନଗର, ଶବର ସାହି, କଳ୍ପନା ଅଞ୍ଚଳର ଲୋକେ ନିର୍ଭର କରନ୍ତି। ନିୟମିତ ହାଟକୁ ଶହଶହ ସଂଖ୍ୟାରେ ଗ୍ରାହକ ଆସୁଥିଲେ ବି ଏଠାରେ ନାହିଁ ମୌଳିକ ସୁବିଧା। ହାଟ ପରିସରରେ ସ୍ୱଚ୍ଛ ପାଣିର ବ୍ୟବସ୍ଥା କରାଯାଇଥିଲେ ବି ନାହିଁ ଶୌଚାଳୟ। ଫଳରେ ଗ୍ରାହକଙ୍କ ସମେତ ବ୍ୟବସାୟୀମାନେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଡ଼କଥା ହେଉଛି ହାଟ ପରିସରରେ ରହିଥିବା ଘର ଗୁଡ଼ିକ ପ୍ରାୟ ଭାଙ୍ଗିରୁଜି ଗଲାଣି। ଛାତରୁ ସିମେଣ୍ଟ ଖସି ଲୁହାଛଡ଼ଗୁଡ଼ିକ ବି ଝୁଲୁଥିବା ଦେଖିବାକୁ ମିଳିଛି। ଅନେକ ଘରଗୁଡ଼ିକ କାନ୍ଥ ମଧ୍ୟ ଭାଙ୍ଗି ଯାଇଛି। ଅନେକ ବର୍ଷର ପୁରୁଣା ହାଟ ହୋଇଥିବାରୁ ଏହାର ଆବଶ୍ୟକୀୟ ରକ୍ଷଣାବେକ୍ଷଣ କରାନଯିବାରୁ ଧୀରେ ଧୀରେ ଭାଙ୍ଗି ଯାଉଥିବା ସ୍ଥାନୀୟ ବ୍ୟବସାୟୀ କହିଛନ୍ତି। ୩ ଏକର ୭ଶହ ଡିସିମିଲ ପରିମିତ ଅଞ୍ଚଳରେ ରହିଥିବା ଏହି ହାଟ ପରିସରରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ପିଣ୍ଡି ଓ ଦୋକାନ ଏବଂ ୬୦ରୁ ଊର୍ଦ୍ଧ୍ୱ ଦୋକାନ ଘର ରହିଛି। ପ୍ରତ୍ୟେକଦିନ ସକାଳୁ ଅପରାହ୍ଣ ପର୍ଯ୍ୟନ୍ତ ଚଳଚଞ୍ଚଳ ହୋଇଥାଏ ଏହି ହାଟ। ସହରର ପ୍ରମୁଖ ଅଞ୍ଚଳରେ ଏହି ହାଟ ରହିଥିବାରୁ ପ୍ରତ୍ୟେକଦିନ ଏଠାକୁ ବିଭିନ୍ନ ସ୍ଥାନରୁ ବ୍ୟବସାୟୀମାନେ ଆସି ପନିପରିବାଠାରୁ ଆରମ୍ଭ କରି ଆମିଷ ବ୍ୟବସାୟ କରନ୍ତି। ହେଲେ ଅସରାଏ ବର୍ଷାରେ ଦୋକାନ ଘରୁ ପାଣି ଝରି ସମସ୍ତ ସାମଗ୍ରୀ ମଧ୍ୟ ନଷ୍ଟ ହୋଇଯାଉଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ତେବେ ଏଠାରେ ଭଡ଼ା ବାବଦକୁ ବିଏମସିକୁ ବ୍ୟବସାୟୀମାନେ ଶୁଳ୍କ ଦେଉଥିବା ବେଳେ ଅବିପଦପୂର୍ଣ୍ଣ ଭାବେ ବର୍ଷ ସାରା ବ୍ୟବସାୟ କରିବାକୁ ପଡ଼ୁଛି। ହେଲେ ଏଥିପ୍ରତି କାହାରି ଦୃଷ୍ଟି ନଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଅନେକ ସମୟରେ ଗ୍ରାହକମାନେ ବି ଭୟରେ ଆସୁ ନ ଥିବାରୁ ବ୍ୟବସାୟୀଙ୍କୁ କ୍ଷତି ସହିବାକୁ ପଡ଼ୁଥିବା ସେ କହିଛନ୍ତି। ଏସମ୍ପର୍କରେ ସ୍ଥାନୀୟ କର୍ପୋରେଟର ଅମରେଶ ଜେନା କହିଛନ୍ତି ଯେ, ବଡ଼ଗଡ଼ ହାଟକୁ ମଡର୍ଣ୍ଣ ହାଟ କରାଯିବାକୁ ପ୍ଲାନ୍ ହୋଇଥିବା ବେଳେ ଚଳିତ କର୍ପୋରେସନ୍‌ରେ ଆପ୍ରୁଭ୍ କରାଯିବ। ଏଥିପାଇଁ ୮ କୋଟି ଟଙ୍କା ଆକଳନ କରାଯାଉଥିବା ବେଳେ ମାତ୍ର ୨କୋଟି ଟଙ୍କା ବଜେଟ୍ ରହିଛି। ପ୍ରଥମ ପର୍ଯ୍ୟାୟରେ ଟେଣ୍ଡର ହୋଇ ।କମ ଆରମ୍ଭ ହେବା ପରେ ପର୍ଯ୍ୟାୟକ୍ରମେ ଅର୍ଥ ମଞ୍ଜୁର ହେବ ବୋଲି ଶ୍ରୀ ଜେନା ସୂଚନା ଦେଇଛନ୍ତି।



### ଭାଙ୍ଗିଗଲାଣି ଦୋକାନ ଘର, ଝୁଲୁଛି ସ୍ଲାବ୍



# ରାଜ୍ୟ ସଂଗ୍ରହାଳୟରେ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ



ଭୁବନେଶ୍ୱର, ୧୯ ।୫(ସମିସ): ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳିତ ହୋଇଯାଇଛି।ଏହି ଅବସରରେ 'ସମାଜର ଦ୍ରୁତ ପରିବର୍ତ୍ତନରେ ସଂଗ୍ରହାଳୟର ଭବିଷ୍ୟତ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ସଂଗ୍ରହାଳୟ ହେଉଛି ଆମ ଗୌରବମୟ ଇତିହାସ ସହିତ ସମ୍ପୃକ୍ତ ହେବାର ଏକ ବଳିଷ୍ଠ ମାଧ୍ୟମ। ଆମ ସଭ୍ୟତା, ସାହିତ୍ୟ ଓ ସଂସ୍କୃତି ସହ ସଂଗ୍ରହାଳୟ ଆମକୁ ପରିଚିତ କରାଇଥାଏ। ସାମ୍ପ୍ରତିକ ସମୟରେ ସଂଗ୍ରହାଳୟର ଭୂମିକା ବେଶ୍ ଗୁରତ୍ୱପୂର୍ଣ୍ଣ। ଏହା ଆମକୁ ଆମ ଇତିହାସ ସହିତ ପରିଚିତ କରାଇବା ସହ ଆମକୁ ଆଗାମୀ ଭବିଷ୍ୟତରେ ଆମ ରାଜ୍ୟ ଓ ଆମ ଦେଶ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ନିମନ୍ତେ ପ୍ରେରିତ କରିଥାଏ ବୋଲି ଶ୍ରୀ ଦାଶ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବରେ ଏଏସଆଇର ଅବସରପ୍ରାପ୍ତ ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ଡ. ଜୀବନ କୁମାର ପଟ୍ଟନାୟକ, ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟର ପ୍ରଭାରି ବୈଜ୍ଞାନିକ ଗୌରବ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା, ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ସୁଶ୍ରୀ ଦେବଯାନୀ ଭୂୟାଁ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ହଳଧର ନାୟକ।

■ ବାହାରିନରେ ଓଡ଼ିଆ ଅସ୍ମିତା ଉତ୍ସବ

# ସୁଦର୍ଶନ ଓ ଶାଶ୍ୱତଙ୍କୁ 'ଓଡ଼ିଆ ଅସ୍ମିତା ସମ୍ମାନ'



ଭୁବନେଶ୍ୱର, ୧୯ ।୫(ସମିସ): ବାହାରିନ ଓଡ଼ିଆ ସମାଜ ପକ୍ଷରୁ ଓଡ଼ିଆ ଅସ୍ମିତା ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ବାହାରିନ ଓଡ଼ିଆ ସମାଜର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ଅରୁଣ କୁମାର ପ୍ରହରାଜଙ୍କ ସଭାପତିତ୍ୱରେ ସଲମାବାଦସ୍ଥିତ ଗୋଲଡେନ୍ ଇଗଲ ଗଲ୍ କ୍ଲବ୍ ହଲ ଠାରେ ଆୟୋଜିତ ଏହି ଉତ୍ସବରେ ଭାରତୀୟ ରାଷ୍ଟ୍ରଦୂତ ବିନୋଦ କେ. ଜାକବ ମୁଖ୍ୟ ଅତିଥିଭାବରେ ଯୋଗ ଦେଇଥିଲେ। ଏଥିରେ ବାହାରିନ ଶ୍ରମ ଓ ସାମାଜିକ ଉନ୍ନୟନ ବିଭାଗର ଶ୍ରମ ବ୍ୟାପାର ସଚିବ ଅହମଦ ଅଲହାଇକି ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କୁ 'ଓଡ଼ିଆ ଅସ୍ମିତା ସମ୍ମାନ' 'ଏବଂ ଗୁରୁ ଶାଶ୍ୱତ ଯୋଶୀଙ୍କୁ 'ଓଡ଼ିଆ ଅସ୍ମିତା ନୃତ୍ୟ କଳା ସମ୍ମାନ' ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ପାରମ୍ପରିକ ଓଡ଼ିଆଖାଦ୍ୟ, ପୋଷାକ ଆଦି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅନୁଷ୍ଠାନର ମୁଖପତ୍ର 'ବାହାରିନ ଉତ୍କଳିକା' ଉନ୍ମୋଚିତ ହୋଇଥିଲା।

# ଇନ୍ଦ୍ରଧନୁ ଥିଏଟର ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ଯାଁଳା, ୧୯।୫(ସମିସ): ଦୀର୍ଘ ୩୩ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଯାଁଳାର ଇନ୍ଦ୍ରଧନୁ ଥିଏଟର ଓଡ଼ିଶା ତଥା ଓଡ଼ିଶା ବାହାରେ ନାଟକ ପରିବେଷଣ କରି ଆସୁଥିବା ବେଳେ ଗତ ରବିବାର ସନ୍ଧ୍ୟାରେ ସ୍ଥାନୀୟ ମଦନପୁରର ଦେବ୍ସ ଗାର୍ଡେନ ପ୍ରେକ୍ଷାଳୟରେ ସମ୍ବର୍ଦ୍ଧନା ଉତ୍ସବରେ ଦାତାରାମ ଅଶୋକ ମଙ୍ଗରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ଏଥିରେ ରବି ରାୟ, ପ୍ରଶାନ୍ତ ମହାନ୍ତି, ବାମଦେବ ପ୍ରଧାନ ଓ ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଶୁକ୍ଳା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଇନ୍ଦ୍ରଧନୁ ଥିଏଟର ବିଷୟରେ ଅନେକ ଉପାଦେୟ ବକ୍ତବ୍ୟ ରଖି ନିଜର ସଙ୍ଗୀତକୁ ସଜେଇ ଥିବା ଦୁଃଖ ଦେଇ ଗଲା ଦରଦୀ ବନ୍ଧୁ ଗୀତକୁ ନିଜ କଣ୍ଠରେ ଶୁଣେଇ ଉପସ୍ଥିତ ଥିବା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ। ପରେ ଦୁଇଜଣ ବିଶିଷ୍ଟ ବର୍ଷିଆନ କଳାକାର ମହେନ୍ଦ୍ର ପରିଡ଼ା(ମୁଣ୍ଡମୁହାଣ) ଓ ମହେନ୍ଦ୍ର ପଟ୍ଟନାୟକ (ତମାଣ୍ଡୋ) ଙ୍କୁ ଉପଢ଼ୌକନ, ପ୍ରଶଂସା ପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗଣମାଧ୍ୟମ ପ୍ରତିନିଧି ବୁଲା ବାରିକ୍, ମାନସ ଦାସ୍, ପରାମାନନ୍ଦ ସାମନ୍ତସିଂହାର, ସୁରେଶ ପ୍ରଧାନଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା, ଶେଷରେ ଧନ୍ୟବାଦ ଦେଇଥିଲେ କଳାକାର ଅମରେନ୍ଦ୍ର ମହାନ୍ତି।

# ଭୁବନେଶ୍ୱରରେ ଅବସରକାଳୀନ ଯୋଜନାର ଗୁରୁତ୍ୱ ସଂକ୍ରାନ୍ତ କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୯।୫(ସମିସ): ହୋଟେଲ ଦି ନ୍ୟୁ ମାରିଅନଠାରେ 'ଅବସରକାଳୀନ ଯୋଜନାର ଗୁରୁତ୍ୱ- ଏନ୍‌ପିଏସର ଭୂମିକା' ପ୍ରସଙ୍ଗ ଉପରେ ଏକ ଇଣ୍ଟରାକ୍ଟିଭ ଅଧିବେଶନ ଆୟୋଜିତ ହୋଇଯାଇଛି। ପେନସନ ଫଣ୍ଡ ରେଗୁଲେଟୋରୀ ଆଣ୍ଡ ଡେଭେଲପମେଣ୍ଟ ଅଥୋରିଟି ଏବଂ ଇଣ୍ଡିଆନ ଚାମ୍ବର ଅଫ କମର୍ସ (ଆଇସିସି) ସହ ସହଭାଗିତାରେ ଆୟାଜିତ ହୋଇଛି। ଏହାସହିତ ନ୍ୟାସନାଲ ପେନସନ ସିଷ୍ଟମ ଏବଂ କର୍ପୋରେଟ ତଥା ବ୍ୟକ୍ତିଗତ କ୍ଷେତ୍ରରେ ଏନପିଏସ୍‌ର ବଢୁଥିବା ଗୁରୁତ୍ୱ ଉପରେ ସ୍ୱତନ୍ତ୍ର ଧ୍ୟାନ ପ୍ରଦାନ କରାଯାଇଛି। ପିଏଫଆରଡିଏର ଅଧ୍ୟକ୍ଷ ଡା. ଦୀପକ ମହାନ୍ତି ଏବଂ ଏଏଫ୍‌ସିଟିର ଅଧ୍ୟକ୍ଷ ଡି ମିଶ୍ର ଅଧିବେଶନକୁ ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ପିଏଫଆରଡିଏର ଡେପୁଟି ଜେନେରାଲ ମ୍ୟାନେଜର ଦେବେଶ ମିତ୍ତଲ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଚିତ୍ତରଞ୍ଜନ ବେହେରାଙ୍କ ଭଳି ବରିଷ୍ଠ ଅଧିକାରୀମାନେ ଏନପିଏସର ସୁବିଧା ଓ ଏହାର ଟିକସ ଲାଭଗୁଡିକ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶାର ରଣନୈତିକ ମହତ୍ୱକୁ ଆଲୋକପାତ କରାଯାଇଥିଲା। ଶେଷରେ ଆଇସିସି ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ବିଶ୍ୱରଞ୍ଜନ ସୁତାର ଧନ୍ୟବାଦ ଦେଇଥିଲେ।

# ବର୍ଷୀୟାନ ଚିତ୍ରଶିଳ୍ପୀଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର, ୧୯।୫(ସମିସ): ବର୍ଷୀୟାନ ଚିତ୍ରଶିଳ୍ପୀ ରାଜବଲ୍ଲଭ ସାହୁଙ୍କ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଶୁକ୍ରବାର ରାତିରେ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ସେ ଖଲିକୋଟ ସରକାରୀ ଚାରୁକଳା ମହାବିଦ୍ୟାଳୟରୁ କଳାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଭଦ୍ରକସ୍ଥିତ ଅଗରପଡ଼ା ବାଳିକା ବିଦ୍ୟାଳୟରେ କଳା ଶିକ୍ଷକ ଭାବେ କଳାରେ ଶିକ୍ଷାଦାନ ଆରମ୍ଭ କରିଥିଲେ। ଶିକ୍ଷକତା ସହିତ ସେ ଏକାଧାରରେ ଚିତ୍ରକଳା, ମୂର୍ତ୍ତି କଳା ଓ ସମାଜ ସେବାକୁ ନିଜ ଜୀବନର ବ୍ରତ ବୋଲି ମାନି କାମ କରୁଥିଲେ। ସେ ଅନେକ ଜାତୀୟ ଓ ରାଜ୍ୟ ପୁରସ୍କାର ହାସଲ କରିଛନ୍ତି। ତାଙ୍କ ବିୟୋଗରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ ଶିଳ୍ପୀଙ୍କ ଅମର ଆତ୍ମାର ସଦ୍ଗତି ସହ ପରିବାର ବର୍ଗଙ୍କୁ ପ୍ରଭୁ ଜଗନ୍ନାଥ ଅସୀମ ଧୈର୍ଯ୍ୟ ପ୍ରଦାନ ପାଇଁ ପ୍ରାର୍ଥନା କରିଛନ୍ତି। ବରିଷ୍ଠ ଶିଳ୍ପୀଙ୍କ ହଠାତ୍ ବିୟୋଗରେ ଶିଳ୍ପୀ ଦୀପକ ସାହୁ, ପ୍ରିୟ ବଲ୍ଲଭ ସାହୁ, ଜୟନ୍ତ କୁମାର ଦାସ, ଚନ୍ଦନ କୁମାର ସାମଲ, ଭୂପତି ପଣ୍ଡା ଶୋକ ବ୍ୟକ୍ତ କରିଛନ୍ତି।

# ଭୁବନେଶ୍ୱର ବ୍ଲକ୍‌ରେ ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି

ଭୁବନେଶ୍ୱର/ନନ୍ଦନକାନନ, ୧୯।୫(ସମିସ): ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଇଞ୍ଜଣା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ପ୍ରତ୍ୟକ୍ଷ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଖୋରଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଏହି ମିଳିତ ଜଣାଶୁଣାଣି ଅନୁଷ୍ଠିତ ହୋଇଛି। ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ଜଣାଶୁଣାଣି ସକାଳ ୭ ଘଟିକାରୁ ଆରମ୍ଭ କରାଯିବା ସହ ଜନସାଧାରଣଙ୍କ ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ଶୁଣାଣିରେ ମୋଟ ୫୩ଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିଲା। ସେଥିରେ ୩୩ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୧୭ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ସେଥିମଧ୍ୟରୁ ୩ଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିଲା। ଏହି ଜଣାଶୁଣାଣି ସମୟରେ ସମସ୍ତ ଅଭିଯୋଗଗୁଡିକୁ ବିଚାରକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଚଞ୍ଚଳ ରାଣା ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କୁ ସେବା ଯୋଗାଇ ଦେବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ମିଳିତ ଜନଶୁଣାଣି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, ଭୁବନେଶ୍ୱର ଉପ-ଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ବିଡିଓ ଦେବୀପ୍ରସାଦ ମହାନ୍ତି, ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ, ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ, ଜିଲ୍ଲା ସାଧାରଣ ଅଭିଯୋଗ ଡେପୁଟି କଲେକ୍ଟର ଆର୍ତ୍ତତ୍ରାଣ ମଲ୍ଲିକ, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କହଁର, ଅତିରିକ୍ତ ଡିସିପି ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅମୃତ ସରୋବର ଯୋଜନାରେ 'ଓଉ ଘର ପୋଖରୀ' ପୁନଃରୁଦ୍ଧାର



ବାଲିଅନ୍ତା,୧୯।୫(ସମିସ): ବାଲିଅନ୍ତା ବ୍ଲକ୍ ଉମାଦେଇ ବ୍ରହ୍ମପୁର ଗ୍ରାମ ପଞ୍ଚାୟତର ହୀରାପୁର ମୌଜାରେ ଥିବା ଓଉ ଘର ପୋଖରୀଟି ବହୁଦିନ ହେବ ଅସ୍ୱାସ୍ଥ୍ୟକର ଓ ଦଳ ଆଚ୍ଛାଦିତ ହୋଇ ରହିଥିଲା। ଶନିବାର ସ୍ଥାନୀୟ ସରପଞ୍ଚ ରମଲତା ନାୟକଙ୍କ ଦ୍ୱାରା ପୁନରୁଦ୍ଧାର କାର୍ଯ୍ୟର ଆରମ୍ଭ କରାଯାଇଥିଲା। ଗ୍ରୀଷ୍ମ ଦିନେ ଆଖପାଖର ହଜାର ହଜାର ଗାଇ ଗୋରୁ, ମଇଁଷି ଓ ରାତିଚର ଜୀବଜନ୍ତୁ ପାନୀୟ ଜଳ ରୂପେ ପୋଖରି ଉପରେ ନିର୍ଭର କରିଥାନ୍ତି। ପୋଖରୀଟି ମହାମାୟା ମନ୍ଦିରର ମୁଖ୍ୟ ରାସ୍ତା କଡ଼ରେ ଥିବାରୁ ମନ୍ଦିର ଦର୍ଶନ ପାଇଁ ଆସୁଥିବା ପର୍ଯ୍ୟଟକ ମଧ୍ୟ ବ୍ୟବହାର କରିଥାନ୍ତି। ଅଞ୍ଚଳର ବହୁ ବୁଦ୍ଧିଜୀବୀ ପୋଖରୀରୁ ପଙ୍କ ଓ ଦଳ ଉଦ୍ଧାର ପାଇଁ ସରପଞ୍ଚଙ୍କ ନିକଟରେ ଦାବି କରି ଆସୁଥିଲେ। ଏବେ 'ଅମୃତ ସରୋବର'ଯୋଜନାରେ ୫.୫୦ ଲକ୍ଷ ବ୍ୟୟରେ ପୋଖରୀର ପୁନରୁଦ୍ଧାର କରାଯାଇଛି। କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ବନ୍ଦିତା ନାୟକ, ପଞ୍ଚାୟତ ଡିଓ ନିରଞ୍ଜନ ଦଳେଇ, ସ୍ଥାନୀୟ ୱାର୍ଡ ସଭ୍ୟା ସୁଚିତ୍ରା ଭୋଇ ଓ ଗାଁ ସାଥୀ ଦୀନବନ୍ଧୁ ଭୋଇଙ୍କ ସମେତ ଜବ୍ କାର୍ଡ ଶ୍ରମିକ ୨୫ ଜଣ ଉପସ୍ଥିତ ଥିଲେ।

ଆମ ରାଜଧାନୀ ଆମ ଐତିହ୍ୟ



# ପଞ୍ଚରଥ ଶୈଳୀରେ ନିର୍ମିତ ଜଳେଶ୍ୱର ମନ୍ଦିର

ଭୁବନେଶ୍ୱର, ୧୯।୫(ସମିସ): ପୁରୁଣା ଭୁବନେଶ୍ୱର ଏବଂ ତାର ଆଖପାଖ ଅଞ୍ଚଳରେ ଅନେକ ପୁରାତନ ମନ୍ଦିର ଦେଖିବାକୁ ମିଳେ। ସେ ପୁଣି ଶତାବ୍ଦୀ ପୁରୁଣା। ସେଥିମଧ୍ୟରୁ ଅନ୍ୟତମ ହେଉଛି ଦଶମ ଶତାବ୍ଦୀର ସମ୍ପୂର୍ଣ୍ଣ ଜଳେଶ୍ୱର ମନ୍ଦିର। ଯାହା ସୋମବଂଶୀ ସମୟରେ ପଞ୍ଚରଥ ଶୈଳୀରେ ନିର୍ମିତ ହୋଇଥିଲା।

ପୁରୁଣା ଭୁବନେଶ୍ୱରର ଟିକେ ଭିତରକୁ ଗୌରୀନଗର କୋଟିତୀର୍ଥ ଗଳିରେ ରହିଛି ଏହି ପୁରାତନ ମନ୍ଦିର। ଏହି ମନ୍ଦିରଟି ଏକ ଶୈବ ପୀଠ ଅଟେ। ପଞ୍ଚରଥ ଶୈଳୀରେ ନିର୍ମିତ ଏହି ମନ୍ଦିରର ପ୍ରମୁଖ ଭାଗ ଭଗ୍ନାବଶେଷରୁ ପୁନଃରୁଦ୍ଧାର କରାଯାଇଛି। ଯାହାକି ସୋମବଂଶୀ ରାଜାଙ୍କ ସମୟର ବୋଲି ଅନୁମାନ କରାଯାଏ। ମନ୍ଦିରରେ ରହିଥିବା କାରୁକାର୍ଯ୍ୟର ବୈଶିଷ୍ଟ୍ୟ ମୁକ୍ତେଶ୍ୱର ମନ୍ଦିରର କାରୁକାର୍ଯ୍ୟ ସହ ଅନେକାଂଶରେ ସମାନ ପରି ମନେହୁଏ। ଏହି ମନ୍ଦିରରେ କେବଳ ବିମାନ ସହିତ ପ୍ରବେଶ ସଂଲଗ୍ନ ଏକ ଆବଦ୍ଧ ବାରଣ୍ଡା ରହିଛି। ସୁବର୍ଣ୍ଣ ଜଳେଶ୍ୱର ମନ୍ଦିର ଦେଇ ଏକ ଛୋଟ କେନାଲ ଉପରେ ରହିଛି ଏହି ସମ୍ପୂର୍ଣ୍ଣ ଜଳେଶ୍ୱର ମନ୍ଦିର। ଏହାର ବିଶେଷ କାରୁକାର୍ଯ୍ୟ ନ ଥିଲେ ହେଁ ଦ୍ୱାରବନ୍ଧର ଉଭୟପାର୍ଶ୍ୱରେ ମହାଦେବ ଓ ପାର୍ବତୀ ଖୋଦିତ ଚିତ୍ର ଓ ମୂର୍ତ୍ତି ରହିଛି। ଯାହା ଦଶମ ଶତାବ୍ଦୀ ମଧ୍ୟରେ ନିର୍ମିତ ହୋଇଥିବା ଇତିହାସ ପୃଷ୍ଠାରୁ ଜଣାଯାଏ। ଏହା ଏକ ଶୈବ ପୀଠ ହୋଇଥିବାରୁ ଶିବଙ୍କ ପ୍ରମୁଖ ପର୍ବ ପୂର୍ବରୁ ଏଠାରେ ପାଳନ କରାଯାଉଥିଲା। ହେଲେ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଅନେକ ବର୍ଷ ହେବ ମନ୍ଦିରଟି ବନ୍ଦ ହୋଇ ରହିଛି ଏବଂ ଏଠାରେ ଏବେ କୌଣସି ଦେବାଦେବୀ ପୂଜା ପାଉ ନାହାନ୍ତି।

### ଏବେ କେମିତି ରହିଛି




ମନ୍ଦିରଟି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି। ଅନେକ ବର୍ଷ ହେବ ମନ୍ଦିରଟି ବନ୍ଦ ହୋଇଥିବାରୁ ତାର ଭିତର ଏବଂ ବାହାର ପାର୍ଶ୍ୱ ରକ୍ଷଣାବେକ୍ଷଣ ଅଭାବରୁ କ୍ଷୟ ହେବାକୁ ବସିଲାଣି। ପରିସର ମଧ୍ୟରେ ଅନାବନା ଗଛ ଉଠି ବଣ ହେଲାଣି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ କିଛି ବର୍ଷ ତଳେ ସୁବର୍ଣ୍ଣ ଜଳେଶ୍ୱର ଏବଂ ସମ୍ପୂର୍ଣ୍ଣ ଜଳେଶ୍ୱର ମନ୍ଦିର ଉଭୟର ପୁନଃଉଦ୍ଧାର କାର୍ଯ୍ୟ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା କରାଯାଇଥିଲା। ହେଲେ ସମୟ ସମୟରେ ତାର ରକ୍ଷଣାବେକ୍ଷଣ ନହେଉଥିବାରୁ ଏହି ଶତାବ୍ଦୀ ପୁରୁଣା ମନ୍ଦିର କ୍ଷୟ ହେଉଛି। ତେଣୁ ଏହାର ବିଶେଷ ଭାବେ ରକ୍ଷଣାବେକ୍ଷଣ ଆବଶ୍ୟକ କରୁଛି ବୋଲି ସ୍ଥାନୀୟବାସିନ୍ଦା ମତ ଦେଇଛନ୍ତି।

# ଜିଲ୍ଲା କାରାଗାରରେ 'ଭୁଲରୁ ଭଲ ହେବା' ଶୀର୍ଷକ କର୍ମଶାଳା



ଜଗତସିଂହପୁର,୧୯।୫(ସମିସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ବ୍ୟାସ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆଳିପିଙ୍ଗଳସ୍ଥ ଜିଲ୍ଲା କାରାଗାର ଅନ୍ତେବାସୀଙ୍କ ମାନସିକତାର ପରିବର୍ତ୍ତନ ପାଇଁ ଆନ୍ତର୍ଜାତିକ ଗୀତା ମିଶନ ସଭାପତି ଚିଦାନନ୍ଦ ଦାସ ଓ ମାଳିକା ପ୍ରବଚକ ଦିବାକର ଦାସଙ୍କ ଦ୍ୱାରା "ଭୁଲରୁ ଭଲ ହେବା' ଶୀର୍ଷକ ଆଧ୍ୟାତ୍ମିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନାଙ୍କ ସଭାପତିତ୍ୱରେ ଆନୁଷ୍ଠିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ, କାରାଗାରର ଭାରପ୍ରାପ୍ତ ଅଧୀକ୍ଷକ ମନସ୍ୱିନୀ ପାଣିଗ୍ରାହୀ, ଉପସହକାରୀ ଅଧୀକ୍ଷକ ଦର୍ପଭଞ୍ଜନ ଭୋଇ, ଆଇନ ସହାୟତା ପ୍ରତିରକ୍ଷା ଓକିଲ ଓଜସ୍ୱିନୀ ମହାନ୍ତି, ଧୀରେନ୍ଦ୍ର ନାଥ ଆଚାର୍ଯ୍ୟ, କାରାଗାର ଚିକିତ୍ସାଧିକାରୀ ଡାକ୍ତର ଶକ୍ତିପ୍ରସାଦ ହୋତା, ଫାର୍ମାସିଷ୍ଟ ନିରଞ୍ଜନ ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ। ଆଇନ ସହାୟତା ପ୍ରତିରକ୍ଷା ଓକିଲ ଧୀରେନ୍ଦ୍ର ନାଥ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦୁଇ ଆଧ୍ୟାତ୍ମିକ ବକ୍ତା କହିଥିଲେ, ଅପରାଧ ପ୍ରବଣତା ଜନ୍ମଗତ ନୁହେଁ। କୁସଙ୍ଗ, କୁପରିବେଶ, କୁଚିନ୍ତନ, କୁପଥ ପାଇଁ ବେଳେବେଳେ ମଣିଷ ଅପରାଧ କରିବସେ। ମଣିଷର ସବୁଠୁ ବଡ଼ ଶତ୍ରୁ ହେଉଛି ମଦ୍ୟପାନ। ମଦ୍ୟପାନ ଦ୍ୱାରା ମଣିଷ ରୋଗଗ୍ରସ୍ତ ହେବା ସହ ମନରେ ଅପରାଧ ପ୍ରବଣତା ଜାତ ହୁଏ। ତେଣୁ ମଦ୍ୟପାନଠାରୁ ଯଥାସମ୍ଭବ ଦୂରରେ ରହିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। କାରାଗାର ଏଭଳି ଏକ ସ୍ଥାନ ଯେଉଁଠାରେ ଏକାନ୍ତରେ ଏକାଗ୍ରତାରେ ଭଗବତ ଚିନ୍ତନ କରିହୁଏ। ଅତୀତରେ ଦସ୍ୟୁ ରତ୍ନାକର ମଧ୍ୟ ଏକାଗ୍ରତାରେ ଭଗବତ ଚିନ୍ତନ ଦ୍ୱାରା ବାଲ୍ମିକୀ ହୋଇପାରିଥିଲେ। ଏହାକୁ ଆଧାର କରି ପ୍ରତ୍ୟେକ ଅନ୍ତେବାସୀ କାରାଗରରେ ନିଜକୁ ପରିବର୍ତ୍ତନ କରିବା ପାଇଁ ଚେଷ୍ଟିତ ହେବା ଆବଶ୍ୟକ। ଏହି ସମୟକୁ ଜୀବନର ଏକ ପରୀକ୍ଷା ଭାବି ସମୟ ଅତିବାହିତ କରିପାରିଲେ, ପରବର୍ତ୍ତୀ ସମୟ ସୁଖମୟ ହେବ। ଜୀବନରେ ସତସଙ୍ଗ ଓ ସତ୍‌ଗ୍ରନ୍ଥ ପଠନ ଦ୍ୱାରା ମନରେ ପରିବର୍ତ୍ତନ ଆସେ। ଗଳ୍ପ ମାଧ୍ୟମରେ ଅନ୍ତେବାସୀଙ୍କୁ ଆଧ୍ୟାତ୍ମିକ ସଚେତନତା କରାଇବା ସହ ପରବର୍ତ୍ତୀ ସମୟରେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ବକ୍ତାଙ୍କ ଦ୍ୱାରା ଆଧ୍ୟାତ୍ମିକ ପୁସ୍ତକ ବିତରଣ କରାଯାଇଥିଲା। ସଚିବ ବିଡିଡି ଚନ୍ଦନା ଧନ୍ୟବାଦ ଅର୍ପଣ କରିଥିଲେ।

■ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୩ଟି ଅଭିଯୋଗର ତ୍ୱରିତ ସମାଧାନ

ଜଗତସିଂହପୁର,୧୯।୫(ସମିସ):



ଆଜି ପୂର୍ବାହ୍ନରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିବାବେଳେ ୧୩ଟି ଅଭିଯୋଗର ତ୍ୱରିତ ସମାଧାନ କରିଛନ୍ତି।

ଆଜି ଆୟୋଜିତ ଜନଅଭିଯୋଗ ଶୁଣାଣି ଶିବିରରେ ମୋଟ ୭୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୬ଟି ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୬ଟି ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୨ଟି, ଆବାସ ଯୋଜନା ସମ୍ପର୍କୀୟ ୫ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୩ଟି, ଭତ୍ତା ପାଇବା ପାଇଁ ୫ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ସହାୟତା ନିମନ୍ତେ ୧ଟି, ପୁଲିସ ସହାୟତା ପାଇବା ପାଇଁ ୩ଟି ଓ ଅନ୍ୟାନ୍ୟ ୨୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥିରୁ ୧୩ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ (ଜଗତସିଂହପୁର) ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତସିଂହପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର, ତହସିଲଦାର ତାରିଣୀ ରଞ୍ଜନ ରାୟ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

# ଲୋକନାଥ ଚୌଧୁରୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହ

ପାରାଦୀପ,୧୯।୫ (ସମିସ): ପାରାଦୀପ ପୋର୍ଟ ଶ୍ରମିକ ସଂଘ ପକ୍ଷରୁ ପାରାଦୀପ ବନ୍ଦର ନିର୍ମାଣର ଭାଗିଦାରୀ, ପାରାଦୀପ ପୋର୍ଟ ଶ୍ରମିକ ସଂଘର ପ୍ରତିଷ୍ଠାତା, ପୂର୍ବତନ ଲୋକସଭା ସାଂସଦ ତଥା ମହାନ ସାମ୍ୟବାଦୀ ନେତା କମ୍ରେଡ୍ ଲୋକନାଥ ଚୌଧୁରୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ସ୍ଥାନୀୟ ଶ୍ରମିକ ଭବନରେ ଆୟୋଜିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ସ୍ୱାଇଁ ଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ପାରାଦୀପ ପୋର୍ଟ ଶ୍ରମିକ ସଂଘ ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ତଥା କମ୍ୟୁନିଷ୍ଟ ନେତା ରମଣୀ ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ୟୁନିଅନର ସାଧାରଣ ସମ୍ପାଦକ ନନ୍ଦୋଲାଲ ସିଂ, ବଡପଡ଼ିଆ ମାର୍କେଟ ସଭାପତି କ୍ଷୀରୋଦ ସ୍ୱାଇଁ, କାଉନସିଲର ଅଜିତ ଷଡ଼ଙ୍ଗୀ, ସମ୍ପାଦକ ବିଚିତ୍ରା ନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବନ୍ଦର ସହର ପାରାଦୀପରେ ଏବେ ଶ୍ରମିକଙ୍କ ଦୁଃଖ ଶୁଣିବାକୁ କେହିନାହିଁ। ଲୋକନାଥ ଚୌଧୁରୀ ଶ୍ରମିକଙ୍କ ହକ୍ ପାଇଁ ସବୁବେଳେ ଲଢେଇ କରୁଥିଲେ। ପାରାଦୀପ ସମେତ କୁଜଙ୍ଗ, ରାହାମା, ଜଗତସିଂହପୁର ଓ ରାଜ୍ୟର ବହୁ ସ୍ଥାନରେ ତାଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯାଇଛି। ଭାରତୀୟ ଲୋକଙ୍କ ପାଇଁ ସେ ସର୍ବସ୍ୱ ଦାନ କରିଦେଇଛନ୍ତି। ପାରାଦୀପ ପ୍ରତି ତାଙ୍କର ଅଗାଢ ଆନୁଗତ୍ୟ ଥିଲା। ଦେଶ, ଜାତି, ଶ୍ରମିକ ଖଟିକିଆ ଓ ଅବହେଳିତଙ୍କ ପାଇଁ ଯିଏ ସେବା କରି ଚାଲିଯାଇଛନ୍ତି, ତାଙ୍କୁ ଆମେ ମନେ ରଖି ସେମାନଙ୍କର ପୂଜା କରିବାର ଆବଶ୍ୟକତା ରହିଛି। ପାରାଦୀପରେ ବନ୍ଦର ପ୍ରତିଷ୍ଠା ହେବା ନେଇ ସେ ବିଜୁବାବୁଙ୍କୁ ସବୁବେଳେ ଉତ୍ସାହିତ କରୁଥିଲେ। ନୂତନ ଓଡ଼ିଶା ଗଠନରେ ତାଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ୟୁନିଅନର ସମ୍ପାଦକ ଆଲୋକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ଓଷ୍ଟା ପକ୍ଷରୁ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା



ନାଉଗାଁ,୧୯।୫(ସମିସ): ନାଉଗାଁ ବ୍ଲକ୍‌ରେ ନୂତନ ଭାବେ ଯୋଗଦେଇଥିବା ଶିକ୍ଷା ଅଧିକାରୀ ଉମେଶ ଚନ୍ଦ୍ର ରାଉତଙ୍କୁ ନାଉଗାଁ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ନାଉଗାଁ ବ୍ଲକ୍ ଓଷ୍ଟା ସଭାପତି ସୁକାନ୍ତ ଲେଙ୍କା, ସମ୍ପାଦକ ହିମାଂଶୁ ମହାନ୍ତି, ଓଷ୍ଟା ଜିଲ୍ଲା ଉପଦେଷ୍ଟା ନିରଞ୍ଜନ ମହାନ୍ତି, ଉପଦେଷ୍ଟା ନିରଦ ସ୍ୱାଇଁ, ନୃସିଂହ ରାଉତ, ଶରତ ରାଉତ, ଆର୍ଦଶ ଦାସ, ମାନସ ବେହେରା, ପ୍ରଦ୍ୟୁମ୍ନ ସ୍ୱାଇଁ, ପ୍ରଭୁଦତ୍ତ ଦାଶ, ପ୍ରଶାନ୍ତ ଦାସ, ସୁଧୀର ବିଶ୍ୱାଳ, ପତନ ପ୍ରଧାନ, ବିଜୟ କାର୍ଯି, ବୁଲାକି ମଲ୍ଲିକ ପ୍ରମୁଖ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଶ୍ରୀ ରାଉତଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସର ଶୋକ

ଜଗତସିଂହପୁର,୧୯।୫(ସମିସ): ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ୍ ଅର୍ନ୍ତଗତ ବାଂଶ ପଞ୍ଚାୟତର ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ପରିଡ଼ାଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ବରିଷ୍ଠ କଂଗ୍ରେସ ନେତ୍ରୀ ପ୍ରତୀମା ମଲ୍ଲିକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନଗର କଂଗ୍ରେସ ସଭାପତି ଅଭୟ ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ ରଥ, କଂଗ୍ରେସ ନେତା ପ୍ରସନ୍ନ ସାମନ୍ତରାୟ, ଲକ୍ଷ୍ମୀନାରାୟଣ ସାମନ୍ତରାୟ, ସର୍ବେଶ୍ୱର ପଣ୍ଡା, ମହନୀ ଚରଣ ରାଉତ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, କଂଗ୍ରେସ ନେତ୍ରୀ ମିନୁ ଚୌଧୁରୀ, ଯୁବ ନେତା ଜ୍ଞାନରଞ୍ଜନ ଜେନା, ଦୀପକ ପାଲ ପ୍ରମୁଖ ଶ୍ରୀ ପରିଡ଼ାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ମାଙ୍କଡ଼ ଆକ୍ରମଣରେ ଜଣେ ଗୁରୁତର

ରଘୁନାଥପୁର,୧୯।୫(ସମିସ): ରଘୁନାଥପୁର ବ୍ଲକ୍ ଅଧୀନସ୍ଥ ଧରାଧରପୁର ପଞ୍ଚାୟତର ଖରିପଡ଼ିଆ ଦାରୁସ୍ଥଳରେ ଗତ କିଛିଦିନ ଧରି ଗୋଟିଏ ମାଙ୍କଡ଼ ବିଭିନ୍ନ ଲୋକଙ୍କୁ ଆକ୍ରମଣ କରି ଆସୁଥିବାବେଳେ ସେହି ଗ୍ରାମର ଶୁକଦେବ ମଲ୍ଲିକଙ୍କ ପୁଅ ଲୋକନାଥ ମଲ୍ଲିକ (୩୧)ଙ୍କୁ ଆକ୍ରମଣ କରିବା ସହ କାମୁଡ଼ି ଗୁରୁତର କରିଦେଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଲୋକନାଥ ଖରିପଡ଼ିଆ ଦାରୁସ୍ଥଳ ଜଗନ୍ନାଥ ମନ୍ଦିର ପରିସରରେ ବସିଥିବାବେଳେ ମାଙ୍କଡ଼ଟି ହଠାତ୍ ତାଙ୍କୁ ଆକ୍ରମଣ କରିବା ସହିତ ତାଙ୍କ ଶରୀର ବିଭିନ୍ନ ଅଂଶକୁ କାମୁଡ଼ି ରକ୍ତାକ୍ତ କରି ଦେଇଥିଲା। ତାଙ୍କ ପେଟ, ହାତ ଓ ଗୋଡ଼ରେ କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ପ୍ରଥମେ ରଘୁନାଥପୁର ଡାକ୍ତରଖାନା ଓ ପରେ ଅଧିକ ଚିକିତ୍ସା ପାଇଁ ଜଗତସିଂହପୁର ଜିଲ୍ଲା ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ଜଗତସିଂହପୁର ରେଞ୍ଜରଙ୍କୁ ଜଣାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି।

# ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନର ବୈଠକ

ପାରାଦୀପ,୧୯।୫(ସମିସ): ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ସାଂସଦ ତଥା ୟୁନିଅନର ସଭାପତି ବିଭୁପ୍ରସାଦ ତରାଇଙ୍କ ସଭାପତିତ୍ୱରେ ୟୁନିଅନ ସଭାଗୃହରେ ଆୟୋଜିତ ବୈଠକରେ ୟୁନିଅନର ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ, କାର୍ଯ୍ୟକାରୀ ସଭାପତି ଅନନ୍ତ ଚରଣ ଦାସ, କୋଷାଧ୍ୟକ୍ଷ ବ୍ରିଜେଶ କୁମାର ଲେଙ୍କା, ଉପସଭାପତି ଗୁଣନିଧି ଚୌଧୁରୀ, ସାଂସଦଙ୍କ ପ୍ରତିନିଧି ଇଂ ମନୋଜ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ପାରାଦୀପ ପୋର୍ଟରେ କାର୍ଯ୍ୟରତ ସମସ୍ତ ରେଲୱେ ଓ ଜିପିଏମ ଶ୍ରମିକଙ୍କ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। ଏହାର ସମାଧାନ ନିମନ୍ତେ ସଭାପତି ନିଜର ମତ ରଖିଲେ। ଖୁବଶୀଘ୍ର ଏହା ଉପରେ ସେ ପାରାଦୀପ ପୋର୍ଟ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିବେ ଓ ଜାହାଜ ଚଳାଚଳ ମନ୍ତ୍ରୀଙ୍କ ସହ ପାରାଦୀପ ପୋର୍ଟରେ କାର୍ଯ୍ୟରତ ସମସ୍ତ ଶ୍ରମିକଙ୍କ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ନିମନ୍ତେ ଦିଲ୍ଲୀରେ ଆଲୋଚନା କରିବେ ବୋଲି କହିଲେ। ଦୀର୍ଘଦିନର ଏହି ସମସ୍ୟାକୁ ସଭାପତି ହୃଦୟଙ୍ଗମ କରି ସମାଧାନ ଲାଗି ଚେଷ୍ଟା ଜାରି ରଖିଥିବାରୁ ସମସ୍ତ ଡିଏଲ୍‌ଆର କର୍ମଚାରୀ ସଭାପତି ଶ୍ରୀ ତରାଇଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ

ପାରାଦୀପ, ୧୯।୫ (ସମିସ): ଗୋପବନ୍ଧୁ ଷ୍ଟାଡ଼ିୟମରେ ଆର୍ଟ ଅଫ୍ ଗିଭିଂ ଓ ପିପିଏଲ ଡିଏଭି ସ୍କୁଲ ପରିସରରେ ଗ୍ରୀଷ୍ମକାଳୀନ ହକି ତାଲିମ ଶିବିର ଆୟୋଜିତ ହୋଇଯାଇଛି। ଗୋପବନ୍ଧୁ ଷ୍ଟାଡ଼ିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବନ୍ଦରର ମେରାଇନ ବିଭାଗ ମୁଖ୍ୟ ଯନ୍ତ୍ରୀ ତଥା ପାରାଦୀପ ଗଲ୍ଫ କ୍ଲବ୍ ଅଧ୍ୟକ୍ଷ ବବୁଲ ସିକଦର ଯୋଗଦେଇ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ସି କମର୍ସିଆଲର ମ୍ୟାନେଜର ତଥା ପାରାଦୀପ ଗଲ୍ଫ କ୍ଲବ୍ ଅଧିନାୟକ ଅକ୍ଷୟ ସୂତାର ଓ ଭଲିବଲ କୋଚ୍ ସଞ୍ଜୟ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜଗତସିଂହପୁର ଜିଲ୍ଲାର ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମର ମୁଖ୍ୟ ପରିଚଳକ ତଥା କ୍ରୀଡ଼ାବିତ ଶାଶ୍ୱତ କୁମାର ଅଧ୍ୟକ୍ଷତା କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ବିଭାଗ ପକ୍ଷରୁ ପ୍ରଦୀପ ପଲାଇ ସହଯୋଗ କରିଥଲେ। ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମରେ ପିପିଏଲ ଓ ପାରାଦୀପର ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଅଭିଭାବକ ଅଂଶଗ୍ରହଣ କରିଥିଲେ।

# ପୌର ଉପାଧ୍ୟକ୍ଷଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ପ୍ରତ୍ୟାହୃତ

ଜଗତସିଂହପୁର,୧୯।୫(ସମିସ): ଜଗତସିଂହପୁର ପୌର ପରିଷଦର ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇଙ୍କ ବିରୋଧରେ ଗତ ଏପ୍ରିଲ ୧୫ ତାରିଖରେ ୧୩ ଜଣ ପାରିଷଦ ଆଣିଥିବା ଅନାସ୍ଥା ପ୍ରସ୍ତାବ ପ୍ରତ୍ୟାହୃତ ହୋଇଯାଇଛି। ସୋମବାର (ମେ ୧୯) ଉକ୍ତ ୧୩ ଜଣଙ୍କ ମଧ୍ୟରୁ ୮ ଜଣ ପାରିଷଦ ଅନାସ୍ଥା ପ୍ରସ୍ତାବ ପ୍ରତ୍ୟାହାର କରିବା ପାଇଁ ଲିଖିତ ଭାବେ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଅବଗତ କରିଥିବା କହିଛନ୍ତି। ପରେ ନିର୍ବାହୀ ଅଧିକାରୀ ସୀମା ଜେନା ବୈଠକ ବାତିଲ ନେଇ ସମସ୍ତ ପାରିଷଦ, ପୌରାଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଥିବା ସୂଚନା ଦେଇଛନ୍ତି। ପୂର୍ବରୁ ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶକ୍ରମେ ଚଳିତ ମାସ ୨୦ ତାରିଖ ୧୧ଘ. ୩୦ମି ସମୟରେ ଏହି ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ବୈଠକ ଡକାଯାଇଥିଲା।

**୨୦ରେ ନିର୍ଦ୍ଧାରିତ ସ୍ୱତନ୍ତ୍ର ବୈଠକ ବାତିଲ**

ସୂଚନା ମୁତାବକ, ୱାର୍ଡ ନମ୍ବର ୧୫ର ପାରିଷଦ ମନୋଜ କୁମାର ମହାନ୍ତିଙ୍କ ନେତୃତ୍ୱରେ ୧୩ ଜଣ ପାରିଷଦ ଏପ୍ରିଲ ୧୫ ତାରିଖରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କୁ ଭେଟି ପୌର ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବା ସହିତ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଥିଲେ। ପୌରପାଳିକା ମାର୍ଗଦର୍ଶିକା ଅନୁସାରେ ଅନାସ୍ଥା ପ୍ରସ୍ତାବ ଆସିବାର ୧୦ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ହେବା କଥା। ଏହି ଆଧାରରେ ଜିଲ୍ଲାପାଳ ଗତ ଏପ୍ରିଲ ୨୪ ତାରିଖରେ ସ୍ୱତନ୍ତ୍ର ବୈଠକ ପାଇଁ ଚିଠି କରିଥିଲେ। ୨୦୨୨ ନିର୍ବାଚନରେ ଜଗତସିଂହପୁର ପୌର ପରିଷଦର ୨୧ଟି ୱାର୍ଡ ମଧ୍ୟରୁ ବିଜେଡି ସର୍ବାଧିକ ୯ଟି ୱାର୍ଡରେ ବିଜୟୀ ହୋଇଥିଲା। ସେହିପରି କଂଗ୍ରେସ ୭ଟି, ବିଜେପି ୨ଟି ଓ ୩ ଜଣ ସ୍ୱାଧୀନ ପାରିଷଦ ନିର୍ବାଚିତ ହୋଇଥିଲେ। ତେବେ ପୌରାଧ୍ୟକ୍ଷ ପଦବୀ ପାଇଁ ସିଧାସଳଖ ନିର୍ବାଚନ ହୋଇଥିଲା ଓ କଂଗ୍ରେସର ଅର୍ଚ୍ଚନା ସିଂ ପୌରାଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ପରବର୍ତ୍ତୀ ସମୟରେ କଂଗ୍ରେସର ୭, ବିଜେପିର ୨ ଓ ୨ ଜଣ ସ୍ୱାଧୀନ ପାରିଷଦଙ୍କ ସହଯୋଗରେ ପୌର ପରିଷଦ ଉପାଧ୍ୟକ୍ଷ ଭାବେ ବିଜେପିର ରାଜେନ୍ଦ୍ର କୁମାର ବିଶୋଇ ନିର୍ବାଚିତ ହୋଇଥିଲେ। ତାଙ୍କ ବିରୋଧରେ ଅନାସ୍ଥା ଆସିବା ପରେ ପ୍ରାୟ ଏକ ମାସ ଧରି ଏହାକୁ ନେଇ କଂଗ୍ରେସ, ବିଜେଡି ଓ ବିଜେପି ଦଳ ପାରିଷଦ ଓ ସ୍ଥାନୀୟ ନେତୃତ୍ୱ ମଧ୍ୟରେ ଛକାପଞ୍ଝା ଜାରି ରହିଥିଲା।

# ସିବିଏସ୍‌ଇ ଦଶମ ୟୁଗ୍ମଟପ୍ପର ଦେବାଂଶୀ ଜେନାମଣିଙ୍କୁ ସମ୍ବର୍ଦ୍ଧନା



ଜଗତସିଂହପୁର,୧୯।୫(ସମିସ): ଚଳିତବର୍ଷ ସିବିଏସ୍‌ଇ ଦଶମ ପରୀକ୍ଷାରେ ଭୁବନେଶ୍ୱର ୟୁନିଟ୍-୮ ଡିଏଭି ସ୍କୁଲ ଛାତ୍ରୀ ଦେବାଂଶୀ ଜେନାମଣି ୫୦୦ରୁ ୪୯୭ ମାର୍କ ଆଣି ସମଗ୍ର ଓଡ଼ିଶାରେ ୟୁଗ୍ମଟପ୍ପର ହେବା ସହିତ ଜଗତସିଂହପୁର ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ପିସିସି ସଭ୍ୟ ଦେବପ୍ରସାଦ ନାୟକ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ, ବ୍ଲକ୍ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ଆଡଭୋକେଟ ଦୀପକ ପଶାୟତ ଓ ସତ୍ୟବ୍ରତ ଦାସଙ୍କ ସମେତ ଅନେକ ଶୁଭେଚ୍ଛୁ କୃତୀ ଛାତ୍ରୀ ଦେବାଂଶୀ ଜେନାମଣିଙ୍କ ବିରିଡି ବ୍ଲକ୍ ଅନ୍ତର୍ଗତ ଶିବପୁରସ୍ଥ ବାସଭବନକୁ ଯାଇ ସମ୍ବର୍ଦ୍ଧିତ କରିଛନ୍ତି। ତାଙ୍କ ପିତାମାତାଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇବା ସହିତ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

# ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ନାରଦ ଜୟନ୍ତୀ



ତିର୍ତ୍ତୋଲ, ୧୯।୫(ସମିସ): ବିଶ୍ୱ ସମ୍ବାଦ କେନ୍ଦ୍ର ଜଗତସିଂହପୁର ଆନୁକୂଲ୍ୟରେ ତିର୍ତ୍ତୋଲସ୍ଥ ଶିଶୁ ବିଦ୍ୟାମନ୍ଦିର ପରିସରରେ ନାରଦ ଜୟନ୍ତୀ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜିଲା ପ୍ରଚାର ପ୍ରମୁଖ ତାପସ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଶିକ୍ଷକ ନେତା ଅକ୍ଷୟ ଦାସ ଯୋଗଦେଇ ଦେବର୍ଷୀ ନାରଦ କିପରି ମର୍ତ୍ତ୍ୟ, ପାତାଳ ଓ ସ୍ୱର୍ଗ ଲୋକର ଖବର ସମସ୍ତଙ୍କୁ ପ୍ରଦାନ କରିଥିଲେ, ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଆଇନଜୀବୀ ତଥା ସଂଗଠକ ଅମରଜ୍ୟୋତି ସାହୁ ଯୋଗଦେଇ ସାମ୍ବାଦିକମାନେ ସର୍ବଦା ମିଛ ଖବର ପରିବେଷଣରୁ ଦୂରେଇ ରହି ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ କରନ୍ତୁ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ସମାଜସେବୀ ଶରତ ମହାନ୍ତି ନାରଦଙ୍କ ଅଲୌକିକ ଶକ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ବିଭୂତି ଭୂଷଣ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମ୍ବାଦିକ ଶ୍ରୀକାନ୍ତ ଦାଶ, ଗୌରାଙ୍ଗ ସ୍ୱାଇଁ, ଶ୍ରୀବତ୍ସ ପାଢ଼ୀ, ଯଦୁମଣି ସାହୁ, ରଞ୍ଜନ ଖୁଣ୍ଟିଆ, ସୌରଜିତ ପଢ଼ିଆରୀ, ଆଇନଜୀବୀ ଟୁକନ ଚରଣ ସେଠୀ, ଯୋଗ ଗୁରୁ ସ୍ମୃତିରଞ୍ଜନ ରାୟଙ୍କ ସମେତ ତିର୍ତ୍ତୋଲ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀ ଯୋଗଦେଇ ପୌରାଣିକ ସମୟର ପ୍ରଭୁ ନାରଦଙ୍କ ଭଳି ନିର୍ଭୀକ ଭାବେ ସାମ୍ବାଦିକମାନେ ରାଷ୍ଟ୍ର ଓ ସମାଜ ହିତରେ ସତ୍ୟ ଖବର ପରିବେଷଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅରୁଣ କାନ୍ତ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

ଜନ୍ମ ଶତବାର୍ଷିକୀରେ ପୂର୍ଣ୍ଣ ଅବୟବ ଶିଳାନ୍ୟାସ

# 'ଲୋକନାଥ ଥିଲେ ସାଲିସ୍ ବିହୀନ ଲୋକ ନେତା'

କୁଜଙ୍ଗ,୧୯।୫(ସମିସ):



ବିଶିଷ୍ଟ ଜନନେତା, କମ୍ୟୁନିଷ୍ଟ ଆନ୍ଦୋଳନର ମହାନ ପ୍ରବକ୍ତା, କୁଜଙ୍ଗ ମାଟିର ସୁପୁତ୍ର କମ୍ରେଡ ଲୋକନାଥ ଚୌଧୁରୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆଜି କୁଜଙ୍ଗ ଲୋକନାଥ ଭବନରେ ତାଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତିର ଶିଳାନ୍ୟାସ କରାଯାଇଛି। କୁଜଙ୍ଗ ସୂଚନା ଭବନରେ ଆୟୋଜିତ ଲୋକନାଥ ଜନ୍ମ ଶତବାର୍ଷିକ ସ୍ମୃତି ସଂସଦ ସଭାପତି ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକନାଥ ଲୋକଙ୍କ ନେତା ଶୀର୍ଷକ ଭବ୍ୟ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜଗତସିଂହପୁର ସାଂସଦ ଡକ୍ଟର ବିଭୁପ୍ରସାଦ ତରାଇ, ପୂର୍ବତନ ସାଂସଦ ତଥା କବି ଡକ୍ଟର ପ୍ରସନ୍ନ ପାଟଶାଣୀ, ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା ଓ ଛତ୍ରପୁରର ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ ପ୍ରମୁଖ ଯୋଗ ଦେଇ ଶିଳାନ୍ୟାସ କରିବା ସହିତ ଲୋକନାଥଙ୍କୁ ଜଣେ ବିରଳ ସାଲିସ ବିହୀନ ନେତା ବୋଲି ମତବ୍ୟକ୍ତ କରିଥିଲେ।

ଜମିଦାର ପରିବାରରେ ଜନ୍ମ ହୋଇ ମଧ୍ୟ ସମସ୍ତ ସୁଖ ସମ୍ପଦକୁ ତୁଚ୍ଛ କରି ଗରିବ ମୂଲିଆ ମେହେନତି ମଣିଷ ସେବାରେ ଜୀବନ ତମାମ ବିତେଇ ଦେଇଥିବା ବିରଳ ବ୍ୟକ୍ତି ଓ ଅନେକ ଜନଆନ୍ଦୋଳନର ନେତୃତ୍ୱ ନେଇ ସଫଳତାର ଶୀର୍ଷରେ ପହଞ୍ଚିଥିବାରୁ ସେ ଓଡ଼ିଶା ମାଟିର ବରପୁତ୍ର ହୋଇପାରିଥିବା ଡକ୍ଟର ପ୍ରସନ୍ନ ପାଟଶାଣୀ କହିଥିଲେ। ସମ୍ମାନିତ ଅତିଥି ଭାବେ ପାରାଦୀପ ପୌର ପରିଷଦ ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ପରଦା ସମ୍ପାଦକ ସରୋଜ ପଟ୍ଟନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ, ଶିକ୍ଷକ ନେତା ବସନ୍ତ ସାମଲ, ପ୍ରଭାକର ଭଞ୍ଜ, ଉତ୍କଳ ସାହିତ୍ୟ ସମାଜ ଉପସଭାପତି ଜୀବନାନନ୍ଦ ଅଧିକାରୀ, ଡାକ୍ତର ବିପିନ ସାମନ୍ତରାୟ ଓ ପ୍ରଶାନ୍ତ ସେଠୀ ଯୋଗ ଦେଇଥିଲେ। କୁଜଙ୍ଗ ପ୍ରେସ କ୍ଲବ୍ ସଭାପତି ଡକ୍ଟର ରଘୁନାଥ ସାହୁ ମଞ୍ଚ ପରିଚାଳନା କରି କୁଜଙ୍ଗ ବରପୁତ୍ରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସିପିଆଇ କୁଜଙ୍ଗ ଜୋନ ସମ୍ପାଦିକା ଜିନମୟୀ ସାହାଣୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସିପିଆଇ ଜିଲ୍ଲା ସମ୍ପାଦକ ଅଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇ ଜଣ କବି ଲାଲ ସଲାମ ଲୋକନାଥ କବିତା ପାଠ କରିଥିଲେ। ୯୬ ବର୍ଷୀୟ ବରିଷ୍ଠ ଶିକ୍ଷକ ନେତା ନିଶାକର ମୁଦୁଲିଙ୍କୁ ଲୋକନାଥ ଚୌଧୁରୀ ସମ୍ମାନ ପ୍ରଦାନ କରାଯାଇଥିଲା। ସୁବାସ ମହାପାତ୍ର, ବିଷ୍ଣୁ ମୁଦୁଲି, ରବୀନ୍ଦ୍ର ମହାପାତ୍ର, ଶରତ ବେହେରା, ରବୀନ୍ଦ୍ର ମାଝୀ, ଶରତ ବଳିଆରସିଂ, ରୁନିବାଳା ମାଝୀ, କଳ୍ପନା ଦାସ ଓ ନବୀନ ପ୍ରଧାନ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଆସନ୍ତା ଶତବାର୍ଷିକୀ ଉତ୍ସବରେ ପ୍ରତିମୂର୍ତ୍ତି ଉନ୍ମୋଚନ ସହିତ ଏକ ସ୍ମରଣିକା ପ୍ରକାଶ ପାଇବ ବୋଲି ଶତବାର୍ଷିକ ସ୍ମୃତି ସଂସଦ ସମ୍ପାଦକ ଶ୍ରୀନିବାସ ଜୁଝାର ସିଂ ଘୋଷଣା କରିଥିଲେ।



କମୁଛି ଭୂତଳ ଜଳସ୍ତର

# ବୋର୍‌ୱେଲ ସେଲ୍ ଗଠନ କରିବାକୁ ବିଏମ୍‌ସିର ପ୍ରସ୍ତାବ

ଭୁବନେଶ୍ୱର, ୧୯।୫(ସମିସ)

ରାଜଧାନୀର ଭୂତଳ ଜଳସ୍ତର ଦିନକୁ ଦିନ କମିବାରେ ଲାଗିଛି। ଯାହା ଆଗାମୀ ଦିନରେ ଜଳସଙ୍କଟ ଆଡ଼କୁ ମୁହାଁଉଛି। ଏଣୁ ଜଳ ସମସ୍ୟା ନିହାତି ଭାବେ ଏକ ଆହ୍ୱାନ ଭାବେ ଉଭା ହେବ। ଏଣୁ ପାଣିର ସଠିକ୍ ବିନିଯୋଗ ଉପରେ ଗୁରୁତ୍ୱ ଦେବା ନେଇ ଉଭୟ ସରକାରୀ ଏବଂ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ଆରମ୍ଭ ହେବା ନିହାତି ଆବଶ୍ୟକ। ସେହିପରି ଅବାଧ ବୋରୱେଲ୍ ଖନନ ଉପରେ ରୋକ ଲଗାଇବାକୁ ହେବ। ଏନେଇ ଆଇନ୍ ମଧ୍ୟ ପ୍ରଣୟନ ହୋଇଛି। ହେଲେ ତାହାକୁ ମାନିବା ଲୋକ ବହୁତ କମ୍। ରାଜଧାନୀ ଯାକ ମନଇଚ୍ଛା ବୋରୱେଲ୍ ଖୋଳା ଚାଲିଛି। ଅଣଅନୁପାତିକ ଭାବେ ଭୂତଳ ଜଳସ୍ତରର ବ୍ୟବହାର ହେଉଛି।

ଗତ କିଛିଦିନ ବେଆଇନ୍ ଭାବେ ବୋରୱେଲ୍ ଖୋଳିବା ଅଭିଯୋଗରେ ୱାଟ୍‌କୋ ପକ୍ଷରୁ ରାଜଧାନୀର କିଛି ହୋଟେଲ ବ୍ୟବସାୟୀଙ୍କ ଉପରେ ଜରିମାନା କରାଯାଇଥିଲା। ହେଲେ ଏହାପରେ ଆଉ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ବେଆଇନ୍ ଉତ୍ତୋଳନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ଏଭଳି କାର୍ଯ୍ୟାକୁ ପ୍ରୋତ୍ସାହିତ କରୁଥିବା କୁହାଯାଉଛି।

ଓଡ଼ିଶା ମ୍ୟୁନିସିପାଲ କର୍ପୋରେସନ ଆକ୍ଟ-୨୦୦୩, ସେକ୍ସନ-୫୩୮ ଅନୁଯାୟୀ, କମିଶନରଙ୍କ ଅନୁମତି ବିନା କେହି ବାଣିଜ୍ୟିକ କିମ୍ବା ଘରୋଇ ଆବଶ୍ୟକତା ପାଇଁ ବୋରୱେଲ କିମ୍ବା ପୋଖରୀ ଖୋଳିପାରିବେ ନାହିଁ। କିନ୍ତୁ ଏହି ନିୟମ କେବଳ କାଗଜପତ୍ରରେ ସୀମିତ ରହିଛି। ସହରରେ ପ୍ରତିଦିନ ବେଆଇନ୍ ବୋରୱେଲ ଖୋଳାଯାଉଛି। ଯାହା ଭୂତଳ ଜଳସ୍ତରକୁ ଆହୁରି ନିମ୍ନଗାମୀ କରୁଛି। ଗତ ୫ ବର୍ଷରେ ଭୁବନେଶ୍ୱରରେ ଭୂତଳ ଜଳସ୍ତର ୦.୫୩ ମିଟର ଖସିଯାଇଛି। ୨୦୦୬ରୁ ୨୦୧୦ ମଧ୍ୟରେ ଏହା ୧୦ ମିଟର ପର୍ଯ୍ୟନ୍ତ ହ୍ରାସ ପାଇଥିବା ରିପୋର୍ଟ ପ୍ରକାଶ ପାଇଛି।

କର୍ପୋରେଟର ନୃପେଶ କୁମାର ନାୟକ ଚଳିତ କର୍ପୋରେସନ ବୈଠକରେ ପ୍ରସ୍ତାବ ଦେଇ କହିଛନ୍ତି ଭୂତଳ ଜଳ ଏକ ଜାତୀୟ ସମ୍ପଦ। ଧନୀ ହେଉ କି ଗରିବ, ସମସ୍ତଙ୍କର ଏଥିରେ ସମାନ ଅଧିକାର। ବେଆଇନ୍ ଭାବେ ଏହାକୁ ବ୍ୟବହାର କରାଯିବା ଉଚିତ ନୁହେଁ। ଯଦି କଡ଼ା ଆଇନ ଲାଗୁ ନକରାଯାଏ, ତେବେ ଭୁବନେଶ୍ୱରର ଅବସ୍ଥା ବେଙ୍ଗାଲୁରୁକୁ ଟପିଯିବ। ସେ ପ୍ରସ୍ତାବ ଦେଇଛନ୍ତି ଯେ ବିଏମ୍‌ସି ଏକ ବୋରୱେଲ ସେଲ ଗଠନ କରି ଶକ୍ତିଶାଳୀ ଏନଫୋର୍ସମେଣ୍ଟ ଟିମ ନିଯୁକ୍ତ କରିବା ଉଚିତ। ପ୍ରତ୍ୟେକ ବୋରୱେଲରେ ୱାଟର ମିଟର ବସାଇ ମାସିକ ବିଲ ଆଦାୟ କରାଯାଉ ଏବଂ ଅନୁମତିପ୍ରାପ୍ତ ପରିମାଣରୁ ଅଧିକ ପାଣି ବ୍ୟବହାର କଲେ ଜରିମାନା ଲାଗୁ କରାଯାଉ।

ବିଏମ୍‌ସିର ଗ୍ରାଉଣ୍ଡ ୱାଟର ସେଲ ସମସ୍ତ ୬୭ ୱାର୍ଡର ଭୂତଳ ଜଳସ୍ତରର ସଠିକ ତଥ୍ୟ ସଂଗ୍ରହ କରି କେଉଁ ଅଞ୍ଚଳ ସାମାନ୍ୟ, ସମ୍ଭାବ୍ୟ କିମ୍ବା ଉଚ୍ଚ ସମ୍ଭାବ୍ୟ ଅଞ୍ଚଳ ତାହା ନିର୍ଦ୍ଧାରଣ କରିବା ଉଚିତ। ସେହି ଅନୁଯାୟୀ ଶିଳ୍ପ, କୃଷି କିମ୍ବା ଘରୋଇ ବ୍ୟବହାର ପାଇଁ ବୋରୱେଲ ଅନୁମତି ଦିଆଯାଉ। ଏହା ସହିତ ବର୍ଷାଜଳ ସଂରକ୍ଷଣକୁ ପ୍ରୋତ୍ସାହନ ଦେବା ପାଇଁ ସହରରେ ନିୟମିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବା ଆବଶ୍ୟକ।

ରାଜ୍ୟ ପ୍ରତିବର୍ଷ ଉଠା ଜଳସେଚନ ଓ ଶିଳ୍ପ ବ୍ୟବହାର ପାଇଁ ପାଖାପାଖି ୦.୫ ବିଲିୟନ ଘନମିଟର ଜଳ ଭୂତଳରୁ ଉତ୍ତୋଳନ କରୁଛି। ୨୦୨୦ରେ ଏହା ୬.୮୬ ବିସିଏମ୍ ଥିବାବେଳେ ୨୦୨୪ରେ ୭.୭୪ ବିସିଏମ୍‌କୁ ବୃଦ୍ଧି ପାଇଛି। ଏହି ପରିସ୍ଥିତିରେ ଭୂତଳ ଜଳ ସଂରକ୍ଷଣ ନିମନ୍ତେ ତୁରନ୍ତ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ନାୟକ ଦାବି କରିଛନ୍ତି।

## ସିଜିଆଇଏଆର୍ ପକ୍ଷରୁ କ୍ଲାଇମେଟ୍ ଆକ୍ସନ୍ ପ୍ରୋଗ୍ରାମ




ଭୁବନେଶ୍ୱର,୧୯।୫(ସମିସ): ଓଡ଼ିଶା ସର୍ବଦା ଜଳବାୟୁ ଦୃଷ୍ଟିରୁ ଦେଶର ରାଜ୍ୟଗୁଡିକ ମଧ୍ୟରେ ବିପଦ ପୂର୍ଣ୍ଣ ସ୍ଥିତିରେ ଥାଏ। କାରଣ ରାଜ୍ୟ କ୍ରମାଗତ ଭାବେ ବାତ୍ୟା,ବନ୍ୟା ଏବଂ ମରୁଡି ଜନିତ ସ୍ଥିତିର ସମ୍ମୁଖୀନ ହେଉଛି। ଏହାକୁ ନଜରରେ ରଖି ସିଜିଆଇଏଆର୍ ପକ୍ଷରୁ ଏକ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ଆଧାରିତ କ୍ଲାଇମେଟ୍ ଆକ୍‌ସନ୍ ପ୍ରୋଗ୍ରାମ ଆରମ୍ଭ କରାଯାଇଛି। ଇଣ୍ଟର ନ୍ୟାସନାଲ ୱାଟର ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ଆଇସିଏଆର୍-ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ମ୍ୟାନେଜମେଣ୍ଟ ସହଯୋଗିତାରେ ରାଜ୍ୟରେ ଉକ୍ତ କ୍ଲାଇମେଟ୍ ଆକ୍ସନ୍ ପ୍ରୋଗ୍ରାମର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଜଳ ସମ୍ପଦ ବିଭାଗର କମିସନର ଅନୁ ଗର୍ଗ ଉଦ୍‌ଘାଟନ କରିଥିଲେ। ଏଥିରେ ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କମଳ ଲୋଚନ ମିଶ୍ର ଏବଂ ଆଇସିଏଆର୍‌ର ଉପମହାନିର୍ଦ୍ଦେଶକ ଡ. ଏକେ ନାୟକ ଉପସ୍ଥିତ ଥିଲେ।

## ‘ଅମୃତ କଳାକାର’ ଦ୍ୱାରା ସଙ୍ଗୀତ ଓ ସାହିତ୍ୟ ସନ୍ଧ୍ୟା

ଭୁବନେଶ୍ୱର, ୧୯।୫(ସମିସ): ସାହିତ୍ୟ, ସଂସ୍କୃତି ଓ ସଙ୍ଗୀତ ଅନୁଷ୍ଠାନ ‘ଅମୃତ କଳାକାର’ ଦ୍ୱାରା ସୋମବାର ସନ୍ଧ୍ୟାରେ ଭୁବନେଶ୍ୱର ଜୟଦେବ ଭବନରେ କବିତା ପାଠୋତ୍ସବ, ଓଡ଼ିଆ ଗଜଲ୍ ଓ ଓଡ଼ିଆ ଅସ୍ମିତା ରୂପକ ଓଡ଼ିଆ କବି, କଳାକାର ତଥା ଭୂମିପୁତ୍ରଙ୍କୁ ସମର୍ପିତ ଆମ ମାଟି ଆମ ଭାଷା ରୂପରେ ଗାଥା ସଙ୍ଗୀତର ସିଡି ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଦୁଇ ବରିଷ୍ଠ ଗୀତିକାର ଦେବେନ୍ଦ୍ର ଦାସ ଓ ଗୌର ପଟ୍ଟନାୟକଙ୍କ ସହିତ ଗୀତିକାର ସ୍ନେହ ମହାନ୍ତିଙ୍କୁ ଅମୃତ କଳାକାର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏତଦ୍‌ବ୍ୟତୀତ କଣ୍ଠଶିଳ୍ପୀ ସର୍ବଶ୍ରୀ ଅଲେଖ ସାମଲ, ଏମ୍ ମହେଶ୍ୱର ରାଓ, ସଙ୍ଗୀତା ଗୋସାଇଁ, ଧନେଶ୍ୱର ସ୍ୱାଇଁ, ଡଃ ମିତାଲୀ ଚିନାରା, ଲକ୍ଷ୍ମୀକାନ୍ତ ପାଲିତ, ମହେନ୍ଦ୍ର ଆଚାର୍ଯ୍ୟ, ଡଃ ଚି ପାଣି, ଅନିନ୍ଦିତା ଦାସ, ପ୍ରଦୀପ ଦାସ, ସସ୍ମିତା ଦାସ, ଶୈଳଭାମା ମହାପାତ୍ର ପ୍ରମୁଖଙ୍କ ବ୍ୟତୀତ ଗୀତିଗାଥାରେ ସମ୍ପୃକ୍ତ ତଥା କବି ଓ ଅନ୍ୟ ୪୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଅମୃତ କଳାକାର ତରଫରୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଗୀତିକାର ତଥା ‘ଅମୃତ କଳାକାର’ର ସଭାପତି ବସନ୍ତ ଦାସଙ୍କ ସଭାପତିତ୍ୱରେ ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସାହିତ୍ୟ ଓ ସଙ୍ଗୀତ ନାଟକ ଏକାଡ଼େମୀର ସମ୍ପାଦକ ପ୍ରତିଷ୍ଠିତ ପ୍ରାବନ୍ଧିକ ଡଃ ଚନ୍ଦ୍ରଶେଖର ହୋତା, ଅତିଥି ଭାବରେ ଗାଳ୍ପିକ ଡଃ ଅଜୟ ସ୍ୱାଇଁ, କଳିଙ୍ଗ ଭାରତୀର ପ୍ରତିଷ୍ଠାତା ଇଂ ଅକ୍ଷୟ କୁମାର ସାମଲ, ପ୍ରକାଶକ ତଥା ସାହିତ୍ୟିକ ବନୋଜ ମହାନ୍ତି, ବିଶିଷ୍ଟ କବି ଅଶୋକ ପୁହାଣ ପ୍ରମୁଖ ଯୋଗ ଦେଇଥିଲେ।

ଓଡ଼ିଆ ଅସ୍ମିତା ଉପରେ ଆଧାରିତ ଗୀତିଗାଥା ଉନ୍ମୋଚନ କରି କାର୍ଯ୍ୟକ୍ରମର ଅତିଥି ଓ ଶ୍ରୋତା/ଦର୍ଶକ ଏଭଳି ଏକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅମୃତ କଳାକାରକୁ ଉତ୍ସାହିତ କରୁଥିବା ସ୍ପନ୍ଦନିକା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାଗୃତି ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ




ଭୁବନେଶ୍ୱର, ୧୯।୫(ସମିସ): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଓ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜାଗୃତି ସାଂସ୍କୃତିକ ପରିଷଦ ଦ୍ୱାରା ବାର୍ଷିକ ଉତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୂରଦର୍ଶନ ଓ ସର୍ବଭାରତୀୟ ଆକାଶବାଣୀର ପୂର୍ବ ନିର୍ଦ୍ଦେଶକ ଡ. ଶାନ୍ତନୁ ରଥ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ, ଓଡିଶୀ ନୃତ୍ୟ ବିଦ୍ୱାନ ଗୁରୁ ନିରଞ୍ଜନ ରାଉତ ଏବଂ ସଂସ୍କୃତି ଗବେଷକ ଡ. କୀର୍ତ୍ତନ ନାରାୟଣ ପାଢ଼ୀ ଯୋଗ ଦେଇଥିଲେ। ପରେ ପରେ ଜାଗୃତି ସାଂସ୍କୃତିକ ପରିଷଦ ଦ୍ୱାରା ଓଡିଶୀ ନୃତ୍ୟ ଓ ନାଟକ ପରିବେଷଣ କରାଯାଇଥିଲା। ଏଥିରେ ଭଦ୍ରକରୁ ସାଇ ସ୍ୱେଜସ୍ୱା ନାୟକଙ୍କ ସମେତ ଅନେକ ଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ। ଉତ୍ସବରେ ଗୁରୁ ନିରଞ୍ଜନ ସାହୁ, ଗୁରୁ ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ ଗୁରୁ ତ୍ରିଲୋଚନ ସାହୁଙ୍କ ମିଳିତ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।

## ଦିବ୍ୟାଙ୍ଗଙ୍କ ନିଯୁକ୍ତି କ୍ଷେତ୍ରରେ ଲାଗୁ ହେଉନି ଉପଯୁକ୍ତ ସଂରକ୍ଷଣ ନିୟମ

**କ୍ଷୋଭ ପ୍ରକାଶ କଲା ଉତ୍କଳ ଦୃଷ୍ଟିହୀନ ସଂଘ**

ଭୁବନେଶ୍ୱର, ୧୯।୫(ସମିସ)

ଦିବ୍ୟାଙ୍ଗଙ୍କ ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ଉପଯୁକ୍ତ ସଂରକ୍ଷଣ ନିୟମ ଲାଗୁ ହେଉନାହିଁ। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛି ଉତ୍କଳ ଦୃଷ୍ଟିହୀନ ସଂଘ। ଏ ନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଘର କାର୍ଯ୍ୟାଳୟ ସମ୍ପାଦକ ଅଜିତ କୁମାର ବେହେରା, କୋଷାଧ୍ୟକ୍ଷ ଶୁଭ୍ରକାନ୍ତ ପାଣି ଏବଂ ନିଯୁକ୍ତି ପ୍ରକ୍ରିୟା ସଂସ୍କାରକ ତଥା ଅଧିବକ୍ତା ରଜତ କୁମାର ମିଶ୍ର କ୍ଷୋଭ ପ୍ରକାଶ କରିଥିଲେ। ଏଥିସହିତ ଦିବ୍ୟାଙ୍ଗ କର୍ମଚାରୀଙ୍କ ପାଇଁ ପଦୋନ୍ନତି, ନିଯୁକ୍ତିରେ ୪ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଉ ବୋଲି ସଂଘ ଦାବି କରିଛି। ସେହିପରି ଏସ୍‌ଏସ୍‌ଇପିଡି ଅଧିକାରୀଙ୍କ ଭୂମିକା ବିଷୟରେ ମୁଖ୍ୟ ସଚିବଙ୍କ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତଦନ୍ତ ଶେଷ କରିବା ସହ ଦୋଷୀ ଅଧିକାରୀଙ୍କୁ ତୁରନ୍ତ ସେମାନଙ୍କ ଦାୟିତ୍ୱରୁ ଅପସାରଣ କରିବା ନେଇ ଦାବି କରାଯାଇଥିଲା।

## ଅପରେସନ୍ ସିନ୍ଦୂରରେ ସହିଦଙ୍କ ପାଇଁ ଦୀପଦାନ

ଭୁବନେଶ୍ୱର, ୧୯।୫(ସମିସ): ‘ଅପରେସନ୍ ସିନ୍ଦୂର’ରେ ସହିଦ ହୋଇଥିବା ଯବାନଙ୍କ ପାଇଁ ସୋମବାର ସନ୍ଧ୍ୟାରେ ୟୁନିଟ୍-୩ ସ୍ଥିତ ଶ୍ରୀରାମ ମନ୍ଦିର ସମ୍ମୁଖରେ ଓଡ଼ିଶା ପ୍ରଗତି ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମୃତ ପର୍ଯ୍ୟଟକ ଓ ସହିଦଙ୍କ ପ୍ରତି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଦଳର ରାଜ୍ୟ ସଭାପତି ଜନ୍ମେଜୟ ରୋହିଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ଲିଙ୍ଗରାଜ ଦାସ, ଗଣମାଧ୍ୟମ ସଂଯୋଜକ ସୌମ୍ୟରଞ୍ଜନ ଜେନା, ସମାଜସେବୀ ସରୋଜିନୀ ମହାନ୍ତି, ହୃଷୀକେଶ ଷଡ଼ଙ୍ଗୀ ଅଂଶ ଗ୍ରହଣ କରିଥିଲେ।

## ଚନ୍ଦ୍ରଶେଖରପୁରରେ ଆଧ୍ୟାତ୍ମିକ ପ୍ରବଚନ ଓ ଜ୍ଞାନଯଜ୍ଞ

ଭୁବନେଶ୍ୱର, ୧୯।୫(ସମିସ): ଆଧ୍ୟାତ୍ମିକ ସତ୍‌ସଙ୍ଗ ଚେତନା ସମିତି ଓ ଜୟ ଜଗନ୍ନାଥ ପରିବାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ନବମ ବାର୍ଷିକ ଉତ୍ସବ ଉପଲକ୍ଷେ ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀସ୍ଥିତ ଦୁର୍ଗା ପଡ଼ିଆ ଠାରେ ଆଧ୍ୟାତ୍ମିକ ପ୍ରବଚନ ଓ ଜ୍ଞାନଯଜ୍ଞ ଆରମ୍ଭ ହୋଇଯାଇଛି। ଏଥିରେ ପ୍ରବଚକ ହରିହର ଜେନା ପ୍ରବଚନ ରଖିଥିଲେ। ଆଗାମୀଦିନରେ ପ୍ରବଚକ ଗୁରୁପ୍ରସାଦ ମହାପାତ୍ର, ସନ୍ତୋଷ କୁମାର ସାହୁ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଟ୍ରଷ୍ଟର ମୁଖ୍ୟ ଭଗବାନ ଦାଶ, ଅକ୍ଷୟ ନାୟକ, ବିଜୟ ଦାସ ପରିଚାଳନା କରିଥିଲେ।

## ଦହି ପଖାଳ ବଣ୍ଟନ

ଭୁବନେଶ୍ୱର, ୧୯।୫(ସମିସ): ଓଡ଼ିଆ କଳାକାରଙ୍କ ସ୍ୱର ପରିବାର ପକ୍ଷରୁ ଗ୍ରୀଷ୍ମକାଳୀନ ଦହି ପଖାଳ ବଣ୍ଟନ କାର୍ଯ୍ୟକ୍ରମ ରବିବାର ଇନ୍ଦିରା ଗାନ୍ଧୀ ପାର୍କ ନିକଟରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାଖାପାଖି ୪ ଶହ ଜଣ ପଥଚାରୀ, ଭିନ୍ନକ୍ଷମ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ପଖାଳ ଖାଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଧାୟକ ଜଗନ୍ନାଥ ପ୍ରଧାନ, କର୍ପୋରେଟର ଅମରେଶ ଜେନା, କର୍ପୋରେଟର ନରେନ୍ ସାହୁ, ପ୍ରତାପ ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅନୁଷ୍ଠାନର ସଭାପତି ଶ୍ରୀଧର ମାର୍ଥା, ଉପସଭାପତି ରଷି ପଟ୍ଟନାୟକ, ସମ୍ପାଦକ ବୁଲୁ ପଣ୍ଡା, ସହ ସମ୍ପାଦକ ବରଦା ପ୍ରସନ୍ନ ପାତ୍ର, କୋଷାଧ୍ୟକ୍ଷ ମୃଣ୍ମୟ ନାୟକ, ସହ କୋଷାଧ୍ୟକ୍ଷ ବିଶାଳ ସାହୁ, ସଂଯୋଜକ ସାର୍ଥକ୍ ପ୍ରଧାନଙ୍କ ସହିତ ଓକେଏସ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୬୦ ଜଣଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା।

## ୱାର୍ଡସ୍ତରୀୟ ଅଭିଯୋଗ ଶୁଣାଣିରେ ଅଳିଆ ତାତି

ଭୁବନେଶ୍ୱର, ୧୯।୫(ସମିସ): ବିଏମ୍‌ସି ପକ୍ଷରୁ ୱାର୍ଡସ୍ତରରେ ଅଭିଯୋଗ ଶୁଣାଣିରେ ଅଳିଆକୁ ନେଇ ଅଭିଯୋଗ ହେଉଛି। ଅଧିକାଂଶ ଲୋକେ ଅଳିଆକୁ ନେଇ ଅଭିଯୋଗ କରୁଛନ୍ତି। ଏପରିକି ଅଳିଆର ଫଟୋ ସହ ଲୋକେ ମେୟରଙ୍କ ଠାରୁ ଆରମ୍ଭ କରି କର୍ପୋରେଟର ଏବଂ ଅନ୍ୟ ଅଧିକାରୀମାନଙ୍କୁ ଦେଖାଉଛନ୍ତି। ଅଳିଆ ତାତି ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟ ସମସ୍ୟା ପାଲଟିଥିଲେ ମଧ୍ୟ ବିଏମ୍‌ସି ଏଜେନ୍ସି ଗୁଡ଼ିକ ବିରୋଧରେ ଫାଇନ୍ ଠାରୁ ଆଗକୁ ବଢ଼ିପାରୁନି।



ପ୍ରକାଶ ଥାଉ କି ଅଳିଆ ଉଠାଇବାରେ ୫ଟି ଏଜେନ୍ସିକୁ ନିୟୋଜିତ କରାଯାଇଛି। ଏହି ଏଜେନ୍ସିଗୁଡ଼ିକ ୱାର୍ଡସ୍ତରରେ ୧୦ଟା ପୂର୍ବରୁ ଅଳିଆ ଉଠାଇବା କଥା। ନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ହେଲେ ବର୍ଷ ବର୍ଷ ଏହି ଏଜେନ୍ସି ଗୁଡ଼ିକ କାର୍ଯ୍ୟରେ ଅବହେଳା କରି ଚାଲିଛନ୍ତି। କାର୍ଯ୍ୟାନୁଷ୍ଠାନ ସ୍ୱରୁପ ବିଏମ୍‌ସିର କିଛି ଫାଇନ୍ ସେମାନଙ୍କୁ ସୁଧାରିବାକୁ ଯଥେଷ୍ଟ ହେଉନାହନ୍ତି। ପରିସ୍ଥିତି ଏଭଳି ହୋଇଛି ଯେ ଫାଇନ୍ ଦେଲେ ବି ତାଙ୍କ ଲାଭରେ କୌଣସି ଅଙ୍କ ଆସୁନାହିଁ। ଯାହାଫଳରେ ଏଜେନ୍ସି ଗୁଡ଼ିକ ମନମାନୀ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ବିଗତ ଦିନରେ ଦୁଇଟି ୱାର୍ଡରେ ୱାର୍ଡସ୍ତରୀୟ ଅଭିଯୋଗ ଶୁଣାଣି ହୋଇଗଲାଣି। ଏଥିରେ ପ୍ରାୟ ୪୦ ପ୍ରତିଶତ ଅଭିଯୋଗ ଅଳିଆ ସମସ୍ୟା ସମ୍ପର୍କିତ ବୋଲି ଜଣେ ଅଧିକାରୀ କହିଛନ୍ତି।

## ରାଧାମାଧବଙ୍କ ଚନ୍ଦନଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼

ହଂସପାଳ,୧୯।୫(ସମିସ): ହଂସପାଳ ଗ୍ରାମର ପ୍ରସିଦ୍ଧ ଠାକୁର ରାଧାମାଧବଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଥିବାବେଳେ ଏହାକୁ ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଠାକୁର ବିମାନରେ ଆସି ଘଣ୍ଟଘଣ୍ଟା, ବିଭିନ୍ନ ପ୍ରକାର ବାଜା, ଶଙ୍ଖ ଧ୍ୱନିରେ ଗ୍ରାମ ପରିକ୍ରମା କରି ଭୋଗଲାଗି ହେବା ପରେ ନିକୁଞ୍ଜ ବିହାରୀ ମନ୍ଦିର କୁଆଖାଇ ନଦୀ ନିକଟରେ ପହଞ୍ଚି ଜଳକ୍ରୀଡ଼ା କରିଥାନ୍ତି। ନଦୀ ପଠାରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଚନ୍ଦନ ଯାତ୍ରା ଅବସରରେ ବାଲିଅନ୍ତା ହାଟ ପଡ଼ିଆ ପରିସରରେ ଯାତ୍ରା ପରିବେଷଣ କରାଯାଇଥାଏ। ସୂଚନା ଅନୁସାରେ ଏହି ଯାତ୍ରା ଚାରିଦିନ ଧରି ଚାଲିବ। ପାଞ୍ଚଦେଶ କମିଟି ସଭାପତି କୃଷ୍ଣ କେଶବ ଆପଟ ଏବଂ ନିକୁଞ୍ଜ ବିହାରୀ ମନ୍ଦିର କମିଟି ସଭାପତି ଦିଲୀପ ସାହୁ ସମସ୍ତ କାର୍ଯ୍ୟ ପରିଚାଳନା କରିବା ସହ କମିଟି ର ସମସ୍ତ ସଦସ୍ୟ ମାନେ କାର୍ଯ୍ୟ ତଦାରଖ କରିଥିଲେ। ବାଲିଅନ୍ତା ଥାନା ଅଧିକାରୀ ଅନୀଲ କୁମାର ପରିଡ଼ାଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ‘ଫକୀର ବାବୁ’ ଉନ୍ମୋଚିତ

ଭୁବନେଶ୍ୱର, ୧୯।୫(ସମିସ): ଆଇନଜୀବୀ ତଥା ଓଡ଼ିଆ ରେଡ଼କ୍ରସ ଦ୍ୱାରା ପରିଚାଳିତ ଭିନ୍ନକ୍ଷମମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଅନୁଷ୍ଠାନ ‘ସହାୟ’ର ଅବୈତନିକ ସମ୍ପାଦିକା ମୃଣାଳିନୀ ପାଢ଼ୀଙ୍କ ଦ୍ୱାର ଲିଖିତ ଏବଂ ଓଡ଼ିଶା ବୁକ୍‌ଷ୍ଟୋର ଦ୍ୱାରା ପ୍ରକାଶିତ ଉପନ୍ୟାସ ‘ଫକୀର ବାବୁ’ ସ୍ଥାନୀୟ ଏକ ହୋଟେଲରେ ଉନ୍ମୋଚିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ କବି ଅମରେଶ ପଟ୍ଟନାୟକ, ଲେଖକ ଦାସ୍ ବେନହୁର, ଅନୁବାଦକ ଏବଂ ସାହିତ୍ୟିକ ପ୍ରଫେସର ଜତୀନ ନାୟକ ଯୋଗ ଦେଇଥିଲେ। ଉତ୍ସବକୁ ବରିଷ୍ଠ ସାମ୍ବାଦିକ କେଦାର ମିଶ୍ର ପରିଚାଳନା କରିଥିବା ବେଳେ ଓଡ଼ିଶା ବୁକ୍‌ଷ୍ଟୋରର ପ୍ରକାଶକ ସାର୍ଥକ ଶଙ୍କର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ବିକୃତ ହେଉଛି ଐତିହ୍ୟ ଶିଳାଲିପି**

# ଖଣ୍ଡଗିରି, ଉଦୟଗିରିରେ ଆଧୁନିକ ପିଢ଼ିର ଉଗ୍ରଛାପ

ଭୁବନେଶ୍ୱର, ୧୯।୫(ସମିସ)

ଖଣ୍ଡଗିରି ଏବଂ ଉଦୟଗିରି ଭଳି ଐତିହାସିକ ପର୍ଯ୍ୟଟନସ୍ଥଳୀରେ ଥିବା ଅନେକ ଶିଳାଲିପିରେ ଯୁବପିଢ଼ି ମାର୍କର ତଥା ମୁନିଆ ପଥରରେ ଘୋରି ନଷ୍ଟ କରି ଦେଉଛନ୍ତି। ଫଳରେ ଦିନକୁ ଦିନ ବିକୃତ ହେବାରେ ଲାଗିଛି ଐତିହ୍ୟ ଶିଳାଲିପି। ଯାହା ଆଗାମୀ ଦିନରେ ଅବକ୍ଷୟମୁଖୀ ହେବା ଆଶଙ୍କା ସୃଷ୍ଟି ହୋଇଛି। ଗୁମ୍ଫାଗୁଡ଼ିକରେ ସାଇତା ଶିଳାଲିପି ଆମ ପୂର୍ବପୁରୁଷର ଇତିହାସକୁ ବଖାଣୁଥିବାବେଳେ ଏବେ ସେଥିରେ ବିଭିନ୍ନ ଭାଷାର ବିକୃତ ମିଶ୍ରଣ ଏହାର ଗରିମାକୁ କ୍ଷୁର୍ଣ୍ଣ କରିବାରେ ଲାଗିଛି।

ପୁରାତନ ପଥର ଉପରେ ଖୋଦିତ ଶିଳାଲିପି ବର୍ତ୍ତମାନର ଯୁବପିଢ଼ିଙ୍କ ସମସାମୟିକ ପ୍ରେମ କାହାଣୀ ତଥା ବ୍ୟକ୍ତିଗତ ବାର୍ତ୍ତାରେ ଭରିଯାଉଛି। ଏହି ବାର୍ତ୍ତାଗୁଡ଼ିକୁ ମାର୍କର ଓ ସୂକ୍ଷ୍ମ ଖୋଦେଇ ମାଧ୍ୟମରେ ଲେଖି ପୂର୍ବସୂରୀଙ୍କ ପ୍ରକୃତ ଉଦ୍ଦେଶ୍ୟ ସାଧନରେ କ୍ଷତି ପହଞ୍ଚାଉଛନ୍ତି କିଛି ଯୁବକ ଯୁବତୀ। ଖଣ୍ଡଗିରି ଏବଂ ଉଦୟଗିରି ଗୁମ୍ଫାର ଶିଳାଲିପି ଭାରତର ପ୍ରାଚୀନ ସ୍ଥାପତ୍ୟ ଏବଂ ଐତିହାସିକ କାହାଣୀର ପ୍ରମାଣ ଦେଇଥାଏ। ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ଖାରବେଳଙ୍କ ରାଜତ୍ୱ ସମୟରେ ଏହି ଗୁମ୍ଫାଗୁଡ଼ିକ ଜୈନ ସାଧୁମାନଙ୍କ ପାଇଁ ମଠ ଭାବରେ ବ୍ୟବହାର ହେଉଥିଲା। ଏହି ଗୁମ୍ଫାର କାନ୍ଥଗୁଡ଼ିକ ସୂକ୍ଷ୍ମ କାରିଗରୀରେ ଗୌରବ ମଣ୍ଡିତ କରୁଥିବାବେଳେ ଇତିହାସକୁ ସାଇତି ରଖୁଥିଲା। ନିହାଣ ମୁନରେ ଖୋଦିତ ଏହି ଲିପି କାଳକାଳ ପାଇଁ ରହିବ ଓ ଭବିଷ୍ୟତ ପିଢ଼ି ପାଇଁ ଆଲୋକବର୍ତ୍ତିକା ସାଜିବ ବୋଲି ସେମାନଙ୍କ ଉଦ୍ଦେଶ୍ୟ ଥିଲା। ଦଶନ୍ଧି ଦଶନ୍ଧି ଧରି ପ୍ରାଚୀନ ଭାରତର ଧାର୍ମିକ, ସାଂସ୍କୃତିକ ଏବଂ ସାମାଜିକ ଗତିଶୀଳତାକୁ ସଂରକ୍ଷଣ କରି ରଖିଆସିଥିଲା। ତେବେ ନିକଟ ଅତୀତରେ ଆଧୁନିକ ପିଢ଼ିର ଯୁବକ ଯୁବତୀଙ୍କର ଲେଖା ପ୍ରାଚୀନ ଖୋଦିତ ଶିଳାଲିପିକୁ ବଦଳାଇବା ସହ ଐାହାସିକ ମୂଲ୍ୟକୁ ମଧ୍ୟ ହ୍ରାସ କରୁଛି। ଫଳରେ ଖଣ୍ଡଗିରି ଏବଂ ଉଦୟଗିରି ଗୁମ୍ଫାର ଅବନତି ହେଉଛି। ବର୍ତ୍ତମାନ ସମୟରେ ଆମର ଅତୀତକୁ ବଞ୍ଚାଇ ରଖିବା ଆମମାନଙ୍କର ଦାୟିତ୍ୱ। ଏଗୁଡ଼ିକର ସୁରକ୍ଷା ପାଇଁ ସମାଜ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି। ଏଥିସହିତ ପ୍ରାଚୀନ ପର୍ଯ୍ୟଟନସ୍ଥଳୀଗୁଡ଼ିକର ପବିତ୍ରତା ରକ୍ଷା କରିବା ସହ ପଥର ଏବଂ ଖୋଦନ ବିଷୟରେ ନୁହେଁ ଏହା ସହ ଭବିଷ୍ୟତ ପିଢ଼ିଙ୍କ ପାଇଁ ଏହାର ସୁରକ୍ଷା ବିଷୟରେ ଚିନ୍ତା କରିବା ଆବଶ୍ୟକ।



ଖଣ୍ଡଗିରିରେ ଥିବା ପ୍ରାଚୀନ ଗୁମ୍ଫା ଶିଳାଲେଖ ଉପରେ ପରିଦର୍ଶକମାନେ ସେମାନଙ୍କର ନାମ ଲେଖିବା କିମ୍ବା ଖୋଦନ କରିବା ଏହି ମୂଲ୍ୟବାନ ପ୍ରତ୍ନତାତ୍ତ୍ୱିକ ସ୍ଥାନକୁ କ୍ଷତି ପହଞ୍ଚାଉଛି। ଏହି ଐତିହ୍ୟ ସ୍ଥାନଗୁଡ଼ିକ ବିକୃତ କରିବା ଦ୍ୱାରା ଅପରିବର୍ତ୍ତନୀୟ ଐତିହାସିକ ରେକର୍ଡ ଲିଭିଯାଉଛି। ସ୍ମାରକୀର ଗୁରୁତ୍ୱ ହ୍ରାସ ପାଇବା ଦ୍ୱାରା ଐତିହାସିକ ଏବଂ ପ୍ରତ୍ନତାତ୍ତ୍ୱିକ ଗବେଷଣାକୁ ଗଭୀର ଭାବେ ପ୍ରଭାବିତ କରୁଛି। ଏହି ସବୁ କାର୍ଯ୍ୟକୁ ରୋକିବା ପାଇଁ କର୍ତ୍ତୃପକ୍ଷ ସିସିଟିଭି କ୍ୟାମେରା ଦ୍ୱାରା ନଜର ରଖିବା ସହିତ କଠୋର ଦଣ୍ଡର ବ୍ୟବସ୍ଥା କରିବା ଆବଶ୍ୟକ। ଏଥିସହିତ ଐତିହ୍ୟ ସ୍ଥାନ ସଂରକ୍ଷଣର ଗୁରୁତ୍ୱ ଉପରେ ସାଇନେଜ୍ ଏବଂ ଏ ଦିଗରେ ଜନସଚେତନତା ବୃଦ୍ଧି କରିବା ଉଚିତ। ଫଳରେ ଆମେ ଏହି ଐତିହ୍ୟ ଶିଳଲେଖ ଗୁଡ଼ିକୁ ସୁରକ୍ଷିତ ରଖିପାରିବା ବୋଲି ଐତିହ୍ୟ ଗବେଷକ ଦୀପକ କୁମାର ନାୟକ କହିଛନ୍ତି।




ସେହିପରି ପର୍ଯ୍ୟଟକଙ୍କ ମତରେ ଓଡ଼ିଶାର ଭାସ୍କର୍ଯ୍ୟ କଳା ସାରା ବିଶ୍ୱରେ ପରିଚିତ। ଖଣ୍ଡଗିରି ଓ ଉଦୟଗିରିର ଗୁମ୍ଫାକୁ ପରିବାର ସହିତ ବୁଲିବାକୁ ଆସିଥିଲି। ଏହି ପ୍ରାଚୀନ ପଥର ଗୁମ୍ଫାରେ ଦେଖିବାକୁ ମିଳିଲା ଯେ ପୁରାତନ ପଥର ଖୋଦିତ ଶିଳାରେ ବିଭିନ୍ନ ପ୍ରକାର ଆଧୁନିକ ରଙ୍ଗ ତୁଳୀରେ ପ୍ରେମୀ ଯୁଗଳଙ୍କ ନାଁ ସହ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ବ୍ୟକ୍ତିଗତ ବାର୍ତ୍ତା ଲେଖାଯାଇଛି। ଯାହାକି ଅତ୍ୟନ୍ତ ନିନ୍ଦନୀୟ। ଆମ ସମସ୍ତଙ୍କର ଦାୟିତ୍ୱ ହେଉଛି ଆମ ଐତିହ୍ୟର ସୁରକ୍ଷା କରିବା। ପ୍ରଶାସନ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଇ ପୁରାତନ ପଥର ଉପରେ ବର୍ତ୍ତମାନ ସମୟରେ ଲେଖା ହୋଇଥିବା କିମ୍ବା ଖୋଦେଇ ହୋଇଥିବା ଲେଖାଗୁଡ଼ିକୁ ହଟାଇ ପୂର୍ବ ଐତିହ୍ୟକୁ ସୁରକ୍ଷା କରିବା।

# ବାଲି ଉଠାଣ ପାଇଁ ନଦୀରେ ବନ୍ଧ ନିର୍ମାଣ



ଯୁଗ୍ମ କମିଟିର ତଦନ୍ତ

ପରଜଙ୍ଗ,୧୯ ।୫(ସମିସ): ପରଜଙ୍ଗ ତହସିଲ ସରାଙ୍ଗ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ଜଟିଆ ଗ୍ରାମ ବ୍ରାହ୍ମଣୀ ନଦୀ ଗର୍ଭରେ ବନ୍ଧ ନିର୍ମାଣ କରାଯାଇ ଜଳସ୍ରୋତକୁ ରୋକାଯାଇ ୩ଟି ଏକ୍ସାଭେଟର ସାହାଯ୍ୟରେ ବାଲି ଉଠାଣ କରାଯାଉଥିଲା। ଅଭିଯୋଗ ପାଇ ସୋମବାର ପରଜଙ୍ଗ ଅତିରିକ୍ତ ତହସିଲଦାର ମଦନମୋହନ ଜେନାଙ୍କ ନେତୃତ୍ୱରେ ଏକ ଯୁଗ୍ମ କମିଟି କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି। ତାଳଚେର ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ଅଧୀନ ସଙ୍କପଡ଼ା (କ) ବାଲିଘାଟରୁ ବାଲି ଉତ୍ତୋଳନ ପାଇଁ ନିଲାମଧାରୀ ଏକ୍ସାଭେଟର ସାହାଯ୍ୟରେ ପରଜଙ୍ଗ ତହସିଲ ଅଞ୍ଚଳରେ ବ୍ରାହ୍ମଣୀ ନଦୀର କିଛି ସ୍ଥାନରେ ବିରାଟ ବନ୍ଧ ନିର୍ମାଣ କରୁଥିବା ତହସିଲ କାର୍ଯ୍ୟାଳୟରେ ଅଭିଯୋଗ ହୋଇଥିଲା। ଏକୁ ନେଇ ଅତିରିକ୍ତ ତହସିଲଦାର ଜେନା, ଢେଙ୍କାନାଳ ଜିଲ୍ଲା ଖଣି ଅଧିକାରୀ, ସରାଙ୍ଗ ଫାଣ୍ଡି ପୁଲିସ, ତହସିଲ କାର୍ଯ୍ୟାଳୟର ପରିଦର୍ଶକ, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମିଳିତଭାବେ ବ୍ରାହ୍ମଣୀ ନଦୀକୁ ଯାଇ ତଦନ୍ତ କରିଛନ୍ତି। ତଦନ୍ତ ସମୟରେ ଉକ୍ତ ଏକ୍ସାଭେଟରଗୁଡ଼ିକ ତାଳଚେର ରାଜସ୍ୱ ଅଞ୍ଚଳରେ ନଦୀବନ୍ଧ ନିର୍ମାଣ କରୁଥିବାରୁ ଏନେଇ ରିପୋର୍ଟ ପ୍ରସ୍ତୁତ କରାଯାଇ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ଏନେଇ ଅତିରିକ୍ତ ତହସିଲଦାର କହିଛନ୍ତି। ବନ୍ଧ ନିର୍ମାଣ ଫଳରେ ଜଳସ୍ରୋତ ଗତିପଥ ପରିବର୍ତ୍ତନ ହେବା ଆଶଙ୍କା ରହିଛି। ପରଜଙ୍ଗ ରାଜସ୍ୱ ବିଭାଗ ଅଞ୍ଚଳରେ ବାଲି ଖନନ କିମ୍ବା ନଦୀବନ୍ଧ ନିର୍ମାଣ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଢେଙ୍କାନାଳ ଜିଲ୍ଲା ଖଣି ଅଧିକାରୀ ଡମ୍ବୁରୁଧର ମହନ୍ତ କହିଛନ୍ତି ଏ ସଂକ୍ରାନ୍ତରେ ଅନୁଗୋଳ ଜିଲ୍ଲା ଖଣି ଅଧିକାରୀଙ୍କୁ ଅବଗତ କରାଯାଇଛି। ପୂର୍ବରୁ ବ୍ରାହ୍ମଣୀ ପୋଲ ନିର୍ମାଣ କରୁଥିବା ଠିକାସଂସ୍ଥା ନଦୀରେ କୃତ୍ରିମ ରାସ୍ତା ନିର୍ମାଣ କରି କାର୍ଯ୍ୟ କରୁଥିବା ବେଳେ କାର୍ଯ୍ୟ ସରିବା ପରେ ଉକ୍ତ ରାସ୍ତାକୁ ନ କାଟି ଛାଡ଼ି ଚାଲିଯାଇଛି। ଫଳରେ ନଦୀ କୂଳ ଖାଇଛି। ଉକ୍ତ ବାଲିଘାଟରୁ ବାଲି ଉତ୍ତୋଳନ ପାଇଁ ଅନୁଗୋଳ ଶାଖା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ବ୍ରାହ୍ମଣୀ ପୋଲଠାରୁ ୨-୫ ଶହ ମିଟର ଦୂରରୁ ବାଲି ଉତ୍ତୋଳନ ପାଇଁ ଅନୁମତି ଦିଆଯାଇଥିଲେ ମଧ୍ୟ ସମସ୍ତ ନିୟମକୁ ବେଖାତିରି କରି ନିଲାମଧାରୀ ବ୍ରାହ୍ମଣୀ ପୋଲ ତଳେ ରାସ୍ତା ନିର୍ମାଣ କରି ବାଲି ଉତ୍ତୋଳନ ପାଇଁ ଯୋଜନା କରୁଛନ୍ତି। ଏଥିପ୍ରତି ଜିଲ୍ଲାପାଳ ଓ ଖଣି ବିଭାଗ ଦୃଷ୍ଟି ଦେଇ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ନଦୀ ଗର୍ଭରେ ରାସ୍ତା ଓ ବନ୍ଧକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

# ଜନସୁରକ୍ଷା ପରିଷଦର ବୈଠକ



ଢେଙ୍କାନାଳ,୧୯ ।୫(ସମିସ): ସ୍ଥାନୀୟ ଗାନ୍ଧୀମନ୍ଦିର ରୋଡ୍‌ସ୍ଥିତ ବାଣୀବିହାର କମ୍ପ୍ୟୁଟର ସେଣ୍ଟରରେ ଢେଙ୍କାନାଳ ଜନସୁରକ୍ଷା ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା କବି ବାହାଦୁର ପାଟସାହାଣୀ ଅଧ୍ୟକ୍ଷତା କରିଥିଲେ। ଡ. ସମୀର ସାହୁ, ଡ. ପ୍ରମୋଦ ନାୟକ, ସମାଜସେବୀ ମଥୁରୀ କୁମାର ସାହୁ, ଅଧ୍ୟାପକ କ୍ଷୀରୋଦ କୁମାର ନାୟକ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ଜିଲ୍ଲା ସଭାପତି ସମାଜସେବୀ ବିନାୟକ ପ୍ରସାଦ ଶତପଥୀ ଅନୁଷ୍ଠାନ କିପରି ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସୁଛି ସେ ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ସ୍ୱାଗତ କରାଯାଇ ଅନୁଷ୍ଠାନ କିପରି ଆଗକୁ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବାରେ ସହାୟକ ହୋଇପାରିବ ଏବଂ ଜିଲ୍ଲାର ବିଭିନ୍ନ ଲୋକ କଲ୍ୟାଣକାରୀ କାର୍ଯ୍ୟକ୍ରମ ଗ୍ରହଣ କରିପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଡ. ସମୀର କୁମାର ସାହୁଙ୍କୁ ଅନୁଷ୍ଠାନର ନୂତନ ସାଧାରଣ ସମ୍ପାଦକ ଓ ଆଇନଜୀବୀ ବେଣୁଧର ମହାରଣାଙ୍କୁ ଆଇନ ପରାମର୍ଶଦାତା ଭାବେ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ଈଶ୍ୱର ଚନ୍ଦ୍ର ମୁଦୁଲି, ଲଳିତ ମୋହନ ବେହେରା, ଚନ୍ଦ୍ରମଣି ନାୟକ, ସାଗିର ମହମ୍ମଦ, ପବିତ୍ର ମହାରଣା, ପୂର୍ବତନ ଉପଦେଷ୍ଟା ଆଇନଜୀବୀ ପ୍ରମୋଦ କୁମାର ମିଶ୍ର, ରାମଚନ୍ଦ୍ର ଦେବତା, ଅନୱାର ମହମ୍ମଦ, ଭଗବତୀ ସାହୁ, ମହେଶ୍ୱର ସାମଲ, ସଚ୍ଚିଦାନନ୍ଦ ସିଂହ, ଫକୀର ମୋହନ ସାହୁ, ପ୍ରଶାନ୍ତ କୁମାର ମିଶ୍ର ଓ ଗିରୀଶ ଚନ୍ଦ୍ର ମହାଲିକ ପ୍ରମୁଖ ସଭ୍ୟ ଏଥିରେ ଯୋଗଦେଇଥିଲେ। ଅନୁଷ୍ଠାନର ଉପସଭାପତି ସୟଦ ସଫିର୍ ଅଲ୍ଲୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ଗୋରୁ ବୋଝେଇ ଗାଡ଼ି ଜବତ

ଗଁଦିଆ,୧୯ ।୫(ସମିସ): ବେଆଇନ ଭାବେ ଚାଲାଣ ହେଉଥିବା ଏକ ଗୋରୁ ବୋଝେଇ ଗାଡ଼ିକୁ ଗଁଦିଆ ଥାନା ପୁଲିସ ଜବତ କରିଛି। ସଦର ଥାନା ଚାଉଳିଆ ଗ୍ରାମଠାରୁ ଏକ ପିକଅପ ଗାଡ଼ିରେ ୮ଟି ଗୋରୁଙ୍କୁ ଜିଲ୍ଲା ବାହାରକୁ ଚାଲାଣ ହେଉଥିବା ବଜରଙ୍ଗ ଦଳ ପକ୍ଷରୁ ପୁଲିସକୁ ସୂଚନା ଦିଆଯାଇଥିଲା। ପୁଲିସ ଉକ୍ତ ଗାଡ଼ିକୁ ପିଛା କରି ଭୋର ୪ଟାରେ କପିଳାସ ଛକରେ ଧରି ଗଁଦିଆ ଥାନାକୁ ଆଣିଥିଲା।



ତେବେ ଗାଡ଼ି ଚାଳକ ଓ ହେଲପର ଫେରାର ହୋଇଯାଇଥିଲେ। ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗାଈଗୁଡ଼ିକୁ ଉଦ୍ଧାର କରି ସ୍ଥାନୀୟ ଗୋଶାଳରେ ଛଡ଼ାଯାଇଛି।

# ପ୍ରେସ କ୍ଲବ ପାଇଁ ଜାଗା ନିମନ୍ତେ ଦାବିପତ୍ର

ଗଁଦିଆ,୧୯ ।୫(ସମିସ): ଗଁଦିଆ ବ୍ଲକରେ ୨୦୦୮ ରେ କିଛି ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଗଢ଼ିଉଠିଥିଲା ଗଁଦିଆ ପ୍ରେସ କ୍ଲବ। କିନ୍ତୁ ଆଜିପର୍ଯ୍ୟନ୍ତ ଏହି ସଂଘର ନିଜସ୍ୱ ଗୃହ ନ ଥିବାରୁ



ସଂଘର ବୈଠକଟିଏ କରିବା ନିମନ୍ତେ ଅନେକ ଅସୁବିଧା ସୃଷ୍ଟି ହେଉଛି। ବର୍ତ୍ତମାନ ଏହି ସଂଘର କଳେବର ବୃଦ୍ଧି ପାଇ ୩୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ସଂଘର ସଦସ୍ୟ ହେଲାଣି। କିନ୍ତୁ ସଂଘ କାର୍ଯ୍ୟାଳୟ ପାଇଁ ଦୀର୍ଘଦିନ ଧରି ଜାଗା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ତହସିଲକୁ ଜଣାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରି ନାହିଁ। ଏ ନେଇ ସୋମବାର ଅନୁଷ୍ଠିତ ସଂଘର ସାଧାରଣ ପରିଷଦ ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ମହେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଉପ ସଭାପତି ବାଦଲ କୁମାର ମହାନ୍ତି, ସୁଦାମ କୁମାର ସାହୁ, ପୁଷ୍ପଲତା ସାମଲ, ଅକ୍ଷୟ କୁମାର ପାତ୍ର ଓ ସୌମ୍ୟରଞ୍ଜନ ମହାନ୍ତି ମିଳିତ ଭାବେ ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାପାତ୍ରଙ୍କୁ ଲିଖିତ ଭାବେ ଜଣାଇବା ସହିତ ଦାବି ଉପସ୍ଥାପନ କରିଛନ୍ତି।

# ପିକଅପ୍ ଭ୍ୟାନ ଦୁର୍ଘଟଣାଗ୍ରସ୍ତ

ପରଜଙ୍ଗ,୧୯ ।୫(ସମିସ): ପରଜଙ୍ଗ ଥାନା ପଡ଼ାତିରା ବଡ଼ କମର ପୂର୍ତ୍ତ ବିଭାଗ ରାସ୍ତାର କନ୍ଦରସିଂହା ପଞ୍ଚାୟତ ଖଳିବାହାଳଠାରେ ଏକ ପିକଅପ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଭ୍ୟାନର ଡ୍ରାଇଭର ଓ ହେଲ୍‌ପର ଆହତ ହୋଇଛନ୍ତି। ସୋମବାର ସକାଳ ୭ଟାରେ ପିକଅପ୍ ଭ୍ୟାନ୍ ଅନୁଗୋଳରୁ ପାଉଁରୁଟି ନେଇ ଲୋଧଣୀ ଗ୍ରାମକୁ ଯାଇ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଗଛରେ ଧକ୍କା ହୋଇଥିଲା।



■ ସାତକୋଶିଆ ଗଣ୍ଡ

# ଅଣ୍ଡାରୁ ଫୁଟିଲେ ୨୯ ଘଡ଼ିଆଳ ଶାବକ

ଅନୁଗୋଳ,୧୯ ।୫(ସମିସ): ମହାନଦୀର ସାତକୋଶିଆ ଗଣ୍ଡରେ ଚଳିତ ବର୍ଷ ପୁଣି ଥରେ ଅଣ୍ଡାରୁ ବାହାରିଛନ୍ତି ୨୯ଟି ଘଡ଼ିଆଳ ଶାବକ। ଗଣ୍ଡରେ ମା' ଘଡ଼ିଆଳ ସହ ୨୯ଟି ଶାବକ ପାଣିରେ ଖେଳୁଥିବା ଦେଖାଯାଇଛି। ଦୀର୍ଘ ୫୦ ବର୍ଷ ପରେ ୨୦୨୧ ମେ ୨୨ରେ ପ୍ରଥମ ଥର ସାତକୋଶିଆ ଗଣ୍ଡର ବଳଦମଡ଼ାଠାରେ ୨୮ ଶାବକ ଅଣ୍ଡାରୁ ବାହାରିଥିଲେ। ସେହିପରି ୨୦୨୨ ମେ ୧୧ରେ ୩୦, ୨୦୨୩ ମେ ୨୫ରେ ୩୫ ଓ ୨୦୨୪ ମେ ୨୩ରେ ୩୫ଟି ଶାବକ ଅଣ୍ଡାରୁ ବାହାରିଥିଲେ। ଚଳିତ ବର୍ଷ ମେ ୧୮ ରେ ୨୯ଟି ଶାବକ ମା' ଘଡ଼ିଆଳ ସହ ଖେଳୁଥିବା ଦେଖାଯାଇଛି। ବର୍ତ୍ତମାନ ଛୁଆ ଫୁଟିଥିବା ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯିବା ସହ ୨୪ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏ ଅଞ୍ଚଳକୁ ଜନସାଧାରଣଙ୍କ ପ୍ରବେଶ ନିଷେଧ କରାଯାଇଛି।

# ସ୍ୱାଧୀନତା ସଂଗ୍ରାମୀ ମୂଷା ମଲ୍ଲିକଙ୍କ ଶ୍ରାଦ୍ଧଦିବସ ପାଳିତ



କାମାକ୍ଷାନଗର,୧୯ ।୫(ସମିସ): କାମାକ୍ଷାନଗର ଉପଖଣ୍ଡ ତଥା ଢେଙ୍କାନାଳ ଜିଲ୍ଲାର ମହାନ ସ୍ୱାଧୀନତା ସଂଗ୍ରାମୀ ମୂଷା ମଲ୍ଲିକଙ୍କ ଶ୍ରାଦ୍ଧଦିବସ ସୋମବାର ପାଳିତ ହୋଇଛି। ସ୍ଥାନୀୟ ବାଲିଗୋରଡ଼ ଉଚ୍ଚ ବିଦ୍ୟାଳୟରେ ଥିବା ମୂଷା ମଲ୍ଲିକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମରେ ମୂଷା ମଲ୍ଲିକଙ୍କ ଅବଦାନ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ମୂଷା ମଲ୍ଲିକଙ୍କ ଦାୟାଦ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଡ଼ଜାତ ଆନ୍ଦୋଳନରେ ମୂଷା ମଲ୍ଲିକଙ୍କ ଅବଦାନ ଓ ଗାନ୍ଧିଜୀଙ୍କ ନେତୃତ୍ୱରେ ସ୍ୱାଧୀନତା ପାଇଁ ସେ କରିଯାଇଥିବା ଅନେକ ଐତିହାସିକ ତଥ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଧର୍ମାନନ୍ଦ ମଲ୍ଲିକ, ମୂଷା ମଲ୍ଲିକ ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କାମାକ୍ଷାନଗର ଅଞ୍ଚଳର ବହୁ ଜନସାଧାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମୂଷା ମଲ୍ଲିକଙ୍କ ସ୍ମୃତିଚାରଣ କରିଥିଲେ।

# ନୂତନ ମାଉସୀମା' ମନ୍ଦିର ନିର୍ମାଣ ଲାଗି ପ୍ରସ୍ତୁତି ବୈଠକ

ପରଜଙ୍ଗ,୧୯ ।୫(ସମିସ): ଗଡ଼ପରଜଙ୍ଗ ଗ୍ରାମ ଚଉପାଢ଼ୀ ପ୍ରାଙ୍ଗଣରେ ଥିବା ପତିତପାବନ ମନ୍ଦିରରେ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଥାଏ। ମନ୍ଦିର ସମ୍ମୁଖରୁ ରଥଟଣା ଆରମ୍ଭ ହୋଇ ବଜାର ମଧ୍ୟରେ ରହିଥିବା ମାଉସୀମା' ମନ୍ଦିର ପର୍ଯ୍ୟନ୍ତ ଯାଇଥାଏ। ତେବେ ଆଜକୁ ପ୍ରାୟ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ମାଉସୀମା' ମନ୍ଦିର ଓ କେତେକ ଦୋକାନ ଘର ଭଙ୍ଗାଯାଇ ନୂତନ ଭାବେ ନିର୍ମିତ ହେଉଥିବା ବସଷ୍ଟାଣ୍ଡ ସହିତ ମିଶ୍ରଣ କରାଯାଇଛି। ଫଳରେ ମାଉସୀମା' ମନ୍ଦିର ନ ଥିବାରୁ ତିନି ଠାକୁରଙ୍କୁ ୯ ଦିନ ଧରି ଏଠିସେଠି ପୂଜା କରାଯାଇ ବାହୁଡ଼ା ଯାତ୍ରାରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ବଜାର ନିକଟରେ ଠାକୁରଙ୍କ ନାମରେ ରହିଥିବା ଜମିରେ ସ୍ଥାୟୀ ମାଉସୀମା' ମନ୍ଦିର ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ରବିବାର ସାଧୁ ଗୋଷ୍ଠୀ ପ୍ରାଙ୍ଗଣରେ ଗ୍ରାମ୍ୟ କମିଟି ସଭାପତି ଶାନ୍ତନୁ କୁମାର ସାମଲଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ନୂତନ ମାଉସୀମା' ମନ୍ଦିର ନିର୍ମାଣ କିପରି ସୁରୁଖୁରୁରେ ହେବ ସେ ଉପରେ ଆଲୋଚନା କରାଯାଇଥିଲା। ନୂତନ ମନ୍ଦିର ନିର୍ମାଣ ପାଇଁ ଗ୍ରାମ୍ୟ କମିଟି ସଭାପତି ସାମଲ ଗ୍ରାମବାସୀ ତଥା ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସହାୟତା ଲୋଡ଼ିଛନ୍ତି।

# କମ୍ପ୍ୟୁଟର ଶିକ୍ଷା ସଚେତନତା କାର୍ଯ୍ୟକ୍ରମ




ଢେଙ୍କାନାଳ,୧୯ ।୫(ସମିସ): ସ୍ଥାନୀୟ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ଶିକ୍ଷା ଓ ପ୍ରଶିକ୍ଷଣ ବିକାଶ ସମିତି (ଶିକ୍ଷା) ତରଫରୁ କମ୍ପ୍ୟୁଟର ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ମୀନାବଜାରରେ ଅବସ୍ଥିତ ବାଣୀବିହାର କମ୍ପ୍ୟୁଟର ସେଣ୍ଟର ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ସାହିତ୍ୟିକ ପ୍ରଫେସର ପ୍ରମୋଦ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କମ୍ପ୍ୟୁଟର ଶିକ୍ଷାର ମହତ୍ତ୍ୱ ଓ ଆଞ୍ଚଳିକ ଭାଷାରେ କମ୍ପ୍ୟୁଟରର ବ୍ୟାବହାରିକ ଜ୍ଞାନ ବିଷୟରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ନେହରୁ ଯୁବକେନ୍ଦ୍ର ଅଧିକାରୀ ଶଶାଙ୍କ ଶେଖର ମହାପାତ୍ର ଯୋଗଦେଇ କମ୍ପ୍ୟୁଟର ଶିକ୍ଷାପ୍ରାପ୍ତ ହେବା ଦ୍ୱାରା ନିଯୁକ୍ତି ଓ ସ୍ୱରୋଜଗାରର ବିଭିନ୍ନ ସୁଯୋଗ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୌମ୍ୟବ୍ରତ ସାହୁ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସ୍ତମ୍ଭକାର ସୟଦ ସଫିର ଅଲ୍ଲି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଦେଶ ମାତୃକାର ସେବାରେ ନିଜକୁ ବ୍ରତୀ କରିଥିବା ଦଶଜଣ ବୀର ସୈନିକଙ୍କ ପରିବାରର ଯେକୌଣସି ସଦସ୍ୟଙ୍କୁ 'ଶିକ୍ଷା' ତରଫରୁ ସମ୍ପୂର୍ଣ୍ଣ ମାଗଣାରେ କମ୍ପ୍ୟୁଟର ପ୍ରଶିକ୍ଷଣ ନିମନ୍ତେ ଚୟନ କରାଯିବ ବୋଲି ଘୋଷଣା କରିଥିଲେ। ମୁଖ୍ୟ ପ୍ରଶିକ୍ଷିକା ବିଷ୍ଣୁପ୍ରିୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ରାଜେନ୍ଦ୍ର ଦେବତା, ସନ୍ଦିପ କର, ଅମ୍ରିତା ମିଶ୍ର, ଶକ୍ତିପ୍ରସାଦ ବେହେରା, ମହାଦେବ ମଲ୍ଲିକ, ସାଇଦର୍ଶନ ପ୍ରମୁଖ ସହଯୋଗ କରିଥିଲେ।

# ସିଙ୍ଗରେଣୀ କୋଇଲା ଖଣି ପାଇଁ ଗଛକଟାକୁ ବିରୋଧ

ଛେଣ୍ଡିପଦା,୧୯ ।୫(ସମିସ): ସିଙ୍ଗରେଣୀ କୋଇଲା ଖଣି ପାଇଁ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ ଛେଣ୍ଡିପଦା ସଂରକ୍ଷିତ ଜଙ୍ଗଲରେ ଗଛକଟା ଚାଲିଥିବା ବେଳେ ଥାଳିପଶି ଓ କରଡ଼ାବାହାଳ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିଛନ୍ତି। ଗଛକଟାରେ ବ୍ୟବହୃତ ମେସିନକୁ ଲୋକେ ଛଡ଼ାଇ ନେଇଥିଲେ। ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଛେଣ୍ଡିପଦା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା ଜାରି ରଖିଛି। ସୂଚନାଯୋଗ୍ୟ, ଛେଣ୍ଡିପଦା ବ୍ଲକରେ ନୟନୀ କୋଇଲା ଖଣି ପାଇଁ ସୋମବାର କମ୍ପାନୀ କର୍ତ୍ତୃପକ୍ଷ ଥାଳିପଶି ଓ କରଡ଼ାବାହାଳ ବନ ସଂରକ୍ଷଣ ସମିତି ଅଧୀନରେ ଥିବା ୧୧୬ ହେକ୍ଟର ଜଙ୍ଗଲକୁ ଗ୍ରାମବାସୀଙ୍କ ସହ ଆଲୋଚନା ନ କରି କାଟୁଥିଲେ। ଶତାଧିକ ଗ୍ରାମବାସୀ ସେଠାରେ ପହଞ୍ଚି ବିରୋଧ କରିବା ସହ ୭ଟି ଗଛକଟା ମେସିନ ଛଡ଼ାଇ ଆଣିଥିଲେ। ପୁଲିସ ପହଞ୍ଚି ଉକ୍ତ ମେସିନ ଉଦ୍ଧାର କରିବା ସହ ଆଲୋଚନା କରୁଛି।

■ ଜଳ-ଜୀବନ-ଜଗନ୍ନାଥ: ସୃଷ୍ଟିର ମୂଳତତ୍ତ୍ୱ

# ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ପରିବାରର ଆଲୋଚନାଚକ୍ର



ଢେଙ୍କାନାଳ,୧୯ ।୫(ସମିସ): ସମ୍ପ୍ରତି ସଙ୍କଟମୟ ପରିସ୍ଥିତିକୁ ସାମନା କରିବା ପାଇଁ ଜଳ-ଜୀବନ-ଜଗନ୍ନାଥ ଏହି ୩ ସୃଷ୍ଟିର ମୂଳତତ୍ତ୍ୱ ସମ୍ପର୍କରେ ସ୍ଥାନୀୟ ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ପରିବାର ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ସିଦ୍ଧ ଶ୍ରୀକ୍ଷେତ୍ର ପରିକ୍ରମାର ମୁଖ୍ୟ ସଂଯୋଜକ ଅବନୀ କୁମାର ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସିଆରିଆ ମଠର ମଠାଧୀଶ ସଦାନନ୍ଦ ଦାଶ ମହାରାଜ ଯୋଗଦେଇ କହିଲେ, କଳିଯୁଗରେ ବର୍ତ୍ତମାନ ନୀତି, ନୈତିକତା, ଆଚାର ବ୍ୟବହାର ଏବଂ ସଂସ୍କାରର ଅଭାବ ପରିଲକ୍ଷିତ ହେଉଥିବାରୁ ଆମେ ବସ୍ତୁବାଦୀ ଏବଂ ସ୍ୱାର୍ଥବାଦୀ ହୋଇପଡ଼ିଛୁ। ଫଳରେ ଭଲମନ୍ଦ ବିଚାରବୋଧ ହ୍ରାସ ପାଉଛି। ସମ୍ପ୍ରତି ଜଳ, ଜୀବନ ଏବଂ ଜଗନ୍ନାଥ ଯାହାକି ଆମର ତ୍ରାଣ ପ୍ରାଣର ମୂଳଆଧାର। ସେଥିରେ ଶୁଦ୍ଧତା ଏବଂ ସୁରକ୍ଷା ପରିଲକ୍ଷିତ ହେଉଥିବାରୁ ଏହାକୁ ପୂର୍ଣ୍ଣ ପ୍ରାଣରେ ସୁରକ୍ଷିତ ରଖିବା ପାଇଁ ଜନ ସଚେତନତା ଆବଶ୍ୟକ ବୋଲି କହିଥିଲେ। ଏକ ସୁସ୍ଥ ଏବଂ ଆନନ୍ଦମୟ ଜୀବନ ଜିଇଁବାକୁ ହେଲେ ଜଳ ବିନା ଜୀବନ ନାହିଁ ଏବଂ ଜଗନ୍ନାଥଙ୍କ ବିନା ମଧ୍ୟ ଜୀବନରେ ଆନନ୍ଦ ନାହିଁ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍ଯ୍ୟରତ୍ନ ଚକ୍ରଧର, ବରିଷ୍ଠ ଆଇନଜୀବୀ ଦୀପ୍ତୀଶ ପଟ୍ଟନାୟକ, ଶୈଳବାଳା ମିଶ୍ର, ପୁରୁଷୋତ୍ତମ ନନ୍ଦ, ରାଧାନାଥ ରଥ, ଶେଷଦେବ ରାଉତ, କମଳ କୁମାର ନନ୍ଦ, ଅରୁଣୋଦୟ ରାଉଳ, କୈଳାସ ଚନ୍ଦ୍ର ରାଉତ, ଶରତ କୁମାର ବେହେରା ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ଶରୀର ଭିତରେ ଜଳ, ଜୀବନ ଏବଂ ଜଗନ୍ନାଥ ରହିଛନ୍ତି। ତେଣୁ ଏହି ୩ଙ୍କ ସୁରକ୍ଷା ଏବଂ ଶୁଦ୍ଧତା ଶରୀର ଓ ମନକୁ ଆନନ୍ଦ ପ୍ରଦାନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। କଣ୍ଠଶିଳ୍ପୀ ଅକ୍ଷୟ ନାୟକ ଭାବନା ପରିବେଷଣ କରିଥିବା ବେଳେ କବି ନିର୍ମଳା ମହାପାତ୍ର ଜଳ ଜୀବନ ଜଗନ୍ନାଥକୁ ନେଇ କବିତା ପାଠ କରିଥିଲେ। ଶ୍ରୀକ୍ଷେତ୍ର ଭଉଁରୀଠାରୁ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ତରରେ ଜନ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ମୁଖ୍ୟ ସଂଯୋଜକ ମିଶ୍ର ସୂଚନା ଦେଇଛନ୍ତି।

# ପରକୀୟା ପ୍ରୀତି ସନ୍ଦେହ; ତଣ୍ଟିକାଟି ସ୍ତ୍ରୀକୁ ହତ୍ୟା

ଅନୁଗୋଳ,୧୯ ।୫(ସମିସ): ମାତ୍ର ୬ ମାସ ତଳେ ବିବାହ କରିଥିଲେ। ତେବେ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ଧାରୁଆ ଅସ୍ତ୍ରରେ ତଣ୍ଟି କାଟି ଅତି ବୀଭତ୍ସ ଭାବେ ହତ୍ୟା କରିଛି ପିଶାଚ ସ୍ୱାମୀ। ଏ ନେଇ ମୃତକଙ୍କ ସାନ ଭାଉଣୀ ଦେବକୀ ପଧାନ ଅନୁଗୋଳ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ଅଭିଯୁକ୍ତକୁ ଗିରଫ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ପୁଲିସ ସୂଚନା ମୁତାବକ ପୁରୁଣାକୋଟ ଥାନା ଗଞ୍ଜଡ଼ା ଗ୍ରାମର ଶ୍ରୀକାନ୍ତ ପଧାନ ଅନୁଗୋଳ ଶିକ୍ଷକପଡ଼ାରେ ଏକ ଦୋକାନରେ ହେଲପର ଭାବେ କାମ କରନ୍ତି। ସ୍ତ୍ରୀ ଜ୍ୟୋତ୍ସ୍ନାଙ୍କ ସହ ଏଠାରେ ଭଡ଼ା ଘରେ ରୁହନ୍ତି। ଦୁହେଁ ୬ମାସ ପୂର୍ବେ ବଇଁଣ୍ଡା ଶିବ ମନ୍ଦିରରେ ବିବାହ କରିଥିଲେ। ଜ୍ୟୋତ୍ସ୍ନା ମୋବାଇଲରେ ବେଶୀ ସମୟ କାହା ସହ କଥା ହେଉଥିବାରୁ ଶ୍ରୀକାନ୍ତଙ୍କର ସନ୍ଦେହ ସୃଷ୍ଟି ହୋଇଥିଲା। ଜ୍ୟୋତ୍ସ୍ନାଙ୍କର ପରକୀୟା ପ୍ରୀତି ରହିଥିବା ସେ ସନ୍ଦେହ କରୁଥିଲେ। ଶନିବାର ରାତି ପ୍ରାୟ ୧୦ଟାରେ ଶ୍ରୀକାନ୍ତ ଶ୍ରୀକାନ୍ତ କାମ ସାରି ଘରକୁ ଫେରିଲା ବେଳକୁ ଜ୍ୟୋତ୍ସ୍ନା ଘର ଛାତ ଉପରେ ମୋବାଇଲରେ କଥା ହେଉଥିଲେ। ଶ୍ରୀକାନ୍ତ ଏହାକୁ ବାରଣ କରିବାରୁ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଶ୍ରୀକାନ୍ତ ଉତକ୍ଷିପ୍ତ ହୋଇ ପାଖରେ ଥିବା ଏକ ଠେଙ୍ଗାରେ ଜ୍ୟୋତ୍ସ୍ନାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଜ୍ୟୋତ୍ସ୍ନା ଗୁରୁତର ଅବସ୍ଥାରେ ସେଠାରେ ପଡ଼ିଯାଇଥିଲେ। ପରେ ଶ୍ରୀକାନ୍ତ ରୋଷେଇ ଘରୁ ଛୁରୀ ଆଣି ଜ୍ୟୋତ୍ସ୍ନାଙ୍କ ବେକକୁ ୩ ଥର କାଟି ଦେଇଥିଲେ। ଘଟଣାସ୍ଥଳରେ ଜ୍ୟୋତ୍ସ୍ନାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ଶ୍ରୀକାନ୍ତଙ୍କ ପୋଷାକରେ



ରକ୍ତଛିଟା ପଡ଼ିଥିଲା। ତେବେ ସେ ପୋଷାକ ବଦଳାଇ ହତ୍ୟାରେ ବ୍ୟବହୃତ ଛୁରୀ ଲୁଚାଇବା ପରେ ସେ କାମ କରୁଥିବା ଦୋକାନ ମାଲିକଙ୍କୁ ଘଟଣା ସମ୍ପର୍କରେ ଫୋନରେ ଅବଗତ କରାଇଥିଲେ। ରବିବାର ସକାଳେ ଜ୍ୟୋତ୍ସ୍ନାଙ୍କ ସାନ ଭଉଣୀ ଦେବକୀ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଇଟାଲିକୁ ୧୦ କ୍ୱିଣ୍ଟାଲ୍ ସ୍ୱାଦିଷ୍ଟ ଆମ୍ବ ରପ୍ତାନି

ଢେଙ୍କାନାଳ,୧୯ ।୫(ସମିସ):

ସଦର ବ୍ଲକ ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ପକ୍ଷରୁ ୧୦ କ୍ୱିଣ୍ଟାଲ୍ ସ୍ୱାଦିଷ୍ଟ ଆମ୍ରପଲ୍ଲି ଆମ୍ବ କୋଲକାତା ପଠାଯାଇଛି। ଏହି ଆମ୍ବକୁ ମଙ୍ଗଳବାର କୋଲକାତା ଇଣ୍ଟରନ୍ୟାସନାଲ୍ କାର୍ଗୋ ଟର୍ମିନାଲ୍‌ରୁ ସିଧାସଳଖ ଇଟାଲିକୁ ରପ୍ତାନୀ କରାଯିବ। କମ୍ପାନୀ ସଦସ୍ୟାମାନଙ୍କ ଦ୍ୱାରା ଏହି ଆମ୍ବଚାଷ କରାଯାଇଥିଲା।

ଗ୍ରାଣ୍ଟଥର୍ଟନ୍ ଭାରତ ଓ ଚ୍‌ଡିଏଫ୍‌ସି ବ୍ୟାଙ୍କ ପରିବର୍ତ୍ତନ ଦ୍ୱାରା ପରିଚାଳିତ ସାମାଜିକ ଏବଂ ପରିବର୍ତ୍ତନଶୀଳ ଗ୍ରାମୀଣ ଅର୍ଥନୈତିକ ସଶକ୍ତୀକରଣ ପ୍ରକଳ୍ପ ଅଧୀନରେ ୨୦୨୩ରେ ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀ ଗଠନ କରାଯାଇଥିଲା। ଏହି ପ୍ରକଳ୍ପ ଅଧୀନରେ ବଳଦେବଜୀଉ କମ୍ପାନୀ ମାଧ୍ୟମରେ ୩ ପଞ୍ଚାୟତର ୧୩ ଗ୍ରାମରେ ୫ ହଜାର ଚାଷୀଙ୍କ ଜୀବିକା ବୃଦ୍ଧି କରାଯିବା ସହ ସେମାନଙ୍କ ଆୟ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ କାର୍ଯ୍ୟରତ ରହିଛି। ଏହି ବଳଦେବଜୀଉ କମ୍ପାନୀ ବିଗତ ବର୍ଷରେ ୨ କ୍ୱିଣ୍ଟାଲ୍




ଆମ୍ରପଲ୍ଲି ଆମ୍ବ ଦୁବାଇକୁ ରପ୍ତାନୀ କରିଥିଲା ଓ ଆଗାମୀ ଦିନରେ ଏହି ବର୍ଷ ଅନ୍ୟ ଦେଶମାନଙ୍କୁ ଆମ୍ବ ରପ୍ତାନୀ କରିବା ପାଇଁ ଯୋଜନା କରିଛି। ଢେଙ୍କାନାଳର ସ୍ୱାଦିଷ୍ଟ ଆମ୍ବକୁ ଆପେଡ଼ା, ଉଦ୍ୟାନ ବିଭାଗ, ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ର, ଓ ଗ୍ରାଣ୍ଟଥର୍ଟନ ସହଯୋଗରେ ବଳଦେବଜୀଉ କମ୍ପାନୀ ଦ୍ୱାରା ଅନ୍ୟ ଦେଶକୁ ରପ୍ତାନୀ କରାଯାଉଛି। ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀରେ ବର୍ତ୍ତମାନ ସୁଦ୍ଧା ୧୦୧୦ଜଣ ଅଂଶୀଦାର (ଚାଷୀ) ଯୋଡ଼ି ହୋଇଛନ୍ତି। ଏହି ଆମ୍ବ ରପ୍ତାନୀ କାର୍ଯ୍ୟକ୍ରମରେ ଗ୍ରାଣ୍ଟଥର୍ଟନ ଭାରତ ତରଫରୁ କ୍ଲଷ୍ଟର ମ୍ୟାନେଜର ନାରାୟଣ ଖଟୁଆ ଉପସ୍ଥିତ ରହି ସୂଚାରୁ ରୂପେ ପରିଚାଳନା କରିଥିଲେ। ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ଜ୍ୟୋତିର୍ମୟୀ ପ୍ରଧାନ, ପଦ୍ମିନୀ ସାହୁ, ନିରୁପମା ବେହେରା, ନମିତା ରାଉତ, ଅଞ୍ଜଳି ବେହେରା, ପ୍ରିୟଦର୍ଶିନୀ ଭୋଳ, ସୌମ୍ୟରଞ୍ଜନ ଭୋଳ, ନିବାରଣ ଖଟୁଆ, ଲଳିତ ପ୍ରଧାନ, ସୁବାସ ଖଟୁଆ ସହଯୋଗ କରିଥିଲେ। କମ୍ପାନୀ ନିର୍ଦ୍ଦେଶିକା ଜ୍ୟୋତିର୍ମୟୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୧୫ ବର୍ଷ ଜେଲ

**ସମ୍ବଲପୁର, ୧୯।୫ (ସମିସ)** : ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଲାଷ ସେନାପତି ବୁର୍ଲା ଥାନା ଅଞ୍ଚଳର ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଅଭିଯୁକ୍ତ ନରେଶ ମିର୍ଦ୍ଧାକୁ ୧୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଅଭିଯୁକ୍ତ ଆଉ ୧ ବର୍ଷ ଜେଲଦଣ୍ଡ ଭୋଗିବ।

ସୂଚନାନୁଯାୟୀ, ଘଟଣାଟି ୨୦୨୩ ମସିହାରେ ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ଚିପିଲିମା ଅଞ୍ଚଳରେ ହୋଇଥିଲା। ଘଟଣା ଦିନ ପୀଡ଼ିତାର ବାପା, ମା' ଓ ବଡ଼ ଭଉଣୀ ସାପ୍ତାହିକ ବଜାରକୁ ଯାଇଥିଲେ। ୧୬ ବର୍ଷ ବୟସ୍କା ପିଡ଼ିତାର ଦେହ ଅସୁସ୍ଥ ଥିବାରୁ ସେ ଏକାକୀ ଘରେ ଥିଲା। ଏହାର ସୁଯୋଗରେ ଅଭିଯୁକ୍ତ ନରେଶ ମିର୍ଦ୍ଧା (୨୨) ପିଡ଼ିତାର ଘରେ ପଶି ଜୋରଜବରଦସ୍ତି ବଳାତ୍କାର କରିଥିଲା। ଏହି ସମୟରେ ପିଡ଼ିତାର ମା' ଘରକୁ ଫେରି ଘଟଣା ଦେଖିଥିବାବେଳେ ଅଭିଯୁକ୍ତ ପିଡ଼ିତାର ମା'କୁ ଧକ୍କା ମାରି ସେଠାରୁ ଫେରାର ହୋଇଯାଇଥିଲା। ପୀଡ଼ିତା ସବୁକଥା କାନ୍ଦି କାନ୍ଦି ମା'କୁ କହିଥିଲା। ଏନେଇ ପରିବାର ଲୋକେ ଚିପିଲିମା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ବୁର୍ଲା ଥାନାଧିକାରୀ କେସ ନଂ. ୪୫୯/୨୦୨୩ ତା ୮.୧୦.୨୦୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବାସହ ଅଭିଯୁକ୍ତକୁ ଗିରଫ କରିଥିଲେ। ପୁଲିସ ଅଭିଯୁକ୍ତ ନରେଶ ମିର୍ଦ୍ଧା ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ସ୍ୱତନ୍ତ୍ର ପୋକ୍‌ସୋ ବିଚାରପତି ୨୦ ଜଣଙ୍କ ସାକ୍ଷ୍ୟ ବୟାନ ଗ୍ରହଣ ଓ ତଥ୍ୟ ଆଧାରରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ବିଚାରପତି ଅଭିଲାଷ ସେନାପତି ଆଜି ଶୁଣାଣି କରି ୪ ପୋକ୍‌ସୋ ଆକ୍ଟରେ ଅଭିଯୁକ୍ତ ନରେଶ ମିର୍ଦ୍ଧାକୁ ୧୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବ। ସେହିପରି ଦଫା ୪୫୦ ଆଇପିସିରେ ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବ। ଉଭୟ ଦଣ୍ଡାଦେଶ ଏକସଙ୍ଗେ ସମାନ୍ତରାଳ ଭାବେ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଏହାସହିତ ପିଡ଼ିତାକୁ ଅନୁକମ୍ପା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ମାମଲାକୁ ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

## ଏନ୍‌ଏଚ୍‌ଏଆଇ ଅବହେଳାରୁ ଗଡ଼ୁଛି ଜୀବନ

# ଅଇଁଠାପାଲି ଛକରେ 'ଭିଡିଓ ଗେମ୍' ଭ୍ରମ

**ସମ୍ବଲପୁର, ୧୯।୫(ସମିସ)**

ଅଇଁଠପାଲି ଛକ ଦେଇ ଯିବା ପାଇଁ ଲୋକେ ଭୟଭୀତ। କେତେବେଳେ ଯେ ଦୁର୍ଘଟଣାର ଶିକାର ହେବେ ତାହାର କୌଣସି ଠିକଣା ନାହିଁ। ଏନ୍‌ଏଚ୍‌ଏଆଇ ଫ୍ଲାଏ ଓଭର ନିର୍ମାଣ କରୁଛି। କିନ୍ତୁ ଅବହେଳାରୁ ଜାତୀୟ ରାଜପଥ ୫୩ ଅଇଁଠାପାଲି ଛକ ବର୍ତ୍ତମାନ ମରଣଯନ୍ତା ସାଜିଛି। କେହି କେହି



ଅଇଁଠାପାଲିକୁ ଭିଡିଓ ଗେମ୍ ସହ ତୁଳନା କରୁଛନ୍ତି। ଭିଡିଓ ଗେମରେ ଯେପରି ଗାଡ଼ି ଚାଳନା କରିବାକୁ ପଡ଼ିଥାଏ। ବର୍ତ୍ତମାନ ଅଇଁଠାପାଲି ଛକରେ ସେହି ପରିସ୍ଥିତି ଦେଖାଦେଇଛି। ସୂଚନାଯୋଗ୍ୟ, ସମ୍ବଲପୁର ସହରର ପ୍ରମୁଖ ଅଇଁଠାପାଲି ଛକ ଦେଇ ପ୍ରତି ଦିନ ହଜାର ସଂଖ୍ୟାରେ ଗାଡ଼ି ଯିବା ଆସିବା କରୁଛି। ଅଇଁଠାପାଲି ଓ ତଳି ଛକର ପରିସ୍ଥିତି ଏବେ ଜଟିଳ ହୋଇ ପଡ଼ିଛି। ବର୍ତ୍ତମାନ ଅଇଁଠାପାଲି ଛକ ଦେଇ ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ଦୁଇ ଛକ ହେଉଛି ଜନଗହଳି ଛକ। କଲିକତା, ଛତିଶଗଡ଼, ବରଗଡ଼, ଝାରସୁଗୁଡ଼ା, ଦେବଗଡ଼, କଟକ, ଭୁବନେଶ୍ୱର ସମେତ ଅନେକ ସ୍ଥାନକୁ ଏହି ଛକ ଦେଇ ଗାଡ଼ି ଯାତାୟାତ କରୁଛି। କିନ୍ତୁ ଅଇଁଠାପାଲି ଛକ ଓ ମଦନାବତୀ ସ୍କୁଲ ଛକରେ ଉପଯୁକ୍ତ ବ୍ୟବସ୍ଥା ନାହିଁ। ଯେହେତୁ ଫ୍ଲାଏଓଭର କାର୍ଯ୍ୟ ଜାରି ରହିଛି, ତେଣୁ ମୁଖ୍ୟ ରାସ୍ତାରେ ଗାଡ଼ି ଯାତାୟତ ହେବାରେ ଅସମ୍ଭବ ରହିଛି। ଏଥିପାଇଁ ଉଭୟ ପାର୍ଶ୍ୱର ରାସ୍ତା ହିଁ ଭରସା ରହିଛି। ହେଲେ ବୁଲାଣି ପଏଣ୍ଟ ଗୁଡ଼ିକ ଠିକ୍ ଭାବେ ଡିଜାଇନ ହୋଇନାହିଁ। ଅଇଁଠାପାଲି ଛକ ପୂର୍ବରୁ ଭିଡିଓଗେମ୍ ଖେଳିବା ପରି ପଏଣ୍ଟ ଗୋଟାଏ ରହିଛି। ଉଭୟ ପାର୍ଶ୍ୱରୁ ହଜାର ହଜାର ଗାଡ଼ି ଅଲଗା ରାସ୍ତାରେ ଆସିବେ, କିନ୍ତୁ ଗୋଟାଏ ପଏଣ୍ଟ ବୁଲାଣି ଦେଇ ପୁଣି ସର୍ଭିସ ରୋଡ୍ ଦେଇ ଯିବେ। ସେହ ପଏଣ୍ଟରେ ବରଗଡ଼, ଦେବଗଡ଼, ଝାରସୁଗୁଡ଼ାର ଗାଡ଼ି ଏକା ସାଙ୍ଗରେ ବୁଲିବେ। ପୁଣି ସେପଟୁ ଅଇଁଠାପାଲି ବସଷ୍ଟାଣ୍ଡ, କାଇଁସର ରୋଡ ଓ ସହର ଭିତରୁ ଗାଡି ମଧ ବାହାରି ସେହି ପଏଣ୍ଟ ଦେଇ ଯିବେ। ବୁଲାଣି ସ୍ଥାନରେ ଯଥେଷ୍ଟ ପରିମାଣର ସ୍ଥାନ ରହିନାହିଁ। ସବୁ ପଟରୁ ଆସି ନିଜ ଜୀବନ ଓ ଗାଡ଼ିକୁ ବଞ୍ଚାଇ ସେହି ଛକ ପାର କରିବେ। ଟିକେ ଅସାବଧାନ ହେଲେ ଦୁର୍ଘଟଣାର ଶିକାର ମଧ ହେବ। ସେହପରି ତଳି ଛକ ଆଗରେ ସେହି ସମାନ ସ୍ଥିତି। ସବୁ ପଟରୁ ଗାଡ଼ି ଗୋଟାଏ ବୁଲାଣି ରାସ୍ତା ଦେଇ ଯିବେ। ରାସ୍ତାର ଏପରି ବ୍ୟତିକ୍ରମ ଡିଜାଇନ ପାଇଁ ପ୍ରାୟ ଦିନ ଦୁର୍ଘଟଣା ଘଟୁଛି। ଏହି ଚାରି ଦିନରେ ୨ଟି ଦୁର୍ଘଟଣା ଘଟିଛି। ସେଥିରୁ ଜଣେ ଆହତ ହେବା ସହ ଜଣଙ୍କ ମୃତ୍ୟୁ ହୋଇଛି। ଗତ ୧୬ ତାରିଖରେ ଦୁଇ ଟ୍ରକ ମୁହାଁ ମୁହିଁ ଧକ୍କା ହୋଇଥିଲେ। ଆଜି ସେହିପରି ଜଣେ ଡାକ୍ତରଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସହରରେ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟ ଚାଲିଛି। ସହରର ବିକାଶ ହେଉଛି। କିନ୍ତୁ ବିକାଶ ଆଳରେ ଲୋକଙ୍କ ଜୀବନ ଗଡ଼ୁଛି। ବ୍ୟବସ୍ଥିତ ରାସ୍ତା ଡିଜାଇନ ରହିନଥିବାରୁ ଏପରି ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ଏନଏଚଆଇ କର୍ତ୍ତୃପକ୍ଷ ଶୀଘ୍ର ଉପଯୁକ୍ତ ବ୍ୟବସ୍ଥା କରନ୍ତୁ ବୋଲି ଦାବି ହୋଇଛି।

**୪ଦିନରେ ୨ ଦୁର୍ଘଟଣା, ଜଣେ ମୃତ**

**ସୂତା ଖିଅରେ ଗାଡ଼ି ଚାଳନା**

**ଜୀବନ ନେଉଛି ଫ୍ଲାଏ ଓଭର୍ ନିର୍ମାଣ**

**ଗୋଟାଏ ପଏଣ୍ଟରେ ବୁଲୁଛି ଉଭୟପଟ ରାସ୍ତାର ଗାଡ଼ି**

**ଉପଯୁକ୍ତ ବ୍ୟବସ୍ଥା ନଥିବାରୁ ଆତଙ୍କିତ ଯାତ୍ରୀ**

## ଦୁର୍ଘଟଣା ପାଇଁ ଏନ୍‌ଏଚ୍‌ଏଆଇକୁ ଦାୟୀ କଲେ ରୋହିତ

ଏନ୍‌ଏଚଏଆଇ କର୍ତ୍ତୃପକ୍ଷ ଏବଂ ପ୍ରଶାସନର ଅବହେଳା ଯୋଗୁଁ ଏନ୍‌ଏଚ୍ ୫୩ ଅଇଁଠାପାଲି ରାସ୍ତାରେ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ଏନ୍‌ଏଚ୍ ୫୩ ର ସମ୍ପ୍ରସାରଣ ଫ୍ଲାଏ ଓଭର କାମ ଚାଲିଥିବା ବେଳେ ଅଇଁଠାପାଲି ଛକ ଏବଂ ଆଖପାଖ ଅଞ୍ଚଳ ବ୍ୟସ୍ତବହୁଳ ରହୁଥିବା ବେଳେ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ବିଭିନ୍ନ ସାମଗ୍ରୀ ଏଣେ ତେଣେ ପଡୁଛି। ଏଥି ସହିତ ଏହି ରାସ୍ତାରେ ବହୁ ମାତ୍ରାରେ ଭାରି ଯାନ, କଳକାରଖାନାର ବାର୍ଯ୍ୟ ପାଉଁଶ ବୋଝେଇ ଯାନ ସହ ଯାତ୍ରୀବାହି ଯାନ ମାନ ଚଳାଚଳ କରୁଥିବାରୁ ଧୂଳି କଣିକା ମଧ ପ୍ରଚଣ୍ଡ ମାତ୍ରାରେ ଉଡୁଥିବା ଯୋଗୁଁ ବିଭିନ୍ନ ଯାନବାହାନ ଚାଳକ ଏବଂ ଯାତ୍ରୀ ଏହାଦ୍ୱାରା କ୍ଷତିଗ୍ରସ୍ତ ହେଉଛନ୍ତି। ଏହା ସହ ସବୁଠୁ ଗୁରୁତ୍ୱପୁର୍ଣ ବିଷୟ ହେଲା ଏଠାରେ ରାସ୍ତା ନିର୍ମାଣ କାମ ଚାଲୁଥିବା ସମୟରେ ଯାହା ସବୁ ଯାତ୍ରୀ ଏବଂ ଯାନବାହାନ ଚାଳକଙ୍କ ସୂଚନା ନିମନ୍ତେ ପର୍ଯ୍ୟାପ୍ତ ପରିମାଣରେ ଟ୍ରାଫିକ ସଂକେତ, ସୂଚନା ଫଳକ ଦରକାର ସେ ସବୁର ଅଭାବ ରହୁଛି। ଯାହାର ଫଳସ୍ୱରୁପ ବିଭିନ୍ନ ସମୟରେ ପୂର୍ବୋକ୍ତ ଛକ ପାଖାପାଖି ଦୁର୍ଘଟଣା ମାନ ଘଟୁଛି। ତେଣୁ ସେ ଏନଏଚଆଇକୁ ଦାୟୀ କରିଛନ୍ତି। ଏନଏଚଆଇ ଅବହେଳା ପାଇଁ ଆଜି ଇଏନ୍‌ଟି ଚିକିତ୍ସକ ଓ ପୂର୍ବତନ ଏଡିଏମଓ ତଥା ସ୍ୱଳ୍ପ ସମୟ ପାଇଁ ସମ୍ବଲପୁର ଜିଲ୍ଲାର ଭାରପ୍ରାପ୍ତ ସିଡିଏମଓ ଭାବରେ ଦାୟିତ୍ୱ ନେଇଥିବା ଡାକ୍ତର ଭରତ ଚନ୍ଦ୍ର ଦାସ ଆଜି ପୂର୍ବୋକ୍ତ ଜାଗାରେ ଦୁର୍ଘଟଣାର ଶୀକାର ହୋଇ ସ୍ୱର୍ଗପ୍ରାପ୍ତି କରିଛନ୍ତି। ଏଥି ସହିତ ଯାତ୍ରୀ ତଥା ଯାନବାହନ ମାନଙ୍କର ସୁଗମନାଗମନ ସୁନିଶ୍ଚିତ କରିବା ନିମନ୍ତେ ଏନ୍ ଏଚ ଏ ଆଇ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସଠିକ୍ ସଂକେତ, ସୂଚନା ଫଳକ ଲଗାଇବା, ଧୂଳିକଣା ଉଡ଼ିବାକୁ ରୋକିବା ପାଇଁ ପାଣି ସିଞ୍ଚନ ସହ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ଇଂ ପୂଜାରୀ ଦାବି କରିଛନ୍ତି।

# ଦୁଇ ପୁରୁଣା ୱାରେଣ୍ଟି ଗିରଫ

**ସମ୍ବଲପୁର, ୧୯।୫ (ସମିସ)** : ଅଇଁଠାପାଲି ଥାନା ଅଞ୍ଚଳର ଦୁଇଜଣ ପୁରୁଣା ୱାରେଣ୍ଟିଙ୍କୁ ଆଜି ପୁଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ଆଜି ପୂର୍ବାହ୍ଣ ପ୍ରାୟ ୧୦ଟା ସମୟରେ ୨୦୦୯ ମସିହାରୁ ଫେରାର ଥିବା ରବୀନ୍ଦ୍ର ରାଜକ ଓ ବିକାଶ ମୁଣ୍ଡା ନାମକ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନାମରେ ୨୦୦୯ ମସିହାର ଏକ ଗଣ୍ଡଗୋଳ ମାମଲା ରହିଛି। ସେମାନେ ଆଜି ଅଇଁଠାପାଲି ଅଞ୍ଚଳରେ ବୁଲୁଥିବା ଖବରପାଇ ପୁଲିସ ଚଢ଼ଉ କରିଥିଲା। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

# ସକାଳ ୬ରୁ ୧୧ ବନ୍ଦ ରହିବ ବିଦ୍ୟୁତ୍ ଯୋଗାଣ

**ସମ୍ବଲପୁର, ୧୯।୫ (ସମିସ)** : ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ) ପକ୍ଷରୁ ୧୩୨/୩୩ କେ.ଭି. ଲପଙ୍ଗା ଗ୍ରୀଡ୍ ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ସମ୍ବଲପୁର ଜିଲ୍ଲା କତରବଗା, ଗୋଲାମାଲ, ପାଧାନପାଲି, ବ୍ରାହ୍ମଣୀପାଲି, ବାସୁପାଲି, ଆରଆର୍ କଲୋନି, ବଡ଼ମାଲ, ଲୁହାଖଣ୍ଡି, ଥରୁପାଲି, ଝାଙ୍କରପାଲି, ସରଗିପାଲୀ, ଲାଉମାଲ, ଖୁଣ୍ଟୁପାଲି ମେଣ୍ଢାବାହଲ, କୁଟୁରିମାଲ ଆଦି ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଆସନ୍ତାକାଲି ମଙ୍ଗଳବାର ଓ ବୁଧବାର ସକାଳ ୬ଟାରୁ ୧୧ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ରକ୍ଷଣାବେକ୍ଷଣ, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ ବୋଲି କୁହାଯାଇଛି। ତେଣୁ ସାମୟିକ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ବିଦ୍ୟୁତ୍ ଗ୍ରାହକ ତଥା ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ବାବାଜୀ ଚରଣ ପରିଡା
ଅର୍ଣ୍ଣିଆ-କୃଷ୍ଣନପୁର, ପୋ.ଅ - ଝିଂହାପୁର, ଯାଜପୁର
ଆବିର୍ଭାବ -୧୫. ୦୧. ୧୯୪୯
ତିରୋଧାନ -୧୦. ୦୫. ୨୦୨୫
ତମେ ଚାଲିଗଲ ଅଫେରା ରାଇଜକୁ ଆଉ ଫେରିବ ନାହିଁ କେବେ। ତୁମ ସ୍ନେହ, ମମତା, ନୀତି ଓ ଆଦର୍ଶ ଆମ ପାଇଁ ପାଥେୟ ହେଉ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ଏତିକି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ସହଧର୍ମିଣୀ -ସନ୍ଧ୍ୟାରାଣୀ ପରିଡା, ପୁଅବୋହୂ - ଲଳିତ - ଗାୟତ୍ରୀ, ସନ୍ଦୀପ - ଶର୍ମିଣି, ଝିଅଜ୍ୱାଇଁ - ସ୍ୱାଗତିକା - ଆନନ୍ଦ, ନାତି ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

# ଟ୍ରକ୍ ଧକ୍କାରେ ଅବସରପ୍ରାପ୍ତ ଏଡିଏମ୍‌ଓଙ୍କ ଦେହାନ୍ତ

**ସମ୍ବଲପୁର, ୧୯।୫ (ସମିସ)** : ଆଜି ଅଇଁଠାପାଲି ଥାନା ଜାତୀୟ ରାଜପଥ-୫୩ରେ ଟ୍ରକ୍ ଧକ୍କାରେ ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଭରତ ଚନ୍ଦ୍ର ଦାଶଙ୍କ ମୃତ୍ୟୁ ହୋଇଯାଇଛି। ସୋମବାର ପୂର୍ବାହ୍ଣ ପ୍ରାୟ ସାଢ଼େ ୧୧ଟା ସମୟରେ ଡା. ଦାଶ ତାଙ୍କ ଆକ୍ଟିଭା ଯୋଗେ ଅନୁଗୁଳିଆପଡ଼ା ପଟକୁ ଯାଇ ଘରକୁ ଫେରୁଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଏକ ଟ୍ରକ୍ ଆୟକର କାର୍ଯ୍ୟାଳୟ ସମ୍ମୁଖରେ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ିଯିବାପରେ ଟ୍ରକ୍‌ଟି ତାଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ଅଇଁଠାପାଲି ଥାନା ପୁଲିସ ପହଞ୍ଚି ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ତେବେ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଟ୍ରକ ଓ ସ୍କୁଟିକୁ ଜବତ କରି ଘଟଣାର ତଦନ୍ତ କରୁଛି।



ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ଏଡିଏମ୍‌ଓ) (ପରିବାର କଲ୍ୟାଣ) ଡା. ଭରତ ଚନ୍ଦ୍ର ଦାଶ (୬୦) ଗତ ଫେବୃଆରୀ ୨୮ ତାରିଖରେ କାର୍ଯ୍ୟରୁ ଅବସରଗ୍ରହଣ କରିଥିଲେ। ତାଙ୍କ ପଛରେ ପତ୍ନୀ ନବନୀତା, ପୁଅ ପ୍ରୟାସ ଓ ଝିଅ ପ୍ରତ୍ୟାଶାଙ୍କୁ ଛାଡ଼ିଯାଇଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଚିକିତ୍ସକ, ବନ୍ଧୁ ପରିଜନ ତଥା ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି। ଶବ ବ୍ୟବଚ୍ଛେଦ ପରେ ବିକାଶ ହସ୍ପିଟାଲ ଶବ ଗୃହରେ ରଖାଯାଇଛି। ଆସନ୍ତାକାଲି ସନ୍ଧ୍ୟାରେ ସୁଇଜରଲ୍ୟାଣ୍ଡରେ କାର୍ଯ୍ୟରତ ତାଙ୍କ ପୁଅ ଫେରିବା ପରେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ। ଯୁଯୋମୁରା ବ୍ଲକ ଭବାନୀପାଲିର ମୂଳବାସିନ୍ଦା ସ୍ୱର୍ଗତ ଡା. ଦାଶଙ୍କ ପରିବାର ସମ୍ବଲପୁର ପଟ୍ଟନାୟକ ପଡ଼ାରେ ମଧ ପୈତୃକ ଗୃହ ରହିଛି। ବର୍ତ୍ତମାନ ସେ ଅଇଁଠାପାଲି ପ୍ରଗତୀ ବିହାରରେ ପରିବାର ସହିତ ରହୁଥିଲେ। ତାଙ୍କ ପତ୍ନୀ ହାଇସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି। ତାଙ୍କର ଜଣେ ଭାଇ ଡା. ସୁଶୀଲ କୁମାର ଦାଶ ବର୍ତ୍ତମାନ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅତିରିକ୍ତ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ (ଜନସ୍ୱାସ୍ଥ୍ୟ) ଭାବେ କାର୍ଯ୍ୟରତ ଅଛନ୍ତି। ବୁର୍ଲା ଭିମସାରରୁ ୧୯୮୪ ମସିହାରେ ଉତ୍ତୀର୍ଣ୍ଣ ହୋଇ କୋରାପୁଟ ଜିଲ୍ଲା ଡୋଙ୍ଗାସିଂହା ଉପପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧିକାରୀ ଭାବେ ଚାକିରୀ ଜୀବନ ଆରମ୍ଭ କରିଥିଲେ। ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସେ କର୍ଣ୍ଣ, ନାସା, ଗଳା (ଇଏନ୍‌ଟି) ବିଭାଗ ବିଶେଷଜ୍ଞ ଭାବେ କାର୍ଯ୍ୟ କରିଥିଲେ। ସେ କିଛିଦିନ ପାଇଁ ତତ୍‌କାଳୀନ ସମ୍ବଲପୁର ପୌର ପରିଷଦରେ ସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟ କଲାପରେ କରି ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଡିଏମ୍‌ଓ(ଏଫ୍‌ଡବ୍ଲ୍ୟୁ) ପଦରେ ଯୋଗ ଦେଇଥିଲେ।

## ବିଭିନ୍ନ ମହଲରେ ଶୋକ

**ସମ୍ବଲପୁର, ୧୯।୫ (ସମିସ)** : ଡାକ୍ତର ଭରତ ଚନ୍ଦ୍ର ଦାଶ ଜଣେ ସରଳ ଓ ଅମାୟିକ ବ୍ୟକ୍ତିତ୍ୱ ଥିଲେ। ଜଣେ ନିଖୁଣ ଡାକ୍ତର ଏବଂ ଦକ୍ଷ ପ୍ରଶାସକ ଭାବେ ସେ ପ୍ରତିଷ୍ଠିତ ହୋଇପାରିଥିଲେ। ଆଜିର ବ୍ୟବସାୟିକ ଦୁନିଆରେ ତାଙ୍କର ଟଙ୍କା ଲୋଭ ନଥିଲା ବରଂ ସେବାକୁ ସେ ପ୍ରାଧାନ୍ୟ ଦେଉଥିଲେ। ତାଙ୍କ ଅକାଳ ବିୟୋଗ ସମ୍ବଲପୁର ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଭାରତୀୟ ଜନସ୍ୱାସ୍ଥ୍ୟ ସଂଘ ସାଧାରଣ ସମ୍ପାଦକ ଡା. ସଞ୍ଜୀବ କୁମାର ମିଶ୍ର ଏକ ଶୋକବାର୍ତ୍ତାରେ କହିଛନ୍ତି।

ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଗଭୀର ଶୋକପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସମ୍ବଲପୁର ସିଡିଏମଓ ଡା. ସୁଜାତାରାଣୀ ମିଶ୍ର, ଏଡିଏମ୍‌ଓ (ମେଡିକାଲ) ଡା. ଅଲେଖ ଚନ୍ଦ୍ର ମହାପାତ୍ର, ଡିପିଏଚ୍‌ଓ ଡା. ଅଶୋକ କୁମାର ଦାସ, ଏଡିପିଏଚ୍‌ଓ (ଏଫ୍‌ଡବ୍ଲ୍ୟୁ) ଡା. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ସେକ୍ସନ ଅଧିକାରୀ ପ୍ରମୋଦ କୁମାର ସେଠ, ଅମର ତାଣ୍ଡିଆ, ସୁବାସ ବାରିକ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଇଂ.ରୋହିତ ପୂଜାରୀ କହିଛନ୍ତି ଯେ, ସ୍ୱର୍ଗତ ଦାସଙ୍କ ଭଳି ଜଣେ ମେଳାପୀ, ମିଷ୍ଟଭାଷୀ ଏବଂ ସୁଚିକିତ୍ସକଙ୍କୁ ହରାଇଛନ୍ତି ସମ୍ବଲପୁରବାସୀ। ଇଂ ପୂଜାରୀ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଡାକ୍ତର ଦାସଙ୍କ ପରିବାରବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ଦେବା ପାଇଁ ମାଁ ସମଲେଶ୍ୱରୀ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ସେ ପ୍ରାର୍ଥନା କରିଛନ୍ତି।

# ତାମିଲନାଡୁକୁ ଯୁବତୀ ଚାଲାଣ ଅଭିଯୋଗ

**ଜମନକିରା, ୧୯।୫(ସମିସ):** କୁଚିଣ୍ଡା ଉପଖଣ୍ଡ ଅଞ୍ଚଳର ଝିଅ ବୋହୂମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ କୁଚିଣ୍ଡା ଥାନା ପତ୍ରାପାଲି ଗାଁର ପ୍ରଶାନ୍ତ ଲୁହୁରା ସୁଦୂର ତାମିଲନାଡୁକୁ ଚାଲାଣ କରୁଥିବା ନେଇ ଜମନକିରା ଥାନାରେ ଆଜି ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପ୍ରାୟ ଅଢ଼େଇ ମାସ ତଳେ ଜମନକିରା ଥାନା ଚକୁଳିଆବାହାଲ ପଞ୍ଚାୟତ ଗଏଲମୁଣ୍ଡି ଗାଁ ର କୃଷ୍ଣ ଲୁହୁରାଙ୍କ ସ୍ତ୍ରୀ କର୍ଣ୍ଣଲତା ଲୁହୁରା ସକାଳେ ଘରୁ ବାହାରି ଯାଇଛନ୍ତି। ଘରୁ ବାହାରି ଯିବା ବେଳେ ସ୍ତ୍ରୀ କର୍ଣ୍ଣଲତାକୁ ତୁମେ କୁଆଡ଼େ ଯାଉଛ ବୋଲି ସ୍ୱାମୀ କହିବାରୁ ଯେଉଁଠି କି ହେଲେ ଯାଉଛି ୩ ମାସ ପରେ ଘରକୁ ଫେରିବି ବୋଲି କହିଥିଲେ। ସେ ଅଭିଯୋଗ କରିଛନ୍ତି ଯେ, ପ୍ରଶାନ୍ତ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସ୍ତ୍ରୀ କୁ ସୁଦୂର ତାମିଲନାଡୁର ଗ୍ରୀନ ହାଉସ୍, ରାଜ ଲେଲୋର୍‌କୁ ନେଇ ଘରକୁ ଫେରି ଆସିଛନ୍ତି। ଅଞ୍ଚଳର ଝିଅ ବୋହୂମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ କାମ ଧନ୍ଦା କରିବାକୁ ଡାକି ନେଇ ସେଠାରେ ଛାଡ଼ି ଦେଇ ଚାଲିଆସୁଛି। ଏଥିପାଇଁ ସେ ପ୍ରଚୁର ଟଙ୍କା ପାଉଛି। ଆଜକୁ ଦୁଇ ମାସରୁ ବେଶୀ ହେବ ପ୍ରଶାନ୍ତକୁ କୃଷ୍ଣର ସ୍ତ୍ରୀ ରହୁଥିବା ଜାଗାକୁ ଯିବା ପାଇଁ କହିବାରୁ ସେ ନେଇ ନିକଟସ୍ଥ ଷ୍ଟେସନରେ ଛାଡ଼ି ଦେଇଥିଲେ। ତେଣୁ ସ୍ତ୍ରୀଙ୍କ ସହ ତାଙ୍କର ଦେଖା ହୋଇପାରିନଥିଲା। ଏବେ ସ୍ତ୍ରୀର ଦେହ ଅସୁସ୍ଥ ଥିବାରୁ କାମ ବି ସେ କରି ନ ପାରିବାରୁ ତାଙ୍କୁ ଶୀଘ୍ର ଫେରାଇ ଆଣିବାକୁ ସ୍ୱାମୀ ପୁଲିସକୁ ଜଣାଇଛନ୍ତି। ତାଙ୍କ ସ୍ତ୍ରୀ ଙ୍କୁ ପ୍ରଲୋଭନ ଦେଖାଇ ଠକି ନେଇଯାଇ ଥିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନାରେ ଲିଖିତ ଜଣାଇଛନ୍ତି।



# ମଦ କାରବାର ଅଭିଯୋଗରେ ୫ ଗିରଫ

**ସମ୍ବଲପୁର, ୧୯।୫ (ସମିସ)** : ସମ୍ବଲପୁର ଅବକାରୀ ବିଭାଗ ଦ୍ୱାରା ବେଆଇନ ମଦ କାରବାର କରୁଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଆଜି ଗୋଇନ୍ଦା ଅବକାରୀ ବିଭାଗ କର୍ମଚାରୀମାନେ ଟାଉନ ଥାନା, ହୀରାକୁଦ ଥାନା, ଅଇଁଠାପାଲି ଥାନା ଓ ସଦର ଥାନା ଅନ୍ତର୍ଗତ ଠେଲକୋପଡ଼ା, ରାଜାପଡ଼ା, କରମଟୋଲି ଓ ରାସନପୁରରେ ଚଢ଼ଉ କରିଥିଲେ। ୧୨୮ ଲିଟର ମଦ ଜବତ ଓ ଗୋଟିଏ ବାଇକ୍ ଜବତ କରିବାସହ ୫ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି।



# ଆରମ୍ଭ ହୋଇପାରିନି ରିଭରଫ୍ରଣ୍ଟ ଡେଭ୍‌ଲପ୍‌ମେଣ୍ଟ ପ୍ରକଳ୍ପ

**ସମ୍ବଲପୁର, ୧୯।୫ (ସମିସ)**

ଗତ ନିର୍ବାଚନ ସମୟରେ ମହାନଦୀର ଅଯୋଧ୍ୟା ସରୋବରଠାରେ ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ଏକ ପ୍ରସଙ୍ଗ ପାଲଟିଥିଲା। ବିଜେଡି ସରକାର ଏହାକୁ 'ସମଲେଇ' ପ୍ରକଳ୍ପରେ ସାମିଲ କରିଥିବାବେଳେ ବିଜେପି ପକ୍ଷରୁ ଏହାକୁ ବିଶ୍ୱସ୍ତରୀୟ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ନୂତନ ସରକାର ଆସିବାପରେ ୨୦୨୪ ମସିହା ବଜେଟ୍‌ରେ ସମ୍ବଲପୁର ଓ କଟକରେ ରିଭର୍‌ଫ୍ରଣ୍ଟ ଡେଭଲପ୍‌ମେଣ୍ଟ ପ୍ରକଳ୍ପ ପାଇଁ ୫୦ କୋଟି ଟଙ୍କା ପ୍ରାବଧାନ କରାଯାଇଥିଲା। ସେପ୍ଟେମ୍ବର ୮, ୨୦୨୪ରେ ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ' ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥିତି ଅନୁଧ୍ୟାନ କରିବାସହ ଶୀଘ୍ର ଏହି ପ୍ରକଳ୍ପ ହେବ ବୋଲି ଘୋଷଣା କରିଥିଲେ। ଏହାକୁ ନେଇ ସାଧାରଣରେ ଏକ ଆକାଂକ୍ଷା ଓ ଦୃଢ଼ ଆଶା ସଞ୍ଚାର ହୋଇଥିବାବେଳେ ୮ ମାସ ପରେ ବି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ପର୍ଯ୍ୟଟନ ବିଭାଗ ଅଧିକାରୀଙ୍କ ବାରମ୍ବାର ପରିଦର୍ଶନ ଓ ଖସଡ଼ା ପ୍ରସ୍ତୁତି ମଧ୍ୟରେ ବି ବିଳମ୍ବିତ ହେଉଛି ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ।




ବିଜେଡି ସରକାର ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫ୍ଲାଗସିପ୍ ପ୍ରକଳ୍ପ ମା' ସମଲେଶ୍ୱରୀ ପୀଠର ବିକାଶ ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ 'ସମଲେଇ' ଯୋଜନାର ପ୍ରଥମ ପର୍ଯ୍ୟାୟ ଲୋକାର୍ପିତ ହୋଇଥିଲା। ଏହି ପ୍ରକଳ୍ପରେ ମହାନଦୀରେ ରିଭର୍ ଫ୍ରଣ୍ଟ ଡେଭଲେପମେଣ୍ଟ (ନଦୀ ସମ୍ମୁଖ ବିକାଶ) ସାମିଲ ରହିଥିଲା। ତେବେ, ନୂତନ ସରକାର ଆସିବା ପରେ ସାବରମତୀ ଢାଞ୍ଚାରେ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ମହାନଦୀରେ ଏହି ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପରେ ଅଯୋଧ୍ୟା ସରୋବରଠାରେ ବ୍ୟାରେଜ୍ ଉଚ୍ଚତା ବଢ଼ାଇବା, ନଦୀର ଉଭୟ ପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ ଆଦି ଯୋଜନା ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାସହ ଜଳସଂରକ୍ଷଣ ଏବଂ ହ୍ରାସ ପାଉଥିବା ଭୂତଳ ଜଳ ସୁରକ୍ଷା ଦିଗରେ କାର୍ଯ୍ୟ କରିବ। ରାଜ୍ୟ ସରକାର କଟକ ଓ ସମ୍ବଲପୁରରେ ଏହି ପ୍ରକଳ୍ପ ସକାଶେ ପୁଣି ଗତବର୍ଷ ଅକ୍ଟୋବର ୧୫ ତାରିଖ କଟକର ପ୍ରସିଦ୍ଧ ବାଲିଯାତ୍ରା ଉଦ୍‌ଘାଟନୀ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାବରମତା ରିଭରପ୍ରଣ୍ଟ ପ୍ରକଳ୍ପ ଅନୁରୂପ ମହାନଦୀରେ ବିଶ୍ୱସ୍ତରୀୟ ରିଭର୍ ଫ୍ରଣ୍ଟ ଡେଭଲପମେଣ୍ଟ କରାଯିବ ବୋଲି ଘୋଷଣା କରିଥିଲେ। ମୋଟ ୨୦୦ କୋଟି ବ୍ୟୟ ଅଟକଳରେ ଉଭୟ କଟକ ଓ ସମ୍ବଲପୁର ମହାନଦୀ ନଦୀ ସମ୍ମୁଖ ବିକାଶ କରାଯିବ।

ସମ୍ବଲପୁର ମହାନଦୀରେ ୧୯୬୩-୬୪ ମସିହାରେ ହାଟପଡ଼ାଘାଟ (ଅଯୋଧ୍ୟା ସରୋବର) ରେ ୧୭୦୦ ମିଟର ଲମ୍ବ ଓ ୨ ମିଟର ଚଉଡ଼ାର ଆନିକଟ ନିର୍ମାଣ କରାଯାଇ କୃତ୍ରିମ ଜଳାଶୟ ସୃଷ୍ଟି କରାଯାଇଥିଲା। ଏହା ଉପରେ ସହରର ହଜାର ହଜାର ଲୋକ ନିର୍ଭର କରନ୍ତି। କିନ୍ତୁ ଏହାର ଉଚ୍ଚତା କମ୍ ଥିବା ଏବଂ ଫାଟ ସୃଷ୍ଟି ହେବାରୁ ଜଳଧାରଣ କ୍ଷମତା ହ୍ରାସ ପାଇଛି। ୨୦୨୨ ମସିହାରେ ଏହି ଆନିକଟ୍‌ରେ ଫାଟହୋଇ ପାଣି ନିଷ୍କାସିତ ହୋଇଯିବାରୁ ଜଳସଂକଟ ଦେଖାଦେଇଥିଲା। ତେଣୁ ଜଳସମ୍ପଦ ବିଭାଗ ପକ୍ଷରୁ ଏହାର ମରାମତି କରାଯାଇଥିଲା। ଅଯୋଧ୍ୟା ସରୋବର ଆନିକଟ୍‌କୁ ବୈଷୟିକ ବ୍ୟବହାର କରି ୭ କିଲୋମିଟର ଲମ୍ବ ଜଳସଂରକ୍ଷଣ ବ୍ୟବସ୍ଥା କରାଯାଇପାରିବ।

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ବରିଷ୍ଠ ଅଧିକାରୀ, ବୈଷୟିକ ଦଳ ବାରମ୍ବାର ସମ୍ବଲପୁର ଗସ୍ତକରି ନଦୀ ସମ୍ମୁଖ ବିକାଶ, ଅଯୋଧ୍ୟା ସରୋବର ବ୍ୟାରେଜ ଉଚ୍ଚତା ବୃଦ୍ଧି ଆଦିକୁ ନେଇ ଅନୁଧ୍ୟାନ କରାଯାଇଛି। ତୁର୍ଲାପାଖ ପାୱାର ଚେନାଲରୁ ଅଯୋଧ୍ୟା ସରୋବର ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ମହାନଦୀର ଉଭୟ ପାର୍ଶ୍ୱ ବିକଶିତ କରାଯିବାକୁ ଯୋଜନା ରହିଛି। ଏଥିପାଇଁ ସରକାରୀ ଓ ବେସରକାରୀ ଜମି ଅଧିଗ୍ରହଣ କରାଯିବ। ଜଳସେଚନ ଓ ରାଜସ୍ୱ ବିଭାଗ ପକ୍ଷରୁ ଏହି କାର୍ଯ୍ୟ ତ୍ୱରାନ୍ୱିତ କରାଯିବାକୁ ନିର୍ଦ୍ଦେଶ ରହିଥିଲେ ହେଁ କାର୍ଯ୍ୟ ଧୀରମନ୍ଥର ଗତିରେ ଚାଲିଛି।

ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମହାନଦୀରେ ଅଯୋଧ୍ୟା ସରୋବରଠାରେ ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ପାଇଁ ପ୍ରକ୍ରିୟା ଚାଲିଥିବା ସୂଚନା ଦେଇଛନ୍ତି। ଏଥିରେ ନଦୀର ଉଭୟ ପାର୍ଶ୍ୱ ବିକଶିତ କରାଯିବାକୁ ଏକ ସମନ୍ୱିତ ଖସଡ଼ା ପ୍ରସ୍ତୁତ କରାଯାଇଛି।

# ଜିଏମ୍‌ୟୁ ବାଣିଜ୍ୟ ସଂଗ୍ରହାଳୟର ପ୍ରଥମ ବାର୍ଷିକୀ

**ସମ୍ବଲପୁର, ୧୯।୫ (ସମିସ)** : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗରେ ଥିବା ବାଣିଜ୍ୟ ସଂଗ୍ରହାଳୟର ପ୍ରଥମ ବାର୍ଷିକୀ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଏହି ସଂଗ୍ରହାଳୟ ୨୦୨୪ ମସିହା ମେ ୧୮ ତାରିଖ ବିଶ୍ୱ ସଂଗ୍ରହାଳୟ ଦିବସରେ ଉଦ୍‌ଘାଟିତ ହୋଇଥିଲା। ସେତେବେଳେ ଏହି ସଂଗ୍ରହାଳୟରେ ପୁରୁଣା ଟାଇପିଙ୍ଗ ମେସିନ୍, ପୁରୁଣା ଜେରକ୍ସ ମେସିନ୍ ଆଦି ବସ୍ତୁ ରଖାଯାଇଥିବାବେଳେ ବର୍ତ୍ତମାନ ବିଭିନ୍ନ ଦେଶର ମୁଦ୍ରା, ବିଭିନ୍ନ ବାଣିଜ୍ୟିକ ମାନଚିତ୍ର, ପୁରୁଣା ଟେଲିଫୋନ, ମୂଲ୍ୟବାନ ବହି ଅନ୍ତର୍ଭୁକ୍ତ କରାଯାଇଛି। ବିଭାଗୀୟ ମୁଖ୍ୟ ଡଃ ପ୍ରିୟବ୍ରତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଡଃ କ୍ଷୀରୋଦ ମହାରଣା, ଶେଖ ଅଫର ଇକବଲ, ଅର୍ଜୁନ ମହାରଣା, ସ୍ୱାଗତିକା ବାରିକ, ଅରୁଣା ଶର୍ମା, କୌଶଲ୍ୟା କିଷାନ ପ୍ରମୁଖ ସହଯୋଗ କରିଥିଲେ। ଏହି ସଂଗ୍ରହାଳୟ ଛାତ୍ରଛାତ୍ରୀମାନଙ୍କୁ ବ୍ୟବସାୟିକ ଇତିହାସ ସମ୍ପର୍କରେ ଜ୍ଞାନ ଦେବା ଏବଂ ପୁରୁଣା ବସ୍ତୁମାନେ କେମିତି ବ୍ୟବହାର କରାଯାଉଥିଲା ତାହା ବୁଝିବାରେ ସହାୟକ ହେଉଛି। ଭବିଷ୍ୟତରେ ଏଥିରେ ଅନ୍ୟାନ୍ୟ ପୁରୁଣା ବ୍ୟବସାୟ ବସ୍ତୁ, ଡକ୍ୟୁମେଣ୍ଟସ୍ ଓ ଭିଡିଓ ଆର୍କାଇଭ୍‌ସ୍ ଯୋଗ କରାଯିବାର ଯୋଜନା ରହିଛି। ବାଣିଜ୍ୟ ସଂଗ୍ରହାଳୟକୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଡଃ ସୁଶାନ୍ତ କୁମାର ଦାସ, କୁଳସଚିବ ସନତ କୁମାର ନାୟକ, ଉପକୁଳସଚିବ ଡଃ ଉମାଚରଣ ପତି, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡଃ ଜ୍ଞାନ ରଞ୍ଜନ ସ୍ୱାଇଁ ପ୍ରମୁଖଙ୍କ ନିରନ୍ତର ସହଯୋଗ ମିଳିଛି।

■ ଗାଁ ଭିତରେ କୋଇଲା ଟ୍ରକ୍ ଚଳାଚଳକୁ ବିରୋଧ

# ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କଲେ ଗ୍ରାମବାସୀ

**ଝାରସୁଗୁଡା, ୧୯।୫ (ସମିସ):** ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ପୌରପରିଷଦ ଅଧୀନରେ ଥିବା ୧୩ ଓ ୧୪ ନମ୍ବର ୱାର୍ଡର ସାନଜୋବ ଗାଁ ଭିତରେ କୋଇଲା ଟ୍ରକ ଚଳାଚଳକୁ ଲୋକେ ବିରୋଧ କରିଛନ୍ତି। ଗାଁ ଭିତରେ କୋଇଲା ଟ୍ରକ ଚଳାଚଳକ ବନ୍ଦ କରିବାକୁ ସୋମବାର ଝାରସୁଗୁଡା ଜିଲ୍ଲାପାଳଙ୍କୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ସାନଜୋବ ଗାଁ ଭିତରେ ଯାଇଥିବା ରାସ୍ତାରେ ପ୍ରତିଦିନ ଶହ ଶହ କୋଇଲା ବୋଝେଇ ଟ୍ରକ ଯିବାଆସିବା କରୁଛି। ଏହା ଫଳରେ ଦିନକୁ ଦିନ ଦୁର୍ଘଟଣା ଘଟୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମହାନଦୀ କୋଇଲା ଖଣି କୋଇଲା ପରିବହନ ସକାଶେ ସାନଜୋବ ଗାଁ ବାହାରେ ରାସ୍ତା ନିର୍ମାଣ କରିଛି; କିନ୍ତୁ ସେହି ରାସ୍ତା ଦେଇ ଟ୍ରକ ଚଳାଚଳ କରୁନି। ଏହାକୁ ଗ୍ରାମବାସୀ ବିରୋଧ କରିବା ସହ ଗାଁ ମଧ ଦେଇ ସମ୍ପୂର୍ଣ୍ଣ ଭାବରେ ଟ୍ରକ୍ ଚଳାଚଳ ବନ୍ଦ କରିବା ପାଇଁ ଝାରସୁଗୁଡା ଜିଲ୍ଲାପାଳଙ୍କ ନିକଟରେ ଅନୁରୋଧ କରିଛନ୍ତି।

# କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର ଉଦ୍‌ଯାପିତ

**ଝାରସୁଗୁଡା, ୧୯।୫ (ସମିସ):** ବ୍ରଜରାଜନଗର ମାରୱାଡ଼ି ଯୁବା ମଞ୍ଚ ପକ୍ଷରୁ ପୌର ପରିଷଦ କଲ୍ୟାଣ ମଣ୍ଡପରେ ୩ ଦିନ ଧରି ଆୟୋଜିତ ହେଉଥିବା ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରତିରୋପଣ, ସ୍ୱାସ୍ଥ୍ୟ ଏବଂ ନେତ୍ର ପରୀକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀ ଭଗବାନ ମହାବୀର ବିକଳାଙ୍ଗ ସହାୟତା ସମିତିର ମିଳିତ ଆନୁକୂଲ୍ୟରେ ଏହି ଅଙ୍ଗ ପ୍ରତିରୋପଣ ଶିବିର ଆୟୋଜିତ ହୋଇଥିଲା। ମୂରଲୀ କ୍ରିଷ୍ଣା ଫାଉଣ୍ଡେସନ କ୍ରିଷ୍ଣା ବିକାଶ ମଲ୍ଟି ସ୍ପେସିଆଲଟି ହସ୍ପିଟାଲ ସହଯୋଗରେ ନିଃଶୁଳ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ୫୧ ଜଣ କୃତ୍ରିମ ଅଙ୍ଗ ପ୍ରତିରୋପଣ ପାଇଁ ପଞ୍ଜିକରଣ କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ୨୫୦ ରୁ ଅଧିକ ଜନସାଧାରଣ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ୭୭ ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରତିରୋପଣ କରାଯାଇଥିଲା। ୬ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବ୍ରଜରାଜନଗର ପୌରାଧ୍ୟକ୍ଷ ଗୋପାଳ ସୀତାନି ଏବଂ ପୂର୍ବ ନଗରପାଳ ନନ୍ଦକିଶୋର ଅଗ୍ରୱାଲ, ମାରୱାଡ଼ି ଯୁବାମଞ୍ଚ ପୂର୍ବ ପ୍ରାନ୍ତୀୟ ଅଧ୍ୟକ୍ଷ ନରେଶ ଅଗ୍ରୱାଲ, ଅରୁଣ ଶର୍ମା ମଞ୍ଚାସୀନ ଥିଲେ। ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଆକାଂକ୍ଷା ଅଗ୍ରୱାଲ, ଉଜ୍ୱଳ ସଂଘାଇ, ସିଦ୍ଧି ସଂଘାଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲା। ଯୁବାମଞ୍ଚ ଅଧ୍ୟକ୍ଷ ପଙ୍କଜ ବଂଶଲ ଅଧ୍ୟକ୍ଷତା କରିଥିବା ବେଳେ ଅଭିନବ ଅଗ୍ରୱାଲ,



ଆଦିତ୍ୟ ସୀତାନି, ହନି ସଂଘାଇ ମଞ୍ଚ ପରିଚାଳନା କରିଥିଲେ। ମାରୱାଡ଼ି ଯୁବମଞ୍ଚର ବ୍ରଜରାଜନଗର ଶାଖା ସଭାପତି ପଙ୍କଜ ବଂଶଲ, ସମ୍ପାଦକ ଅନମୋଲ ଅଗ୍ରୱାଲ, ଯୋଗେଶ ଅଗ୍ରୱାଲ, ଆକାଶ ଅଗ୍ରୱାଲ, ପଙ୍କଜ ରୁଙ୍ଗଟା, କିଶୋର ଅଗ୍ରୱାଲ, ଆଦିତ୍ୟ ସୀତାନି, ପଙ୍କଜ ସଂଘଇ, ଅନମୋଲ ସଂଘଇ, ଶୁଭମ ଅଗ୍ରୱାଲ, ବିବେକ ସୋନି, ବିବେକ ରୁଙ୍ଗଟା, ରାହୁଲ ଅଗ୍ରୱାଲ, ଶୁଭମ ଶର୍ମା, ପବନ ଖେମକା, ମନୋଜ ଜୈନ ପ୍ରମୁଖ ସହଯୋଗ କରିଥିଲେ।

ମେନ୍ ରାଇଡିଂ ଦାବିରେ କୋଇଲା ଖଣି ବନ୍ଦ

# ଆନ୍ଦୋଳନ ଯୋଗୁଁ ଏମ୍‌ସିଏଲ୍‌ର ବ୍ୟାପକ କ୍ଷତି

**ଝାରସୁଗୁଡା, ୧୯।୫(ସମିସ)**

ଝାରସୁଗୁଡା ବ୍ରଜରାଜନଗରସ୍ଥିତ ଏମ୍‌ସିଏଲ ଓରିଏଣ୍ଟ ଏରିଆ ୨ ନମ୍ବର କୋଇଲା ଖଣି ଭିତରକୁ ଯିବା ପାଇଁ ମେନ ରାଇଡିଂ (ଖଣି ଭିତରକୁ ଯାଉଥିବା ଲିଫ୍ଟ) ଦାବିରେ ଖଣି ବନ୍ଦ ସହ ଆନ୍ଦୋଳନ କରାଯାଇଛି। ଏହା ଫଳରେ ୩ ଘଣ୍ଟା ଧରି କୋଇଲା ଖଣିରେ କୋଇଲା ଉତ୍ତୋଳନ ବନ୍ଦ ହୋଇଯାଇଥିଲା। ଆନ୍ଦୋଳନ ଯୋଗୁଁ ଏମ୍‌ସିଏଲର ବ୍ୟାପକ ଟଙ୍କାର କ୍ଷତି ହୋଇଛି।

୩ ବର୍ଷରୁ ଓରିଏଣ୍ଟ ଏରିଆ ୨ ନମ୍ବର ଭୂତଳ ଖଣିରେ ଥିବା ମେନ୍ ରାଇଡିଂ ଖରାପ ହୋଇଥିବା କାରଣରୁ ଶ୍ରମିକମାନେ ଖଣି ଭିତରକୁ ଚାଲି ଚାଲି ଯିବା ଆସିବା କରୁଛନ୍ତି। ଏହାକୁ ନେଇ ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ



ଏଥିରେ ସୁଧାର ଆସୁନି। ଏହା ଫଳରେ ବିଭିନ୍ନ ସଙ୍ଗଠନ ଦ୍ୱାରା ସୋମବାର ୨ ନମ୍ବର ଖଣି ସମ୍ମୁଖରେ ଆନ୍ଦୋଳନ କରିବା ସହ ୩ଘଣ୍ଟା ଖଣି ବନ୍ଦ କରିଦିଆଯାଇଥିଲା। ଓରିଏଣ୍ଟ ଏରିଆ ମହାପ୍ରବନ୍ଧକ ଅଜୟ ନାମଯୋଶୀ ଆନ୍ଦୋଳନ ସ୍ଥଳକୁ ଯାଇ ଆଶ୍ୱାସନା ଦେବାପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ଏହି ଅବସରରେ ଶ୍ରମିକମାନେ କହିଛନ୍ତି ଯେ, ଯଦି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ମେନ୍ ରାଇଡିଂ ସ୍ଥାପନ କରା ନ ଯାଏ ତେବେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବେ। ଏହାକୁ ନେଇ ଶ୍ରମିକ ନେତା ଓପି ସିଂହ କହିଛନ୍ତି ଯେ ଗତ ୩ ବର୍ଷ ଧରି ଏମସିଏଲ ଅଧିକାରୀମାନେ କେବଳ ପ୍ରତିଶ୍ରୁତି ଦେଉଛନ୍ତି। ଏଥର ଯଦି ଏହି କାମ କରା ନ ଯାଏ ତେବେ ଏକ ବଡ଼ ଆନ୍ଦୋଳନ କରାଯିବ। ସେହିପରି ଶ୍ରମିକ ନେତା ପ୍ରସନ୍ନ ଚୌଧୁରୀ କହିଛନ୍ତି ଯେ, ଭୂତଳ ଖଣି ଭିତରକୁ ଯିବା ପାଇଁ ଶ୍ରମିକଙ୍କୁ ପ୍ରାୟ ୧୦ କିଲୋମିଟର ଚାଲିବାକୁ ପଡୁଛି। ଏହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଉଛି। ଶ୍ରମିକମାନେ କାମକୁ ଆସିପାରୁନାହାନ୍ତି। ତେଣୁ ଏହାକୁ ତୁରନ୍ତ ମରାମତି କରାଯିବା ଉଚିତ। ନଚେତ୍ ସେମାନେ ପ୍ରତିବାଦ କରିବେ। ତେବେ ଏହାର ଟେଣ୍ଡର କୌଣସି କାରଣରୁ ବାତିଲ ହୋଇ ପୁଣି ଥରେ ଆରମ୍ଭ ହୋଇଛି। ଏହା ସମ୍ପୂର୍ଣ୍ଣ ହେବା ମାତ୍ରେ ଏକ ନୂତନ ମୁଖ୍ୟ ରାଇଡିଂ ସ୍ଥାପନ କରାଯିବ ବୋଲି ଓରିଏଣ୍ଟ ସବ୍ ଏରିଆ ମ୍ୟାନେଜର ଅରବିନ୍ଦ ବର୍ମା ସୂଚନା ଦେଇଛନ୍ତି।

# ବନପାଳଙ୍କ ଅକାଳ ବିୟୋଗ

**ରେଢ଼ାଖୋଲ ୧୯।୫ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡର ବନପାଳ ସୁପ୍ରିୟ ରଞ୍ଜନ ବଳିୟାର ସିଂହ (୪୨) ଆଉ ନାହାନ୍ତି।



ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଅକାଳ ପରଲୋକ ଘଟିଛି। ସେ ରେଢ଼ାଖୋଲ କେନ୍ଦୁପତ୍ର ବନଖଣ୍ଡର ମୋଚିବାହଲ କେନ୍ଦୁପତ୍ର ବନାଞ୍ଚଳ ଅଧୀନ ବଡ଼ମାଲ ସିଜିରେ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ।

# ସୁଗୁଡ଼ା ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼, ୧୯।୫ (ସମିସ):** ତିଲେଇବଣି ବ୍ଲକ ସୁଗୁଡ଼ା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୪୫ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୩୧ଟି ବ୍ୟକ୍ତିଗତ



ଏବଂ ୧୪ଟି ସାମୂହିକ ଅଭିଯୋଗ ରହିଥିଲା। ବିଶେଷ କରି ମଧୁବାବୁ ପେନସନ, ସୁଭଦ୍ରା ଯୋଜନା, ନଳକୂପ, ଘରଡିହ ଜମିପଟ୍ଟା, ଜମି ଚିହ୍ନଟ କରିବା ନେଇ ଭିଯୋଗ ହୋଇଥିଲା। ଏସ୍‌ପି ଅନୀଲ ମିଶ୍ର, ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରି ରାଜେନ୍ଦ୍ର ମିଞ୍ଜ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ତିଲେଇବଣି ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ତହସିଲଦାର କର୍ଣ୍ଣ ମଲ୍ଲିକ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଜେସିବି ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ

**ଝାରସୁଗୁଡା, ୧୯।୫(ସମିସ):** ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ଥାନା କତରବଗା ଗାଁର ମହାଦେବ ବନ୍ଧର ମାଟି ଖନନ ବେଳେ ଜଣେ ଜେସିବି ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ଲଖନପୁର ବ୍ଲକ ପଞ୍ଚଗାଁ ପଞ୍ଚାୟତ ରେଙ୍ଗାଲି ଗାଁର ଅର୍ଜୁନ ପଧାନ(୩୪)। ସେ କାମ ସାରି ଗଛମୂଳେ ଶୋଇଥିବାବେଳେ ଏକ ଟ୍ରାକ୍ଟର ତାଙ୍କ ଉପରେ ଚଢ଼ିଯିବାରୁ ମୃତ୍ୟୁ ହୋଇଥିବା ଚର୍ଚ୍ଚା ହେଉଥିବାବେଳେ ଅର୍ଜୁନଙ୍କ ବାହ୍ୟ ଶରୀରରେ କୌଣସି ବଡ଼ଧରଣର କ୍ଷତ ଚିହ୍ନ ନଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଅନ୍ୟପଟେ ରେଙ୍ଗାଲି ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ସମାଜସେବୀ ସହଦେବ ପ୍ରଧାନଙ୍କ ପରଲୋକ



**ସମ୍ବଲପୁର, ୧୯।୫ (ସମିସ):** ବୁର୍ଲା ସଦେଇପାଲିର ବରିଷ୍ଠ ନାଗରିକ ସମାଜସେବୀ ସହଦେବ ପ୍ରଧାନ (୯୩) ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବୁର୍ଲା ମେଡ଼ିକାଲରେ ଆଇସିୟୁରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ସେ ରକ୍ତଦାନ ସଂସ୍ଥା 'ତ୍ୟାଗ'ର ଅନ୍ୟତମ ପୃଷ୍ଠପୋଷାକ ଥିଲେ। ସେ ଜଣେ ମେଳାପୀ, ମିଷ୍ଟଭାଷୀ ଓ ସମାଜସେବୀ ବ୍ୟକ୍ତି ଥିଲେ। ତାଙ୍କର ପାଞ୍ଚ ପୁଅ, ଦୁଇ ଝିଅ, ବୋହୂ, ଜ୍ୱାଇଁ ଓ ନାତିନାତୁଣୀ ଅଛନ୍ତି। ତାଙ୍କ ଶେଷକୃତ୍ୟ ବୁର୍ଲା ସ୍ୱର୍ଗଦ୍ୱାରରେ କରାଯାଇଥିବାବେଳେ ବଡ଼ ପୁଅ ଗାନ୍ଧୀ ପ୍ରଧାନ ମୁଖାଗ୍ନି ଦେଇଥିଲେ। 'ତ୍ୟାଗ' ସଭାପତି ଦୁର୍ଗା ପାଢ଼ୀଙ୍କ ସମେତ ବୁର୍ଲାର ଅନେକ ଗଣ୍ୟମାଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବାସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

# ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

**ଝାରସୁଗୁଡା, ୧୯।୫(ସମିସ):** ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ବନ୍ଧଲି ଗ୍ରାମରେ ସୋମବାର ଭୋର ୪ଟାରେ ଜଣେ ମହିଳାଙ୍କ ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ଟିକେଶ୍ୱରୀ ହାତୀ (୩୮)। ସେ ପୋଖରୀକୁ ସ୍ନାନ କରିବା ପାଇଁ ଯାଇଥିଲାବେଳେ ଏହି ଅଘଟଣ ଘଟିଥିଲା। ସକାଳ ହେବା ପରେ ଗାଁ ଲୋକ ଶୌଚ ପାଇଁ ପୋଖରୀକୁ ଆସିବା ବେଳେ ଟିକେଶ୍ୱରୀଙ୍କ ମୃତ ଶରୀର ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ଖବର ପାଇ ପରିବାର ଲୋକ ଲଇକେରା ପୁଲିସକୁ ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗ ସହଯୋଗରେ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଧ ପରେ ପରିବାର ଲୋକକୁ ଶବ ହସ୍ତାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଲଇକେରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# 'ଉତ୍ସର୍ଗ' କାର୍ଯ୍ୟାଳୟରେ ଶୋକସଭା

**ସମ୍ବଲପୁର, ୧୯।୫ (ସମିସ):** ଆଜି ପ୍ରଶାନ୍ତ ପାଟଯୋଶୀଙ୍କ ସଭାପତିତ୍ୱରେ 'ଉତ୍ସର୍ଗ' କାର୍ଯ୍ୟାଳୟରେ ଅନୁଷ୍ଠାନର ଶୁଭେଚ୍ଛୁ



ଗୋପାଳରାମ କେଡିଆ ଓ ସଭ୍ୟା ଦେବଯାନୀ ମିଶ୍ରଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ସଭ୍ୟ ଗୋବିନ୍ଦ ଅଗ୍ରୱାଲ, ଶିବ ନାରାୟଣ ପାଣିଗ୍ରାହୀ, ଲମ୍ବୋଦର ମିଶ୍ର, ହରିଶଙ୍କର ପଣ୍ଡା ପ୍ରମୁଖ ଉଭୟ ଦିବଂଗତ ସଭ୍ୟଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାସହ 'ଉତ୍ସର୍ଗ' ପକ୍ଷରୁ ଉଭୟ ପରିବାର ସଦସ୍ୟ ମାନଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା।

# ପାଣ ସମାଜର ବୈଠକ ଓ କର୍ମକର୍ତ୍ତା ଚୟନ

**ଦେବଗଡ଼, ୧୯।୫ (ସମିସ):** ପ୍ରଧାନପାଟ ଜଳପ୍ରପାତ ନିକଟରେ ଧବଳେଶ୍ୱର ଭୋଜଙ୍କ ସଭାପତିତ୍ୱରେ ନିଳବେର୍ଣ୍ଣୀସାହି ପାଣ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତ ପାଣ ସମାଜର ଲୋକମାନେ ଏକତ୍ରିତ ହୋଇ ସମାଜର ଉନ୍ନତି ଏବଂ ସମାଜର ଗରିବ ଶ୍ରେଣୀର ଲୋକମାନଙ୍କୁ ସାହାଯ୍ୟ କରିବାପାଇଁ ଆଲୋଚନା କରିଥିଲେ। ଏଥିସହ ସମାଜର ନିତି ନିୟମକୁ ଅବଲମ୍ବନ କରି ସମାଜକୁ କିପରି ଆଗକୁ ବଢେଇବା ସେଥିପ୍ରତି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ପୁରୁଣା କମିଟିକୁ ଭାଙ୍ଗି ନୂତନ କମିଟି ମଧ ଗଠନ କରାଯାଇଥିଲା। ଏହି କମିଟିରେ ସଭାପତି ଭାବରେ ଅଇଁଠୁ ପାତ୍ର, ଉପସଭାପତି ଭାବେ ମକରଧ୍ୱଜ ହସ୍ତୀ, ସମ୍ପାଦକ ଭାବରେ ବନ୍ଧୁରାମ ପାତ୍ର, କୋଷାଧ୍ୟକ୍ଷ ଭାବେ ଦିବ୍ୟ ଲୋଚନ ପାତ୍ରଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ବୈଠକରେ ପ୍ରଜିତ୍ କୁମାର ଭୋଜ, ଲଳିତ ମୋହନ ଭୋଜ, ଧିର ଭୋଜ, ସୁମନ୍ତ ଭୋଜ, ଜଗ ରଣଜିତ, ଦୀର୍ଘ୍ୟ, ସଞ୍ଜିବ ନାଏକ, ଗଗନ ମହାନନ୍ଦ, ସୁଟୁ ହସ୍ତୀ, ପୁଟୁ ହସ୍ତୀ, ପଙ୍କଜ ପାତ୍ର, ମନୋଜ ଭୋଜ, ବାବୁଲି ଭୋଜ, ତପନ ଭୋଜ, ହୀମା ପାତ୍ରଙ୍କ ସମେତ ସମାଜର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଆନ୍ତଃ ସ୍କୁଲ କ୍ରିକେଟ ପ୍ରତିଯୋଗିତାରେ କେଭି ବିଜୟୀ



**ଝାରସୁଗୁଡା, ୧୯।୫ (ସମିସ):** ମଣ୍ଡଳିଆ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଆୟୋଜିତ ଆନ୍ତଃ ସ୍କୁଲ କ୍ରିକେଟ୍ ପ୍ରତିଯୋଗିତାର ଷଷ୍ଠ ମ୍ୟାଚ କେନ୍ଦ୍ରୀୟ ବିଦ୍ୟାଳୟ ଝାରସୁଗୁଡ଼ା ଓ ବ୍ଲୁ କମ୍ବାଇନ ଝାରସୁଗୁଡ଼ା ମଧ୍ୟରେ ଖେଳା ଯାଇଛି। ଏହି ମ୍ୟାଚ୍‌ରେ କେନ୍ଦ୍ରୀୟ ବିଦ୍ୟାଳୟ ଝାରସୁଗୁଡ଼ା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୩୦ ଓଭରରେ ୩ଟି ୱିକେଟ ହରାଇ ୨୬୫ ରନ ସଂଗ୍ରହ କରିଥିଲା। ବ୍ଲୁ କମ୍ବାଇନ ଝାରସୁଗୁଡ଼ା ଦଳ ୧୬ ଓଭରରେ ୮ ୱିକେଟ ହରାଇ ୮୬ ରନ୍ ସଂଗ୍ରହ କରିଥିଲା। ଖରାପ ପାଗ ପାଇଁ ମ୍ୟାଚ୍‌କୁ ୧୬ ଓଭରରେ ପରିସମାପ୍ତି କରା ଯାଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟ ଝାରସୁଗୁଡ଼ା ଦଳ ୧୪୫ ରନ୍ ରେ ବିଜୟ ହାସଲ କରିଛି। କେନ୍ଦ୍ରୀୟ ବିଦ୍ୟାଳୟ ଝାରସୁଗୁଡ଼ା ଦଳର ଆଦର୍ଶ ରାୟ ସର୍ବଶ୍ରେଷ୍ଠ ଖେଳାଳି ଘୋଷିତ ହୋଇଛନ୍ତି। ବେଦାନ୍ତ କୁଡ଼ାଲୋଇ କୋଲ ବ୍ଲକ ସିଏସଆର ମୁଖ୍ୟ ସଙ୍ଗୀତା ସାହୁ ଯୋଗ ଦେଇଥିଲେ। ଅନିରୁଦ୍ଧ କେୱଟ ଓ ଜୟ ସିଂ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ନାସିର ମଲ୍ଲିକ ଅନ୍‌ଲାଇନ୍ ସ୍କୋରିଂ କରିଥିଲେ। ପ୍ରଜ୍ୱଳ ପଟେଲ, କମ୍ପାଉଣ୍ଡର ବେହେରା, ଅଶୋକ ପ୍ରଧାନ ସହଯୋଗ କରିଥିଲେ।

# ରାସ୍ତା କାମରେ ଅନିୟମିତତା ନେଇ ବିଡିଓଙ୍କୁ ସ୍ମାରକପତ୍ର



**ରେଢ଼ାଖୋଲ, ୧୯।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ନାକ୍‌ଟିଦେଉଳ ବ୍ଲକ ଯାମୁଯୋରୀ ପଞ୍ଚାୟତର ବିନ୍ଦୁପୁର ଗ୍ରାମର ତଳସାହିରେ ନିର୍ମାଣାଧୀନ ଏକ କଂକ୍ରିଟ ରାସ୍ତା କାମରେ ଅନିୟମିତତା ଅଭିଯୋଗ ହୋଇଛି। ଏ ନେଇ ବିଡିଓଙ୍କୁ ସ୍ମାରକପତ୍ର ଦିଆଯାଇଛି। ସମାଜସେବୀ ନନ୍ଦ କିଶୋର ପ୍ରଧାନ ନାକଟିଦେଉଳ ବିଡିଓ ଏହି ଅଭିଯୋଗ ପତ୍ର ଦେଇଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ ବିନ୍ଦୁପୁର ଗ୍ରାମର ତଳସାହିରେ ଏକ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି ହେଲେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ବିନା ସୂଚନା ଫଳକରେ ଏବଂ ବିଭାଗୀୟ ଯନ୍ତ୍ରୀ ଯୋଗିନ୍ଦ୍ର ସେଠ୍ ଙ୍କ ଅନୁପସ୍ଥିତିରେ କରାଯାଇଛି। ଏଥିରେ ଯନ୍ତ୍ରୀ ଙ୍କ ଅନୁପସ୍ଥିତି ଯୋଗୁଁ କାର୍ଯ୍ୟ କରୁଥିବା ଲୋକ କମ୍ ସିମେଣ୍ଟ ଏବଂ ଅଧିକ ବାଲି କମ୍ ପରିମାଣର ଚିପ୍ସ ବ୍ୟବହାର କରି କାର୍ଯ୍ୟ କରିଛନ୍ତି। ଏ ଦିଗରେ ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି।

# ମହିଳା କର୍ମଚାରୀଙ୍କୁ ଡ୍ରାଇଭରଙ୍କ ଅସଦାଚରଣ

**ସମ୍ବଲପୁର, ୧୯।୫(ସମିସ):** ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ କାର୍ଯ୍ୟରତ ଡ୍ରାଇଭର ସବୁବେଳେ କର୍ମଚାରୀଙ୍କୁ ହଇରାଣ ସହ ଅସଦାଚରଣ କରିଥାନ୍ତି। ଗତ ୧୫ ତାରିଖରେ ମଧ ସେ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରିଥିଲେ। ତେଣୁ ସ୍ଥାନୀୟ ଲୋକ ଏହି ଘଟଣା ଜାଣିବାକୁ ପାଇଥିଲେ। ପରେ ଲୋକେ ପଚାରିବାରୁ ସେ ଝଗଡ଼ା କରିଥିଲେ। ବାଧ୍ୟରେ ଲୋକେ ମାଡ ମାରିଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସା ମଧ କରିଥିଲେ। କିନ୍ତୁ ନିଜର ଭୁଲ ଯୋଗୁଁ ମାଡ ଖାଇଥିବା ଭାବି ସେ କୌଣସି ଅଭିଯୋଗ ଥାନାରେ କରିନଥିଲେ।

# ଜିଏମ୍‌ୟୁ ରାଜନୀତି ବିଜ୍ଞାନ ବିଭାଗର ଜାତୀୟ ସମ୍ମେଳନ

**ସମ୍ବଲପୁର, ୧୯।୫ (ସମିସ)**

ଗଙ୍ଗାଧର ମେହେର ବିଶ୍ୱବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଉଦୀୟମାନ ଭାରତ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ରାଜନୈତିକ ଦର୍ଶନର ପ୍ରାସଙ୍ଗିକତା' ବିଷୟକୁ ନେଇ ଦୁଇଦିନିଆ ଜାତୀୟ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ସମସାମୟିକ ଭାରତ ପରିପ୍ରେକ୍ଷୀରେ ସର୍ଦ୍ଦାର ପଟେଲଙ୍କ ରାଜନୈତିକ ଚିନ୍ତାଧାରାର ସ୍ଥାୟୀ ଗୁରୁତ୍ୱକୁ ପୁନଃପରୀକ୍ଷଣ ଏବଂ ପ୍ରତିଫଳନ କରିବା ପାଇଁ ବିଦ୍ୱାନ, ଶିକ୍ଷାବିତ୍ ଏବଂ ନୀତି ବିଶେଷଜ୍ଞମାନେ ଏକତ୍ରିତ ହୋଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ଦେଇ ରାଷ୍ଟ୍ର ନିର୍ମାଣ ଏବଂ ପଟେଲଙ୍କ ଦାର୍ଶନିକ ମୂଳଦୁଆ ଉପରେ ବୌଦ୍ଧିକ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେମିନାରର ସଂଯୋଜକ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ସେମ୍ମଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡଃ କେଶବ ଚନ୍ଦ୍ର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ହରିୟାଣା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଅଧ୍ୟକ୍ଷ ଏବଂ ବିଦ୍ୟା ଭାରତୀ ଉଚ୍ଚଶିକ୍ଷା ସଂସ୍ଥାନ (ଭିବିୟୁଏସ୍‌ଏସ୍)ର ଜାତୀୟ ଅଧ୍ୟକ୍ଷ ପ୍ରଫେସର କୈଳାସ ଚନ୍ଦ୍ର ଶର୍ମା ଅଭିଭାଷଣ



ପ୍ରଦାନ କରିଥିଲେ। ପ୍ରଫେସର ଶର୍ମା ସର୍ଦ୍ଦାର ପଟେଲଙ୍କ ରାଜନୈତିକ ଦୂରଦୃଷ୍ଟି ଏବଂ ରାଷ୍ଟ୍ର ନିର୍ମାଣ ପ୍ରୟାସ ଉପରେ ପ୍ରତିଫଳିତ କରିଥିଲେ, ଭାରତର ବିକଶିତ ଶିକ୍ଷା ଏବଂ ରାଜନୈତିକ ଦୃଶ୍ୟପଟ ସହିତ ପଟେଲଙ୍କ ଦୃଷ୍ଟିକୋଣ କିପରି ପ୍ରତିଫଳିତ ହେଉଛି ସେ ବିଷୟରେ ଧ୍ୟାନ ଆକର୍ଷଣ କରିଥିଲେ। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଶ୍ୱିନୀ ମହାପାତ୍ର କହିଥିଲେ ଯେ ପଟେଲଙ୍କ ପାଇଁ, ରାଜ୍ୟ ଗଠନ ଜାତୀୟ ସଂହତି ପ୍ରକ୍ରିୟା ପୂର୍ବରୁ ହୋଇଥିଲା, ଏବଂ ପଟେଲଙ୍କ ରାଜନୈତିକ ଐତିହ୍ୟକୁ ପ୍ରଶଂସା କରିବା ପାଇଁ ରାଜ୍ୟ ନିର୍ମାଣ ଏବଂ ରାଷ୍ଟ୍ର ନିର୍ମାଣ ମଧ୍ୟରେ ପାର୍ଥକ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମ୍ମାନିତ ଅତିଥି ପ୍ରଫେସର ଅସୀମା ସାହୁ ଜାତୀୟ ସଂହତି, ସୁଶାସନ, ମୌଳିକ ଅଧିକାର ପ୍ରବର୍ତ୍ତନ, ଧର୍ମନିରପେକ୍ଷତା, ଲିଙ୍ଗଗତ ସମାନତା ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଶକ୍ତୀକରଣରେ ସର୍ଦ୍ଦାର ପଟେଲଙ୍କ ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଏହି ମୂଲ୍ୟବୋଧଗୁଡ଼ିକୁ 'ଆତ୍ମନିର୍ଭର ଭାରତ' ଭଳି ସମସାମୟିକ ବିଷୟବସ୍ତୁ ସହିତ ଯୋଡ଼ିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ଅଶୋକ ଆଚାର୍ଯ୍ୟ ମୁଖ୍ୟ ଭାଷଣ ଦେଇ କହିଥିଲେ ଯେ, ସର୍ଦ୍ଦାର ପଟେଲଙ୍କ 'ଜନତା' ଦୃଷ୍ଟିକୋଣ ବିଷୟରେ ଗଭୀର ଅନ୍ତର୍ଦୃଷ୍ଟି ପ୍ରଦାନ କରି ତାଙ୍କ ସମ୍ପ୍ରଦାୟର ଧାରଣା ସାମାଜିକ ବିଭାଜନକୁ ଅତିକ୍ରମ କରି ଲୋକଙ୍କ ସାମୂହିକ ପରିଚୟ ଉପରେ କେନ୍ଦ୍ରିତ ଥିଲା ବୋଲି କହିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ସେମିନାରକୁ ସ୍ମରଣୀୟ କରିବା ପାଇଁ ଏକ ସ୍ମାରକୀ ଆନୁଷ୍ଠାନିକ ଭାବରେ ଉନ୍ମୋଚିତ ହୋଇଥିଲା।

ଦୁଇଦିନିଆ ସେମିନାର ମଧ୍ୟରେ ବିଭିନ୍ନ ଶୈକ୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଭାରତର ଏକୀକରଣ, ପ୍ରଶାସନିକ ଏକୀକରଣ, ସଂଘୀୟତା, ଧର୍ମନିରପେକ୍ଷତା, ଅର୍ଥନୈତିକ ଚିନ୍ତାଧାରା ଏବଂ ତୃଣମୂଳ ଶାସନରେ ପଟେଲଙ୍କ ଭୂମିକା ଉପରେ ନିବନ୍ଧ ଉପସ୍ଥାପନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବନିତା ମହାନନ୍ଦିଆ, ଶୁଭଲକ୍ଷ୍ମୀ ବାଇଧର, ଶୁଭଙ୍କରୀ ପତି, ପାର୍ଥସାରଥି ମଲ୍ଲିକ, ଅଞ୍ଜଳି ତ୍ରିପାଠୀ ପ୍ରମୁଖଙ୍କ ସହ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ଯୋଡ଼ି ହୋଇଥିଲେ।

ଜିଲ୍ଲା ୫୫୦ କିଷାନ ଜାତି ସମ୍ମିଳନୀ

# ୨୦୧୨ ନିୟମାବଳୀକୁ ବର୍ଜନ ଘୋଷଣା

**ଝାରସୁଗୁଡା, ୧୯।୫(ସମିସ):** ଝାରସୁଗୁଡା ଜିଲ୍ଲା ଲଇକେରା ବ୍ଲକ ଅନ୍ତର୍ଗତ ଜାମମାଲରେ ରାଜ୍ୟସ୍ତରୀୟ ୫୫୦ କିସାନ ଜାତି ସମାଜ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଜାମମାଲ ଆଞ୍ଚଳିକ ଗୁଡ଼ି ସଭାପତି ପବିତ୍ର ମୋହନ ବୁଦୂଲାଙ୍କ ଅଧ୍ୟକ୍ଷତା ଓ ଉମାଶଙ୍କର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ



ସମ୍ମିଳନୀରେ ରାଉରକେଲାର ଆତ୍ମଘୋଷିତ ସଭାପତି ମୋହନଲାଲ୍ କିସାନଙ୍କୁ ଜୋରଦାର ଭର୍ତ୍ସନା କରାଯିବା ସହ ସରକାରୀ ଅନୁମୋଦିତ ନ ଥିବା ୨୦୧୨ ନିୟମାବଳି ଏବଂ ବିବାହରେ ପ୍ରଚଳିତ ଏନଓସିକୁ ସମ୍ପୂର୍ଣ୍ଣ ବର୍ଜନ ଘୋଷଣା କରାଯାଇଥିଲା।ସମ୍ମିଳନୀରେ ଓଡ଼ିଶାରେ କେବଳ କୁଚିଣ୍ଡା ମହାଗୁଡି ୫୫୦ କିସାନ ଜାତି ସମାଜ ସରକାରୀ ପଞ୍ଜୀକୃତ ଲାଭକରିଥିବା ବେଳେ ଅନ୍ୟ ଜିଲ୍ଲାରେ ଏହାର ଅପବ୍ୟବହାରକୁ ଘୋର ନିନ୍ଦା କରାଯାଇଥିଲା।ପୂର୍ବ ପ୍ରଚଳିତ ଗଡ଼ଜାତ ଜୟପୁର ଷ୍ଟେଟ ଓ ଖାଲସା ଅଧିନସ୍ଥ ଅଞ୍ଚଳରେ କେବଳ ୫୫୦ ସଂଖ୍ୟା ଶବ୍ଦକୁ ବ୍ୟବହାର ପାଇଁ ଅନୁମତି ଥିବାବେଳେ ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଅପବ୍ୟବହାର କରି ୫୫୦, ୯୯୦ ନାଗରା ନାମରେ ସାମାଜିକ ବିଶୃଙ୍ଖଳା ସୃଷ୍ଟି କରାଯାଉଥିବାରୁ ଏହା ବିରୋଧରେ ଅତିଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଲୋଚନା ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ରାଜ୍ୟ କୁଣହାଁ କିସାନ ସମାଜ ସଭାପତି ସୁନାସିର କିସାନ, ୫୫୦ କିସାନ ଜାତି ସମାଜ କୁଚିଣ୍ଡା ମହାଗୁଡି ସଭାପତି ଧରଣୀଧର ପିଙ୍ଗ, ପୂର୍ବତନ ଏସଡିସି ଅଧ୍ୟକ୍ଷ ଶୋଭାରାମ ପ୍ରଧାନ, ରାଜ୍ୟ ସ୍ତରୀୟ କିସାନ ସମାଜ ସଂଯୋଜକ ରାମଚନ୍ଦ୍ର ମାଝୀ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ରାଜ୍ୟ ସ୍ତରୀୟ ସମ୍ପାଦକ ମହେନ୍ଦ୍ର ବାଗ, ଅବସରପ୍ରାପ୍ତ ପ୍ରଶାସକ ମକୁନ୍ଦ କିସାନ୍, ସମାଜ ର ବୟୋଜ୍ୟେଷ୍ଠ ଖତୁ ପିଙ୍ଗ, ଭଗବାନ ବାଗ, ସବିତା କିସାନ, ସୁମତି ବାଗ ପ୍ରମୁଖ ଯୋଗଦେଇ କୁଣହାଁ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ କିସାନ, ମିର୍ଦ୍ଧା, କୋଡ଼ା ଓ ମାଟିଆ ସମାଜ କୁ ଏକତ୍ରିତ ଭାବେ ସଂଗଠିତ କରି ଶିକ୍ଷିତ ଓ ସମୃଦ୍ଧଶୀଳ ସମାଜ ଗଠନ କରିବାକୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ସମ୍ମିଳନୀରେ ଝାରସୁଗୁଡ଼ା ଜିଲ୍ଲା ନୂତନ କମିଟି ଗଠନ କରାଯାଇ ପବିତ୍ରମୋହନ ବୁଦଲା ଙ୍କୁ ଜିଲ୍ଲା ସଭାପତି ଏବଂ ପ୍ରଦୀପ ବାଗଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ସଭାକୁ ମିତ୍ରଭାନୁ ବୁଦୂଲା, ଅନାଦି ବୁଦୂଲା ପ୍ରମୁଖ ପରିଚାଳନା କରିଥିଲେ।ସଭାରେ ଜାମମାଲ, ରାଉତବାହାଲ, ଭାତଲଇଡ଼ା, ରେଙ୍ଗାଲବେଡା, କେନ୍ଦୁଡ଼ିହି, ଚନ୍ଦ୍ରପୁର, ତୁମ୍ବାଡ଼ିହି, ଭିମଯୋର, କର୍ଲା, ପରମାନପୁର ଇତ୍ୟାଦି ଗୁଡ଼ି ଅଞ୍ଚଳରୁ ସହସ୍ରାଧିକ ଲୋକ ଯୋଗଦାନ କରିଥିଲେ।

### ଅତିଷ୍ଠ କରୁଛି ଅଘୋଷିତ ବିଦ୍ୟୁତ୍ କାଟ୍

# ଆନ୍ଦୋଳନକୁ ଓହ୍ଲାଇଲା ମୁରିବାହାଲ ବିକାଶ ମଞ୍ଚ

**ମୁରିବାହାଲ, ୧୯।୫(ସମିସ)**



ବାରମ୍ବାର ବିଦ୍ୟୁତ୍ ସମସ୍ୟା ନେଇ ବିଦ୍ୟୁତ୍ ଅଫିସ୍ ଘେରିଛି ମୁରିବାହାଲ ବିକାଶ ମଞ୍ଚ। ମୁରିବାହାଲ ସଦର ମହକୁମାରେ ଥିବା ଗ୍ରୀଡ୍‌ର ବିଦ୍ୟୁତ ଅଫିସକୁ ବିକାଶ ମଞ୍ଚ ମୁରିବାହାଲର ସଭାପତି ଫାଲ୍ଗୁନୀ ହାତୀଙ୍କ ନେତୃତ୍ୱରେ ଏହି ଘେରଉ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ମୁରିବାହାଲ ବିଦ୍ୟୁତ ବିଭାଗ ଅଫିସର ଜୁନେଦ ଖାନ୍‌ଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୁରିବାହାଲ ଗ୍ରୀଡ୍ ଅଞ୍ଚଳରେ ଦୀର୍ଘ ଦିନ ଧରି ଟାଟା ପାୱାରର ମନମାନୀ କାର୍ଯ୍ୟ ଯୋଗୁଁ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବିଦ୍ୟୁତ ଉପଭୋକ୍ତା। ବିଦ୍ୟୁତ ବିଭାଗ ଅଧିକାରୀମାନଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏହାର ସମାଧାନ ହେଉନାହିଁ। ଅଞ୍ଚଳରେ ପ୍ରତ୍ୟେକ ଦିନ ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ କାଟ ହେବା ସହିତ ନୂତନ ବିଦ୍ୟୁତ ଉପଭୋକ୍ତାମାନେ ମାସ ମାସ ଧରି ଟଙ୍କା ଦେଲେ ମଧ୍ୟ ନୂତନ କନେକ୍ସନ ଦିଆଯାଉନାହିଁ। ଅତ୍ୟଧିକ ଖରା ଯୋଗୁଁ ଚାଷୀମାନେ ନାହିଁ ନ ଥିବାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ କର୍ମଚାରୀ ମାନେ ବିଦ୍ୟୁତ ବିଲ ଜୋର ଜବରଦସ୍ତ ଆଦାୟ କରୁଥିବା ଓ ଘରେ ଥିବା ମହିଳା ମାନଙ୍କୁ ଦୁର୍ବ୍ୟବହାର, ହଇରାଣ, ବିଦ୍ୟୁତ କଟାଯିବ ବୋଲି ଧମକ ଦେବା ଭଳି ଅନେକ ଗ୍ରାମରୁ ଅଭିଯୋଗ ହୋଇଛି। ବିଦ୍ୟୁତ ଅଧିକାରୀ ଓ କର୍ମଚାରୀମାନେ କୌଣସି ଅସୁବିଧା ହେଲେ ଫୋନ ରିସିଭ ନକରୁଥିବା ଅଭିଯୋଗ ହେଉଛି। ବିଦ୍ୟୁତ ବିଲ ବ୍ୟବହାରରୁ ଅଧିକ ଆସୁଥିବା ମଧ୍ୟ ଅଭିଯୋଗ ହେଉଥିବା ନେଇ ବିଦ୍ୟୁତ ଅଫିସ ଘେରାଉ କରାଯାଇଛି। ବିଦ୍ୟୁତ ଅଧିକାରୀ ଯୁବେଦ ଖାନ ଦାବୀ ପତ୍ର ଗ୍ରହଣ କରି ଆଗାମୀ ଦିନରେ ଏହିଭଳି ଅଭିଯୋଗ ହେବାକୁ ଦେବୁ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମସ୍ୟା ସମାଧାନ ନହେଲେ ବିକାଶ ମଞ୍ଚ ମୁରିବାହାଲ ବ୍ଲକର କର୍ମକର୍ତ୍ତା ଓ ଅଞ୍ଚଳବାସୀ ଚେତାବନୀ ଦେଇଥିଲେ। ଘେରଉରେ ବିକାଶ ମଞ୍ଚର ସଭାପତି ଫାଲ୍ଗୁନୀ ହାତୀ, ସମ୍ପାଦକ ଅମରେଶ ମାଝୀ, କୋଷାଧକ୍ଷ ହରିଦାସ ତାଣ୍ଡି, ମଦନ, ପିଙ୍କୁ ବାଗ, ସୁରେଶ ସାହୁ, ଜୟନ୍ତ ସାହୁ ସମସ୍ତ କର୍ମକର୍ତ୍ତା ଓ ଅଞ୍ଚଳବାସୀ ସହଯୋଗ କରିଥିଲେ।

# ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ: ସ୍ୱାସ୍ଥ୍ୟ ବିଭାଗ ଚୁପ୍

**କଣ୍ଟାବାଞ୍ଜି, ୧୯।୫(ସମିସ):** ବଲାଙ୍ଗିର ଜିଲ୍ଲାର ମୁରିବାହାଲ, ବଙ୍ଗୋମୁଣ୍ଡ, ତୁରେକେଲା ବ୍ଲକ ଅଞ୍ଚଳରେ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ନକଲି ଡାକ୍ତରଙ୍କ ବିରୋଧରେ ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟାନୁଷ୍ଠାନ ହେଉନଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଗତ କିଛି ଦିନ ତଳେ ବଙ୍ଗୋମୁଣ୍ଡାଠାରେ ଜଣେ ଫାର୍ମାସିଷ୍ଟ ନିଜକୁ ଡାକ୍ତର ପରିଚୟ ଦେଇ ଏକ ଔଷଧ ଦୋକାନ କରିବା ସହ ରୋଗୀ ଚିକିତ୍ସା କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏହାପରେ ସିନ୍ଧେକେଲା ସିଏଚସି ଅଧୀକ୍ଷକ ଡ.ଜୟନ୍ତ ବାଗ ବିଭାଗୀୟ ଅଧିକାରୀ ସହ ଔଷଧ ଦୋକାନ ଓ କ୍ଲିନିକ୍ ଯାଞ୍ଚ କରି ସମ୍ପୃକ୍ତ ଫାର୍ମାସିଷ୍ଟ ସାର୍ଟିଫିକେଟ ଯାଞ୍ଚ ପାଇଁ ପଠେଇ ଦିଆଯାଇଥିବା ଜଣାପଡ଼ିଛି। ପୂର୍ବରୁ ମଧ୍ୟ ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ସିନ୍ଧେକେଲା ଠାରେ ଜଣେ ପଶ୍ଚିମବଙ୍ଗ ଅଞ୍ଚଳର ପଳାସ ବିଶ୍ୱାସ ନାମକ ନକଲି ଡାକ୍ତର ଦୀର୍ଘବର୍ଷ ହେଲା କ୍ଲିନିକ ଖୋଲି ଡାକ୍ତର ପରିଚୟ ଦେଇ ରୋଗୀ ସେବା ନାରେ ଲୋକଙ୍କୁ ଲୁଟି ଆସୁଥିଲା। ଏନେଇ ସେତେବେଳ ପୁଲିସ ତାଙ୍କ କ୍ଲିନକ୍‌ରେ ଚଢ଼ଉ କରି ଗିରଫ କରିଥିଲା। ସେହିପରି ତୁରେକେଲା ବ୍ଲକ ଅଞ୍ଚଳରେ ମଧ୍ୟ ନକଲି ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଗତ କିଛି ମାସ ତଳେ ତୁରେକେଲା ଥାନା ଅନ୍ତର୍ଗତ ବଡଡକଲା ଗାଁରେ ପଶ୍ଚିମବଙ୍ଗ ଅଞ୍ଚଳ ଆସି ଡାକ୍ତର ପରିଚୟ ଦେଇ ରୋଗୀ ଦେଖୁଥିବା ନକଲି ଡାକ୍ତରଙ୍କ ଭୂଲ ଇଞ୍ଜେକସନ ଯୋଗୁଁ ଜଣେ ରୋଗୀଙ୍କ ଜୀବନ ଯାଇଥିଲା। ଏନେଇ ପରିବାର ଲୋକେ ଅଭିଯୋଗ କରିବା ପରେ ତୁରେକେଲା ପୁଲିସ ସମ୍ପୃକ୍ତ ଡାକ୍ତରଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ୨୦୨୩ ମସିହାରେ ମୁରିବାହାଲ ବ୍ଲକ ଚନାବାହାଲ ଗାଁ ର ଶିବ ମାହାନନ୍ଦ ଜଣେ ରୋଗୀ ଅସୁସ୍ଥମନେ କରି ସ୍ଥାନୀୟ କ୍ୱାକ ଡାକ୍ତର ପାଖକୁ ଯାଇଥିବା ବେଳେ ନକଲି ଡାକ୍ତରଙ୍କ ଭୁଲ ଇଞ୍ଜେକସନ ଯୋଗୁଁ ଶିବ ମାହାନନ୍ଦଙ୍କ ମୃତ୍ୟୁ ହୋଇଥିଲା। ମୁରିବାହାଲ ବ୍ଲକରେ ପୂର୍ବରୁ ଏହିଭଳି ନକଲି ଡାକ୍ତରଙ୍କ ଭୁଲ ଚିକିତ୍ସା ପାଇଁ ଅନେକ ରୋଗୀଙ୍କ ମୃତ୍ୟୁ ହୋଇଥିବା ଦେଖାଦେଇଛି। ସେ ସବୁ ଭିତରେ ମଧ୍ୟ ମୁରିବାହାଲ ବ୍ଲକ ସଦର ମହକୁମାର ଠାରେ ପୁଣି ଜଣେ ପଶ୍ଚିମବଙ୍ଗ ଅଞ୍ଚଳରୁ ଆଉ ଜଣେ ନକଲି ଡାକ୍ତର ଆସି ଦୀର୍ଘ ବର୍ଷ ହେଲା କ୍ଲିନିକ୍ ଖୋଲି ରୋଗୀ ସେବା କରୁଛନ୍ତି। ସେହିପରି ମୁରିବାହାଲ ସଦର ମହକୁମାର ଠାରୁ କିଛି ଦୂରରେ ଜଣେ ପଶ୍ଚିମବଙ୍ଗ ଅଞ୍ଚଳ ନକଲି ଡାକ୍ତର ତା କାୟାବିସ୍ତାର କରି ରୋଗୀ ସେବା କରୁଥିବା ଅଭିଯୋଗ ହେଉଛି। ଏହିଭଳି କାର୍ଯ୍ୟ ଚାଲିଥିଲେ ମଧ୍ୟ ମୁରିବାହାଲ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛି। ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ବଲାଙ୍ଗିର, ୧୯।୫(ସମିସ):** ୨୦୨୩ ମସିହା ଜାନୁଆରୀ ମାସ ୪ ତାରିଖ ଅଏଁଲାଚୁଆଁ ଗ୍ରାମରେ ଘଟିଥିବା ହତ୍ୟାକାଣ୍ଡ ମାମଲାର ବିଚାର ହୋଇଛି। ଜିଲ୍ଲା ସେସନ ଜଜ ଡ. ପବିତ୍ର ମୋହନ ସାମଲ ଏହି ମାମଲାର ବିଚାର କରି ହତ୍ୟା ଅଭିଯୁକ୍ତ ସୋନୁ ବାଗ(୬୬) କୁ ଆଜୀବନ କାରାଦଣ୍ଡ ଦେବା ସହ ୧୦ହଜାର ଟଙ୍କା ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ଏକବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୩ ଜାନୁଆରୀ ୪ ତାରିଖ ରାତିରେ ଅଏଁଲାଚୁଆଁ ଗ୍ରାମରେ ଥିବା ଲକ୍ଷ୍ମୀକାନ୍ତ ରାଉତଙ୍କ ଫାର୍ମ ହାଉସରେ ଏକ ହତ୍ୟାକାଣ୍ଡ ଘଟିଥିଲା। ସେଠାକାର ରାତ୍ର ଜଗୁଆଳି ରାତୁ ଭୁଏ(୨୫) ଙ୍କୁ ସୋନୁ ଆକ୍ରମଣ କରିଥିଲା। ଫଳରେ ରାତୁ ଭୁଏର ମୃତ୍ୟୁ ହୋଇଥିଲା। ଗଞ୍ଜେଇ ଟାଣିବାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ ସୋନୁ ବାଗ ଏହି ହତ୍ୟାକାଣ୍ଡ ଭିଆଇଥିଲା। ସୋମବାର ଏହି ମାମଲାର ବିଚାର କରି ଅଦାଲତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲା ସୁବାଷ ଚନ୍ଦ୍ର ମହନ୍ତ ପରିଚାଳନା କରୁଥିଲେ।

## କଳାକାର ଉମାକାନ୍ତ ମହାନନ୍ଦଙ୍କ ପରଲୋକ

**କଣ୍ଟାବାଞ୍ଜି, ୧୯ ।୫(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ଗାନ୍ଧୀନଗରରପଡ଼ା ବାସିନ୍ଦା ତଥା ବରିଷ୍ଠ କଳାକାର ଉମାକାନ୍ତ ମହାନନ୍ଦଙ୍କ ରବିବାର ଅକାଳ ବିୟୋଗ ହୋଇଛି। ସେ



କଣ୍ଟାବାଞ୍ଜି ଅଞ୍ଚଳରେ ଜଣେ ସୁନାମଧନ୍ୟ କଳାକାର ଭାବେ ପରିଚିତ ଥିଲେ। ଅଞ୍ଚଳରେ ଅନେକ ମଞ୍ଚରେ ସେ ପାରମ୍ପରିକ ବାଦ୍ୟ ବଜାଇ ଅନେକ ସୁମଧୁର ଗୀତ୍ ଗାଇ ଦର୍ଶକଙ୍କୁ ମନ କିଣୁଥିଲେ। ସେ କଣ୍ଟାବାଞ୍ଜି ମାଟିର ମହୋତ୍ସବ କମିଟି ର ମଧ୍ୟ ଜଣେ ସକ୍ରୀୟ ସଦସ୍ୟ ଥିଲେ। ଉମାକାନ୍ତ ଗତ କିଛି ଦିନ ତଳେ ଅସୁସ୍ଥ ହେବାରୁ ବଲାଙ୍ଗିର ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖାଦେଇଛି। ହଳଦୀସ୍ଥିତ ତାଙ୍କ ପିତୃତ୍ୱ ଶ୍ମଶାନରେ ସତ୍କାର କରାଯାଇଥିବାସାନ ଭାଇ ବ୍ରହ୍ମ ସିଂ ମାହାନନ୍ଦ ପ୍ରକାଶ କରିଛନ୍ତି। ତାଙ୍କୁ ଶେଷ ଦର୍ଶନ କରିବାକୁ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

### ଯୋଗୀମୁଣ୍ଡା ଅଞ୍ଚଳରେ ମାଲମାଲ ବେଆଇନ କ୍ଲିନିକ୍

## ସିଡିଏମ୍‌ଓଙ୍କ ତଦନ୍ତ ନିର୍ଦ୍ଦେଶ, କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

**ପାଟଣାଗଡ଼, ୧୯।୫(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଯୋଗିମୁଣ୍ଡା ଅଞ୍ଚଳରେ ମାଳମାଳ ବେଆଇନ କ୍ଲିନିକ୍ ଖୋଲି ଲୋକଙ୍କ ଜୀବନ ସହ



ଖେଳ ଖେଳାଯାଉଥିବା ଅଭିଯୋଗ ହେଉଛି। ଏ ନେଇ ଦୈନିକ 'ସକାଳ'ରେ ଗତ ଶୁକ୍ରବାର ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏଡିଏମ୍‌ଓ ଡିଏଚ୍‌ଏଚ୍ ବଲାଙ୍ଗିରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ ପାଟଣାଗଡ଼ ସଦର ମହକୁମାଠାରୁ ଦଶ କିମି ଦୂର ଯୋଗିମୁଣ୍ଡା ଅଞ୍ଚଳରେ ଛତୁ ଫୁଟିଲା ପରି ବେଆଇନ କ୍ଲିନିକ୍ ଗଢ଼ି ଉଠିଛି। ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ନ ଥାଇ ବେଆଇନ ଭାବେ ନକଲି ଡାକ୍ତର ସାଲାଇନ୍, ଇଞ୍ଜେକ୍ସନ ଦେଇ ଚିକିତ୍ସା କରୁଛନ୍ତି। ଫଳରେ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଯୋଗିମୁଣ୍ଡା ପଣ୍ଡାମୁଣ୍ଡା ରାସ୍ତାର ଡାହାଣ ପାର୍ଶ୍ୱରେ ଜଣେ ଯୁବକ ଗୋଟିଏ ପଟେ ଔଷଧ ଦୋକାନ ସହ ଅନ୍ୟ ପଟେ କ୍ଲିନିକ ଖୋଲି ଖୋଲାଖୋଲି ଭାବେ ରୋଗୀଙ୍କୁ ଚିକିତ୍ସା କରୁଥିବା ଜଣାପଡ଼ିଛି। ସେଠାରେ ଛୋଟଛୋଟ ଶିଶୁଙ୍କୁ ଇଞ୍ଜେକ୍ସନ ଦେବା, କ୍ଲିନିକ୍‌ରେ ବେଡ୍ ପକାଇ ସାଲାଇନ୍ ଲଗାଇ ଚିକିତ୍ସା କରାଯାଉଛି। ଏହି ଅଞ୍ଚଳରେ ଅନେକ ସମୟରେ ନକଲି ଡାକ୍ତରଙ୍କ ଭୁଲ ଚିକିତ୍ସା ଯୋଗୁଁ ଲୋକଙ୍କ ଜୀବନ ହାନି ହେଉଥିବା ନଜିର ମଧ୍ୟ ରହିଛି। ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ପଦକ୍ଷେପ ନେବାପାଇଁ ଦାବି ହେଉଛି।

## ବିନା ସୂଚନା ଫଳକରେ ନିମ୍ନମାନର କାମ!

**ତୁରେକେଲା, ୧୯।୫(ସମିସ):** ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜି ଅଞ୍ଚଳର କୋଣେ ଅନୁକୋଣେ ବଡ଼ବଡ଼ କୋଠା, ଅଫିସ୍, ବସଷ୍ଟାଣ୍ଡ ଭଳି ଅନେକ ସରକାରୀ ଯୋଜନାର ନିର୍ମାଣ କାର୍ଯ୍ୟ ଚାଲିଥିବା ଦେଖିବାଁକୁ ମିଳିଛି। ହେଲେ ନିର୍ମାଣ କାର୍ଯ୍ୟ ଆରମ୍ଭରୁ ସୂଚନା ଫଳକ ଲଗାଇବାକୁ ଆଦେଶ ଥିଲେ ସୁଦ୍ଧା ଏହାର କୌଣସି ଜାଗାରେ ପ୍ରତିଫଳିତ ହେଉନାହିଁ। ଯଦ୍ୱାରା ଲୋକେ କାର୍ଯ୍ୟର ବିବରଣୀ ପାଇପାରୁ ନାହାନ୍ତି। ଏହିଭଳି ଅବ୍ୟବସ୍ଥା ଘେରରେ ଚାଲିଥିବା ଏକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କୋଠା ନିର୍ମାଣ ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ବଡଡକଲା ପଞ୍ଚାୟତ ଗଡ଼ଗଡ଼ବାହାଲ ଗ୍ରାମରେ। ନା ଏଠାରେ କୌଣସି ସୂଚନା ଫଳକ ଅଛି ଯାହାକୁ ଦେଖି ଜାଣିହେବ ଯେ ଏହା କେଉଁ ଯୋଜନାରୁ କେତେ ଅଟକଳ ପରିମାଣ ରେ କାହା ଦ୍ୱାରା ଏହା ପରିଚାଳିତ ହେଉଛି। ଅତି ଦୁଃଖର ସହିତ କହିବାକୁ ପଡୁଛି ଯେ ଏହି କାମ ଗତ ଛଅରୁ ଆଠ ମାସ ତଳେ ଆରମ୍ଭ ହୋଇଥିଲା ହେଲେ ସାମ୍ନାରେ କୌଣସି ସୂଚନା ଫଳକ ନାହିଁ। ତୁରେକେଲା ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଏତେ ଅବହେଳା ହେଉଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା



କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏହି ଛାତ୍ରୀ ନିବାସ ନିର୍ମାଣ କାର୍ଯ୍ୟର ଟିକି ନିଖି ଯାଞ୍ଚ କରି ଠିକା ସଂସ୍ଥା ଓ ତଦାରଖ କରୁଥିବା ସରକାରୀ ବାବୁ ମାନଙ୍କ ବିରୋଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

### ପାଟଣାଗଡ଼ କନିଷ୍ଠ ଯନ୍ତ୍ରୀ ମୃତ୍ୟୁକୁ ଦୁଇ ବର୍ଷ

# ଆଜି ବି ପାଟଣାଗଡ଼ ଥାନାରେ ଗଡୁଛି ଅପମୃତ୍ୟୁ ମାମଲା

**ବଲାଙ୍ଗିର, ୧୯।୫(ସମିସ):** ରାଜ୍ୟରେ ଏମିତି ଅନେକ ଅପରାଧିକ ମାମଲା ରହିଛି ଯାହାର ତଦନ୍ତ ଏଯାଏଁ ସରିନାହିଁ। ଅନେକ ମାମଲାର ମୃତକଙ୍କ ପରିଚୟ ମିଳିନଥିବା ବେଳେ ଏହି ଭଳି ଅନେକ ମାମଲାରେ ମୃତକଙ୍କ ପରିଚୟ ମିଳିଛି ହେଲେ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଏହିଭଳି ମାମଲାରେ ମୃତକଙ୍କ ପରିବାର ଲୋକେ ଆଜି ବି ସନ୍ଦୀହାନ ଅବସ୍ଥାରେ ରହିଛନ୍ତି। ଯେ ମୃତକ ଜଣକ ଆତ୍ମହତ୍ୟା କଲେ ନା ତାଙ୍କୁ ହତ୍ୟା କରିଦିଆଗଲା ନା ଆଉ କିଛି ତାଙ୍କ ସହ ଘଟିଥିଲା। ଏଭଳି ଏକ ମାମଲା ଆଜି ବି ରହସ୍ୟ ହୋଇରହିଛି ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନାରେ। ଦୁଇ ବର୍ଷ ପୂର୍ବରୁ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ସନ୍ଦେହଜନକ ଭାବେ ମୃତଦେହ ଉଦ୍ଧାର ହୋଇଥିଲା। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିଥିଲା କିନ୍ତୁ ସ୍ଥାନୀୟ ଲୋକେ ତାଙ୍କୁ ହତ୍ୟା କରାଯାଇଥିବା କହିଥିଲେ। ହେଲେ ଆଜି ବି ଉକ୍ତ ମାମଲା ନାଳିଫିତା ତଳେ ଦବି ରହିଛି। ହୁଏତ ଲୋକେ ଘଟଣାକୁ ଭୁଲିଯାଇପାରନ୍ତି କିନ୍ତୁ କିଛି ଦିନ ପୂର୍ବରୁ ବରଗଡ଼ ଜିଲ୍ଲାରେ କନିଷ୍ଠ ଯନ୍ତ୍ରୀଙ୍କୁ ହତ୍ୟା ମାମଲା ପୁଣି ଏହି ଘଟଣାକୁ ଚର୍ଚ୍ଚାକୁ ଆଣିଛି।

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକରେ କାର୍ଯ୍ୟରତ ଥିବା ଜଣେ କନିଷ୍ଠ ଯନ୍ତ୍ରୀଙ୍କ ମୃତଦେହ ୨୦୨୨ ମସିହା ମେ ମାସରେ ପୁଲିସ ଉଦ୍ଧାର କରିଥିଲା। ମୃତକ କନିଷ୍ଠ ଯନ୍ତ୍ରୀ ଜଣକ କେନ୍ଦ୍ରାପଡ଼ା ଜିଲ୍ଲାର ସୁରେଶ ସାହୁ ବୋଲି ଜଣାପଡ଼ିଥିଲା। ପାଟଣାଗଡ଼ ଯୋଗୀମୁଣ୍ଡା ରାସ୍ତାରେ ଥିବା ବନକା ବିଅର ଛକ ରୁ ପ୍ରାୟ ଏକ କିମି ଭିତରୁ ଏକ କପା କିଆରୀରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ସେହି ସମୟରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ହତ୍ୟା ସନ୍ଦେହରେ ସାଇଣ୍ଟିଫିକ ଟିମ୍‌କୁ ମଧ୍ୟ ଡାକି ଏହି ମାମଲାର ତଦନ୍ତ ହୋଇଥିଲା। ଦିନ ପରେ ଦିନ ଗଡ଼ିଲା। ବଡ ବଡ ପୁଲିସ ଅଧିକାରୀ ମଧ୍ୟ ମାମଲାର ତଦନ୍ତ ଚଳାଇଥିଲେ କିନ୍ତୁ ଆଜକୁ ପ୍ରାୟ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେଲା ମୃତ ସୁରେଶ ସାହୁଙ୍କୁ ହତ୍ୟା କରାଯାଇଥିଲା ନା ସେ ନିଜେ ଆତ୍ମହତ୍ୟା କରିଥିଲେ ନା ତାଙ୍କ ସହ ଆଉ କିଛି ଘଟିଥିଲା ତାହା ସ୍ପଷ୍ଟ ହୋଇନାହିଁ। ଦୁଇ ବର୍ଷ ପରେ ବି ପରିବାର ଲୋକେ ମଧ୍ୟ ମୃତକଙ୍କ ବିଷୟରେ କିଛି ଜାଣିପାରିଲେ ନାହିଁ। ସେହି ସମୟରେ ଏହି ମାମଲା ରାଜନୈତିକ ମୋଡ ନେଇଥିଲା। ଏହାକୁ ନେଇ କିଛି ସଙ୍ଗଠନ ମଧ୍ୟ ଆନ୍ଦୋଳନ କରିଥିଲେ। କନିଷ୍ଠ ଯନ୍ତ୍ରୀଙ୍କୁ ହତ୍ୟା କରାଯାଇଥିବା ଓ ଅପରାଧିଙ୍କ ରାଜନୈତିକ ଲିଙ୍କ ଥିବା କହିଥିଲେ। କିନ୍ତୁ ଆଜି ବି ଏହି ମାମଲା ଥାନା ଭିତରେ ପୁଲିସ ନାଳିଫିତା ତଳେ ଚାପି ହୋଇ ରହିଛି। ଏନେଇ ତତକାଳିନ ପୁଲିସ ଅଧିକାରୀଙ୍କୁ ପଚାରିବାରୁ ଏହି ମାମଲାରେ ପୁଲିସ ବିଭାଗ ତନ୍ନ ତନ୍ନ କରି ତଦନ୍ତ କରିଥିଲା। ପ୍ରାୟ ୧୫ ରୁ ୨୦ ଜଣଙ୍କୁ ପଚରାଉଚୁରା ମଧ୍ୟ କରାଯାଇଥିଲା। କିନ୍ତୁ କୌଣସି ପ୍ରକାର କିଛି ଖିଅ ବାହାରିନଥିଲା। ଏପରିକି ବ୍ୟବଚ୍ଛେଦ ରିପୋର୍ଟରେ ମଧ୍ୟ ଦ୍ୱନ୍ଦ୍ୱ ରହିଥିଲା। ଯାହାଫଳରେ ଏହି ଘଟଣା ପଛର କାରଣ ସ୍ପଷ୍ଟ ହୋଇନଥିଲା। ମାମଲାର ଅବସ୍ଥିତି ବିଷୟରେ ବର୍ତ୍ତମାନର ଅଧିକାରୀ କହିପାରିବେ ବୋଲି କହିଥିଲେ। ତେବେ ଏହି ଘଟଣାକୁ ମାସେ କି ଦୁଇ ମାସ ନୁହଁ ପ୍ରାୟ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହୋଇଗଲାଣି। ଅନ୍ୟ ଏକ ଜିଲ୍ଲା ରୁ ଆସି ବଲାଙ୍ଗିର ଜିଲ୍ଲାରେ ଚାକିରି କରୁଥିବା ସମ୍ପୃକ୍ତ ଯନ୍ତ୍ରୀଙ୍କ ମୃତ୍ୟୁ ଘଟଣା ଆଜି ବି ରହସ୍ୟ ଭିତରେ। କିଛି ଦିନ ପୂର୍ବରୁ ବରଗଡ଼ ଜିଲ୍ଲା ରେ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଦୁଇ ବର୍ଷ ପୂର୍ବରୁ ପାଟଣାଗଡ଼ର ଏହି ଘଟଣାକୁ ପୁଣି ଥରେ ଚର୍ଚ୍ଚାକୁ ଫେରିଛି। ତେବେ ଏହି ମାମଲା ଉପରେ ପୁଲିସ କେବେ ପରଦା ହଟାଇବ ତାହା ସବୁଠାରୁ ବଡ ପ୍ରଶ୍ନ। ଏହି ଘଟଣାକୁ ପୁଣି ଥରେ ତଦନ୍ତ କରିବାକୁ ଦାବି ହୋଇଛି।

# ପ୍ରଶାନ୍ତ ମିଶ୍ରଙ୍କ 'ପ୍ରତିପନ୍ନ' ଉନ୍ମୋଚିତ

**ବଲାଙ୍ଗିର, ୧୯।୫(ସମିସ):** ଆମ ଆଖପାଖର ପରିବେଶ, ପରିସ୍ଥିତି ହିଁ ଲେଖକକୁ ଲେଖିବା ପାଇଁ ବାଧ କରେ। ସାମାଜିକ ଗତି, ରୀତିରେ ଅବାଞ୍ଛିତ ପରିବର୍ତ୍ତନ ଦେଖି ଲେଖକଟିଏ ନଲେଖି ରହିପାରେ ନାହିଁ ବୋଲି ଲେଖେ। ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ମିଶ୍ରଙ୍କ ରଚିତ 'ପ୍ରତିପନ୍ନ' ପୁସ୍ତକର ଲୋକାର୍ପଣ ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାରର କୁଳସଚିବ ଡ. ନୃପରାଜ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଏହା କହିଛନ୍ତି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ଡ. ଉମା ବଲ୍ଲଭ ମହାପାତ୍ର ପ୍ରତିପନ୍ନ ପୁସ୍ତକ ଓଡ଼ିଶାର ଅନେକ ଅନାଲୋଚିତ ପ୍ରସଙ୍ଗ ଲୋକଲୋଚନକୁ ଆଣିବାରେ ସଫଳ ହୋଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସଚିବ ରାମଚନ୍ଦ୍ର ପଟେଲ ଯୋଗ ଦେଇଥିଲେ। ଷ୍ଟେଟ ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟସ ବଲାଙ୍ଗିର ଶାଖା ଆନୁକୂଲ୍ୟରେ ସଭାପତି ଶରତ ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ରଘୁନନ୍ଦନ ସିଂହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସାମ୍ବାଦିକ ବୀରେନ୍ଦ୍ର ଝାଙ୍କର ଅତିଥି ପରିଚୟ ଦେଇଥିଲେ। ପ୍ରତିପନ୍ନର



ସ୍ରଷ୍ଟା ଶ୍ରୀ ମିଶ୍ର ଲେଖକୀୟ ମନ୍ତବ୍ୟ ଦେଇଥିଲେ। ଲିଲି ପଟେଲ ସଭା ସଂଯୋଜନା କରିଥିଲେ। ଏସ ୟୁ ଜେ ରାଜ୍ୟ ଉପସଭାପତି ମହେନ୍ଦ୍ର ଦର୍ଜି, ପ୍ରତିପନ୍ନ ସତ୍ତ୍ୱାଧିକାରୀ ମାନସୀ ମିଶ୍ର, ଇଂ ସିଦ୍ଧାନ୍ତ ମିଶ୍ର, ସାମ୍ବାଦିକ ସତ୍ୟନାରାୟଣ ମିଶ୍ର, ରତିକାନ୍ତ କର୍ମୀ, ଜିଲ୍ଲା ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ଶିଶିର ଶତପଥୀ, ଆଇନଜୀବୀ ଅଶୋକ ରାଉତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରତିପନ୍ନ ପ୍ରଚ୍ଛଦ ଶିଳ୍ପୀ ରଜତ ପଟେଲଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶ୍ରୋତାଙ୍କ ମଧ୍ୟରୁ ଶିକ୍ଷାବିତ ମନୋରଞ୍ଜନ ସାହୁ, ଜିଲ୍ଲା କୋଷାଗାର ଅଧିକାରୀ ଭୀମସେନ ବାଗ ଓ ଝରଣା ପାଢ଼ୀଙ୍କୁ ଭାଗ୍ୟଶାଳୀ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ ଧନ୍ୟବାଦ ଦେଇଥିଲେ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବାବାଜୀ ଚରଣ ପରିଡା
ଅର୍ଦ୍ଧିଆ-କୃଷ୍ଣନପୁର, ପୋ.ଅ - ସିଂହାପୁର, ଯାଜପୁର
ଆବିର୍ଭାବ -୧୫. ୦୧. ୧୯୪୯
ତିରୋଧାନ -୧୦. ୦୫. ୨୦୨୫
ତମେ ଚାଲିଗଲ ଅଫେରା ରାଇଜକୁ ଆଉ ଫେରିବ ନାହିଁ କେବେ। ତୁମ ସ୍ନେହ, ମମତା, ନୀତି ଓ ଆଦର୍ଶ ଆମ ପାଇଁ ପାଥେୟ ହେଉ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ଏତିକି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ସହଧର୍ମିଣୀ -ସନ୍ଧ୍ୟାରାଣୀ ପରିଡା, ପୁଅବୋହୂ - ସମିତ - ଗାୟତ୍ରୀ, ସନ୍ଦୀପ - ଶର୍ବାଣି, ଝିଅଜ୍ୱାଇଁ - ସ୍ୱାଗତିକା - ଆନନ୍ଦ, ନାତି ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

# ଅନ୍ତ୍ୟୋଦୟ ଯୋଜନାରେ ଦିବ୍ୟାଙ୍ଗଙ୍କୁ ଅଣଦେଖା

### ବଢୁଛି ଅସନ୍ତୋଷ, ଜିଲ୍ଲାପାଳଙ୍କୁ ଅଭିଯୋଗ

**ବଲାଙ୍ଗିର, ୧୮।୫(ସମିସ)**

ଗତ କିଛିଦିନ ତଳେ ରାଜ୍ୟ ସରକାରଙ୍କ ତରଫରୁ ଆରମ୍ଭ ହୋଇଛି ଅନ୍ତ୍ୟୋଦୟ ଗୃହ ଯୋଜନା। ଏହି ଯୋଜନା ଅଧୀନରେ ସମାଜର ଆର୍ଥିକ ଅନଗ୍ରସର ତଥା ଦିବ୍ୟାଙ୍ଗଙ୍କୁ ଅଗ୍ରାଧିକାର ଭିତ୍ତରେ ଆବାସ ଗୃହ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ କହିଛନ୍ତି। କିନ୍ତୁ ସେମାନଙ୍କର କଥା ତୃଣମୂଳସ୍ତରରେ କେତେ କାର୍ଯ୍ୟକାରୀ ହେଉଛି ତାହା ପ୍ରଶ୍ନବାଚୀ। ସରକାରଙ୍କ କଥାରେ ଭିନ୍ନକ୍ଷମ ମାନେ ଆଶାବାଦୀ ହୋଇଥିବାବେଳେ ଏବେ ଆବାସ ଗୃହ ପାଇଁ ବାରଦୁଆର ହେଉଛନ୍ତି। ବଲାଙ୍ଗିର ଜିଲ୍ଲାର ଗ୍ରାମାଞ୍ଚଳରେ ଆବାସ ଘର ପାଇଁ ସର୍ଭେ କାମ ଚାଲିଛି। କିନ୍ତୁ ସର୍ଭେ ସମୟରେ ଭିନ୍ନକ୍ଷମଙ୍କୁ ବାଦ୍ ଦିଆଯାଉଥିବା ଅଭିଯୋଗ ଆସୁଛି। ବ୍ଲକସ୍ତରରେ ଏହି ସମସ୍ୟାର ସମାଧାନ ହୋଇପାରୁନଥିବାରୁ ଭିନ୍ନକ୍ଷମମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଧାଇଁ ଅଭିଯୋଗ ରଖୁଛନ୍ତି। ଗତ କିଛିଦିନ ତଳେ ବଲାଙ୍ଗିର ଜିଲ୍ଲାର ପୁଇଁତଲା ବ୍ଲକ ବେଲବାହାଲି ଗ୍ରାମରୁ ଆସିଥିବା ବୃଦ୍ଧ କାର୍ତ୍ତିକ କୁଅଁରଙ୍କ କହିବା ଅନୁସାରେ ତାଙ୍କର ପୁଅ ମିଥୁନ ଶତପ୍ରତିଶତ ଭିନ୍ନକ୍ଷମ। ଏ ଯାଏଁ ତାଙ୍କୁ ଘରଟିଏ ମିଳିପାରୁନଥିବାବେଳେ ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ବାରମ୍ବାର କହିଥିଲେ ହେଁ କିଛି ଫଳପ୍ରଦ ହୋଇପାରୁନି। ସେହିଭଳି ଗତମାସରେ ଦେଓଗାଁ ବ୍ଲକ




କୁଲୁତାପଡ଼ା ପଞ୍ଚାୟତରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରାୟ୧୦/୧୫ ଜଣ ଭିନ୍ନକ୍ଷମ ଆସିଥିଲେ। ତାଙ୍କର ମଧ୍ୟ ସମାନ ଅଭିଯୋଗ। ସେମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରୁ ବଞ୍ଚିତ କରାଯାଉଛି। ସର୍ଭେ ସମୟରେ ସେମାନଙ୍କୁ ପ୍ରାଥମିକତା ଦିଆନଯାଇ ଅନ୍ୟମାନଙ୍କ ସର୍ଭେ ଆଗ କରାଯାଉଥିବା ସେମାନେ କହିଥିଲେ। ଭିନ୍ନକ୍ଷମଙ୍କ ଅଭିଯୋଗ ଯଦି ସତ ତାହେଲେ ଯୋଜନା କାହା ପାଇଁ ବୋଲି ପ୍ରଶ୍ନ ଉଠୁଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଧ୍ୟାନ ଦେବାକୁ ଦାବି ହେଉଛି।

## ଭତ୍ତା ପାଇବାରୁ ବଞ୍ଚିତ ଦିବ୍ୟାଙ୍ଗ ଲୋପାମୁଦ୍ରା

**କଣ୍ଟାବାଞ୍ଜି/ମୁରିବାହାଲ, ୧୯ ।୫(ସମିସ):** ଯେଉଁ ବୟସରେ ସେ ପିଲାଙ୍କ ସହ ଖେଳିବା ବୁଲିବା କଥା ସେ ବୟସରେ ଘର ଭିତରେ ଏକା ଏକା ଦିନ କାଟୁଛି ଲୋପାମୁଦ୍ରା। କାହିଁକି ନା ଜନ୍ମରୁ ସେ ୯୦ପ୍ରତିଶତ ଭିନ୍ନକ୍ଷମ। ଯାହାଫଳରେ ଛୋଟ ବେଳୁ ସେ ଚାଲି ପାରନ୍ତି। ତାଙ୍କ ପାଇଁ ଏକ ମାତ୍ର ସାହା ତାଙ୍କ ବାପା ମା। ଭିନ୍ନକ୍ଷମଙ୍କ ସରକାର ଅନେକ ଯୋଜନା କରୁଛନ୍ତି କିନ୍ତୁ ବାସ୍ତବରେ ଯୋଜନାରୁ ବଞ୍ଚିତ ରହୁଛନ୍ତି ୯୦ପ୍ରତିଶତ ଥିବା ଭିନ୍ନକ୍ଷମ। ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ



ଇଛାପଡ଼ା ପଞ୍ଚାୟତ ବୟାଉଦର ଗାଁର ୯୦ପ୍ରତିଶତ ଭିନ୍ନକ୍ଷମଲୋପାମୁଦ୍ରା ନାଗ ବୟସ (୧୭)। ସେ ଜନ୍ମରୁ ୯୦ପ୍ରତିଶତ ଭିନ୍ନକ୍ଷମ ହେଲେ ସରକାର ଭିନ୍ନକ୍ଷମ ଙ୍କ ପାଇଁ ଯାହା ସୁବିଧାସୁଯୋଗ ରହିଛି ସେଥିରୁ ବଞ୍ଚିତ ଲୋପାମୁଦ୍ରା। ୯୦ପ୍ରତିଶତ ଭିନ୍ନକ୍ଷମ ଥାଇ ମଧ୍ୟ ୩୫ଶହ ଟଙ୍କା ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ଭିନ୍ନକ୍ଷମ ଲୋପାମୁଦ୍ରା ନାଗ। ପୂର୍ବ ସରକାର ସମୟରୁ ସେ ଯେଉଁ ଏକ ହଜାର ଟଙ୍କା ଭତ୍ତା ପାଇଛନ୍ତି। ବର୍ତ୍ତମାନ ଯାଏ ତାଙ୍କ ଭତ୍ତା ବୃଦ୍ଧି କରାଯାଇନାହିଁ। ଏନେଇ ଦାୟିତ୍ୱ ଥିବା ଅଧିକାରୀଙ୍କୁ ଗୁହାରୀ କଲେ ମଧ ଏହି ଭିନ୍ନକ୍ଷମ ଝିଅ ଲୋପାମୁଦ୍ରାର ଦୁଃଖ କିଏ ବୁଝୁନାହାନ୍ତି। ଏନେଇ ଇଛାପଡ଼ା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବରୁ ଏହି ଝିଅଙ୍କ ଆବେଦନ ପତ୍ର ଆମେ ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପଠାଇଛୁ।କିନ୍ତୁ ବର୍ତ୍ତମାନ ଯାଏ ୩୫ଶହ ଟଙ୍କା ଭିନ୍ନକ୍ଷମ ଭତ୍ତା ମଞ୍ଜୁର ହୋଇନାହିଁ। ଟିଟିଲାଗଡ଼ ଉପଜିଲ୍ଲାପାଳ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ହେଲେ ସେ ୩୫ଶହ ଟଙ୍କା ଭିନ୍ନକ୍ଷମ ଭତ୍ତା ପାଇବେ ବୋଲି କହିଛନ୍ତି। ତେବେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ତୁରନ୍ତ ନଜର ଦେଇ ଲୋପାମୁଦ୍ରାଙ୍କୁ ୩୫ଶହ ଟଙ୍କା ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିବା ସହ ସରକାର ଭିନ୍ନକ୍ଷମଙ୍କ ପାଇଁ କରିଥିବା ସମସ୍ତ ସୁବିଧାସୁଯୋଗ ଯୋଗାଇ ଦେବାକୁ ଦାବି ହେଉଛି।

# ପ୍ରଶାସନର ନିଘା ନାହିଁ

■ ପ୍ରହସନ ପାଲଟିଛି ଜଳଛତ୍ର କେନ୍ଦ୍ର ■ ଡହଡହ ଖରାରେ ମିଳୁନି ପିଇବା ପାଣି ■ ଭକ୍ତ ଓ ଜନତା ହାହାକାର








ଭଦ୍ରକ/ଆରଡି,୧୯।୫(ସମିସ)

● ୨ ମାସହେଲା ଦୂଷିତ ପାଣିରେ ସ୍ନାନ କରୁଛନ୍ତି ବାବାମଣି
● ପ୍ରଦୂଷିତ ଶିବଗଙ୍ଗା ପୁଷ୍କରିଣୀ ପାଣିରେ ମେଣ୍ଟୁଛି ଶୋଷ

ଗ୍ରୀଷ୍ମ ପ୍ରଭାବରେ ଡହଡହ ଖରା ଓ ଗୁଳୁଗୁଳିର ପ୍ରଭାବରେ ଜନସାଧାରଣ ଅତିଷ୍ଠ ହୋଇ ରହିଛନ୍ତି। ଗ୍ରୀଷ୍ମର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏପରିକି ବିଭିନ୍ନ ଛକ ଓ ବଜାରରେ ଜଳଛତ୍ର ଖୋଲାଯିବା ସହ ସମସ୍ତ ନଳକୂପକୁ ସଚଳ କରି ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ହେଲେ ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବକ୍ଷେତ୍ର ଆରଡିପୀଠରେ ଏହା ପ୍ରହସନ ପାଲଟିଛି। ବ୍ଲକ ପ୍ରଶାସନ ପକ୍ଷରୁ ହାତଗଣତିରେ ଥିବା ୩ଟି ଜଳଛତ୍ର ଖୋଲାଯାଇଛି। ସୂଚନାଫଳକ ମାରି କାମ ସାରି ଶୋଇଛି ପ୍ରଶାସନ।

ଜଳଛତ୍ରରେ କେଉଁଠି ପାଣି ବିନା ମାଠିଆ ଗଡୁଛି ତ ଆଉ କେଉଁଠି ମାଠିଆ କିମ୍ବା ପାଣି ନାହିଁ। ଜଳଛତ୍ରରେ ଯେଉଁ ମାଠିଆ ବସାଯାଇଛି ତାର ଆକାର ଛୋଟ ଥିବାରୁ ୪/୫ଜଣଙ୍କ ଶୋଷ ମେଣ୍ଟାଇ ପାରୁନି। ସେହିପରି ବସୁଧା ଯୋଜନାରେ ଆସୁଥିବା ଭୂତଳଜଳ ସ୍ଥାନୀୟ ଲୋକଙ୍କ ଶୋଷ ମେଣ୍ଟାଇବା ତ ଦୂରର କଥା ଆଗନ୍ତୁକ ଭକ୍ତ ଓ ପର୍ଯ୍ୟଟକଙ୍କ ଶୋଷ ମେଣ୍ଟାଇ ପାରୁନାହିଁ। ଫଳରେ ଭକ୍ତ ଓ ସ୍ଥାନୀୟ ଲୋକ ବାବାମଣିଙ୍କ ଶିବଗଙ୍ଗା ପୁଷ୍କରିଣୀ ଦୂଷିତ ଜଳରେ ଶୋଷ ମେଣ୍ଟାଉଛନ୍ତି। ବିଶେଷକରି ମନ୍ଦିର ପ୍ରାଙ୍ଗଣରେ ଥିବା ନଳକୂପ ୨ମାସ ହେବ ଅଚଳ ହୋଇ ପଡିଥିବା ବେଳେ ପୁଷ୍କରିଣୀ ମଧ୍ୟକୁ ନଦୀର ଜୁଆର ପାଣି ଆସୁ ନଥିବାରୁ ଦୂଷିତ ପାଣିରେ ବାବାମଣିଙ୍କ ସ୍ନାନ(ଜଳାଭିଷେକ) ସହ ଘର୍ଷଣ ଓ ନୀତିଭୋଗ ପ୍ରସ୍ତୁତ ହେଉଛି। ଏବେ ପୁଷ୍କରିଣୀର ଜଳ ନୀଳ ପଡ଼ିଯାଇ ଅନାବନା ପତ୍ର ଓ ପଲିଥିନ ଭାସୁଛି। ଏଥିପ୍ରତି ଯେପରି କାହାରି ନଜର ପଡୁନି ବୋଲି ଆଗନ୍ତୁକ ଭକ୍ତ ଦୁଃଖର ସହ କହିଛନ୍ତି।

ଭକ୍ତ ପ୍ରଥମେ ମନ୍ଦିର ଯିବା ପୂର୍ବରୁ ପୁଷ୍କରିଣୀ ଜଳରେ ସ୍ନାନ, ଶୌଚ କରି ଯାଇଥାନ୍ତି। ହେଲେ ପୁଷ୍କରିଣୀ ପାଣି ଏତେ ଦୁର୍ଗନ୍ଧମୟ; ଯାହାକି ସ୍ନାନ କରିବା ତ ଦୂରର କଥା ନାକରେ ଦେଇ ହେବ ନାହିଁ। ମନ୍ଦିର ପ୍ରଶାସନ ପକ୍ଷରୁ ବସୁଧା ଯୋଜନାରୁ ମଟର ଯୋଗେ ୨ଟି ଟାଙ୍କିରେ ପାଣି ରଖୁଥିଲେ ମଧ୍ୟ ଟାଙ୍କିଦ୍ୱୟ ସଫା ହେଉ ନଥିବାରୁ ତାହା ପିଇବା ପାଣି ପାଇଁ ଅନୁପଯୋଗୀ ହୋଇପଡିଛି। ସୋମବାର ଓ ପୂଜାପର୍ବାଣୀରେ ପୀଠରେ ନାହିଁନଥିବା ଭକ୍ତଙ୍କ ସମାଗମ ହେଉଛି। ହେଲେ ଆବଶ୍ୟକତା ଅନୁଯାୟୀ ପିଇବାପାଣିର ବ୍ୟବସ୍ଥା ନଥିବାରୁ ଶୋଷ ମେଣ୍ଟାଇବା ପାଇଁ ଭକ୍ତଙ୍କ ମଧ୍ୟରେ ହାହାକାର ଦେଖାଦେଉଛି। ପିଇବାପାଣି ପାଣି ଟୋପାଏ ପାଇଁ ମନ୍ଦିର ଠାରୁ ୩-୪ଶହ ମିଟର ଯିବାକୁ ପଡୁଛି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ସେହିପରି ବସୁଧା ଯୋଜନାରେ ଆସୁଥିବା ଭୂତଳଜଳ ଅନେକ ସାହିକୁ ଯାଉନାହିଁ ଫଳରେ ପିଇବା ପାଣିର ଘୋର ସଂକଟ ଦେଖାଦେଉଛି। ରାଜ୍ୟର ପୁରାତନ ଶୈବକ୍ଷେତ୍ର ଅଧୀଶ୍ୱର ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ବିଭିନ୍ନ ପ୍ରାନ୍ତରରୁ ପ୍ରତିଦିନ ହଜାରହଜାର ଭକ୍ତ ଓ ପର୍ଯ୍ୟଟକ ଆସିଥାନ୍ତି। ଆଗନ୍ତୁକ ଭକ୍ତ ଓ ପର୍ଯ୍ୟଟକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ଜିଲ୍ଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ପୀଠରେ ଲକ୍ଷାଧିକ ଟଙ୍କା ବ୍ୟୟବରାଦ କରାଯାଉଛି। ସାମାନ୍ୟ ପିଇବାପାଣି ମିଳୁ ନଥିବାରୁ ହଟହଟା ହେଉଛନ୍ତି ଭକ୍ତ ଓ ପର୍ଯ୍ୟଟକ।

## ବେଙ୍ଗାଲୁରୁରୁ ମୃତ ଯୁବକଙ୍କ ଶବ ଫେରିଲା



**ଭଣ୍ଡାରିପୋଖରୀ/ବାରିକପୁର, ୧୯।୫(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଡେସିଙ୍ଗା ପଞ୍ଚାୟତ ବିଶୋଳ ଗ୍ରାମ ଦଳଡସାହିର ଯୁବକ ପ୍ରକାଶ ଜେନା(୨୪)ଙ୍କ ମୃତଦେହ ଘରକୁ ଫେରିଛି। ସୁଦୂର ବେଙ୍ଗାଲୁରୁ ସହରର ଏକ ଘରୋଇ କମ୍ପାନୀର ଠିକାଦାରଙ୍କ ଅଧୀନରେ ଦିନ ମଜୁରିଆ ଭାବେ ପ୍ରକାଶ କାର୍ଯ୍ୟ କରୁଥିଲେ। ରୋଗାକ୍ରାନ୍ତ ପିତାମାତାଙ୍କ ସହ ୨ ଅବିବାହିତ ଭଉଣୀଙ୍କ ପ୍ରତିପୋଷଣ ଦାୟିତ୍ୱ ପ୍ରକାଶ ଉପରେ ଥିଲା। ୧୭ ତାରିଖରେ ପରିବାରକୁ ଫୋନ ଆସିଲା। ପୁଅ ମୁମୂର୍ଷୁ ଅବସ୍ଥାରେ। ଗରିବ ପରିବାର ଅସହାୟ ହୋଇ ପଡିଥିଲେ। ବେଙ୍ଗାଲୁରୁ ଯିବା ପାଇଁ ଅର୍ଥାଭାବ ଥିଲା। ଗ୍ରାମବାସୀଙ୍କ ଅନୁରୋଧକ୍ରମେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ନେୟାଶୋଚ, ଜିଲ୍ଲାପାଳ, ଜିଲ୍ଲା ଶ୍ରମ ଅଧିକାରୀଙ୍କ ସମେତ ବେଙ୍ଗାଲୁରୁ ପ୍ରବାସୀ ଓଡ଼ିଆ ସଙ୍ଗଠନ ସହ ଯୋଗାଯୋଗ କରିଥିଲା। ଉଦ୍ୟମ ସଫଳ ହୋଇଥିଲା। ପ୍ରକାଶଙ୍କ ଶବ ଗ୍ରାମକୁ ରବିବାର ଫେରିବା ପରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା



**ଧାମନଗର,୧୯।୫(ସମିସ):** ଏନଏସି ଅନ୍ତର୍ଗତ ପାଇକସାହି ଗ୍ରାମର ନରେନ୍ଦ୍ର ଭୂୟାଁ ଓ ମା' ମମତାରାଣୀ ମହାପାତ୍ରଙ୍କ ପୁଅ ସାଇଜ୍ୟୋତି ଭୂୟାଁ ମାଟ୍ରିକ ପରୀକ୍ଷାରେ ମୋଟ ୫୦୦ ମାର୍କରୁ ସର୍ବାଧିକ ୪୮୭ ତଥା ୯୭ ପ୍ରତିଶତ ମାର୍କ ରଖି ରାୟଗଡ଼ା ଜିଲ୍ଲାରେ ଟପର ହୋଇଛନ୍ତି। ଫଳାଫଳ ଘୋଷଣା ପରେ ସେ ଏବେ ନିଜ ଗ୍ରାମକୁ ଆସିଛନ୍ତି। ରାୟଗଡ଼ାଠାରେ ବାପା-ମା' ଚାକିରି କରୁଥିଲା ବେଳେ ପୁଅ ରାୟଗଡ଼ା କେନ୍ଦ୍ରୀୟ ବିଦ୍ୟାଳୟରେ ପାଠ ପଢ଼ୁଥିଲେ। ତାଙ୍କର କୃତିତ୍ୱ ପାଇଁ ଧାମନଗର ଏନଏସି ଇନଡୋର ଷ୍ଟାଡିୟମରେ ନଗର ବିଜେପି ପକ୍ଷରୁ ସାଇଜ୍ୟୋତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାଶ ମହାପାତ୍ର, ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର, ନଗର ସଭାପତି ପ୍ରସାନ୍ତ ପରିଡ଼ା, ନଗର ସାଧାରଣ ସମ୍ପାଦକ ବିଜୟ ରାମ, ଆଇନଜୀବୀ ରଞ୍ଜିତ ମହାନ୍ତି, କାଉନସିଲର ଉତ୍ତମ ମହାନ୍ତି, ମଦନ ମୋହନ ଭୂୟାଁ, କାଉନସିଲଙ୍କ ପ୍ରତିନିଧି କୃଷ୍ଣ ଜେନା ଓ ଧୀରେନ୍ଦ୍ର କର, ଶିକ୍ଷକ ନରେନ୍ଦ୍ର ଭୂୟାଁ, ସୁରେନ୍ଦ୍ର ସେଠୀ, ଚିତ୍ତରଞ୍ଜନ ଜେନା, ଶ୍ରୀକାନ୍ତ ମଲ୍ଲିକ, ବାବାଜୀ ପରିଡା, ନାରୀନେତ୍ରୀ ମିନତି ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ବିଦ୍ୟୁତ୍ ଆଘାତରେ ୩ ଗୋରୁ ମୃତ



**ବନ୍ତ/ଆଗରପଡ଼ା,୧୯।୫(ସମିସ):** ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୩ଗୋରୁଙ୍କ ମୃତ୍ୟୁ ଘଟିଛି। ବନ୍ତ ଥାନା ନିକଟସ୍ଥ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟ ପଛପାଖ ବିଲରେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏହି ଗୋରୁଗୁଡ଼ିକ ପ୍ରାଣ ହରାଇଥିବା ଜଣାଯାଇଛି। ୨ ଦିନ ପୂର୍ବେ ବର୍ଷା ଓ ପବନ ପ୍ରଭାବରେ ବିଲରେ ଥିବା ବିଦ୍ୟୁତ୍ ଖୁଣ୍ଟିର ତାର ତଳକୁ ଝୁଲି ରହିଥିଲା ବେଳେ ତାର ସଂସ୍ପର୍ଶରେ ଆସିଥିଲେ ଗୋରୁ। ଫଳରେ ଗୋରୁଗୁଡ଼ିକର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତୁରନ୍ତ ଏହାକୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ମରାମତି କରାଯିବା ସହ କ୍ଷତିପୂରଣ ଯୋଗାଇ ଦେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ଗୋ-ଚାଲାଣକାରୀ ଅଟକ



**ବନ୍ତ/ଆଗରପଡ଼ା,୧୯।୫(ସମିସ):** କିଛି ଗୋରୁ ସହ ଚାଲାଣକାରୀଙ୍କୁ ପୁଲିସର ଜିମାରେ ଦିଆଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କର୍ମକର୍ତ୍ତା ଏବଂ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏହି ଗୋରୁଗୁଡ଼ିକ ଉଦ୍ଧାର କରାଯାଇଛି। ବନ୍ତ ଥାନା ଧନିଓଝା ନିକଟରେ ଗୋଚାଲାଣକାରୀମାନେ ଗୋରୁଗୁଡ଼ିକୁ ନିକଟସ୍ଥ ଏକ ଗାଁରୁ ଆଣି ରାସ୍ତାରେ ଚଲାଇ ନେଇ ଯାଉଥିଲେ। ବନ୍ତ ଆଡ଼କୁ ଆସୁଥିବା ସମୟରେ ସ୍ଥାନୀୟ ଲୋକେ ଏବଂ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କର୍ମକର୍ତ୍ତା ଏକତ୍ରିତ ହୋଇ ଗୋରୁଗୁଡ଼ିକୁ ଗୋଟିଏ ସ୍ଥାନରେ ରଖିବା ସହ ଚାଲାଣକାରୀଙ୍କୁ ଅଟକ ରଖି ବନ୍ତ ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ଘଟଣାସ୍ଥଳରେ ଗୋରୁଗୁଡ଼ିକୁ ଉଦ୍ଧାର କରିବା ସହ ଚାଲାଣକାରୀଙ୍କୁ ଥାନାରେ ଅଟକ ରଖି ଏହାର ତଦନ୍ତ ଜାରି ରଖିଛି।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି
# ଅଭିଯୋଗପତ୍ର ଦେଇ ନପାରି ଫେରିଗଲେ



**ଭଦ୍ରକ,୧୯।୫(ସମିସ):** ସକାଳ ୭ଟାରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ସମ୍ମିଳନୀ ଗୃହରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ସହିତ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁ ଶେଖର ବଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ଡେପୁଟି କଲେକ୍ଟର କରୁଣାକର ଧିନ୍ଦା, ବିଡିଓ ତଥା ତହସିଲଦାର ଓ ଅନ୍ୟ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଶିବିରରେ ମୋଟ ୧୫୬ ଆବେଦନପତ୍ର ଦାଖଲ ହୋଇଥିଲା। ସେଥିରୁ ୧୪୬ ବ୍ୟକ୍ତିଗତ ଥିଲାବେଳେ, ୧୦ଟି ସାମୂହିକ ଥିଲା। ମଧୁବାବୁ ଭତ୍ତା ଯୋଜନାରେ ୮ ଜଣଙ୍କୁ କାର୍ଡ ବଣ୍ଟନ, ୫ ଜଣ ଭିନ୍ନକ୍ଷମଙ୍କୁ ତିନିଚକିଆ ଯାନ ଓ ଜଣଙ୍କୁ ଆଶାବାଡ଼ି ପ୍ରଦାନ କରାଯାଇଛି।

ଅନ୍ୟପକ୍ଷରେ, ଚାନ୍ଦବାଲି ବ୍ଲକ୍ ପରିସରରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିରକୁ ଅଭିଯୋଗପତ୍ର ଦାଖଲ କରିବା ପାଇଁ ବହୁ ଲୋକ ଅପେକ୍ଷା କରିଥିଲେ ମଧ୍ୟ ପୂର୍ବାହ୍ନ ୧୦ଟା ପରେ ଗେଟ ବନ୍ଦ କରି ଦିଆଯାଇଥିଲା। ପୁଲିସ ବାବୁମାନେ ଭିତରକୁ କାହାକୁ ଛାଡ଼ି ନ ଥିଲେ। ଫଳରେ ବହୁ ଦୂରଦୁରାନ୍ତରୁ ଅଭିଯୋଗପତ୍ର ନେଇ ଆସିଥିବା ଲୋକମାନେ ଗେଟ ଆଗରେ ଠିଆ ହୋଇ ରହିଥିଲେ। ଶିବିର ଶେଷ କରି ଜିଲ୍ଲାପାଳ ଅଫିସରୁ ବାହାରିବା ପରେ ଘେରିଥିଲେ ଅଭିଯୋଗକାରୀ। ଏତେ ସଂଖ୍ୟକ ଅଭିଯୋଗକାରୀଙ୍କୁ ଦେଖି ଜିଲ୍ଲାପାଳ ବାଧ୍ୟ ହୋଇ ଲୋକଙ୍କ ଅଭିଯୋଗ ପତ୍ର ସଂଗ୍ରହ କରିଥିଲେ; ମାତ୍ର ବିନା ପ୍ରାପ୍ତି ସ୍ୱୀକାରପତ୍ରରେ ଅଭିଯୋଗପତ୍ର ଗ୍ରହଣ କରିବାକୁ ନାପସନ୍ଦ କରିଛନ୍ତି ଅଭିଯୋଗକାରୀ। ସେହିପରି ନିଜ ଝିଅ ପାଇଁ ସରକାରୀ ସହାୟତା ସମ୍ପର୍କରେ ଅଭିଯୋଗ କରିବାକୁ ଆସି ଫେରିଥିବା ଚାନ୍ଦବାଲି ବ୍ଲକ ଜଳଧରପୁର ଅଞ୍ଚଳର ବୃଦ୍ଧା ନିରୋଳା ନାୟକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିର ସମୟ ସୀମା ସମ୍ପର୍କରେ ସୂଚିତ କରାଯାଥିଲା କି ? ଅଭିଯୋଗକାରୀ ଅପେକ୍ଷା କରିଥିବା ବେଳେ ଗେଟ ବନ୍ଦ କରିଦେବା କେତେ ଯୁକ୍ତିଯୁକ୍ତ ?

## ବିଭିନ୍ନ ସ୍ଥାନରେ 'ଅପରେସନ୍ ସିନ୍ଦୂର' ପାଇଁ ଶୋଭାଯାତ୍ରା

**ଧାମନଗର, ୧୯।୫(ସମିସ):** ଧାମନଗର ବିଜେପି ଗ୍ରାମୀଣ ମଣ୍ଡଳ ତରଫରୁ ଅପରେସନ "ସିନ୍ଦୂର'ର ଅପୂର୍ବ ସଫଳତା ସହ ଭାରତୀୟ ସେନାର ସାହସକୁ ସମ୍ମାନ ଜଣାଇ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଓ ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଧାମନଗର ବିଧାୟକ ତଥା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ ଏବଂ ନଗର ପ୍ରତିନିଧି କୈଳାସଚନ୍ଦ୍ର ମହାପାତ୍ର, ସାଂସଦ ପ୍ରତିନିଧି ବ୍ଲକ ଓ ନଗର ମନୋରଞ୍ଜନ ମଲ୍ଲିକ, ସରୋଜ ମହାପାତ୍ରଙ୍କ ନେତୃତ୍ୱରେ ଧାମନଗର ବ୍ଲକଠାରୁ ଆରମ୍ଭ ହୋଇ ବିଜୁ ପଟ୍ଟନାୟକ ଛକ ଦେଇ ବଡ଼ବଜାର ଓ ମେଡିକାଲ ବଜାର ଗୋବିନ୍ଦପୁର, ରାଧବଲ୍ଲଭପୁର ହନୁମାନ ମନ୍ଦିର ପରିକ୍ରମା କରି ଷେଣ୍ଡପୁରଠାରେ ସମାପ୍ତ ହୋଇଥିଲା। ମଣ୍ଡଳ ସଭାପତି, ପୂର୍ବତନ ମଣ୍ଡଳ ସଭାପତି, ନଗର ସମ୍ପାଦକ ବିଜୟ କୁମାର ରାମ, ବରିଷ୍ଠ ନେତା ହୃଦାନନ୍ଦ କରଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ। ଧାମନଗର ଆଇଆଇସି ଗୋପାଳକୃଷ୍ଣ ଜେନାଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୁଲିସ ବଳ ମୁତୟନ ହୋଇଥିଲେ।

ଅସୁରାଳି: ଭାରତୀୟ ସେନାର ଏହି ଅସୀମ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ଧାମନଗର ବିଜେପି ଗ୍ରାମୀଣ ମଣ୍ଡଳ ତରଫରୁ ଗୋବିନ୍ଦପୁର ଉତ୍ତରେଶ୍ୱର ପୀଠରୁ ରାଧବଲ୍ଲଭପୁର ହନୁମାନ ମନ୍ଦିର ପର୍ଯ୍ୟନ୍ତ ଆୟୋଜିତ 'ପରାକ୍ରମ ଶୋଭାଯାତ୍ରା'ରେ ମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମଣ୍ଡଳ ସଭାପତି ଦୀପ୍ତିରଞ୍ଜନ ଜେନା, ବିଜେପି ଦଳର ବହୁ କାର୍ଯ୍ୟକର୍ତ୍ତା ରାଜୀବ ଦାସ, ରାଜୀବ ନାୟକ, ପ୍ରଶାନ୍ତ ନାୟକ ଏବଂ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ। ସେହିପରି ଖୁଲେଇ ଶୁଣି ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହିଦ୍ ମଣ୍ଡଳ ତରଫରୁ ସହିଦ ନଗର ସହିଦପୀଠରେ ବିଜେପି ତରଫରୁ ଦଳୀୟ କର୍ମକର୍ତ୍ତାକୁ ନେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବରିଷ୍ଠ ବିଜେପି ନେତା ରଘୁନାଥ ଲେଙ୍କା, ସହିଦ ମଣ୍ଡଳ ସଭାପତି ରାଜେନ୍ଦ୍ର ସାହୁ, ଅସୁରାଳି ସରପଞ୍ଚ ପ୍ରତିନିଧି ସୁରଜ ସାହୁ, ଅଜୟ ବଳ, ଯୁବନେତା ନିହାର ରଞ୍ଜନ ଦାସ, ରଜତ ଲେଙ୍କା ପ୍ରମୁଖ ସହିଦ ପୀଠରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।

## ସୌର ପ୍ରକଳ୍ପର ହେଉନି ରକ୍ଷଣାବେକ୍ଷଣ



**ବାରିକପୁର, ୧୯।୫(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ନିର୍ମିତ ସୌର ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ହେଉନାହିଁ। ରାଜ୍ୟ ବାହାରର କମ୍ପାନୀ ଦ୍ୱାରା ପାଖାପାଖି ୩୦ଟି ସ୍ଥାନରେ ଏହି ପ୍ରକଳ୍ପ ନିର୍ମାଣ ହୋଇଛି। ବ୍ଲକର ଡେସିଙ୍ଗା, ବନ୍ଧାଳମଢିଆଳୀ, ଦକ୍ଷିଣବାଡ, ସରସଦା, ରଣଜିତ୍ ପ୍ରମୁଖ ପଞ୍ଚାୟତର ଗାଁ ଛକରେ ସୌର ପ୍ଲେଟ ସହିତ ପାଣିଟାଙ୍କି ଓ ଜଳ ଯୋଗାଣ ଟ୍ୟାପ ତିଆରି ହୋଇଥିଲା। ଗୋଟିଏ ପ୍ରକଳ୍ପକୁ ୫ଲକ୍ଷ ଟଙ୍କା ଲେଖାଏଁ ଖର୍ଚ୍ଚ ହୋଇଥିବା ବେଳେ ରକ୍ଷଣାବେକ୍ଷଣା ବାବଦରେ ୫ ବର୍ଷ ଯାଏଁ କମ୍ପାନୀ ଦାୟିତ୍ୱ ତୁଲାଇବା କଥା। ଜିଲ୍ଲା ଜଳ ଓ ପରିମଳ ବିଭାଗ ଅଧୀନରେ ଲାଭଖୋର କମ୍ପାନୀ ଯେନତେନ ଉପାୟରେ କାମ କରି ବିଲ୍ ନେଇ କେବେଠାରୁ ଉଭାନ ହୋଇଯାଇଥିବା ଅଭିଯୋଗ ହୋଇଛି। ପ୍ରକଳ୍ପଗୁଡିକର ରକ୍ଷଣାବେକ୍ଷଣ ବାବଦରେ ଟଙ୍କାଟିଏ ଖର୍ଚ୍ଚ ହୋଇ ନଥିବା ଫଳରେ ଜରୁରିକାଳୀନ ଜଳ ଯୋଗାଣ ବ୍ୟବସ୍ଥା ଜରାଜୀର୍ଣ୍ଣ ହୋଇପଡ଼ିଛି। ପାଣି ଟାଙ୍କିକୁ ଲଟା ଘେରି ଗଲାଣି ତ ପୁଣି କେଉଁଠି ଟ୍ୟାପରେ ଜଳ ଆସିବା ବନ୍ଦ ହୋଇଗଲାଣି। କେତେକ ସ୍ଥାନରେ ସୌର ପ୍ଲେଟ ମଧ୍ୟ ଖରାପ ହୋଇଗଲାଣି।

## ଜରାଜୀର୍ଣ୍ଣ ମହମ୍ମଦପୁର ଗ୍ରାମ୍ୟ ରାସ୍ତା



**ବାରିକପୁର, ୧୯।୫(ସମିସ):** ଭଣ୍ଡାରିପୋଖରୀ ବ୍ଲକ କୋଳିପଦି ଗାଁ ସଂଲଗ୍ନ ମହମ୍ମଦପୁର ଛକଠାରୁ ଆଲିହା ସ୍କୁଲ ଯାଏଁ ରହିଥିବା ଗ୍ରାମ୍ୟ ରାସ୍ତାଟି ଜରାଜୀର୍ଣ୍ଣ ପାଲଟି ଯାଇଛି। କୁରିଗାଁ ପଞ୍ଚାୟତ ଅଞ୍ଚଳରେ ରାସ୍ତାଟି ରହିଥିବା ବେଳେ ଅନେକ ବର୍ଷ ହେବ ଏଥିରେ ମୋରମ କି ବାଲି ମୁଠାଏ ପଡିପାରିନାହିଁ। ଚାଷ ଜମି ମଝିରେ ଥିବା ପ୍ରାୟ ୬ଶହ ମିଟର ଦୈର୍ଘ୍ୟ ବିଶିଷ୍ଟ ଉକ୍ତ ରାସ୍ତାରେ ଏବେ ଯାତାୟାତ କରିବା ଲୋକମାନଙ୍କ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ହେଉଛି। ରାସ୍ତାରେ ଅନେକ ଗର୍ତ୍ତ ସୃଷ୍ଟି ହୋଇଛି। କିଛି ସ୍ଥାନରେ ମଧ୍ୟ ମାଟି ଓ ମୋରମ ମିଶ୍ରିତ ଭାବେ ଚାଷ ଜମିକୁ ଦବି ଗଲାଣି। ଫଳରେ ବର୍ଷା ହେଲେ ରାସ୍ତାଟି ଉପରେ ଫୁଟେ ଉଚ୍ଚର ପାଣି ଜମିଯାଉଛି। ରାତି ପାହିଲେ ଏହି କ୍ଷୁଦ୍ର ଗ୍ରାମ୍ୟ ପଥ ଦେଇ ମହମ୍ମଦପୁର ସମେତ କୋଳିପଦି, ଶାସନ, କୁମିତ୍ରା, ଆଲିହା, ସୁନି, ବାଇଗଡ଼ିଆ, ଚନ୍ଦେଶ୍ୱର, ପଳିକିରି, ବଡ଼କୋଳିପଦି ପ୍ରମୁଖ ଗ୍ରାମର ଜନସାଧାରଣ ଯାତାୟାତ କରିଥାନ୍ତି। ବିଶେଷ କରି କୁରିଗାଁଠାରୁ ସୁନିଦେଇ ମହମ୍ମଦପୁର ଯାଏଁ ଏହି ରାସ୍ତାର ନାମକରଣ ରହିଥିବା ବେଳେ ପଥଟି ଏଯାଏଁ ପୂର୍ଣ୍ଣାଙ୍ଗ କାର୍ଯ୍ୟ ହୋଇପାରିନାହିଁ। କେତେକ ସ୍ଥାନରେ କଂକ୍ରିଟ ନିର୍ମାଣ ହୋଇଥିଲେ ସୁଦ୍ଧା ଅନେକ ଅଂଶ ମୋରମ ମାଟି ନିର୍ମାଣରେ ପଡି ରହିଛି।

## ପ୍ରାଥମିକ ଶିକ୍ଷକଙ୍କୁ ଓଟିଇଟି ବାଧ୍ୟତାମୂଳକ
# ଶିକ୍ଷକ ମହଲରେ ଅସନ୍ତୋଷ

**ଭଦ୍ରକ,୧୯।୫(ସମିସ):** ପ୍ରାଥମିକ ଶିକ୍ଷାରେ ନିଯୁକ୍ତ ଶିକ୍ଷକମାନେ ଦରମା ବୃଦ୍ଧି ସହ ଠିକ ୬ ବର୍ଷ ସମୟକୁ ଚାକିରି କାଳରେ ଗଣନା କରିବାକୁ ଦୀର୍ଘ ଦିନ ହେବ ଦାବି କରିଆସୁଛନ୍ତି। ଏପରିକି ପୁରୁଣା ପେନସନ ନୀତିକୁ ପୁନଃ ଲାଗୁ କରିବା ଲାଗି ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିଛନ୍ତି। ଏହି ଦାବିଗୁଡ଼ିକରେ ଏବେ ଯୋଡ଼ି ହୋଇ ଯାଇଛି ଓଟିଇଟି ସମସ୍ୟା। ଦୀର୍ଘ ୨ ବର୍ଷ ହେବ ପ୍ରଥମିକ ଶିକ୍ଷାରେ ପଦୋନ୍ନତି ପ୍ରକ୍ରିୟା ବନ୍ଦ ରହିଛି। ପ୍ରଧାନଶିକ୍ଷକଙ୍କ ନିଯୁକ୍ତି ବିନା ଭାରପ୍ରାପ୍ତରେ ଚାଲିଛି ପ୍ରଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ବିଜ୍ଞାନ ସ୍ନାତକ ଶିକ୍ଷକ କିମ୍ବା କଳା ସ୍ନାତକ ଶିକ୍ଷକଙ୍କୁ ମଧ୍ୟ ପଦୋନ୍ନତି ମିଳୁ ନାହିଁ। ମାମଲା ଦୀର୍ଘ ଦିନ ହେବ ଝୁଲି ରହିଛି ଅଦାଲତଙ୍କ ନିଷ୍ପତ୍ତି ଉପରେ। ଏହାମଧ୍ୟରେ ହଠାତ ସରକାର ନିଷ୍ପତ୍ତି ନେଇଛନ୍ତି ଯେ ଓଟିଇଟି ପରୀକ୍ଷାରେ ଯୋଗ୍ୟତା ହାସଲ ନ କଲେ ପଦୋନ୍ନତି ମିଳିବ ନାହିଁ।

ପ୍ରକାଶ ଥାଉ କି, ୨୦୦୧ରେ ଏନସିଟିଇ ପ୍ରାଥମିକ ଶିକ୍ଷକ ନିଯୁକ୍ତି ନିମନ୍ତେ ଯାହା ଯୋଗ୍ୟତା ଧାର୍ଯ୍ୟ କରିଥିଲା ତାହା ମୂଳେ ଶିକ୍ଷକଙ୍କୁ ୨୦୦୧ଠାରୁ ୨୦୧୦ ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇଥିଲା। ୨୩ ଅଗଷ୍ଟ ୨୦୧୦ରେ ଶିକ୍ଷା ଅଧିକାର ଆଇନ୍ ୨୦୦୯ ମୂଳେ ଏନସିଟିଇ ଶିକ୍ଷକ ନିଯୁକ୍ତି ନିମନ୍ତେ ଧାର୍ଯ୍ୟ କରିଥିବା ଯୋଗ୍ୟତା ସହ ଟିଇଟି (ଟିଚର ଏଲିଜିବିଲିଟି ଟେଷ୍ଟ)କୁ ସଂଯୋଗ କଲେ। ଉକ୍ତ ନୋଟିଫିକସନ୍ ପାରା ୪ରେ ସ୍ପଷ୍ଟ କହିଲେ ଯେ ପୂର୍ବ ନିଯୁକ୍ତ ଶିକ୍ଷକଙ୍କ ନିମନ୍ତେ ଏହି ଯୋଗ୍ୟତା ହାସଲ କରିବା ଆବଶ୍ୟକ ନାହିଁ। ପୂର୍ବ ନିଯୁକ୍ତ ଶିକ୍ଷକଙ୍କୁ ଟିଇଟି ଯୋଗ୍ୟତା ଛାଡ କରାଗଲା। ତେବେ, ୧୧.୦୨୧୧ରେ ଏହି ପରୀକ୍ଷାର ରୂପରେଖ ଏବଂ ପରୀକ୍ଷା ପ୍ରଣାଳୀ ଧାର୍ଯ୍ୟ କରି ଗାଇଡଲାଇନ ପ୍ରକାଶ ପାଇଥିଲା। ସେଇ ଦିନଠାରୁ ଓଡ଼ିଶାରେ ଟିଇଟି ପରୀକ୍ଷା ବାଧ୍ୟତାମୂଳକ ହେଲା। ପ୍ରଥମିକ ଶିକ୍ଷକଙ୍କ ଦରମା ତଥା ପଦୋନ୍ନତି ନିମନ୍ତେ ଥିବା କ୍ୟାଡର ରୁଲ୍ ରେ ମଧ୍ୟ ଲେଖାଗଲା ୧୧.୦୨.୧୧ ପୂର୍ବ ନିଯୁକ୍ତ ଶିକ୍ଷକଙ୍କ ନିମନ୍ତେ ଓଟିଇଟିର ଆବଶ୍ୟକତା ନାହିଁ। ଏହି ଆଇନ୍ ମୂଳେ ଦୀର୍ଘ ଦିନ ହେବ ପ୍ରାଥମିକ ଶିକ୍ଷାରେ ପଦୋନ୍ନତି ଚାଲିଆସୁଥିଲା। ହଠାତ ସରକାରଙ୍କ ନିଷ୍ପତ୍ତି ବଦଳିବାରୁ ମାମଲା ନ୍ୟାୟାଳୟକୁ ଗଲା। ଅଦାଲତ ପ୍ରଥମ ବେଞ୍ଚ ରାୟ ପ୍ରକାଶ କରି କହିଲେ, ଯେଉଁ ଶିକ୍ଷକମାନେ ୧୧.୦୨.୧୧ ପରେ ଉଚ୍ଚ ଯୋଗ୍ୟତା ହାସଲ କରିଛନ୍ତି ସେମାନେ ଟିଇଟି ଯୋଗ୍ୟତା ୩ ବର୍ଷ ମଧ୍ୟରେ ହାସଲ କରିବେ ମାତ୍ର ସେମାନଙ୍କୁ ପଦୋନ୍ନତିରୁ ବଞ୍ଚିତ କରାଯାଇ ପାରିବ ନାହିଁ ଏବଂ ଅନ୍ୟ ୧୧.୦୨.୧୧ ପୂର୍ବ ଶିକ୍ଷକ ମାନଙ୍କୁ ଟିଇଟି ଆବଶ୍ୟକ ନାହିଁ। ମାନ୍ୟବର ଅଦାଲତଙ୍କ ଆଦେଶ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ସରକାର ନିଜ ତରଫରୁ ପୁନଶ୍ଚ ମାନ୍ୟବର ଅଦାଲତଙ୍କ ଉପର କୋର୍ଟରେ ଏହି ଆଦେଶ ବିରୋଧରେ ଆବେଦନ କରି ପଦୋନ୍ନତିକୁ ଝୁଲାଇ ରଖିଲେ। ଏହିକ୍ରମରେ ଅନ୍ୟ ରାଜ୍ୟର ଅନ୍ୟ ଏକ ମାମଲାରେ ମାନ୍ୟବର ସୁପ୍ରିମକୋର୍ଟ ଏନସିଟିଇକୁ ସ୍ପଷ୍ଟୀକରଣ ମାଗିଲେ। ଗତ ୫.୩.୨୫ ତାରିଖରେ ଏନସିଟିଇ ଏଫିଡେଭିଟ ଜରିଆରେ ନିଜ ସ୍ପଷ୍ଟୀକରଣ ରଖିବାକୁ ଯାଇ ପ୍ରକାଶ କଲେ ଯେ ୧୧.୨.୧୧ ପୂର୍ବ ନିଯୁକ୍ତ ଶିକ୍ଷକଙ୍କ ନିମନ୍ତେ ଯାହା ପୂର୍ବରୁ ଟିଇଟି ଯୋଗ୍ୟତା ଛାଡ କରାଯାଇଥିଲା ତାହା ଆଜି ପର୍ଯ୍ୟନ୍ତ ବଳବତ୍ତର ରହିଛି। କେବଳ ଇନ୍‌ସର୍ଭିସ ଅନ ଟ୍ରେଣ୍ଡ ଶିକ୍ଷକଙ୍କୁ ଟିଇଟି ନିଯୁକ୍ତି କ୍ଷେତ୍ରରେ ଏବଂ ପଦୋନ୍ନତି କ୍ଷେତ୍ରରେ ବାଧ୍ୟତା ମୂଳକ ଅଟେ। ମାନ୍ୟବର ଅଦାଲତ ଶୁଣାଣି ସାରିଥିବା ବେଳେ ରାୟକୁ ସଂରକ୍ଷିତ ରଖିଛନ୍ତି। ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ କାହାକୁ ଅବସର ନେବାକୁ ବର୍ଷେ, ୨ ବର୍ଷ କିମ୍ବା ୫ ବର୍ଷ ଥିବା ବେଳେ ଓଡ଼ିଶା ସରକାର ଏହି ଯୋଗ୍ୟତାକୁ ବାଧ୍ୟତା ମୂଳକ କରି ପଦୋନ୍ନତିକୁ ଅଟକାଇ ଦେଇଛନ୍ତି। ଯାହାର ଟିଇଟି ଯୋଗ୍ୟତା ଅଛି ତାକୁ ପଦୋନ୍ନତି ଦେବାକୁ ଆଦେଶ ଦେଇଛନ୍ତି। ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ ବିଭାଗରେ ଯିଏ ବରିଷ୍ଠ ସିଏ କନିଷ୍ଠ ହେବେ ଯିଏ ଚାକିରିରେ କନିଷ୍ଠ ସିଏ ବରିଷ୍ଠ ହୋଇ ଯିବେ। ଏଭଳି ଆଦେଶ ବିରୋଧରେ ପ୍ରାଥମିକ ସଂଘର ଜିଲ୍ଲା ସଭାପତି ଅରବିନ୍ଦ ଦୀକ୍ଷିତ, ସମ୍ପାଦକ ପ୍ରଣୟ ମହାପାତ୍ର, କାର୍ଯ୍ୟକରୀ ସଭାପତି ସତ୍ୟବ୍ରତ ରାଉତ, ରାଜ୍ୟ ସଂଗଠନ ସମ୍ପାଦକ ତବରେଜ ଖାନ, ଶିକ୍ଷକ ନେତା ଗୟାଧର ଦାସ, ନିଳାଦ୍ରୀ ତ୍ରିପାଠୀ, ଚନ୍ଦ୍ରକାନ୍ତ ଶୁକ୍ଲ, ସୁକାନ୍ତ ନାୟକ, ନରେନ୍ଦ୍ର ସାହୁ, ସୁକାନ୍ତ ବେହେରା, ସତ୍ୟ ଦାସ, ସନାତନ ଦାସ, ବିମଳ ଦାସ, ଶରତ ଥଟୋଇ, ସଞ୍ଜୟ ନନ୍ଦ, ରୂପକ ମିଶ୍ର, ପ୍ରଶାନ୍ତ ବେହେରା, ପ୍ରକାଶ ନାୟକ, ଅନୁପ ଦାସ, ପ୍ରଭାସ ପଣ୍ଡା, ପରମେଶ୍ୱର ମଲିକ, ଆନନ୍ଦ ଦାସ, ସୁରେନ୍ଦ୍ର ସେଠୀ ଓ ସରୋଜ ସାମଲ ପ୍ରମୁଖ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହିତ ଏହାକୁ ପ୍ରତ୍ୟାହାର କରି ପୂର୍ବ ନିୟମ ଅନୁସାରେ ପ୍ରାଥମିକ ଶିକ୍ଷକଙ୍କୁ ପଦୋନ୍ନତି ଦେବାକୁ ଦୃଢ଼ ଦାବି ଜଣାଇଛନ୍ତି।

## ଜିଲ୍ଲା ଯୁବ ଯାଦବ ସଂଘ ପକ୍ଷରୁ ଦହି ସର୍ବତ ବଣ୍ଟନ



**ଭଦ୍ରକ,୧୯।୫(ସମିସ):** ଭଦ୍ରକ ଜିଲ୍ଲା ଯୁବ ଯାଦବ ସଂଘ ତରଫରୁ ବୈଶାଖୀ ଜଳଛତ୍ର ଖୋଲି ଦହି ସର୍ବତ ବଣ୍ଟନ କରାଯାଇଛି। ସୋମବାର ସକାଳ ୮ଟାରୁ ୧ଟା ମଧ୍ୟରେ ସାଳନ୍ଦୀ ବାଇପାସ୍ ବସଷ୍ଟାଣ୍ଡ ଓ ଟ୍ରେକର ଷ୍ଟାଣ୍ଡରେ ଜିଲା ଯୁବ ସଭାପତି ରବିନାରାୟଣ ଖିଲାର ଓ କାର୍ଯ୍ୟକାରୀ ସଭାପତି ପ୍ରଭାକର ପରିଡାଙ୍କ ଉପସ୍ଥିତିରେ ଆରମ୍ଭ ହୋଇଥିଲା। ଉପସଭାପତି ସଞ୍ଜୀବ ନାୟକ, ସାଧୁ ବାରିକ, ଆବାହକ କୃଷ୍ଣଚନ୍ଦ୍ର ବେହେରା, ସମ୍ପାଦକ ସନ୍ତୋଷ ଦାସ, ସହସମ୍ପାଦକ ପୀୟୁଷ ଦାସ, ସୁଶାନ୍ତ ବାରିକ, ନିରଞ୍ଜନ ବାରିକ, ତ୍ରିଲୋଚନ ବାରିକ ପ୍ରମୁଖ ଯୁବ କର୍ମକର୍ତ୍ତାଙ୍କ ସହଯୋଗରେ ଏହି ଜଳଛତ୍ର ତଥା ଦହିସର୍ବତ ଶିବିର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବରେ ରାଜ୍ୟ ଯୁବ ସଭାପତି ଅମର ନାୟକ, ଖବରଦାତା ଶୁଭାଶିଷ ଦ୍ୱିବେଦୀ, ସାମାଜିକ କର୍ମୀ ଗୀତାଞ୍ଜଳି ଅଗସ୍ତି, ପ୍ରଦୀପ କୁମାର ବଳ, ପ୍ରବୋଧ ଅଗସ୍ତି, ସୁରେଶ ମହାନ୍ତି, କ୍ଷୀରୋଦ ବିଶ୍ୱାଳ, ହରେକୃଷ୍ଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଦହି ସର୍ବତ ବଣ୍ଟନ ୩ଦିନ ଧରି ଚାଲୁ ରହିବ। ଯୁବ ଯାଦବ ମହାସଭା ଗତ ୨ ବର୍ଷ ଧରି ରାଜ୍ୟର ପ୍ରସିଦ୍ଧ ଶୈବ ପୀଠ ବାବା ଆଖଣ୍ଡଳମଣିଙ୍କ ଜାଗର ଯାତ୍ରାଦିନ ଉତ୍କଳ ସାମ୍ବାଦିକ ସଂଘ ଓ ଜିଲ୍ଲା ସାମ୍ବାଦିକ ସଂଘ ମିଳିତ ଆନୁକୂଲ୍ୟରେ ହଜାର ହଜାର ଭକ୍ତଙ୍କୁ ଦହି ସର୍ବତ ପ୍ରଦାନ କରିଥିବା ବେଳେ ଆଜି ବାଇପାସ ଓ ଆସନ୍ତା ୨୩ ତାରିଖ ପରେ ବନ୍ତ ଛକ ବସଷ୍ଟାଣ୍ଡଠାରେ ଦହି ସର୍ବତ ପ୍ରଦାନ କରିବ ବୋଲି ଜିଲ୍ଲା ସଭାପତି ଶ୍ରୀ ଖିଲାର କହିଛନ୍ତି।

## ରାଜପଥ ସର୍ଭିସ ରୋଡ୍‌ରେ ପାଣିର ସୁଅ



**ଭଦ୍ରକ,୧୯।୫(ସମିସ):** ଭଦ୍ରକ ସହର ଉପକଣ୍ଠ ୧୬ନମ୍ବର ଜାତୀୟ ରାଜପଥର ଆରଡିଛକ ଯାଏଁ ଯାଇଥିବା ସର୍ଭିସରୋଡରେ ଆଣ୍ଠୁଏ ପାଣିର ସୁଅ ଛୁଟିଥିଲା। ସୋମବାର ପୂର୍ବାହ୍ନରେ ବର୍ଷା ହେବା ପରେ ଏହି ରାସ୍ତାରେ ୩-୪ଫୁଟ୍ ବର୍ଷାପାଣିର ସୁଅ ଛୁଟି ଯାତାୟାତ କରୁଥିବା ବାଇକ୍ ଆରୋହୀଙ୍କୁ ନାକେଦମ କରିଥିଲା। ଜାତୀୟ ରାଜପଥ କର୍ତ୍ତୃପକ୍ଷ ବା ଏନଏଚଏଆଇ ସିକ୍ସ ଲେନିଂ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ବେଳେ ଏହି ସର୍ଭିସରୋଡରେ ଡ୍ରେନ ତିଆରି କରିଥିଲେ। ତେବେ ଏହି କାର୍ଯ୍ୟ ସଠିକ୍ ଭାବେ କରାଯାଇ ନଥିବାରୁ ଉକ୍ତ ଡ୍ରେନରେ ଜଳ ନିଷ୍କାସନ ହେବା ଦୂରର କଥା ଡ୍ରେନ ମଧ୍ୟକୁ ବର୍ଷାଜଳ ବି ଯାଉନି। ଆଜି ଅସରାଏ ବର୍ଷାରେ ଯଦି ଏଭଳି ଅବସ୍ଥା ତେବେ ଆଗକୁ ବର୍ଷାଦିନେ ଅବସ୍ଥା କେତେ ଶୋଚନୀୟ ହେବ ଏହା ସତ ପ୍ରମାଣିତ ହେଉଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ଗୁରୁତର ସହ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଗୌରୀଶଙ୍କର ମନ୍ଦିରର ଶୀତଳଷଷ୍ଠୀ ମହୋତ୍ସବ ପ୍ରସ୍ତୁତି



**ବରଗଡ଼, ୧୯।୫(ସମିସ):** ବରଗଡ଼ ଗୌରୀଶଙ୍କର ମନ୍ଦିରର ୨୬ତମ ଶୀତଳଷଷ୍ଠୀ ମହୋତ୍ସବ ପାଇଁ କମିଟି ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତିପର୍ବ ସରିଛି। ମନ୍ଦିର କମିଟି ସଭାପତି ନିଧି ବନବିହାରି ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୯ ମେ'ରୁ ୧ ଜୁନ ପର୍ଯ୍ୟନ୍ତ ଉତ୍ସବ ଅନୁଷ୍ଠିତ ହେବ। ମହୋତ୍ସବରେ କନ୍ୟା ମାତାପିତା ଭାବେ ମନସୀ ପଟ୍ଟନାୟକ ତାଙ୍କ ଧର୍ମପତ୍ନୀ ସ୍ୱାତୀ ପଟ୍ଟନାୟକ ଏବଂ ବର ମାତାପିତା ଭାବେ ସୁମିତ୍ ମହାନ୍ତି ଓ ତାଙ୍କ ଧର୍ମପତ୍ନୀ ଅନୁପମା ମହାନ୍ତି କାର୍ଯ୍ୟ ତୁଲାଇବେ। ଶୋଭାଯାତ୍ରାରେ ଘଣ୍ଟପାର୍ଟି, କରମାନାଚ, ମଗରଜେନ୍ସ, ଢାପ, ଆଘୋରି ଡାନ୍ସ, ଆଦିବାସୀ ନୃତ୍ୟ, ବିନ୍ଦୁ ନୃତ୍ୟ, କାଳୀମାତା, ହନୁମାନ ବେଶ, ଓଡ଼ିଶୀ, ବାଘନାଚ, ଭୂତନାଚ ସହ ବହୁ ସାଂସ୍କୃତିକ ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତିବର୍ଷ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ମୁତୟନ ସହ ପାଣି ସିଞ୍ଚନ, ଥଣ୍ଡା ପିଇବା ପାଣି ବ୍ୟବସ୍ଥା ରହିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସବୁବର୍ଷ ପରି ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ସମାଜସେବୀ ଡ.ରାମକୃଷ୍ଣ ପୁରୋହିତ ଓ ତାଙ୍କ ଧର୍ମପତ୍ନୀ ମମତା ପୁରୋହିତଙ୍କ ପକ୍ଷରୁ କରାଯିବ। ବୈଠକରେ ପଞ୍ଚାନନ ମିଶ୍ର, ସୁନିଲ ପୁରୋହିତ, ସୁରେଶ୍ୱର ଶତପଥୀ, ଶୈଳେଶ ନାଏକ, ଭୋଳାନାଥ ଦାଶ, ଆନନ୍ଦ ମହାପାତ୍ର, ସୂର୍ଯ୍ୟ ପଣ୍ଡା, ଇନ୍ଦୁ ଭୂଷଣ ଆଚାର୍ଯ୍ୟ, ପପୁ ଦାଶ, ସନ୍ତୋଷ ପରିଡ଼ା, ମାନସରଞ୍ଜନ ଚାନ୍ଦ, ଦେବବ୍ରତ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା କାମ ପାଇଁ ଶିଳାନ୍ୟାସ

**ପାଇକମାଲ, ୧୯।୫(ସମିସ):** ପାଇକମାଲ ବ୍ଲକ୍ ସରେଇକେଲାରୁ ବାଦିକଟା, ବାଦିକଟାରୁ ଘେଁସରା ଓ ଧାନ୍ଦୁପାଲିରୁ ମହୁଲପାଲି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ସରେଇକେଲାରୁ ବାଦିକଟା ରାସ୍ତା ୪.୮ କିମି, ବାଦିକଟାରୁ ଘେଁସରା ୫ କିମି ଓ ଧାନ୍ଦୁପାଲିରୁ ମହୁଲପାଲି ୫ କିମି ହୋଇଥିବା ବେଳେ ରାସ୍ତା ନିର୍ମାଣ ପାଇଁ ଯଥାକ୍ରମେ ୩ କୋଟି ୪୨ ଲକ୍ଷ ୮୯ ହଜାର, ୩ କୋଟି ୩୩ ଲକ୍ଷ ୨୧ ହଜାର, ୩ କୋଟି ୬୧ ଲକ୍ଷ ୯୩ ହଜାର ଖର୍ଚ୍ଚ ହେବ। ମୁଖ୍ୟ ଅତିଥି ଭାବେ ପାଇକମାଲ ବ୍ଲକ୍ ଅଧ୍ୟକ୍ଷା ଭାବନା ସିଂ, ବିଧାୟକ ପ୍ରତିନିଧି ହୃଦାନନ୍ଦ ବାରିକ, ପାକ୍ସ ଅଧ୍ୟକ୍ଷ ବିଜୁ ସ୍ୱାଇଁ ଯୋଗ ଦେଇ ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଯୁବନେତା ଭୋଜରାଜ ସିଂ ବରିହା, ପ୍ରଶାନ୍ତ ମହାନ୍ତି, ଟାଇଲ୍ ଭୋଇ, ଗୌତମ୍ ସିଂ, ଠାକୁର ବେହେରା, ବୁକୁରାମୁଣ୍ଡା ସମିତି ସଭ୍ୟ ସସ୍ମିତା ବାରିକ, ସେଠ ବାଗ, ସବିତା ସାହୁ, ଦୁଷ୍ମନ୍ତ ପଧାନ, ଚିତ୍ରଲେଖା ସାହୁ, ସ୍ୱପ୍ନେଶ୍ୱର ଘିଭେଲା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବ ସରକାରଙ୍କ ସମୟରେ ଏସମସ୍ତ କାର୍ଯ୍ୟ ପାଇଁ ଅନୁଦାନ ମିଳିଥିବାରୁ ଅଞ୍ଚଳବାସୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହାଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।



## ବାହାରିନି ୬ ସ୍କୁଲର ଫଳାଫଳ, ଅଭିଭାବକଙ୍କ ଆନ୍ଦୋଳନ ଚେତାବନୀ

ପଦ୍ମପୁର, ୧୯।୫(ସମିସ): କେନ୍ଦ୍ରୀୟ ଶିକ୍ଷା ବୋର୍ଡ ଅଧୀନରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ପରୀକ୍ଷା ଫଳ ପରେ ମନରେ ଅସୁମାରୀ ସ୍ୱପ୍ନ ନେଇ ଉଚ୍ଚଶିକ୍ଷା ପାଇଁ ଅଣ୍ଟା ଭିଡ଼ିଲେଣି। କିନ୍ତୁ ପଦ୍ମପୁର ଉପଖଣ୍ଡର ପାଇକମାଲ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଫ୍ରେଜରପୁର, ରାଜବୋଡାସମ୍ବର ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାନ୍ଦୁପାଲି, ପଦ୍ମପୁର ପବ୍ଲିକ ବିଦ୍ୟାଳୟ, ଯେନିଥ ଗୁରୁକୁଳ ବିଦ୍ୟାଳୟ, ସୋହେଲା ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗାଇସିଲେଟ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମୋଟ ୬ଟି ବିଦ୍ୟାଳୟର ଫଳାଫଳ ଅପ୍ରକାଶିତ ରହିଛି। ଫଳରେ ଅଭିଭାବକ ଓ ଛାତ୍ରଛାତ୍ରୀ ମହଲରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଉଛି। ଅପରପକ୍ଷେ ଆଜି ଫଳାଫଳର ଉତ୍ତର ଫର୍ଦ୍ଦ ପାଇଁ ନୋଟିସ ଜାରି ହୋଇଛି। ଏଭଳି ସ୍ଥିତିରେ ଛାତ୍ରଛାତ୍ରୀ ଗଭୀର ଚିନ୍ତାରେ ରହିଛନ୍ତି। କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଫଳାଫଳ ପ୍ରକାଶ କରିବାକୁ କେନ୍ଦ୍ରୀୟ ବୋର୍ଡ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏ ପ୍ରସଙ୍ଗରେ ସ୍ଥାନୀୟ ସାଂସଦ, କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଯଥାଶୀଘ୍ର ଫଳାଫଳ ଘୋଷଣା ନହେଲେ ଅଭିଭାବକ ମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ରକ୍ତଦାନ ଶିବିରରେ ୩୭ ୟୁନିଟ୍ ରକ୍ତ ସଂଗ୍ରହ



ଭେଡେନ, ୧୯।୫(ସମିସ): ଭେଡେନ ପଞ୍ଚାୟତ ଜାମଡୋଲ ଗାଁର ଗଙ୍ଗାଧର ମେହେର ସ୍ମୃତି ଯୁବକ ସଂଘ ଓ ଅମୃତ୍ କୁଟୁମ୍ବର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଅମୃତ୍ କୁଟୁମ୍ବର ସଭାପତି ଆନନ୍ଦ ଚନ୍ଦ୍ର ସୁନାଙ୍କର ସଭାପତିତ୍ୱରେ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସରୋଜ ମେହେର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନିଳାଞ୍ଚଳ ମେହେର, ରାଜ ମେହେର, କରୁଣାକର ମେହେର ଯୋଗ ଦେଇଥିଲେ। ସଭାକୁ ସନ୍ତୋଷ ପଣ୍ଡା ପରିଚାଳନା କରିଥିଲେ। ବୁର୍ଲା ରକ୍ତଭଣ୍ଡାରର ଦେବାଶିଷ ମିଶ୍ର, ପ୍ରହଲ୍ଲାଦ ଭୋଇ, ପାଏନୁ ଭୋଇ, ଗଣେଷ ପଧାନ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଶିବିରରେ ମୋଟ ୩୭ ୟୁନିଟ୍ ରକ୍ତ ସଂଗ୍ରହ ହେଇଥିଲା। କାର୍ଯ୍ୟକ୍ରମରେ ଆନନ୍ଦ ମେହେର, ଉମାକାନ୍ତ ମେହେର, ରାଜୁ ମେହେର, ମୁକାସ୍ ମେହେର, ରାଜେଶ୍ ମେହେର, ଅମୃତ୍ କୁଟୁମ୍ବର ଉପସଭାପତି ରୁଦ୍ରନାରାୟଣ ସାହୁ ଘନଶ୍ୟାମ ଅଗ୍ରୱାଲ୍ ଗୋପି ମେହେର୍ ପ୍ରହଲ୍ଲାଦ ମେହେର, ସୁରେନ୍ଦ୍ର ମଲ୍ଲିକ, ଭିମ ଦୁବସାଗର, ଧନେସ୍ୱର ସାହୁ, ଲଳିତ ସାହୁ ପ୍ରଭାତ ମିଶ୍ର ତୋଷବନ୍ତ ବେହେରା ପ୍ରକାଶ ଦାସ, ଶଶି ପାଣିଗ୍ରାହୀ, ଭିସ୍ମସିଂ ଛନ୍ଦ, ବଂଶି ବେହେରା, ସମ୍ଭୁ ପଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ରୁଦ୍ରନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।

# ଚେସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ବରଗଡ଼, ୧୯।୫(ସମିସ): ବରଗଡ଼ ଜିଲ୍ଲା ଚେସ୍ ଆସୋସିଏସନ୍ ଆନୁକୂଲ୍ୟରେ ସୋମବାର ଚେସ୍ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏଇଏମ୍ ଇଂରାଜୀ ମିଡିଅମ ସ୍କୁଲ ପରିସରରେ ଅନୁଷ୍ଠାନର ନିର୍ଦ୍ଦେଶକ ଡ.ଜସବୀର ସିଂହଙ୍କ ଦ୍ୱାରା ଶିବିର ଉଦ୍‌ଘାଟିତ ହୋଇଥିଲା। ପ୍ରତ୍ୟହ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଏହି ଚେସ୍ ଶିବିର ପରିଚାଳିତ ହେବ। ଜିଲ୍ଲାରେ ପ୍ରଥମଥର ପାଇଁ ଆୟୋଜିତ ହେଉଥିବା ଏହି ୧୦ ଦିନିଆ ଶିବିରରେ ଜିଲ୍ଲାର ୪୨ ଜଣ ସ୍କୁଲ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଭୁବନେଶ୍ୱରର ଦଶରଥ ସାହୁ ଚେସ୍ ପ୍ରଶିକ୍ଷକର ଦାୟିତ୍ୱ ତୁଲାଉଛନ୍ତି। ପରିଚାଳନାରେ କେଶରଞ୍ଜନ ପ୍ରଧାନ, ସୁରେଶ ପରିଡ଼ା, ଅନ୍ତର୍ଯ୍ୟାମୀ ପରିଡ଼ା ଏବଂ ସୁନୀଲ ସିଂ ସହାୟତା କରୁଛନ୍ତି। ଶେଷରେ ଶିବିରାର୍ଥୀଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଭାପତି ଅରୁଣ ମହାନ୍ତିଙ୍କ ଠାରୁ ପ୍ରକାଶ।

# ମନ୍ଦିରରେ ପାଠଶାଳା କାର୍ଯ୍ୟକ୍ରମ



**ବରଗଡ଼, ୧୯।୫(ସମିସ):** ସହର ସନ୍ନିକଟ ଡାଙ୍ଗ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପ ପରିସରରେ ଗ୍ରାମବାସୀଙ୍କ ବିଶେଷ ଅନୁରୋଧ ଓ ସକ୍ରୀୟସହଯୋଗରେ ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ପାଠାଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ ଅବକାଶରେ ଛାତ୍ରଛାତ୍ରୀ ପୁସ୍ତକ ଠାରୁ ଦୂରେଇ ଯାଉଥିବା ବେଳେ ସେମାନଙ୍କୁ ପାଠ୍ୟପୁସ୍ତକ ସହିତ ବାନ୍ଧି ରଖିବାର ଏହା ଏକ କ୍ଷୁଦ୍ର ପ୍ରୟାସ। ବରଗଡ଼ର ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ସହିତ ନୀତିକଥା ସମ୍ବଳିତ ଗପ, କବିତା ଓ ମହାପୁରୁଷଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କପିଲ୍ ବାଗଙ୍କ ଆବାହକତ୍ୱ ତଥା ସଭାପତି ମନୋରଞ୍ଜନ ମେହେରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ରଜକ ସେବା ସମିତି ଅଧ୍ୟକ୍ଷ ଅର୍ଜୁନ ସେଟ୍‌ଙ୍କ ସମେତ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ମୀନା ପଣ୍ଡା, ଶିକ୍ଷକ ଡ.ଡୋଳାମଣି ଶତପଥୀ, ଦୁଃଖୀ ସେବକ ସାହୁ, ଘନଶ୍ୟାମ ପଣ୍ଡା, ଅଧ୍ୟାପକ ଆଲୋକ ରଞ୍ଜନ ଦାଶ, ଟିକେ ଲାଲ ତ୍ରିପାଠୀ, ସାମାଜିକ କର୍ମୀ ସଙ୍ଘମିତ୍ରା ପଟେଲ ପ୍ରମୁଖ ଯୋଗଦେଇ ପାଠ୍ୟ ପୁସ୍ତକର ବିଭିନ୍ନ ବିଷୟବସ୍ତୁ ଉପରେ ୩ଘଣ୍ଟା ଶିକ୍ଷାଦାନ କରିଥିଲେ। ଶିଶୁଶ୍ରୀ'ର ସଂଯୋଜକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ଓ ଆବାହକ ଡ.ରବିନାରାୟଣ ସାହୁଙ୍କ ସମେତ ଗ୍ରାମବାସୀଙ୍କ ତରଫରୁ ଲଳିତ ବନଛୋର୍, ସାବିତ୍ରୀ ଷଣ୍ଢ, ମନୋଜ ମାଝୀ, ଆଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନବବଧୂଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ



**ବରଗଡ଼, ୧୯।୫(ସମିସ):** ଏବେ ସୋସିଆଲ ମିଡିଆ ପାଇଁ ପୁଅ ଝିଅ ଅଧିକ ମାତ୍ରାରେ ପ୍ରେମ ବିବାହ କରୁଛନ୍ତି। ହେଲେ ଏପ୍ରକାର ପ୍ରେମ ବିବାହର ଅଧିକାଂଶ କ୍ଷେତ୍ରରେ କିଛିଦିନ ପରେ ଉଭୟଙ୍କ ମଧ୍ୟରେ ବିଚ୍ଛେଦ ହେଉଛି। ସୋମବାର ବରଗଡ଼ରେ ଏମିତି ପ୍ରେମ ବିବାହ ପରେ ନିର୍ଯାତନା ଆଉ ତା'ପରେ ବିଚ୍ଛେଦ ପରି ଏକ ଦୁଃଖଦ ଘଟଣା ସାମନାକୁ ଆସିଛି। ପୀଡ଼ିତା ନବବଧୂ ଓ ପରିବାର ଲୋକେ ଏସ୍‌ପି ଅଫିସ୍‌ର ଦ୍ୱାରସ୍ଥ ହୋଇ ନ୍ୟାୟ ଦାବି କରିଛନ୍ତି। ଗୋବିନ୍ଦପୁରର ଏହି ପୀଡ଼ିତା ୮ ମାସ ତଳେ ଖରମୁଣ୍ଡା ଗାଁର ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ତାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁର ଯୌତୁକ ମାଗିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ମୋଟରସାଇକେଲ, ଫ୍ରିଜ୍, କୁଲର୍ ସହ ଅନ୍ୟାନ୍ୟ ଯୌତୁକ ଦାବି କରି ମାଡ଼ ମାରିବା ସହ ଗାଳି ଗୁଲଜ କରିଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ଖୁବ୍‌ଶୀଘ୍ର ଉଭୟ ପକ୍ଷଙ୍କୁ ଡକାଇ ଘଟଣାର ତଦନ୍ତ କରାଯିବ ବୋଲି ଏସ୍‌ପି ପ୍ରହଲ୍ଲାଦ ମୀନା କହିଛନ୍ତି।

# ଦୁଷ୍କର୍ମ ମାମଲାରେ ବାପାକୁ ଆଜୀବନ କାରାଦଣ୍ଡ

**ବରଗଡ଼, ୧୯।୫(ସମିସ):** ବରଗଡ଼ ଜିଲ୍ଲାରେ ୨୦୨୦ରେ ସଂଘଟିତ ଏକ ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ମାମଲାରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍ ଅଭିଯୁକ୍ତ ବାପାକୁ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ଏହା ସହିତ ପୀଡ଼ିତାଙ୍କୁ ୧୦ ଲକ୍ଷ କ୍ଷତିପୂରଣ ଦେବା ଦିଗରେ ପଦକ୍ଷେପ ନେବାକୁ ଡିଏଲ୍‌ଏସ୍‌ଏଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୦ ଫେବୃଆରୀ ୨୨ରେ ଏହି ଘଟଣାକୁ ନେଇ ବରଗଡ଼ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାରେ ୧୮ ଜଣଙ୍କ ସାକ୍ଷ୍ୟ ଗ୍ରହଣ ପରେ ରାୟ ପ୍ରକାଶ ପାଇଛି। ପୀଡ଼ିତାଙ୍କ ପକ୍ଷରୁ ଓକିଲ ଦ୍ୟୁତିଶ ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିଲେ। ଆଜି ବଳାତ୍କାର ମାମଲାରେ ରାୟ ଦେଇ ଅତିରିକ୍ତ ଜିଲ୍ଲା ଜଜ ଦୋଷୀ ବାପାକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।




# ବଜ୍ରପାତ ମୃତ୍ୟୁ: ଶୋକସନ୍ତପ୍ତ ପରିବାରଙ୍କୁ ଭେଟିଲା ବ୍ଲକ୍ ପ୍ରଶାସନ





ପାଇକମାଲ, ୧୯।୫(ସମିସ): ପାଇକମାଲ ବ୍ଲକ ବରତୁଣ୍ଡା ପଞ୍ଚାୟତ ପୁରେନା ଗାଁରେ ବଜ୍ରପାତ ମୃତ୍ୟୁ ଘଟଣାରେ ଶୋକସନ୍ତପ୍ତ ପରିବାରଙ୍କୁ ସୋମବାର ବ୍ଲକ ପ୍ରଶାସନ ଭେଟିଛି। ଗତ ୧୫ ତାରିଖରେ ଗଛ ତଳେ ଖେଳୁଥିବା ବେଳେ ୨ଜଣ ନାବାଳକଙ୍କ ଉପରେ ବଜ୍ରପାତ ପଡ଼ିଥିଲା। ସେଥିରେ ରଞ୍ଜିତ ଧରୁଆଙ୍କ ମୃତ୍ୟୁ ଘଟିଥିବା ବେଳେ ସୋନୁ ଓରଫ ପଙ୍କଜ ଡନସନା ଗୁରୁତର ହୋଇଥିଲେ। ଏହାକୁ ନେଇ ଗାଁରେ ଶୋକାକୁଳ ପରିବେଶ ରହିଛି। ଆଜି ପାଇକମାଲ ବିଡିଓ ପ୍ରଫୁଲ୍ଲ ଅଦ୍ଦୁ, ନୀତି ଆୟୋଗର ମଧୁସ୍ମିତା ବେହେରା, ବ୍ଲକ ଚେୟାରମ୍ୟାନ ଭାବନା ସିଂ, କାର୍ଯ୍ୟନିର୍ବାହୀ ଅଧିକାରୀ ଛାୟା କନ୍ଧ, ଜିଆରଏସ କୁଞ୍ଜ ବିହାରୀ ନାୟକ, ସରପଞ୍ଚ ରୀତା ସୁନା ପ୍ରମୁଖ ଆସି ଶୋକସନ୍ତପ୍ତ ପରିବାରଙ୍କୁ ଭେଟିଥିଲେ। ପରିବାରଙ୍କୁ ସରକାରୀ ସାହାଯ୍ୟ ଯୋଗାଇବା ସହ ଆବାସ ଯୋଜନାରେ ଗୃହ ଯୋଗାଇବା, ସାନ ପୁଅର ପାଠପଢ଼ା ବ୍ୟବସ୍ଥା କରାଯିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଘଟଣାରେ ତୁରନ୍ତ ଆର୍ଥିକ ସହାୟତା ଦେବାକୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ ବଜ୍ରାଘାତରେ ମୃତକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ତରଫରୁ ୪ ଲକ୍ଷ ସହାୟତା ରାଶି ଦେବାର ବ୍ୟବସ୍ଥା ରହିଛି। ଏହି ସହାୟତା ରାଶି ଯୋଗାଇ ଦେବାକୁ ବିଡିଓ ଆଜି ପ୍ରତିଶ୍ରୁତି ଦେଇଛନ୍ତି।

## ● ଆର୍ଥିକ ସହାୟତା ଦେଲା ଅଖିଳ ଭାରତୀୟ କ୍ଷତ୍ରୀୟ ଗୋଣ୍ଡ ସମାଜ

ସୋମବାର ଗୋଣ୍ଡ ସମାଜର କର୍ମକର୍ତ୍ତା ମଧ୍ୟ ଶୋକଗ୍ରସ୍ତ ପରିବାରଙ୍କୁ ଭେଟିଛନ୍ତି। ଗୋଣ୍ଡ ସମାଜ ପାଇକମାଲ ବ୍ଲକ ସଭାପତି ଗଜରାଜ ସିଂ ପୁଟା, ପୁରେନାର ଦୁର୍ଯ୍ୟୋଧନ ପୁଟା, ନୂଆଗାଁର ଶୋଭାରାମ ଧାରୁଆ, ବିଜୟ ଭୋଇ, ସୁଫଳ ସିଂ ଧରୁଆ, ଶୁକଦେବ ମାଝୀ, ବିଭୀଷଣ ଦିୱାନା, ରୁକ୍ମଣ ଧରୁଆ, ଜଗଦେବ ଧାରୁଆ, ନୁରସିଂହ ଧରୁଆ, ପଦ୍ମାନ ମାଝୀ, ଶୁକଲାଲ ଦାଉ, ଆନନ୍ଦ ପୁଟା ପ୍ରମୁଖ ଆସି ଆର୍ଥିକ ସହାୟତା ପ୍ରଦାନ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଫାଣ୍ଡି ପ୍ରତିଷ୍ଠା ପାଇଁ ଦାବି



**ଥୁଆପାଲି, ୧୯।୫(ସମିସ):** ବରଗଡ଼ ଜିଲ୍ଲା ଭେଡେନ ଥାନା ଅଧୀନ ଥୁଆପାଲି ବସଷ୍ଟାଣ୍ଡ ସମ୍ମୁଖରେ ଥିବା ଏକ ଦୋକାନର କାଠ କବାଟରେ ଦୁର୍ବୃତ୍ତମାନେ ଗତକାଲି ରାତିରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ଦୋକାନଟି ମାଲିକ ରୁଦ୍ର ଦାଶ ପି ବ୍ରହ୍ମାନନ୍ଦ ଦାଶଙ୍କର ବୋଲି ଜଣାପଡ଼ିଛି। ସୋମବାର ଦୋକାନ ଖୋଲିବାକୁ ଆସି ଦୋକାନ ପୋଡ଼ି ଧୂଆଁ ବାହାରୁଥିବା ସେ ଦେଖିଥିଲେ। ପୋଡ଼ି ଯାଇଥିବା ଖେଳଣା, ଷ୍ଟେସନାରୀ, ବହିଖାତା ଆଦି ସାମଗ୍ରୀର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କା ବୋଲି ଜଣାପଡ଼ିଛି। ଦୋକାନୀ ଭେଡେନ ଥାନାକୁ ତୁରନ୍ତ ଫୋନ କରି ଜଣାଇଥିଲେ। ଥାନା ଇନ୍‌ଚାର୍ଜ ପ୍ରଫୁଲ୍ଲ ପାଣିଗ୍ରାହୀ ସାଇଣ୍ଟିଫିକ୍ ଟିମ୍‌କୁ ଡକାଇ ଘଟଣାର ତଦନ୍ତ କରୁଛନ୍ତି। ଥୁଆପାଲିରେ ବାରମ୍ବାର ଚୋରି ହେଉଥିଲେ ହେଁ ଚୋରି ସାମଗ୍ରୀ କି ଚୋର ଧରାପଡ଼ୁ ନାହାନ୍ତି। ବର୍ଷ ବର୍ଷ ଧରି ଚୋରଙ୍କ ପ୍ରାଦୁର୍ଭାବରେ ଅତିଷ୍ଠ ଅଞ୍ଚଳବାସୀ ଏଠି ପୁଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ଦାବି କରିଆସୁଛନ୍ତି।

## ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନା

# ନିରାମୟ ଔଷଧ ବିତରଣ କେନ୍ଦ୍ରରେ ରୋଗୀ ନୟାନ୍ତ




- ଗରମ ଗୁଳୁଗୁଳି ସହ ପ୍ରବଳ ଭିଡ଼
- ଆଉ ଏକ ଔଷଧ ବିତରଣ କେନ୍ଦ୍ର ଖୋଲିବାକୁ ଦାବି
- ଫାର୍ମାସିଷ୍ଟଙ୍କ ଅଭାବ ଯୋଗୁ ସମସ୍ୟା ଉପୁଜୁଛି

ବାଲେଶ୍ୱର,୧୯।୫(ସମିସ):

ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ସୋମବାର ଦିନ ନିରାମୟ ଔଷଧ ବିତରଣ କେନ୍ଦ୍ରରେ ଔଷଧ ନେବା ପାଇଁ ରୋଗୀ ଓ ରୋଗୀ ଅଭିଭାବକମାନଙ୍କ ପ୍ରବଳ ଭିଡ଼ ଥିବା ପରିଲକ୍ଷିତ ହୋଇଛି। ପ୍ରବଳ ଗରମ ଗୁଳୁଗୁଳିରେ ଜିଲ୍ଲାର ଗ୍ରାମାଞ୍ଚଳରୁ ଆସିଥିବା ରୋଗୀ ଓ ରୋଗୀର ଅଭିଭାବକମାନେ ସକାଳଠାରୁ ଡାକ୍ତରଖାନାକୁ ଆସି ଲମ୍ବା ଧାଡ଼ିରେ ଦୀର୍ଘ ସମୟ ଧରି ଛିଡା ହେବାପରେ ଡାକ୍ତରଙ୍କୁ ଦେଖାଇଛନ୍ତି। ପରେ ପୁଣି ଔଷଧ ନେବା ପାଇଁ ଔଷଧ ବିତରଣ କେନ୍ଦ୍ର ସମ୍ମୁଖରେ ଘଣ୍ଟାଘଣ୍ଟା ଧରି ଛିଡ଼ା ହୋଇ ରହିବାକୁ ନେଇ ରୋଗୀ ଓ ରୋଗୀଙ୍କ ଅଭିଭାବକମାନେ ଘୋର ଅସନ୍ତୋଷ ପ୍ରକାଶ କରିବା ସହିତ ଆଉ ଏକ ଔଷଧ ବିତରଣ କେନ୍ଦ୍ର ମୁଖ୍ୟ ଡାକ୍ତରଖାନାର ବହିର୍ବିଭାଗ (ଆଉଟଡୋର) ନିକଟରେ ଖୋଲିବାକୁ ଦାବି ମଧ୍ୟ କରିଛନ୍ତି।

ସମ୍ପ୍ରତି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ସରକାରୀ ମେଡିକାଲ୍ କଲେଜ ଓ ହସ୍ପିଟାଲ ସ୍ଥାପନ ହେବା ପର ଠାରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପୂର୍ବାପେକ୍ଷା ଅଧିକ ରୋଗୀ ଆସୁଛନ୍ତି। କେବଳ ବାଲେଶ୍ୱର ଜିଲ୍ଲା ନୁହଁ, ପଡୋଶୀ ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲା ସହିତ ପଶ୍ଚିମବଙ୍ଗର ପୂର୍ବ ମେଦିନାପୁର ଜିଲ୍ଲାରୁ ମଧ୍ୟ ଅନେକ ରୋଗୀ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆସୁଥିବା ଦେଖାଯାଇଛି। ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଅନେକ ବିଭାଗ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ୍ କଲେଜକୁ ସ୍ଥାନାନ୍ତର କରାଯାଉଛି। ଏହି ପ୍ରକ୍ରିୟା ଜାରି ରହିଥିବା ଯୋଗୁଁ ରୋଗୀ ଓ ରୋଗୀଙ୍କ ଅଭିଭାବକମାନେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆସି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ବର୍ହିବିଭାଗ ନିକଟରେ ଥିବା ନିରାମୟ ଔଷଧ ବିତରଣ କେନ୍ଦ୍ରରୁ ଔଷଧ ନେବା ପାଇଁ ଅତ୍ୟନ୍ତ ହଇରାଣ ହରକତ ହେଉଥିବାର ରୋଗୀମାନେ ଅଭିଯୋଗ କରିଛନ୍ତି।

ଖନ୍ତାପଡ଼ା ଥାନା ପଣପଣା ଗ୍ରାମର ବସନ୍ତ କୁମାର ଦାସ ନିଜ ପ୍ରତିକ୍ରିୟାରେ କହିଛନ୍ତି, ସେ ଦୀର୍ଘ ଦିନ ଧରି ଜ୍ୱରରେ ଆକ୍ରାନ୍ତ ଥିବା ଯୋଗୁଁ ଆଜି ଡ଼ାକ୍ତରଙ୍କୁ ଦେଖାଇବା ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆସିଥିଲେ। ଦୀର୍ଘ ସମୟ ଧରି ଧାଡ଼ିରେ ଛିଡ଼ାହୋଇ ଡ଼ାକ୍ତରଙ୍କୁ ଦେଖାଇବା ପରେ ଔଷଧ ବିତରଣ କେନ୍ଦ୍ର ସମ୍ମୁଖରେ ଦିନ ଦଶଟାରୁ ଧାଡ଼ିରେ ଛିଡା ହୋଇଛନ୍ତି। ଦିନ ସାଢେ ବାରଟା ପର୍ଯ୍ୟନ୍ତ ଧାଡ଼ିରେ ଛିଡ଼ାହୋଇ ଔଷଧ ନେବା ପରେ ସେ ଅସନ୍ତୋଷ ପ୍ରକାଶକରି କହିଛନ୍ତି, ବର୍ତ୍ତମାନ ରୋଗୀ ସଂଖ୍ୟା ବୃଦ୍ଧି ପାଇଥିବାକୁ ଦୃଷ୍ଟିରେ ରଖି ବର୍ହିବିଭାଗ୍ ନିକଟରେ ଆଉ ଏକ ଔଷଧ ବିତରଣ କେନ୍ଦ୍ର ଖୋଲା ଯାଉନି କାହିଁକି। ବର୍ହିବିଭାଗ ଠାରେ ଦୁଇଟି ଔଷଧ ବିତରଣ କେନ୍ଦ୍ର ରହିଲେ, ରୋଗୀ ମାନଙ୍କୁ ଆଉ ଘଣ୍ଟାଘଣ୍ଟା ଧରି ଧାଡ଼ିରେ ଛିଡା ହେବାକୁ ପଡିବ ନାହିଁ। ପୂର୍ବରୁ ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନାରେ ତିନିଟି ନିରାମୟ ଔଷଧ ବିତରଣ କେନ୍ଦ୍ର ଖୋଲା ଯାଇଥିଲା। ରୋଗୀ ଓ ରୋଗୀଙ୍କ ଅଭିଭାବକମାନେ ସହଜ ଓ ସୁବିଧାରେ ବିତରଣ କେନ୍ଦ୍ରରୁ ଔଷଧ ନେଇପାରୁ ଥିଲେ। ପରବର୍ତ୍ତୀ ସମୟରେ ଗୋଟିଏ ବିତରଣ କେନ୍ଦ୍ରକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ବନ୍ଦ କରି ଦିଆଯାଇଛି। ଅନ୍ୟ ଦୁଇଟି ମଧ୍ୟରୁ ଗୋଟିଏ ବହିର୍ବିଭାଗ ନିକଟରେ ରୋଗୀଙ୍କୁ ଔଷଧ ଯୋଗାଇ ଦେଉଥିଲା ବେଳେ ଅନ୍ୟଟି ଏମସିଏଚ (ମହିଳା ଓ ଶିଶୁ) ବିଭାଗ ପରିସରରେ ରହିଛି। ଏହି ଦୁଇଟି ଔଷଧ ବିତରଣ କେନ୍ଦ୍ର ମଧ୍ୟରୁ ବହିର୍ବିଭାଗ ନିକଟରେ ଥିବା ଔଷଧ ବିତରଣ କେନ୍ଦ୍ରଟି ସଠିକ୍ ସମୟରେ ଖୋଲିବା ସହିତ ବିଭିନ୍ନ ପ୍ରକାରର ରୋଗୀ ମାନଙ୍କୁ ଔଷଧ ବିତରଣ କରିବାରେ ସହାୟକ ହୋଇଥିବା ଦେଖାଯାଇଛି। ମାତ୍ର ଏମସିଏଚ ବିଭାଗ ପରିସରରେ ଥିବା ଔଷଧ ବିତରଣ କେନ୍ଦ୍ରଟି ସଠିକ୍ ସମୟରେ ଖୋଲା ଯାଉ ନାହିଁ। ପୁଣି ଏହି ବିତରଣ କେନ୍ଦ୍ରରେ କେବଳ ମହିଳା ଓ ଶିଶୁ ରୋଗୀ ମାନଙ୍କୁ ଔଷଧ ଦିଆଯାଉଛି। ଯେଉଁଥି ପାଇଁ ବହିର୍ବିଭାଗ ନିକଟରେ ଥିବା ଔଷଧ ବିତରଣ କେନ୍ଦ୍ର ସମ୍ମୁଖରେ ସକାଳ ଠାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ରୋଗୀ ମାନଙ୍କ ଲମ୍ବାଧାଡ଼ି ଦେଖାଯାଇଛି। ଏ ବାବଦରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ନାୟକ କହିଛନ୍ତି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଫାର୍ମାସିଷ୍ଟଙ୍କ ଅଭାବ ରହିଛି। ସରକାର ଆବଶ୍ୟକତା ଅନୁସାରେ ଫାର୍ମାସିଷ୍ଟ ଯୋଗାଇ ଦେଲେ ଆଉ ଏକ ବିତରଣ କେନ୍ଦ୍ର ଖୋଲାଯାଇ ପାରିବ।

## ● ଜଉକଣ୍ଢେଇ ବାହାଘର

# ୨୩ରେ ପାରମ୍ପରିକ ବାଦ୍ୟ ଓ ନୃତ୍ୟର ବିଶାଳ ଶୋଭାଯାତ୍ରା

ବାଲେଶ୍ୱର,୧୯।୫(ସମିସ): ଜଉକଣ୍ଢେଇ ବାହାଘରରେ ପାରମ୍ପରିକ ଓ ଲୋକ ବାଦ୍ୟନୃତ୍ୟର ବିରାଟ ଶୋଭାଯାତ୍ରା ପ୍ରଦର୍ଶନ କରାଯିବ। ଦୀର୍ଘ ୧୫ ବର୍ଷ ଧରି ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ଦ୍ୱାରା ଆୟୋଜନ କରିଆସୁଥିବା ୫ ଦିନିଆ ଜଉକଣ୍ଢେଇ ବାହାଘର ଉତ୍ସବ ଧୁମ୍‌ଧାମରେ ପାଳନ କରାଯିବ ବୋଲି ବସ୍ତା ବିଧାୟକା ତଥା କମିଟିର ସଭାପତି ସୁବାସିନୀ ଜେନା ଜଣାଇଛନ୍ତି। ଚଳିତ ବର୍ଷ ଆକର୍ଷଣୀୟ ଶୋଭାଯାତ୍ରା ସହ ଦୋକାନ ବଜାର, ମୀନା ବଜାର, ଖାଦ୍ୟ ପେୟ, ଦୋଳି, ଖେଳ ଖେଳନା, ବାଲେଶ୍ୱର ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ଅଫିସ ତରଫରୁ ବିଭିନ୍ନ ହସ୍ତଶିଳ୍ପ ସହ ଜଉକଣ୍ଢେଇ, ବାଲେଶ୍ୱର ଓରମାସ ତରଫରୁ ଗ୍ରାମୀଣ ଉତ୍ପାଦନର ୫୦ରୁ ଅଧିକ ଷ୍ଟଲ ଲାଗିବ। ଏହି ଉତ୍ସବର ଆକର୍ଷଣୀୟ ଓ ପାରମ୍ପରିକ ବାହାଘର ୩ କିମି ବ୍ୟାପି ଶୋଭାଯାତ୍ରା ବାଲେଶ୍ୱର ସହରର କଚେରୀ ବଜାର ନିକଟସ୍ଥ ମିଶନ ସ୍କୁଲ ପଡ଼ିଆରୁ ବାହାରି ବିବେକାନନ୍ଦ ମାର୍ଗ ଚିଡିଆପୋଲ ଦେଇ ନୀଳିଆବାଗ, ରାଣୀପାଟଣା, ଦର୍ଜୀ ପୋଖରୀ, ଗଳାପୋଲ, ହରିପୁର ଛକ, ଅରଡ ବଜାର, ଆନନ୍ଦ ବଜାର ହୋଇ ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବ। ଏଥିରେ ଆକର୍ଷଣୀୟ ନିଆରା ପାଲିଙ୍କିରେ ଜଉକଣ୍ଢେଇ ବର ଅପର୍ତ୍ତୀ ସହ ଆଲୋକ ସଜ୍ଜା, ଫୁଲ ଝଡ଼ି, ଢୋଲ ବାଜା, ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ପୁରୀର ସାହି ଯାତ ନୃତ୍ୟ, ପିତୁଳା ନାଚ, ଭୁବନେଶ୍ୱରର 'ଏକତ୍ର ବାଲେଶ୍ୱର' ତରଫରୁ ଆଦିବାସୀ ନୃତ୍ୟ, ବାଲେଶ୍ୱର ମହାବୀର ସଂଘ ତରଫରୁ ଆଖଡ଼ା, ବନାଟି, ବାଡ଼ି ଖେଳ ଅନ୍ୟାନ ସହ ମାନ୍ୟଗଣ୍ୟ ବରଯାତ୍ରୀଙ୍କ ବିରାଟ ପାରମ୍ପରିକ ଶୋଭାଯାତ୍ରାର ପଟୁଆର ଦର୍ଶନଙ୍କୁ ଆକୃଷ୍ଟ କରିବ ବୋଲି କମିଟିର କର୍ମକର୍ତ୍ତା ଆଶା ବ୍ୟକ୍ତ କରିଛନ୍ତି। ଏହି ଶୋଭାଯାତ୍ରା ଆଗାମୀ ଦିନରେ ବ୍ରାଜିଲ ବିଶ୍ୱ ପ୍ରସିଦ୍ଧ ଲୋକ କାର୍ନିଭାଲ ପରି ଓଡ଼ିଶା ପ୍ରସିଦ୍ଧ ଫୋକ୍ କାର୍ନିଭାଲ ଭାବରେ ପ୍ରତିଷ୍ଠା କରାଯିବ ବୋଲି ଜଉକଣ୍ଢେଇ ବାହାଘରର ମୁଖ୍ୟ ଉପଦେଷ୍ଟା ଶିଳ୍ପୀ କେଶୁଦାସ ଜଣାଇଛନ୍ତି। ଏହି ନିଆରା ଓ ଅନନ୍ୟ ଶୋଭାଯାତ୍ରାକୁ ଉପଭୋଗ କରିବା ସହ କଳା ଓ କଳାକାରଙ୍କୁ ଉତ୍ସାହିତ କରିବା ପାଇଁ ଉପରୋକ୍ତ ବର୍ଣ୍ଣିତ ଶୋଭାଯାତ୍ରା ପଥରେ ବିଭିନ୍ନ ଅନୁଷ୍ଠାନ ତରଫରୁ ତୋରଣ, ପ୍ରଚାର ବ୍ୟାନର ସହ ସ୍ୱାଗତ କରିବେ ବୋଲି ସମ୍ପାଦକ ଡା. କୁମାର ଗୋପାଳ ଜଣାଇଛନ୍ତି। ମିଶନ ସ୍କୁଲ ପଡ଼ିଆରେ ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ 'ନାୟିକା' ଓ ସଂସ୍କୃତି ବିଭାଗ ସହଯୋଗରେ ୫ ଦିନ ଧରି ସନ୍ଧ୍ୟାରେ ଆକର୍ଷଣୀୟ ଲୋକନୃତ୍ୟ, ଲୋକଗୀତ ଯଥା ଭଦ୍ରକ ଲହୁଡି, କେଉଁଝରର ରାବଣଛାୟା, ସମ୍ବଲପୁରୀ ନୃତ୍ୟ, ଗଞ୍ଜାମର ଭାରତ ଲୀଳା, ମୟୁରଭଞ୍ଜର ଛଉ, ବାଲେଶ୍ୱରର ଚଢେଇଆ ନାଟ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ରହିବ ବୋଲି ଜଣାଇଛନ୍ତି। ଆସନ୍ତା ୨୨ରୁ ୨୬ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଉତ୍ସବକୁ ସଫଳ କରିବା ପାଇଁ କମିଟି ତରଫରୁ ନିବେଦନ କରିଛନ୍ତି।

# ଦିବ୍ୟାଙ୍ଗ ବାଳକକୁ ପାଞ୍ଚ ମାସ ହେଲା ମିଳିନି ଭତ୍ତା

## ଜିଲ୍ଲାପାଳ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିବେଦନ କଲେ ଆଈ



ବାଲେଶ୍ୱର,୧୯।୫ (ସମିସ): ବାଲେଶ୍ୱର ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ଅପାରଗତା ପାଇଁ ଦୀର୍ଘବର୍ଷ ଧରି ଜିଲ୍ଲାରେ ଭତ୍ତା ପାଇ ଆସୁଥିବା ଭିନ୍ନକ୍ଷମ ମାନଙ୍କ ମଧ୍ୟରୁ ଶତାଧିକ ଭିନ୍ନକ୍ଷମ ବର୍ତ୍ତମାନ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ଏହିଭଳି ଜଣେ ଭିନ୍ନକ୍ଷମ ହେଉଛନ୍ତି, ବାଲିଆପାଳ ଥାନା କାଇଁଚଖୋଳି ଗ୍ରାମରେ ରହୁଥିବା ତେର ବର୍ଷର ପୁଅ ଶିଭମ୍ ଦଳେଇ। ଆଜକୁ ପାଞ୍ଚ ମାସ ହେଲା ଏହି ଭିନ୍ନକ୍ଷମ ବାଳକକୁ ସରକାରୀ ଭତ୍ତା ବାବଦରେ ଆର୍ଥିକ ଅନୁଦାନ ମିଳିନଥିବା ନେଇ ଶିଭମଙ୍କ ଆଈ ସାବିତ୍ରୀ ଦଣ୍ଡପାଟ ଜିଲ୍ଲାପାଳ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଠାରେ ଅଭିଯୋଗ କରିଛନ୍ତି। ସାବିତ୍ରୀଙ୍କ ଅଭିଯୋଗ ଅନୁଯାୟୀ ସେ ଜଣେ ନିରାଶ୍ରୟା ବିଧବା ବୃଦ୍ଧା ଅଟନ୍ତି। ତାଙ୍କର ଗୋଟିଏ ମାତ୍ର ଝିଅ ସହିତ ରତେଇ ପଞ୍ଚାୟତ ଭାନୁପୁର ଗ୍ରାମର କାଳୀଚରଣ ଦଳେଇଙ୍କର ବିବାହ ହୋଇଥିଲା। ଭିନ୍ନକ୍ଷମ ଶିଭମର ଜନ୍ମ ହେବା ପରେ କାଳିଚରଣ ତାଙ୍କ ଝିଅକୁ ଘରୁ ବାହାର କରିଦେଇ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିଥିଲେ। ବୃଦ୍ଧା ସାବିତ୍ରୀ ଏକା ରହୁଥିଲା ବେଳେ ତାଙ୍କ ଝିଅ ଓ ଭିନ୍ନକ୍ଷମ ନାତି ଶିଭମ ଆସି ତାଙ୍କ ପାଖରେ ରହୁଥିଲେ। ପରେ ଶିଭମର ମା' ତାକୁ ତାର ଆଈ ସାବିତ୍ରୀଙ୍କ ପାଖରେ ଛାଡ଼ିଦେଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ତେବେ ବୃଦ୍ଧା ଆଈ ପାଖରେ ରହୁଥିବା ଶିଭମ ୮୦ ପ୍ରତିଶତ ଭିନ୍ନକ୍ଷମ ହୋଇଥିବା ଯୋଗୁଁ ତାକୁ ମାସକୁ ୧୨ଶହ ଟଙ୍କା ସରକାରୀ ଭତ୍ତା ମିଳୁଥିଲା। ବୃଦ୍ଧା ସାବିତ୍ରୀଙ୍କ ବାର୍ଦ୍ଧକ୍ୟ ଭତ୍ତା ଓ ଶିଭମର ଭିନ୍ନକ୍ଷମ ଭତ୍ତା ସହିତ ରେସନ କାର୍ଡରେ ମିଳୁଥିବା ଚାଉଳରେ ଉଭୟ ଆଈ ଓ ନାତି ଯେନତେନ ପ୍ରକାରେ ଚଳି ଯାଉଥିଲେ। ମାତ୍ର ଆଜକୁ ପାଞ୍ଚ ମାସ ହେଲା ଭିନ୍ନକ୍ଷମ ଶିଭମକୁ ଭତ୍ତା ଟଙ୍କା ମିଳୁନାହିଁ। ଯେଉଁଥି ପାଇଁ ଆଈ ଓ ନାତି ଅଧିକାଂଶ ଦିନ ଭୋକ ଉପାସରେ ରହୁଛନ୍ତି। ଆଜି ସ୍ଥାନୀୟ ଏସଏଚଜିର ଜଣେ ସଦସ୍ୟା ସ୍ନେହଲତାଙ୍କ ସହଯୋଗରେ ସାବିତ୍ରୀ ଓ ଶିଭମ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲ୍ଲାପାଳ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଭେଟି ଯଥା ଶୀଘ୍ର ଶିଭମର ଭତ୍ତା ଟଙ୍କା ଦେବାକୁ ନିବେଦନ ପୂର୍ବକ ଲିଖିତ ଜଣାଇଛନ୍ତି।

# ଘରେ ପଶି କଳାକନା ବୁଲାଇଲେ ଦୁର୍ବୃତ୍ତ

ଭୋଗରାଇ, ୧୯।୫ (ସମିସ) : ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅନ୍ତର୍ଗତ ମାନକୁଣ୍ଡା ଗ୍ରାମର ଦିଲ୍ଲୀପ ପାଠକଙ୍କ ଘରୁ ଗତ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପରିବାର ଲୋକେ ଘରେ ନ ଥିଲା ବେଳେ ଦୁର୍ବୃତ୍ତମାନେ ଘରେ ପଶି କଳାକନା



ବୁଲାଇ ଦେଇଥିଲେ। ଗତକାଲି ସକାଳେ ଦିଲ୍ଲୀପଙ୍କ ମା' ଘରକୁ ଆସିଲା ବେଳକୁ ଘରର ପଛ କବାଟ ଭଙ୍ଗାଯାଇ ଘରେ ଥିବା ସୁନା ଅଳଙ୍କାର ସହିତ ନଗଦ ୫ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପରେ ଏ ନେଇ ଭୋଗରାଇ ଥାନାରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

# କବି ବାଞ୍ଛାନିଧି ମହାନ୍ତିଙ୍କ କବିତା ଗ୍ରନ୍ଥ ଉନ୍ମୋଚିତ



ବାଲେଶ୍ୱର,୧୯।୫(ସମିସ): ପ୍ରତ୍ୟେକ କବିଙ୍କର ନିଜସ୍ୱ ଏକ ଶୈଳୀ ଅଛି। ଅନ୍ୟର ଶୈଳୀରେ କବିତା ଲେଖିବାକୁ ଚେଷ୍ଟା କଲେ ତାହା ସଂପୂର୍ଣ୍ଣ ବିଫଳ ହୋଇଥାଏ। କବିତୀର୍ଥ ଶାନ୍ତିକାନନରେ କବି ବାଞ୍ଛାନିଧି ମହାନ୍ତିଙ୍କ ଦୁଇଟି କବିତା ପୁସ୍ତକ 'ଏମିତି ଦେଖୁ ଦେଖୁ' ଏବଂ 'ମୁଦ୍ରା ଉନ୍ମୋଚନ ଅବସରରେ ବରେଣ୍ୟ ଅତିଥିମାନେ ଏପରି ମତବ୍ୟକ୍ତ କରିଛନ୍ତି। ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବରେଣ୍ୟ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ପୁସ୍ତକ ଦୁଇଟିକୁ ଉନ୍ମୋଚନ କରିଥିଲେ। ସଭାପତିଙ୍କ ଅଭିଭାଷଣରେ ଡ. ପାତ୍ର କହିଥିଲେ ବହିର ମଲାଟ ଓ ସମାଲୋଚକଙ୍କ ମୁଖବନ୍ଧ ଦେଖି ପୁସ୍ତକଟିର ଆକଳନ କରିବା ଅନୁଚିତ। ଲେଖକଙ୍କ ଲେଖା ପଢ଼ି ପାଠକ ନିଜେ ହିଁ ପୁସ୍ତକର ମୂଲ୍ୟାୟନ କରିବା ଉଚିତ। ବରିଷ୍ଠ ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ଓ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ଆଲୋଚକ ଭାବେ ଯୋଗଦେଇ ପୁସ୍ତକ ଦୁଇଟି ସମୀକ୍ଷା କରିଥିଲେ। କବି ବାଞ୍ଛାନିଧି ମହାନ୍ତି ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପରିଷଦ ସଂପାଦକ ଡ. ରତ୍ନାକର ସିଂହ ପ୍ରାକ୍ ବକ୍ତବ୍ୟ ରଖିଥିଲେ। ଯୁଗ୍ମ ସଂପାଦକ ରାଜେଶ ଗିରି ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ ଓ ଅନ୍ୟତମ ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ. ଗିରିବାଳା ମହାନ୍ତି, ଅରୁଣା ରାୟ, ଡ. କୈଳାଶ ପଟ୍ଟନାୟକ, ନିରଞ୍ଜନ ରାଉତ, ଡ. ହେମମାଳା ଦାଶ, ନିବାରଣ ଜେନା, ଜ୍ୟୋତ୍ସ୍ନା ରାୟ, ଡ. ଭାଗବତ ପ୍ରସାଦ ଦାସ, ଡ. କ୍ଷୀତିଶ୍ୱର ଦାଶ, ଦୀପକ ବୋଷ, ଅଞ୍ଜଳି ପଣ୍ଡା, ମାନସ କୁମାର ସେନାପତି, ଶାରିସ୍ୱରୂପ ମିଶ୍ର, ଡ. ପ୍ରତୀଚି ନନ୍ଦ, ପ୍ରଫୁଲ୍ଲ କୁମାର ମହାପାତ୍ର, ରମାକାନ୍ତ ମହାନ୍ତି, ବିଦ୍ୟାଧର ସାହୁ, ପୁଷ୍ପଲତା ଚକ୍ରବର୍ତ୍ତୀ, ମମତା ଦାସ, ସୋନାଲୀ ଜେନା, ଅନିଷା ନାୟକ, ଅବନ୍ତୀ ପ୍ରଧାନ, ସନାତନ ଦାସ, କାହ୍ନୁ ମାଇତି, ବିଦ୍ୟୁତପ୍ରଭା ପତି, ଅନିଶା ନାଏକ, ଅର୍ଚ୍ଚନା ନନ୍ଦୀ, ବାସନ୍ତୀ ଦେ, ଶାନ୍ତି ବିଶି, ଅପର୍ଣ୍ଣା ଦତ୍ତ, ଶୁଭଲକ୍ଷ୍ମୀ ପାତ୍ର, ଶଚୀନ୍ଦ୍ର କୁମାର କର, ମାନସ ରଞ୍ଜନ ସାମଲ, ଚନ୍ଦନ ସିଂ, ଦୟାନିଧି ସେନାପତି, ସୁମନ ମହାନ୍ତି, କମଳାକାନ୍ତ ରଣା, ସରୋଜ ମହାନ୍ତି, ହରେକୃଷ୍ଣ ପଲେଇ, ପଦ୍ମଲୋଚନ ଦତ୍ତ, ରାଜେନ୍ଦ୍ର ନାଥ ରାଉତ, ମଧୁସୂଦନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱରାଗିଣୀର ବାର୍ଷିକ ଉତ୍ସବ



ବାଲେଶ୍ୱର,୧୯।୫(ସମିସ): ସଂଗୀତ ସମସ୍ତଙ୍କର ମନରେ ଏକ ନୂତନ ଆନନ୍ଦ ସୃଷ୍ଟି କରିଥାଏ. ସେହି ଲକ୍ଷ୍ୟ ନେଇ ବାଲେଶ୍ୱର ସହର ଅଙ୍ଗାରଗଡ଼ିଆରେ ଥିବା ସଙ୍ଗୀତ ଅନୁଷ୍ଠାନ 'ସ୍ୱରାଗିଣୀ'ର ବାର୍ଷିକ ଉତ୍ସବ ଗାନ୍ଧୀସ୍ମୃତି ଭବନରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପିଏକ୍ସଇ ଚାନ୍ଦିପୁରର ଆସୋସିଏଟ୍ ଡାଇରେକ୍ଟର ହିମାଂଶୁ ପଣ୍ଡା, ମୁଖ୍ୟବକ୍ତା ପ୍ରଶାନ୍ତ ଦାସ ଓ ପ୍ରିୟଦର୍ଶିନୀ ଦାଶ ଯୋଗଦାନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ମୋନାଲିସା ମହାନ୍ତି ଅନୁଷ୍ଠାନର ମୁଖ୍ୟ ଆଭିମୁଖ୍ୟ ସମ୍ବନ୍ଧରେ ଜଣାଇଥିଲେ। ସକାଳେ "ସ୍ୱରାଗିଣୀ ମ୍ୟୁଜିକ, ଡାନ୍ସ, ଆଣ୍ଡ ଆର୍ଟ ସ୍କୁଲ ତରଫରୁ ଡ୍ରଇଂ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ସନ୍ଧ୍ୟାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଗୁରୁ ମନୋରଞ୍ଜନ ମହାନ୍ତିଙ୍କୁ 'ବୀଣାପାଣି ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଛାତ୍ରୀ ଜ୍ୟୋତିର୍ମୟୀ ମଣ୍ଡଳ ଓ ସିଦ୍ଧିକ୍ଷା ପ୍ରହରାଜଙ୍କୁ ସର୍ବଶ୍ରେଷ୍ଠ ଛାତ୍ରୀ ଭାବେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସତ୍ୟବତୀ ଶତପଥି। ଶେଷରେ ପୁଷ୍ପିତା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବାଲେଶ୍ୱର,୧୯।୫(ସମିସ): ଜିଲ୍ଲା ଚେସ୍ ଆସୋସିଏସନ୍ ଏବଂ ବାଲେଶ୍ୱର ଷ୍ଟେସନ କ୍ଲବର ମିଳିତ ସହଯୋଗ ଏବଂ ଅଲ୍ ଓଡିଶା ଚେସ୍ ଆସୋସିଏସନ୍ ପୃଷ୍ଠପୋଷକତାରେ ଚାଲିଥିବା ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ଓଡିଶାର ସୁନାମଧନ୍ୟ ଚେସ୍ ପ୍ରଶିକ୍ଷକ ସ୍ୱୟଂଶୁ ସତ୍ୟପ୍ରାଜ୍ଞ, ବିଶ୍ୱଜିତ ରାୟ ଏବଂ ପଶ୍ଚିମବଙ୍ଗସ୍ଥିତ ଆଲେଖ ଲାଇନ ଚେସ୍ କ୍ଲବର ମୁଖ୍ୟ କୋଚ୍ ଦୁର୍ଗାପ୍ରସାଦ ମହାପାତ୍ର ପ୍ରମୁଖ ଖେଳାଳୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଚେସ୍ ଶିବିରକୁ ସନ୍ଦୀପ କୁମାର ସାମନ୍ତରାୟ, ଚନ୍ଦନଲାଲ ସିଂ, ଶ୍ରୀନାଥ ଭୋଇ ଏବଂ ଐଶ୍ୱର୍ଯ୍ୟ କୁମାର ସେନାପତି ପରିଚାଳନା କରିବାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଦିବସରେ ଷ୍ଟେସନ କ୍ଲବର ବରିଷ୍ଠ ସଦସ୍ୟ ପ୍ରିୟବ୍ରତ ନାୟକ, ରଞ୍ଜିତ ବିହାରୀ ଦାସ, ଗିରିଜା ଶଙ୍କର ଦାସ ଖେଳାଳୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ପରିପ୍ରେକ୍ଷୀରେ ସମ୍ପାଦକ ମନୋରଞ୍ଜନ ପଣ୍ଡା, ଜିଲ୍ଲାରେ ପରବର୍ତ୍ତୀ ସମୟରେ ଏକ ଜିଲ୍ଲାସ୍ତରୀୟ ସ୍କୁଲ ଚେସ୍ ଚାମ୍ପିଅନସିପ୍ ଆୟୋଜନର ସୂଚନା ପ୍ରଦାନ କରିଥିଲେ।

# ଚୋରା ବାଲି ଟ୍ରାକ୍ଟରକୁ ପୁଲିସ ଜିମା

ବାଲେଶ୍ୱର,୧୯।୫(ସମିସ): ବାଲେଶ୍ୱର ଜିଲ୍ଲା ରେମୁଣା ତହସିଲ ଅଧୀନ ଦୁର୍ଗାଦେବୀ ପଞ୍ଚାୟତ ହାତିଆଗଣ୍ଡସ୍ଥିତ ସୋନ ନଦୀର ବାଲି ଖାଦାନରୁ ସ୍ପଷ୍ଟ ଦିବାଲୋକରେ ବାଲି ଚୋରି ହେଉଛି। ବାଲି ମାଫିଆମାନେ ବିଭିନ୍ନ ଉପାୟରେ ନଦୀରୁ ବାଲି ଉଠାଇ ନେଇଯାଉଛନ୍ତି। ସୋମବାର ଦିନ ପୂର୍ବାହ୍ନରେ ଏକ ନମ୍ବର ବିହୀନ ଟ୍ରାକ୍ଟର



ହାତିଆଗଣ୍ଡ ଖାଦାନରୁ ଚୋରାରେ ବାଲି ବୋଝେଇ କରି ଯାଉଥିଲା ବେଳେ ଗ୍ରାମବାସୀ ଟ୍ରାକ୍ଟରକୁ ଅଟକାଇ ରେମୁଣା ଥାନା ପୁଲିସକୁ ଖବର ଦେଇଥିଲେ। ବିଳମ୍ବରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀ ଅଟକାଇ ଥିବା ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ଥାନାକୁ ନେଇଯାଇଛନ୍ତି। ରେମୁଣା ତହସିଲ ଅଧିନରେ ପ୍ରବାହିତ ବୁଢ଼ାବଳଙ୍ଗ ଓ ସୋନ ନଦୀରେ ଥିବା ବାଲି ଖାଦାନ ଗୁଡ଼ିକୁ ଲିଜ୍‌ରେ ଦିଆଯାଇ ନାହିଁ। ସରକାରୀ ନୀତିନିୟମ ଓ କଟକଣା ପାଇଁ ବାଲି ଖାଦାନ ଗୁଡ଼ିକୁ କେହି ଲିଜ୍‌ରେ ନେଉନାହାନ୍ତି। ମାତ୍ର ଖାଦାନ ଗୁଡିକରୁ ବାଲି ମାଫିଆମାନେ ଟ୍ରକ୍ ଟ୍ରକ୍ ବାଲି ବିଭିନ୍ନ କୌଶଳରେ ଉଠାଇ ନେଇ ଯାଉଛନ୍ତି। ହେଲେ ବାଲିଖାଦାନ ଗୁଡ଼ିକରୁ ଚୋରାରେ ବାଲି ଉଠାଇ ନେଉଥିବା ମାଫିଆମାନଙ୍କୁ ରୋକିବାରେ ସ୍ଥାନୀୟ ପ୍ରଶାସନ ବିଫଳ ହେଉଥିବା ଅଭିଯୋଗ ହେଉଛି।

# କଳା ଓ ହସ୍ତଶିଳ୍ପରେ ନିପୁଣ ଫାଲଗୁନୀ

## ଅଦରକାରୀ ଜିନିଷରୁ ତିଆରୁଛନ୍ତି ଆକର୍ଷଣୀୟ ସାମଗ୍ରୀ






ଯୁବ ପ୍ରତିଭା

ବାଲେଶ୍ୱର,୧୯।୫ (ସମିସ)

ସେ ଜଣେ ଛାତ୍ର। ପାଠ ପଢ଼ିବା ବ୍ୟତୀତ ଫାଙ୍କା ସମୟକୁ ସେ ଏମିତି ଅତିବାହିତ କରନ୍ତି ନାହିଁ। ବରଂ ସେହି ସମୟରେ ଅଦରକାରୀ ସାମଗ୍ରୀ ବ୍ୟବହାର କରି ଆକର୍ଷଣୀୟ ହସ୍ତଶିଳ୍ପ ତିଆରି କରନ୍ତି। ତାହା ପୁଣି ବିନା ପ୍ରଶିକ୍ଷଣରେ। କାଚ ବୋତଲ, ଉଲ୍, ନଡିଆ ଖୋଳ, କାଗଜ କପ୍, କାଗଜ, ବୋତଲ ଠିପି ଆଦି ବ୍ୟବହାର କରି ସୁନ୍ଦର ଘର ତିଆରି ସାମଗ୍ରୀ ତିଆରି କରୁଛନ୍ତି। ଖାଲି ସେତିକି ନୁହେଁ। ସେ ଗୀତ ଗାଇ ଜିଲ୍ଲା ସ୍ତରରେ ପୁରସ୍କାର ମଧ୍ୟ ହାସଲ କରିଛନ୍ତି। ଏପରି ଜଣେ ଯୁବ ପ୍ରତିଭା ହେଉଛନ୍ତି ଫାଲଗୁନୀ ଦାଶ। ବାଲେଶ୍ୱର ସହର ରାଣୀପାଟଣାରେ ରହୁଥିବା ଚିତ୍ତରଞ୍ଜନ ଦାଶ ଓ ତିଳୋତ୍ତମା ଦାଶଙ୍କ ପୁଅ ଫାଲଗୁନୀ। ବାପା ଚିତ୍ତରଞ୍ଜନ ପୂଜକ ହୋଇଥିବା ବେଳେ ତାଙ୍କର ବହି ବ୍ୟବସାୟ ରହିଛି ଏବଂ ମା' ତିଳୋତ୍ତମା ଦାଶ ଜଣେ ଗୃହିଣୀ। ଜିଲ୍ଲା ସ୍କୁଲରେ ଫାଲଗୁନୀ ଦଶମ ଶ୍ରେଣୀରେ ପଢିବା ବେଳେ କଳା ଓ ହସ୍ତଶିଳ୍ପ କାମ ଆରମ୍ଭ କରିଥିଲେ। ଯାହା ଏପର୍ଯ୍ୟନ୍ତ ଜାରି ରଖିଛନ୍ତି। ସେତେବେଳେ ଛୋଟ କାଗଜ କପ୍, ନଡିଆ ଖୋଳ, କାଗଜ ପେଟି ଆଦି ବ୍ୟବହାର କରି ହସ୍ତଶିଳ୍ପ ତିଆରି କରିବା ଆରମ୍ଭ କରିଥିଲେ। ଏହି ହସ୍ତଶିଳ୍ପ କାମ ଶିଖିବା ପାଇଁ ସେ କିଛି ପ୍ରଶିକ୍ଷଣ ନେଇନାହାନ୍ତି। ନିକଟରେ ଫାଲଗୁନୀ ଜ୍ୟାମିତି ବକ୍ସ ଏବଂ କାଚ ଗିନା ବ୍ୟବହାର କରି ଘର ସଜ୍ଜା ସାମଗ୍ରୀ ତିଆରି କରିଛନ୍ତି। କାଗଜରେ ଗୋଲାପ ଗଛ ପ୍ରସ୍ତୁତ କରିଛନ୍ତି। ନଡିଆ ଖୋଳରେ ତବଲା, କପ୍‌ରେ ଢୋଲକ ଆଦି ତିଆରି କରିଛନ୍ତି। ଏଥିସହ କପ୍‌ରେ ଝୁମର୍ ମଧ୍ୟ ତିଆରି କରିଛନ୍ତି। ଚାବି ଷ୍ଟାଣ୍ଡ, ବଫେ ଥାଳିରେ ଘଣ୍ଟା ତିଆରି କରିଛନ୍ତି। ବିଭିନ୍ନ ଠାକୁର, ଫୁଲଦାନୀ ଓ ଲାଇଟ୍ ଷ୍ଟାଣ୍ଡ ଅନ୍ୟତମ। ତେବେ ଫାଲଗୁନୀଙ୍କ ହାତ ତିଆରି ଅନେକ ସାମଗ୍ରୀ ବିକ୍ରି ମଧ୍ୟ ହୋଇଛି। ଘର ସଜାଇବା ପାଇଁ ଅନେକ ବନ୍ଧୁବାନ୍ଧବ, ସାଙ୍ଗ ସାଥୀ ଫାଲଗୁନୀଙ୍କ ହସ୍ତଶିଳ୍ପ କିଣିଛନ୍ତି। ଆଗକୁ ନଡିଆ କତା ଓ ଆଇସକ୍ରିମ କାଠିରେ ଘର ସଜେଇବା ସାମଗ୍ରୀ ତିଆରି ପାଇଁ ଯୋଜନା କରିଛନ୍ତି ସେ। ସ୍କୁଲରେ ପଢିବା ବେଳେ ଫାଲଗୁନୀ ଗୀତ ଗାଇ ଅନେକ ପୁରସ୍କାର ହାସଲ କରିଛନ୍ତି। ଏବେ ମଧ୍ୟ ଅନେକ କାର୍ଯ୍ୟକ୍ରମରେ ଗୀତ ଗାଇ ପୁରସ୍କୃତ ହୋଇଛନ୍ତି। 'ପାଠ ବି ପଢୁଛି ଏବଂ ଫାଙ୍କା ସମୟରେ ଚିତ୍ର ଓ ହସ୍ତଶିଳ୍ପ କାରୁକାର୍ଯ୍ୟ କରୁଛି। ଏସବୁକୁ ମୁଁ ବୃତ୍ତି କରିବାକୁ ଚାହୁଁନି ହେଲେ ଜୀବନସାରା ମୁଁ ଗୀତ ଗାଇବା ସହ ହସ୍ତଶିଳ୍ପ କାମ ଜାରି ରଖିବି ବୋଲି ଫାଲଗୁନୀ କହିଛନ୍ତି।

## ‘ଲୋକନାଥ ଚୌଧୁରୀଙ୍କ ଭଳି ବ୍ୟକ୍ତିତ୍ୱ ଆଜିର ରାଜନୀତିରେ ବିରଳ’




ଜଗତସିଂହପୁର,୧୯।୫(ସମିସ): ଜଗତସିଂହପୁର ଜିଲ୍ଲାର ଅନ୍ୟତମ ବରପୁତ୍ର ମହାନ୍ ସାମ୍ୟବାଦୀ ନେତା କୁଜଙ୍ଗ ମାଟିର ସୁପୁତ୍ର କମ୍ରେଡ ଲୋକନାଥ ଚୌଧୁରୀଙ୍କ ପରି ବ୍ୟକ୍ତିତ୍ୱ ଆଜିର ରାଜନୀତି ଜଗତରେ ବିରଳ ବୋଲି ତାଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଛି। ତରଡାପଡ଼ାଠାରେ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଅନୁଷ୍ଠିତ ସଭାରେ ଶିକ୍ଷୟିତ୍ରୀ ସୁଶ୍ରୀ ଅଞ୍ଜୁଷା ଅଧ୍ୟକ୍ଷତା କରିଥିଲେ। ଏଥିରେ ସାରସ୍ୱତ ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ସ୍ୱର୍ଗତ ଲୋକନାଥ ଚୌଧୁରୀ ୧୯୮୯ ଓ ୧୯୯୧ରେ ଲୋକସଭା ଏବଂ ୧୯୫୧, ୧୯୬୧ ଓ ୧୯୭୪ରେ ବିଧାନସଭାକୁ ନିର୍ବାଚିତ ହୋଇ ଜଣେ ଟାଣୁଆ ରାଜନେତା ଭାବେ ରାଜ୍ୟ ଓ ଜାତୀୟ ସ୍ତରରେ ନିଜ ନାମର ସାର୍ଥକତା ପ୍ରତିପାଦିତ କରିଥିବା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ପ୍ରହ୍ଲାଦ ନାୟକ, ଶିକ୍ଷୟିତ୍ରୀ ପୂଜାରାଣୀ ବାରିକ, ଶୁଭସ୍ମିତା ସେଠୀ ଓ ପୂଜକ ପ୍ରତାପ କିଶୋର ମିଶ୍ର ପ୍ରମୁଖ ଏହି ସଭାରେ ଯୋଗଦେଇ ଶିକ୍ଷକଙ୍କ ପ୍ରତ୍ୟକ୍ଷ ଦରମା, ପେନସନ୍ ଓ ଭାଗଚାଷୀ ଆଇନ ପ୍ରଣୟନରେ ଲୋକନାଥ ଚୌଧୁରୀଙ୍କ ଭୂମିକା ତାଙ୍କୁ ଚିରସ୍ମରଣୀୟ କରିଛି ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ରଶ୍ମିରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ

# ବ୍ୟକ୍ତିଗତ ଜମିରୁ ମାଟି ତାଡ଼ି ନେଲା ବିଭାଗ

କେନ୍ଦ୍ରାପଡ଼ା,୧୯।୫(ସମିସ)



ଜଣେ ବ୍ୟକ୍ତି ଅସୁସ୍ଥ ଥିବାବେଳେ ଏହାର ଫାଇଦା ନେଇ ଜଳ ସମ୍ପଦ ବିଭାଗ ସଂପୃକ୍ତ ବ୍ୟକ୍ତିଙ୍କ ଜମିରୁ ମାଟି ତାଡ଼ି ନେଇଛି। ଏ ନେଇ ବ୍ୟକ୍ତି ଜଣକ ପ୍ରଥମେ ବିଭାଗୀୟ ସହକାରୀ ଯନ୍ତ୍ରୀ ଓ ପରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ସେଠାରୁ ନ୍ୟାୟ ନ ପାଇବାରୁ ଏବେ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି।

କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶଘାଇ ବ୍ଲକ୍ ପିକରାଳି ଗ୍ରାମର ସୁବ୍ରତ ମିଶ୍ର ଅଭିଯୋଗ କରିଛନ୍ତି ଯେ, ତାଙ୍କର ଯକୃତଜନିତ ରୋଗ ବାହାରିବାରୁ ସେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ୨୦୨୪ ଡିସେମ୍ବର ୧୨ ତାରିଖରେ ତାଙ୍କ ଶରୀରରେ ଯକୃତ ପ୍ରତିରୋପଣ ହୋଇଥିଲା। ଏଥିପାଇଁ ତାଙ୍କ ପରିବାରର ସମସ୍ତ ସଦସ୍ୟ କଟକ ସିଡିଏ ସେକ୍ଟର-୯ରେ ଥିବା ଜଣେ ସଂପର୍କୀୟଙ୍କ ଘରେ ରହିଥିଲେ। ଭୁବନେଶ୍ୱରରେ ଥିବା ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ଯକୃତ ପ୍ରତିରୋପଣ ହୋଇଥିଲା। ପରିବାର ଲୋକଙ୍କ ଅନୁପସ୍ଥିତିରେ ଜଳ ସମ୍ପଦ ବିଭାଗ ତାଙ୍କ ଜମିର ୧୦ ହଜାର ଫୁଟ୍ ଚଉଡା ଓ ୧୫ ଫୁଟ୍ ଗଭୀର କରି ମାଟି ତାଡ଼ି ନେଇଥିଲା। ସେ ମେ ୧୩ ତାରିଖରେ ଗାଁକୁ ଫେରିଥିଲେ। ଗାଁକୁ ଫେରିବା ପରେ ସେ ଜାଣିବାକୁ ପାଇଥିଲେ ଯେ ଜଳ ସମ୍ପଦ ବିଭାଗ ତାଙ୍କ ଜମିରୁ ମାଟି ତାଡ଼ି ନେଇଛି। ଏ ନେଇ ସେ ଜଳସଂପଦ ବିଭାଗ ପୁଦାଳ ଉପଖଣ୍ଡର ସହକାରୀ ଯନ୍ତ୍ରୀ ଗଦାଧର ବାରିକଙ୍କ ସହ ଯୋଗାଯୋଗ କରିଥିଲେ। କିନ୍ତୁ କିଛି ଲାଭ ହେଲାନାହିଁ। ସେ ଏହାକୁ ହାଲ୍କା ଭାବେ ଗ୍ରହଣ କଲେ। ତେଣୁ ସେ ମହାନଦୀ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାରଙ୍କୁ ଯୋଗାଯୋଗକରିଥିଲେ। ତାଙ୍କୁ ଅଭିଯୋଗପତ୍ର ଦେଇଥିଲେ। ଅଧୀକ୍ଷଣ ଯନ୍ତ୍ରୀ ଏହି ଘଟଣାର ତଦନ୍ତ କରିବା ପାଇଁ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସହକାରୀ ଯନ୍ତ୍ରୀ ତଦନ୍ତ ନ କରି ମୋତେ ଫୋନ କରି କହିଲେ, ଯେଉଁ ଜମିରୁ ମାଟି ଉଠିଛି ସେ ଜମି ତୁମର ନୁହେଁ। ଏହାପରେ ସୁବ୍ରତ ତାଙ୍କ ଜମିର ପ୍ରମାଣପତ୍ର ଓ ଯେଉଁ ଜମିରୁ ମାଟି ଖୋଳାଯାଇଛି ତାହାର ଭିଡିଓ କରି ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାରଙ୍କ ନିକଟକୁ ପଠାଇଥିଲେ। ଏହାର ନିରପେକ୍ଷ ତଦନ୍ତ କରିବା ପାଇଁ ଅନୁରୋଧ କରିଥିଲେ। ମେ ୧୭ ତାରିଖରେ ସହକାରୀ ଯନ୍ତ୍ରୀ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସାଙ୍ଗରେ ନେଇ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଏହି ସମୟରେ ଗ୍ରାମର କେତେକ ଭଦ୍ରଲୋକ ଉପସ୍ଥିତ ଥିଲେ। କିନ୍ତୁ ସହକାରୀ ଯନ୍ତ୍ରୀ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଗ୍ରାମର ଭଦ୍ରଲୋକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାଦ୍ୱାରା ସେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲେ। ତେଣୁ ବାଧ୍ୟହୋଇ ସେ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିବା କହିଛନ୍ତି। ଏ ସମ୍ପର୍କରେ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାରଙ୍କୁ ପଚାରିବାରୁ ସେ କହିଲେ ବିଭାଗ ଠିକାଦାରଙ୍କ ସହ ଚୁକ୍ତି କରିଥିଲା ରାସ୍ତା କାମରେ ମାଟି ପକାଇବା ପାଇଁ। ମାଟି ପକା କାମ ୪ ମାସ ତଳୁ ଶେଷ ହୋଇଛି। ଆମ ବିଭାଗ କାମର ସଂପୃକ୍ତ ବ୍ୟକ୍ତିଙ୍କ ମାଟି ଯଦି ବ୍ୟବହାର ହୋଇଛି, ତେବେ ସେ ସଂପୃକ୍ତ ଠିକାଦାରଙ୍କ ବିରୋଧରେ ଅଭିଯୋଗ କରନ୍ତୁ। ଠିକାଦାର କେଉଁଠାରୁ ମାଟି ଆଣି ରାସ୍ତା କାମରେ ବ୍ୟବହାର କରିବେ, ସେଥିପାଇଁ ବିଭାଗ ଦାୟୀ ନୁହେଁ ବୋଲି ସେ କହିଛନ୍ତି।

## ଛତାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଚାଷୀ ଶ୍ରମିକ ସଂଘର ଦାବି

ଡେରାବିଶ, ୧୯।୫(ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ କଡ଼ରେ ସରକାରଙ୍କ ପକ୍ଷରୁ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ। ଏଥିପାଇଁ ୧ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମିରେ ଏହି କାର୍ଯ୍ୟ ହେବ। ତେବେ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘର କର୍ମକର୍ତ୍ତା ଏହି ବସ୍‌ଷ୍ଟାଣ୍ଡକୁ ଡେରାବିଶ ବ୍ଲକ୍‌ର ପ୍ରମୁଖ ସ୍ଥାନ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାଠାରେ ନିର୍ମାଣ କରିବାକୁ ଦାବି କରିଛନ୍ତି। ଆଜି ଜିଲ୍ଲା ଚାଷୀ ଶ୍ରମିକ ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତା ଡେରାବିଶ ତହସିଲଦାର ସରୋଜ କାନ୍ତ ନାୟକଙ୍କୁ ଭେଟି ଛତାରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ। ଡେରାବିଶ ବ୍ଲକ୍‌ର ପ୍ରମୁଖ ସ୍ଥଳ ହେଉଛି ଚାଟରାଚକଡ଼ା ପଞ୍ଚାୟତର ଛତା ଅଞ୍ଚଳ। ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ଏହି ପଞ୍ଚାୟତ ଦେଇ ଯାଇଥିବାବେଳେ ଏଠାରେ ବ୍ଲକ୍‌ର ପ୍ରମୁଖ ସରକାରୀ କାର୍ଯ୍ୟାଳୟ ଓ ସ୍କୁଲ, କଲେଜ ରହିଛି। ଏହି ସ୍ଥାନରେ ଡେରାବିଶ ତହସିଲ ଓ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ରହିଥିବାରୁ ବ୍ଲକ୍‌ର ୨୬ଟି ପଞ୍ଚାୟତର ହଜାର ହଜାର ଲୋକ ଜମିଜମା ସମସ୍ୟା ନିମନ୍ତେ ଏଠାକୁ ଆସିଥା’ନ୍ତି। ଏଥିସହିତ ଏଠାରେ ଥିବା ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଡେରାବିଶ ବ୍ଲକ୍ ସମେତ ନିକଟସ୍ଥ ଯାଜପୁର ଜିଲ୍ଲାର ଲୋକେ ନିର୍ଭର କରନ୍ତି। ଏହା ନିକଟରେ ଡେରାବିଶ ବ୍ଲକ୍ ମୁଖ୍ୟ ପଶୁ ଚିକିତ୍ସା କେନ୍ଦ୍ର ରହିଛି। କେନ୍ଦ୍ରାପଡ଼ା ପଲିଟେକ୍‌ନିକ୍ କଲେଜ, ଡେରାବିଶ ମହିଳା ମହାବିଦ୍ୟାଳୟ, ଷ୍ଟେଟ ବ୍ୟାଙ୍କ, ଛତା ବିଦ୍ୟୁତ୍ କେନ୍ଦ୍ର, ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ, ଆରଡି କାର୍ଯ୍ୟାଳୟ, ପୁଲିସ୍ ବିଟ୍ ହାଉସ୍ ସମେତ ଛତା ହାଟ ରହିଛି। ଉପରୋକ୍ତ ସରକାରୀ କାର୍ଯ୍ୟାଳୟ ସ୍ୱାସ୍ଥ୍ୟକେନ୍ଦ୍ର ଓ ଶିକ୍ଷାନୁଷ୍ଠାନକୁ ଜିଲ୍ଲା ଓ ଜିଲ୍ଲା ବାହାରୁ ଦୈନିକ ହଜାର ହଜାର ଲୋକ ଆସିଥା’ନ୍ତି। ତେଣୁ ଏଠାରେ ସରକାରୀ ବସ୍‌ଷ୍ଟାଣ୍ଡ କରାଗଲେ ସମଗ୍ର ଡେରାବିଶ ବ୍ଲକ୍‌ର ଜନସାଧାରଣ ଉପକୃତ ହେବା ସହିତ ଜିଲ୍ଲାବାସୀ ଉପକୃତ ହୋଇପାରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଶ୍ରୀ ମିଶ୍ରଙ୍କ ସହିତ ସମ୍ପାଦକ କୃତ୍ତିବାସ ଦାସ, ସଭ୍ୟ ମଦନମୋହନ ମହାନ୍ତି, ଅନନ୍ତ ଭୂୟାଁ, ଭରତ ସିଂ, ଗୋବିନ୍ଦ ବାରିକ, ଅକ୍ଷୟ ତ୍ରିପାଠୀ, ରବୀନ୍ଦ୍ର ମହାରଣା ଓ ଶରତ ମଲିକ ପ୍ରମୁଖ ତହସିଲଦାରଙ୍କୁ ଭେଟି ଛତା ନିକଟରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ଅନୁରୋଧ କରିଥିଲେ।

## ବଳଦେବଜୀଉ ଗୋତୀର୍ଥକୁ ଆର୍ଥିକ ସହାୟତା



କେନ୍ଦ୍ରାପଡ଼ା,୧୯।୫(ସମିସ): ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଇଛାପୁର ବସନ୍ତବଗିଚା ନାଗପାଟଣାସ୍ଥ ସିଦ୍ଧ ବଳଦେବଜୀଉ ଗୋତୀର୍ଥକୁ ୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ସଦସ୍ୟ ମମତା ଦାସ ଓ ଭୁବନମୋହନ ଦାସ ଗୋତୀର୍ଥ ତତ୍ତ୍ୱାବଧାରକ ବିରଜା ପ୍ରସାଦ ପତିଙ୍କୁ ଏହି ଆର୍ଥିକ ସହାୟତା ଚେକ ମାଧ୍ୟମରେ ପ୍ରଦାନ କରିଛନ୍ତି। ଏହି ଗୋତୀର୍ଥରେ ରହୁଥିବା ଗୋମାତାଙ୍କ ଖାଦ୍ୟ ଓ ଚିକିତ୍ସା ନିମନ୍ତେ ଏହି ସହାୟତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

## ଶିଷ୍ୟ ପକ୍ଷରୁ ମାଟ୍ରିକ୍ ଏ-୧ ଗ୍ରେଡ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ରାଜକନିକା,୧୯।୫(ସମିସ): ରାଜକନିକା ବ୍ଲକ୍‌ର ଅଗ୍ରଣୀ ଶୈକ୍ଷିକ ସାମାଜିକ ଅନୁଷ୍ଠାନ ଶିଷ୍ୟ ପକ୍ଷରୁ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନିଜ ଶୈକ୍ଷିକ ବାଗ୍ମିତାକୁ ସମାଜର କଲ୍ୟାଣରେ ଉତ୍ସର୍ଗ କରି ଗାରିମା ସାଉଁଟିବାକୁ ମୁଖ୍ୟଅତିଥି ରାଜକନିକା ଥାନା ଅଧିକାରୀ ଦେବାଶିଷ ପଣ୍ଡା ମତ ପ୍ରକାଶ କରିଛନ୍ତି। ମୁଖ୍ୟବକ୍ତା ଭାବେ ତରାସ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ରଞ୍ଜନ ଓଝା ଜୀବନର ଲକ୍ଷ୍ୟ ସ୍ଥିର କରି ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ତରାସ ନୋଡାଲ ହାଇସ୍କୁଲ ପରିସରରେ ଶିଷ୍ୟର ଉପସଭାପତି ସୁକାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଶିଷ୍ୟର ପ୍ରତିଷ୍ଠାତା ସମ୍ପାଦକ ଡଃ ସଞ୍ଜୟ ବେହୁରା ଶିଷ୍ୟର ଉଦ୍ଦେଶ୍ୟକୁ ସାର୍ବଜନୀନ କରିବା ସହ ସମସ୍ତ ୪ ଜଣ ମାଟ୍ରିକ ଏ-୧ଙ୍କ ସହ ସିବିଏସଇର କୃତୀ ଛାତ୍ରୀ ଓ ମା’ କାଳୀ ଟ୍ୟୁଟୋରିଆଲ ସ୍ୱୟଂସିଦ୍ଧ ଗୁରୁଙ୍କୁ ଅତିଥିମାନେ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଆଳି କଲେଜ ଅଧ୍ୟାପକ ବିକ୍ରମ ବେହୁରା, ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ର ପ୍ରମୁଖ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ନିଷ୍ଠା ଓ ଲକ୍ଷ୍ୟ ସ୍ଥିର କରିବାକୁ ଆହ୍ୱାନ ଦେଇଥିଲେ। ସମାରୋହରେ ବ୍ଲକ୍ ଟପ୍ପର ରାଜକନିକା ଆରଏନ ହାଇସ୍କୁଲ ଛାତ୍ର ବୈଭବ ବେହୁରା, ଆଦ୍ୟାଶା ବେହୁରା, ଉତ୍କଳମଣି ନୋଡାଲ ହାଇସ୍କୁଲ ଛାତ୍ର ରୁଦ୍ରମାଧବ ଶତପଥୀ, ନମତରା ହାଇସ୍କୁଲ ଛାତ୍ରୀ ଭାଗ୍ୟଲକ୍ଷ୍ମୀ ସାହ ପ୍ରମୁଖଙ୍କୁ ମାନପତ୍ର, ଉତ୍ତରୀୟ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଷ୍ୟ ପରିବାରର ପାର୍ଥସାରଥୀ ପଣ୍ଡା, ଭରତ ବାରିକ, ଶୁଭ୍ରଜିତ ବିଶ୍ୱାଳ, ବିଭୁପ୍ରସାଦ ଦାଶ, ଅଭିମନ୍ୟୁ ତରାଇ, ରମାକାନ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଆଇନଜୀବୀ ବୃନ୍ଦାବନ ରାଉତ ଧନ୍ୟବାଦ ଦେଇଥିଲେ।

## ପାରାଦୀପରେ ବିହାର ପୁଲିସ୍‌ର ଛାନ୍‌ଭିନ୍ | ମିଳୁନି ବିହାରୀ ଯୁବକଙ୍କ ମୃତଦେହ

ପାରାଦୀପ, ୧୯।୫(ସମିସ): ନିଖୋଜ ବିହାରୀ ଯୁବକଙ୍କ ମୃତଦେହର ସନ୍ଧାନ ଏବେବି ପୁଲିସ ପାଉନି। ଅଭିଯୁକ୍ତ କହିବା ଅନୁଯାୟୀ ଯୁବକଙ୍କ ମୃତ୍ୟୁ ପରେ ସେ ମୃତଦେହକୁ ସେଠାରେ ଥିବା ଝରକା ଦେଇ ଫିଙ୍ଗିଦେଇଥିଲା। ପରେ ସେ ସେ ସ୍ଥାନ ଛାଡ଼ି ପଳାଇଥିଲା। ତେବେ ସେଠାରେ ମୃତଦେହ ନ ମିଳିବା ଘଟଣା ଏବେ ପାରାଦୀପରେ ଚର୍ଚ୍ଚାର ବିଷୟ ପାଲଟିଛି। ଓଡ଼ିଶା ଓ ବିହାର ରାଜ୍ୟର ପୁଲିସ ୩ ଦିନ ଧରି ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତକୁ ପାରାଦୀପ ଅଣାଯାଇ ସମସ୍ତ ତଥ୍ୟ ସଂଗ୍ରହ କରାଯାଇଛି। ଆଜି ପୁଣି ଯୁବକ କାମ କରୁଥିବା କମ୍ପାନୀର ମାଲିକ ଓ ୧୫ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ଡାକି ଅଲଗା ଅଲଗା ସ୍ଥାନରେ ଜେରା କରିଛି। ସାଇଣ୍ଟିଫିକ ଟିମ ମଧ୍ୟ ଆଜି ତଦନ୍ତ କରି ଫେରିଯାଇଛି। ତେବେ ବିହାର ପୁଲିସ ଏହି ଘଟଣାର ରହସ୍ୟ ଓ ମୃତ ଯୁବକଙ୍କ ମୃତଦେହ ଠାବ କରିବାକୁ ୩ ଦିନ ପାରାଦୀପରେ ଡେରା ପକାଇଥିଲେ ମଧ୍ୟ କୌଣସି ଟେର ମିଳୁନି। ତିନିଦିନ ଧରି ବିହାର ପୁଲିସ୍ ଅଭିଯୁକ୍ତ କୁହାଯାଉଥିବା ଅଜୟକୁ ପାରାଦୀପ ରିମାଣ୍ଡରେ ଆଣି କମ୍ପାନୀ ପରିସରରେ ଯେଉଁ ଘରେ ଗୋରେଖକୁ ହତ୍ୟା କରାଯାଇଥିଲା, ତା’ର ତଦନ୍ତ କରୁଛି। ସବୁଠୁ ଆଶ୍ଚର୍ଯ୍ୟର କଥା ଏପର୍ଯ୍ୟନ୍ତ ମୃତଦେହର କୌଣସି ସନ୍ଧାନ କିଭଳି ପାଉନି ପୁଲିସ। ତାକୁ ନେଇ ଆହୁରି ସନ୍ଦେହ ଦୃଢ଼ୀଭୂତ ହୋଇଛି।

## ବ୍ୟସ୍ତବହୁଳ ବାଇପାସ୍ ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ପାଇଁ ଦାବି

ପଟ୍ଟାମୁଣ୍ଡାଇ,୧୯।୫(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଉତ୍କଟ ଟ୍ରାଫିକ ସମସ୍ୟା ଦେଖାଦେଇଛି। ଏପରି ସ୍ଥଳେ ବ୍ୟସ୍ତବହୁଳ ବାଇପାସ୍ ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ପାଇଁ ଦାବି ହୋଇଛି। ପଟ୍ଟାମୁଣ୍ଡାଇ ସହରରୁ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ପ୍ରଶାସନ ଓ ପୌର ପରିଷଦ କେତେକାଂଶରେ ଜବରଦଖଲ ହଟାଇଛି ଓ ବାକି ଥିବା ଜବରଦଖଲକୁ ପର୍ଯ୍ୟାୟକ୍ରମେ ହଟାଇବାକୁ ନିଷ୍ପତ୍ତି ନିଆଯାଇଛି। ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସ୍ଥାନରେ ବୁଲା ଗାଈଗୋରୁ ଅବାଧ ବିଚରଣ କରି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବାରୁ ପୌର ପରିଷଦ ପକ୍ଷରୁ ସ୍ୱତନ୍ତ୍ର ଗାଡ଼ି ସାହାଯ୍ୟରେ ଗାଈଗୋରୁଙ୍କୁ ଧରି କାଞ୍ଜିଆ ବୁଦାରେ ଭର୍ତ୍ତି କରାଯିବା ସହିତ ସହର ମଧ୍ୟକୁ ଗାଈଗୋରୁ ଛାଡୁଥିବା ମାଲିକଙ୍କଠାରୁ ଦୃଷ୍ଟାନ୍ତମୂଳକ ଜରିମାନା ଆଦାୟ କରାଯିବା ପାଇଁ ପୌର ପରିଷଦ ନିଷ୍ପତ୍ତି ନେଇଥିଲେ ହେଁ ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇନାହିଁ। ଏସବୁ ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ପଟ୍ଟାମୁଣ୍ଡାଇ ସହରର ମେଡିକାଲ ଛକଠାରୁ କଲେଜ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଦେଇଛି। ଲୋକଙ୍କୁ ଯାତାୟାତ ସମୟରେ ରାସ୍ତା ଅତିକ୍ରମ କରିବାକୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏଠାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଯାଇଛି। କିନ୍ତୁ ସୁନିୟନ୍ତ୍ରିତ ଢଙ୍ଗରେ ଟ୍ରାଫିକ ନିୟନ୍ତ୍ରଣ କରାଯାଉ ନ ଥିବାରୁ ଟ୍ରାଫିକ ନିୟନ୍ତ୍ରଣ ଧର୍ମକୁ ଆଖିଠାର ସଦୃଶ ହୋଇଛି। ପଟ୍ଟାମୁଣ୍ଡାଇ ପୋଲ ନିକଟରେ ଯାନବାହନ ଚଳାଚଳ ନିୟନ୍ତ୍ରଣ ପାଇଁ ଟ୍ରାଫିକ ବ୍ୟବସ୍ଥା କରାଯାଇ ସମସ୍ୟା ସୁଧାରିବା ଦିଗରେ ପଦକ୍ଷେପ ନିଆଯାଇଛି। ସେଠାରେ ମଧ୍ୟ ସମାନ ଅବସ୍ଥା। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଟ୍ଟାମୁଣ୍ଡାଇ ବାଇପାସ୍ ବିଜୁ ପଟ୍ଟନାୟକ ଛକରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ପଟ୍ଟାମୁଣ୍ଡାଇ ବାଇପାସ ବିଜୁ ପଟ୍ଟନାୟକ ଛକ ଏକ ବ୍ୟସ୍ତବହୁଳ ଛକ ଭାବେ ଜଣାଶୁଣା। ପଟ୍ଟାମୁଣ୍ଡାଇର ପ୍ରବେଶ ଦ୍ୱାର ସହିତ ଏଠାରୁ କେନ୍ଦ୍ରାପଡ଼ା, କଟକ, ଭୁବନେଶ୍ୱର ସମେତ ରାଜ୍ୟ ବାହାରକୁ ଯାନବାହନ ଚଳାଚଳ କରୁଥିବାବେଳେ ଆଳି ରାଜନଗର, ରାଜକନିକା, ଇନ୍ଦୁପୁର ଓ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳକୁ ମଧ୍ୟ ଯାନବାହନ ଯାତାୟାତ କରିଥାଏ। ଏହି ରାସ୍ତା ଦେଇ ଦୈନିକ ଶହ ଶହ ଟ୍ରକ୍, ବସ୍, ଟ୍ରେକର, କାର୍, ବାଇକ୍ ଆଦି ଯାତାୟାତ କରୁଥିବା ଦେଖାଯାଉଛି। ଟ୍ରାଫିକ ବ୍ୟବସ୍ଥା ନ ଥିବାରୁ ଦୁର୍ଘଟଣା ଘଟିବା ଆଶଙ୍କା ରହୁଛି। ଏଭଳି ସ୍ଥିତିରେ ଲୋକମାନେ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି। ଏ ନେଇ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବ୍ୟସ୍ତବହୁଳ ବାଇପାସ ବିଜୁ ପଟ୍ଟନାୟକ ଛକରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ଚୋରି ଅଭିଯୋଗରେ ଜଣେ ଗିରଫ



ପଟ୍ଟାମୁଣ୍ଡାଇ,୧୯।୫(ସମିସ): ଜଣେ ମହିଳାଙ୍କ ଘରୁ ତାଲା ଭାଙ୍ଗି ନଗଦ ଟଙ୍କା ଓ ମୋବାଇଲ ଚୋରି ପୁଲିସ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ପୁଲିସ ରାଜନଗର ଅଞ୍ଚଳରୁ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ସଂସାରଫଳ ଗ୍ରାମର ଜାବିର ଖାନଙ୍କ ପତ୍ନୀ ସକିଲା ବିବି ଏକୁଟିଆ ଘରେ ଥିବାବେଳେ ୧୧ ତାରିଖ ରାତିରେ ରାଜନଗର ଡିହାପାରିର ବିଜୟ ସେଠୀଙ୍କ ପୁଅ କାଳିଆ ଓରଫ ବିଶ୍ୱଜିତ ସେଠୀ କାନ୍ଥ ଡେଇଁ ତାଲା ଭାଙ୍ଗି ଘରେ ପ୍ରବେଶ କରି ୩୦ ହଜାର ଟଙ୍କା ଓ ଏକ ମୋବାଇଲ୍ ଫୋନ୍ ଚୋରି କରିନେଇଥିଲା। ସକିଲାଙ୍କ ସ୍ୱାମୀ ଜାବିର ଖାନ ବାହାରେ ଥିବାରୁ ବିଶ୍ୱଜିତ ସହଜରେ ଚୋରି କରି ଖସି ପଳାଇଥିଲା। ସକିଲାଙ୍କ ଏତଲା ଆଧାରରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଫେରାର ଥିବାରୁ ତା’ର ପତ୍ତା ମିଳି ନ ଥିଲା। ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀ ଲେଙ୍କାଙ୍କ ନେତୃତ୍ୱରେ ଗଠିତ ଏକ ସ୍କ୍ୱାର୍ଡ କାଳିଆ ଓରଫ ବିଶ୍ୱଜିତ ଘରେ ଆତ୍ମଗୋପନ କରିଥିବା ଖବର ପାଇ ଚଡ଼ଉ କରିଥିଲା। ଅଭିଯୁକ୍ତ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ପଡ଼ିଯିବାରୁ ଗୋଡ଼ରେ ଆଘାତ ଲାଗିଥିଲା ଓ ଖସିଯିବାକୁ ସକ୍ଷମ ହୋଇ ନ ଥିଲା। ପୁଲିସ କାବୁ କରି ନେଇଥିଲା। ବିଶ୍ୱଜିତଠାରୁ ୨୧୬୦ ଟଙ୍କା ଜବତ କରିଥିଲା। ଏହି ଚୋରିରେ ଅନ୍ୟଜଣେ ଅଭିଯୁକ୍ତ ବାବୁନା ସେଠୀଙ୍କୁ ମଧ୍ୟ ପୁଲିସ ଗିରଫ କରିଥିଲା। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ୧୭୬/୨୫ ୩୩୧/୩୦୫ ବିଏନଏସଏସ ଧାରା ଅନୁଯାୟୀ ମାମଲା ରୁଜୁ ହୋଇଛି। ପୁଲିସ କାଳିଆ ଓ ବାବୁନାକୁ ଆଜି କୋର୍ଟ ଚାଲାଣ କରିଥିବାବେଳେ ଉଭୟଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୬୨ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ପଟ୍ଟାମୁଣ୍ଡାଇ,୧୯।୫(ସମିସ)



ଆଜି ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅନୁପସ୍ଥିତ ଥିବାରୁ ଅଭିଯୋଗ କରିବାକୁ ଆସିଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବାବେଳେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ କ୍ଷୋଭ ପ୍ରକାଶ କରିଛି। ବିକାଶ ପରିଷଦର ସଭାପତି ଗୋପୀବଲ୍ଲଭ ନାୟକ ଓ ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅନୁପସ୍ଥିତ କାରଣରୁ ଅଭିଯୋଗ ନେଇ ଆସିଥିବା ଲୋକଙ୍କ ସମସ୍ୟା ସମାଧାନ ହେବା ନେଇ ସନ୍ଦେହ ପ୍ରକଟ କରିଛନ୍ତି। ଏହି ଶିବିରରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି, ସହକାରୀ ଜିଲ୍ଲାପାଳ ତୃପ୍ତି ମହାନ୍ତି, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଅଶୋକ ମହାନ୍ତି, ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ ଓ ୬୨ଟି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

ସିଂହଗାଁ ସରପଞ୍ଚ ଗଣେଶ ଦାସ ଓ ସମିତିସଭ୍ୟ ଅଭୟ ସ୍ୱାଇଁ ସିଂହଗାଁ ପଞ୍ଚାୟତର ରାଉଳିଆଡିଆ-ପାଳିମି ସେତୁ ନିର୍ମାଣ ତ୍ୱରାନ୍ୱିତ କରି ତୁରନ୍ତ ଶେଷ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ। ଏଥିସହ ସିଂହଗାଁ ପଞ୍ଚାତ ନୂଆପାଟଣା ଗ୍ରାମର ନନ୍ଦି ଦାସ ଘର ତାଳ ଗଛରେ ବିପଦଜନକ ଅବସ୍ଥାରେ ବିଦ୍ୟୁତ ସଂଯୋଗ ସମ୍ପର୍କରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରିଥିଲେ। ଶ୍ରୀରାମପୁର ପଞ୍ଚାୟତରେ ଥିବା ସିଦ୍ଧ ରାମଚଣ୍ଡି ମହିଳା ମହାସଂଘ ବହୁ ଅନିୟମିତତାରେ ସମ୍ପୃକ୍ତ ଥିବା ଓ ଲକ୍ଷ ଲକ୍ଷ ଟଙ୍କା ହଡପ କରିଥିବା ନେଇ ସଞ୍ଜୟ ରାଉତ, ପ୍ରେମ ରଞ୍ଜନ ପଣ୍ଡା, ଅନନ୍ତ ପରିଡା, ପ୍ରେମାନନ୍ଦ ସେଠୀ, ବଳରାମ କୁଣ୍ଡ, ବିପିନ ସେଠୀ, ପ୍ରକାଶ କୁଣ୍ଡ, ପର୍ଶୁରାମ ସାହୁ, ନବ ପରିଡା ପ୍ରମୁଖ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବଳଭଦ୍ରପୁର ପଞ୍ଚାୟତର ବାଲିପାଟଣା ଗ୍ରାମରେ ନିର୍ମାଣାଧୀନ ଗ୍ରାମ୍ୟ ଉନ୍ନୟନ ରାସ୍ତା ଅଧପନ୍ତରିଆ ଭାବେ ପଡିରହିଛି। ଜବରଦଖଲ ଯୋଗୁଁ ରାସ୍ତା କାମ ଆଗେଇ ପାରୁନାହିଁ ପ୍ରଶାସନ ଅନୁଭବ କରି ସ୍ଥାନୀୟ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ପୁଲିସ ପ୍ରଶାସନ ସହଯୋଗରେ ଜବରଦଖଲ ଉଚ୍ଛେଦ କରିବାର ୭ ମାସ ପରେ ମଧ୍ୟ ରାସ୍ତା କାମ ଯଥା ପୂର୍ବଂ ତଥା ପରଂ ଅବସ୍ଥାରେ ରହିଛି। ସରପଞ୍ଚ ପ୍ରିୟବ୍ରତ ଓଝା ତୁରନ୍ତ ରାସ୍ତା କାମ ଶେଷ କରିବାକୁ ଦାବି କରିଥିଲେ। ପେଣ୍ଟପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ ବନ୍ୟା ବିପନ୍ନ ପେଣ୍ଟପାଳ ପଞ୍ଚାୟତବାସୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ। ୧୯୯୨ରୁ ପ୍ରସ୍ତାବିତ ଓ ଜିଲ୍ଲା ପ୍ରଶାସନର ବିଚାରାଧୀନ କୂଳସାହି, କୋଳଥିଆ ଓ ନାହିଆଡିଆ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଦେବା, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ପୋହଳ ପାଟନାଳୀ ଉପରେ ପୋଲ ନିର୍ମାଣ ପାଇଁ ଦାବୀପତ୍ର ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ସଭାପତି ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଆମ୍ବେଦକର ସ୍ମୃତି ସଂସଦ ସଭାପତି ବାରେଣୀ ସେଠୀ, ପୂର୍ବତନ କାଉନସିଲର ଗୋବିନ୍ଦ ସେଠୀ, ଚନ୍ଦନ ପାତ୍ର, ଶରତ ଜେନା, ରବୀନ୍ଦ୍ର ସାହୁ, ପ୍ରଭାତ ମଲିକ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ପଟ୍ଟାମୁଣ୍ଡାଇ ବାଇପାସ ଓ କଚେରୀ ପୋଖରୀ ନିର୍ମାଣ କାମ ସମ୍ପୂର୍ଣ୍ଣ କରିବା, ପରିବା ମାର୍କେଟ କରି ବ୍ୟବସାୟୀଙ୍କୁ ଥଇଥାନ କରିବା, ବିଜୁ ପଟ୍ଟନାୟକ ଛକରେ ଦୁର୍ଘଟଣା ଏଡାଇବାକୁ ଟ୍ରାଫିକ ପୁଲିସ ମୁତୟନ ଆଦି ଦାବି କରିଥିଲେ।

ଏହି ଶିବିରରେ ଗୁପ୍ତିରା ଗ୍ରାମର ଭୂମିହୀନ ବିଧବା ବିମ୍ବଳି ବେୱାଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲ୍ଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଅଶୋକ ସାମଲ, ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ମନୋରମା ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୁପାଲୀ ପ୍ରିୟଦର୍ଶନୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ପଟ୍ଟାମୁଣ୍ଡାଇ ବ୍ଲକ ଅତିରିକ୍ତ ବିଡିଓ ସନ୍ତୋଷ ମନ୍ତ୍ରୀ, ଏସଡିପିଓ କ୍ଷମାସାଗର ପଣ୍ଡା, ସବଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରାକାର ପରିଡା, ଗ୍ରାମ୍ୟ ଉନ୍ନୟନ ସହନିର୍ବାହୀ ଯନ୍ତ୍ରୀ ଅୟସକାନ୍ତ ମହାପାତ୍ର, ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଅଶୋକ ସାହୁ, ଜଳସମ୍ପଦ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ, ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ସ୍ମୃତିରଞ୍ଜନ ରଥ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଶିବିରକୁ ଜିଲ୍ଲା କାର୍ଯ୍ୟାଳୟର ଦେବାଶିଷ ପଣ୍ଡା ଓ ଲାସା ହେମ୍ବ୍ରମ, ପଟ୍ଟାମୁଣ୍ଡାଇ ବ୍ଲକ୍ ମୁଖ୍ୟ କିରାଣି ଗୌରୀ ବେହେରା, ସିପି ପ୍ରିୟରଞ୍ଜନ ସ୍ୱାଇଁ, ପ୍ରଭାତ ମଲ୍ଲିକ ଓ ରଞ୍ଜିତ ପରିଡା ପରିଚାଳନା କରିଥିଲେ।

## ମାର୍ଶାଘାଇରେ ପରାକ୍ରମ ଶୋଭାଯାତ୍ରା




ମାର୍ଶାଘାଇ,୧୯।୫ (ସମିସ): ମାର୍ଶାଘାଇ ଲକ୍ ଛକରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଭାରତୀୟ ସେନାର ଅପରେସନ ସିନ୍ଦୁର ପାଇଁ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଶ୍ମିରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ପ୍ରଶାନ୍ତ କୁମାର ସେଠୀ, ନିଗମ ପ୍ରସାଦ ରଥ, ପୂର୍ବତନ ସରପଞ୍ଚ ରାଜୀବ କୁମାର ପୃଷ୍ଟି, ପଞ୍ଚାୟତ ବିଜେପି ସଭାପତି ଅରୁଣ ରାଉତ, ଗୋପୀନାଥ ବେହେରା ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ଜୁଣ ଛକରେ ପହଞ୍ଚିବା ପରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବସ୍‌ଷ୍ଟାଣ୍ଡ ପରିସରରେ ସଭା ଆୟୋଜିତ ହୋଇଥିଲା। ଭାରତୀୟ ଯବାନଙ୍କ ସାହସ ଓ ପରାକ୍ରମ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜ ସାହୁ, ନାରୀନେତ୍ରୀ ପ୍ରତୀମା ନାୟକ, ଜ୍ଞାନରଞ୍ଜନ ବସନ୍ତିଆ, ବଳଭଦ୍ର ଦାସ, ଯଶୋବନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## କିନେରକେଲାରେ ନାମଯଜ୍ଞ

କେସିଙ୍ଗା, ୧୯ ।୫(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ନୁନମାଠ ପଞ୍ଚାୟତ କିନେରକେଲା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି । ଆସନ୍ତା ୨୧ ତାରିଖ ବୁଧବାର ଏହା ସମାପନ ହେବ। ଭୁବନେଶ୍ୱର ଭୋଇ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଗ୍ରାମ୍ୟ କମିଟି ସଭାପତି ଜଗଦୀଶ ଚନ୍ଦ୍ର ଭୋଇ, କୋଷାଧ୍ୟକ୍ଷ ଯୋଗେନ୍ଦ୍ର ମିଶ୍ର, ସଞ୍ଜୟ ଭୋଇ, ବିଦ୍ୟାଧର ଭୋଇ, ପ୍ରମୋଦ ଭୋଇ, ଶୁଭେନ୍ଦୁ ଶେଖର ଭୋଇ, ଆଶ୍ୱିନୀ ଭୋଇ ଓ ରାଜେନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରୁଛନ୍ତି ।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ସଚେତନତା ଶିବିର



କେସିଙ୍ଗା, ୧୯ ।୫(ସମିସ): କେସିଙ୍ଗା ତାଲୁକ ଆଇନ ସେବା ସମିତି ତରଫରୁ ସ୍ଥାନୀୟ ଅଦାଲତ ପରିସରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଶୀର୍ଷକ ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ଦୀପ୍ତା ସେଠୀ ଯୋଗ ଦେଇଥିଲେ । ଉପରୋକ୍ତ ବିଷୟ ଉପରେ ବିଚାରପତି ଗୁରୁତ୍ୱାରୋପ କରିବା ସହ ଆବର୍ଜନା ମୁକ୍ତ ପରିବେଶ ଗଠନ ତଥା ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ଏଥିରେ ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ଭୋଇ, ସମ୍ପାଦକ ଯୁଗଳ କିଶୋର ଦୀପ, ସହକାରୀ ସରକାରୀ ଓକିଲ ପ୍ରକାଶ ଦାସ, ବରିଷ୍ଠ ଆଇନଜୀବୀ ଦିନେଶ ଭୋଇ, ହରିପ୍ରସାଦ ତାଣ୍ଡି, ରଞ୍ଜିତ ଷଡଙ୍ଗୀ, ଗୋଲକ ବିହାରୀ ପ୍ରଧାନ, ସୁକାନ୍ତ ପଧାନ, ଆଇନଜୀବୀ. ପାରାଲିଗାଲ ସ୍ୱେଚ୍ଛାସେବୀ ସାଧାରଣ ଜନତା ଏବଂ ଅଦାଲତ କର୍ମଚାରୀ ଉପସ୍ଥିତ ଥିଲେ ।

## ସାମ୍ବାଦିକ ଭବନ ନିର୍ମାଣ ପାଇଁ ସାଂସଦଙ୍କୁ ଦାବିପତ୍ର



ଭବାନୀପାଟଣା, ୧୯ ।୫ (ସମିସ): ଲାଞ୍ଜିଗଡ଼ ବ୍ଲକରେ ସାମ୍ବାଦିକ ଭବନ ସ୍ଥାପନ ପାଇଁ ଦୀର୍ଘ ଦିନ ଧରି ଦାବି ହୋଇଆସୁଛି । ବ୍ଲକର ଦୁର୍ଗମାଞ୍ଚଳ ତଥା ଜିଲ୍ଲା ଓ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରକୁ ଆସୁଥିବା ସାମ୍ବାଦିକମାନେ ଅନେକ ସମୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗସ୍ତରେ ଆସିଥିବା କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀଙ୍କୁ ସାକ୍ଷାତ କରିଛନ୍ତି । ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ସୁଶୀଲ ବାଗଙ୍କ ନେତୃତ୍ୱରେ ବରିଷ୍ଠ ସାମ୍ବାଦିକ କୈଳାସ ସାହୁ, ସନ୍ତୋଷ ତୁଳ, ଯୁବ ସାମ୍ବାଦିକ ଦେବାଶିଷ ରଞ୍ଜନ ବିଶି ପ୍ରମୁଖ ସାଂସଦଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସାମ୍ବାଦିକ ଭବନ ନିର୍ମାଣ ପାଇଁ ସାଂସଦ ପାଣ୍ଠିରୁ ଅନୁଦାନ ଯୋଗାଇଦେବାକୁ ଅନୁରୋଧ କରିଛନ୍ତି । ସାଂସଦ ଦାବିପତ୍ର ଗ୍ରହଣ କରିବା ସହିତ ଅନୁଦାନ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

## ଏ-ୱାନ ର୍ୟାଙ୍କ ହାସଲ ପାଇଁ କର୍ମଶାଳା



**ଭବାନୀପାଟଣା, ୧୯ ।୫ (ସମିସ):** ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଏକ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି । ମାଟ୍ରିକ୍ ପରୀକ୍ଷାରେ ଅଧିକରୁ ଅଧିକ ଛାତ୍ରୀ ଯେପରି ଏ - ୧ ସ୍ଥାନରେ ରହିବେ ସେଥିପ୍ରତି ଧ୍ୟାନ ଦିଆଯାଇ ଏକ କର୍ମଶାଳାର ଆୟୋଜନ ଆରମ୍ଭ ହୋଇଛି । ଏହି ଅବସରରେ ଭବାନୀପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଡ. ଦୀନକୃଷ୍ଣ ଯୋଷୀ ଯୋଗଦେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବବିତା ପାଣିଗ୍ରାହୀଙ୍କଠାରୁ ଦାୟିତ୍ୱ ନେଇଥିଲେ । ବିଇଓ ଆଚାରୀ ଶବର ସମେତ ପରିଚାଳନା କମିଟିରୁ ଶିକ୍ଷାବିତ୍ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ମିଶ୍ର, ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୁଶ୍ରୀ ସବିତା ପଟ୍ଟନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସ୍ୱାଗତ କରିଥିଲେ । ଏଥିରେ ଗୋରେଖ ନାଥ ସାହୁ, ବରିଷ୍ଠ ଶିକ୍ଷକ ଅମରେଶ ନେଗୀ, ରବୀନ୍ଦ୍ରନାଥ ପଟ୍ଟନାୟକ, କର୍ଲାମୁଣ୍ଡା ବିଇଓ ବାଞ୍ଛାନିଧି ପଣ୍ଡା, ଜୟନ୍ତ ମୁଣ୍ଡ, ଅବସରପ୍ରାପ୍ତ ଆର୍‌ପି ମହେନ୍ଦ୍ର ପଣ୍ଡା, ଧୀରେନ୍ଦ୍ର ପଣ୍ଡା, ମନୋଜ ବେହେରା, ବିଭୁ ପ୍ରସାଦ ପଣ୍ଡା, ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ଶ୍ରୀକାନ୍ତ ଦାଶ, ଅଭିଭାବକ କର୍ମଶାଳାରେ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ନିଳିମା ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖଣ୍ଡିଡଙ୍ଗରିଗୁଡ଼ାରେ ଆଡ଼ିବନ୍ଧ ନିର୍ମାଣ ପାଇଁ ଅନୁଧ୍ୟାନ

କଲମପୁର, ୧୯ ।୫(ସମିସ): ବନ୍ୟା ପ୍ରଭାବିତ ଖଣ୍ଡି ଡଙ୍ଗରୀଗୁଡା ହାତୀନଦୀ କୂଳରେ ଆଡିବନ୍ଧ ନିର୍ମାଣ କରାଯିବ । ବିଭାଗୀୟ ସହକାରୀ ଯନ୍ତ୍ରୀ ସମରେନ୍ଦ୍ର ସାମଲ ଓ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ତାରା ପ୍ରସାଦ ନାୟକ ଏଥିଲାଗି ଗାଁରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି । ଭାଟିଗାଁର ବାଲିଚର ଜମି ପାଖରୁ ବନ୍ୟାଜଳ ପ୍ରବାହିତ ଜମିଠାରୁ ପକାନଦର ଦେଇ ଖଣ୍ଡି ଡଙ୍ଗରୀଗୁଡା ଗ୍ରାମ୍ୟ ଜଙ୍ଗଲ ପର୍ଯ୍ୟନ୍ତ ପାଖାପାଖି ୧ କିମିରୁ ଅଧିକ ହାତୀନଦୀ କୂଳରେ ପଥରବନ୍ଧ ନିର୍ମାଣ ପାଇଁ ସ୍ଥାନ ନିରୂପଣ ହୋଇଛି । ଏହାଦ୍ୱାରା ଭାଟିଗାଁ ଓ ଖଣ୍ଡି ଡଙ୍ଗରୀଗୁଡା ଗ୍ରାମର ୫୦ରୁ ଅଧିକ ନଦୀକୂଳର ଗାଁ ଓ ଚାଷଜମି ରକ୍ଷା କରିପାରିବ । ସୂଚନାଯୋଗ୍ୟ, ଗତ ୧୩ ତାରିଖ କଲମପୁର ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ କଳାହାଣ୍ଡି ଜିଲ୍ଲା ଭାରତ ମୁକ୍ତି ମୋର୍ଚ୍ଚା ସଭାପତି ମାଧବ ସୁନାନୀ ଏ ବାବଦରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

### ଖୋର୍ଲାରେ ପ୍ରଶାସନର ପୂରା ଟିମ୍

# କନ୍ୟାସନ୍ତାନର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ

**ନୂଆପଡ଼ା, ୧୯ ।୫(ସମିସ):**

ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକର ଲର୍କା ପଞ୍ଚାୟତର ଖୋର୍ଲା ଗାଁରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ ଓ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଅନ୍ୟାନ୍ୟ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଗାଁରେ ପହଞ୍ଚିଥିଲେ ।

ସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଯେ ଉଭୟ ଝିଅ ଏବଂ ଗଛ ସମାଜର ଭବିଷ୍ୟତ । ସେମାନଙ୍କୁ ସବୁ ପ୍ରକାର ସୁରକ୍ଷା ଦେବା ସମସ୍ତଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ । ସେହିପରି ଗାଁର କୌଣସି ବି ପୁରୁଷ କିମ୍ବା ମହିଳା ଭୁଲ୍‌ରେ ବି ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯିବାକୁ ସେ ପରାମର୍ଶ ଦେଇଥିଲେ । ନିଜ ଗାଁ ମାଟିରେ ରହି ମନରେଗା ଯୋଜନାରେ କାମ କରିବାକୁ ଜିଲ୍ଲାପାଳ କହିଥିଲେ । ଲର୍କା ପଞ୍ଚାୟତ ମନରେଗା ଯୋଜନାରେ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ କରିଥିବାରୁ ଜିଲ୍ଲାପାଳ ଧନ୍ୟବାଦ ଦେଇଥିଲେ । ସମସ୍ତେ ମିଶି ଲର୍କା ପଞ୍ଚାୟତକୁ ପ୍ରବାସୀ ଶ୍ରମିକମୁକ୍ତ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ ।

ଜିଲ୍ଲାପାଳଙ୍କ ସହ ଡିଏଫଓ ଅଜିଜ ଖାନ, ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବିଡ଼ିଓ ସୁଶାନ୍ତ ରଣା, ତହସିଲଦାର ଅନୁସୁୟା ବାଗ୍ ଦେବି, ଲର୍କା ସରପଞ୍ଚ ଜୟଶ୍ରୀ ପଟେଲ ଏବଂ ରୋକାଲ ସରପଞ୍ଚ ଠାକୁର ବାଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଗାଁର ନବଜାତକ ଶିଶୁ କନ୍ୟା ପ୍ରେମଶିଳା ଓ



ତାର ପିତାମାତା କେଶରୀ ମାଝୀ ଓ ହେମକାନ୍ତି ମାଝୀଙ୍କୁ ସମାରୋହରେ ଜିଲ୍ଲାପାଳ ଉପହାର ପ୍ରଦାନ କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଅନ୍ୟ ଦୁଇ ଜଣ ଗର୍ଭବତୀ ମହିଳାଙ୍କୁ ଏହି ସମାରୋହରେ ଅତିଥିମାନେ ଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଭେଟି ଦେଇଥିଲେ । ଜିଲ୍ଲାପାଳ ଏମାନଙ୍କ ପରିବାର ଲୋକଙ୍କୁ ଗର୍ଭବତୀମାନଙ୍କ ସମୁଚିତ ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ । ଏହାପରେ ଶ୍ରମିକ ସଚେତନତା ଶିବିରରେ ଅତିଥିମାନେ ଗାଁ ବାସୀଙ୍କୁ ମନରେଗା ଯୋଜନାରେ କାମ କରିବା ସହ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ । ସଭାରେ ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ପୁଷ୍ପରଞ୍ଜନ ସାହୁ, ଜିଲ୍ଲା ଶିଳ୍ପ କେନ୍ଦ୍ର ପରିଚାଳକ ସମିର ମୁଦୁଲି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନାୟକ, ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡଃ ଆଲୋକ ନାୟକ, ଏଲ୍‌ଡିଏମ୍ ସୀତାରାମ ମେହେର ପ୍ରମୁଖ ଯୋଗଦେଇ ନିଜ ନିଜ ବିଭାଗର କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଜନସାଧାରଣଙ୍କୁ ବୁଝାଇଥିଲେ ।

ମନରେଗା ଯୋଜନାରେ ୨୦୦ ଦିନରୁ ଅଧିକ ଦିନ

**● ଲର୍କା ପଞ୍ଚାୟତକୁ ପ୍ରବାସୀ ଶ୍ରମିକମୁକ୍ତ କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ**

ଶ୍ରମ ଦାନ କରିଥିବାରୁ ପ୍ରିତମ ଛତ୍ରିଆ, ସନ୍ତୋଷ ଛତ୍ରିଆ, କ୍ଷୀରଧର ଛତ୍ରିଆ, ତୁଳାରାମ ମାଝୀଙ୍କୁ ସଭାରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ପରିଚାଳନା କରିଥିଲେ । ଶେଷରେ ସ୍ଥାନୀୟ ସମିତି ସଭ୍ୟ ଅମିତ ସିଂଦେଓ ଧନ୍ୟବାଦ ଅର୍ପଣ କରିଥିଲେ । ବୋଡ଼େନ ବିଡ଼ିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ବୋଡ଼େନ ସିଡିପିଓ ଅର୍ଚ୍ଚନା ରାଉତ, ସରପଞ୍ଚ, ବ୍ଲକ ଏବଂ ପଞ୍ଚାୟତ କର୍ମଚାରୀ ପ୍ରମୁଖ ଆୟୋଜନ କରିଥିଲେ । ଶେଷରେ ଡିଏଫ୍‌ଓଙ୍କ ଉଦ୍ୟମରେ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ପକ୍ଷୀମାନଙ୍କ ପାଇଁ ଜଳ ଏବଂ ବସା ବ୍ୟବସ୍ଥା କରାଯାଇଥିଲା । ଏଥିରେ ବନ ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ ଯୋଗ ଦେଇଥିଲେ ।



ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଲର୍କା ପଞ୍ଚାୟତର ଖୋର୍ଲା ଗାଁରେ ପକ୍ଷୀମାନଙ୍କ ପାଇଁ ଜଳ ଏବଂ ବସା ବ୍ୟବସ୍ଥା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଓ ଅନ୍ୟମାନେ

## ଚହଲାରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

କୋକସରା, ୧୯ ।୫(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ରେଙ୍ଗାପାଲି ଗ୍ରାମର ଏକ ଚହଲାରୁ ସୋମବାର ସନ୍ଧ୍ୟାରେ ଅଗ୍ନିଶମ ବିଭାଗ ଦ୍ୱାରା ଜଣେ ବୃଦ୍ଧାଙ୍କ ମୃତ ଦେହ ଉଦ୍ଧାର ହେଉଛି । ମୃତ ବୃଦ୍ଧା ଜଣକ ରେଙ୍ଗାପାଲି କଟାପଡ଼ାର ମକର ଚଣ୍ଡିଙ୍କ ସ୍ତ୍ରୀ ସନ୍ତା ଚଣ୍ଡୀ(୬୩) । ସେ ଛେଳି ଚରାଇ ସନ୍ଧ୍ୟାରେ ଘରକୁ ଫେରୁଥିବାବେଳେ ବାଟରେ ଥିବା ଏକ ଚହଲାକୁ ଯାଇଥିଲେ । ତେବେ ଅସାବଧାନତା ହେତୁ ଗଭୀର ପାଣିରେ ବୁଡ଼ି ଯାଇଥିଲେ । ଏହାପରେ ସ୍ଥାନୀୟ ଲୋକେ ତାଙ୍କ ପରିବାରକୁ ଖବର ଦେଇଥିଲେ । ପରିବାର ଲୋକ କୋକସରା ଅଗ୍ନିଶମ ବିଭାଗକୁ ଖବର ଦେବାପରେ ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ କର୍ମଚାରୀ ସୁନିଲ ରଞ୍ଜନ ବାରଲା, ରାଧେଶ୍ୟାମ ପ୍ରଧାନୀ, ଦିଗାମ୍ବର ଶବର, ସତ୍ୟମ୍ ଶିବମ ମାଝୀ ପ୍ରମୁଖ ପହଞ୍ଚି ଦିର୍ଘ ସମୟର ପରିଶ୍ରମ ପରେ ମୃତଦେହ ଉଦ୍ଧାର କରି କୋକସରା ଥାନା ପୁଲିସକୁ ଶବ ହସ୍ତାନ୍ତର କରିଥିଲେ ।

**● ଗୋଲ୍ଡେନ ସ୍ପୋର୍ଟସ ନକ୍‌ଆଉଟ୍ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ**

## ବଳଭଦ୍ରପୁରକୁ ହରାଇ ନିୟମଗିରି ବେଦାନ୍ତ ନଗର ବିଜୟୀ

**ଲାଞ୍ଜିଗଡ଼, ୧୯ ।୫(ସମିସ):** ଲାଞ୍ଜିଗଡ଼ସ୍ଥିତ ନିୟମଗିରି ବେଦାନ୍ତ ନଗର ଖେଳ ପଡ଼ିଆରେ ନିୟମଗିରି ବେଦାନ୍ତ ନଗର ଗୋଲ୍ଡେନ ସ୍ପୋର୍ଟସ କ୍ଲବ ଓ ଲାଞ୍ଜିଗଡ଼ ବେଦାନ୍ତର ମିଳିତ ଉଦ୍ୟମରେ ସୋମବାର ଦଶମ ନକ୍‌ଆଉଟ୍ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚ୍ ବଳଭଦ୍ରପୁର ଓ ନିୟମଗିରି ବେଦାନ୍ତ ନଗର ମଧ୍ୟରେ ହୋଇଥିଲା । ପ୍ରଥମ ମ୍ୟାଚ ୧୨ ଓଭରର ଖେଳାଯାଇଥିଲା । ବଳଭଦ୍ରପୁର ପ୍ରଥମେ ବ୍ୟାଟିଂ କରି ୧୨ ଓଭର ୬ ଉଇକେଟ ବିନିମୟରେ ୮୪ ରନ୍ ସଂଗ୍ରହ କରିଥିଲା । ନିୟମଗିରି ବେଦାନ୍ତ ନଗର ଦଳ ୧୨ ଓଭର ୬ ଉଇକେଟରେ ୮୬ ରନ୍ କରି ବିଜୟୀ ହୋଇଥିଲା । ଗୋବିନ୍ଦ ମାଝୀ ଓ ଦିଲ୍ଲୀପ ମାଝୀ ଖେଳ ପରିଚାଳନା କରିଥିବାବେଳେ ଉମେଶ ଭୋଇ ଧାରା ବିବରଣୀ ଦେଇଥିଲେ । ସ୍କୋର ବୋର୍ଡରେ ଦେବେନ୍ଦ୍ର ମାଝୀ ସହଯୋଗ କରିଥିଲେ । ଏହି ଉଦ୍‌ଘାଟନୀ ମ୍ୟାଚରେ ଅତିଥି ଭାବେ ଲାଞ୍ଜିଗଡ଼ ବେଦାନ୍ତ ପକ୍ଷରୁ ଭଗବାନ ହୋତା, ଓଁକାର ଆଚାର୍ଯ୍ୟ, ପୁଙ୍ଗରି ମାଝୀ, କୁଆଁରା ମାଝୀ, ପାତ୍ର ମାଝୀ, ସୁବ୍ରତ ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ୧୬ଟି କ୍ରିକେଟ୍ ଦଳ ଅଂଶ ଗ୍ରହଣ କରିଥିବା ବେଳେ ଜୁନ ୧ ତାରିଖରେ ଏହାର ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଗୋଲ୍ଡେନ ସ୍ପୋର୍ଟସ ସଭାପତି ପବିତ୍ର ମାଝୀ ପ୍ରକାଶ କରିଛନ୍ତି । କ୍ଲବ୍ ସଭାପତି ପବିତ୍ର ମାଝୀ, ଉପ ସଭାପତି ସନ୍ତୋଷ ମାଝୀ, ସମ୍ପାଦକ ଶତ୍ରୁଘନ ଚଲାନ, ସହ ସମ୍ପାଦକ କପୁର ନାଗ, କୋଷାଦକ୍ଷ ଜିତେନ୍ଦ୍ର ମାଝୀ, ଉମେଶ ମାଝୀ, ସୁବ୍ରତ ମାଝୀ, ଉମେଶ ଚଲାନ, ରବି ମାଝୀ, ଅଜିତ ମାଝୀ, ମୁନା ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

## କାର୍ ଧକ୍କାରେ ଦୁଇ ବୁଲେଟ୍ ଆରୋହୀଙ୍କ ମୃତ୍ୟୁ

ଜୁନାଗଡ଼, ୧୯ ।୬(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଚିଚେଇଗୁଡା ଗ୍ରାମର ବୁଲାଣି ନିକଟରେ ସୋମବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି । କାର ଓ ବୁଲେଟ୍ ମୁହାଁମୁହିଁ ଧକ୍କାରେ ୨ ଜଣଙ୍କ ଜୀବନ ଯାଇଛି । ଦୁଇ ମୃତକ ହେଲେ ଭବାନୀପାଟଣାର ସାହିଲ ପଟ୍ଟନାୟକ ଓ ରୋହନ ଭୋଇ । ଉଭୟ ବୁଲେଟ୍‌ରେ ଧର୍ମଗଡ଼ ପଟୁ ଆସୁଥିବା ବେଳେ ଜୁନାଗଡ଼ ପଟୁ ଯାଉଥିବା କାର ଚିଚେଇଗୁଡା ଛକରେ ମୁହାଁମୁହିଁ ଧକ୍କା ହୋଇଥିଲା । ଉଭୟଙ୍କୁ ଗୁରୁତର ଦୁଇ ଜଣଙ୍କୁ ପ୍ରଥମେ ଜୁନାଗଡ଼ ଡାକ୍ତରଖାନା ଓ ପରେ ଭବାନୀପାଟଣା ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଉଭୟଙ୍କ ମୃତ୍ୟୁ ଘଟିଥିଲା । ଜୁନାଗଡ଼ ପୁଲିସ କାର ଓ ବୁଲେଟ୍ ଜବତ କରି ମାମଲା ରୁଜୁ କରିଛି ।

## ନୂଆ ଏଡିଇଓଙ୍କୁ ପ୍ରାଥମିକ ଶିକ୍ଷକଙ୍କ ସ୍ୱାଗତ



ନୂଆପଡ଼ା, ୧୯ ।୫(ସମିସ): ନୂଆପଡ଼ା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ନୂତନ ଭାବେ ନିଯୁକ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ରେଶମ ଲାଲ ନାଏକ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ତାଙ୍କୁ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସ୍ୱାଗତ କରାଯାଇଛି । ଜୀତେନ୍ଦ୍ର ଖମାରୀ, ଏଡିଇଓ ସୁଧାଂଶୁ ଶେଖର ମିଶ୍ର, ହେମନ୍ତ ଭୋଇ ପ୍ରମୁଖ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମକରଧ୍ୱଜ ବାରିକ, କିଶୋର ପ୍ରଧାନ, ବୈଷ୍ଣବ ଭୋଇ, ସଦର ସିଆରସିସି ଯୋଗିନ୍ଦ୍ର ବେହେରା, ଜିଲ୍ଲା ଶିକ୍ଷକ ଯୁବ ବାହିନୀ ପ୍ରଭାରୀ ଠୁବୁ ମାଝୀ, ରାଜେଶ ବିନାୟକ, ଭୁଜା ନାଏକ, ପିଟିଆଇ ଜିଲ୍ଲା ସଭାପତି ଥବିର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

### କୋଟନ ଚୁଆଁ ବାଳିକା ହାଇସ୍କୁଲକୁ ଯୁକ୍ତ ୨ ମହିଳା ମହାବିଦ୍ୟାଳୟ ଘୋଷଣା ଦାବି

# ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଲୋକଙ୍କ ଧାରଣା

**ନୂଆପଡ଼ା, ୧୯ ।୫(ସମିସ):**

ନୂଆପଡ଼ା ବ୍ଲକ କୋଟନଚୁଆଁ ପଞ୍ଚାୟତ ଅଞ୍ଚଳରେ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ତରଫରୁ ଏକମାତ୍ର ବାଳିକା ଉଚ୍ଚ ବିଦ୍ୟାଳୟ ରହିଛି; ହେଲେ ଉଚ୍ଚ ଶିକ୍ଷା ପାଇଁ ଏହି ଅଞ୍ଚଳରେ କୌଣସି ଯୁକ୍ତ କଲେଜ ନାହିଁ । ପ୍ରତିବର୍ଷ ଶତାଧିକ ଆଦିବାସୀ ଛାତ୍ରୀ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ତେଣୁ ଏହାକୁ ଯୁକ୍ତ ୨ ମହିଳା ମହାବିଦ୍ୟାଳୟ ଘୋଷଣା ପାଇଁ ଦାବି ହେଉଛି । ଏହି ଦାବି ନେଇ ସୋମବାର ପୂର୍ବାହ୍ନରୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଲୋକେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଥିଲେ । ୧୯୫୮ରେ କୋଟେନଚୁଆଁ ଗାଁରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ତରଫରୁ ଆଦିବାସୀ ପିଲାଙ୍କ ଶିକ୍ଷା ପାଇଁ ସେବାଶ୍ରମ ଖୋଲିଥିଲା । ଏହା ୨୦୦୭ରେ ହାଇସ୍କୁଲକୁ ଉନ୍ନତି ହୋଇଛି । ଏହି ହାଇସ୍କୁଲରେ ପ୍ରଥମରୁ ଦଶମ



ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୭ଶହ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ।

ଅନ୍ୟପକ୍ଷେ କୋଟେନଚୁଆଁ ଗାଁରେ ବସ୍ତି ଓ ଭୁଞ୍ଜିଆପଡ଼ା ଦୁଇଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି; କିନ୍ତୁ ଗାଁ ମୁଖ୍ୟବସ୍ତିର ପିଲାଙ୍କୁ ଭୁଞ୍ଜିଆପଡ଼ା ଓ ଭୁଞ୍ଜିଆପଡ଼ାର ପିଲାଙ୍କୁ ବସ୍ତି କେନ୍ଦ୍ରରେ ଯୋଡ଼ା ଯାଇଛି । ଏବେ କୋମଳମତି ପିଲା ପ୍ରାୟ ୨ କିମି ଅତିକ୍ରମ କରି କେନ୍ଦ୍ରକୁ ଯାଉଛନ୍ତି । ଏଣୁ ଛୋଟ ଛୋଟ ପିଲା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସବୁ ଦାବିର ସମାଧାନ ପାଇଁ ଜିଲ୍ଲା ପରିଷଦ ସଭ୍ୟ ଭାନୁପ୍ରତାପସିଂ ମାଝିଙ୍କ ନେତୃତ୍ୱରେ ପଞ୍ଚାୟତର ଶତାଧିକ ଲୋକେ ପଞ୍ଚାୟତ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଥିଲେ । ମଧ୍ୟାହ୍ନରେ ନୂଆପଡ଼ା ତହସିଲଦାର ପ୍ରଣବ ରଞ୍ଜନ ସାହୁ, ଅତିରିକ୍ତ ତହସିଲଦାର ଦିଲୀପ ପାତ୍ର, ଆଇଆଇସି ଗଙ୍ଗାଧର ମେହେର ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ । ତଥାପି ସେମାନେ ଧାରଣା ଜାରି ରଖିଥିଲେ । କୋଟନଚୁଆଁ ପଞ୍ଚାୟତ ନାଏବ ସରପଞ୍ଚ ବାଳକୁମାର ରାଉତ, ମୋଟା ସିଂ ମାଝି, ପ୍ରେମସିଂ ରାଉତ, ରମେଶ ମାଝି, ଦୁର୍ବାସା ରାଉତ, ରୁଧନ ସାଏ ମାଝି, ନନ୍ଦୁସିଂ ମାଝୀ, ରୂପସିଙ୍ଗ ମାଝି, ଓଙ୍କାର ମାଝୀ, ଖେଦୁରାମ ରାଉତ, ରୁକମନ ଅଘରିଆ, କପୁରଚନ ମାଝି, ଗୁମାନ ଅଘରିଆ, ଇନ୍ଦଲ ରାଉତ ପ୍ରମୁଖ ଧାରଣାରେ ବସିଥିଲେ ।